ମନସ୍ତାତ୍ତ୍ୱିକ ବିକାଶର

ଶୈଶବ ପର୍ବ

ଡକ୍ଟର ଫକୀର ମୋହନ ସାହୁ

Digitized by srujanika@gmail.com

- ଅତ୍ୟାଧୁନିକ ମନୋବୈଜ୍ଞାନିକ ଗବେଷଣାକୁ ଭିତ୍ତି କରି ବ୍ୟବହାର ଉପଯୋଗୀ ତଥ୍ୟ
- ଶିଶୁର ଜନ୍ମ ପୂର୍ବ ଓ ପର ସମୟର ବିକାଶକାଳୀନ ଉପଯୋଗୀ ବିଜ୍ଞାନଭିତ୍ତିକ ସୂଚନା
- ପିତାମାତା, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ପ୍ରୟୋଜନୀୟ ଜ୍ଞାତବ୍ୟ ବିଷୟ
- ସରଳ ଓ ବୋଧଗମ୍ୟ ଭାଷା
- ଚିତ୍ର ସମ୍ବଳିତ ପ୍ରାଞ୍ଜଳ ବର୍ଣ୍ଣନା
- ବିଶ୍ୱ ଜାଗତିକ ଓ ଭାରତୀୟ ଦୃଷ୍ଟିକୋଣର ସମନ୍ୱୟ

ଏବଂ ସର୍ବୋପରି

- ପ୍ରତି ପରିଚ୍ଛେଦ ଶେଷରେ ସୂତ୍ରଭଣ୍ଡାର *(ଶିଶୁ ବିକାଶ ପାଇଁ କରଣୀୟ ପଦକ୍ଷେପର ସାରାଂଶ)*

Digitized by srujanika@gmail.com

ମନସ୍ତାତ୍ତ୍ୱିକ ବିକାଶର

ଶୈଶବ ପର୍ବ

ପ୍ରଫେସର ଫକୀର ମୋହନ ସାହୁ

ମନୋବିଜ୍ଞାନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଅଗ୍ରଦୂତ

କଟକ-୨

Digitized by srujanika@gmail.com

ମନସ୍ତାତ୍ତ୍ୱିକ ବିକାଶର : **ଶୈଶବପର୍ବ** ।। ଲେଖକ : ଡକ୍ଟର ଫକୀର ମୋହନ ସାହୁ ।। ପ୍ରକାଶକ : **ଅଗ୍ରଦୂତ**, ବାଙ୍କାବଜାର, କଟକ-୭୫୩୦୦୨ ।। ପ୍ରଥମ ପ୍ରକାଶ : **୨୦୦୨** ।। ଅକ୍ଷର ସହାୟତା : ମା' ଶାରଳା ଡି.ଟି.ପି., କଟକ ।। ପ୍ରଚ୍ଛଦ : ଏସ. ବି. ଆଇ. କୋ-ଅପରେଟିଭ ସୋସାଇଟି, କଟକ ।। ମୁଦ୍ରଣ : ରୂପମ୍ବିକା ଅଫସେଟ୍, କଟକ ।।

ମୂଲ୍ୟ : ଟ.୭୫/-

MANASTATIKA BIKASARA : SAISABA PARBA || Written by : Dr. Fakir Mohan Sahoo || Published by : **Agraduta**, Banka Bazar, Cuttack-753002 || First Edition : **2002** || Printed by : Roopambica offest, Cuttack ||

Price : **Rs. 75/-**

Digitized by srujanika@gmail.com

ଆମ ପରିବାରର ସମସ୍ତ ସୁଖଦୁଃଖର ସହଯାତ୍ରୀ
ମାମିଅପା (ଡକ୍ଟର ସ୍ନିଗ୍ଧା ବିଶ୍ୱାଳ)ଙ୍କୁ

Digitized by srujanika@gmail.com

ପ୍ରାକ୍‌ଭାଷ

ସୂଚନା ପ୍ରଯୁକ୍ତିବିଦ୍ୟା (Information Technology) ର ପ୍ରସାର ଜୀବନରେ ବହୁଳ ପରିବର୍ତ୍ତନ ଆଣିଛି । ବହୁ ସମ୍ଭାବନା ସୃଷ୍ଟି କରିଛି । ମାତ୍ର ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍ୱରୂପକରଣ (Transformation Technology) ପ୍ରଯୁକ୍ତି ବିଦ୍ୟା । ମନୁଷ୍ୟ ମଧ୍ୟରେ ଥିବା ପ୍ରଚ୍ଛନ୍ନ ସମ୍ଭାବନାକୁ ସାକାର ରୂପ ଦେଇ ବ୍ୟବହାର ପରିବର୍ତ୍ତନର କୌଶଳ ଜାଣିବା ଏକ ବିଶିଷ୍ଟ ଧରଣର ସାଫଲ୍ୟ ।

ଏ କ୍ଷେତ୍ରରେ ଆଧୁନିକ ମନୋବିଜ୍ଞାନ ବହୁ ଉପାଦେୟ ତଥ୍ୟ ଯୋଗାଇଛି । ସେଗୁଡ଼ିକ ସହିତ ପରିଚିତି ଯେପରି ଆବଶ୍ୟକ ସେସବୁର ପ୍ରୟୋଗ ମଧ୍ୟ ସେପରି ପ୍ରୟୋଜନ । ମନସ୍ତାତ୍ତ୍ୱିକ ବିକାଶର ଧାରାରେ ପ୍ରଥମ ପର୍ବଟି ଶୈଶବ ହୋଇଥିବାରୁ ପିତାମାତା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ଯତ୍ନକାରୀମାନଙ୍କର ଅବଗତି ନିମିତ୍ତ ଏହି ମାର୍ଗଦର୍ଶନକାରୀ ପୁସ୍ତକଟି ରଚିତ ହୋଇଛି । ଏଥିରେ ସ୍ଥାନ ପାଇଥିବା ପ୍ରାୟ ସବୁ ଲେଖା ୧୯୯୯ ଓ ୨୦୦୨ ମସିହାରେ ଦୈନିକ "ଧରିତ୍ରୀ" ର ସାପ୍ତାହିକ ସ୍ତମ୍ଭ ମନପରିକ୍ରମାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ଏ ପୁସ୍ତକ ପ୍ରକାଶନର ଶୁଭ ଅବସରରେ ମୁଁ ଧରିତ୍ରୀର ସଂପାଦକ ଓ ବାର୍ତ୍ତା ସଂପାଦକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି । ମୋର ପ୍ରାକ୍ତନ ଛାତ୍ର ବର୍ତ୍ତମାନର ଅନ୍ୟତମ ଲେଖକ ଶ୍ରୀ ଚିନ୍ତାମଣି କରଙ୍କୁ ଧନ୍ୟବାଦ ଦେଉଛି ।

ପାଠକ ପାଠିକାମାନଙ୍କର ସାଗ୍ରହ ସହଯୋଗ ଲାଭକଲେ ପରବର୍ତ୍ତୀ ପର୍ଯ୍ୟାୟରେ ବାଲ୍ୟ ପର୍ବ ଓ କୈଶୋର ପର୍ବ ଲେଖିବାର ଅଭିଳାଷକୁ ସକ୍ରିୟ ରୂପ ଦେବାର ଉଦ୍ୟମ କରିବି ।

ଫକୀର ମୋହନ ସାହୁ

ବାଣୀ ବିହାର, ଭୁବନେଶ୍ୱର

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ କୃତି :

ବିଚିତ୍ର ମନ

ମାନସିକ ବିକୃତି

ଜୀବନ ପ୍ରବାହରେ ମାନସିକ ବିକୃତି

ଆଧୁନିକ ଜୀବନରେ ମାନସିକ ଚାପ

ମନର ମାନଚିତ୍ର

ବ୍ୟକ୍ତିତ୍ୱ ଓ ନେତୃତ୍ୱ

ଶିରିଡିରୁ ପୁଟପର୍ତ୍ତି (ଅନୁବାଦ)

ଶ୍ରୀସାଇ ସତ୍ ଚରିତ ଗାଥା

ପ୍ରକାଶ ଅପେକ୍ଷାରେ

ନାରୀ ମନସ୍ତତ୍ତ୍ୱ : ସମ୍ବଳ, ସମ୍ଭାବନା ଓ ସମନ୍ୱୟଶୀଳତା

Digitized by srujanika@gmail.com

ସୂଚୀପତ୍ର

୧. ପ୍ରସ୍ତୁତି ପର୍ବ ୯

(ଜନ୍ମପୂର୍ବରୁ ମାନସିକ ବିକାଶ ସମ୍ଭବ କି ?, ଜରାୟୁରେ ମାନବଶିଶୁ କ'ଣ ଶିକ୍ଷାକରେ ?, ମା'ର ଭାବାବେଗ ଗର୍ଭସ୍ଥ ଶିଶୁର କେତେ କ୍ଷତି କରେ ?, ସନ୍ତାନ ସମ୍ଭବା ମହିଳା ନିଜକୁ ନିଶାଦ୍ରବ୍ୟଠାରୁ ଦୂରରେ ରଖିବେ କାହିଁକି ?)

୨. ମା'ର ସ୍ପର୍ଶ କୁହୁକ ସ୍ପର୍ଶ ୨୦

(ନବଜାତ ଶିଶୁ ପାଇଁ ମା'ର ସ୍ପର୍ଶ ଅତ୍ୟାବଶ୍ୟକ କାହିଁକି ?, ମା'ର ସ୍ପର୍ଶ ଓ ଅନ୍ତର୍ମୁଦ୍ରଣ ଅନ୍ତର୍ମୁଦ୍ରଣ ଓ ଶିଶୁର ସାମାଜିକ-ଆବେଗିକ ବିକାଶ)

୩. ଶିଶୁଶକ୍ତିର ପ୍ରଥମ ପ୍ରକାଶ ୨୮

(ନବଜାତ ଶିଶୁ ନିଷ୍କ୍ରିୟ କି ?, ନବଜାତ ଶିଶୁ ସ୍ୱପ୍ନଦେଖେ କି ?, ଶିଶୁର କ୍ରନ୍ଦନ କି ସଂକେତ ବହନ କରେ ?, ନବଜାତ ଶିଶୁକୁ ଶାନ୍ତ ରଖିବାର କୌଶଳ)

୪. ଶିଶୁର ମୂଳ ସମ୍ବଳ ୩୮

(ନବଜାତ ଶିଶୁ କେଉଁ ଶବ୍ଦ ପ୍ରତି ଅଧିକ ଆକର୍ଷିତ ,ନବଜାତ ଶିଶୁର ଦୃଷ୍ଟିଶକ୍ତି କେତେ ଉନ୍ନତ ?, ନବଜାତ ଶିଶୁ କେତେ ଅଳ୍ପ ବୟସରେ ମଣିଷର ମୁହଁ ଚିହ୍ନେ ?, ନବଜାତ ଶିଶୁର ଦୃଷ୍ଟିଜଗତର ଅନ୍ୟ କୋଡୋଟି ଦିଗ, ନବଜାତ ଶିଶୁର ଘ୍ରାଣେନ୍ଦ୍ରିୟ ଓ ରସନେନ୍ଦ୍ରିୟ କେତେ ସମ୍ବେଦନକ୍ଷମ ?)

୫. ଶିଶୁର ଶରୀର, ମସ୍ତିଷ୍କ ଓ ପରିବେଶ ୫୦

(ଶିଶୁର ଶାରୀରିକ ବିକାଶର ଏକ ବିଶିଷ୍ଟ ଦିଗ, ଶୈଶବକାଳୀନ ଅନୁଭୂତି ମସ୍ତିଷ୍କରେ କି ପରିବର୍ତ୍ତନ ଆଣେ ?, ଶୈଶବକାଳୀନ ଅନୁଭୂତି ସାମାଜିକ ଓ ଆବେଗିକ ବିକାଶକୁ ପ୍ରଭାବିତ କରେ କି ?)

୬. ପରିବେଶର ପ୍ରଭାବ ୫୮

(ନିୟମ, ଅନୁକରଣ ନିୟମ, ଅନାଥାଶ୍ରମ, ସମ୍ବେଦନଶୀଳ ପରିବେଶ, ଶିଶୁର ଅସହାୟବୋଧ)

୭. ଶିଶୁ କିପରି ଶିକ୍ଷାକରେ ୬୭

(ନିଃସଙ୍ଗ ପରିବେଶ, ସରଳତମ ଶିକ୍ଷା : ଅଭ୍ୟସନ, ସଂଯୋଗର ନିୟମ, ପରିଣତିର ବ୍ୟାପ୍ତିକରଣ ଓ ବିବେଚନା, ଶିଶୁର ଅବାଞ୍ଛନୀୟ ବ୍ୟବହାର ଦୂରକରିବାର କୌଶଳ, ଅବାଞ୍ଛନୀୟ ବ୍ୟବହାର ଓ ଶାସ୍ତିବିଧାନ)

Digitized by srujanika@gmail.com

। ଶିଶୁର ବୁଦ୍ଧି ୮୩
(କେତେ ଅଳ୍ପ ବୟସରୁ ଶିଶୁ ସ୍ମରଣ ରଖେ ?,ଶିଶୁର ବୁଦ୍ଧି ଅଙ୍କ ବା ବିକାଶ ଅଙ୍କ, ଜାଁ ପିଆଜେ ଓ ଶିଶୁ ବୁଦ୍ଧି ବିକାଶର ଧାରା, ଜନ୍ମରୁ ଦୁଇବର୍ଷ ମଧ୍ୟରେ ଶିଶୁର ବୌଦ୍ଧିକ ବିକାଶ, ଶୈଶବକାଳୀନ ବୁଦ୍ଧି ଆଗାମୀ ବୁଦ୍ଧିମତ୍ତାର ପରିଚୟ ଦିଏ କି ?, ଁାୟିତ୍ୱ-ପ୍ରବଣ ପରିବେଶରେ ଶିଶୁର ବୌଦ୍ଧିକ ବିକାଶ)

୯. ଶିଶୁର ଭାଷା ୯୯
ଶିଶୁର ଭାଷା ଜନ୍ମଗତ କି ଶିକ୍ଷାକୃତ ?, ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁର ଭାଷାଗତ ବିକାଶ, ଶିଶୁର ଭାଷାଗତ ଦକ୍ଷତାବୃଦ୍ଧି କରିବେ କିପରି

୧୦ ଶିଶୁ ଦକ୍ଷତାର ବିକାଶ ୧୦୯
(ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ ବ୍ୟକ୍ତିତ୍ୱର ବିକାଶ, ଶୈଶବାବସ୍ଥାରେ ବାଳକ ଓ ବାଳିକା ବ୍ୟକ୍ତିତ୍ୱରେ ପାର୍ଥକ୍ୟ ଅଛି କି ?)

୧୧. ଶିଶୁର ଭାବାବେଗ ୧୧୭
(ଦକ୍ଷତାର ସ୍ୱରୂପ, ଶିଶୁର ସ୍ମିତହସ,ସ୍ମିତହସରୁ ଅନୁରାଗ, ଶିଶୁର ଭୟ, ଶିଶୁର କ୍ରୋଧ, ଦୂରଦର୍ଶନ ଓ ଶିଶୁର ହିଂସ୍ର ଆଚରଣ, ଶିଶୁର ସହାନୁଭୂତି ଓ ସମାନାନୁଭୂତି)

୧୨. ସଫଳ ଶିଶୁ ବିକାଶ ୧୩୬
(ଶିଶୁ ବ୍ୟବହାର ପରିବର୍ତ୍ତନରେ ପ୍ରୋତ୍ସାହନ ଓ ଶାସ୍ତି ବିଧାନ, ଶିଶୁ ପାଳନର ଶୈଳୀ ଶିଶୁ ପାଳନର ସାମାଜିକ ସାଂସ୍କୃତିକ ଦିଗ)

■

Digitized by srujanika@gmail.com

ପ୍ରସ୍ତୁତି ପର୍ବ

ନବଜନ୍ମିତ ଶିଶୁଟି ଧରାପୃଷ୍ଠକୁ ସ୍ପର୍ଶ କରିବା ମୁହୂର୍ତ୍ତ ହେଉଛି ଏକ ଆବେଗର ମୁହୂର୍ତ୍ତ, ଏହି ମୁହୂର୍ତ୍ତରେ ପିତାମାତାଙ୍କ ମନରେ ଆନନ୍ଦ ଆସେ । ପୁଣି ବିସ୍ମୟ ମଧ୍ୟ ଆସେ, ଭବିଷ୍ୟତରେ ଶିଶୁଟି କିପରି ହେବ ସେ ବିଷୟରେ ଉଦ୍‌ବେଗ (Anxiety) ମଧ୍ୟ ସୃଷ୍ଟି ହୁଏ ।

କେତେକଙ୍କର ଧାରଣା ଯେ ଏହି ଶୈଶବ କାଳରୁ ଜୀବନର ବିକାଶ ଆରମ୍ଭ ହେଲା । ପ୍ରକୃତରେ ତାହା ନୁହେଁ । ଗର୍ଭ ସଞ୍ଚାର ମୁହୂର୍ତ୍ତରେ ହିଁ ଜୀବନର ବିକାଶ ଆରମ୍ଭ ହୋଇଥାଏ । ଜିନ୍ ସୂତ୍ରରେ ଭ୍ରୁଣଟି ପିତାଙ୍କଠାରୁ କ'ଣ ଗ୍ରହଣ କରିଛି ଏବଂ ମାତାଙ୍କଠାରୁ କ'ଣ ଗ୍ରହଣ କରିଛି ତାହା ପ୍ରଥମ ଉପାଦାନ ରୂପେ ସକ୍ରିୟ ହୁଏ । ପୁନଶ୍ଚ ଜରାୟୁ ମଧ୍ୟର ପରିବେଶ ଆଉ ଏକ ପ୍ରଭାବ ସୃଷ୍ଟି କରେ । ଅବଶ୍ୟ ଜନ୍ମର ପରେ ପରେ ଭିନ୍ନ ଭିନ୍ନ ଅନୁଭବର ପ୍ରଭାବ ଜୀବନ ବିକାଶର ପ୍ରଭାବକୁ ତ୍ୱରାନ୍ୱିତ କରେ । ତଥାପି ମାତୃଗର୍ଭରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ ଶିଶୁର ଆଦ୍ୟ ବିକାଶରେ ତାର ଗୁରୁତ୍ୱକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ।

ଜନ୍ମପୂର୍ବରୁ ମାନସିକ ବିକାଶ ସମ୍ଭବ କି ?

ମହାଭାରତରେ ବର୍ଣ୍ଣିତ ଅଛି ଯେ, ଅର୍ଜ୍ଜୁନ ଏକଦା ଆଗ୍ରହର ସହିତ ଚକ୍ରବ୍ୟୁହ ଗଠନା କରିବାର ରଣକୌଶଳ ପତ୍ନୀ ସୁଭଦ୍ରାଙ୍କ ପାଖରେ ପ୍ରକାଶ କରିବା ସମୟରେ ଗର୍ଭସ୍ଥ ସନ୍ତାନ ଅଭିମନ୍ୟୁ ଶୁଣିବାର ସୁଯୋଗ ପାଇ ଏହା ଶିକ୍ଷାଲାଭ କରିପାରିଥିଲା । ମାତ୍ର ଚକ୍ରବ୍ୟୁହ ମଧ୍ୟରୁ ନିଜକୁ ମୁକ୍ତ କରିବାର କୌଶଳ ବର୍ଣ୍ଣନା ସମୟରେ ସୁଭଦ୍ରା ନିଦ୍ରିତ ଥିବାରୁ ଅଭିମନ୍ୟୁ ରଣକୌଶଳର ଏ ଅଂଶଟି ଶିକ୍ଷା କରିପାରି ନ ଥିଲା । ମୋଟ ଉପରେ ସନ୍ତାନ ସମ୍ଭବା ଜନନୀର ଶିକ୍ଷାଦୀକ୍ଷା ଗର୍ଭସ୍ଥ ସନ୍ତାନଙ୍କୁ ଯେ ପ୍ରଭାବିତ କରେ ଏହାର ସମ୍ଭାବନା ଉକ୍ତ ଘଟଣାଟିରେ ପ୍ରତିଫଳିତ । ପ୍ରଶ୍ନ ଉଠିପାରେ ଆଧୁନିକ ମନୋବିଜ୍ଞାନ ଗବେଷଣାରେ ଏହା କେତେଦୂର ସମର୍ଥିତ ?

ପିତାଙ୍କର ତେଇଶଟି କ୍ରୋମଜୋମ ଓ ମାତାଙ୍କର ତେଇଶଟି କ୍ରୋମଜୋମ ନେଇ ଗର୍ଭସ୍ଥ ସନ୍ତାନର ଜୀବନ ଆରମ୍ଭ ହେଉଥିବା ଦୃଷ୍ଟିରୁ ପିତାମାତାଙ୍କ କେତେକ ସ୍ୱଭାବ ବଂଶାନୁକ୍ରମିକ ଭିତ୍ତିରେ ଶିଶୁ ସନ୍ତାନ ପାଖକୁ ଆସିବା କଥା ବହୁପୂର୍ବରୁ ସ୍ୱୀକୃତ ହୋଇଛି । *ସେହିପରି ଶିଶୁଟି ଭ୍ରୁଣ ଅବସ୍ଥାରେ ଥିବା ସମୟରେ ମା'ର କେତେକ ଅସ୍ୱାଭାବିକ ଆଚରଣ (ମଦ୍ୟପାନ, ନିଶାଦ୍ରବ୍ୟ ସେବନ ଗଭୀର ମାନସିକ ଉଦ୍‌ବେଳନ ଇତ୍ୟାଦି) ଏବଂ ସ୍ୱାଭାବିକ ଘଟଣା (ମା'ଭୀଷଣ ଜ୍ୱରରେ ପୀଡ଼ିତ ହେବା, ଦୁର୍ଘଟଣାର ଶରବ୍ୟ ହେବା) ଜନ୍ମପୂର୍ବ ବିକାଶକୁ କ୍ଷତିଗ୍ରସ୍ତ କରିବାର ପ୍ରମାଣ ମିଳିଛି ।* ମାତ୍ର ମା'ର ଦୈନନ୍ଦିନ ସାଧାରଣ ଓ ସ୍ୱାଭାବିକ କାର୍ଯ୍ୟଧାରା ଗର୍ଭସ୍ଥ ସନ୍ତାନର ମାନସିକ ବିକାଶ ଉପରେ କି ପ୍ରଭାବ ପକାଏ ତାହା ଗବେଷଣା ଇତିହାସରେ ପୁରାତନ ନୁହେଁ । ସନ୍ତାନ ସମ୍ଭବା ନାରୀକୁ କଷ୍ଟ ନ ଦେଇ ତାହାର ଜରାୟୁରେ ଥିବା

Digitized by srujanika@gmail.com

ଭୃଣ ଓ ତାହାର ବିକାଶକୁ ଫଟୋଚିତ୍ର ଦ୍ୱାରା ଅନୁଧ୍ୟାନ କରିବାର ପ୍ରଣାଳୀ ନିକଟ ଅତୀତରେ ସମ୍ଭବ ହୋଇଥିବାରୁ ଏ ସମ୍ପର୍କରେ ବୈଜ୍ଞାନିକ ତଥ୍ୟ ଆହରଣ ସହଜ ହୋଇପାରିଛି ।

ଭୃଣ ସମ୍ପର୍କୀୟ ଗବେଷଣାରୁ ମନୋବୈଜ୍ଞାନିକମାନେ ଲକ୍ଷ୍ୟ କରୁଛନ୍ତି ଯେ, ନବଜନ୍ମିତ ଶିଶୁର ବ୍ୟବହାରର ମୂଳ ଉତ୍ସ ହେଉଛି ଗର୍ଭସ୍ଥ ପରିବେଶ । ଗର୍ଭସ୍ଥ ଅବସ୍ଥାରେ ଜରାୟୁର

ପରିବେଶ ଓ କେତେକ ଅନୁଭୂତି ଜନ୍ମପୂର୍ବ ଶିଶୁକୁ ପ୍ରଭାବିତ କରେ, ପ୍ରଥମତଃ ଗର୍ଭସ୍ଥ ଅବସ୍ଥାରେ ଭୃଣର ଗତିଶୀଳତା ଥାଏ ଏବଂ ଏହି ଗତିଶୀଳତାର ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ମଧ୍ୟ ଥାଏ । ଲକ୍ଷ୍ୟ କରାଯାଇଛି ଯେ, ଜନ୍ମହେବାର ପ୍ରାୟ ଦୁଇ ତିନିମାସ ପର୍ଯ୍ୟନ୍ତ ଶିଶୁ ମଧ୍ୟ ଗତିଶୀଳରେ ଏହି ଢାଞ୍ଚା ପ୍ରଦର୍ଶନ କରେ, ଅବଶ୍ୟ ଶିଶୁଟିକୁ ତିନିମାସ ହେବା ପରେ ପାରିପାର୍ଶ୍ୱିକ ଅବସ୍ଥା ଓ ବୟସ୍କମାନଙ୍କ ତାଲିମକୁ ଚାହିଁ ଏ ଢାଞ୍ଚା ପରିବର୍ତ୍ତିତ ହୁଏ । ମାତ୍ର ପ୍ରଥମ ତିନିମାସରେ ଅଙ୍ଗଭଙ୍ଗୀ ସହିତ ଗର୍ଭସ୍ଥ ଅଙ୍ଗଭଙ୍ଗୀର ଅପୂର୍ବ ସାମଞ୍ଜସ୍ୟ ରହିଥାଏ ।

ମା'ର ଚଳପ୍ରଚଳ ଗର୍ଭସ୍ଥ ଶିଶୁର ଗତିଶୀଳତାକୁ ନିୟନ୍ତ୍ରଣ କରୁଥିବାରୁ ମା'ର ନିଷ୍କ୍ରିୟତା ବଦଳରେ ତାଙ୍କର ସକ୍ରିୟତାକୁ ଅଧିକ ଉପଯୋଗୀ ବିଚାର କରଯାଉଛି । ଗର୍ଭସ୍ଥ ଶିଶୁଟିର ଗତିଶୀଳତାରେ ସହଜ ସ୍ୱଭାବିକ ରୂପ ଥିଲେ ଶିଶୁଟି ଜନ୍ମ ହେବା ପରେ ଭାରସାମ୍ୟ ରକ୍ଷା କରି ମାତୃସ୍ତନ୍ୟରେ ମୁଖ ସଂଯୋଗ କରେ, ପ୍ରକାରନ୍ତରେ ଗତିଶୀଳତାରେ ସ୍ୱଭାବିକତା ନ ଥିଲେ ନବଜନ୍ମିତ ଶିଶୁ ଠିକ୍ ଭାବରେ ଜନ୍ମର ପରେ ପରେ ମାତୃସ୍ତନ୍ୟ ସହିତ ସଂଯୋଗ ରକ୍ଷାକରିପାରେ ନାହିଁ ।

Digitized by srujanika@gmail.com

ଗର୍ଭସ୍ଥ ଭ୍ରୂଣର ଗତିଶୀଳତାରେ ବାଧା ସୃଷ୍ଟିହେଲେ ପରେ କେତେକ ଜଟିଳତା ସୃଷ୍ଟି ହୋଇପାରେ । ପ୍ରତ୍ୟେକ ପ୍ରାଣୀ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୁଏ । ଲକ୍ଷ୍ୟ କରାଯାଇଛି ଯେ, ଶିଶୁମୂଷା ଜନ୍ମ ହେବାର ପ୍ରାୟ ଚବିଶ ଘଣ୍ଟା ପୂର୍ବରୁ ମୂଷା ନିଜେ ନିଜେ କେତେକ ସକ୍ରିୟତା ସୃଷ୍ଟିକରେ । ପଛଗୋଡ଼କୁ ଛାଟିବା ତଳିପେଟକୁ ଚାଟିବା ଏବଂ ପେଟକୁ ଧୀରେ ଧୀରେ ଆଉଁଡ଼ିବାକୁ ଲାଗେ । ସମ୍ଭବତଃ ଗର୍ଭସ୍ଥ ଭ୍ରୂଣର ଗତିଶୀଳ ପାଇଁ ଏସବୁ କରାଯାଏ । କୌତୁହଳର ବିଷୟ ଯେ, ମୂଷାକୁ ଏହାର ସୁଯୋଗ ନ ଦେଇ ସହଜ ଓ ନିରାପଦ ଭାବରେ ମାତୃଗର୍ଭରୁ ଶିଶୁମୂଷାଟିକୁ ବାହାରକୁ କାଢ଼ିଆଣିବା ପରେ ଦେଖାଯାଏ ଯେ ଶିଶୁମୂଷାଟି ଠିକ୍ ଭାବରେ ନିଃଶ୍ୱାସ, ପ୍ରଶ୍ୱାସ ନେବା ଏବଂ ଯିବା ଆସିବାରେ କଷ୍ଟ ଅନୁଭବ କରୁଛି ଶିଶୁ ମୂଷାଟିକୁ କୃତ୍ରିମ ଭାବରେ ବାହାରେ ହଲଚଲ କରାଇବା ପରେ ତା'ର ସ୍ୱାଭାବିକ ଅବସ୍ଥା ଆସୁଛି । ଏ ପର୍ଯ୍ୟବେକ୍ଷଣର ତାତ୍ପର୍ଯ୍ୟ ହେଉଛି ଯେ, *ଜନ୍ମର ପରେ ପରେ ଯେଉଁ ସମନ୍ୱୟଶୀଳତା ରକ୍ଷା କରିବାର କୌଶଳ ଆବଶ୍ୟକ ହୁଏ ତାହା ମାତୃଗର୍ଭସ୍ଥ ଗତିଶୀଳତା ଦ୍ୱାରା ବହୁ ଅଂଶରେ ନିୟନ୍ତ୍ରିତ ।*

ସେହିପରି ଗର୍ଭାବସ୍ଥାରେ ନିର୍ଦ୍ଦିଷ୍ଟ ସ୍ୱାଦର ଅନୁଭୂତି ନବଜନ୍ମିତର ସ୍ୱାଦ ଗ୍ରହଣକୁ ପ୍ରଭାବିତ କରେ । ସନ୍ତାନ ସମ୍ଭବା ଅବସ୍ଥାରେ ଜନନୀକୁ ବହୁ ପରିମାଣରେ ଖଟା ସ୍ୱାଦର ଅନୁଭୂତି ଦିଆଯାଇ ଦେଖାଯାଇଛି ଯେ ନବଜନ୍ମିତ ଶିଶୁ ମାତୃସ୍ତନ ଉପରି ଭାଗରେ ଖଟାର ସ୍ପର୍ଶ ଥିଲେ ଅଧିକ ମା'କ୍ଷୀର ପାନରେ ଆଗ୍ରହ ଦର୍ଶାଉଛି । ଖଟାର ସ୍ପର୍ଶ ନ ଥିଲେ ଅପେକ୍ଷାକୃତ କମ୍ କ୍ଷୀର ଗ୍ରହଣ କରୁଛି । ମହାକାଶଯାନ ଯୋଜନା ସହିତ ଯୋଗସୂତ୍ର ରକ୍ଷାକରି ଗବେଷକମାନେ କିଛି ସନ୍ତାନସମ୍ଭବା ମୂଷାଙ୍କୁ ଅନ୍ତରୀକ୍ଷ ଯାନରେ ପଠାଇ ସେମାନଙ୍କ ଓଜନ ହୀନତାର ଅନୁଭୂତି ଦେଲେ । ଗର୍ଭଧାରଣର ପ୍ରାୟ ଅଧା ସମୟ ଓଜନ ହୀନତାର ଅନୁଭବ ମଧ୍ୟରେ କଟିବା ସ୍ଥଳେ ଅନ୍ୟ ଅଧା ସମୟ ସ୍ୱାଭାବିକ ଭାବରେ କଟି ଶିଶୁମୂଷା ଜନ୍ମନେଲା । ପର୍ଯ୍ୟବେକ୍ଷଣରୁ ଦେଖାଗଲା ଯେ, ନବଜନ୍ମିତ ଶିଶୁମୂଷାମାନେ ଶରୀର ଭାର ସହିତ ସମନ୍ୱୟ ରକ୍ଷା କରିବାରେ ତ୍ରୁଟି ଦର୍ଶାଉଛନ୍ତି । ବେଶ୍ କିଛି ଦିନର ସ୍ୱାଭାବିକ ଅଭ୍ୟାସ ପରେ ଏ ତ୍ରୁଟି ଦୂର ହେଲା ।

ସ୍ଥୂଳତଃ ବ୍ୟବହାର ବିକାଶର ଅୟମାରମ୍ଭ ଜନ୍ମ ପରଠାରୁ ବୋଲି ବିଚାର ନ କରି ଜନ୍ମପୂର୍ବ ପରିବେଶକୁ ଗ୍ରହଣ କରିବାକୁ ହେବ । ଏହି ସିଦ୍ଧାନ୍ତ କେବଳ ବିକାଶର ଧାରାକୁ ବୁଝିବାରେ ସହାୟକ ହେବ ନାହିଁ । କେତେକ ତ୍ରୁଟି ବିଚ୍ୟୁତିର ଦୂରୀକରଣରେ ଉପଯୋଗୀ ହେବ ।

ଜରାୟୁରେ ମାନବଶିଶୁ କ'ଣ ଶିକ୍ଷାକରେ ?

ଜରାୟୁର ନିରାପଦ ପରିବେଶ ଛାଡ଼ି ମାନବ ଶିଶୁ ଭୂମିଷ୍ଠ ହେବା ପରେ ତା'ର ଶିକ୍ଷାଦୀକ୍ଷା ଆରମ୍ଭ ହୁଏ ବୋଲି ସମସ୍ତେ ଜାଣନ୍ତି । ମାତ୍ର ଜରାୟୁ ମଧ୍ୟରେ ଭ୍ରୂଣ ଅବସ୍ଥାରେ ମଧ୍ୟ କେତକ ଶିକ୍ଷାର ଅୟମାରମ୍ଭ ହୁଏ– ଏ କଥା ଖୁବ୍ କମ ଲୋକ ଜାଣନ୍ତି । ଶିଶୁ ମାତୃଗର୍ଭରେ ଥିବା ସମୟରେ ତା'ର ନିକଟସ୍ଥ ପରିବେଶରେ ଉଚ୍ଚାଙ୍ଗ ଯନ୍ତ୍ରସଙ୍ଗୀତ ମୂର୍ଚ୍ଛନା ସୃଷ୍ଟିକରି ଶିଶୁଟିର ସଂଗୀତ- ଧର୍ମୀ ପ୍ରତିଭାର ସ୍ଫୁରଣ କରାଯାଇ ପାରିବ କି ନାହିଁ ତାହା ହୁଏତ ଗବେଷଣା ସାପେକ୍ଷ

Digitized by srujanika@gmail.com

ହୋଇପାରେ । ମାତ୍ର ଏ କଥା ସତ ଯେ ଶିଶୁଟି ଜନ୍ମହେଲା ବେଳକୁ ସେ ନିଜ ସଙ୍ଗରେ କେତେକ ନିର୍ଦ୍ଦିଷ୍ଟ ରୂପ, ରସ, ଗନ୍ଧ ଓ ଶବ୍ଦାନୁରାଗ ନେଇ ଜନ୍ମ ହୋଇଥାଏ ।

ପ୍ରଥମତଃ ଗର୍ଭସ୍ଥ ଶିଶୁ ନିଜ ଜନନୀର ଶବ୍ଦ ପ୍ରତି ସଚେତନତା ଦର୍ଶାଏ । ଏହାକୁ ଦୁଇଟି ଦିଗରୁ ବିଚାର କରାଯାଇପାରେ, *ଭ୍ରୁଣ ଅବସ୍ଥାରେ ଶିଶୁ ଗର୍ଭ ମଧ୍ୟରେ ମା'ର ହୃତ୍‌ସ୍ପନ୍ଦନ ଶୁଣେ, ଏହି ସ୍ପନ୍ଦନ ପ୍ରତି ସେ ଅନୁରକ୍ତ ହୁଏ । ଦ୍ୱିତୀୟତଃ ମା' କଥା କହିବା ସମୟରେ ଭ୍ରୁଣର ଗତିଶୀଳତାରେ ଏକ ଅଭିମୁଖତା ଦେଖାଯାଏ ।* ଆଧୁନିକ ଯୁଗରେ ଗର୍ଭସ୍ଥ ସନ୍ତାନର ଫଟୋଚିତ୍ର ନେବାର ଅତ୍ୟାଧୁନିକ କୌଶଳ ଫଳରେ କେତେକ ପର୍ଯ୍ୟବେକ୍ଷଣ ସମ୍ଭବ ହୋଇଛି । ଲକ୍ଷ୍ୟ କରାଯାଇଛି ଯେ, ମା କିଛି କଥାବାର୍ତ୍ତା କରିବା ସମୟରେ ଗର୍ଭସ୍ଥ ଶିଶୁର ଗତିପରିବର୍ତ୍ତିତ ହୋଇ ବିକଶିତ ହୋଇ ଆସୁଥିବା କାନ ଓ ମୁଣ୍ଡ ମା'ର ଧ୍ୱନିଉତ୍ସ ଆଡ଼କୁ ଗତିକରେ ।

କୌତୂହଳର ବିଷୟ ଯେ, ଜନ୍ମର ପରେ ପରେ ନବଜାତ ଶିଶୁ ମା'ର ଏହି ପୂର୍ବପରିଚିତ ଶବ୍ଦ ଅନ୍ୟମାନଙ୍କର ଶବ୍ଦଠାରୁ ପୃଥକ୍ କରି ଚିହ୍ନିପାରେ । ପୁଣି ବାପର କଥାବାର୍ତ୍ତା ସ୍ପଷ୍ଟ ଶବ୍ଦ ସହିତ ନବଜାତ ଶିଶୁ ଏପରି ଅନୁରାଗ ଦେଖାଇ ନଥାଏ । ଏଥିରୁ ଅନୁମାନ କରାଯାଏ ଯେ, କେବଳ ପରିଚିତ ଭିତ୍ତିରେ ଶିଶୁ ଏପରି ଅନୁରାଗ ନ ଦର୍ଶାଇ ସେ ଭ୍ରୁଣାବସ୍ଥାରେ ଥିବା ସମୟରେ ଉପଲବ୍ଧ ଅନୁଭୂତି ଭିତ୍ତିରେ ଆଗ୍ରହ ଦର୍ଶାଉଛି । *ପୁନଶ୍ଚ ଶିଶୁ ଜନ୍ମହେବାର ଅଳ୍ପକିଛି ସପ୍ତାହ ପୂର୍ବରୁ ମା' ଯେଉଁସବୁ ସ୍ୱରରେ ଗୀତ ଗାଉଥିଲା ସେପରି ସ୍ୱରଛନ୍ଦ ପ୍ରତି ଆକର୍ଷଣ ଦର୍ଶାଏ । କଥାବସ୍ତୁ ଭିନ୍ନ ହୋଇ ଛନ୍ଦ ଓ ସ୍ୱର ପୂର୍ବପରି ହୋଇଥିଲେ ଶିଶୁ ସେ ଦିଗରେ ଆକର୍ଷିତ ହୁଏ ।*

Digitized by srujanika@gmail.com

ସେହିପରି ଅନ୍ୟ କେତେକ ଗବେଷଣାରୁ ଲକ୍ଷ୍ୟ କରାଯାଇଛି ଯେ ଜରାୟୁ ମଧ୍ୟରେ ଥିବା ସମୟରେ ଶିଶୁ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ସୁଗନ୍ଧର ଅନୁଭବ ଲାଭକରି ଉକ୍ତ ସୁଗନ୍ଧ ପ୍ରତି ପରବର୍ତ୍ତୀ ସମୟରେ ଅନୁରକ୍ତି ଦର୍ଶାଏ । ଏପରି ସୁଗନ୍ଧ ଓ ଏପରି ସ୍ୱାଦର ଅନୁଭବ ଶିଶୁ ମା'ର ବହୁଳ ବ୍ୟବହୃତ ପ୍ରିୟ ଖାଦ୍ୟ ମଧ୍ୟରେ ହୁଏତ ପାଇପାରିଥାଏ ।

ଶିଶୁର ଜନ୍ମ ପରେ ପରେ ଶିଶୁ ମା'ର ସ୍ତନ୍ୟାଗ୍ରରେ ମୁଖ ସଂଯୋଗ କରି ଯେପରି ଦୁଗ୍ଧପାନ କରେ ତାହାକୁ ଅନେକ ସହଜାତ ପ୍ରବୃତ୍ତି ବୋଲି ମନେକରନ୍ତି । ସହଜାତ ପ୍ରବୃତ୍ତି କହିବାର ତାତ୍ପର୍ଯ୍ୟ ରହିଛି ଯେ, ଏଥିପାଇଁ ଶିଶୁର ଶିକ୍ଷାଦୀକ୍ଷାର କୌଣସି ଆବଶ୍ୟକତା ନାହିଁ ବୋଲି ଅନେକ ମନେକରନ୍ତି । କିନ୍ତୁ ବର୍ତ୍ତମାନର ଗବେଷକମାନେ ଦେଖିଛନ୍ତି ଯେ, ଶିଶୁର ଏପରି ସାମର୍ଥ୍ୟ ତା'ର ଜନ୍ମର କିଛି ପୂର୍ବରୁ ସେ ଶିକ୍ଷା କରିଥାଏ ।

ଶିଶୁ କିପରି ଭାବରେ ଏହା ଶିକ୍ଷାକରେ ସେ ସଂପର୍କରେ ପରୀକ୍ଷା ନିରୀକ୍ଷା କରିବା ମାନବ ଶିଶୁ କ୍ଷେତ୍ରରେ ସମ୍ଭବ ନୁହେଁ । ସୁତରାଂ ଗବେଷକମାନେ ମାଈ ମୂଷାମାନଙ୍କ ଉପରେ ଏପରି ପରୀକ୍ଷା କରି କିଛି ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ଗର୍ଭବତୀ ମାଈ ମୂଷାର ଜରାୟୁରୁ ଭ୍ରୂଣଟିକୁ କାଢ଼ିନେଇ କୃତ୍ରିମ ପରିବେଶ ମଧ୍ୟରେ ଉପଯୋଗୀ ଅବସ୍ଥା ସୃଷ୍ଟିକରି କେତେକ ପର୍ଯ୍ୟବେକ୍ଷଣ କରାଯାଇଛି । ମାନବ ଶିଶୁଟିର ଯଥାଯଥ ଜନ୍ମ ହେବାର କୋଡ଼ିଏ ଏକୋଇଶ ଦିନର ଅବସ୍ଥା ଅର୍ଥାତ୍ ଭ୍ରୂଣର ନ ମାସ ବୟସ ହୋଇଥିବାର ସମଅବସ୍ଥା ସମ୍ପନ୍ନ ମୂଷା ଭ୍ରୂଣକୁ ଲକ୍ଷ୍ୟ କରାଗଲା । କୃତ୍ରିମ ପରିବେଶ ମଧ୍ୟରେ ଏକ କୃତ୍ରିମ ସ୍ତନାଗ୍ର ଦିଆଯାଇ ଏହାକୁ ସ୍ପର୍ଶ କରିବାର ସୁଯୋଗ ଦିଆଗଲା । ଏପରି ବ୍ୟବସ୍ଥା କରାଯାଇଥିଲା ଯେ, ଏହାକୁ ସ୍ପର୍ଶ କଲାମାତ୍ରେ ଏହା କ୍ଷୀର ନିଃସରଣ କରିବ । ଗବେଷକମାନେ ଲକ୍ଷ୍ୟ କଲେ ଯେ, କୃତ୍ରିମ ଜରାୟୁରେ ଥିବା ମୂଷା ଛୁଆ *ସ୍ତନ୍ୟାଗ୍ର ସ୍ପର୍ଶକରି କ୍ଷୀର ଗ୍ରହଣ କରିବା ସମୟରେ ମସ୍ତିଷ୍କର ଗୋଟିଏ ଅଂଶ ସକ୍ରିୟ ହୋଇ ତାହାକୁ ଆନନ୍ଦାନୁଭୂତି ଦେଉଛି ।* କୌଣସି କାର୍ଯ୍ୟ ପରେ ପରେ ପ୍ରୋତ୍ସାହନ ଲାଭ କଲେ କାର୍ଯ୍ୟଟିର ପୁନରାବୃତ୍ତି କରିବା ଶିକ୍ଷାର ଏକ ପ୍ରାଞ୍ଜଳ ନିଦର୍ଶନ । ସେହିପରି ମସ୍ତିଷ୍କରେ ସୃଷ୍ଟ ଆନନ୍ଦ ଅନୁଭୂତି ଯୋଗୁ ଜରାୟୁସ୍ଥିତ ଏ ଶିଶୁଟି ସ୍ତନାଗ୍ର ସହିତ ନିଜକୁ ସଂଯୋଗ କରିବାର ଅଭ୍ୟାସ ଶିକ୍ଷା କରୁଛି । ଲକ୍ଷ୍ୟ କରାଗଲା ଯେ, ବୈଦ୍ୟୁତିକ ଉପାୟରେ ଶିଶୁ ମସ୍ତିଷ୍କର ଏପରି ଆନନ୍ଦାନୁଭୂତିକୁ ବନ୍ଦ କରିଦିଆଗଲେ ସ୍ତନାଗ୍ରକୁ ଠିକ୍ ରୂପେ ଧରିରଖିବାର ସାମର୍ଥ୍ୟ ଶିଶୁ ଶିକ୍ଷା କରିପାରୁ ନାହିଁ । *ସ୍ଥୂଳତଃ ଜୀବନ ବଂଚେଇବାର କେତେକ ରୁଚି ଅଭିରୁଚି ଓ ସାମର୍ଥ୍ୟର ମୂଳଶିକ୍ଷା ଜନ୍ମ ପୂର୍ବରୁ ମାତୃଗର୍ଭରେ ଆରମ୍ଭ ହୋଇଥାଏ ।*

ମା'ର ଭାବାବେଗ ଗର୍ଭସ୍ଥ ଶିଶୁର କେତେ କ୍ଷତି କରେ ?

ଅନେକ ଲୋକଙ୍କ ଧାରଣା ଯେ ଶିଶୁର ଶାରୀରିକ ଗଠନ ଓ ମିଜାଜ ଜିନ୍ ବାହିତ ବଂଶାନୁଗତ ଗୁଣ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏ ଉକ୍ତିଟି ସତ୍ୟ ହେଲେ ମଧ୍ୟ ଏ ପରିପ୍ରେକ୍ଷୀରେ ଏକ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ହେଉଛି ମାତୃଗର୍ଭସ୍ଥ ପରିବେଶର କେତେକ

Digitized by srujanika@gmail.com

ବୈଶିଷ୍ଟ୍ୟ ମା'ର ଆବେଗ ଓ ମାନସିକ ଚାପ ଫଳରେ ଏହି ଆଭ୍ୟନ୍ତରୀଣ ପରିବେଶରେ କେତେକ ହରମୋନ୍ ପରିବର୍ତ୍ତନ ସଂଘଟିତ ହୁଏ ଏବଂ ଏହି ପରିବର୍ତ୍ତନ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇବା ସଙ୍ଗେ ସଙ୍ଗେ ନବଜନ୍ମିତ ଶିଶୁର ମିଜାଜକୁ ରୂପ ଦିଏ ।

ଶିଶୁ ମାତୃଗର୍ଭରେ ଥିବା ସମୟରେ ମା' ନିଶାଦ୍ରବ୍ୟ ବା ସେହିପରି କିଛି ଅସ୍ୱାଭାବିକ ପଦାର୍ଥ ଗ୍ରହଣ କରିବା ଫଳରେ ଶିଶୁର ଶାରୀରିକ ଓ ମାନସିକ ସ୍ତରରେ ଘଟୁଥିବା ପରିବର୍ତ୍ତନ ସମ୍ପର୍କରେ କେବଳ ଗବେଷଣା ନୁହେଁ, ଲୋକମାନଙ୍କର ସାଧାରଣ ଜ୍ଞାନ ମଧ୍ୟ ରହିଛି । କିନ୍ତୁ ମା'ର ଭାବାବେଗ ଓ ମାନସିକ ଚାପ ଜରାୟୁର ପରିବେଷ୍ଟନୀରେ ପରିବର୍ତ୍ତନ ଆଣି ଶିଶୁର ମିଜାଜ ଗଠନରେ ଯେଉଁ ଭୂମିକା ଗ୍ରହଣ କରେ, ତାହାର ତଥ୍ୟ କେବଳ ଆଧୁନିକ ଯୁଗରେ ସମ୍ଭବ ହୋଇଛି । ଜରାୟୁରେ ଥିବା ଶିଶୁର ଚଳପ୍ରଚଳ ଓ ପ୍ରକୃତିକୁ ଆଧୁନିକ ଫଟୋ ଉତ୍ତୋଳନ ମାଧ୍ୟମରେ ସ୍ପଷ୍ଟ କରାଯାଇ ପାରୁଥିବାରୁ ଏ ପ୍ରକାର ସିଦ୍ଧାନ୍ତ ଗ୍ରହଣ ସମ୍ଭବ ହୋଇପାରିଛି ।

ଆଧୁନିକ ଗବେଷଣାରୁ ଜଣାଯାଇଛି ଯେ ନବଜନ୍ମିତ ଶିଶୁର ମିଜାଜ କି ପ୍ରକାର ହେବ, ତାହାର କୋଡ଼ିଏରୁ ଷାଠିଏ ପ୍ରତିଶତ ନିର୍ଭର କରେ ଜରାୟୁ ମଧ୍ୟସ୍ଥ ଶିଶୁର ପ୍ରକୃତି ବିଶେଷତଃ ତା'ର ଗତିଶୀଳତା ଓ ହୃଦୟସ୍ପନ୍ଦନ ଉପରେ । ଗର୍ଭ ମଧ୍ୟରେ ଶିଶୁର ଗତିଶୀଳତା ଓ ହୃଦସ୍ପନ୍ଦନ ମାପ କରାଯାଇପାରିବ । ଏପରି କରାଯାଇ ଶିଶୁର ଜନ୍ମପରର ମିଜାଜ, ତିନିମାସ ହେଲାବେଳକୁ ଏବଂ ଛ'ମାସ ହେଲାବେଳକୁ ଶିଶୁର ମିଜାଜ ଲକ୍ଷ୍ୟ କରାଯାଇ ଏପରି ସିଦ୍ଧାନ୍ତ ମିଳିଛି ।

ଲକ୍ଷ୍ୟ କରାଯାଇଛି ଯେ ଅପେକ୍ଷାକୃତ କମ୍ ଗତିଶୀଳ ଭ୍ରୂଣ ଶିଶୁ ତୁଳନାରେ ଅଧିକ ଗତିଶୀଳ ଥିବା ଗର୍ଭସ୍ଥ ଶିଶୁମାନେ ଜନ୍ମର ପରେ ପରେ ଅଧିକ ଚଞ୍ଚଳତା ଓ ଚିଡ଼ିଚିଡ଼ିଆ ଭାବ ଦେଖାନ୍ତି । ସେହିପରି ଗର୍ଭ ମଧ୍ୟରେ ସେପରି ଶିଶୁମାନଙ୍କର ହୃଦସ୍ପନ୍ଦନ ଅପେକ୍ଷାକୃତ ଅଧିକ ଥର ହେଉଥିଲେ ସେମାନେ ଜନ୍ମର ପରେ ପରେ ଏପରି ମିଜାଜ ଦର୍ଶାନ୍ତି ଯେ ସେମାନଙ୍କ ମିଜାଜ ସମ୍ପର୍କରେ ପୂର୍ବାନୁମାନ (Prediction) କଷ୍ଟକର ହୁଏ, ଏମାନେ କେତେବେଳେ କିପରି ମିଜାଜ ଦେଖାଇବେ ତାହା ସହଜରେ ଜାଣିହୁଏ ନାହିଁ । ସେହିପରି ମା' ଉପରେ ନିର୍ଭର କରି ଗର୍ଭମଧ୍ୟସ୍ଥ ଶିଶୁର ନିଦ୍ରାଜାଗରଣଚକ୍ର ଏକ ଶୃଙ୍ଖଳିତ ରୂପନିଏ । ଜରାୟୁ ମଧ୍ୟରେ ଏ ଚକ୍ର ବିଶୃଙ୍ଖଳିତ ହୋଇପଡ଼ିଥିଲେ ଦେଖାଯାଏ ଯେ ଶିଶୁ ଜନ୍ମହେବାର ପ୍ରାୟ ତିନିମାସ ପର୍ଯ୍ୟନ୍ତ ଅସମୟରେ ରାତିରେ ଉଠିପଡ଼ି ଅନ୍ୟମାନଙ୍କୁ ଅସ୍ଥିର କରୁଛି ।

ଜରାୟୁ ମଧ୍ୟରେ ଭ୍ରୂଣ ଶିଶୁର ଗତିଶୀଳତା, ହୃଦସ୍ପନ୍ଦନ ଓ ନିଦ୍ରାଜାଗରଣଚକ୍ର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରଶ୍ନ ଉଠିପାରେ କେଉଁ କେଉଁ ଅବସ୍ଥା ଏ ସବୁକୁ ପ୍ରଭାବିତ କରେ । ଦେଖାଯାଇଛି ଯେ ମା'ର ଭାବାବେଗ ଓ ମାତ୍ରାଧିକ ମାନସିକ ଚାପ ହରମୋନ ସ୍ତରରେ ବିପର୍ଯ୍ୟୟ ସୃଷ୍ଟିକରି ଜରାୟୁ ମଧ୍ୟସ୍ଥ ବାତାବରଣକୁ ପରିବର୍ତ୍ତନ କରେ । ଗୋଟିଏ ପରୀକ୍ଷାରୁ

Digitized by srujanika@gmail.com

ଦେଖାଯାଇଛି ଯେ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଦୁର୍ବଳ ବୋଲି ପରିଗଣିତ ହେଉଥିବା ମହିଳାମାନଙ୍କ ଉଦରସ୍ଥ ଶିଶୁ କମ୍ ଗତିଶୀଳତା ଦେଖାନ୍ତି ଏବଂ ସେମାନଙ୍କର ହୃଦସ୍ପନ୍ଦନରେ ଅଧିକ ତାରତମ୍ୟ ନଥାଏ । ପ୍ରକାରାନ୍ତରେ ସ୍ୱଚ୍ଛଳ ପରିବାରର ମହିଳାମାନଙ୍କ ଗର୍ଭସ୍ଥ ଶିଶୁମାନେ ଅଧିକ ଗତିଶୀଳତା ଏବଂ ତାରତମ୍ୟପୂର୍ଣ୍ଣ ହୃଦସ୍ପନ୍ଦନ ଦର୍ଶାନ୍ତି । ପୁନଶ୍ଚ ମାନସିକ ଚାପ ଓ ଭାରାକ୍ରାନ୍ତ ଅନୁଭବ କରୁଥିବା ମହିଳାମାନଙ୍କର ଗର୍ଭସ୍ଥ ଶିଶୁସବୁ ଚାପହୀନ ମହିଳାମାନଙ୍କ ଜରାୟୁରେ ଥିବା ଶିଶୁଠାରୁ ସମ୍ପୂର୍ଣ୍ଣ ପୃଥକଧରଣର ଗତିଶୀଳତା ଓ ହୃଦ୍‌ସ୍ପନ୍ଦନ ଦର୍ଶାନ୍ତି ।

ଗବେଷଣାଲବ୍ଧ ତଥ୍ୟରୁ ଜଣାଯାଏ ଯେ, ମା'ର ମାନସିକ ପରିବର୍ତ୍ତନ ଓ ଆବେଗର ପରିବର୍ତ୍ତନ ଭ୍ରୂଣ ଶିଶୁକୁ ପ୍ରଭାବିତ କରେ । ଗୋଟିଏ ପରୀକ୍ଷାରେ ବର୍ଣ୍ଣନା ଦିଆଯାଇ ଏହାକୁ ପ୍ରାଞ୍ଜଳ କରାଯାଇପାରେ । ଜଣେ ମନୋବିଜ୍ଞାନୀ କେତେକ ସନ୍ତାନ ସମ୍ଭବା ମହିଳାଙ୍କୁ ଗୋଟିଏ ଭିଡିଓ ଦୃଶ୍ୟ ଦେଖାଇଲେ । ଏ ଦୃଶ୍ୟରେ ଜଣେ ଜନନୀ ତା'ର ଶିଶୁ ସନ୍ତାନକୁ ସ୍ତନ୍ୟପାନ କରାଉଥିଲେ । ଦୃଶ୍ୟଟିକୁ ଦେଖିବା ସମୟରେ ମହିଳାମାନଙ୍କର ହୃଦସ୍ପନ୍ଦନ ଓ ନିଃଶ୍ୱାସ ପ୍ରଶ୍ୱାସର ଗତି ବଢ଼ିଗଲା । ପୁଣି କୌତୁହଳର ବିଷୟ ଯେ ଏହି ମହିଳାମାନଙ୍କର ଶାରୀରିକ ପରିବର୍ତ୍ତନ ଘଟୁଥିବା ସମୟରେ ଜରାୟୁ ମଧ୍ୟସ୍ଥ ଶିଶୁମାନଙ୍କର ମଧ୍ୟ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଇଲା । ମା'ର ପରିବର୍ତ୍ତନ ଠିକ୍ କିପରି ଭାବରେ ଶିଶୁ ପରିବର୍ତ୍ତନକୁ ରୂପ ଦେଉଛି ତାହା ସ୍ପଷ୍ଟ ଭାବରେ ଜଣା ନ ପଡ଼ିଲେ ମଧ୍ୟ ଗର୍ଭସ୍ଥ ଶିଶୁଟି ଯେ ମା'ର ହରମୋନ୍ ପରିବର୍ତ୍ତନ କିମ୍ବା ପରିବର୍ଦ୍ଧିତ ହୃଦ୍‌ସ୍ପନ୍ଦନ ପ୍ରତି ପ୍ରତିକ୍ରିୟା ଦର୍ଶାଉଛି ତାହାର କଳ୍ପନା କରାଯାଇପାରେ ।

ପରିଶେଷରେ କୁହାଯାଇପାରେ ଯେ ମା' ଆବେଗ ଜଡ଼ିତ ହୋଇ କୌଣସି ଅସ୍ୱାଭାବିକ ବ୍ୟବହାରର ଆଶ୍ରୟ ନେଲେ ତାହାର କୁପରିଣତି ମଧ୍ୟ ଗର୍ଭସ୍ଥ ଶିଶୁ ଉପରେ ପଡିବ । ଉଦାହରଣ ସ୍ୱରୂପ, ସନ୍ତାନ ସମ୍ଭବା ମହିଳାଙ୍କ ଧୂମପାନ କଥା ବିଚାର କରାଯାଉ । ସାଧାରଣତଃ ସନ୍ତାନସମ୍ଭବା ମହିଳାଙ୍କ ଚଳପ୍ରଚଳ ବା ଅନ୍ୟ କିଛି ବାହ୍ୟ ପରିବର୍ତ୍ତନ ଫଳରେ ଶରୀରରେ କମ୍ପନ ହେଲେ ଗର୍ଭସ୍ଥ ଶିଶୁ ମଧ୍ୟ କମ୍ପନ ଦର୍ଶାଇବ । ମାତ୍ର ମା'ର ଏପରି କମ୍ପନ ଅଧିକ ସମୟ ରହିଲେ ଗର୍ଭସ୍ଥ ଶିଶୁର କମ୍ପନ ଧୀରେ ଧୀରେ କମି ସ୍ୱାଭାବିକ ଅବସ୍ଥାକୁ ଆସିବ । ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାର ଏପରି ସାମର୍ଥ୍ୟ ଖୁବ୍ ଉପଯୋଗୀ; କିନ୍ତୁ ଦେଖାଯାଇଛି ଯେ, ଧୂମପାନ କରୁଥିବା ସନ୍ତାନସମ୍ଭବ । ମହିଳାମାନଙ୍କର ଗର୍ଭସ୍ଥ ଶିଶୁ ଏପରି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାର ସାମର୍ଥ୍ୟ ଦର୍ଶାଏ ନାହିଁ । ଏପରି ଅସାମର୍ଥ୍ୟ ନିଶ୍ଚିତ ଭାବରେ କ୍ଷତିକାରକ । ସୁତରାଂ ଜରାୟୁ ମଧ୍ୟସ୍ଥ ବାତାବରଣକୁ ସୁସ୍ଥ ରଖିବା ସଙ୍ଗେ ସଙ୍ଗେ ନବଜାତ ଶିଶୁର ମାନସିକ ସ୍ୱାସ୍ଥ୍ୟଗଠନ ଦିଗରେ ମା'ର ଯେଉଁ ଭୂମିକା ରହିଛି ସେଠାରେ ଆବେଗର ନିୟନ୍ତ୍ରଣ ଓ ପରିଚାଳନା ଏକ ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ ।

Digitized by srujanika@gmail.com

ସନ୍ତାନ ସମ୍ଭବା ମହିଳା ନିଜକୁ ନିଶାଦ୍ରବ୍ୟଠାରୁ ଦୂରରେ ରଖିବେ କାହିଁକି ?

ପୂର୍ବରୁ ଆଲୋଚନା କରାଯାଇଛି ଯେ ଶିଶୁର ପରିବେଶ ଜନ୍ମ ପରେ ଗଠିତ ନ ହୋଇ ଗର୍ଭସଞ୍ଚାରର ପରେ ପରେ ଜରାୟୁ ମଧ୍ୟରେ ରୂପ ନେଇଥାଏ । ଏ ଦୃଷ୍ଟିରୁ ସନ୍ତାନ ସମ୍ଭବା ମା'ର ଶିକ୍ଷା ଦୀକ୍ଷା, ଆବେଗ ଅନୁରାଗ ଏବଂ ମାନସିକ ବୈଶିଷ୍ଟ୍ୟ ଗର୍ଭସ୍ଥ ଶିଶୁର ବାତାବରଣକୁ ପରିବର୍ତ୍ତନ କରେ । *ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିଶାଦ୍ରବ୍ୟ ସେବନ ସବୁବେଳେ କ୍ଷତିକାରକ ହୋଇଥିଲେ ମଧ୍ୟ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ।* ଏହାର କ୍ଷତି କେବଳ ମହିଳାଙ୍କ ମଧ୍ୟରେ ସୀମିତ ନ ରଖି ଗର୍ଭସ୍ଥ ଶିଶୁର ବିକାଶକୁ ବ୍ୟାହତ କରେ ।

ଗର୍ଭବତୀ ମହିଳା ଯେଉଁ ନିଶାଦ୍ରବ୍ୟ ସେବନ କରୁଛନ୍ତି ତାହା ଉପରେ ନିର୍ଭର କରି ଗର୍ଭସ୍ଥ ଶିଶୁର ସମସ୍ୟା ଦେଖାଦିଏ । ମଦ୍ୟପାନକାରୀ ମହିଳାଙ୍କ ଶିଶୁ ମଦ୍ୟପାନ ସୃଷ୍ଟ ସମସ୍ୟାର ଶିକାର ହେବାସ୍ଥଳେ କୋକେନ ବ୍ୟବହାର କରୁଥିବା ସନ୍ତାନ ସମ୍ଭବା ନାରୀଙ୍କ ଗର୍ଭସ୍ଥ ସନ୍ତାନ କୋକେନ ସୃଷ୍ଟ ସମସ୍ୟାର ଶରବ୍ୟ ହୁଏ । ଏଠାରେ କୋକେନ ବ୍ୟବହାରର ଦୃଷ୍ଟାନ୍ତ ନିଆଯାଇପାରେ ।

ବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ କୋକେନ ବ୍ୟବହାର ସମ୍ପର୍କରେ ତୀବ୍ର ବିରୋଧ ପାଶ୍ଚାତ୍ୟ ଜଗତରେ ପ୍ରକାଶ ପାଇଲା । କିନ୍ତୁ ସର୍ବେକ୍ଷଣରୁ ଦେଖାଗଲା ଯେ କୋକେନ ବ୍ୟବହାର କରୁଥିବା ଗର୍ଭବତୀ ମହିଳାମାନେ କେବଳ କୋକେନ ବ୍ୟବହାର କରୁନାହାନ୍ତି, ସେମାନେ ଅନ୍ୟାନ୍ୟ ନିଶାଦ୍ରବ୍ୟ ମଧ୍ୟ ସେବନ କରୁଛନ୍ତି । ସୁତରାଂ କୋକେନ ସେବନର ପ୍ରକୃତ କୁପରିଣତି ଜାଣିବା ପାଇଁ ଅଧିକ ସତର୍କତା ଅବଲମ୍ୱନ କରିବାକୁ ହେଲା ।

୧୯୮୦ ମସିହା ପରେ ଏ ଦିଗରେ ବିଧିବଦ୍ଧ ଗବେଷଣା ହୋଇ କୁପରିଣତିର ସ୍ପଷ୍ଟ ପରିଚୟ ମିଳିଛି । ଦେଖାଯାଇଛି ଯେ ସନ୍ତାନ ସମ୍ଭବା ମହିଳା କୋକେନ ବ୍ୟବହାର କରିବା ଫଳରେ ଗର୍ଭସ୍ଥ ଶିଶୁର ମସ୍ତିଷ୍କର ବିକାଶ ବାଧାପ୍ରାପ୍ତ ହୁଏ ଏବଂ ଏହି ଶିଶୁର ଜାଗୃତି (Arousal) ଓ ଅଭିନିବେଶ (Attention) ପ୍ରକ୍ରିୟାକୁ କ୍ଷତିଗ୍ରସ୍ତ କରେ ।

ମାନସିକ କ୍ରିୟାକଳାପରେ ଜାଗୃତି ଓ ଅଭିନିବେଶ କିପରି ଭୂମିକା ନିଅନ୍ତି ସେ ସମ୍ପର୍କରେ ଏଠାରେ ସୂଚନା ଦିଆଯାଇପାରେ । କ୍ଷୁଦ୍ର ପ୍ରାଣୀଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସକଳ ଜୀବଜଗତ ଉଦ୍ୟମ କରନ୍ତି ପାରିପାର୍ଶ୍ୱିକ ଅବସ୍ଥା ସହିତ ସମନ୍ୱୟ ରକ୍ଷା କରିବାକୁ । ଗର୍ଭ ମଧ୍ୟରେ ଥିବା ଭ୍ରୁଣ ଶିଶୁ ଏବଂ ନବଜନ୍ମିତ ଶିଶୁମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ସମନ୍ୱୟର ଚେଷ୍ଟା ବା ବୁଦ୍ଧିଯୁକ୍ତ ସମସ୍ୟା ସମାଧାନ ପୂର୍ବରୁ ପ୍ରାଥମିକ ଆବଶ୍ୟକତା ହେଉଛି ଜାଗୃତି ଓ ଅଭିନିବେଶ । ଜାଗୃତି ଏକ ପ୍ରକାର ସକ୍ରିୟତା ଭାବ । ଆମେ ଶୋଇ ପଡ଼ିଥିବା ସମୟରେ ଜାଗୃତି ପୂରାପୂରି ଶୂନ୍ୟ ନ ହେଲେ ମଧ୍ୟ ଖୁବ୍ କମ ମାତ୍ରାରେ ଥାଏ । କଙ୍କଡ଼ା ବିଛାଟି କ୍ଷତିକାରକ ବୋଲି ଜାଣିଥିଲେ ମଧ୍ୟ ନିଦ୍ରିତ ଅବସ୍ଥାରେ ଆମ ଦେହକୁ ସ୍ପର୍ଶ ନ କରିବା ପର୍ଯ୍ୟନ୍ତ ଆମେ ସେଥିପ୍ରତି

Digitized by srujanika@gmail.com

ସୂତ୍ର ଭଣ୍ଡାର - ୧

ସନ୍ତାନସମ୍ଭବା ମହିଳାଙ୍କ ପାଇଁ ଜନ୍ମପୂର୍ବ ମାନସିକ ବିକାଶ :

୧. *ଜନ୍ମପରେ କେବଳ ଶିଶୁର ବିକାଶ ଆରମ୍ଭ ହୁଏ ନାହିଁ, ଜନ୍ମ ପୂର୍ବରୁ ଭ୍ରୂଣ ଅବସ୍ଥାରେ ମାତୃଗର୍ଭରେ ଶିଶୁର ବିକାଶ ଆରମ୍ଭ ହୁଏ ଏହାକୁ ମନେରଖନ୍ତୁ ।*

୨. *ଶିଶୁଟି ଭ୍ରୂଣ ଅବସ୍ଥାରେ ଥିବା ସମୟରେ ମା'ର କେତେକ ଅସ୍ୱାଭାବିକ ଆଚରଣ (ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ଓ ଅତ୍ୟଧିକ ମାନସିକ ପୀଡ଼ା ଇତ୍ୟାଦି) ଏବଂ ଅନ୍ୟ କେତେକ ଘଟଣା (ଦୀର୍ଘଦିନ ଧରି ଜ୍ୱରାକ୍ରାନ୍ତ ହେବା ଏବଂ ଦୁର୍ଘଟଣା ଗ୍ରସ୍ତ ହେବା ଇତ୍ୟାଦି) ଜନ୍ମପୂର୍ବ ବିକାଶକୁ କ୍ଷତିଗ୍ରସ୍ତ କରେ । ଏସବୁ ଠାରୁ ଦୂରରେ ରୁହନ୍ତୁ ।*

୩. *ମା'ର ଚଳପ୍ରଚଳ ଗର୍ଭସ୍ଥ ଶିଶୁର ଗତିଶୀଳତାକୁ ନିୟନ୍ତ୍ରଣ କରୁଥିବାରୁ ଏବଂ ମା'ର ଏପରି ସକ୍ରିୟତା ଭ୍ରୂଣର ଗତିଶୀଳତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଜନ୍ମ ପରବର୍ତ୍ତୀ ସକ୍ରିୟତାକୁ ବୃଦ୍ଧି କରୁଥିବାରୁ ସନ୍ତାନସମ୍ଭବା ନାରୀମାନେ ନିଷ୍କ୍ରିୟତା ତ୍ୟାଗ କରି ଅଧିକ ଚଳପ୍ରଚଳର ଅଭ୍ୟାସ କରନ୍ତୁ ।*

୪. *ମା'ର ଖାଦ୍ୟ ଏବଂ ମା' ପସନ୍ଦ କରୁଥିବା ସ୍ୱାଦ (ଖଟା, ରାଗ, ପିତା ବା ସେହିପରି କିଛି)ର ବାଛବିଚାର ଓ ଅନୁରକ୍ତି ଭ୍ରୂଣ ଅବସ୍ଥାରେ ଶିଶୁ ମଧ୍ୟ ଗ୍ରହଣ କରୁଥିବା ଦୃଷ୍ଟିରୁ ନିଜ ଖାଦ୍ୟ ଓ ରୁଚି ପ୍ରତି ସଚେତନ ରୁହନ୍ତୁ ।*

୫. *ଗର୍ଭସ୍ଥ ଭ୍ରୂଣ ମା'ର କଥା ଓ ମା'ର ଗୀତ ଗାଇବା ସମୟରେ ଅନୁରୂପ ଗତି ଦର୍ଶାଏ, ମା'ର କଥା ଓ ଗୀତର ଛନ୍ଦ ପ୍ରତି ଜନ୍ମପୂର୍ବ ଅନୁରକ୍ତି ପ୍ରାମାଣିକ ରୂପ ନେଇଛି । ସୁତରାଂ ଜନ୍ମପୂର୍ବରୁ ପିଲାପାଇଁ ସୁନ୍ଦର ଭିତ୍ତି ସୃଷ୍ଟି କରିବାକୁ ଚାହିଁଲେ ନିଜର କଥା, ନିଜର ସଂଗୀତ ଅଭିରୁଚି ପ୍ରତି ଧ୍ୟାନ ଦିଅନ୍ତୁ ।*

Digitized by srujanika@gmail.com

୬. ମନେରଖନ୍ତୁ ମାତୃସ୍ତନ୍ୟ ପାନକଲା ଭଳି ଆପାତଃ ସହଜ ଓ ସ୍ୱାଭାବିକ କ୍ରିୟା ମଧ୍ୟ ଶିଶୁ ଜନ୍ମ ପୂର୍ବରୁ ଶିକ୍ଷା କରିଥାଏ ।

ମା'ର ଭାବାବେଗ :

୭. ମା'ର ହୃଦ୍‌ସ୍ପନ୍ଦନର ଗତି ସହିତ ଜରାୟୁରେ ଥିବା ଭ୍ରୁଣ ଶିଶୁର ହୃଦ୍‌ସ୍ପନ୍ଦନ ସମ୍ପର୍କ ରକ୍ଷାକରେ । ମା'ର ହୃଦ୍‌ସ୍ପନ୍ଦନ ଗତି ଅଧିକ ହେଲେ ଭ୍ରୁଣଶିଶୁର ହୃଦ୍‌ସ୍ପନ୍ଦନ ଗତି ଅଧିକ ରହିବ ଏବଂ ପରବର୍ତ୍ତୀ ସମୟରେ ଏପରି ଶିଶୁର ନିଃଶ୍ୱାସ ଠିକ୍ ଭାବରେ କଳନା କରିବା କଷ୍ଟକର ହେବ । ସୁତରାଂ ଭାବାବେଗରେ ବଶବର୍ତ୍ତୀ ହୋଇ ହୃଦ୍‌ସ୍ପନ୍ଦନ ଅଯଥା ବଢ଼ାନ୍ତୁ ନାହିଁ ।

୮. ମା'ର ନିଦ୍ରା-ଜାଗରଣ (କେତେବେଳେ ଶୋଇବେ କେତେବେଳେ ଜାଗ୍ରତ ରହିବେ) ବିଶୃଙ୍ଖଳିତ ହେଲେ ଭ୍ରୁଣ ଶିଶୁର ମଧ୍ୟ ନିଦ୍ରା-ଜାଗରଣ ଚକ୍ର ବିଶୃଙ୍ଖଳିତ ରହେ । ଏପରି ଶିଶୁ ଜନ୍ମ ପରେ ପରେ ଅନ୍ତତଃ ଛଅମାସ ପର୍ଯ୍ୟନ୍ତ ବିଶୃଙ୍ଖଳ ନିଦ୍ରା ଜାଗରଣ (ଅସମୟରେ ଦିନବେଳେ ଅଧିକ ଶୋଇବା ଓ ରାତିରେ ଅଧିକ ଜାଗିବା) ଅଭ୍ୟାସ ଦର୍ଶାଏ । ଜାଗ୍ରତ ରହିବା ଓ ଶୋଇବା ସମୟ ନିର୍ବାଚନରେ ଶୃଙ୍ଖଳା ଦର୍ଶାନ୍ତୁ ।

ନିଶାଦ୍ରବ୍ୟ ସେବନ :

୯. ନିଶାଦ୍ରବ୍ୟ ସେବନ ସବୁ ସମୟରେ କ୍ଷତିକରିବ । ସନ୍ତାନ ସମ୍ଭବା ମହିଳାଙ୍କ ପାଇଁ ଏହା ଅଧିକ କ୍ଷତିକାରକ । ନିର୍ଦ୍ଦିଷ୍ଟ ନିଶାଦ୍ରବ୍ୟ ଉପରେ ନିର୍ଭର କରି କ୍ଷତିର ପ୍ରକୃତି ସ୍ଥିର ହୁଏ । ନିଶାଦ୍ରବ୍ୟଠାରୁ ଦୂରରେ ରୁହନ୍ତୁ ।

୧୦. ବହୁ କ୍ଷେତ୍ରରେ ସନ୍ତାନ ସମ୍ଭବ । ମହିଳାଙ୍କ ନିଶାଦ୍ରବ୍ୟ ସେବନ ଶରୀର ଜାଗରଣ (Arousal) ଏବଂ ଅଭିନିବେଶ (Attention) କୁ କ୍ଷତିଗ୍ରସ୍ତ କରେ । ଏ ଦୁଇଟି ଶିଶୁର ପରବର୍ତ୍ତୀ ଶିକ୍ଷାଦୀକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସନ୍ତାନସମ୍ଭବ । ମହିଳା ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ନିତାନ୍ତ ବାଞ୍ଛନୀୟ ।

Digitized by srujanika@gmail.com

ସଚେତନ ହୋଇ ନ ଥାଉ । କେବଳ ନିଦ୍ରିତ ଅବସ୍ଥାରେ କାହିଁକି ଅନ୍ୟ ଅବସ୍ଥାରେ ମଧ୍ୟ ବ୍ୟକ୍ତିର ମାନସିକ ବିକାଶ ଓ ବୃଦ୍ଧିକୁ ଚାହିଁ ଏପରି ଜାଗରଣ ଭାବ ଖୁବ୍ କମ ହୋଇପାରେ । କହିବା ଅନାବଶ୍ୟକ ଯେ ଜାଗୃତି ବା ଜାଗରଣର ସ୍ୱଳ୍ପତା ସମସ୍ୟା ସମାଧାନରେ ବାଧା ସୃଷ୍ଟି କରେ ।

ପୁନଶ୍ଚ କେବଳ ଜାଗୃତି ଯଥେଷ୍ଟ ନୁହେଁ । ଶିଶୁଟି ହୁଏତ ସକ୍ରିୟ ହୋଇ କେତେଗୁଡ଼ିଏ ମହିଳାଙ୍କ ଉପସ୍ଥିତି ଦେଖିପାରେ । ମାତ୍ର ନିଜର ଚାହିଦା ପୂରଣ ପାଇଁ ସେ ଠିକ୍ ଭାବରେ ଧ୍ୟାନଶୀଳ ହେବ ଯେ କେଉଁ ଜଣକ ତା'ର ଜନନୀ । ଏହାକୁ ଅନ୍ୟ ଭାବରେ ମଧ୍ୟ ପ୍ରକାଶ କରାଯାଇପାରେ । ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ଜୀବର ଚତୁଃ ପାର୍ଶ୍ୱରେ ଅସଂଖ୍ୟ ଉଦ୍ଦୀପକ ରହିଥାଏ । କିନ୍ତୁ ସମନ୍ୱୟ ରକ୍ଷା ଦୃଷ୍ଟିରୁ ସେ ସମସ୍ତ ଉଦ୍ଦୀପକ ମଧ୍ୟରୁ ସେ ସ୍ଥାନରେ ସେ ସମୟର ଉପଯୋଗୀ ଉଦ୍ଦୀପକଟି ପ୍ରତି ଅଭିନିବେଶ ଜାରି ରଖେ । ପରୀକ୍ଷାର୍ଥୀ ଜଣକ ପରୀକ୍ଷା ଗୃହରେ ଥିବାବେଳେ ହୁଏତ ବାହ୍ୟ ଶବ୍ଦ ଶୁଣୁଥାଇପାରେ । ଲୋକଙ୍କର ଯିବା ଆସିବା ଦେଖୁଥାଇପାରେ । ମାତ୍ର ଅଭିନିବେଶ ରହିଥାଏ ପ୍ରଶ୍ନପତ୍ର ଉତ୍ତର ପତ୍ର ଉପରେ । ଠିକ୍ ସେହିପରି ଶିଶୁଟି ମଧ୍ୟ ନିଜର ସମନ୍ୱୟ ରକ୍ଷା ପାଇଁ ଆବଶ୍ୟକ ପରିମାଣରେ ଜାଗୃତି ଓ ଅଭିନିବେଶ ପ୍ରକ୍ରିୟା ଦେଖାଇବା ଆବଶ୍ୟକ । ମାତ୍ର ସନ୍ତାନ ସମ୍ଭବା ମହିଳା କୋକେନ ପରି ନିଶାଦ୍ରବ୍ୟ ବ୍ୟବହାର କରିବା ଫଳରେ ଗର୍ଭସ୍ଥ ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୋଇ ଜାଗୃତି ଓ ଅଭିନିବେଶ ସାମର୍ଥ୍ୟ କ୍ଷତିଗ୍ରସ୍ତ ହୁଏ ।

ପୁଣି ଲକ୍ଷ୍ୟ କରିବାର କଥା ଯେ ଶିଶୁର ଶିକ୍ଷା ସାମର୍ଥ୍ୟ ବହୁ ପରିମାଣରେ ଏହି ଜାଗୃତି ଓ ଅଭିନିବେଶ ଉପରେ ନିର୍ଭର କରିଥାଏ । ଦୁଇଟି ଶିଶୁଙ୍କର ବୁଦ୍ଧିବୃତ୍ତି ସମାନ ହୋଇପାରେ । କିନ୍ତୁ ଗୋଟିଏ ଶିଶୁ ଠିକ୍ ଭାବରେ ଧ୍ୟାନଶୀଳ ହୋଇ ପାରୁଥିବା ବେଳେ ଅନ୍ୟ ଶିଶୁଟି ସେପରି ଧ୍ୟାନଶୀଳ ହୋଇ ପାରୁ ନଥିଲେ ଦ୍ୱିତୀୟ ଶିଶୁର ଶିକ୍ଷା ଦୀକ୍ଷା ନିଶ୍ଚୟ ବାଧାପ୍ରାପ୍ତ ହେବ । ଏ *ଦୃଷ୍ଟିରୁ କୁହାଯାଇପାରେ ଯେ ସମସ୍ୟାର ଜଟିଳତା ଯେତେ ବେଶି ହେବ ନିଶା ବ୍ୟବହାରୀ ମହିଳାଙ୍କ ଶିଶୁ ସମସ୍ୟା ସମାଧାନରେ ସେତିକି ଅଧିକ ଅକ୍ଷମତା ଦର୍ଶାଇବେ ।*

ନିଶାବ୍ୟବହାରୀ ମହିଳାମାନଙ୍କ ଶିଶୁମାନେ ଅଧିକ କ୍ରୋଧୀ ଏବଂ ଅଧିକ ଆଚରଣ ଗତ ସମସ୍ୟା ଦର୍ଶାଇବାର ପ୍ରମାଣ ମିଳିଛି । ଛୋଟ ଛୋଟ ଜୀବମାନଙ୍କ ଉପରେ ଶରୀର ଭିତ୍ତିକ ଓ ସ୍ନାୟୁ ତାତ୍ତ୍ୱିକ ଗବେଷଣାରୁ ଜଣାଯାଇଛି ଯେ ମସ୍ତିଷ୍କର ସ୍ନାୟୁସବୁ କେତେକ ରାସାୟନିକ ବସ୍ତୁ ଦ୍ୱାରା ଶରୀରର ବିଭିନ୍ନ ସ୍ଥାନକୁ ସୂଚନା ସଞ୍ଚାର (Transmission) କରନ୍ତି । ପୁଣି ସେସବୁ ସ୍ନାୟୁ ସଞ୍ଚାରକ (Neuro Transmitters) ସବୁର କାର୍ଯ୍ୟ ସରିଗଲେ ସେଗୁଡ଼ିକ ବହିଷ୍କାର କରିଦିଆଯାଏ । ଗବେଷଣାରୁ ଦେଖାଯାଇଛି ଯେ ଏସବୁକୁ ବହିଷ୍କାର କରୁଥିବା ବସ୍ତୁ ସବୁ ମା'ର କୋକେନ ବ୍ୟବହାର ଦ୍ୱାରା ନଷ୍ଟ ହୁଏ । ଫଳରେ ଅନାବଶ୍ୟକ ପରିମାଣରେ ସ୍ନାୟୁ ସଞ୍ଚାରକ ସବୁ ଭିଡ଼ ଜମାଇବା ଫଳରେ ମସ୍ତିଷ୍କର କାର୍ଯ୍ୟକଳାପରେ ବାଧା ଜନ୍ମେ । *ମୂଳତଃ ଯେଉଁ ମସ୍ତିଷ୍କ ପ୍ରକ୍ରିୟା ଫଳରେ ଗର୍ଭସ୍ଥ ଶିଶୁର ମାନସିକ ବିକାଶ ବ୍ୟାହତ ହେଉନା କାହିଁକି, ସନ୍ତାନ ସମ୍ଭବା ମହିଳାଙ୍କ ନିଶାସେବନ ଯେ କୁପରିଣତି ସୂଚକ ଏଥିରେ ସନ୍ଦେହ ନାହିଁ ।*

■

Digitized by srujanika@gmail.com

ମା'ର ସ୍ପର୍ଶ କୁହୁକ ସ୍ପର୍ଶ

ଜରାୟୁ ମଧ୍ୟରେ ଭ୍ରୁଣ ଶିଶୁଟିର ଯେଉଁ ଶିକ୍ଷା ଆରମ୍ଭ ହୁଏ ଜନ୍ମର ପରେ ପରେ ତାହାର ଅନ୍ୟ ଏକ ପର୍ଯ୍ୟାୟ ସୃଷ୍ଟି ହୁଏ । ଜନ୍ମର ଠିକ୍ ପରେ ପରେ ମା'ର କୋମଳ ସ୍ପର୍ଶ ଶିଶୁବିକାଶ ଦୃଷ୍ଟିରୁ କୁହୁକ ସ୍ପର୍ଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ନବଜାତ ଶିଶୁ ପାଇଁ ଜନ୍ମଦାତ୍ରୀର ସ୍ପର୍ଶ ଶିଶୁ ପାଇଁ କେବଳ ପ୍ରୟୋଜନ ନୁହେଁ, ଏହା ଅତ୍ୟାବଶ୍ୟକ । ମା'ର ସ୍ପର୍ଶ ଶିଶୁ ବିକାଶର କି କି ଦ୍ୱାର ଉନ୍ମୁକ୍ତ କରେ ସେ ସମ୍ପର୍କରେ ଆଧୁନିକ ମନୋବୈଜ୍ଞାନିକ ଗବେଷଣା ଯଥେଷ୍ଟ ତଥ୍ୟ ପ୍ରଦାନ କରିଛି ।

ନବଜାତ ଶିଶୁ ପାଇଁ ମା'ର ସ୍ପର୍ଶ ଅତ୍ୟାବଶ୍ୟକ କାହିଁକି ?

ମା ଓ ଶିଶୁ ମଧ୍ୟରେ ଥିବା ଅନୁରାଗ (attachment) ସର୍ବସ୍ୱୀକୃତ, କିନ୍ତୁ ଏହି ଅନୁରାଗ ଗଠନରେ ସ୍ପର୍ଶର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ଅନେକ ଜାଣନ୍ତିନାହିଁ । ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ଶିଶୁ ଜନନୀକୁ ଭଲପାଏ କାରଣ ମା ଶିଶୁର ଚାହିଦା ସବୁ ପୂରଣ କରନ୍ତି । ସେ ଶିଶୁର କ୍ଷୁଧା ବେଳେ ଖାଦ୍ୟ ଦିଅନ୍ତି । ଶିଶୁର ଶୋଷ ଜାଗିଲେ କ୍ଷୀର ଦିଅନ୍ତି । ଶୀତରୁ ରକ୍ଷା କରି ଉଷ୍ଣତା ଦିଅନ୍ତି ଏବଂ ଅଧିକ ଉତ୍ତାପ ବେଳେ ଶୀତଳତାର ବ୍ୟବସ୍ଥା କରନ୍ତି । କିନ୍ତୁ ଆଧୁନିକ ମନୋବିଜ୍ଞାନୀମାନେ ଲକ୍ଷ୍ୟକଲେ *ଯେ କେବଳ ମା'ର ଖାଦ୍ୟଦାତ୍ରୀର ଭୂମିକା ପାଇଁ ଶିଶୁ ମା'କୁ ଭଲ ପାଉନାହିଁ ; ଜନ୍ମର ପରେ ପରେ ସେ ମା'ଠାରୁ ଯେଉଁ ସ୍ପର୍ଶ ସୁଖ ପାଉଛି ତାହା ଅନୁରାଗର ଭିତ୍ତିଭୂମି ସ୍ଥାପନ କରୁଛି ।* ବିଶିଷ୍ଟ ମନୋବିଜ୍ଞାନୀ ହାର୍ଲୋଙ୍କର ଏକ ସୁନ୍ଦର ପରୀକ୍ଷା ଏ ଦିଗରେ ସ୍ପଷ୍ଟ ଚିତ୍ର ଯୋଗାଇଲା ।

ଗବେଷଣାଗାରର ନିୟନ୍ତ୍ରିତ ପରିବେଶ ମଧ୍ୟରେ ସମ୍ପାଦିତ ହାର୍ଲୋଙ୍କର ଏହି ପରୀକ୍ଷାଟିକୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇପାରିବ । ହାର୍ଲୋ ଏହି ପରୀକ୍ଷା ମାଙ୍କଡ଼ଛୁଆଙ୍କ ଉପରେ କରିଥିଲେ । ବେଶ୍ କିଛି ସଂଖ୍ୟକ ମାଙ୍କଡ଼ ଛୁଆ ଜନ୍ମ ହେବା ପରେ ହାର୍ଲୋ ସେମାନଙ୍କୁ ନେଇ ଦୁଇଟି ଦଳରେ ବିଭକ୍ତ କରି ଗବେଷଣାଗାରର ଦୁଇପାର୍ଶ୍ୱରେ ରଖିଲେ । ଗୃହର ଗୋଟିଏ ପାର୍ଶ୍ୱରେ ମୋଟା ତାର ସାହାଯ୍ୟରେ ଗୋଟିଏ ମା' ମାଙ୍କଡ଼ର ନମୁନା ତିଆରି କରି ସେଥିରେ ଗୋଟିଏ କ୍ଷୀର ବୋତଲ ଖଞ୍ଜିଦେଲେ । ବ୍ୟବସ୍ଥା ଏପରି କରାଯାଇଥିଲା ଯେ ଗୋଟିଏ ଦଳର ମାଙ୍କଡ଼ଛୁଆମାନେ ଭୋକ ହେଲେ ସହଜରେ ଏହି ତାର ମା' (Wire Mother) ଠାରୁ କ୍ଷୀର ପିଇପାରିବେ ।

କୋଠରୀର ଅନ୍ୟ ପାର୍ଶ୍ୱରେ ସେହିପରି ତାର ସାହାଯ୍ୟରେ ଗୋଟିଏ ମା'ମାଙ୍କଡ଼ ତିଆରି କରାଯାଇ ସେଥିରେ କନା ଓ ଲୁଗା ସବୁ ମଡ଼ାଇ ଦିଆଗଲା । ସେଥିରେ ମଧ୍ୟ କ୍ଷୀର ବୋତଲ ଖଞ୍ଜାଗଲା । ବ୍ୟବସ୍ଥା ଅନୁଯାୟୀ ଦ୍ୱିତୀୟ ଦଳର ମାଙ୍କଡ଼ଛୁଆ ଏହି କନାମା' (Cloth Mother) ଠାରୁ କ୍ଷୀର ପିଇପାରିବାର ସୁଯୋଗ ରହିଲା । କୋଠରୀର ଗୋଟିଏ ପାର୍ଶ୍ୱରେ ତା ମା' ଓ ପ୍ରଥମ ଦଳର ମାଙ୍କଡ଼ ଛୁଆ ରହିବା ସ୍ଥଳେ କୋଠରିର ଅନ୍ୟ ପାର୍ଶ୍ୱରେ କନା ମା' ଓ

Digitized by srujanika@gmail.com

ଦ୍ୱିତୀୟ ଦଳର ମାଙ୍କଡ଼ ଛୁଆମାନେ ରହିଲେ । କୋଠରୀର ମଧ୍ୟଭାଗରେ ଗୋଟିଏ ତାରବାଡ଼ ଦୁଇ ଦଳଙ୍କୁ ସାଧାରଣ ଭାବେ ପୃଥକ୍ ରଖିଥିଲେ ମଧ୍ୟ ବାଡ଼ଟିର ଅଳ୍ପଅଂଶ କଟାଯାଇ ଛୋଟ ରାସ୍ତାଟିଏ ରଖାଯାଇଥିଲା । ମୁଖ୍ୟତଃ ପ୍ରଥମ ଦଳର ମାଙ୍କଡ଼ଛୁଆ ଗୋଟିଏ ପାର୍ଶ୍ୱରେ ଏବଂ ଦ୍ୱିତୀୟ ଦଳର ମାଙ୍କଡ଼ଛୁଆ ଅନ୍ୟପାର୍ଶ୍ୱରେ ରହିଥିଲେ ମଧ୍ୟ ଗୋଟିଏ ପାଖରୁ ଅନ୍ୟ ପାଖକୁ ଯିବା ପାଇଁ ପୂରାପୂରି ବାଧା ନ ଥିଲା ।

ମନୋବିଜ୍ଞାନୀ ଜଣକ ପ୍ରତି ମାଙ୍କଡ଼ଛୁଆ ପିଠିରେ ଗୋଟିଏ ଗୋଟିଏ ସଂଖ୍ୟା ଅଙ୍କନ କରିଥିଲେ । ଏତଦ୍‌ବ୍ୟତୀତ ଗୃହରେ କ୍ୟାମେରା ଖଞ୍ଜା ଯାଇଥିଲା । ସୁତରାଂ କେଉଁ ମାଙ୍କଡ଼ଛୁଆ କେଉଁଠାରେ କେତେ ସମୟ ବିତାଉଛି ତାହା ନିର୍ଭୁଲ ଭାବେ ଜାଣିବା ସମ୍ଭବପର ଥିଲା । କୋଠରୀଟିର ତାପମାତ୍ରା ନିୟନ୍ତ୍ରିତ ଓ ପରିମିତ ପରିମାଣର ଥିଲା ।

ଆଶା କରାଯାଉଥିଲା ଯେ, ତାର ମା'ଠାରୁ କ୍ଷୀର ଖାଉଥିବା ମାଙ୍କଡ଼ ଛୁଆମାନେ ତାର ମା' ପାଖରେ ବେଶି ସମୟ କାଟିବେ । ସେହିପାରି କନା ମା'ଠାରୁ କ୍ଷୀର ଖାଉଥିବା ଛୁଆମାନେ କନା ମା' ପାଖରେ ବେଶି ସମୟ ରହିବେ । କ୍ଷୁଧା ପରି ଏକ ବଡ଼ ଚାହିଦା ଯେଉଁଠାରେ ପୂରଣ ହେଉଛି ସେଠାରେ ସମ୍ପର୍କ ଘନୀଭୂତ ହେବ । ମାତ୍ର କୌତୂହଳର ବିଷୟ ଯେ, ଖାଇବା ସମୟରେ କନାମା'ର ଛୁଆ କନାମା' ପାଖରେ ଏବଂ ତାର ମାର ଛୁଆ ତାର ମା' ପାଖରେ ରହିଲେ ମଧ୍ୟ ସବୁଛୁଆମାନେ କନାମା' ପାଖରେ ଅଧିକାଂଶ ସମୟ କାଟୁଛନ୍ତି । କନାମା'ର ଦେହକୁ ସ୍ପର୍ଶ କରିବା, ତା ପାଖେ

Digitized by srujanika@gmail.com

ପାଖେ ବେଶୀ ସମୟ ରହିବା, ସେଠାରେ ଶୋଇବା ଏବଂ ବେଳେବେଳେ କନାମା'କୁ ଜାବୋଡ଼ି ଧରିବାର ଦୃଶ୍ୟ ଦେଖାଯାଇଛି । ଲୁଗା ଓ କନା ସ୍ପର୍ଶ ପାଇଁ ଅଧିକ ଉପଯୋଗୀ । ଏହି ଉପଯୋଗୀ ପରିବେଶ ପାଇଁ ସବୁ ମାଙ୍କଡ଼ଛୁଆଙ୍କ କନାମା' ପ୍ରତି ଅନୁରକ୍ତି ଦର୍ଶାଇବାର ପ୍ରମାଣ ମିଳିଲା ।

ମୂଳତଃ ପରୀକ୍ଷାଟି ସ୍ପଷ୍ଟ ଭାବେ ପ୍ରମାଣ କଲା ଯେ, ଜନ୍ମର ପରେ ପରେ କୋମଳ ସ୍ପର୍ଶ ଏକ ନିଛକ ମାନସିକ ଆବଶ୍ୟକତା । ଏହି ଆବଶ୍ୟକତା ପରିପୂରଣରେ ଯାହା ସହାୟକ ହୁଏ ତା' ପ୍ରତି ଅନୁରାଗ ସୃଷ୍ଟି ହେବା ମଧ୍ୟ ସ୍ୱାଭାବିକ । ସାଧାରଣ ପରିସ୍ଥିତିରେ ନବଜାତ ଶିଶୁ କ୍ଷେତ୍ରରେ ଶିଶୁର ଜନନୀ ଶିଶୁକୁ କୋମଳ ସ୍ପର୍ଶର ସୁଯୋଗ ଦେଉଥିବାରୁ ସେଠାରେ ଅନୁରାଗ ଦୃଢ଼ ହୁଏ । ଏହି ଅନୁରାଗ ଅନ୍ୟ କେତେକ ବିକାଶକୁ ତ୍ୱରାନ୍ୱିତ କରେ ।

ମା'ର ସ୍ପର୍ଶ ଓ ଅନ୍ତର୍ମୁଦ୍ରଣ

ନବଜାତ ଶିଶୁ ପାଇଁ ମା'ର ସ୍ପର୍ଶ ଅତ୍ୟାବଶ୍ୟକ ଥିଲାବେଳେ ମନରେ ପ୍ରଶ୍ନ ଉଠିପାରେ 'କାହିଁକି ?' ମା'ର ସ୍ପର୍ଶ ଶିଶୁ କାହିଁକି ଲୋଡ଼େ ? ନିଜର ଜନ୍ମଦାତ୍ରୀ ପରିବର୍ତ୍ତେ ଅନ୍ୟ କୌଣସି ନାରୀ କିମ୍ବା ପୁରୁଷର ସ୍ପର୍ଶ ଶିଶୁର ମାନସିକ ବିକାଶକୁ ସମପରିମାଣରେ ତ୍ୱରାନ୍ୱିତ କରିପାରିବ କି ?

ମା'ର ସ୍ପର୍ଶଲାଭ ପାଇଁ ନବଜାତ ଶିଶୁର ବ୍ୟାକୁଳତା ଏକ ଅନ୍ତର୍ମୁଦ୍ରିତ ବ୍ୟବହାର (Imprinting) । ପ୍ରଥମେ ଅନ୍ତର୍ମୁଦ୍ରଣ ସମ୍ପର୍କରେ ସୂଚନା ଆବଶ୍ୟକ । ଅନ୍ତର୍ମୁଦ୍ରଣ ସହଜାତ ପ୍ରବୃତ୍ତି (Instinct) ନୁହେଁ । ପୂର୍ବେ ସହଜାତ ପ୍ରବୃତ୍ତି ଶବ୍ଦର ବହୁଳ ପ୍ରଚଳନ ଥିଲା । ଏପରି କି ଊନବିଂଶ ଶତକର ଶେଷଭାଗ ଓ ବିଂଶ ଶତକର ଆରମ୍ଭ ବେଳକୁ କେତେକ ମନୋବିଜ୍ଞାନୀ ସହଜାତ ପ୍ରବୃତ୍ତି ଶବ୍ଦର ମାତ୍ରାଧିକ ବ୍ୟବହାର କରୁଥିଲେ । ଲୋକଟି ହସିଲେ ଏହା ତାହାର ହସିବା ପ୍ରବୃତ୍ତି ଏବଂ କାନ୍ଦିଲେ ଏହା ତାହାର କାନ୍ଦିବା ପ୍ରବୃତ୍ତି ବୋଲି କୁହାଯାଉଥିଲା । ପ୍ରତିଟି ବ୍ୟବହାର ମୂଳରେ ଗୋଟିଏ ଗୋଟିଏ ସହଜାତ ପ୍ରବୃତ୍ତି ଅଛି ବୋଲି କେତେକ ବିଶ୍ୱାସ କରୁଥିଲେ । ମାତ୍ର ଆଧୁନିକ ଯୁଗରେ ଉନ୍ନତ ଗବେଷଣା ଆରମ୍ଭ ହେବାପରେ ସହଜାତ ପ୍ରବୃତ୍ତି ଶବ୍ଦଟିକୁ ଖୁବ୍ ସୀମିତ ଭାବରେ ବ୍ୟବହାର କରାଯାଏ । ମନୋବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଆମର ଅଧିକାଂଶ ବ୍ୟବହାର ଶିକ୍ଷାକୃତ (Learned) ଶିକ୍ଷା ଓ ତାଲିମ ଦ୍ୱାରା ଅଧିକାଂଶ ବ୍ୟବହାର ଗଠିତ ହୁଏ । ମାତ୍ର ଶିକ୍ଷା ଓ ତାଲିମ ଉପରେ ନିର୍ଭର କରୁ ନଥିବା ଗୋଟିଏ ପ୍ରାଣୀମଧ୍ୟରେ ସମାନଭାବରେ ଦେଖାଯାଉଥିବା ବ୍ୟବହାର କେବଳ ପ୍ରବୃତ୍ତି । ଏ ଦୃଷ୍ଟିରୁ ବର୍ତ୍ତମାନ କୁହାଯାଇପାରେ ଯେ ସହଜାତ ପ୍ରବୃତ୍ତିର ସଂଖ୍ୟା ଖୁବ୍ କମ୍ । ପ୍ରାଣୀର ଅଧିକାଂଶ ବ୍ୟବହାର ଶିକ୍ଷାକୃତ ।

ମାତ୍ର ଅନ୍ତର୍ମୁଦ୍ରଣ ଏକ ସ୍ୱତନ୍ତ୍ର ପ୍ରକ୍ରିୟା । ଏହା ପ୍ରବୃତ୍ତି ନୁହେଁ । ଏହାକୁ ଏକ ପୂର୍ବପରିକଳ୍ପିତ ମାନସିକ ଯୋଜନା (Mental Preprogramming) ବୋଲି କୁହାଯାଇପାରେ । ଏପରି ଅନ୍ତର୍ମୁଦ୍ରଣ ପ୍ରଥମେ ଜର୍ମାନ ଆଚାରବିଜ୍ଞାନୀ (Ethologist) କୋନ୍‌ରାଡ଼ ଲୋରେଂଜ ଲକ୍ଷ୍ୟ କଲେ । ନିଜର ପର୍ଯ୍ୟବେକ୍ଷଣ ଏବଂ ଅନ୍ୟ ଦୁଇଜଣ ଆଚାର

Digitized by srujanika@gmail.com

ବିଜ୍ଞାନୀଙ୍କ ସମଜାତୀୟ ଦିଗ୍‌ଦର୍ଶନ ପାଇଁ ସେମାନଙ୍କୁ ୧୯୭୩ ମସିହାରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା । ଲୋରେଂଜ, ଫ୍ରିସ୍ଚ ଏବଂ ଟିନ୍‌ବରଜେନ୍ ଏପରି ସମ୍ମାନ ଲାଭ କରିଥିଲେ । ଲୋରେଂଜଙ୍କ ପର୍ଯ୍ୟବେକ୍ଷଣ ବର୍ତ୍ତମାନର ଆଲୋଚନା ପାଇଁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଲୋରେଂଜ ପ୍ରଥମେ ଲକ୍ଷ୍ୟକଲେ ଯେ ମେଷ ଓ ଗୋପାଳନ କରୁଥିବା ବାଳକ ପ୍ରତି ଗାଈଗୋରୁ ଓ ମେଣ୍ଢାଛୁଆମାନେ ଖୁବ୍ ବେଶି ଆନୁଗତ୍ୟ ଦର୍ଶାଉଛନ୍ତି । ଗୋପାଳକ ପିଲାର ପଛେ ପଛେ ଯିବା, ତା'ର ଅନୁପସ୍ଥିତିରେ ଅସ୍ଥିରତା ଦର୍ଶାଇବା ଇତ୍ୟାଦିର ଭାବ ପ୍ରକାଶ ପାଉଛି । ବେଳେ ବେଳେ ବାଛୁରୀ ଏବଂ ମେଣ୍ଢାଛୁଆ ମାନେ ନିଜର ମା'କୁ ଅନୁସରଣ ନ କରି ଯତ୍ନକାରୀ ବାଳକର ଅନୁଧାବନ କରୁଛନ୍ତି ।

ଲୋରେଂଜ ଆହୁରି ସୂକ୍ଷ୍ମଭାବରେ ଲକ୍ଷ୍ୟକରି ଦେଖିଲେ ଯେ କୁକୁଡ଼ାଛୁଆମାନେ ଜନ୍ମର ପରେ ନିଜ ମା'ର ଚାରିପାଖେ ଘୂରିବୁଲିବା ଆରମ୍ଭ କରିଦେଉଛନ୍ତି । ଏଥିପାଇଁ କୌଣସି ଶିକ୍ଷା ବା ତାଲିମର ଆବଶ୍ୟକତା ରହୁନାହିଁ । ଲୋରେଂଜ ଅନୁଭବ କଲେ ଯେ କୁକୁଡ଼ାଛୁଆମାନଙ୍କର ଅନୁଧାବନ ପ୍ରବଣତା ପୂର୍ବ ସଂଯୋଜିତ । ଏହା ନିଶ୍ଚିତ ଭାବରେ ରୂପ ନେବ । ନିଜ ଅନୁମାନର ପ୍ରମାଣ ପାଇଁ ସେ ଗୋଟିଏ ପରୀକ୍ଷା କଲେ । କୁକୁଡ଼ାଛୁଆମାନଙ୍କ ଜନ୍ମର ପରେ ପରେ ସେମାନଙ୍କୁ ସେମାନଙ୍କର ମା'ଠାରୁ ଦୂରେଇ ନିଆଗଲା । ଖେଳନା ରେଳଗାଡ଼ି ଚାଲୁଥିବା

Digitized by srujanika@gmail.com

ଖେଳନା ରେଳପଥଟି ଉପରେ ଗୋଟିଏ କାଠଦଣ୍ଡକୁ ଗତିଶୀଳ (ବ୍ୟାଟେରୀ ସାହାଯ୍ୟରେ) କରାଯାଇ ସେଇ ଦଣ୍ଡଟି ଉପରେ କାର୍ଡ଼ବୋର୍ଡ଼ଟିଏ ଲଗାଇଦେଲେ । କାଗଜ ଓ କାଠର ଏହି ଖେଳନା ବସ୍ତୁଟି ସେହି ପଥରେ ଗତି କରୁଥିଲା ଏବଂ କୁକୁଡ଼ାର ଶବ୍ଦ କରିପାରିବାର ବ୍ୟବସ୍ଥା ଥିଲା । କୁକୁଡ଼ାଛୁଆମାନଙ୍କୁ ଏହି ଗତିଶୀଳ ଖେଳନା ପଛରେ ଛାଡ଼ିଦିଆଗଲା । ଖେଳନାଟି ବୃତ୍ତାକାରରେ ଗତି କରୁଥିଲା ଏବଂ ଏହାର ପଛେ ପଛେ କୁକୁଡ଼ାଛୁଆମାନେ ଅନୁଧାବନ କରୁଥିଲେ । ଏହିପରି କିଛିଘଣ୍ଟା ଚାଲିବା ପରେ ଲୋରେଂଜ କୁକୁଡ଼ାଛୁଆଙ୍କ ପାଖରେ ମା' କୁକୁଡ଼ାଟିକୁ ଛାଡ଼ିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଯେ କୁକୁଡ଼ାଛୁଆମାନେ ମା' କୁକୁଡ଼ାକୁ ଅନୁସରଣ ନ କରି ଖେଳନାଟିର ପଛେ ପଛେ ଚାଲିଲେ । ଲୋରେଂଜ ଆଉ ମଧ୍ୟ ଲକ୍ଷ୍ୟ କଲେ ଯେ ଖେଳନାର ରୂପ ବା ଆକୃତି ସହିତ ଅନୁସରଣର କୌଣସି ସମ୍ପର୍କ ନାହିଁ । *କେବଳ ଜନ୍ମର ପରେ ପରେ ଏକ ନିର୍ଦ୍ଦିଷ୍ଟ ସମୟର ପରିସର ମଧ୍ୟରେ ଏ ବସ୍ତୁଟି କୁକୁଡ଼ା ଛୁଆମାନଙ୍କ ଦୃଷ୍ଟିକୁ ଆସିବା ଦରକାର ।*

ଏହାହିଁ ଅନ୍ତଃମୁଦ୍ରଣ, ଅନୁଧାବନ ପ୍ରବଣତା କୁକୁଡ଼ାଛୁଆମାନଙ୍କ ପାଇଁ ଏକ ଅନ୍ତର୍ମୁଦ୍ରିତ ବ୍ୟବହାର । ଏହା ନିଶ୍ଚିତ ଭାବରେ ଘଟିବ । ଏକ ନିର୍ଦ୍ଦିଷ୍ଟ ସମୟର ପରିସର ମଧ୍ୟରେ ଯାହା ଦୃଷ୍ଟିଗୋଚର ହେବ ତା' ପଛରେ ଏମାନେ ଅନୁଧାବନ କରିବେ । ପୁନଶ୍ଚ ଲୋରେଂଜ ବାହାରକଲେ ଯେ ଜନ୍ମର ଷୋହଳଘଣ୍ଟା ମଧ୍ୟରେ ଏପରି ଆକର୍ଷଣ ରୂପ ନିଏ । ଏହାର ତାତ୍ପର୍ଯ୍ୟ ହେଉଛି ଏହି ଷୋହଳଘଣ୍ଟା ମଧ୍ୟରେ ବିଦ୍ୟୁତ୍‌ଶକ୍ତି ରଖିଲେ ମଧ୍ୟ କୁକୁଡ଼ାଛୁଆ ସେ ଦିଗରେ ଆଗେଇଯିବ । ଏହି ଷୋହଳଘଣ୍ଟା ମଧ୍ୟରେ କୁକୁଡ଼ାଛୁଆର ନିଜ ମା' ଦୃଷ୍ଟିକୁ ନ ଆସି ଅନ୍ୟ କେହି ବା ଅନ୍ୟକୌଣସି ବସ୍ତୁ ଆସିଲେ ତାହାପ୍ରତି ଆକର୍ଷଣ ରହିବ । ଅନ୍ୟପକ୍ଷରେ ଷୋହଳଘଣ୍ଟା ପରେ ଆକର୍ଷଣ କମିବାକୁ ଆରମ୍ଭ କରି ବିକର୍ଷଣଭାବ ଆସିବ । ସତରଘଣ୍ଟାରୁ ବତିଶଘଣ୍ଟା ମଧ୍ୟରେ ଖାଦ୍ୟ ଦେଖାଇଲେ ମଧ୍ୟ କୁକୁଡ଼ାଛୁଆ ଦୂରକୁ ପଳାଇବ । ଜନ୍ମର ଷୋହଳଘଣ୍ଟା ମଧ୍ୟରେ ନିଜର ମା'କୁ ଦେଖି ନ ଥିବା କୁକୁଡ଼ାଛୁଆମାନେ ଷୋହଳଘଣ୍ଟା ଅତିକ୍ରମ କଲାପରେ ମା'କୁ ଦେଖି ଭୟଭୀତ ହେଲେ ।

ମୋଟଉପରେ ଲୋରେଂଜ ପ୍ରମାଣ କଲେ ଯେ କେତେକ କ୍ରିୟାକଳାପ ଓ ବ୍ୟବହାର ପାଇଁ ଏକ ସମ୍ବେଦୀକାଳ (Sensitive Period) ଅଛି । ଏହି ସମୟ ମଧ୍ୟରେ କୌଣସି ଶିକ୍ଷା ବା ତାଲିମର ବ୍ୟବସ୍ଥା ନ କଲେ ମଧ୍ୟ କେବଳ ଉଦ୍ଦୀପକଟି (Stimulus) ଆସିବା ମାତ୍ରେ ପ୍ରତିକ୍ରିୟା ସୃଷ୍ଟିହେବ । କୁକୁଡ଼ାଛୁଆମାନଙ୍କ ଅନୁରକ୍ତି ଓ ଅନୁଧାବନ ପାଇଁ ଏହାର ଜନ୍ମରୁ ଆରମ୍ଭକରି ଷୋହଳଘଣ୍ଟା ଏବଂ ବିକର୍ଷଣ ପାଇଁ ସତରରୁ ବତିଶ ଘଣ୍ଟା ହେଉଛି ସମ୍ବେଦୀକାଳ । ଲୋରେଂଜ ଅନ୍ୟ କେତୋଟି ବ୍ୟବହାର ପାଇଁ ମଧ୍ୟ ସମ୍ବେଦୀକାଳ ସୂଚାଇଥିଲେ ।

ନବଜାତ ଶିଶୁ ପାଇଁ ମା'ସ୍ପର୍ଶର ଗୁରୁତ୍ୱ ସୂଚାଇଲାବେଳେ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟଟି ହେଉଛି ଜନ୍ମର ପରେପରେ ଶିଶୁ ଜାବୋଡ଼ିଧରିବାର ଅନ୍ତଃମୁଦ୍ରିତ ବ୍ୟବହାର ଦର୍ଶାଏ । *ସ୍ୱାଭାବିକ ଅବସ୍ଥାରେ ମା'ଠାରୁ ସେ ଏପରି କୋମଳ ସଂସର୍ଗ ପାଉଥିବାରୁ ସେଠାରେ ଅନୁରାଗ ଘନୀଭୂତ ହୁଏ । ମା'ସ୍ଥାନରେ ଅନ୍ୟର କୋମଳ ସ୍ପର୍ଶ ମଧ୍ୟ କାର୍ଯ୍ୟ କରିବ ।*

Digitized by srujanika@gmail.com

କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଉପାଦାନଟି ହେଉଛି ସମୟ । ସ୍ପର୍ଶର ଅନୁଭବ ଜନ୍ମ ସମୟ ଠାରୁ ଯେତେ ଦୂରେଇଯିବ ସ୍ପର୍ଶର ଉପଯୋଗୀ ପ୍ରଭାବ ସେତିକି କମିଯିବ ।

ଅନ୍ତର୍ମୁଦ୍ରଣ ଓ ଶିଶୁର ସାମାଜିକ-ଆବେଗିକ ବିକାଶ

ପୂର୍ବରୁ କୁହାଯାଇଛି ଯେ, ନବଜାତ ଶିଶୁ କେତେକ ସମ୍ଭାବନା ନେଇ ଜନ୍ମଲାଭ କରିଥାଏ । କେତେକ ବ୍ୟବହାର ପୂର୍ବ ପରକଳ୍ପିତ(Preprogrammed) ଶିକ୍ଷା ବା ତାଲିମ ଦିଆ ନ ଗଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟସୀମା(ସମ୍ବେଦୀକାଳ) ମଧ୍ୟରେ ଏପରି ବ୍ୟବହାର ପ୍ରକାଶ ରୂପ ନିଏ । ଆଧୁନିକ ମନୋବୈଜ୍ଞାନିକ ପରିଭାଷାରେ ଏ ସବୁକୁ ଅନ୍ତର୍ମୁଦ୍ରଣ (Imprinting) କୁହାଯାଏ । ମା'ର ସ୍ପର୍ଶ ପାଇଁ ବ୍ୟାକୁଳତା ଦର୍ଶାଇବା, ମା'ର ଅନୁସରଣ (ଅନ୍ତତଃ ଦୃଷ୍ଟି ମାଧ୍ୟମରେ) କେତେକ ଅନ୍ତର୍ମୁଦ୍ରିତ ବ୍ୟବହାର ।

ଜନ୍ମର ଠିକ୍ ପରେ ପରେ କିଛି ଦୃଷ୍ଟି ଆକର୍ଷଣ ବସ୍ତୁପ୍ରତି ଶିଶୁଟି ଅନୁରକ୍ତି ପ୍ରକାଶ କରିବ କି ନାହିଁ ତାହା ଗବେଷଣାର ସାମଗ୍ରୀ ହୋଇପାରେ । ଏ କ୍ଷେତ୍ରରେ ଶିଶୁର ଅନ୍ତର୍ମୁଦ୍ରିତ ଅନୁରକ୍ତି ଅନୁଧାବନ ମାଧ୍ୟମରେ ପ୍ରକାଶ ନ ପାଇଲେ ମଧ୍ୟ ଅନ୍ୟ କେତେକ ବ୍ୟବହାରରୁ ଜଣାପଡ଼ିପାରେ । ବସ୍ତୁଟି ଗତି ଆରମ୍ଭ କଲା ମାତ୍ରେ ଶିଶୁର ଦୃଷ୍ଟି ତାକୁ ଅନୁସରଣ କରିପାରେ । ଏ ସମସ୍ତ ପ୍ରତିକ୍ରିୟାର ସମ୍ଭାବନାକୁ ବିଚାରକୁ ନେଇ ମନୋବିଜ୍ଞାନୀ ସଲ୍କ ଦର୍ଶାଇଛନ୍ତି ଯେ, *ଗର୍ଭସ୍ଥିତ ଶିଶୁ ତା'ର ଜନନୀର ହୃଦ୍‌ସ୍ପନ୍ଦନ ପ୍ରତି ଅନୁରକ୍ତି ଦର୍ଶାଇଥାଏ ।* ଶିଶୁ ଜନ୍ମଲାଭର ଚାରିଦିନ ମଧ୍ୟରେ କୃତିମ ହୃଦ୍‌ସ୍ପନ୍ଦନ ର ଆୟୋଜନ କରି ସେ ଲକ୍ଷ୍ୟକଲେ ଯେ, ଏପରି ଶବ୍ଦ ଶୁଣୁ ନ ଥିବା ଶିଶୁମାନଙ୍କ ତୁଳନାରେ ହୃଦ୍‌ସ୍ପନ୍ଦନ (କୃତ୍ରିମ) ଶୁଣୁଥିବା ଶିଶୁମାନଙ୍କର ଓଜନ ଅଧିକ ବୃଦ୍ଧିପାଉଛି । ଅନ୍ତର୍ମୁଦ୍ରିତ ବ୍ୟବହାରର ପରିପ୍ରକାଶ ଫଳରେ ମାନସିକ ସ୍ଥିରତା ବୃଦ୍ଧିପାଉଥିବାରୁ ଓଜନବୃଦ୍ଧି ଯୁକ୍ତିଯୁକ୍ତ ମନେହୁଏ । ଶିଶୁମାନଙ୍କର ଓଜନବୃଦ୍ଧିକୁ ଅନ୍ତର୍ମୁଦ୍ରିତ ବ୍ୟବହାର ପରିପ୍ରକାଶର ଏକ ସୂଚକ ରୂପେ ଗ୍ରହଣ କରାଯାଇପାରେ ।

ଦୁଇଜଣ ପ୍ରଖ୍ୟାତ ମନୋବିଜ୍ଞାନୀ ସ୍ପିଜ୍ ଓ ଓଲ୍‌ଫ ସ୍ମିତହସକୁ ଶିଶୁର ଏକ ଅନ୍ତର୍ମୁଦ୍ରିତ ବ୍ୟବହାର ରୂପେ ବିଶ୍ଳେଷଣ କରିଛନ୍ତି । ସେମାନେ କେତେକ ଅନାଥାଶ୍ରମ ପର୍ଯ୍ୟବେକ୍ଷଣ କରି ଦେଖିଲେ ଯେ ଦୁଇମାସରୁ କମ ବୟସର କୌଣସି ଶିଶୁ ସ୍ମିତହାସ ଦେଖାଉ ନାହାନ୍ତି । ଛ'ମାସ ବେଳକୁ କେବଳ ପରିଚିତ ବ୍ୟକ୍ତିଙ୍କ ପ୍ରତି ସ୍ମିତହସ ଦର୍ଶାଇଛନ୍ତି । *ଏହାର ତାତ୍ପର୍ଯ୍ୟ ହେଉଛି ଯେ ସ୍ମିତହସ ପରି ଏକ ସମାଜୀକରଣ ପ୍ରକ୍ରୀୟାର ସମ୍ବେଦୀକାଳ* **(Critical Period)** *ରହିଛି । ଯଦି ଏହି ସମୟ ସୀମା ମଧ୍ୟରେ ଶିଶୁ ମୁଖରେ ସ୍ମିତହସ ଆଣିବାର ସୁଯୋଗ ନ ପାଏ ତେବେ ବେଶି ବୟସରେ କେବଳ ସ୍ମିତହସ ଫୁଟାଇବା କଷ୍ଟକର ହୁଏନାହିଁ; ସାମାଜିକ ଅନୁଭୂତି ସୃଷ୍ଟି ମଧ୍ୟ ବ୍ୟାହତ ହୁଏ ।*

ବଲବୀଙ୍କ ପରି ବିଶିଷ୍ଟ ଶିଶୁବିଜ୍ଞାନୀ ସାମାଜିକ ବନ୍ଧନ ସୃଷ୍ଟିରେ ସ୍ମିତହସ ପରି ସାମାଜିକ ବିଭବର ଗୁରୁତ୍ୱ ଦର୍ଶାଇଛନ୍ତି । ତାଙ୍କ ମତରେ ଏକ ନିର୍ଦ୍ଦିଷ୍ଟ ସମୟରେଖା ମଧ୍ୟରେ ଏପରି

Digitized by srujanika@gmail.com

ସୂତ୍ର ଭଣ୍ଡାର -୨

ଶିଶୁଜନ୍ମର ଠିକ୍ ପରେ ପରେ ମା'ମାନେ କ'ଣ କରିବେ ?

୧. *ଶିଶୁ ଓ ଜନନୀ ମଧ୍ୟରେ ସୃଷ୍ଟିହେଉଥିବା ଅନୁରାଗ ମା'ର ଖାଦ୍ୟଦାତ୍ରୀର ଭୂମିକା ଉପରେ ପ୍ରତିଷ୍ଠିତ ନୁହେଁ । ମା'ର ସ୍ପର୍ଶ ଶିଶୁ ପାଇଁ ଏକ ମୌଳିକ ମାନସିକ ଆବଶ୍ୟକତା, ସୁତରାଂ ନବଜନ୍ମିତ ଶିଶୁକୁ ଗଭୀର ସ୍ପର୍ଶର ଅନୁଭବ ଦିଅନ୍ତୁ ।*

୨. *ସ୍ତନ୍ୟପାନ ସମୟରେ ଶିଶୁକୁ ଜାବୋଡ଼ିଧରି ସ୍ପର୍ଶର ଅନୁଭୂତି ଅଧିକ ଗଭୀର କରିବେ ।*

୩. *ମା' ସ୍ପର୍ଶର ଉପଯୋଗିତା ପାଇଁ ଏହି ସ୍ପର୍ଶ ଜନ୍ମର ପରେ ପରେ ଓ ଶୈଶବର ଆଦ୍ୟକାଳରୁ ଯୋଗାଇଦେବା ଉଚିତ । ସମୟର ବ୍ୟବଧାନ ଯେତେ ବେଶି ବୃଦ୍ଧି ପାଇବ, ସ୍ପର୍ଶର ସୁପ୍ରଭାବ ସେତିକି କମିଯିବ ।*

୪. *ସ୍ବାଭାବିକ ପ୍ରକ୍ରିୟାରେ ମା'ର ସ୍ପର୍ଶ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ମା'ର ଅବର୍ତ୍ତମାନରେ ଅନ୍ୟର କୋମଳ ସ୍ପର୍ଶ ମଧ୍ୟ ସହାୟକ ହେଇଥାଏ ।*

୫. *ଅନ୍ତର୍ମୁଦ୍ରଣର ଏକ ବିଶେଷ ତାତ୍ପର୍ଯ୍ୟ ହେଉଛି କେତେକ ବିକାଶ ଅଳ୍ପବୟସରେ ଅତି ସହଜ ଭାବରେ (ଯଥା : ସ୍ମିତହସ) ହେଇଥାଏ । ଶିଶୁର କେତେକ ବାଞ୍ଛନୀୟ ସାମାଜିକ ବ୍ୟବହାର (ଯଥା- ସ୍ମିତହସ) ମା'ର ସଂସର୍ଗ ତଥା ମା'ର ଦୃଷ୍ଟି ବିନିମୟ ଉପରେ ନିର୍ଭରଶୀଳ ହେଇଥିବାରୁ ଶିଶୁକୁ ଯଥେଷ୍ଟ ସଂସର୍ଗ ଦିଅନ୍ତୁ ତା ଆଡ଼େ ଚାହାନ୍ତୁ ।*

୬. *କୌଣସି କାରଣରୁ ଶିଶୁକୁ ଏପରି ସୁଯୋଗ ଦେବାରୁ ପିତାମାତା ବଞ୍ଚିତ ହେଉଥିଲେ ଅନ୍ୟ ଯତ୍ନପ୍ରଦାନକାରୀ ବ୍ୟକ୍ତି ଏପରି କରି ଶିଶୁର ସାମାଜିକ–ଆବେଗିକ ବିକାଶରେ ସାହାଯ୍ୟ କରିପାରିବେ ।*

Digitized by srujanika@gmail.com

ସାମାଜିକ ବ୍ୟବହାରର ବିକାଶ ହେବା ଉଚିତ । ଅବଶ୍ୟ ଏ ସବୁ କେବଳ ନବଜାତ ଶିଶୁର ଦର୍ଶନେନ୍ଦ୍ରିୟ ଅନୁଭୂତ ଘଟଣାବଳୀ ମଧ୍ୟରେ ସୀମିତ ନୁହେଁ । ଶ୍ରବଣେନ୍ଦ୍ରିୟ ଓ ସ୍ପର୍ଶେନ୍ଦ୍ରିୟ ଜଡ଼ିତ ଅନୁଭୂତିର ସୁଯୋଗ ଶିଶୁର ସାମାଜିକ ବିକାଶକୁ ତ୍ୱରାନ୍ୱିତ କରେ ।

ପୂର୍ବରୁ ନବଜାତ ଶିଶୁ ପାଇଁ ମା'ର ସ୍ପର୍ଶର ପ୍ରାଧାନ୍ୟ ଆଲୋଚନା କରାଯାଇଛି । ପୁଣି କେତେକ ପର୍ଯ୍ୟବେକ୍ଷଣର ଅବତାରଣା କରାଯାଇ ଏହାକୁ ଆହୁରି ସ୍ପଷ୍ଟ କରାଯାଇପାରେ । ଦେଖାଯାଏ ଯେ ଶିଶୁ-ଛେଳିଟି ଜନ୍ମହେବା ପରେ ମା' ଛେଳିଟି ଶିଶୁ ଛେଳିଟିକୁ ଜିଭରେ ଚାଟୁଛି ଏବଂ ଶିଶୁଛେଳିଟି ସକ୍ଷମ ହୋଇ ଠିଆହେବା ପର୍ଯ୍ୟନ୍ତ ତାର ପାଖେ ପାଖେ ରହୁଛି । ଯଦି ମା'ଛେଳିଟିକୁ ଏ କାର୍ଯ୍ୟ କରିବାକୁ ସୁଯୋଗ ଦିଆ ନ ଯାଏ, ତେବେ ପର ସମୟରେ ମା' ଛେଳିଟି ଶିଶୁଛେଳିଟିକୁ ଏପରି ଦୃଢ଼ଭାବରେ ଚାଟେ ନାହିଁ ଏବଂ ଜନନୀ-ସନ୍ତାନର ସମ୍ପର୍କ ପ୍ରତିଷ୍ଠା ସମୟ-ସାପେକ୍ଷ ହୋଇପଡ଼େ । ଅନ୍ୟ ଜଣେ ଗବେଷକ ଲକ୍ଷ୍ୟକଲେ ଯେନବଜାତ ମେଣ୍ଢା ଦେହରୁ ଆସୁଥିବା ଗନ୍ଧ ମା' ମେଣ୍ଢାକୁ ଆମୋଦିତ କରେ । ଏହି ଗନ୍ଧ ଜନନୀ-ସନ୍ତାନର ସମ୍ପର୍କକୁ ତ୍ୱରାନ୍ୱିତ କରେ । ଅନ୍ୟପକ୍ଷରେ ମା' ଓ ଶିଶୁସନ୍ତାନ ମଧ୍ୟରେ ଦେହଗନ୍ଧର ଆଦାନ ପ୍ରଦାନକୁ ବାଧାଦେଲେ ସମ୍ପର୍କର ବିକାଶ ମନ୍ଥର ହେବା ସଙ୍ଗେ ସଙ୍ଗେ ଶିଶୁର ସାମାଜିକ-ଆବେଗିକ ବିକାଶ ବ୍ୟାହତ ହୁଏ ।

ଅନ୍ତର୍ମୁଦ୍ରଣ ଓ ମା'ର ସ୍ପର୍ଶର ଗୁରୁତ୍ୱ ଆଲୋଚନା କଲାବେଳେ ଦୁଇଟି କଥା ମନେରଖିବାକୁ ହେବ । ପ୍ରଥମତଃ ଅନ୍ତର୍ମୁଦ୍ରଣ ଅର୍ଥ ନୁହେଁ ଯେ ଏକ ନିର୍ଦ୍ଦିଷ୍ଟ ବିକାଶ (ଉଦାହରଣ ସ୍ୱରୂପ ସ୍ମିତହସ) ଏବଂ ନିର୍ଦ୍ଦିଷ୍ଟ ସମ୍ବେଦୀକାଳ ମଧ୍ୟରେ ସମ୍ଭବ ନ ହେଲେ ପୁନଶ୍ଚ ପରେ ତାହାର ସମ୍ଭାବନା ନାହିଁ । ଏହାର ପ୍ରକୃତ ଅର୍ଥ ହେଉଛି ସ୍ମିତହସ ପରି ଅନ୍ତର୍ମୁଦ୍ରିତ ବ୍ୟବହାର ଏକ ନିର୍ଦ୍ଦିଷ୍ଟ ସମୟରେଖା ମଧ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶ ପାଇଥାଏ । ଏଥିପାଇଁ ଶିକ୍ଷାଦୀକ୍ଷା ବା ତାଲିମର ବିରାଟ ଆବଶ୍ୟକତା ନାହିଁ । କିନ୍ତୁ କେବଳ ପରିବେଶ (Exposure) ଆବଶ୍ୟକ । ଶିଶୁ ନିଜ ମା' ମୁଖ ବା ଅନ୍ୟ ମୁଖରେ ସ୍ମିତହାସ୍ୟ ନ ଦେଖିଲେ ତା'ର ଅନ୍ତର୍ମୁଦ୍ରିତ ବ୍ୟବହାର ପ୍ରକାଶକ୍ଷମ ହେବ କିପରି ? ସୁତରାଂ ସ୍ମିତହସ ପାଇଁ ଶିଶୁଟିକୁ ଶିଖାଇବା ଦରକାର ନ ହେଲେ ମଧ୍ୟ ନିଜେ ହସି ପରିବେଶ ଯୋଗାଇବା ଦରକାର । ମାତ୍ର ସମୟସୀମା ପାରି ହୋଇଯିବା ପରେ ଏପରି ବ୍ୟବହାର (ଏ ସ୍ଥଳରେ ସ୍ମିତହସ) ଶିଖାଇବା ପାଇଁ ଅଧିକ ଓ ଦୃଢ଼ ତାଲିମର ଆବଶ୍ୟକତା ପଡ଼ିବ । ଏ ଦୃଷ୍ଟିରୁ ସମ୍ବେଦୀକାଳ ମଧ୍ୟରେ ଯାହା ବିନା ଉଦ୍ୟମରେ ସମ୍ଭବ, ପର ଅବସ୍ଥାରେ ତାହା କଷ୍ଟସାଧ୍ୟ ହୋଇପଡ଼ିବ । କହିବା ଅନାବଶ୍ୟକ ଯେ ବିଭିନ୍ନ ବ୍ୟବହାରର ସମ୍ବେଦୀକାଳ ପୃଥକ୍ ।

ଦ୍ୱିତୀୟତଃ ଜନ୍ମଦାତ୍ରୀ ମା' ଏପରି କି ପିତାମାତା ବଦଳରେ ଅନ୍ୟ ଯତ୍ନକାରୀ ମଧ୍ୟ ଶିଶୁପାଇଁ ଅନ୍ତର୍ମୁଦ୍ରିତ ବ୍ୟବହାର ପରିପ୍ରକାଶର ସୁଯୋଗ ଦେଇ ମାନସିକ ବିକାଶ ଘଟାଇପାରିବେ । ଅବଶ୍ୟ ମା'ର ଭୂମିକା ଅଧିକ ପ୍ରଭାବଶୀଳ ତଥାପି ମା'ର ଅନୁପସ୍ଥିତିରେ ଅନ୍ୟ ଯତ୍ନକାରୀ ଅନୁରୂପ ସ୍ପର୍ଶ ଓ ସୁଯୋଗ ଦେଇ ଶିଶୁ ବିକାଶରେ ସକାରାତ୍ମକ ଅବଦାନ ଦର୍ଶାଇ ପାରିବେ ।

■

Digitized by srujanika@gmail.com

ଶିଶୁଶକ୍ତିର ପ୍ରଥମ ପ୍ରକାଶ

ନବଜାତ ଶିଶୁଟିର ଚିତ୍ର ଦୂରଦର୍ଶନର ବିଜ୍ଞାପନ ସୃଷ୍ଟ ଶିଶୁର ଚିତ୍ର ନୁହେଁ । ନବଜାତ ଶିଶୁର କଥା ମନକୁ ଆସିଲେ ଅଧିକାଂଶ ବ୍ୟକ୍ତିଙ୍କ ମନରେ ଆସେ ଅସହାୟତାର ଚିତ୍ର, ନିଷ୍କ୍ରିୟତାର ରୂପ ଏବଂ ଅତିନିର୍ଭରଶୀଳତାର ଛବି । ଏପରି କି ଜନ୍ମର ଠିକ୍ ପରେ ପରେ କ୍ଷୁଦ୍ରକାୟ ଶରୀର ବିଶିଷ୍ଟ ଶିଶୁଟିକୁ ଦେଖି ମା' ମଧ୍ୟ ଚମକି ପଡ଼େ । ନବଜନ୍ମିତ ଶିଶୁର ମସ୍ତକଟି କେବଳ ସୁସ୍ପଷ୍ଟ, କାରଣ ଏହା ଶରୀରର ପ୍ରାୟ ଏକଚତୁର୍ଥାଂଶ । ବୟସ୍କବ୍ୟକ୍ତିର ମସ୍ତକଟି ଶରୀରର ପ୍ରାୟ ଏକ ଅଷ୍ଟମାଂଶ । ସୁତରାଂ କେତେକ ପ୍ରଶ୍ନ ମନରେ ଆସିବା ସ୍ୱାଭାବିକ । ଶିଶୁ କେତେ ପରିମାଣରେ ଜାଗ୍ରତ ? ବାହ୍ୟଜଗତର ଦାବି ସବୁ ପ୍ରତି ପ୍ରତିକ୍ରିୟା ସୃଷ୍ଟି କରିବାରେ ଏହାର ଅଙ୍ଗପ୍ରତ୍ୟେଙ୍ଗ କେତେ ସମର୍ଥ ?

ନବଜାତ ଶିଶୁ ନିଷ୍କ୍ରିୟ କି ?

କିନ୍ତୁ ବାସ୍ତବରେ ଜଣାଯାଏ ଯେ ଆମେ ଚିନ୍ତା କରୁଥିବା ସାମର୍ଥ୍ୟ ତୁଳନାରେ ନବଜାତ ଶିଶୁର ଦକ୍ଷତା ଅଧିକ, ଶିଶୁ ଶରୀରର କ୍ରିୟାକଳାପ ଅନିୟନ୍ତ୍ରିତ ଓ ବିଶୃଙ୍ଖଳିତ ଭାବରେ ପ୍ରକାଶିତ ନ ହୋଇ କେତେକ ଶୃଙ୍ଖଳାର ଅନୁସରଣ କରେ । *ଆଧୁନିକ ଯୁଗର ଉନ୍ନତ ଗବେଷଣା ପଦ୍ଧତି ଫଳରେ ଶିଶୁ କ୍ରିୟାକଳାପର ଯେଉଁ ଚିତ୍ରଟି ଫୁଟିଉଠେ ତାହା ନିଷ୍କ୍ରିୟତାର ଛବି ନୁହେଁ । ନବଜାତ ଶିଶୁ ମଧ୍ୟ ସକ୍ରିୟ ଏବଂ ଉଦ୍ଦୀପନା ଗ୍ରହଣଶୀଳ ।*

ଅବଶ୍ୟ ନବଜାତ ଶିଶୁର ସକ୍ରିୟତା ବୁଝିବାକୁ ହେଲେ ଶିଶୁର ନିଦ୍ରା, ନୀରବତା, ସଚଳତା ଓ ଜାଗରଣ ସମ୍ପର୍କରେ ପରିଚିତି ଆବଶ୍ୟକ । ବୟସ୍କମାନଙ୍କର ନିଦ୍ରା-ଜାଗରଣର ଚକ୍ର ଥିଲା ପରି ଶିଶୁର ମଧ୍ୟ ସକ୍ରିୟତା-ନିଷ୍କ୍ରିୟତା ଚକ୍ର ରହିଥାଏ । ଏହି ଚକ୍ରର ପ୍ରତିଟି ଅବସ୍ଥାର (ଯଥା : ନିଦ୍ରା, ଜାଗରଣ, ନୀରବତା ଇତ୍ୟାଦି) ବୈଶିଷ୍ଟ୍ୟ ରହିଛି । ପୁଣି ଶିଶୁ ଗୋଟିଏ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ଗତି କଲାବେଳେ କେତେକ ସ୍ୱାତନ୍ତ୍ର୍ୟ ରହିଛି ।

ଶିଶୁ ନିଷ୍କ୍ରିୟ ନୁହେଁ କି କେବଳ ବାହ୍ୟ ଉଦ୍ଦୀପନାଚାଳିତ ହୋଇ ସକ୍ରିୟତା ଦର୍ଶାଏ ନାହିଁ । ଆଭ୍ୟନ୍ତରୀଣ ଉଦ୍ଦୀପନା ମଧ୍ୟ କେତେଟା ବ୍ୟବହାର ସୃଷ୍ଟିକରେ । ପୁଣି ଅବସ୍ଥାର ପରିବର୍ତ୍ତନରେ ବ୍ୟବହାରରେ ହେଉଥିବା ପରିବର୍ତ୍ତନ ଆକସ୍ମିକ ଭାବରେ ନ ଘଟି ଏକ ଧାରାରେ ନିୟନ୍ତ୍ରିତ ହୁଏ । ଅନ୍ୟ ଭାଷାରେ କହିଲେ ଶିଶୁ କ୍ରିୟାକଳାପ ଛନ୍ଦହୀନ ନୁହେଁ ।

ପାରିପାର୍ଶ୍ୱିକ ଉଦ୍ଦୀପନା ପ୍ରତି ଶିଶୁ କି ପ୍ରତିକ୍ରିୟା ସୃଷ୍ଟି କରିବ, ତାହାର ପୂର୍ବାନୁମାନ ପାଇଁ ଶିଶୁର ଅବସ୍ଥା ବୁଝିବାକୁ ହେବ । ନବଜନ୍ମିତ ଶିଶୁମାନଙ୍କ ଉପରେ ଗବେଷଣା କରିଥିବା ବିଶେଷଜ୍ଞମାନେ ବେଳେ ବେଳେ ହତାଶାର ଶରବ୍ୟ ହୋଇଛନ୍ତି । ସେମାନେ ଗବେଷଣାଗାରର

Digitized by srujanika@gmail.com

ସବୁ ବନ୍ଦୋବସ୍ତ କରିସାରି, ଯନ୍ତ୍ରପାତିର ବ୍ୟବସ୍ଥା କରିସାରି ଶିଶୁକୁ ପର୍ଯ୍ୟବେକ୍ଷଣ କରିବାକୁ ଗଲାବେଳେ ସମୟ ସମୟରେ ଦେଖନ୍ତି ଯେ ଶିଶୁଟି ଗଭୀର ନିଦ୍ରାରେ ଶୋଇପଡ଼ିଛି । ସେମାନଙ୍କର ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ଯାଏ । ପୁଣି ଏକ ଜାଗରଣ ସମୟକୁ ଅପେକ୍ଷା କରିବାକୁ ପଡ଼େ । ଏ କ୍ଷେତ୍ରରେ ବୁଝିବାକୁ ହେବ ନାହିଁ ଯେ ଶିଶୁଟି ନିଷ୍କ୍ରିୟ ବା ଶିଥିଳ । ପ୍ରକୃତ କଥା ହେଉଛି ନିଦ୍ରା ଅବସ୍ଥାକୁ ଗତିକରିବା ଶିଶୁ ପାଇଁ ସେ ସମୟର ଏକ ଆବଶ୍ୟକତା ଥିଲା ।

ପୁଣି ବେଳେବେଳେ ଦେଖାଯାଏ ଯେ ଶିଶୁଟି ଗଭୀର ନିଦ୍ରାରେ ଶୋଇଥିଲାବେଳେ ତା'ର ଆଖିଦୁଇଟି ଖୋଲା ରହିଛି । ବାହ୍ୟ ଦୃଷ୍ଟିରୁ ଶିଶୁଟି ଜାଗ୍ରତ ଅଛି ବୋଲି ମନେହେଲେ ମଧ୍ୟ ମସ୍ତିଷ୍କ ସହିତ ସଂଯୁକ୍ତ ବୈଦ୍ୟୁତିକ ମାପକରେ ଜଣାଯାଏ ଯେ କେନ୍ଦ୍ରୀୟ ସ୍ନାୟୁମଣ୍ଡଳ କାର୍ଯ୍ୟ କରୁନାହିଁ । ସୁତରାଂ ଶିଶୁଟି ନିଦ୍ରିତ ।

ଏସବୁ କହିବାର ତାତ୍ପର୍ଯ୍ୟ ହେଉଛି ଯେ ଶିଶୁର ସକ୍ରିୟତା ଓ ନିଷ୍କ୍ରିୟତା ଜାଣିବା ପାଇଁ ଶିଶୁର ଅବସ୍ଥା (States) ଗୁଡ଼ିକ ଜାଣିବାକୁ ହେବ । ନିୟମିତ ନିଦ୍ରା ଏପରି ଏକ ଅବସ୍ଥା । ଏ ସମୟରେ ଆଖିପତା ପୂରାପୂରି ବନ୍ଦ ଥାଏ । ଶରୀର ସ୍ଥିର ଏବଂ ନିଃଶ୍ୱାସ ପ୍ରଶ୍ୱାସ କ୍ରିୟା ମନ୍ଥର ଓ ସମାନଗତି ଯୁକ୍ତ ଥାଏ । ଆଖିପତା ସ୍ଥିର ଥାଏ । ମୁଖ କ୍ଲାନ୍ତିହୀନ ଥାଏ ଏବଂ ମୁଖମଣ୍ଡଳରେ କୌଣସି ପରିବର୍ତ୍ତନ ଲାଗି ରହି ନ ଥାଏ ।

ଅନିୟମିତ ନିଦ୍ରା ସମୟରେ ଆଖିବନ୍ଦ ଥିଲେ ମଧ୍ୟ ଶରୀରରେ କିଛିଟା କମ୍ପନ ଥାଏ । ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ସମୟ ସମୟରେ ସାମାନ୍ୟ ଗତିଶୀଳତା ଦେଖାଯାଏ । ମୁଖମଣ୍ଡଳରେ ବେଳେବେଳେ ପରିବର୍ତ୍ତନ ସୂଚିତ ହୁଏ । ଶ୍ୱାସପ୍ରଶ୍ୱାସ ଗୋଟିଏ ଗତିରେ ନ ଯାଇ ବେଳେବେଳେ ବଢ଼ିଯାଏ ଓ କମିଯାଏ । ଆଖିଡୋଳାର ଗତି ଦ୍ରୁତ ଥାଏ ।

ଶିଶୁର ନିଦୁଆ (Drowsiness) ଅବସ୍ଥା ନିଷ୍କ୍ରିୟତାର ଅବସ୍ଥା । ଏ ସମୟରେ ଆଖି ଖୋଲାଥାଏ ଏବଂ ବନ୍ଦ ହୋଇଯାଉଥାଏ । ନିୟମିତ ନିଦ୍ରାକାଳୀନ ଶ୍ୱାସପ୍ରଶ୍ୱାସ ଚାଲି ନ ଥାଏ, ଏଥିରେ ଅସ୍ଥିରତା ମଧ୍ୟ ଥାଏ ।

ଶିଶୁ ଜାଗରଣ-ନିଦ୍ରା ଚକ୍ରର ଆଉ ଗୋଟିଏ ଅବସ୍ଥା ହେଉଛି ଜଗିଥାଇ ମଧ୍ୟ ନିଷ୍କ୍ରିୟ ରହିବା । ଏ ଅବସ୍ଥାରେ ଆଖି କେବଳ ଖୋଲା ନ ଥାଏ, ଏହା ଉଜ୍ଜ୍ୱଳ ଓ ସ୍ୱଚ୍ଛ ଥାଏ । ଏ ଅବସ୍ଥାରେ ଆଖିର ଗତିକୁ ଉପରତଳ କିମ୍ବା ଏପଟ ସେପଟ ବୁଲାଇ ବସ୍ତୁ ସବୁର ଗତି ଲକ୍ଷ୍ୟ କରିପାରେ । ମୁହଁ କ୍ଲାନ୍ତିହୀନ ଥାଏ । ତଥାପି ଏହା ଅପେକ୍ଷାକୃତ ନିଷ୍କ୍ରିୟତାର ଅବସ୍ଥା ।

ଶିଶୁ ପୂର୍ଣ୍ଣ ଭାବରେ ନିଜର ସକ୍ରିୟତା ଦର୍ଶାଉଥିବା ଅବସ୍ଥାଟି ହେଉଛି ଜାଗ୍ରତ ସକ୍ରିୟତା । ଏ ଅବସ୍ଥାରେ ଶିଶୁ ନିଜର ଇନ୍ଦ୍ରିୟଗୁଡ଼ିକ ଚାଳନ କରେ ଏବଂ ଶରୀରର ଅଙ୍ଗ ପ୍ରତ୍ୟଙ୍ଗର ସଚଳତା ଦର୍ଶାଏ । ଉଭୟେ ଆଭ୍ୟନ୍ତରୀଣ ଓ ବାହ୍ୟିକ ଉଦ୍ଦୀପକ ପ୍ରତି ନିଜର ପ୍ରତିକ୍ରିୟା ଦର୍ଶାଏ । ସ୍ଥୂଳତଃ ଏକ ନିର୍ଦ୍ଦିଷ୍ଟ ସମୟରେ ଶିଶୁ କେଉଁ ଅବସ୍ଥାରେ ରହିଛି ତାହା

Digitized by srujanika@gmail.com

ନବଜାଣି ତା'ର କ୍ରିୟାହୀନତାକୁ ନିଷ୍କ୍ରିୟତା ଆଖ୍ୟା ଦେବା ସମୀଚୀନ ହେବ ନାହିଁ । ବରଂ ଜନ୍ମ ସହିତ ଶିଶୁ ଆଣିଥିବା ସମ୍ବଳର ବ୍ୟାପକତା ଦୃଷ୍ଟିରୁ ଏହାକୁ ସକ୍ରିୟ ସଚଳ କହିବାରେ କୌଣସି ବିରୋଧାଭାସ ନାହିଁ ।

ନବଜାତ ଶିଶୁ ସ୍ୱପ୍ନଦେଖେ କି ?

ନବଜାତ ଶିଶୁ ନିଦ୍ରାବସ୍ଥାରେ ଥିବା ସମୟରେ ଆମ ପରି ସ୍ୱପ୍ନ ଦେଖେ କି ନାହିଁ ତାହା ଏକ କୌତୂହଳର ପ୍ରଶ୍ନ । ଏ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଶିଶୁ ନିଦ୍ରାର କେତେକ ବୈଶିଷ୍ଟ୍ୟ ଜାଣିବା ଉଚିତ । ଶିଶୁମାନେ କେତେ ସମୟ ଶୋଇ ରୁହନ୍ତି ସେ କ୍ଷେତ୍ରରେ ଶିଶୁ ଶିଶୁ ମଧ୍ୟରେ ତାରତମ୍ୟ ରହିଛି । କିନ୍ତୁ ବୟସର ବୃଦ୍ଧି ସହିତ ନିଦ୍ରାର ସମୟ କମିଯାଏ ଏବଂ ଜାଗ୍ରତ ସମୟର ପରିମାଣ ବୃଦ୍ଧିପାଏ । *ନବଜାତ ଶିଶୁ ସାଧାରଣତଃ ସମୟର ସତୁରି ଭାଗ ଶୋଇଥାଏ । ଅବଶ୍ୟ ଏ ନିଦ୍ରାର ସମୟ କ୍ରମାଗତ ଭାବରେ ନ ହୋଇ ଏକାଧିକ ବାରରେ ସମ୍ପନ୍ନ ହୁଏ । ବୟସ ବଢ଼ିଲେ ନିଦ୍ରାର ପରିମାଣ କମେ ଏବଂ ଶିଶୁ ବାହ୍ୟ ପରିବେଶ ସହିତ ଅଧିକରୁ ଅଧିକ ସମୟ ଜାଗ୍ରତ ଅବସ୍ଥାରେ ପାରସ୍ପରିକ କ୍ରିୟାକଳାପରେ କଟାଇଥାଏ ।* ଶିଶୁର ବୟସ ପ୍ରାୟ ଏକମାସ ହେଲାବେଳକୁ ସେ ଅଳ୍ପସଂଖ୍ୟକ ଥର ବେଶି ସମୟ ଧରି ଶୁଏ । ଏକବର୍ଷ ବୟସ ବେଳକୁ ଆମପରି ଏକ ନିର୍ଦ୍ଦିଷ୍ଟ ସମୟରେ ଅଧିକ ସମୟ ଶୋଇ ଅନ୍ୟ ସମୟରେ ଅଳ୍ପ ସମୟ ଶୋଇଥାଏ ।

ପ୍ରତି ସମାଜରେ ନିଦ୍ରା ଜାଗରଣ ଚକ୍ରର ଏକ ନିର୍ଦ୍ଦିଷ୍ଟତା ରହିଛି । ଧୀରେ ଧୀରେ ଶିଶୁ ଏକ ବର୍ଷ ବେଳକୁ ଏହି ଧାରାରେ ପହଞ୍ଚେ । ମାତ୍ର ଶିଶୁନିଦ୍ରାର ବିଶିଷ୍ଟତା ସମ୍ପର୍କରେ ବିଶେଷ ଉଲ୍ଲେଖଯୋଗ୍ୟ ହେଉଛି ଯେ ଶିଶୁର ନିଦ୍ରା କେବଳ ପରିମାଣ ଦୃଷ୍ଟିରୁ ବୟସ୍କମାନଙ୍କ ନିଦ୍ରାଠାରୁ ଭିନ୍ନ ନୁହେଁ । ଶିଶୁ ନିଦ୍ରାର କେତୋଟି ଗୁଣାତ୍ମକ ଦିଗ ରହିଛି ।

ଶିଶୁ ନିଦ୍ରା ସମ୍ପର୍କରେ ସୂଚନା ଦେବା ପୂର୍ବରୁ ବୟସ୍କମାନଙ୍କ ନିଦ୍ରା ଓ ସ୍ୱପ୍ନ ବିଷୟରେ ପରିଚିତି ଆବଶ୍ୟକ । ଆମେ ସମସ୍ତେ ଜାଣୁ ଯେ ଶୋଇବାକୁ ଚେଷ୍ଟା କଲାବେଳେ ପ୍ରଥମେ ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଶିଥିଳ ହୋଇଯାଏ । ପ୍ରଥମେ ନିଶ୍ଚେଷ୍ଟ ହେବା ପରେ ଛାଇ ନିଦ ଆସେ ଏବଂ ପରେ ଗଭୀର ନିଦ୍ରା ଆସେ । ସ୍ୱପ୍ନ ଓ ନିଦ୍ରା ସମ୍ପର୍କୀୟ ଗବେଷଣାରୁ ଜଣାଯାଏ ଯେ, ନିଦ୍ରା ଓ ସ୍ୱପ୍ନର ଏକ ବିଧିବଦ୍ଧ ସମୟଚକ୍ର ରହିଛି । ପ୍ରଥମେ ଶୋଇବାର ବେଶ୍ କିଛି ସମୟ ପରେ ଶରୀର ଅନ୍ୟ ଅଂଶ ବିଶେଷ ନିଷ୍କ୍ରିୟ ଥିଲେ ମଧ୍ୟ ଆଖିର ଡୋଳା ଦ୍ରୁତଗତିରେ ଗତିଶୀଳ ହୁଏ । ଏହି ଅବସ୍ଥାରୁ ଆଖିର ଦ୍ରୁତଗତି ହେଉଥିବାରୁ Rapid Eye Movement ବା REM (ରେମ୍) କାଳ ବୋଲି କୁହାଯାଏ । ଆଖିର ଏପରି ଦ୍ରୁତଗତି କେତେବେଳେ ହେଉଛି ତାହା ଜାଣିବା ପାଇଁ ବିଜ୍ଞାନାଗାରରେ ଶୋଇଥିବା ବ୍ୟକ୍ତି ସହିତ ଏକ ଯନ୍ତ୍ର ସଂଯୁକ୍ତ କରାଯାଇଥାଏ । ରେମ୍ ବା ଦ୍ରୁତଗତି ସମୟ ଏହି ଯନ୍ତ୍ରରୁ ଜାଣିହୁଏ ।

Digitized by srujanika@gmail.com

କୌତୁହଳର ବିଷୟ ହେଉଛି ଯେ ଆଖିର ଦ୍ରୁତଗତି ଜାଣି ବ୍ୟକ୍ତିଟିକୁ ନିଦରୁ ଉଠାଇଦେବା ପରେ ବ୍ୟକ୍ତିକୁ ପଚାରିଲେ ସେ ସମୟରେ ସ୍ୱପ୍ନ ଦେଖିଥିଲା ବୋଲି କହେ । ଅଥଚ ଯନ୍ତ୍ରରେ ଦ୍ରୁତଗତିର ସୂଚନା ଦେଉ ନ ଥିବା ସମୟରେ ବ୍ୟକ୍ତିକୁ ଉଠାଇ ଦେଲେ ବ୍ୟକ୍ତି ସ୍ୱପ୍ନ ସମ୍ପର୍କରେ କିଛି ଅନୁଭୂତି ନ ଥାଏ । ମୋଟ ଉପରେ ବ୍ୟକ୍ତି ରେମ୍ (REM ବା Rapid Eye Movement) ସମୟରେ ହିଁ ସ୍ୱପ୍ନ ଦେଖିଥାଏ । ଏ ଦୃଷ୍ଟିରୁ ଏହି ରେମ୍ ନିଦ୍ରାକୁ ସ୍ୱପ୍ନ ନିଦ୍ରା ମଧ୍ୟ କହନ୍ତି । ଗୋଟିଏ ନିଦ୍ରାଚକ୍ର ପ୍ରାୟ ଅଶି ମିନିଟରୁ ନବେ ମିନିଟ୍ ପର୍ଯ୍ୟନ୍ତ ଚାଲିଥାଏ ଏବଂ ଏହି ଚକ୍ରର ଶେଷ କୋଡ଼ିଏ ପଚିଶ ମିନିଟରେ ଲୋକ ସ୍ୱପ୍ନ ଦେଖିଥାଏ । ଗୋଟିଏ ନିଦ୍ରାଚକ୍ର (ପ୍ରାୟ ଅଶି ମିନିଟ) ଶେଷ ହେବା ପରେ ପୁଣି ଆଖିର ଦ୍ରୁତଗତି କମି ଆଖି ସ୍ଥିର ରହେ ଏବଂ ସ୍ୱପ୍ନବିହୀନ ଅବସ୍ଥା ରହେ । କହିବା ଅନାବଶ୍ୟକ ଯେ ଜଣେ ବ୍ୟକ୍ତି ରାତିରେ ୬ ଘଣ୍ଟା ଶୋଇଲେ ସେ ପ୍ରାୟ ଚାରୋଟି ନିଦ୍ରାଚକ୍ର ଅତିକ୍ରମ କରେ ଏବଂ ଚାରିଥର ସ୍ୱପ୍ନ ଦେଖିବାର ସମ୍ଭାବନା ଥାଏ ।

ଉପର ଆଲୋଚନାରୁ ସ୍ପଷ୍ଟ ଯେ ବୟସ୍କ ବ୍ୟକ୍ତି ସ୍ୱପ୍ନ ନିଦ୍ରା ବା ଚକ୍ଷୁ କ୍ଷୀପ୍ରତା ଅବସ୍ଥାକୁଁ ଯିବା ପୂର୍ବରୁ ପ୍ରାୟ ଏକଘଣ୍ଟା ଧରି ସ୍ୱପ୍ନବିହୀନ ଅବସ୍ଥାରେ Non-REM ଥାଏ । କାରଣ ନିଦ୍ରାଚକ୍ରର ଅଶି ମିନିଟ୍ ମଧ୍ୟରୁ କେବଳ ଶେଷ କୋଡ଼ିଏ ମିନିଟ୍‌ରେ ହିଁ ସେ ସ୍ୱପ୍ନାବସ୍ଥା ପ୍ରାପ୍ତ ହୁଏ । ମାତ୍ର ଶିଶୁଟି ଶୋଇବାର ଖୁବ୍ ଅଳ୍ପ ସମୟ ମଧ୍ୟରେ ସେ ଏପରି ସ୍ୱପ୍ନନିଦ୍ରାରେ ପ୍ରବେଶ କରିଥାଏ, ତା'ର ଚକ୍ଷୁର ଡୋଳା କ୍ଷୀପ୍ରଗତି ଦର୍ଶାଇଥାଏ । ଶିଶୁଟି ପ୍ରକୃତରେ ସ୍ୱପ୍ନ ଦେଖୁଛି କି ନାହିଁ ତାହା ଜାଣିବାର ଉପାୟ ନାହିଁ, କାରଣ ଶିଶୁଠାରୁ କୌଣସି ପ୍ରଶ୍ନର ଉତ୍ତର ଆଦାୟ ସମ୍ଭବ ନୁହେଁ । ମାତ୍ର ଏକଥା ସତ ଯେ ଶିଶୁ ଶୀଘ୍ର ସ୍ୱପ୍ନ ନିଦ୍ରା ସ୍ତରରେ ପ୍ରବେଶ କରେ ଏବଂ ହଠାତ୍ କୌଣସି ପ୍ରସ୍ତୁତି ନ ଥାଇ ସେ ଏହି କ୍ଷୀପ୍ର ଚକ୍ଷୁ ଗତି ସ୍ତରରେ ପହଞ୍ଚେ ।

କେତେକ ମନୋବିଜ୍ଞାନୀ ମତ ଦିଅନ୍ତି ଯେ *କ୍ଷୀପ୍ର ଚକ୍ଷୁ ଗତି ସମୟରେ ଶରୀର ଅବଶ ଥିଲେ ମଧ୍ୟ ମସ୍ତିଷ୍କ କେତେକ ପରିମାଣରେ ସକ୍ରିୟ ଥାଏ । ଶିଶୁର ବିକାଶ କାଳରେ ଏହି ସକ୍ରିୟତା ଶିଶୁମାନସ ବିକାଶର ସହାୟକ ହୁଏ ।* ନବଜାତ ଶିଶୁର ନିଦ୍ରାର ପ୍ରାୟ ପଚାଶ ଭାଗ ସ୍ୱପ୍ନନିଦ୍ରା (REM-Sleep) । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି ସ୍ୱପ୍ନନିଦ୍ରାର ଅନୁପାତ କମିବାକୁ ଲାଗେ । ସମ୍ଭବତଃ ବୟସ ବୃଦ୍ଧି ସହିତ ବାହ୍ୟଜଗତରୁ ଉଦ୍ଦୀପନା ଗ୍ରହଣ ବୃଦ୍ଧିପାଉଥିବାରୁ ଶିଶୁ ଖୁବ୍ ଛୋଟ ଥିଲାବେଳେ ସ୍ୱପ୍ନନିଦ୍ରା ମାଧ୍ୟମରେ ଯେଉଁ ଆଭ୍ୟନ୍ତରୀଣ ଉଦ୍ଦୀପନାର (ମସ୍ତିଷ୍କରେ ବା କେନ୍ଦ୍ରୀୟ ସ୍ନାୟୁମଣ୍ଡଳରେ) ଆବଶ୍ୟକତା ମଧ୍ୟ କମିବାକୁ ଲାଗେ । ସୁତରାଂ ନିଶ୍ଚିତ ଭାବରେ କୁହାଯାଇପାରିବ ଯେ ନବଜାତ ଶିଶୁ ସ୍ୱପ୍ନ ଦେଖେ କି ନା, ତାହା ନିର୍ଧାର୍ଯ୍ୟ ଭାବରେ କୁହା ନ ଯାଇପାରିଲେ ମଧ୍ୟ ନବଜାତ ଶିଶୁ ଖୁବ୍ ବେଶି ସମୟ ସ୍ୱପ୍ନନିଦ୍ରାରେ (REM-Sleep) କଟାଇଥାଏ ।

Digitized by srujanika@gmail.com

ଶିଶୁର କ୍ରନ୍ଦନ କି ସଂକେତ ବହନ କରେ ?

ଶିଶୁର କ୍ରନ୍ଦନ ଏକ ଉଦ୍ଦେଶ୍ୟହୀନ ବିକ୍ଷିପ୍ତ ବ୍ୟବହାର ନୁହେଁ । ଏହା ବହୁ ସଂକେତସୂଚକ ଅର୍ଥପୂର୍ଣ୍ଣ ବ୍ୟବହାର । ଶୈଶବର ଆଦ୍ୟ ସୋପାନରେ ସାମାଜିକ ଯୋଗାଯୋଗର ମାଧ୍ୟମ ରୂପେ କ୍ରନ୍ଦନର ଭୂମିକା ସ୍ୱୀକୃତ । ନିଦ୍ରା ଓ ଜାଗରଣର ବିଭିନ୍ନ ଅବସ୍ଥା ଥିଲା ଭଳି ଶିଶୁ କ୍ରନ୍ଦନର ମଧ୍ୟ କେତୋଟି ସ୍ପଷ୍ଟ ରୂପ ରହିଛି । ମୁଖ୍ୟତଃ ତିନୋଟି ପ୍ରକାର ଶିଶୁ କ୍ରନ୍ଦନ ସୁପରିଚିତ ।

ପ୍ରଥମଟି ହେଉଛି ମୌଳିକ ଡାଞ୍ଚାର ଶିଶୁ କ୍ରନ୍ଦନ । ଅନ୍ୟାନ୍ୟ କାରଣ ଜଡ଼ିତ ଥିଲେ ମଧ୍ୟ ମୁଖ୍ୟତଃ *କ୍ଷୁଧାର ତାଡନାରେ ଶିଶୁ ଏ କ୍ରନ୍ଦନ ଆରମ୍ଭ କରେ । ପ୍ରଥମେ ଏହା ବିକ୍ଷିପ୍ତ ଓ ଛନ୍ଦହୀନ ଥାଏ ।* ଧୀରେ ଧୀରେ ଏହା ଉଚ୍ଚସ୍ୱରର ରୂପ ନିଏ ଏବଂ ଛନ୍ଦଯୁକ୍ତ ମଧ୍ୟ ହୋଇଉଠେ ।

ଦ୍ୱିତୀୟ ଧରଣର କ୍ରନ୍ଦନଟି ରାଗ କ୍ରନ୍ଦନ । ଶିଶୁ ରାଗିଯାଇ ପାଗଳଙ୍କ ପରି କାନ୍ଦେ । ଏଥିରେ ଏକ କ୍ରମାନ୍ୱୟତା ଥାଏ । ପ୍ରଥମେ କାନ୍ଦ, ତା' ପରେ କିଛି ସମୟ ଥମିଯିବା, ତା'ପରେ ପ୍ରଶ୍ୱାସରେ ଭିତରକୁ ନେଇଥିବା ବାୟୁକୁ କିଛିସମୟ ପାଇଁ ଅଟକାଇ ରଖିବା ଏବଂ ପୁଣି ଥମିଯିବା ପୁଣି କାନ୍ଦିବାର ଆଉ ଗୋଟିଏ *ଏହିପରି ଲହରୀ ସୃଷ୍ଟି କରିବାର ଶୈଳୀ ଦେଖାଯାଏ ।*



ତୃତୀୟ ଧରଣର କ୍ରନ୍ଦନଟି ହେଉଛି ଯନ୍ତ୍ରଣାଜନିତ କ୍ରନ୍ଦନ । ଏହା ହଠାତ୍ ଆରମ୍ଭ ହୁଏ । ପ୍ରଥମରୁ ଉଚ୍ଚସ୍ୱରରେ ଆରମ୍ଭ ହୁଏ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲେ । ତା'ପରେ ବେଶ୍ ସମୟ ଧରି ନୀରବତା । ଏହି ନୀରବ ସମୟ ମଧ୍ୟରେ ଶିଶୁ କୋହ ଚାପିରଖେ । ତା'ପରେ ଧକେଇ ଧକେଇ ଅନୁଚ୍ଚ ସ୍ୱରରେ କାନ୍ଦେ ।

Digitized by srujanika@gmail.com

ଶିଶୁର ଜନନୀ ଶିଶୁକ୍ରନ୍ଦନର ଏହି ତିନି ଶୈଳୀକୁ ଚିହ୍ନିପାରେ । ଗବେଷଣାଗାରରେ ମଧ୍ୟ ଦେଖାଯାଇଛି ଯେ ସେମାନେ ପ୍ରକୃତରେ ଚିହ୍ନିପାରନ୍ତି । ଗବେଷଣାଗାରର ଗୋଟିଏ ପ୍ରକୋଷ୍ଠରେ ସେମାନେ ଅପେକ୍ଷା କରିଥିବା ସମୟରେ ଅନ୍ୟ ପ୍ରକୋଷ୍ଠରୁ ଶିଶୁ କ୍ରନ୍ଦନର ରୋଳ ରେକର୍ଡ ଯୋଗେ ଶୁଣାଇବାର ପରିସ୍ଥିତି ସୃଷ୍ଟି କରି ଦେଖାଯାଇଛି ଯେ କ୍ରନ୍ଦନରୋଳଟି ଯନ୍ତ୍ରଣାସୂଚକ ଥିଲେ ସେମାନଙ୍କର ପ୍ରତିକ୍ରିୟା ଏକ ନିର୍ଦ୍ଦିଷ୍ଟ ପ୍ରକାରର ହୁଏ । ପୁନଶ୍ଚ କ୍ରନ୍ଦନ ରୋଳ ଭିନ୍ନ ପ୍ରକାରର ଥିଲେ ମା' ମାନଙ୍କର ପ୍ରତିକ୍ରିୟା ଅଲଗା ହୁଏ । *ଶିଶୁମାନଙ୍କ ସହିତ ଅଧିକ ଅନୁଭୂତି ଥିବା ଧାଈ, ଶିଶୁମାନଙ୍କର ସେବିକା ଓ ମା'ମାନେ ଅପେକ୍ଷାକୃତ କମ୍ ଅନୁଭବ ଥିବା ମହିଳାଙ୍କ ତୁଳନାରେ ଅଧିକ ପରିମାଣରେ ଶିଶୁ କ୍ରନ୍ଦନର ସଂକେତ ଜାଣିପାରନ୍ତି ।* ଏପରି କି ଖୁବ୍ କମ୍ ଅଭିଜ୍ଞତା ଥିବା ମହିଳାମାନେ ମଧ୍ୟ କିଛି ମାତ୍ରାର ସାମର୍ଥ୍ୟ ଦର୍ଶାନ୍ତି । ନାରୀମାନଙ୍କ ତୁଳନାରେ ପୁରୁଷମାନଙ୍କର ଏପରି ସାମର୍ଥ୍ୟ କମ୍ ବା ବେଶି, ସେ ସମ୍ପର୍କରେ ନିର୍ଭରଯୋଗ୍ୟ ପ୍ରମାଣ କିଛି ନାହିଁ ।

ଶିଶୁ କ୍ରନ୍ଦନର ଶୈଳୀରୁ ସ୍ପଷ୍ଟ ଯେ କ୍ରନ୍ଦନ ସାମାଜିକ ସଂକେତର ବାହକ । ଗୋଟିଏ ବିଶାଳ ସର୍ବେକ୍ଷଣରୁ ଜଣାଯାଏ ଯେ ଶିଶୁ କ୍ରନ୍ଦନ ଫଳରେ ପ୍ରାୟ ୭୭ ପ୍ରତିଶତ ଜନନୀ ଶିଶୁ ପାଖକୁ ଯାଆନ୍ତି ଏବଂ ତାର କଥା ବୁଝନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଆଭ୍ୟନ୍ତରୀଣ ଉଦ୍ଦୀପନା ଫଳରେ ଶିଶୁ କାନ୍ଦେ । ମାତ୍ର କ୍ରନ୍ଦନ ପରେ ପରେ ମା'ଙ୍କୁ ନିକଟରେ ପାଇବା ଏବଂ ଆବଶ୍ୟକତା ପୂରଣ ହେବାର ଘଟଣାର ପୁନରାବୃତ୍ତି ଫଳରେ ଶିଶୁ ନିଜର କ୍ରନ୍ଦନକୁ ଏକ ମାଧ୍ୟମ ରୂପେ ବ୍ୟବହାର କରେ । ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁର ଅଙ୍ଗ ପ୍ରତ୍ୟଙ୍ଗ ଶକ୍ତିଶାଳୀ ହେବା ପରେ ଏବଂ କଥା କହିବାକୁ ସକ୍ଷମ ହେଲା ପରେ କ୍ରନ୍ଦନ ଉପରେ ଅଧିକ ନିର୍ଭରଶୀଳ ରହେନାହିଁ । ନିଜର ଚାହିଦା ସୂଚାଇବା ପାଇଁ ସେ ଅଙ୍ଗଭଙ୍ଗୀ ଓ ଭାଷା ଉପରେ ଅଧିକ ନିର୍ଭର କରିବାକୁ ଶିଖେ ।

ଶିଶୁର ନିଦ୍ରା ସମ୍ପର୍କରେ ଆଲୋଚନା କଲାବେଳେ ସୂଚନା ଦିଆଯାଇଥିଲା ଯେ ଶିଶୁ ବହିର୍ଜଗତ ସହିତ ବିଶେଷ କାରବାର ଆରମ୍ଭ ନ କରିବା ପର୍ଯ୍ୟନ୍ତ ସେ ଆଭ୍ୟନ୍ତରୀଣ ଉଦ୍ଦୀପନା ବେଶି ଖୋଜେ । ଏ ଦୃଷ୍ଟିରୁ ପ୍ରାଥମିକ ସ୍ତରରେ ଶିଶୁ ବେଶି ପରିମାଣରେ ସ୍ୱପ୍ନ- ନିଦ୍ରାରେ (Rapid Eye Movement Sleep) କଟାଇଥାଏ । ବୟସର ବୃଦ୍ଧି ଘଟିଲେ ଏ ଧରଣର ନିଦ୍ରାର ପରିମାଣ କମିଯାଏ । ଠିକ୍ ସେହିପରି ବୟସର ବୃଦ୍ଧି ସହିତ କ୍ରନ୍ଦନର ସାମାଜିକ ସଙ୍କେତ ବହନକାରୀ ଭୂମିକା କମେ ଏବଂ ଅନ୍ୟାନ୍ୟ ସଂକେତ ସୂଚନାର ମାଧ୍ୟମ ବିକଶିତ ହୁଏ ।

ଶିଶୁ କ୍ରନ୍ଦନର ଏକ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ହେଉଛି ଯେ *ଶିଶୁର ସେବା କରୁଥିବା ଏବଂ ଶିଶୁରୋଗ ବିଶେଷଜ୍ଞମାନେ କ୍ରନ୍ଦନ ଶୈଳୀରୁ କିଛିମାତ୍ରାରେ ଅସ୍ୱାଭାବିକତାର ସୂଚନା ପାଇପାରନ୍ତି ।* କ୍ଷତିଗ୍ରସ୍ତ ମସ୍ତିଷ୍କ ଏବଂ ଡାଉନ୍ସ ଲକ୍ଷଣ ଦର୍ଶାଉଥିବା ଶିଶୁମାନଙ୍କର କ୍ରନ୍ଦନଶୈଳୀ ଭିନ୍ନ । ଯନ୍ତ୍ରଣା ଅତି ଉତ୍କଟ ହେବା ପରେ ହିଁ ଏମାନେ କାନ୍ଦନ୍ତି ଏବଂ ଏମାନଙ୍କ

Digitized by srujanika@gmail.com

କାନ୍ଦରେ ଅଧିକ ପରିମାଣରେ ଛନ୍ଦହୀନତା ଦେଖାଯାଏ । କାନ୍ଦରେ ଥିବା ଶବ୍ଦର ମାତ୍ରା ଓ ଦୀର୍ଘତାକୁ ଯନ୍ତ୍ର ସାହାଯ୍ୟରେ ଅନୁଶୀଳନ କରାଯାଇ ଦେଖାଯାଇଛି ଯେ ସାଧାରଣ ଅସ୍ୱାଭାବୀ ଶିଶୁ ବୋଲି ଚିହ୍ନଟ ହୋଇସାରିଥିବା ଏବଂ ଅସ୍ୱାଭାବୀ ବୋଲି ଆଶଙ୍କା କରାଯାଉଥିବା ଶିଶୁମାନଙ୍କର କ୍ରନ୍ଦନରୋଳର ଢାଞ୍ଚା ସବୁ ପୃଥକ୍ । *ପୁଣି ଏବେ ଲକ୍ଷ୍ୟ କରାଯାଇଛି ଯେ ପୁଷ୍ଟିହୀନତାର ଶରବ୍ୟ ହୋଇଥିବା ଶିଶୁମାନଙ୍କର କ୍ରନ୍ଦନ ଶୈଳୀ ସାଧାରଣ ଶିଶୁମାନଙ୍କ କ୍ରନ୍ଦନ ଢାଞ୍ଚା ସହିତ ସମାନ ନ ହୋଇ ଅସ୍ୱାଭାବୀ ଶିଶୁମାନଙ୍କ କ୍ରନ୍ଦନର ଅଧିକଂ ନିକଟବର୍ତ୍ତୀ ।* ଏ ଦୃଷ୍ଟିରୁ ଶିଶୁର କ୍ରନ୍ଦନ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ସଂକେତ ନୁହେଁ, ଏହା କେତେକ ଅସ୍ୱାଭାବିକତାର ପ୍ରାକ୍ ସତର୍କ ସୂଚନା ।

ନବଜାତ ଶିଶୁକୁ ଶାନ୍ତ ରଖିବାର କୌଶଳ

ନବଜାତ ଶିଶୁର ବିଭିନ୍ନ ଅବସ୍ଥା ଆଲୋଚନା କରିବା ପରିପ୍ରେକ୍ଷୀରେ ଶିଶୁର ନିଷ୍କ୍ରିୟତା ଓ ସକ୍ରିୟତା ବିଷୟରେ ସୂଚନା ଦିଆଯାଇଥିଲା । ନିଦ୍ରାର ବିଭିନ୍ନ ଅବସ୍ଥା ଓ ନିଦୁଆ ଭାବକୁ ବାଦ ଦେଲେ ଜାଗ୍ରତ ଅବସ୍ଥା ମଧ୍ୟରୁ ଜାଗ୍ରତ ନିଷ୍କ୍ରିୟତା (Alert inactivity) ନବଜାତ ଶିଶୁ ପାଇଁ ଅଧିକ ଉପଯୋଗୀ । କାନ୍ଦିବା ଅବସ୍ଥାରେ ଶିଶୁ ସକ୍ରିୟ ଥିଲେ ମଧ୍ୟ ଶିଶୁର ମନୋଭାବ ଭଲ ନ ଥାଏ ଏବଂ ସେ ଅସ୍ଥିରତା ଅନୁଭବ କରୁଥାଏ । ଜାଗ୍ରତ ଅତିସକ୍ରିୟ (Waking activity) ସମୟରେ ଶିଶୁ ନିଜ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିକ୍ଷିପ୍ତ ଭାବରେ ଚାଳନ କରି ସକ୍ରିୟତା ପ୍ରକାଶ କରିବା ଫଳରେ କିଛି ସମୟ ମଧ୍ୟରେ କ୍ଳାନ୍ତ ହୋଇପଡ଼େ । ଅଥଚ ଜାଗ୍ରତ ନିଷ୍କ୍ରିୟତା ସମୟରେ ଶିଶୁର ଚକ୍ଷୁ ଦୁଇଟି ଉଜ୍ଜ୍ୱଳ ଓ ନିଦମୁକ୍ତ ଥାଏ । ଡୋଳାର ଗତି ଏପଟରୁ ସେପଟକୁ ଏବଂ ଉପରୁ ତଳକୁ ଗତି କରୁଥାଏ । ଶିଶୁର ପରିପାର୍ଶ୍ୱରେ ଗତିଶୀଳ ଥିବା ବସ୍ତୁ ସହିତ ଶିଶୁ ନିଜର ଦୃଷ୍ଟି ଚାଳନା କରେ । ଶିଶୁର ମୁଖ କ୍ଳାନ୍ତିହୀନ ଥାଏ । ଯନ୍ତ୍ରଣା ଓ ଅପ୍ରୀତିକର ଅନୁଭୂତିର ଚିହ୍ନ ମୁହଁରେ ପ୍ରତିଫଳିତ ହେଉ ନ ଥାଏ । ଏପରି ଅବସ୍ଥାରେ ଶିଶୁ ଅପେକ୍ଷାକୃତ ନିଷ୍କ୍ରିୟ ଥିଲେ ମଧ୍ୟ ଶିଶୁ ବାହ୍ୟଜଗତରୁ ଶିକ୍ଷା କରି ଚାଲିଥାଏ । ଗବେଷକମାନେ ଲକ୍ଷ୍ୟ କରିଛନ୍ତି ଯେ ଏପରି ଅବସ୍ଥାରେ ନବଜାତ ଶିଶୁର ଶିକ୍ଷା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ଏହାର ଅର୍ଥ ନୁହେଁ ଯେ ଅନ୍ୟ ଅବସ୍ଥାରେ ଶିଶୁର ଆଦୌ ଶିକ୍ଷା ସମ୍ଭବ ନୁହେଁ । ମାତ୍ର ଜାଗ୍ରତ ଅଥଚ ସ୍ଥିର ଥିବା ସମୟରେ ନବଜାତ ଶିଶୁର ଗ୍ରହଣଶୀଳତା ତୀକ୍ଷ୍ଣ ରହେ ।

ଅପେକ୍ଷାକୃତ ଏହି ଶାନ୍ତ ଅବସ୍ଥାଟି ଉପଯୋଗୀ ହୋଇଥିବାରୁ ଏହି ସମୟଟି ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଶ୍ନ ହେଉଛି – ଶିଶୁକୁ ଏ ଅବସ୍ଥାକୁ ଅଣାଯିବ କିପରି ? ଶିଶୁ ନିଦରୁ ଉଠି ଚିଡ଼ିଚିଡ଼ିଆ ଭାବ ଦେଖାଉଥିଲେ ତାକୁ ଏ ଅବସ୍ଥାକୁ ଆଣିବାକୁ ଦରକାର ହୁଏ । କୌଣସି କାରଣରୁ ଶିଶୁ ରାହାଧରି କାନ୍ଦିଲେ ତାକୁ ଶାନ୍ତ କରିବାକୁ ହୁଏ, ସେହିପରି ଏପଟ ସେପଟ ହୋଇ ଅସ୍ଥିରତା ପ୍ରକାଶ କଲେ ଶିଶୁକୁ ତୁଷ୍ଟ କରିବାର ଆବଶ୍ୟକତା ଆସେ ।

Digitized by srujanika@gmail.com

ଏପରି ଅବସ୍ଥାରେ ମା' ବା ଅନ୍ୟ ଯତ୍ନକାରୀ ଶିଶୁକୁ ଶାନ୍ତ କରିବାକୁ ଚେଷ୍ଟା କରନ୍ତି । ଏଥିପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯାଏ । କେହି କେହି ଶିଶୁକୁ କାନ୍ଧରେ ପକାଇ ଶାନ୍ତ କରିବାକୁ ଚେଷ୍ଟା କରନ୍ତି । ଅନ୍ୟ କେହି ଶିଶୁକୁ ଛାତିରେ ଜଡ଼ାଇ ନିଅନ୍ତି । କୌଣସି କୌଣସି ମା' ଶିଶୁକୁ କୋଳରେ ରଖନ୍ତି । ଅନ୍ୟ କେହି ଶିଶୁକୁ ଦୁଇ ହାତରେ ଧରି ହଲାନ୍ତି । ପୁଣି ନିଜ କଣ୍ଠର ଶବ୍ଦ ଶୁଣାଇ ଶିଶୁକୁ ତୁନି କରିବାର ଉଦ୍ୟମ କରାଯାଏ । ବର୍ତ୍ତମାନ ପ୍ରଶ୍ନ ହେଉଛି କେଉଁ କୌଶଳଟି ଅଧିକ ଉପଯୋଗୀ ? ଗବେଷଣାରୁ ଦେଖାଯାଇଛି *ଯେ ପ୍ରତିଟି କୌଶଳ ଅଳ୍ପ ବହୁତେ କାର୍ଯ୍ୟ କରୁଥିଲେ ମଧ୍ୟ ଶିଶୁକୁ କାନ୍ଧରେ ପକାଇ ଶାନ୍ତ କରିବାର କୌଶଳଟି ଅଧିକ ଉପଯୋଗୀ ହୋଇଥାଏ ।* ଏ କୌଶଳରେ ବହୁସଂଖ୍ୟକ ଶିଶୁ କ୍ରନ୍ଦନ, ନିଦ୍ରା ବା ଅସ୍ଥିର ଅବସ୍ଥାରୁ ଜାଗ୍ରତ ନିଷ୍କ୍ରିୟତା ସ୍ତରକୁ ଆସନ୍ତି । ଅପେକ୍ଷାକୃତ ଶରୀର ଚାଳନା କମିଗଲେ ମଧ୍ୟ ଅବସ୍ଥାରେ ଦର୍ଶନେନ୍ଦ୍ରିୟ ଖୁବ୍ ସଜାଗ ଥାଏ । ନବଜାତ ଶିଶୁର ଆଦ୍ୟ ଶିକ୍ଷା ସବୁ ଏହି ଦୃଷ୍ଟିକେନ୍ଦ୍ରିକ ଅନ୍ୱେଷଣ ଉପରେ ପର୍ଯ୍ୟବସିତ ହୋଇଥିବାରୁ ଶିଶୁର ଶିକ୍ଷା ଅବ୍ୟାହତ ରହେ ।

Digitized by srujanika@gmail.com

ସୂତ୍ର ଭଣ୍ଡାର -୩

ନବଜାତଶିଶୁର ସକ୍ରିୟତା ସମ୍ପର୍କରେ :

୧. *ନବଜନ୍ମିତ ଶିଶୁ ସମ୍ବଳହୀନ ନୁହେଁ । ଜାଗ୍ରତ ଥିବା ଅବସ୍ଥାରେ ଶିଶୁ ନିଜର ଇନ୍ଦ୍ରିୟଗୁଡିକ ଚାଳନ କରେ ଏବଂ ଶରୀରର ଅଙ୍ଗ ପ୍ରତ୍ୟଙ୍ଗର ସଚଳତା ଦର୍ଶାଏ । ସୁତରାଂ ଏକ ନିର୍ଦ୍ଦିଷ୍ଟ ସମୟରେ ଶିଶୁ କେଉଁ ଅବସ୍ଥାରେ ରହିଛି ତାହା ନ ଜାଣି ତା'ର କ୍ରିୟାହୀନତାକୁ ନିଷ୍କ୍ରିୟତା ବୋଲି ବିଚାର କରନ୍ତୁ ନାହିଁ ।*

୨. *ମନେରଖିବାକୁ ହେବ ଶିଶୁମଧ୍ୟ ସ୍ୱପ୍ନ ଦେଖେ । ସ୍ୱପ୍ନ କାଳୀନ ନିଦ୍ରା (କ୍ଷିପ୍ର ଚକ୍ଷୁଗତି) ସମୟରେ ଶରୀର ଅବଶ ଥିଲେ ମଧ୍ୟ ମସ୍ତିଷ୍କ କେତେକ ପରିମାଣରେ ସକ୍ରିୟ ଥାଏ । ଏପରି ସକ୍ରିୟତା ଶିଶୁମାନସ ବିକାଶର ସହାୟକ ।*

୩. *ଶିଶୁର ତିନିପ୍ରକାର କ୍ରନ୍ଦନ ରହିଛି, ପ୍ରଥମଟି କ୍ଷୁଧାଜନିତ ଏହା ମୁଖ୍ୟତଃ ବିକ୍ଷିପ୍ତ ଓ ଛନ୍ଦହୀନ, ଦ୍ୱିତୀୟ ଧରଣର କ୍ରନ୍ଦନଟି ରାଗ-ସୃଷ୍ଟ, ଏଥିରେ କ୍ରମାନ୍ୱିୟତା ଥାଏ । ଶିଶୁ ଲହରୀ ସୃଷ୍ଟିକରି କାନ୍ଦେ । ତୃତୀୟ ପ୍ରକାର ଶିଶୁକ୍ରନ୍ଦନଟି ହେଉଛି ଯନ୍ତ୍ରଣା-ବିଜଡିତ, ଏହା ହଠାତ୍ ଉଚ୍ଚ ସ୍ୱରରୁ ଆରମ୍ଭ ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗିରହେ । ଶିଶୁର କ୍ରନ୍ଦନ କି ସଂକେତ ଦେଉଛି, ତାହା ଆପଣ ସହଜରେ ଜାଣିପାରିବେ ।*

୪. *ପୁଷ୍ଟିହୀନତାର ଶରବ୍ୟ ହୋଇଥିବା ଶିଶୁମାନଙ୍କର କ୍ରନ୍ଦନରେ ଅସ୍ୱାଭାବିକତା ଥାଏ । ଏପରି ସଂକେତ ବାଟି ବିହିତ ପ୍ରତିକାର ବିଧାନ କରନ୍ତୁ ।*

୫. *କ୍ରନ୍ଦନରତ ଶିଶୁଙ୍କୁ ଛାତିରେ ପକାଇ କିମ୍ବା କୋଳରେ ଧରି କିମ୍ବା ଦୁଇହାତରେ ଧରି କିମ୍ବା ଗୀତଶୁଣାଇ ଶାନ୍ତ କରିବାର ଉଦ୍ୟମ ସଫଳହେବାର ସମ୍ଭାବନା ଥିଲେ ମଧ୍ୟ କାନ୍ଧରେ ପକାଇ ଶାନ୍ତ କରାଇବା ଅଧିକ ଉପଯୋଗୀ । କାନ୍ଧରେ ପକାଇ ଶାନ୍ତ କରିବା ସମୟରେ ଶିଶୁ ନିଜର ଦୃଷ୍ଟିଶକ୍ତି ଯେପରି ଉପଯୋଗ କରିବ, ତାହାର ସୁଯୋଗ ଦିଅନ୍ତୁ ।*

୬. *ମାତୃସ୍ତନ୍ୟ ଚୁଚୁମିବା (Sucking) ର ସୁଯୋଗ ଅନ୍ୟତମ କୌଶଳର ବ୍ୟବହାର କରାଯାଇପାରେ ।*

Digitized by srujanika@gmail.com

ପୁଣି ଏହା ସହିତ ମା' କିମ୍ବା ଯତ୍ନକାରୀ ଶିଶୁକୁ କାନ୍ଧରେ ଧରି ରଖିବା ଫଳରେ ତା' ଶରୀରରେ ଯେଉଁ ମୃଦୁଚାପ ଦିଅନ୍ତି ତାହା ମଧ୍ୟ ଶିଶୁ ବିକାଶର ସହାୟକ ହୁଏ । ଲକ୍ଷ୍ୟ କରାଯାଉଛି ଯେ ପ୍ରାୟ ୭୮ ପ୍ରତିଶତ ଶିଶୁଙ୍କର ଚକ୍ଷୁ ଏ ଅବସ୍ଥାରେ ଉଜ୍ଜ୍ୱଳ ଥାଏ ଏବଂ ସେମାନେ ସେମାନଙ୍କର ପାରିପାର୍ଶ୍ୱିକ ଉଦ୍ଦୀପକ ସବୁକୁ ଦେଖନ୍ତି । ଶିଶୁକୁ ଝୁଲାଇବା ପରି ଅଳ୍ପ କେତେକ ଅନ୍ୟ କୌଶଳ ଶିଶୁକୁ ଶାନ୍ତ କରିବାରେ ସହାୟକ ହେଲେ ମଧ୍ୟ ଶିଶୁର ଦୃଷ୍ଟିଭିତ୍ତିକ ପ୍ରାକ୍‌କାଳୀନ ଶିକ୍ଷା ଏବଂ ସ୍ପର୍ଶାନୁଭୂତିଜନିତ ଆନନ୍ଦ କାନ୍ଧରେ ପକାଇ ରଖିବା କୌଶଳ ମାଧ୍ୟମରେ ଅଧିକ ଫଳବତୀ ହୁଏ ।

ମା' କିମ୍ବା ଅନ୍ୟ କୌଣସି ଯତ୍ନକାରୀର ବିନା ସହାୟତାରେ ମଧ୍ୟ ଶିଶୁ ନିଜେ ନିଜେ ଶାନ୍ତ ଅବସ୍ଥାକୁ ଆସିପାରେ । ଏ କ୍ଷେତ୍ରରେ ଏକ ବିଶିଷ୍ଟ ମାଧ୍ୟମ ହେଉଛି ଚୁଚୁମିବା (Sucking) । ନବଜାତ ଶିଶୁର ଏ ପ୍ରକ୍ରିୟା ଏକ ସଂଗଠିତ ରୂପ ନେଇଥାଏ । କୌତୂହଳର ବିଷୟ ଯେ ଶିଶୁର ଏହି ଚୁଚୁମିବା କ୍ରିୟାଟି ଏକ ସ୍ୱତଃସ୍ଫୂର୍ତ୍ତ ଓ ସମୟ ନିର୍ଭରଯୋଗ୍ୟ ରୂପ ନେଇଥାଏ । ଶିଶୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଚୁଚୁମେ । ଏପରି କି ଗଭୀର ନିଦ୍ରାରେ ଶୋଇଥିବା ସମୟରେ ଶିଶୁର ଓଠରେ ଚୁଚୁମିବାର ମୃଦୁ କମ୍ପନ ଦେଖିବାକୁ ମିଳେ । ପୁଣି ଏହାର ଏକ ସମୟ ନିର୍ଘଣ୍ଟତା ରହିଛି । ନବଜାତ ଶିଶୁର ବ୍ୟବହାର ସମ୍ପର୍କରେ ଗବେଷଣା କରୁଥିବା ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ଶିଶୁ ପ୍ରତି ସେକେଣ୍ଡରେ ଦୁଇଥର ଚୁଚୁମେ । ଶିଶୁର ୫ରୁ ୨୦ଥର ପର୍ଯ୍ୟନ୍ତ ଚୁଚୁମିବା ପରେ ୪ରୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ ବିରତି ଦର୍ଶାଏ । ପୁନଶ୍ଚ ଚୁଚୁମିବା ଆରମ୍ଭ କରେ । ଏପରି କାର୍ଯ୍ୟ ପାଇଁ ଶିଶୁ ସବୁବେଳେ ବାହାରର ଉଦ୍ଦୀପନା ଉପରେ ନିର୍ଭର କରେ ନାହିଁ । ଅନ୍ତର୍ନିହିତ ସମୟ ଚକ୍ରର ଅଭିପ୍ରେରଣା ଶିଶୁକୁ ଏ କ୍ଷେତ୍ରରେ ସକ୍ରିୟ କରେ ।

ଶିଶୁ ଆଦ୍ୟସୋପାନରେ ମାତୃସ୍ତନ୍ୟ ପାନ କରି କ୍ଷୁଧାନିବାରଣ କରୁଥିବାରୁ ଚୁଚୁମିବା କ୍ରିୟାଟି ଏପରି ମହତ୍ୱପୂର୍ଣ୍ଣ ଭୂମିକା ଲାଭ କରିଛି ବୋଲି ଅନେକଙ୍କର ଧାରଣା ହୋଇପାରେ । ଏ ଦୃଷ୍ଟିରୁ ଚୁଚୁମିବା କାମଟି ଶିଶୁକୁ ଶାନ୍ତ ଅବସ୍ଥାକୁ ଆଣିପାରୁଛି ବୋଲି ବିଶ୍ୱାସ କରିବା ସ୍ୱାଭାବିକ । ମାତ୍ର ସୂକ୍ଷ୍ମ ଭାବରେ ଲକ୍ଷ୍ୟ କରାଯାଇ ଦେଖାଯାଇଛି ଯେ ଶିଶୁ ଜନ୍ମହୋଇ ପ୍ରଥମ ଥର ପାଇଁ ସ୍ତନ୍ୟପାନ ଆରମ୍ଭ କରିବା ପୂର୍ବରୁ ମଧ୍ୟ ଶିଶୁର ଚୁଚୁମିବା ପ୍ରବଣତା ସକ୍ରିୟ ଥାଏ । ଜନ୍ମର ଠିକ୍ ପର ପରେ ଏହା ଶାନ୍ତକ (Pacifier) ରୂପେ କାର୍ଯ୍ୟ କରେ । *ସ୍ଥୂଳତଃ ଚୁଚୁମିବା କାର୍ଯ୍ୟଟି ଶିଶୁର ଅଯଥା ବିକ୍ଷିପ୍ତ ଗତିକୁ କମାଇ ଦେଇ ତାହାକୁ ଶାନ୍ତ ଅବସ୍ଥାକୁ ଆଣେ ଏବଂ ଜନ୍ମ ମୁହୂର୍ତ୍ତରୁ ମାନସିକ ଭାର କମାଇବାର ମାଧ୍ୟମ ରୂପେ କାର୍ଯ୍ୟକରେ ।*

■

Digitized by srujanika@gmail.com

ଶିଶୁର ମୂଳ ସମ୍ବଳ

ଜୀବନର ପ୍ରାକ୍‌କାଳରେ ମାନବ ଶିଶୁ କି କି ସମ୍ବଳ ନେଇ ଏକ ଆଗାମୀ ବିଶ୍ୱର ସମ୍ମୁଖୀନ ହେବାର ଉଦ୍ୟମ କରେ ସେ ସମ୍ପର୍କରେ ଲୋକମାନଙ୍କର ଧାରଣା ସ୍ପଷ୍ଟ ନୁହେଁ। ପ୍ରକୃତରେ କିନ୍ତୁ ଶିଶୁ ଜନ୍ମ ସମୟ ବେଳକୁ ଅନେକଗୁଡିଏ ପ୍ରତିବର୍ତ୍ତ (Reflex) ସବୁକୁ ସଂଗଠିତ କରିଥାଏ । ପ୍ରତିବର୍ତ୍ତର ସଂଗଠନ ଓ ବାହ୍ୟ ପରିବେଶର ପ୍ରଭାବ ପ୍ରତି ନବଜାତ ଶିଶୁ ନିଜର ପ୍ରତିକ୍ରିୟା ଦର୍ଶାଏ । ଦୃଷ୍ଟିଜନିତ, ଶ୍ରବଣଜନିତ ଓ ସ୍ପର୍ଶଜନିତ ଅନୁଭୂତି ଦର୍ଶାଇଥାଏ । ନବଜାତ ଶିଶୁର ଏ ସାଂଗଠନିକ ଦକ୍ଷତା ସମ୍ପର୍କରେ ସୂଚନା ଦେଲାବେଳେ ମନରେ ପ୍ରଶ୍ନ ଉଠିପାରେ ଏ ସବୁର ପ୍ରମାଣ କ'ଣ ?

ଏହା ଅବଶ୍ୟ ସତ ଯେ, ଶିଶୁ କିପରି ଓ କାହିଁକି ପ୍ରତିକ୍ରିୟା ଦର୍ଶାଉଛି, ସେ ସମ୍ପର୍କରେ ସଠିକ୍ ଭାବେ ଜାଣିବାରେ କେତେକ ବାଧା ରହିଛି । ନବଜାତ ଶିଶୁର ଗତିଶୀଳତା ସୀମିତ। ଏହା ଏକ ନିର୍ଦ୍ଦିଷ୍ଟ ବସ୍ତୁ ପାଖରେ ପହଞ୍ଚିପାରେ ନାହିଁ ଏବଂ ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଦୃଷ୍ଟିନିବଦ୍ଧ ରଖିପାରେ ନାହିଁ । ପୁଣି ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବାର ପ୍ରଶ୍ନ ଉଠୁନାହିଁ । ମାତ୍ର ଏ ସବୁ ପ୍ରତିବନ୍ଧକ ସତ୍ତ୍ୱେ ଶିଶୁର ପ୍ରତିକ୍ରିୟା ଅନୁଧ୍ୟାନ କରାଯିବା ଅସମ୍ଭବ ନୁହେଁ । ଶିଶୁର ସ୍ୱୟଂକ୍ରିୟ ସ୍ନାୟୁମଣ୍ଡଳ (Autonomic Nervous System)ର କ୍ରିୟାକଳାପକୁ ଲକ୍ଷ୍ୟ କରି କେତେକ ସିଦ୍ଧାନ୍ତ ଗ୍ରହଣ କରାଯାଇପାରେ । ଶିଶୁର ହୃଦ୍‌ସ୍ପନ୍ଦନ, ମାଂସପେଶୀର ପ୍ରତିକ୍ରିୟା ଏବଂ ନିଃଶ୍ୱାସ ପ୍ରଶ୍ୱାସ କ୍ରିୟାକୁ ପର୍ଯ୍ୟବେକ୍ଷଣ କରି ଶିଶୁ ବ୍ୟବହାର ଅନୁଶୀଳନ କରିବା ସମ୍ଭବ । ପରିବର୍ତ୍ତିତ ହେଉଥିବା ଶବ୍ଦର ତୀକ୍ଷ୍ଣତା ଉପରେ ନିର୍ଭର କରି ଶିଶୁର ନିଃଶ୍ୱାସ ପ୍ରଶ୍ୱାସର ଗତି ପରିବର୍ତ୍ତିତ ହୁଏ । ଏ ଦୃଷ୍ଟିରୁ ବିଚାର କରାଯାଏ ଯେ, ଶିଶୁ ଶବ୍ଦ ଉଦ୍ଦୀପନା ପ୍ରତି ନିଜର ପ୍ରତିକ୍ରିୟା ଦର୍ଶାଉଛି । ସେହିପରି ଶବ୍ଦର ପରିବର୍ତ୍ତନ ସହ ସମନ୍ୱୟ ରକ୍ଷା କରି ମାଂସପେଶୀରେ କେତେକ ପରିବର୍ତ୍ତନ ଲକ୍ଷିତ ହୁଏ । ପୁଣି ଇନ୍ଦ୍ରିୟାନୁଭୂତି ଉପରେ ନିର୍ଭର କରି ଶିଶୁର ଚୁଚୁମିବା (Sucking) ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଏହାର ପରିବର୍ତ୍ତନ ସହିତ ସମ୍ବନ୍ଧିତ ଏହି ସବୁ ସରଳତାରୁ ଶିଶୁର ସମ୍ବେଦନ ଭାବ (Sensitivity) ଜଣାଯାଏ ।

ନବଜାତ ଶିଶୁ କେଉଁ ଶବ୍ଦ ପ୍ରତି ଅଧିକ ଆକର୍ଷିତ

ଶିଶୁର ଜନ୍ମ ସମୟ ବେଳକୁ ଶିଶୁ କାନରେ ତରଳ ପଦାର୍ଥ ଲାଗିରହିଥିବାରୁ ଶବ୍ଦର ଗତି ବାଧାପ୍ରାପ୍ତ ହେବା ଯେପରି ସ୍ୱାଭାବିକ, ଶିଶୁ ପ୍ରକୃତରେ ଶୁଣି ପାରୁଛି କି ନାହିଁ ବୋଲି ଜାଣିବାର ଅସୁବିଧା ସେପରି ସ୍ୱାଭାବିକ । କିନ୍ତୁ ପରୀକ୍ଷା ନିରୀକ୍ଷାରୁ ସ୍ପଷ୍ଟ ଜଣାଯାଏ ଯେ ଶିଶୁର ଶବ୍ଦଗ୍ରହଣ କ୍ଷମତା ଉନ୍ନତ । ବାସ୍ତବରେ ଶିଶୁ ଶବ୍ଦର ଉତ୍ସ ଜାଣିପାରେ ଏବଂ ଭିନ୍ନ ଭିନ୍ନ ତ୍ରୀବ୍ରତାର (Loudness) ଶବ୍ଦକୁ ପୃଥକ୍ ପୃଥକ୍ ଚିହ୍ନିପାରେ । ଶବ୍ଦ ଶ୍ରୁତିକଟୁ ହୋଇ ନ ଥିଲେ ନୀରବଚ୍ଛିନ୍ନ

Digitized by srujanika@gmail.com

ଶବ୍ଦ ଶୁଣି ଶିଶୁ ଶାନ୍ତ ହୋଇଥାଏ । କେବଳ ଶବ୍ଦର ତୀବ୍ରତା (Loudness) ନୁହେଁ ଜନ୍ମର ଦିନେ ଦୁଇଦିନ ପରେ ଶିଶୁ ଶବ୍ଦର ତୀକ୍ଷ୍ଣତା (pitch) ମଧ୍ୟ ଜାଣିପାରେ । କମ୍ ତୀକ୍ଷ୍ଣତା ଥିବା ଶବ୍ଦ *(ସେକେଣ୍ଡରେ ୫୦୦ରୁ ୯୦୦ ସାଇକ୍ଲ ପର୍ଯ୍ୟନ୍ତ) ଅପେକ୍ଷାକୃତ ଅଧିକ ତୀକ୍ଷ୍ଣତା ଥିବା ଶବ୍ଦ (ସେକେଣ୍ଡରେ ୪୦୦୦ରୁ ୪୫୦୦ ସାଇକ୍ଲ) ଠାରୁ ଅଧିକ ଆକର୍ଷଣ ସୃଷ୍ଟି କରେ ।*

ଶିଶୁଟି ଯେ ଶବ୍ଦ ପ୍ରତି ଅଭିନିବିଷ୍ଟ ହେଉଛି ଏହା ତିନୋଟି ପରିବର୍ତ୍ତନରୁ ଜାଣିହୁଏ । ଶବ୍ଦ ଶୁଣି ଶୁଣି ଅଶାନ୍ତ ଓ କ୍ରନ୍ଦନଶୀଳ ଅବସ୍ଥାରୁ ଶାନ୍ତ ଅବସ୍ଥାକୁ ଆସିପାରେ । ଅନ୍ୟ କେତେକ ସମୟରେ ଶବ୍ଦ ଶୁଣି ଶିଶୁ ସଜାଗ ଭାବ ଦର୍ଶାଏ । ପୁଣି ଶବ୍ଦର ଦୀର୍ଘତା, ତୀବ୍ରତା ଓ ତୀକ୍ଷ୍ଣତା ଉପରେ ନିର୍ଭର କରି ଶିଶୁ ଅଶାନ୍ତ ଓ ଅସ୍ଥିରତା ମଧ୍ୟ ଦର୍ଶାଇପାରେ । ଶବ୍ଦ ପ୍ରତି ଶିଶୁର ଆକର୍ଷଣ ସମ୍ପର୍କରେ ଯେଉଁସବୁ ଗବେଷଣା ହୋଇଛି ସେ ପରିପ୍ରେକ୍ଷୀରେ ସବୁଠାରୁ ଅଧିକ କୌତୂହଳପ୍ରଦ ହେଉଛି *ମନୁଷ୍ୟର ସ୍ୱର ପ୍ରତି ଶିଶୁର ଅଭିନିବେଶ । କେତେକ ଗବେଷକ ଲକ୍ଷ୍ୟ କରିଛନ୍ତି ଯେ ଶିଶୁ ନାରୀର ଶବ୍ଦ ପ୍ରତି ପୁରୁଷ ଶବ୍ଦ ତୁଳନାରେ ଅଧିକ ଅଭିମୁଖତା ଦର୍ଶାଏ ।* ଏହାର ଦୁଇଟି କାରଣ ଥାଇପାରେ, ପ୍ରଥମତଃ ଶିଶୁର ତିଷ୍ଠି ରହିବା ପାଇଁ ମୌଳିକ ଆବଶ୍ୟକତା ହେଉଛି

ମାନବିକ ସହାୟ । ସୁତରାଂ ବିବର୍ତ୍ତନ ଦୃଷ୍ଟିକୋଣରୁ ଶିଶୁର ଶ୍ରବଣେନ୍ଦ୍ରିୟ ମାନବିକ ଶବ୍ଦ ଗ୍ରହଣ ପାଇଁ ଅଧିକ ସମର୍ଥ । ଦ୍ୱିତୀୟତଃ ଜନ୍ମର ପୂର୍ବରୁ ମଧ୍ୟ ମାତୃଗର୍ଭରେ ଥିବା ସମୟରେ ଶିଶୁ ନିଜ ଜନନୀର କଥାକୁହା ଶବ୍ଦ, ସଂଗୀତର ଲହରୀ ପ୍ରତି ଅଭିମୁଖତା ଦର୍ଶାଇଥାଏ । ମା' କଥା କହିବା

Digitized by srujanika@gmail.com

କିମ୍ବା ଗୀତ ଗାଇବା ସମୟରେ ଜରାୟୁ ମଧ୍ୟରେ ଥିବା ଶିଶୁ ଗତିଶୀଳ ହୋଇ ମୁଣ୍ଡପଟଟି ଶବ୍ଦର ଉତ୍ସ ଦିଗରେ ଚାଳିତ ହୁଏ । ମୋଟ ଉପରେ ଜନ୍ମ ପୂର୍ବରୁ ନିର୍ଦ୍ଦିଷ୍ଟ ଧରଣର ଶବ୍ଦ ପ୍ରତି ଶିଶୁର ଆଗ୍ରହ ରୂପ ନେଇ ସାରିଥାଏ । ଏ ଦୃଷ୍ଟିରୁ ମା'ର ସ୍ୱର ପ୍ରତି ସର୍ବାଧିକ ଆକର୍ଷଣ, ନାରୀମାନଙ୍କ ଶବ୍ଦ ପ୍ରତି ବେଶ୍ ଆକର୍ଷଣ ଏବଂ ପୁରୁଷମାନଙ୍କ ଶବ୍ଦ ପ୍ରତି ମଧ୍ୟ କିଛି ପରିମାଣରେ ଆକର୍ଷଣ ଦର୍ଶାଇବା ସ୍ୱାଭାବିକ । ଯେଉଁ ତୀକ୍ଷ୍ଣତା ସମ୍ପନ୍ନ (ସେକେଣ୍ଡରେ ୫୦୦ରୁ ୯୦୦ ସାଇକ୍ଲ ପର୍ଯ୍ୟନ୍ତ) ଶବ୍ଦ ପ୍ରତି ଶିଶୁ ଅଭିନିବିଷ୍ଟ ହେବା କଥା ପୂର୍ବରୁ କୁହାଯାଇଛି, ଅଧିକାଂଶ ଲୋକ ସେ ତୀକ୍ଷ୍ଣତା ପରିସର ମଧ୍ୟରେ କଥାବାର୍ତ୍ତା କରନ୍ତି ।

ନିର୍ଦ୍ଦିଷ୍ଟ ପରିସରର ଶବ୍ଦ ପ୍ରତି ଆକର୍ଷଣ ଦର୍ଶାଇବା କେବଳ ମନୁଷ୍ୟ ମଧ୍ୟରେ ସୀମାବଦ୍ଧ ନୁହେଁ । ଜନ୍ମର ଠିକ୍ ପରେ ପରେ ମାଙ୍କଡ଼ ଛୁଆମାନଙ୍କୁ କୃତ୍ରିମ ପରିବେଶରେ ରଖାଯାଇ ପ୍ରାୟ ଏକମାସ ପର୍ଯ୍ୟନ୍ତ କୌଣସି ଶବ୍ଦ ଶୁଣିବାର ସୁଯୋଗ ଦିଆଗଲା ନାହିଁ । ଏକ ମାସ ପରେ ସେମାନଙ୍କୁ ପ୍ରାକୃତିକ ପରିବେଶକୁ ଆଣି ସେମାନଙ୍କର ବ୍ୟବହାର ପର୍ଯ୍ୟବେକ୍ଷଣ କରାଗଲା । ବିଭିନ୍ନ ଧରଣର ଶବ୍ଦ ସୃଷ୍ଟି କରାଯାଇ ଦେଖାଗଲା ଯେ ଅଧିକାଂଶ ମାଙ୍କଡ଼ଛୁଆ ବାଛବିଚାର କରି କେତେକ ନିର୍ଦ୍ଦିଷ୍ଟ ଧରଣର ଶବ୍ଦ ପ୍ରତି ନିଜର ଆକର୍ଷଣ ଦର୍ଶାଉଛନ୍ତି । ବୟସ୍କା ମାଈ ମାଙ୍କଡ଼ର ଶବ୍ଦ ସହିତ ସମପର୍ଯ୍ୟାୟଭୁକ୍ତ ଶବ୍ଦ ପ୍ରତି ଆକର୍ଷଣ ସୂଚାଉଛନ୍ତି । ଏହାର ଅର୍ଥ ହେଉଛି ଯେ ଜନ୍ମ ବେଳକୁ ଏମାନେ ଶବ୍ଦ ସବୁକୁ ବାଛବିଚାର କରିବାର ସାମର୍ଥ୍ୟ ହାସଲ କରିଛନ୍ତି ଏବଂ ନିର୍ଦ୍ଦିଷ୍ଟ ଧରଣର ଶବ୍ଦ ପ୍ରତି ଅଭିମୁଖତା ସୂଚାଉଛନ୍ତି ।

ମନୁଷ୍ୟ କ୍ଷେତ୍ରରେ ଏହା ସ୍ପଷ୍ଟ ପ୍ରମାଣିତ ଯେ ଶିଶୁ ମନୁଷ୍ୟର କଥୋପକଥନରେ ବ୍ୟବହୃତ ହେଉଥିବା ଶବ୍ଦର ତୀବ୍ରତା ଓ ତୀକ୍ଷ୍ଣତା ପ୍ରତି ଅଭିନିବେଶ ଦର୍ଶାଏ । ଜନ୍ମବେଳକୁ ଏହି ସାମର୍ଥ୍ୟ ହାସଲ ହୋଇସାରିଥାଏ । ଏପରି ଶବ୍ଦ ଶୁଣିବା ସମୟରେ ଶିଶୁର ଶରୀର ମଧ୍ୟ ଅନୁରୂପ ସଂଗତି ରକ୍ଷାକରେ । ଶବ୍ଦର ଦୀର୍ଘତା, ତୀବ୍ରତା ଓ ତୀକ୍ଷ୍ଣତା ଅନୁଯାୟୀ ଶିଶୁର ସଚଳତା, ଦୃଷ୍ଟି, ମାଂସପେଶୀ ଚାଳନା, ନିଃଶ୍ୱାସ ପ୍ରଶ୍ୱାସ ଓ ହୃଦ୍‌ସ୍ପନ୍ଦନ ସଂଗତି ରକ୍ଷାକରେ । କହିବା ଅନାବଶ୍ୟକ ଯେ, ମାନବୀୟ ଶବ୍ଦ ପ୍ରତି ଶିଶୁର ଏପରି ଅଭିମୁଖତା ପରବର୍ତ୍ତୀ କାଳରେ ଶିଶୁର ଭାଷାଶିକ୍ଷାକୁ ସୁଗମ କରେ ।

ନବଜାତ ଶିଶୁର ଦୃଷ୍ଟିଶକ୍ତି କେତେ ଉନ୍ନତ ?

ବାହ୍ୟଜଗତ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ଦୃଷ୍ଟିଶକ୍ତି ଏକ ବିଶେଷ ସମ୍ବଳ । ବିରାଡ଼ି ଛୁଆ ପରି କେତେକ ପ୍ରାଣୀ ମାନଙ୍କର ଦୃଷ୍ଟିଶକ୍ତି ଜନ୍ମକାଳରେ ବିକାଶ ଲାଭ କରି ନଥାଏ । ବିରାଡ଼ି ଛୁଆମାନେ ଜନ୍ମର ବେଶ୍ କିଛିଦିନ ପର୍ଯ୍ୟନ୍ତ ଆଦୌ ଦେଖିପାରନ୍ତି ନାହିଁ । ସେ ଦୃଷ୍ଟିରୁ ନବଜାତ ମାନବ ଶିଶୁର ଦୃଷ୍ଟିଶକ୍ତି ଖୁବ୍ ସଂଗଠିତ ଓ ଉନ୍ନତ ।

Digitized by srujanika@gmail.com

ପ୍ରଥମତଃ ଉଜ୍ଜ୍ୱଳ ବସ୍ତୁ ପ୍ରତି ସମ୍ବେଦନ (Sensitivity) ବିଚାର କରାଯାଉ । ଅତି ଉଜ୍ଜଳ ବସ୍ତୁଟିଏ ଆଡେ ଚାହିଁଲେ ଆମର ଆଖିପତା ମୁଦି ହୋଇଯାଏ ଏବଂ କଳାଡୋଳା ସଙ୍କୁଚିତ ହୁଏ । ଠିକ୍ ସେହିପରି ନବଜାତ ଶିଶୁର ଚକ୍ଷୁର କଳାଡୋଳାର ସଙ୍କୋଚନ ଓ ପ୍ରସାରଣକୁ ଲକ୍ଷ୍ୟ କରି ଜଣାଯାଏ ଯେ ଶିଶୁ ଉଜ୍ଜଳତା ପ୍ରତି ସମ୍ବେଦୀଭାବ ଦର୍ଶାଏ । ଜନ୍ମର ପ୍ରଥମ ଦୁଇମାସ ମଧ୍ୟରେ ଏପରି ସମ୍ବେଦନର ପରିବର୍ତ୍ତନ ଘଟେ । *ଶିଶୁର ବୟସ ବଢିବା ସଙ୍ଗେ ସଙ୍ଗେ ସେ ଅଳ୍ପମାତ୍ରାରେ ଉଜ୍ଜ୍ୱଳତାର ତାରତମ୍ୟ ବୁଝିପାରେ ଏବଂ ପୃଥକ୍ ପୃଥକ୍ ପ୍ରତିକ୍ରିୟା ଦର୍ଶାଏ ।*

ଆଲୋକିତ ବସ୍ତୁର ଗତିଶୀଳତା ପ୍ରତି ମଧ୍ୟ ଶିଶୁ ସମ୍ବେଦନ ଦର୍ଶାଏ । ବସ୍ତୁଟିଏ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଗତି କରୁଥିଲେ ବସ୍ତୁଟି ସହିତ ଶିଶୁର ଦୃଷ୍ଟି ମଧ୍ୟ ଗତିଶୀଳ ହୁଏ । ଜନ୍ମର ପ୍ରଥମ ଚାରିଦିନ ମଧ୍ୟରେ ଶିଶୁ ଏପରି ସାମର୍ଥ୍ୟ ଦର୍ଶାଇଥାଏ । ଗତିଶୀଳ ବସ୍ତୁ ସହିତ ସମନ୍ୱୟ ରକ୍ଷା କରି ଶିଶୁର ଦୃଷ୍ଟି ଅନୁଗାମୀ ହେବା ସମୟରେ ଶିଶୁ ଯେଉଁ ଗତିରେ ମା'ର ସ୍ତନ୍ୟ କିମ୍ବା ଅନ୍ୟ କିଛି ବସ୍ତୁ ଚୁଚୁମୁଥିଲା ସେ ଗତିରେ ଶିଥିଳତା ଆସେ । ଅନ୍ୟ ପକ୍ଷରେ ଶିଶୁର ଦୃଷ୍ଟି ସ୍ଥିର ଓ ଅଚଳ ବସ୍ତୁ ଉପରେ ନିବଦ୍ଧଥିବା ସମୟରେ ସେ ଦ୍ରୁତଗତିରେ ଚୁଚୁମୁ ଥାଏ ।

କେବଳ ଉଜ୍ଜ୍ୱଳ ଆଲୋକିତ ବସ୍ତୁ ନୁହେଁ, ଅନ୍ୟାନ୍ୟ ଗତିଶୀଳ ବସ୍ତୁକୁ ଶିଶୁର ଦୃଷ୍ଟି ଅନୁସରଣ କରେ । ବାମରୁ ଡାହାଣକୁ କିମ୍ବା ଡାହାଣରୁ ବାମକୁ ଗତି କରୁଥିବା ବସ୍ତୁର ସେ ଯେପରି ଦୃଷ୍ଟିରେ ଅନୁସରଣ କରିପାରେ ସେହିପରି ତଳୁ ଉପରକୁ କିମ୍ବା ଉପରୁ ତଳକୁ ଗତି କରୁଥିବା ବସ୍ତୁ ସହିତ ତା'ର ଦୃଷ୍ଟି ସମନ୍ୱୟ ରକ୍ଷା କରେ । କୌତୂହଳର ବିଷୟ ଯେ ଉପରୁ ତଳକୁ ବା ତଳୁ ଉପରକୁ ଯାଉଥିବା ଗତିଶୀଳ ବସ୍ତୁ ତୁଳନାରେ ବାମରୁ ଡାହାଣକୁ କିମ୍ବା ଡାହାଣରୁ ବାମକୁ ଯାଉଥିବା ଗତିଶୀଳ ବସ୍ତୁ ସହିତ ଅଧିକ ସହଜରେ ସମନ୍ୱୟ ରକ୍ଷା କରି ଦୃଷ୍ଟି ଚାଳନ କରେ । ପୁନଶ୍ଚ ମା' କିମ୍ବା ଯତ୍ନକାରୀର ବାହୁରେ ଥାଇ ଖାଉଥିବା ଅବସ୍ଥାରେ ଶିଶୁର ଦୃଷ୍ଟି ଚାଳନା ଅପେକ୍ଷାକୃତ ସହଜ ହୁଏ ।

ଏସବୁ ସାମର୍ଥ୍ୟ ସତ୍ତ୍ୱେ ଶିଶୁର ଦୃଷ୍ଟିର ତୀକ୍ଷ୍ଣତା ପ୍ରଥମେ ବୟସ୍କ ତୁଳନାରେ କମ୍ ଥାଏ । ମାତ୍ର ଏହି ସାମର୍ଥ୍ୟର ଦ୍ରୁତ ବିକାଶ ଘଟି ଛ' ମାସରୁ ଏକବର୍ଷ ମଧ୍ୟରେ ବୟସ୍କ ମାନଙ୍କର ଦୃଷ୍ଟିଶକ୍ତି ସହିତ ସମାନ ହୋଇଥାଏ । କେତେକ ଶିଶୁର ଆଉ ଗୋଟିଏ ଅସୁବିଧା ହୁଏ ବିଭିନ୍ନ ଦୂରତ୍ୱରେ ଥିବା ବସ୍ତୁ ସହିତ ଦୃଷ୍ଟି ନିବଦ୍ଧ ରଖିବା । ନବଜାତଶିଶୁ ଅଠରକୋଡ଼ିଏ ସେଣ୍ଟିମିଟର ପର୍ଯ୍ୟନ୍ତ ଦୂରତାରେ ଥିବା ବସ୍ତୁ ସହିତ ନିଜର ଦୃଷ୍ଟି ନିବଦ୍ଧ ରଖିପାରେ । ଲକ୍ଷ୍ୟ କରିବାର କଥା ଯେ, ଏ ଦୂରତ୍ୱଟି ହେଉଛି ଶିଶୁ ଏବଂ ମା' ବା ଯତ୍ନକାରୀର ମୁଖ ମଧ୍ୟରେ ଥିବା ହାରାହାରି ଦୂରତ୍ୱ । ଏହି ଦୂରତ୍ୱଠାରୁ କମ୍ ଥାଇ ଅତିବେଶି ନିକଟରେ ଥିବା ବସ୍ତୁ ମଧ୍ୟ ଅସ୍ପଷ୍ଟ ଦେଖାଯାଏ । ଦୂରରେ ଥିବା ବସ୍ତୁ ଅସ୍ପଷ୍ଟ ଦେଖାଯିବା ସ୍ୱାଭାବିକ । ମା' ବା ଯତ୍ନକାରୀର ମୁଖମଣ୍ଡଳକୁ ସ୍ପଷ୍ଟ ଭାବରେ ଦେଖିବାର ଏକ ଆବଶ୍ୟକତା ରହିଛି । କାରଣ ମା' ବା ଯତ୍ନକାରୀର ମୁଖମଣ୍ଡଳକୁ ଚିହ୍ନିବା ପରବର୍ତ୍ତୀସ୍ତରରେ ଚାଲୁଥିବା ସାମାଜିକ ବ୍ୟବହାର ବିକାଶର ଆଦ୍ୟ ସୋପାନ ରୂପେ କାର୍ଯ୍ୟକରେ ।

Digitized by srujanika@gmail.com

ଜନ୍ମର ଅଳ୍ପ ସମୟ ମଧ୍ୟରେ ମାନବ ଶିଶୁ ବିଭିନ୍ନ ରଙ୍ଗର ପାର୍ଥକ୍ୟ ଜାଣିପାରେ ଏବଂ ସେହି ଅନୁସାରେ ସମ୍ବେଦନ ଦର୍ଶାଏ । ମୂଳତଃ ଶିଶୁ ନିଜର ଭୌତିକ ଓ ସାମାଜିକ ପରିବେଶ ସହିତ ସମନ୍ୱୟ ରକ୍ଷା କଲାଭଳି ବ୍ୟାପକ ଦୃଷ୍ଟି ସାମର୍ଥ୍ୟର ଅଧିକାରୀ ହୋଇଥାଏ ।

ପରିଶେଷରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ବିଚାର କରାଯାଇପାରେ, ପ୍ରଶ୍ନଟି ହେଉଛି ଶିଶୁ କେବଳ ରେଖାକୋଣ ଓ ଅଙ୍କାବଙ୍କା ଧାଡ଼ି ସବୁକୁ ଦେଖେ କି ସେ ସବୁର ସମାହାରରେ ସଂଗଠିତ ହୋଇଥିବା ଗୋଟିଏ ଢାଞ୍ଚା (Pattern)କୁ ଏକ ସଂଯୋଜିତ ରୂପ ହିସାବରେ ଦେଖେ ? ୧୯୬୦ ମସିହା ପୂର୍ବରୁ ଏ ସମ୍ପର୍କରେ ଦୁଇଟି ଭିନ୍ନ ମତବାଦ ଥିଲା । କିନ୍ତୁ ଏହା ପରେ ଅତ୍ୟାଧୁନିକ ଗବେଷଣାଶୈଳୀର ଉପଯୋଗ ପରେ ଦେଖାଯାଇଛି ଯେ *ନବଜାତ ଶିଶୁର ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହା ଅଧିକରୁ ଅଧିକ ଜଟିଳ* (Complex) *ଛବି ସବୁ ପ୍ରତି ଅଧିକ ଅଭିନିବିଷ୍ଟ ହୁଏ ।* ମସ୍ତିଷ୍କରେ ସ୍ନାୟୁଗତ ପରିପକ୍ୱତା ବୃଦ୍ଧି ସହିତ ସମନ୍ୱୟ ରକ୍ଷା କରି ଶିଶୁ ସରଳ ଛବି ତୁଳନାରେ ଜଟିଳତର ଛବି ପ୍ରତି ଅଧିକ ଆକର୍ଷିତ ହୁଏ । ସରଳରେଖା କୋଣ ଏବଂ ଅଙ୍କାବଙ୍କା ରେଖା ଅପେକ୍ଷା ଏସବୁର ସମନ୍ୱୟରେ ରୂପ ନେଇଥିବା ଢାଞ୍ଚା (pattern) ପ୍ରତି ଅଧିକ ଆକୃଷ୍ଟ ହୁଏ ।

ପୂର୍ବେ ଶିଶୁକୁ ପର୍ଯ୍ୟବେକ୍ଷଣ ଗୃହରେ ପର୍ଯ୍ୟବେକ୍ଷକ ବା ପରୀକ୍ଷକ ଶିଶୁର ଦୃଷ୍ଟିଚାଳନା ପ୍ରତି ଲକ୍ଷ୍ୟ ରଖି କେତେକ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ମାତ୍ର ପରବର୍ତ୍ତୀ କାଳରେ ଇନଫ୍ରାରେଡ କ୍ୟାମେରା ସାହାଯ୍ୟରେ ଫଟୋ ଉତ୍ତୋଳନ କରାଯାଇ ଅନୁଶୀଳନ କରାଯାଇ ପାରୁଛି ଯେ ଶିଶୁ ଗୋଟିଏ ବସ୍ତୁ ଆଡ଼େ ଚାହିଁଥିଲା ବେଳେ ବସ୍ତୁର କେଉଁ ଅଂଶ ପ୍ରତି ସେ ଅଧିକ ଅଭିନିବିଷ୍ଟ । ପ୍ରକାରାନ୍ତରେ କହିଲେ ଶିଶୁ ନିଜର ଦର୍ଶନଗ୍ରାହ୍ୟ ପରିବେଶ ମଧ୍ୟରେ କେଉଁ ଅଂଶଟି ପ୍ରତି ଅଧିକ ଧ୍ୟାନଶୀଳ ତାହା ଏହି ଆଧୁନିକ କ୍ୟାମେରା ସାହାଯ୍ୟରେ ଜାଣିବା ସମ୍ଭବ ହେଉଛି । ଏପରି ଆଧୁନିକ ତଥ୍ୟ ଗ୍ରହଣର ଫଳସ୍ୱରୂପ ଦେଖାଯାଇଛି ଯେ ଶିଶୁ ଅପେକ୍ଷାକୃତ ସରଳ ଅଂଶବିଶେଷ ତୁଳନାରେ ଜଟିଳ ରୂପ ବା ଢାଞ୍ଚାସବୁ ପ୍ରତି ଅଧିକ ଧ୍ୟାନଶୀଳ ।

ନବଜାତ ଶିଶୁ କେତେ ଅଳ୍ପ ବୟସରେ ମଣିଷର ମୁହଁ ଚିହ୍ନେ ?

ନବଜାତ ଶିଶୁର ଦୃଷ୍ଟିଶକ୍ତି ସମ୍ପର୍କରେ ସୂଚନା ଦେବା ପ୍ରସଙ୍ଗରେ କୁହାଯାଇଛି ଯେ, ମାନବଶିଶୁ ଅପେକ୍ଷାକୃତ ଜଟିଳ ବସ୍ତୁ ପ୍ରତି ଅଧିକ ଆକର୍ଷିତ ହୁଏ । ଏହାର ଅର୍ଥ ନୁହେଁ ଯେ ଶିଶୁ ସମ୍ମୁଖରେ ଗୋଟିଏ ମାଙ୍କଡ଼ ମୁହଁର ଛବି ବା ଏପରି ଏକ ମୁଖା ଆଣିଲେ ଶିଶୁ ନିଜର ଆନନ୍ଦ ପ୍ରକାଶ କରି ଏହାକୁ ଚାହିଁରହିବ । ଦୃଶ୍ୟଟି ସମ୍ପୂର୍ଣ୍ଣ ଅପରିଚିତ ଏବଂ ଅପ୍ରତ୍ୟାଶିତ ହୋଇଥିବାରୁ ନିଶ୍ଚୟ ଭୟ ସଞ୍ଚାର କରିବ । କିନ୍ତୁ ଇନଫ୍ରାରେଡ୍ (Infrared) କ୍ୟାମେରାର ପ୍ରୟୋଗ କରାଯାଇ

Digitized by srujanika@gmail.com

ଦେଖାଯାଇଛି ଯେ ନବଜାତ ଶିଶୁର ଦୃଷ୍ଟି ସରଳରେଖା ଅପେକ୍ଷା ଗୋଟିଏ ଢାଞ୍ଚା (Pattern) କିମ୍ବା ଏହି ଢାଞ୍ଚାର କୋଣ କିମ୍ବା ବକ୍ରାକୃତି ଅଂଶ ଉପରେ ଅଧିକ ନିବଦ୍ଧ ରହେ । ଏ ଦୃଷ୍ଟିରୁ ପ୍ରଶ୍ନ ଉଠିପାରେ ଶିଶୁ ଜନ୍ମହେବାର କେତେଦିନ ପରେ ମଣିଷର ମୁହଁ ପ୍ରତି ଆକର୍ଷଣ ସୂଚାଏ ?

ମନୁଷ୍ୟର ମୁଖାକୃତି ନିଶ୍ଚିତ ଭାବରେ ଜଟିଳ, କାରଣ ଏହା ବିଭିନ୍ନ ଆକାରର ବୃତ୍ତ, ବୃତ୍ତାଂଶ, ତ୍ରିଭୂଜାକାର ଅଂଶ ବିଶେଷ ଓ ଅନ୍ୟାନ୍ୟ ଜ୍ୟାମିତିକ ଆକାର ପ୍ରକାରର ସମାହାର । ଫାଣ୍ଟଜ୍ ନାମକ ଜଣେ ଗବେଷକ ଶିଶୁମାନଙ୍କ ସମକ୍ଷରେ ବିଭିନ୍ନ ଛବି ରଖି ଶିଶୁର ଦୃଷ୍ଟି କେତେ ସମୟ ଧରି ପ୍ରତିଟି ବସ୍ତୁ ଉପରେ ନିବଦ୍ଧ ରହୁଛି ତାହା ମାପକଲେ । ଦୁଇମାସର ଶିଶୁମାନଙ୍କ ଉପରେ କରାଯାଇଥିବା ଏହି ପର୍ଯ୍ୟବେକ୍ଷଣରୁ ଦେଖାଗଲା ଯେ ଶିଶୁମାନେ ମୁଖାକୃତିର ଢାଞ୍ଚା (Pattern) ପ୍ରତି ସର୍ବାଧିକ ଚାହାଣି ଦର୍ଶାଉଛନ୍ତି । ଅଳ୍ପ କିଛି ମାତ୍ରାରେ କମ ଆକର୍ଷଣ ସୂଚାଉଛନ୍ତି ସମ୍ବାଦପତ୍ରରୁ କଟାହୋଇଥିବା ବୃତ୍ତାକାର ଏକ ଅଂଶବିଶେଷ ପ୍ରତି । ସରଳତମ କେବଳ ବୃତ୍ତ କିମ୍ବା କେତେକ ତ୍ରିଭୂଜ ପ୍ରତି ଖୁବ୍ କମ ଆକର୍ଷଣ ସୂଚାଉଛନ୍ତି । ପ୍ରଥମେ ପ୍ରଥମେ ଉନ୍ନତ ଯନ୍ତ୍ରପାତି ଅଭାବରୁ ନବଜାତ ଶିଶୁର ଆକର୍ଷଣ ସମ୍ପର୍କରେ ସିଦ୍ଧାନ୍ତ ନେବା କଷ୍ଟକର ଥିଲା । ମାତ୍ର ପରବର୍ତ୍ତୀ କାଳରେ ଉନ୍ନତ ଗବେଷଣା କୌଶଳ ଫଳରେ ଦେଖାଗଲା ଯେ ଦୁଇଦିନର ଶିଶୁମଧ୍ୟ ଏପରି ଚାହାଣୀ ସୂଚାଉଛନ୍ତି । ଗୋଟିଏ ରଙ୍ଗର (ନୀଳ, ହଳଦୀ କିମ୍ବା ଲାଲ) *ସରଳ ବୃତ୍ତ ଅପେକ୍ଷା ବୈଚିତ୍ର୍ୟପୂର୍ଣ୍ଣ ମୁଖାକୃତି ପ୍ରତି ଅଧିକ ନଜର ଦେଇ ରଖୁଛନ୍ତି ।* ଏଇଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ମାତ୍ର ଅଳ୍ପ ସମୟର (ଦୁଇଦିନ ବା ୪୮ ଘଣ୍ଟା) ପାରିପାର୍ଶ୍ୱିକ ଅନୁଭୂତି ପରେ ପରେ ହିଁ ମୁହଁ ଢାଞ୍ଚାର ଛବିସବୁ ପ୍ରତ୍ୟକ୍ଷ କରିବାର ସାମର୍ଥ୍ୟ ନବଜାତ ଶିଶୁର ଏକ ସ୍ୱାଭାବିକ ପ୍ରକ୍ରିୟା ।

ବର୍ତ୍ତମାନ ଆଉ ଗୋଟିଏ କୌତୂହଳପୂର୍ଣ୍ଣ ପ୍ରଶ୍ନ ହେଉଛି ନବଜାତ ଶିଶୁର ବୟସ ବଢ଼ିବା ସହିତ ମଣିଷ ମୁହଁ ପ୍ରତି ଆକର୍ଷଣର କିଛି ଗୁଣାତ୍ମକ ପରିବର୍ତ୍ତନ ଘଟେ କି ? ଏ ପ୍ରଶ୍ନଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ, କାରଣ ଏ ପ୍ରଶ୍ନ ସହିତ ଶିଶୁର ସାମାଜିକ ବ୍ୟବହାର ବିକାଶର ପ୍ରଶ୍ନ ଜଡ଼ିତ ଏବଂ ଶିଶୁର ପରିଚିତ ଓ ଅପରିଚିତ ମୁହଁ ଚିହ୍ନଟ କରିବାର ପ୍ରଶ୍ନ ସଂଶ୍ଳିଷ୍ଟ । ଗବେଷଣାରୁ ଦେଖାଯାଇଛି ଯେ ଗୋଟିଏ ମାସର ଶିଶୁମାନଙ୍କର ଦୃଷ୍ଟି ତ୍ରିଭୁଜର ବାହ୍ୟ ପରିସୀମା ପ୍ରତି ନିବଦ୍ଧ ରହିଲା ପରି ସେମାନଙ୍କର ଦୃଷ୍ଟି ମୁଖାକୃତିର ବହିର୍ଦେଶର ରେଖା ଓ ବକ୍ରାକୃତି ଉପରେ ନିବଦ୍ଧ ରହେ । ମାତ୍ର ସେମାନେ ଦୁଇମାସର ହେଲାବେଳକୁ ସେମାନଙ୍କର ଦୃଷ୍ଟି ଏହିସବୁ ରେଖାକୃତି ଉପରେ ନିବଦ୍ଧ ନ ରହି ଛବିର ଅନ୍ତର୍ଦେଶ ଆଡ଼କୁ ଘୁରିବୁଲେ । ଆଧୁନିକ କୌଶଳ ପ୍ରୟୋଗ ଫଳରେ ଶିଶୁ ମଣିଷ ମୁହଁର କେଉଁ ଅଂଶଟି ବେଶି ସମୟ ଦେଖୁଛି ତାହା ଜାଣିବା ସମ୍ଭବ ହେଉଛି । ସେପରି ଅନୁଧ୍ୟାନରୁ ଜଣାଯାଉଛି ଯେ ଏକମାସର ଶିଶୁ ତା' ଦୃଷ୍ଟି ପ୍ରୟୋଗର ୨୨ ପ୍ରତିଶତ ସମୟ ମୁହଁଆଡ଼େ ଚାହୁଁଥିବା ବେଳେ ଦୁଇମାସର ଶିଶୁ ତା' ସମୟର ୯୦ ପ୍ରତିଶତ ସମୟ ମୁହଁଆଡେ ଚାହିଁରହୁଛି । ପ୍ରତି ଏକମାସର ଶିଶୁମାନେ ମୁହଁର ପରିସୀମା ପ୍ରତି ଅଧିକ ନଜର ଦେଉଥିବା ସ୍ଥଳେ ଦୁଇମାସର ଶିଶୁମାନେ ମୁହଁର ଭିତର ଅଂଶ (ଯଥା—ନାକ ଓ ଆଖି) ପ୍ରତି ନିଜର ଦୃଷ୍ଟି

Digitized by srujanika@gmail.com

ନିବଦ୍ଧ ରଖୁଛନ୍ତି । *ବିଶେଷକରି ମୁଖାକୃତି ମଧ୍ୟରେ ଚକ୍ଷୁ ଉପରେ ଶିଶୁର ଚକ୍ଷୁ ବେଶି ସମ୍ମିଳିତ ହେଉଛି ।*

ଏ ପରିବର୍ତ୍ତନର ଏକ ବିକାଶକାଳୀନ ଗୁରୁତ୍ୱ ରହିଛି । ସମ୍ଭବତଃ ଶିଶୁର ଦୁଇମାସ ବେଳକୁ ସାମାଜିକ ଆଦାନପ୍ରଦାନର ଏକ ମାଧ୍ୟମ ରୂପେ ଚକ୍ଷୁ ଏକ ବିଶିଷ୍ଟ ଭୂମିକା ନିଏ । ଅଧିକରୁ ଅଧିକ ସମୟ ମୁହଁକୁ ଚାହିଁବା ଏବଂ ବିଶେଷ ଭାବରେ ଆଖି ସହିତ ଆଖି ମିଳାଇବା ଶିଶୁ ପାଇଁ ସାମାଜିକ ବନ୍ଧନର ଯୋଗସୂତ୍ର ରୂପେ କାର୍ଯ୍ୟକରେ ।

ଶିଶୁ ପାଞ୍ଚମାସର ହେଲାବେଳକୁ ଆଉ ଏକ ପର୍ଯ୍ୟାୟ ସୃଷ୍ଟି ହୁଏ । ମୁଖକୁ କେବଳ ଆଖି ଓ ନାକଟିର କେତେକ ଆକର୍ଷଣୀୟ ଅଂଶ ବିଶେଷର ସମାହାର ବୋଲି ଗ୍ରହଣ ନ କରି ସେ ଏହାକୁ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାର ରୂପ ବୋଲି ପ୍ରତ୍ୟକ୍ଷ କରେ । ଏହା ଫଳରେ ପରିଚିତ ବ୍ୟକ୍ତିର ମୁହଁଠାରୁ ଅପରିଚିତ ବ୍ୟକ୍ତିର ମୁହଁକୁ ପୃଥକ୍ ଭାବେ ପ୍ରତ୍ୟକ୍ଷ କରିବା ଶିଶୁ ପକ୍ଷରେ ସମ୍ଭବ ନୁହେଁ । କେବଳ ମଣିଷର ମୁହଁ କ୍ଷେତ୍ରରେ ନୁହେଁ ଅନ୍ୟାନ୍ୟ ବସ୍ତୁ କ୍ଷେତ୍ରରେ ମଧ୍ୟ ଶିଶୁର ଦର୍ଶନଜନିତ ଏହି ପ୍ରତ୍ୟକ୍ଷ ଅନୁଭୂତିରେ ପରିବର୍ତ୍ତନ ଘଟେ । ବସ୍ତୁସବୁକୁ କେବଳ ଅଂଶବିଶେଷର ଏକ ସମାବେଶ ରୂପେ ପୂର୍ବରୁ ଅନୁଭବ ହେଉଥିବା ସ୍ଥଳେ ବର୍ତ୍ତମାନ ସେସବୁ ନିର୍ଦ୍ଦିଷ୍ଟ ରୂପାକୃତି ସମ୍ପନ୍ନ ସ୍ୱତନ୍ତ୍ର ବସ୍ତୁ ରୂପେ ପ୍ରତ୍ୟକ୍ଷ କରେ । ଏହା ଏକ ବିକାଶକାଳୀନ (Developmental) ଯାତ୍ରା ଚିହ୍ନ ।

ନବଜାତ ଶିଶୁର ଦୃଷ୍ଟିଜଗତର ଅନ୍ୟ କେତୋଟି ଦିଗ

ନବଜାତ ଶିଶୁର ଦୃଷ୍ଟିଶକ୍ତିର ସକ୍ରିୟତା ଓ ସମ୍ଭାବନା କଥା ବିଚାର କଲାବେଳେ ଅନ୍ୟ କେତୋଟି ଦିଗକୁ ଉପେକ୍ଷା କରାଯାଇ ପାରିବ ନାହିଁ । ନବଜାତ ଶିଶୁଟିର ଜନ୍ମ ପରେ ପରେ କିମ୍ବା କିଛିଦିନ ପରେ ଶିଶୁଟିକୁ ଖଟ ଉପରେ ଶୁଆଇଥିବା ଅବସ୍ଥାରେ ମା' ହୁଏତ ଆତଙ୍କିତ ହୋଇପାରନ୍ତି ଯେ, ଶିଶୁଟି ଖଟରୁ ତଳକୁ ଖସିପଡ଼ିପାରେ । ବାରଣ୍ଡା ଉପରେ ଗୁରୁଣ୍ଡୁଥିବା ସମୟରେ ପରିପାର୍ଶ୍ୱରେ ଥିବା ବୟସ୍କମାନେ ଆଶଙ୍କା କରିପାରନ୍ତି ଯେ, ଶିଶୁଟି ବାରଣ୍ଡାର ଉଚ୍ଚତା ନ ଜାଣି ଏବଂ ଭୂମିର ଗଭୀରତା ନ ଜାଣି ହୁଏତ ତଳକୁ ପଡ଼ିଯିବ । ବୟସ୍କମାନେ ପାହାଡ଼, ପର୍ବତ ଉପରେ ଚାଲୁଥିବା ସମୟରେ କିମ୍ବା ଉଚ୍ଚ ଛାତ ଉପରେ ଚାଲୁଥିବା ସମୟରେ ସ୍ୱାଭାବିକ ଭାବରେ ଧାରଠାରୁ ଦୂରରେ ରହି ଚାଲନ୍ତି । ତଳର ଗଭୀରତା ପ୍ରତ୍ୟକ୍ଷ କରିବା ଏବଂ ଏହି ପ୍ରତ୍ୟକ୍ଷ ଅନୁସାରେ ନିଜ ବ୍ୟବହାରକୁ ପରିଚାଳନା କରିବା ବୟସ୍କର କାମ ହୋଇଥିବାରୁ ଏପରି ସାମର୍ଥ୍ୟ ଅନୁଭୂତିଲବ୍ଧ ବୋଲି ମନେହେବା ସ୍ୱାଭାବିକ । ମାତ୍ର ପର୍ଯ୍ୟାପ୍ତ ଅନୁଭୂତି ନ ଥିବା ଶିଶୁ କ'ଣ ଗଭୀରତା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ?

ଶିଶୁ ଗୁରୁଣ୍ଡିବା ଆରମ୍ଭ କଲାବେଳକୁ ଗଭୀରତାର ***(Depth perception)*** *ପ୍ରତ୍ୟକ୍ଷ ଅନୁଭୂତି ଆସିସାରିଥାଏ ।* ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଏହା ପ୍ରମାଣ କରାଯାଇଛି । ଟେବୁଲର ପୃଷ୍ଠଭାଗକୁ ଆବୃତକରି ଏବଂ ଟେବୁଲର ଆଗକୁ ଅତିକ୍ରମ

Digitized by srujanika@gmail.com

କରି କିଛିଦୂର ପର୍ଯ୍ୟନ୍ତ ଲମ୍ବି ଯାଇଥିବା ଦୃଢ଼ କାଚପ୍ଲେଟ୍ ରଖାଯାଇ ଶିଶୁକୁ ଟେବୁଲ ଉପରେ ଛାଡ଼ି ଦିଆଯାଇଛି । କହିବା ନିଷ୍ପ୍ରୟୋଜନ ଯେ ଟେବୁଲ ଉପରେ ଶିଶୁ ଏପଟ ସେପଟ ଗୁରୁଣ୍ଡିବାରେ କିଛି ଅସ୍ୱାଭାବିକତା ନାହିଁ । ମାତ୍ର ଟେବୁଲ ଧାରକୁ ଆସିଲେ ସେ ଟେବୁଲର ଧାର ତଳେ ଥିବା ଭୂମିକୁ ଦେଖିପାରିବ । ଟେବୁଲର ଉଚ୍ଚତା ଅନୁସାରେ ସେ ଗଭୀରତା ଜାଣିପାରିଲେ ଟେବୁଲ



ଧାରକୁ ନ ଆସି ଧାରଠାରୁ ଦୂରରେ ରହିବ । ଅନ୍ୟପକ୍ଷରେ ଗଭୀରତା ଜାଣିପାରୁ ନ ଥିଲେ ସେ ଧାରକୁ ଅତିକ୍ରମ କରି ଧାର ବାହାରକୁ ଆସିବ । ଅବଶ୍ୟ ଟେବୁଲ ଉପରିଭାଗ ମଧ୍ୟରେ ସୀମିତ ନ ରହି ଗ୍ଲାସପ୍ଲେଟଟି ବିସ୍ତୃତ ଥିବାରୁ ଶିଶୁ ତଳକୁ ଖସିପଡ଼ିବାର ଭୟ ନାହିଁ । କିନ୍ତୁ ଶିଶୁ ଗଭୀରତା ଜାଣିପାରୁଛି ବୋଲି ପ୍ରମାଣ ମିଳିବ । ଦେଢ଼ମାସରୁ ଚାରିମାସ ପର୍ଯ୍ୟନ୍ତ ବୟସର ଶିଶୁମାନଙ୍କୁ ଏପରି ଛାଡ଼ି ଦିଆଯାଇ ଲକ୍ଷ୍ୟ କରାଯାଇଛି, ସେ ସବୁ ଶିଶୁ ଧାରକୁ ଅତିକ୍ରମ କରି ଟେବୁଲ ପରିସୀମା ବାହାରକୁ ଆସନ୍ତି ନାହିଁ । ସୁତରାଂ ଜନ୍ମ ହେବା ପରେ କିଛି ଅନୁଭବ ଗ୍ରହଣ କଲା ପରେ ଶିଶୁର ଗଭୀରତା ପ୍ରତ୍ୟକ୍ଷ ସଂଗଠିତ ରୂପ ନେଇଥାଏ ବୋଲି ପ୍ରମାଣିତ ହୋଇଛି ।

ଏବେ ଆଉ କେତେକ ଗବେଷକ ଏହିପରି ପରିବେଶ ସୃଷ୍ଟି କରି ସେହି ବୟସର (ଦେଢ଼ମାସରୁ ଚାରିମାସ ପର୍ଯ୍ୟନ୍ତ) କିଛି ଶିଶୁକୁ ଟେବୁଲ ଉପରେ ଛାଡ଼ିଦେଲେ ଏବଂ ଅନ୍ୟ କେତେକ ଶିଶୁଙ୍କୁ ଟେବୁଲ ପରିସୀମାର ବାହାରକୁ ଲମ୍ବିଥିବା ଗ୍ଲାସ୍‌ପ୍ଲେଟ ଉପରେ ଛାଡ଼ିଦେଲେ । ସେମାନଙ୍କର ଯୁକ୍ତି ଥିଲା ଯେ, ଶିଶୁମାନେ ଗଭୀରତାର ପ୍ରତ୍ୟକ୍ଷ କରୁଥିଲେ ଟେବୁଲ ଉପରେ ଥିବା

Digitized by srujanika@gmail.com

ଶିଶୁମାନେ ସ୍ୱାଭାବିକ ରହିବେ ଏବଂ ସେମାନଙ୍କର ହୃଦ୍‌ସ୍ପନ୍ଦନ ଅପରିବର୍ତ୍ତିତ ରହିବ । କିନ୍ତୁ ଟେବୁଲ ଧାରର ବାହାରେ ଥିବା ଶିଶୁମାନେ ତଳକୁ ଚାହିଁ, ଗଭୀରତା ଦେଖି ଆତଙ୍କିତ ହୋଇ ବର୍ଦ୍ଧିତ ହୃଦସ୍ପନ୍ଦନ ଦର୍ଶାଇବେ । ପ୍ରକୃତରେ ତାହା ହିଁ ହେଲା । ଟେବୁଲ ଧାରର ବାହାରେ ଗ୍ଲାସ ପ୍ଲେଟ ଉପରେ ରହିଥିବା ଶିଶୁମାନଙ୍କର ହୃଦସ୍ପନ୍ଦନ ବୃଦ୍ଧିପାଇଲା । ସୁତରାଂ ଅଭିନବ ଉପାୟରେ ଏହା ମଧ୍ୟ ପ୍ରମାଣ କଲା ଯେ, ଶିଶୁମାନେ ଗଭୀରତା ଜାଣିପାରନ୍ତି ।

ବୟସ୍କମାନଙ୍କର ଦୃଷ୍ଟିଜଗତର ଅନ୍ୟ ଏକ ଅନୁଭୂତି ହେଉଛି ଆକାରଗତ ସ୍ଥିରତା (Size constancy) ଟ୍ରକଟି ନିକଟରେ ଥିଲେ ଆମେ ଯେପରି ଏହାକୁ ଟ୍ରକ୍ ବୋଲି ପ୍ରତ୍ୟକ୍ଷ କରୁ ଟ୍ରକଟି ଅତି ଦୂରରେ ଥାଇ ଖେଳନାଟି ପରି ଦେଖାଗଲେ ମଧ୍ୟ ଏହାକୁ ଟ୍ରକ୍ ବୋଲି ଚିହ୍ନିପାରୁ । ବସ୍ତୁଟି ଆମଠାରୁ ଦୂରେଇ ଗଲେ ତାହାର ପ୍ରତିଫଳିତ ଛବି ଆମ ଆଖି ମଧ୍ୟରେ ସେହି ଅନୁପାତରେ ଛୋଟ ହୋଇଥାଏ । ଅଥଚ ଆମର ପୂର୍ବ ଅନୁଭୂତି ଏବଂ ଦୃଷ୍ଟିଗ୍ରାହୀ ସ୍ନାୟୁସବୁର କାର୍ଯ୍ୟ ଫଳରେ ବସ୍ତୁଟିର ଆକାର ଆମେ ପ୍ରାୟ କଳନା କରିପାରୁ । ପ୍ରଶ୍ନ ଉଠେ ଶିଶୁମାନଙ୍କ କ୍ଷେତ୍ରରେ ଏହା ସମ୍ଭବ କି ?

ପରୀକ୍ଷା ନିରୀକ୍ଷା ଦ୍ୱାରା ଏହାର ଉତ୍ତର ସ୍ଥିର କରିବା ଅପେକ୍ଷାକୃତ କଷ୍ଟକର ହେଲେ ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ, ଦେଢ଼ ଦୁଇମାସର ଶିଶୁମାନେ ଆକାରର ସ୍ଥିରତା ପ୍ରତ୍ୟକ୍ଷ କରିପାରନ୍ତି । ଜଣେ ଗବେଷକ ଗୋଟିଏ ନିର୍ଦ୍ଦିଷ୍ଟ ଆକାରର କାଠ କଣ୍ଢେଇ ବ୍ୟବହାର କରି ଶିଶୁର ପ୍ରଥମେ ଏହା ପ୍ରତି ଆକାର୍ଷଣ ଭାବ ସୃଷ୍ଟି କଲେ ଏହି କଣ୍ଢେଇଟିକୁ ଦେଖାଇ ଏବଂ ପୁଣି ଲୁଚାଇ ଲୁଚକାଳି ଖେଳ ମାଧ୍ୟମରେ ଶିଶୁଟି ଯେପରି ଏ କଣ୍ଢେଇଟିକୁ ଭଲ ରୂପେ ଚିହ୍ନିପାରେ ତା'ର ବ୍ୟବସ୍ଥା କଲେ । ବେଶ୍ କିଛି ସମୟର ପ୍ରଯତ୍ନ ପରେ ଶିଶୁ ଏହା ପ୍ରତି ଆକର୍ଷଣ ଦର୍ଶାଇଲା । ଏହି କଣ୍ଢେଇ ଦେଖି ମନର ଆନନ୍ଦ ପ୍ରକାଶ କଲା ।

ପରବର୍ତ୍ତୀ ପର୍ଯ୍ୟାୟରେ ଗବେଷକ ସେହି କଣ୍ଢେଇଟି ନେଇ ଥରକୁ ଥର ବିଭିନ୍ନ ଦୂରତ୍ୱ ବଜାୟ ରଖି କଣ୍ଢେଇଟିକୁ ଦେଖାଇଲେ । ଏହା ସାଧାରଣ କଥା ଯେ କଣ୍ଢେଇଟି ନିକଟରେ ଥିବା ସମୟରେ ଚକ୍ଷୁରେ ଏହାର ପ୍ରତିଫଳିତ ଛବି ବଡ଼ ଥିବା ସ୍ଥଳେ ଦୂରରେ ଥିବା ସମୟରେ ଏହାର ଛବି କ୍ଷୁଦ୍ର ରହିବ । ସୁତରାଂ ଶିଶୁଟି ପ୍ରତିଫଳିତ ଛବି ଅନୁଯାୟୀ ପ୍ରତିକ୍ରିୟା ଦର୍ଶାଇଲେ ବିଭିନ୍ନ ଦୂରତାରେ ରହୁଥିବା ସମୟରେ ପରିବର୍ତ୍ତିତ ଆକାର କେବଳ ଦେଖିବ ନାହିଁ ଭିନ୍ନ ଭିନ୍ନ ବସ୍ତୁ ବୋଲି ଅନୁଭବ ମଧ୍ୟ କରିବ । ମାତ୍ର ପର୍ଯ୍ୟବେକ୍ଷଣରୁ ଦେଖାଗଲା ଯେ ଦୂରତ୍ୱର ପରିବର୍ତ୍ତନ ସତ୍ତ୍ୱେ ଶିଶୁ ମୂଳ କଣ୍ଢେଇଟିକୁ ଚିହ୍ନି ଆଶାନୁରୂପ ଉଲ୍ଲସିତ ହେଉଛି । *ମୋଟ ଉପରେ ଜନ୍ମ ପରେ ଅଳ୍ପଦିନର ଅଭିଜ୍ଞତା ପରେ ପରେ ଶିଶୁ ଗଭୀରତା ପ୍ରତ୍ୟକ୍ଷ କରିବା ସଙ୍ଗେ ବସ୍ତୁର ଆକାରଗତ ସ୍ଥିରତା ମଧ୍ୟ ଅନୁଭବ କରିପାରୁଛି ।*

Digitized by srujanika@gmail.com

ନବଜାତ ଶିଶୁର ଘ୍ରାଣେନ୍ଦ୍ରିୟ ଓ ରସନେନ୍ଦ୍ରିୟ କେତେ ସମ୍ବେଦନକ୍ଷମ ?

ନବଜାତ ଶିଶୁ ଜନ୍ମର ଅଳ୍ପଦିନ ମଧ୍ୟରେ ନିଜର ଘ୍ରାଣେନ୍ଦ୍ରିୟ ପ୍ରୟୋଗ ଦ୍ୱାରା ବିଭିନ୍ନ ଧରଣର ସୁଗନ୍ଧ ଓ ଦୁର୍ଗନ୍ଧ ଜାଣିପାରେ । ବିବର୍ତ୍ତନ ଧାରାରେ ଘ୍ରାଣଶକ୍ତିର ଏକ ସ୍ୱତନ୍ତ୍ର ଉପଯୋଗିତା ରହିଛି । ପ୍ରାଣୀ ଜଗତର ଅଭ୍ୟୁଦୟ ଓ ବିବର୍ତ୍ତନକୁ ଲକ୍ଷ୍ୟ କରି ମଧ୍ୟ ପ୍ରମାଣ ମିଳିଛି ଯେ ମସ୍ତିଷ୍କର ଅଭ୍ୟୁଦୟ କ୍ଷେତ୍ରରେ ପ୍ରଥମେ ଘ୍ରାଣକେନ୍ଦ୍ରର ବିକାଶ ହୋଇଥିଲା । ଅନେକ ହୁଏତ ଜାଣନ୍ତି ଯେ ମନୁଷ୍ୟର ବିଭିନ୍ନ କାର୍ଯ୍ୟକଳାପ (ଯଥା– ଦେଖିବା, ଶୁଣିବା, ଗନ୍ଧ ବାରିବା ଏବଂ ସ୍ପର୍ଶ ଅନୁଭୂତି ଇତ୍ୟାଦି) ପାଇଁ ମସ୍ତିଷ୍କରେ ଭିନ୍ନ ଭିନ୍ନ କେନ୍ଦ୍ର ରହିଛି । ଛୋଟ ପ୍ରାଣୀମାନଙ୍କଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ମସ୍ତିଷ୍କରେ ଯେତେ ପରିବର୍ତ୍ତନ ଓ ବିକାଶ ସବୁ ସମୟକ୍ରମେ ସାଧିତ ହୋଇଛି, ସେ ସମ୍ପର୍କରେ ଗବେଷଣା ଚଳାଇଥିବା ବିଶେଷଜ୍ଞମାନେ ମତ ଦିଅନ୍ତି ଯେ, ମସ୍ତିଷ୍କର ଘ୍ରାଣକେନ୍ଦ୍ର ପ୍ରଥମେ ଆରମ୍ଭ ହୋଇଥିଲା । ସମ୍ଭବତଃ ପ୍ରାଣୀର ସୁରକ୍ଷା ଏବଂ ସମନ୍ୱୟ ରକ୍ଷା ପାଇଁ ଗନ୍ଧର ସ୍ୱତନ୍ତ୍ର ଭୂମିକା ଥିବାରୁ ଏପରି ଘଟିଥିଲା ।

ନବଜନ୍ମିତ ଶିଶୁ କ୍ଷେତ୍ରରେ ମଧ୍ୟ ମନେହୁଏ ଯେ ଅପ୍ରୀତିକର ଗନ୍ଧ ଜାଣିପାରି କ୍ଷତିକାରକ ବସ୍ତୁଠାରୁ ଦୂରେଇ ନେବାର ଏକ ସମନ୍ୱୟ ରକ୍ଷାସୂଚକ ମୂଲ୍ୟ ଥିବାରୁ ବୋଧହୁଏ ଶିଶୁ ମୂଳରୁ ଏହି ଶିକ୍ଷା କରେ, ଅବଶ୍ୟ ବୟସର ବୃଦ୍ଧି ସହିତ ଏପରି ସାମର୍ଥ୍ୟ ଅଧିକରୁ ଅଧିକ ପରିପକ୍ୱ ହୁଏ ।

ଜନ୍ମର ଅଳ୍ପଦିନ ମଧ୍ୟରେ ଗନ୍ଧ ବାରିବାର ସାମର୍ଥ୍ୟ ଉପରେ ନିର୍ଭର କରି ଶିଶୁ ଅନ୍ୟ ସହିତ ସାମାଜିକ ସମ୍ପର୍କ ପ୍ରତିଷ୍ଠା କରେ । ଗନ୍ଧ ଦ୍ୱାରା ମା'କୁ ଜାଣିପାରେ ଏବଂ ମା'ସହିତ ସମ୍ପର୍କ ଧୀରେ ଧୀରେ ଘନୀଭୂତ ହୁଏ । ଗୋଟିଏ ସର୍ବେକ୍ଷଣରେ ଶିଶୁଜନ୍ମର ଅଳ୍ପଦିନ ପରେ ଶିଶୁମାନଙ୍କୁ ଗୋଟିଏ ଗବେଷଣାଗାରରେ ରଖି ସେମାନଙ୍କ ପାଖରେ ସେମାନଙ୍କ ନିଜ ମା'ର ସ୍ତନ୍ୟପାଖ ଲୁଗା ଏବଂ ଅନ୍ୟ ମା'ର ସ୍ତନ୍ୟପାଖ ଲୁଗା ରଖାଗଲା, ଶିଶୁଟି କେଉଁ ଲୁଗା ଅଭିମୁଖେ ଚାହୁଁଛି, ତାହା ଲକ୍ଷ୍ୟ କରାଗଲା । ଦେଖାଗଲା ଯେ ଶିଶୁମାନେ ନିଜ ମା'ମାନଙ୍କର ସ୍ତନ୍ୟପାଖରେ ବ୍ୟବହୃତ ଲୁଗାଆଡ଼େ ବେଶି ଚାହୁଁଛନ୍ତି । ମା'ଲୁଗା ସହିତ ଜଡ଼ିତ ଗନ୍ଧପ୍ରତି ସେମାନେ ଅଧିକ ଆକର୍ଷିତ ବୋଲି ପ୍ରମାଣ ମିଳିଲା ।

ଥରେ ଗନ୍ଧର ବାଛବିଚାର ବିକଶିତ ହେଲାପରେ ଏହା ଦୀର୍ଘଦିନ ଅପରିବର୍ତ୍ତିତ ରହେ । ଘ୍ରାଣେନ୍ଦ୍ରିୟର ସାମର୍ଥ୍ୟ ପ୍ରାୟତଃ କମିଯାଏ ନାହିଁ । ପରୀକ୍ଷାରୁ ଜଣାଯାଇଛି ଯେ, *ପ୍ରାୟ ଛ ବର୍ଷ ବେଳକୁ ଘ୍ରାଣେନ୍ଦ୍ରୀୟର ସାମର୍ଥ୍ୟ ପୂର୍ଣ୍ଣ ବିକଶିତ ହୋଇଥାଏ ଏବଂ ଏହା ୯୪ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ହୁଏ । ଏହାଏକ ବିସ୍ମୟକର ତଥ୍ୟ । ଅନ୍ୟପକ୍ଷରେ ବାର୍ଦ୍ଧକ୍ୟ ଆରମ୍ଭ*

Digitized by srujanika@gmail.com

ସୂତ୍ର ଭଣ୍ଡାର - ୪

ଶିଶୁର ପ୍ରାଥମିକ ସମ୍ବଳ ସମ୍ପର୍କରେ :

୧. *ଅନୁଭବର ପରିସର ଯେତେ ବିସ୍ତୃତ ହେବ ଶିଶୁର ଦକ୍ଷତା ସେତେ ବୃଦ୍ଧି ପାଇବ । ତଥାପି ଶିଶୁ ଜନ୍ମସମୟରୁ ଆରମ୍ଭ କରି କେତେକ ପ୍ରାଥମିକ ସମ୍ବଳର ଅଧିକାରୀ ଥାଏ । ସେ ବିଭିନ୍ନ ଧରଣର ଶବ୍ଦ ଶୁଣିପାରେ, କୌତୂହଳର ବିଷୟରେ ମଣିଷମାନେ ଯେଉଁ ଶବ୍ଦ (କଥାବାର୍ତ୍ତା ମାଧ୍ୟମ) ସୃଷ୍ଟିକରନ୍ତି ସେଥିପ୍ରତି ଶିଶୁ ଅଧିକ ଆକର୍ଷିତ ହୁଏ । ଯେଉଁ ଶବ୍ଦ ଶିଶୁର ନିଜର ମା'ର ଶବ୍ଦର ଯେତେ ନିକଟବର୍ତ୍ତୀ ସେ ଶବ୍ଦପ୍ରତି ଶିଶୁର ଅଭିମୁଖତା ସେତେ ବେଶି । ଏହାକୁ ବିଚାରକୁ ନେଇ ଶିଶୁର ଶବ୍ଦାନୁଭବର ପରିସର ବୃଦ୍ଧି କରନ୍ତୁ ।*

୨. *ବୟସ ବୃଦ୍ଧି ସହିତ ଶିଶୁ ଉଜ୍ଜ୍ୱଳତାର ତାରତମ୍ୟ ବୁଝେ । ବସ୍ତୁର ଗତିଶୀଳତା ପ୍ରତି ମଧ୍ୟ ସଚେତନ ହୁଏ । ବୟସ ବୃଦ୍ଧି ସହିତ ଶିଶୁ ସରଳ ଛବିସବୁ ତୁଳନାରେ ଜଟିଳ ଢାଞ୍ଚା (Pattern) ପ୍ରତି ଅଧିକ ଅଭିନିବେଶ ଦର୍ଶାଏ । ସୁତରାଂ ଧୀରେ ଧୀରେ ଶିଶୁକୁ ଅପେକ୍ଷାକୃତ ଜଟିଳ ଛବି ଓ ଦୃଶ୍ୟର ଅନୁଭୂତି ଦିଅନ୍ତୁ ।*

୩. *ଖୁବ୍ ଅଳ୍ପବୟସରେ ନବଜାତ ଶିଶୁ ସରଳ ଛବି ଅପେକ୍ଷା ଜଟିଳ ଢାଞ୍ଚା ପ୍ରତି ଅଧିକ ଆକର୍ଷିତ ହେଉଥିବାରୁ ମୁହଁ ଚିହ୍ନିବାରେ ଦକ୍ଷତା ଖୁବ୍ ଶୀଘ୍ର ହାସଲ କରେ । ପରିଚିତ ଓ ଅପରିଚିତ ମୁଖକୁ ଭିନ୍ନଭିନ୍ନ ରୂପେ ପ୍ରତ୍ୟକ୍ଷ କରିବାରେ ଶିଶୁର ବିଶେଷ ଅସୁବିଧା ହୁଏନାହିଁ ।*

୪. *ନବଜାତ ଶିଶୁର ଦୃଷ୍ଟିଶକ୍ତିର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଯେ ଏହା ଗୁରୁଣ୍ଡିବା ସମୟ ବେଳକୁ ଗଭୀରତା (Depth) ପ୍ରତ୍ୟକ୍ଷ କରିପାରେ । ସୁତରାଂ ପିଲାଟି ଟେବୁଲ ଉପରୁ କିମ୍ବା ଖଟରୁ ତଳକୁ ପଡ଼ିଯିବ ବୋଲି ଅଯଥା ଭୟ ରଖନ୍ତୁନାହିଁ ।*

୫. *ଶିଶୁର ଘ୍ରାଣେନ୍ଦ୍ରିୟ ଓ ରସନେନ୍ଦ୍ରିୟ ମଧ୍ୟ ସମ୍ବେଦନକ୍ଷମ । ଏ ସମ୍ପର୍କରେ ସଚେତନ ରୁହନ୍ତୁ ଏବଂ ଶିଶୁର ଏପରି ସମ୍ବଳସବୁକୁ ତା'ର ସାମାଜିକ ବିକାଶରେ ପ୍ରୟୋଗ କରନ୍ତୁ ।*

Digitized by srujanika@gmail.com

ହେବାମାତ୍ରେ ଦର୍ଶନେନ୍ଦ୍ରୀୟ ଏବଂ ଶ୍ରବଣେନ୍ଦ୍ରୀୟର କ୍ଷମତା ସାଧାରଣତଃ ହ୍ରାସ ପାଏ । କିନ୍ତୁ ଘ୍ରାଣେନ୍ଦ୍ରୀୟର ସାମର୍ଥ୍ୟ ପରି ଅତି ଅଳ୍ପବୟସରୁ ଆରମ୍ଭ ହୋଇଥିବା ସାମର୍ଥ୍ୟ ପ୍ରାୟ ଶେଷ ପର୍ଯ୍ୟନ୍ତ ରହିଥାଏ ।

ଘ୍ରାଣେନ୍ଦ୍ରୀୟର ସାମର୍ଥ୍ୟ ବିଚାର କଲାବେଳେ ଶିଶୁର ରସନେନ୍ଦ୍ରିୟ ବିଷୟରେ ସୂଚନା ଦିଆଯାଇପାରେ । ଶିଶୁ କ'ଣ ନିଜ ଜିଭ ଓ ମୁଖର ପ୍ରୟୋଗ ଦ୍ୱାରା ବିଭିନ୍ନ ସ୍ୱାଦରୁ ପୃଥକ୍ ପୃଥକ୍ ଅନୁଭୂତି ଗ୍ରହଣ କରେ ? ନବଜନ୍ମିତ ଶିଶୁର ରସନେନ୍ଦ୍ରୀୟ ମଧ୍ୟ ଶକ୍ତିଶାଳୀ ।

ଅନ୍ୟାନ୍ୟ ଉପାଦାନ ଶିଶୁର ମାତୃ ସ୍ତନ୍ୟପାନର ଗତିକୁ ନିୟନ୍ତ୍ରଣ କଲେ ମଧ୍ୟ ସ୍ୱାଦୁ ନିଶ୍ଚିତ ଭାବରେ ପ୍ରଭାବ ପକାଏ । ସ୍ତନ୍ୟପାନର ଗତିକୁ ଲକ୍ଷ୍ୟ କରି ଶିଶୁର ଅନୁଭୂତି ସମ୍ପର୍କରେ କିଛିଟା ସିଦ୍ଧାନ୍ତ ଗ୍ରହଣ କରାଯାଇପାରେ । ଶିଶୁ ତରଳ ପଦାର୍ଥ ପାନ କରୁଥିବା ସମୟରେ କେବଳ ଜଳ, ଗ୍ଲୁକୋଜ୍, ଲୁଣିଆ ଜଳ ଏବଂ କ୍ଷୀର ଦିଆଯାଇ ଶିଶୁର ପାନ କରିବାର କ୍ଷିପ୍ରତା ଲକ୍ଷ୍ୟ କରାଯାଇଛି । କହିବା ଅନାବଶ୍ୟକ ଯେ ତୃପ୍ତିକର ତରଳ ପଦାର୍ଥ କ୍ଷେତ୍ରରେ ଶିଶୁର ପାନ କରିବା ଦ୍ରୁତ ହେବା ସ୍ଥଳେ ଅନ୍ୟ ଅବସ୍ଥାରେ ଏହା କ୍ଷୀଣ କିମ୍ବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ।

ସେହିପରି ମଧୁରତା ବା ମିଷ୍ଟତାର ବିଭିନ୍ନ ଅନୁପାତ ନେଇ ପ୍ରସ୍ତୁତ କରାଯାଇଥିବା ଦ୍ରବଣରୁ ପ୍ରତି ଶିଶୁ ଭିନ୍ନ ଭିନ୍ନ ପରିମାଣର ଆକର୍ଷଣ ଦର୍ଶାଏ ଓ ଅଧିକ ମିଷ୍ଟ ତରଳ ପଦାର୍ଥ ଦ୍ରୁତଗତିରେ ଗ୍ରହଣ କରିବା ସ୍ଥଳେ ଅଳ୍ପ ମିଷ୍ଟଯୁକ୍ତ ପଦାର୍ଥ କମ୍ ଜୋରରେ ଏବଂ ମିଷ୍ଟହୀନ ପଦାର୍ଥ ଖୁବ୍ ଶିଥିଳ ଭାବରେ ଗ୍ରହଣ କରେ । ଏ କ୍ଷେତ୍ରରେ ପୁଅ ଓ ଝିଅମାନଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ପୁଅ ଶିଶୁମାନଙ୍କ ତୁଳନାରେ ଝିଅ ଶିଶୁମାନେ ମିଷ୍ଟ ଦ୍ରବଣ ପ୍ରତି ଅଧିକ ଆକର୍ଷଣ ସୂଚାନ୍ତି ।

ମୂଳତଃ ନବଜାତ ଶିଶୁମାନେ ମିଷ୍ଟଯୁକ୍ତ ତରଳ ପଦାର୍ଥ ପ୍ରତି ଅଧିକ ଆକର୍ଷଣ ସୂଚାଇ ଅଧିକ ବେଗରେ ଓ ଅଧିକ ପରିମାଣରେ ପିଇବାର କାର୍ଯ୍ୟକଳାପ ଦର୍ଶାନ୍ତି । ଜିଭ ଉପରେ ଗ୍ଲୁକୋଜ ରଖିଦେଲେ ଜିଭକୁ ଚାଟିବାର ଦେଖାଯାଏ । ସେହିପରି ସୁଗନ୍ଧ ପ୍ରତି ଆଗ୍ରହଶୀଳ ମୁଖଭଙ୍ଗୀ ଦେଖାଇବା ସ୍ଥଳେ ଆମୋନିଆ ଗ୍ୟାସ ପରି ଦୁର୍ଗନ୍ଧ ବସ୍ତୁ ପ୍ରତି ବିକୃତ ମୁଖଭଙ୍ଗୀ ଦେଖାନ୍ତି । ଶିଶୁଟିର ନାକପୁଡ଼ା ମଧ୍ୟରୁ ଗୋଟିଏ ପୁଡ଼ାରେ ଅଳ୍ପ ପରିମାଣରେ ଆମୋନିଆ ଗ୍ୟାସ ଛାଡ଼ିଲେ ସେ ନିଜର ଶୋଇବା ଭଙ୍ଗୀ ପରିବର୍ତ୍ତନ କରି ଦୁର୍ଗନ୍ଧଯୁକ୍ତ ଗ୍ୟାସ ପ୍ରତି ପ୍ରତିକ୍ରିୟା ଦର୍ଶାଉଥିବାର ଜଣାଯାଏ । ଦଶଘଣ୍ଟାରୁ ଆରମ୍ଭ କରି ପାଞ୍ଚଦିନ ବୟସର ଶିଶୁ ଏପରି ସାମର୍ଥ୍ୟ ଦର୍ଶାଏ । ତଥାପି ଦୁଇ ଦିନର *ଶିଶୁ ନିଜ ମା'ର ସ୍ତନ୍ୟପାଖ ଲୁଗାର ଗନ୍ଧର ଅନ୍ୟ ପାଳନକର୍ତ୍ତୀଙ୍କ ସ୍ତନ୍ୟପାଖ ଲୁଗାରୁ ପୃଥକ୍ ବୋଲି ଜାଣିପାରୁ ନଥିବା ସ୍ଥଳେ ଛ ଦିନର ଶିଶୁ ପୃଥକ୍ ଭାବେ ଜାଣିପାରୁଥିବାରୁ ମା'ର ଗନ୍ଧ ଜାଣିବା ପାଇଁ ଅଳ୍ପ କିଛିଦିନର ଅନୁଭୂତି ଆବଶ୍ୟକ ବୋଲି କହିବା ସମୁଚିତ ହେବ ।*

■

Digitized by srujanika@gmail.com

ଶିଶୁର ଶରୀର, ମସ୍ତିଷ୍କ ଓ ପରିବେଶ

ଶିଶୁର ଶାରୀରିକ ବିକାଶ ଯେ ଶିଶୁର ବୟସ, ପୁଷ୍ଟିକର ଖାଦ୍ୟଗ୍ରହଣ ଏବଂ ସ୍ୱାସ୍ଥ୍ୟପ୍ରଦ ପରିବେଶ ଉପରେ ନିର୍ଭର କରେ, ଏହା ସର୍ବସମ୍ମତ । ମାତ୍ର ଶାରୀରିକ ବିକାଶ କ୍ଷେତ୍ରରେ ଶିଶୁର ଅନୁଭୂତି ଏବଂ ନିକଟସ୍ଥ ପରିବେଶକୁ ଅନୁଭବ କରିବାର ସୁବିଧା ସୁଯୋଗ ଉପରେ ବେଶ୍ ନିର୍ଭରଶୀଳ । ଏ ଦିଗଟି ଦୃଷ୍ଟିକୁ ସହଜରେ ଆସି ନ ଥାଏ । ଶାରୀରିକ ବିକାଶର ଏକ ସ୍ପଷ୍ଟସୂଚକ ରୂପେ ଶିଶୁର ଚାଲିବା କାର୍ଯ୍ୟଟିକୁ ଉଦାହରଣ ନେଇ ଏହାର ବିଚାର କରାଯାଇପାରେ ।

ଶିଶୁର ଶାରୀରିକ ବିକାଶର ଏକ ବିଶିଷ୍ଟ ଦିଗ

ପୁଷ୍ଟିକର ଖାଦ୍ୟ, ବୟସ ଓ ପରିଷ୍କାର ପରିଛନ୍ନ ପରିବେଶରେ ଥାଇ ମଧ୍ୟ ଶିଶୁମାନଙ୍କର ଚାଲିବା ଆରମ୍ଭ ବୟସରେ ଭିନ୍ନତା ଦେଖାଯାଏ । ଅନୁଧ୍ୟାନରୁ ଦେଖାଯାଇଛି ଯେ ୟୁରୋପର ବିକାଶଶୀଳ ଦେଶର ସହରମାନଙ୍କରେ ପ୍ରତିପାଳିତ ଶିଶୁମାନଙ୍କ ଚାଲିବା ବୟସରେ ପାର୍ଥକ୍ୟ ରହିଛି । ପ୍ୟାରିସର ଶିଶୁମାନେ ଲଣ୍ଡନ ଓ ଷ୍ଟକହୋମ ପରି ନଗରୀର ଶିଶୁମାନଙ୍କ ତୁଳନାରେ କମ୍ ବୟସରେ ଚାଲିବାକୁ ଆରମ୍ଭ କରନ୍ତି ।

ଚାଲିବା କାର୍ଯ୍ୟଟିରେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଓ ମାଂସପେଶୀର ଚାଳନା ଆବଶ୍ୟକ ହେଉଥିଲେ ମଧ୍ୟ ଦର୍ଶନେନ୍ଦ୍ରୀୟ, ଶ୍ରବଣେନ୍ଦ୍ରୀୟ ଓ ଅନ୍ୟାନ୍ୟ ଇନ୍ଦ୍ରିୟର କାର୍ଯ୍ୟକଳାପ ସହିତ ଏହା ସମ୍ପର୍କିତ । ପରିବେଷ୍ଟନୀରେ ଶିଶୁ ନିଜର ଇନ୍ଦ୍ରିୟ ସବୁର ଉପଯୋଗ କରି ଯେଉଁ ଦକ୍ଷତା ଆହରଣ କରେ ସେ ସାମର୍ଥ୍ୟ ତା'ର ଚାଲିବା କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରେ । ଅନ୍ୟ ଭାଷାରେ କହିଲେ *ଯେଉଁ ପରିବେଶରେ ଇନ୍ଦ୍ରିୟସବୁର ଉପଯୋଗ ଘଟାଇ ପରିବେଷ୍ଟନୀକୁ ଅନୁଭବ କରିବାର ସୁବିଧା ସୁଯୋଗ ରହିଛି, ସେଠାରେ ଶାରୀରିକ ବିକାଶର ସମ୍ଭାବନା ଅଧିକ ।*

ଶିଶୁର ଲାଳନପାଳନ ବ୍ୟବସ୍ଥା ଏ କ୍ଷେତ୍ରରେ କିପରି ପାର୍ଥକ୍ୟ ସୃଷ୍ଟିକରେ ତାହାର ଏକ ଦୃଷ୍ଟାନ୍ତ ଦିଆଯାଇପାରେ । ଜାମ୍ବିଆରେ ନବଜାତ ଶିଶୁର ବୟସ ମାତ୍ର କିଛିଦିନର ହୋଇଥିବା ସମୟରୁ ଆରମ୍ଭ କରି ମା'ମାନେ ଗୋଟିଏ ଢିଲା ଥଳୀରେ ଶିଶୁକୁ ପୂରାଇ କାନ୍ଧରେ ବୋହିନିଅନ୍ତି । ଶିଶୁ ବସିବାକୁ ସମର୍ଥ ହେଲା ପର୍ଯ୍ୟନ୍ତ ଏପରି ବୁହାହୁଏ । ଶିଶୁ ମା'ର ପିଠିରେ ଥିବା ସମୟରେ ମା' ସହିତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପରିପ୍ରେକ୍ଷୀରେ ବିଭିନ୍ନ ଦୃଶ୍ୟରାଜି ଦେଖିବାର ସୁଯୋଗ ପାଏ । ଚଲାପଥରେ ବିଭିନ୍ନ ଶବ୍ଦ ଓ ଲୋକମାନଙ୍କ କଥା ଶୁଣିବାର ସୁଯୋଗ ପାଏ । ଥଳୀଟି ଢିଲା ହୋଇଥିବାରୁ ଥଳୀ ମଧ୍ୟରେ କିଛିଟା ସ୍ୱାଧୀନତା ପାଏ ଏବଂ ମା'କୁ ସ୍ପର୍ଶ କରିବାର ସୁଯୋଗ ମଧ୍ୟ ପାଏ । ଜାମ୍ବିଆର ଏହି ଶିଶୁମାନେ ବସିବାକୁ ସମର୍ଥ

Digitized by srujanika@gmail.com

ହେଲା ପରେ ମା'ମାନେ ଦୀର୍ଘ ସମୟ ଧରି ଶିଶୁକୁ ଛାଡ଼ିଦିଅନ୍ତି । ଶିଶୁ ତା'ର ପରିବେଶ ନିଜେ ଅନ୍ୱେଷଣ କରେ । ଅନ୍ୟ ପକ୍ଷରେ ମେକ୍ସିକୋର ଗୋଟିଏ ସମ୍ପ୍ରଦାୟର ଶିଶୁମାନେ ମା' ପିଠିରେ ଏପରି ବୁହା ହେଲେ ମଧ୍ୟ ବାହ୍ୟଜଗତକୁ ଅନୁଭବ କରିବାର ସୁଯୋଗ କମ୍ ଥାଏ । ଥଳୀଟି ଖୁବ୍ ଛୋଟ ହୋଇଥିବାରୁ ଶିଶୁ ବିଶେଷ ହଲିପାରେ ନାହିଁ । ପୁଣି ଥଳୀ ଉପରେ ଗୋଟିଏ ପରଦା ରହୁଥିବାରୁ ଶିଶୁ ବାହାରର ଦୃଶ୍ୟ ଦେଖିପାରେ ନାହିଁ । ଶ୍ରବଣେନ୍ଦ୍ରୀୟ ମଧ୍ୟ ବିଶେଷ ସୁଯୋଗ ପାଏ ନାହିଁ । ପୁଣି ଶିଶୁଟି ବସିବାକୁ ସମର୍ଥ ହେଲା ପରେ ମଧ୍ୟ ପିଲାକୁ ବିଶେଷ ସ୍ୱାଧୀନତା ଦିଆଯାଏ ନାହିଁ ।

ଚୁପଚାପ ଶାନ୍ତ ଶିଷ୍ଟ ଶିଶୁ ଗଢିବା ମେକ୍ସିକୋ ମା'ର ଲକ୍ଷ୍ୟ ହୋଇଥିବାରୁ ଶିଶୁ ପାଇଁ ସେହିପରି ଅବସ୍ଥା ସୃଷ୍ଟି କରାଯାଏ ।

ଦୁଇଟି ପୃଥକ୍ ପୃଥକ୍ ସାଂସ୍କୃତିକ ପରିବେଶ ମଧ୍ୟରେ ଶିଶୁର ଶାରୀରିକ ବିକାଶରେ ଭିନ୍ନତା ଦେଖାଯାଏ । ଜାମ୍ବିଆର ଶିଶୁମାନେ ଅନ୍ୟାନ୍ୟ ଆଫ୍ରିକାର ଶିଶୁମାନଙ୍କ ପରି ଶୀଘ୍ର ଚାଲିବାସ୍ଥଳେ ମେକ୍ସିକୋର ସେହି ସମ୍ପ୍ରଦାୟର ଶିଶୁମାନେ ବିଳମ୍ବରେ ଚାଲି ଶିଖନ୍ତି । ସୁତରାଂ ଶିଶୁ ନିଜର ପରିବେଶକୁ ଅନ୍ୱେଷଣ କରିବାରେ ନିଜର ଇନ୍ଦ୍ରିୟସବୁର ଉପଯୋଗ ଯେତେ ବେଶି କରିବ ଶିଶୁର ଶାରୀରିକ ବିକାଶ ସେହି ଅନୁପାତରେ ଅଧିକ ହେବ ।

ପ୍ରଶ୍ନ ଉଠିପାରେ ଶିଶୁର ଚାଲିବା କ୍ଷେତ୍ରରେ ତାଲିମର କିଛି ଭୂମିକା ସମ୍ପର୍କରେ, ଶିଶୁର ଅଳ୍ପ ପରିମାଣରେ ସାମର୍ଥ୍ୟ ଆସିଲା ପରେ ମା'ମାନଙ୍କର ପ୍ରଦତ୍ତ ତାଲିମ ନିଶ୍ଚିତ ଭାବରେ ସହାୟକ ହୋଇଥାଏ । ଏ ସମ୍ପର୍କରେ ସମସ୍ତଙ୍କର ନିଜସ୍ୱ ଅନୁଭୂତି ରହିଥିବ ।

ଆଉ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ହେଉଛି ଦୃଷ୍ଟିହୀନ ପିଲାମାନଙ୍କର ଶାରୀରିକ ବିକାଶ । ଆଲୋଚିତ ଯୁକ୍ତି ଅନୁଯାୟୀ ଦୃଷ୍ଟିହୀନ ଶିଶୁମାନେ ସେମାନଙ୍କର ଦର୍ଶନେନ୍ଦ୍ରିୟର ବ୍ୟବହାର କରି ନ ପାରୁଥିବାରୁ ପରିବେଶର ଅନ୍ୱେଷଣ ବାଧାପ୍ରାପ୍ତ ହେବା ସ୍ୱାଭାବିକ । ସୁତରାଂ ଶାରୀରିକ ବିକାଶ ଓ ଚାଲିବା ମଧ୍ୟ ବାଧାପ୍ରାପ୍ତ ହେବା ସ୍ୱାଭାବିକ । *ଦୃଷ୍ଟିହୀନ ପିଲାମାନେ ବିଳମ୍ବରେ ଚାଲିଶିଖନ୍ତି । ପରିସ୍ଥିତିକୁ କିଛିଟା ସୁଧାରିବା ପାଇଁ ବିଶେଷଜ୍ଞମାନେ ଶବ୍ଦ ଓ ସ୍ପର୍ଶ ମଧ୍ୟରେ ସଂଯୋଗ ପ୍ରତିଷ୍ଠା ତାଲିମ ପରାମର୍ଶ ଦିଅନ୍ତି । ଦୃଷ୍ଟିହୀନ ପିଲାମାନଙ୍କର ମା'ମାନେ ସେମାନଙ୍କୁ ଶିଶୁଆଡ଼କୁ ଆସୁଥିବା ସମୟରେ କଥା କହି କହି ଆସିବାକୁ ପରାମର୍ଶ ଦିଆଯାଏ । ସେହିପରି ଶିଶୁକୁ ଖୁଆଇବା, ଶୁଆଇବା ଏବଂ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟକଳାପ ସମୟରେ କଥା କହିବାକୁ ମା'ମାନଙ୍କୁ ପରାମର୍ଶ ଦିଆଯାଏ ।* ପରିବାରର ଅନ୍ୟମାନେ ମଧ୍ୟ ଅନୁରୂପ ଆଚରଣ ଦର୍ଶାଇବା ଭଲ । ଏପରି କରିବା ଫଳରେ ଦୃଷ୍ଟିହୀନ ପିଲା ଶବ୍ଦର ତୀକ୍ଷ୍ଣତା ଉପରେ ନିର୍ଭରକରେ । ବସ୍ତୁ ସବୁର ଦୂରତ୍ୱ ଜାଣିବାକୁ ସକ୍ଷମ ହୁଏ । ଶବ୍ଦ ଓ ସ୍ପର୍ଶର ସଂଯୋଗ ଶିକ୍ଷା ଫଳରେ କିଛିଟା ସମସ୍ୟା ସମାଧାନ ହୁଏ ।

Digitized by srujanika@gmail.com

ଆଧୁନିକ ଯୁଗରେ ସ୍କଟଲାଣ୍ଡରେ ବିଶେଷ ଗବେଷଣା ଫଳରେ ପ୍ରତିଧ୍ୱନି ସୃଷ୍ଟିକାରୀ ବୈଦ୍ୟୁତିକ ବସ୍ତୁର ନିର୍ମାଣ କରାଯାଇପାରିଛି । ଦୃଷ୍ଟିହୀନ ଶିଶୁ ଏପରି ବସ୍ତୁ ଧରି ଚଳପ୍ରଚଳ ହେଲେ ପ୍ରତିଧ୍ୱନି ମାଧ୍ୟମରେ ବସ୍ତୁର ଆକାର ଓ ଦୂରତ୍ୱ ଜାଣିପାରେ । ଏପରି ସହାୟକ ବସ୍ତୁର ବ୍ୟବହାର ଦୃଷ୍ଟିହୀନ ଶିଶୁର ଶାରୀରିକ ବିକାଶକୁ ସ୍ୱାଭାବିକ ପିଲାମାନଙ୍କ ସହିତ ସମପର୍ଯ୍ୟାୟକୁ ନ ଆଣିପାରିଲେ ମଧ୍ୟ ଅନ୍ୟ ଦୃଷ୍ଟିହୀନ ପିଲାଙ୍କ ତୁଳନାରେ ଅଧିକ ସାମର୍ଥ୍ୟର ଅଧିକାରୀ କରିଥାଏ ।

ଶୈଶବକାଳୀନ ଅନୁଭୂତି ମସ୍ତିଷ୍କରେ କି ପରିବର୍ତ୍ତନ ଆଣେ ?

ନବଜାତ ଶିଶୁ ମାତୃଗର୍ଭର ଏକକ ଏବଂ ଅପେକ୍ଷାକୃତ କମ୍ ପରିବର୍ତ୍ତନକ୍ଷମ ପରିବେଶ ତ୍ୟାଗକରି ସଦା ଅସ୍ଥିର ଓ ବହୁ ପରିବର୍ତ୍ତନଶୀଳ ପରିବେଷ୍ଟନୀରେ ପ୍ରବେଶ କରେ । ଏ ପରିବେଶରେ ତାହାର ସମସ୍ତ ଇନ୍ଦ୍ରିୟ ସକ୍ରିୟ ହୋଇଉଠେ । କେତେକ ସ୍ଥଳରେ ଇନ୍ଦ୍ରିୟସବୁର ଉପଯୋଗ ପାଇଁ ପୂର୍ଣ୍ଣ ସମ୍ଭାବନା ଥିବା ସ୍ଥଳେ ଅନ୍ୟ କେତେକ ସ୍ଥାନରେ ପ୍ରତିବନ୍ଧକ ରହିଥାଏ । ଅନୁଭୂତିର ଏହି ବିସ୍ତାରଣଶୀଳ ଇଲାକା ମଧ୍ୟରେ ଶିଶୁର ଶାରୀରିକ, ମାନସିକ ଓ ଆବେଗିକ ବିକାଶ ଘଟେ । ଶିଶୁର ଅଳ୍ପ ବୟସରେ ସେ ସମ୍ମୁଖୀନ ହେଉଥିବା ଅନୁଭବ ସବୁ ପରବର୍ତ୍ତୀ କାଳରେ କିପରି ପ୍ରଭାବ ପକାଇବ, ସେ ସମ୍ପର୍କରେ ବହୁ ପ୍ରଶ୍ନ ଉଠେ ।

ବୟସର ବୃଦ୍ଧି ସହିତ ଅନ୍ୟସବୁ ବିକାଶ ସ୍ୱତଃ ସଂଘଟିତ ହେବ କି ଏଥିପାଇଁ କେତେକ ମୌଳିକ ଅନୁଭୂତିର ଆବଶ୍ୟକତା ରହିବ ? ଅନ୍ୟ ପ୍ରଶ୍ନଟି ହେଉଛି ବାଲ୍ୟକାଳୀନ ଅନୁଭୂତି ପରବର୍ତ୍ତୀ ଅନୁଭବ ତୁଳନାରେ ଅଧିକ ପ୍ରଭାବଶାଳୀ କି ? ପୁଣି ଜୀବନର ଆଦ୍ୟକାଳରେ ଅନୁଭୂତିର ପ୍ରଭାବର ରୂପ ନେଉଥିବା ବିକାଶର ଧାରା ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହୁଏ କି ?

ଏସବୁ ପ୍ରଶ୍ନର ଉତ୍ତର ଅନ୍ୱେଷଣ ପାଇଁ ମନୋବିଜ୍ଞାନୀମାନେ ଦୁଇଟି ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ପ୍ରଥମ ଆଭିମୁଖ୍ୟଟି ହେଉଛି ସଂକୋଚନ ବା ବଂଚନ (Deprivation) ପଦ୍ଧତି । ପରିବେଶରେ ମିଳୁଥିବା ଇନ୍ଦ୍ରିୟାନୁଭୂତିକୁ ସଂକୋଚନ କରି ବା କାଢିନେବା ଫଳରେ କି କି ପ୍ରକାର କ୍ଷତିସାଧିତ ହେଉଛି ତାହାର ଅନୁଧ୍ୟାନ କରାଯାଇପାରେ । ଦ୍ୱିତୀୟ ପ୍ରକାର ପଦ୍ଧତିଟି ହେଉଛି ସମ୍ପ୍ରସାରଣ ବା ସମୃଦ୍ଧୀକରଣ ପଦ୍ଧତି । ପରିବେଶରେ ମିଳୁଥିବା ସୁବିଧା ସୁଯୋଗକୁ ପର୍ଯ୍ୟାପ୍ତ ପରିମାଣରେ ବୃଦ୍ଧିକରି ସେସବୁର ସୁଫଳ ଲକ୍ଷ୍ୟ କରାଯାଇପାରେ ।

ପ୍ରଥମ ପଦ୍ଧତିଟିର ପ୍ରୟୋଗ ଫଳରେ ଅନୁଧ୍ୟାନ କରାଯାଇଥିବା ମସ୍ତିଷ୍କର କାର୍ଯ୍ୟକଳାପ ଓ ବାଲ୍ୟକାଳୀନ ଅନୁଭୂତିର ସମ୍ପର୍କ କଥା ବିଚାର କରାଯାଉ । ଏହା ସାଧାରଣଭାବେ ଜଣା ଯେ

Digitized by srujanika@gmail.com

ମେରୁମଜ୍ଜା (Spinal Cord) ଏବଂ ବୃନ୍ତ ମସ୍ତିଷ୍କ (Brain Stem) ମସ୍ତିଷ୍କର ଅଂଶବିଶେଷ ହେଲେ ମଧ୍ୟ କେନ୍ଦ୍ରୀୟ ସ୍ନାୟୁମଣ୍ଡଳ (Central Nervous System) ମସ୍ତିଷ୍କର ମୁଖ୍ୟ ଅଂଶ । ବାଲ୍ୟ ଅନୁଭବ ପରିପ୍ରେକ୍ଷୀରେ ଏହି କେନ୍ଦ୍ରୀୟ ସ୍ନାୟୁମଣ୍ଡଳର କି କି ପରିବର୍ତ୍ତନ ଘଟେ, ତାହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ।

ବିଂଶ ଶତକର ପ୍ରାରମ୍ଭରେ ପକ୍ଷୀମାନଙ୍କର ମସ୍ତିଷ୍କ ସମ୍ପର୍କରେ ଗବେଷଣା କରୁଥିବା ଜଣେ ବିଶେଷଜ୍ଞ ମତଦେଲେ ଯେ ପକ୍ଷୀମାନଙ୍କର *ଦୃଷ୍ଟିଜନିତ ଅନୁଭୂତି ଯେତେ କମ ହେବ ସେମାନଙ୍କ ଚକ୍ଷୁସହିତ ସଂଯୁକ୍ତ ଅଂଶସବୁ ସେତିକି ପରିମାଣରେ କ୍ଷତିଗ୍ରସ୍ତ ହେବ ।* ସେ ସମୟରେ ଏ ମନ୍ତବ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯାଇ ନ ଥିଲା । ବୟସର ବୃଦ୍ଧି ସହିତ ପରିପକ୍ୱତା ନିର୍ଦ୍ଧାରିତ ବୋଲି ବିଶ୍ୱାସ କରୁଥିବା ବିଶେଷଜ୍ଞମାନେ ଏହାର ଗୁରୁତ୍ୱ ଅନୁଭବ କରି ନ ଥିଲେ, ମାତ୍ର ପରବର୍ତ୍ତୀ ସମୟରେ ହେବ ନାମକ ଜଣେ ପ୍ରଖ୍ୟାତ ମନୋବିଜ୍ଞାନୀ ପ୍ରଖ୍ୟାପନ କଲେ ଯେ *ପ୍ରତ୍ୟେକ ପ୍ରାଣୀର ମସ୍ତିଷ୍କର ମୁଖ୍ୟ ଅଂଶର (କେନ୍ଦ୍ରୀୟ ସ୍ନାୟୁମଣ୍ଡଳ) ବିକାଶ ପାଇଁ ପରିବେଶ ଲବ୍ଧ ଅନୁଭୂତି ଅପରିହାର୍ଯ୍ୟ ।* ଏହା ପରେ ପରେ ବହୁ ପରୀକ୍ଷା ନିରୀକ୍ଷାର ସୂତ୍ରପାତ ହେଲା । ସିମ୍ପାଞ୍ଜିମାନଙ୍କର ଜନ୍ମ ପରେ ପରେ ସେମାନଙ୍କୁ ୧୬ମାସ ପର୍ଯ୍ୟନ୍ତ ଅନ୍ଧାର ଘରେ ରଖାଯାଇ ଦୃଷ୍ଟିଜନିତ ଅନୁଭୂତିରୁ ବଞ୍ଚିତ କରାଗଲା । କୃତ୍ରିମ ଉପାୟରେ ସେମାନଙ୍କର ଅନୁଭୂତିକୁ ସଙ୍କୁଚିତ କରାଗଲା । ଲକ୍ଷ୍ୟ କରାଗଲା ଯେ ଏପରି ବ୍ୟବସ୍ଥା ଫଳରେ ସିମ୍ପାଞ୍ଜିମାନଙ୍କର ଦୃଷ୍ଟିବାହୀ ସ୍ନାୟୁସବୁ କ୍ଷତିଗ୍ରସ୍ତ ହୋଇଛି । ପରବର୍ତ୍ତୀ ସମୟରେ ସେମାନଙ୍କୁ ଆଲୋକିତ ପରିବେଷ୍ଟନୀ ମଧ୍ୟକୁ ଅଣାଗଲେ ମଧ୍ୟ କ୍ଷତିପୂରଣ ଘଟନାହିଁ । ସ୍ୱାଭାବିକ ଭାବରେ ଦେଖିବା ପାଇଁ ଏମାନେ ସମର୍ଥ ନୁହନ୍ତି ।

ଗବେଷଣାଗାରର ସୁନିୟନ୍ତ୍ରିତ ଅବସ୍ଥା ମଧ୍ୟରେ ଅଧିକ ପରୀକ୍ଷା ନିରୀକ୍ଷା କରାଯାଇ କି ପ୍ରକାର କ୍ଷତି ଘଟୁଛି, ତାହାର ପ୍ରକୃତ ସ୍ୱରୂପ ସ୍ଥିର କରାଗଲା । ଏ ଧରଣର ଗବେଷଣା ପ୍ରଥମେ ମୂଷାମାନଙ୍କ ଉପରେ କରାଗଲା । କିଛି ମୂଷାମାନଙ୍କୁ ସଙ୍କୁଚିତ ପରିବେଶ ମଧ୍ୟରେ ଲାଳନପାଳନ କରାଯାଇ ସେମାନଙ୍କର ଦୃଷ୍ଟିଜନିତ ଅନୁଭବର ମାତ୍ରା କମାଇ ଦିଆଗଲା । ଖୁବ୍ ଅଳ୍ପ ବସ୍ତୁ ଦେଖିବେ, ଅଳ୍ପ ଆୟତନ ମଧ୍ୟରେ ଚଳପ୍ରଚଳ ହେବେ ଏବଂ ଅଳ୍ପ ବୈଚିତ୍ର୍ୟ ପୂର୍ଣ୍ଣ ପରିବେଷ୍ଟନୀରେ ରହିବେ, ଏପରି ବ୍ୟବସ୍ଥା କରାଗଲା । ଅନ୍ୟପକ୍ଷରେ ଅନ୍ୟ ମୂଷାମାନଙ୍କୁ ବିସ୍ତାରିତ ଓ ବିଭିନ୍ନତାପୂର୍ଣ୍ଣ ପରିବେଶ ମଧ୍ୟରେ ଲାଳନପାଳନ କରାଗଲା । ଏମାନେ ଅଧିକ ସଂଖ୍ୟକ ବସ୍ତୁ, ବିଭିନ୍ନ ପ୍ରକାରର ସାମଗ୍ରୀ ଏବଂ ବୈଚିତ୍ର୍ୟ ପୂର୍ଣ୍ଣ ପରିବେଷ୍ଟନୀ ମଧ୍ୟରେ ଲାଳିତପାଳିତ ହେଲେ ।

ସୀମିତ ଓ ବିସ୍ତାରିତ ପରିବେଶ ମଧ୍ୟରେ ଦୁଇ ଭିନ୍ନ ଭିନ୍ନ ଅନୁଭୂତି ପରେ ଲକ୍ଷ୍ୟ କରାଗଲା ଯେ ଏହି କ୍ଷୁଦ୍ର ପ୍ରାଣୀମାନଙ୍କର ମସ୍ତିଷ୍କର ଆକାରରେ ପରିବର୍ତ୍ତନ ଘଟିଛି । ସୀମିତ

Digitized by srujanika@gmail.com

ଅନୁଭବ ପାଇଥିବା ମୂଷାମାନଙ୍କ ତୁଳନାରେ ପ୍ରସାରିତ ଅନୁଭୂତି ପାଇଥିବା ମୂଷାମାନଙ୍କର ମସ୍ତିଷ୍କର ଆକାର ପ୍ରାୟ ଚାରି ପ୍ରତିଶତ ଅଧିକ ହୋଇଛି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ମସ୍ତିଷ୍କର ଏହି ଆକାର ବୃଦ୍ଧି ମସ୍ତିଷ୍କର ଯେ କୌଣସି ଅଂଶରେ ନ ଘଟି ପ୍ରାଣୀର ଦର୍ଶନେନ୍ଦ୍ରିୟ ଶ୍ରବଣେନ୍ଦ୍ରିୟ ପରି ଅନୁଭବ ସବୁକୁ ନିୟନ୍ତ୍ରଣ କରୁଥିବା କେନ୍ଦ୍ରୀୟ ସ୍ନାୟୁମଣ୍ଡଳୀର ମୁଖ୍ୟ ଅଂଶ ବା ମୂଳ ମସ୍ତିଷ୍କ (Cortex) ରେ ଏପରି ପରିବର୍ତ୍ତନ ଘଟିଛି । ସୁତରାଂ ଅନୁମାନ କରାଗଲାଯେ ମସ୍ତିଷ୍କର ଆକାର ବୃଦ୍ଧି ଆକସ୍ମିକ ନ ହୋଇ ଏହି ଆକାର ବୃଦ୍ଧି ସଂଶ୍ଲିଷ୍ଟ ହୋଇପଡିଛି ପ୍ରାଣୀ ଆହରଣ କରିଥିବା ଅନୁଭୂତିର ସ୍ୱରୂପ ଉପରେ । ଦର୍ଶନେନ୍ଦ୍ରିୟ ପ୍ରୟୋଗ ଫଳରେ ଅଧିକ ଅନୁଭୂତି ମିଳିଥିଲେ ମସ୍ତିଷ୍କର ଦର୍ଶନ କେନ୍ଦ୍ରଟିରେ ପରିବର୍ତ୍ତନ ହେବା ସ୍ୱାଭାବିକ । ଏ ପରୀକ୍ଷାଗୁଡ଼ିକ ମୂଷାମାନଙ୍କ ଉପରେ ହୋଇଥିଲେ ମଧ୍ୟ ଅନ୍ୟ ଜଣେ ବିଶେଷଜ୍ଞ ମନୁଷ୍ୟ କ୍ଷେତ୍ରରେ ଏହାର ପ୍ରୟୋଗଶୀଳତା ପରୀକ୍ଷା କରିବାକୁ ଯାଇ ମୂକବଧୀର ଅନ୍ଧ ବ୍ୟକ୍ତିଙ୍କର ମସ୍ତିଷ୍କର ଆକାର ମାପକରି ଦେଖିଛନ୍ତି ଯେ ଏହାର ଆକାର ସ୍ୱାଭାବିକ ବ୍ୟକ୍ତି ମସ୍ତିଷ୍କର ଆକରଠାରୁ ସାମାନ୍ୟ ଛୋଟ । ପୁଣି ଆକାରରେ ଯେଉଁ ହ୍ରାସ ଦେଖାଯାଇଛି ତାହା କେବଳ ଦର୍ଶନ କେନ୍ଦ୍ର ଓ ଶ୍ରବଣକେନ୍ଦ୍ର ଅଂଶ ସଂଲଗ୍ନ ମସ୍ତିଷ୍କର ଅଂଶ ବିଶେଷରେ । ସ୍ପର୍ଶକେନ୍ଦ୍ର ପାଖାପାଖି ମସ୍ତିଷ୍କ ଅଂଶରେ ସାଧାରଣ ଲୋକ ଏବଂ ମୂକବଧୀର ଅନ୍ଧ ଲୋକର ମସ୍ତିଷ୍କ ଆକାରରେ କୌଣସି ପାର୍ଥକ୍ୟ ନାହିଁ । ଏବେ ଆହୁରି ଉନ୍ନତ ପରୀକ୍ଷା ଫଳରେ ପ୍ରମାଣିତ ହୋଇଛି ଯେ *ସୀମିତ ପରିବେଶରେ ପ୍ରତିପାଳିତ ଶିଶୁର ମସ୍ତିଷ୍କର ଆକାର କେବଳ କମେ ନାହିଁ, ମସ୍ତିଷ୍କରେ ଥିବା ସ୍ନାୟୁସବୁର ଶାଖା ପ୍ରଶାଖାର ବ୍ୟାପକତା ଏବଂ ସମ୍ବେଦନ ବହନ କରୁଥିବା ରାସାୟନିକ ସଂଯୋଜକ (Neuro transmitters) ସବୁରେ ମଧ୍ୟ ହ୍ରାସ ଘଟିଥାଏ । ଏ ଦୃଷ୍ଟିରୁ ବୁଝିବାକୁ ହେବ ଯେ ଶିଶୁ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ କେବଳ ବୟସ ବୃଦ୍ଧିକୁ ଅପେକ୍ଷା ନ କରି ପରିବେଶରେ ଅନୁଭୂତିର ସମ୍ଭାବନାକୁ ବୃଦ୍ଧି କରିବାକୁ ହେବ ।*

ଶୈଶବକାଳୀନ ଅନୁଭୂତି ସାମାଜିକ ଓ ଆବେଗିକ ବିକାଶକୁ ପ୍ରଭାବିତ କରେ କି ?

ପରିବେଷ୍ଟନୀରେ ଇନ୍ଦ୍ରିୟସବୁର ଉପଯୋଗ କରି ନ ପାରି ଅନୁଭୂତିର ଯେଉଁ ଦାରିଦ୍ର୍ୟ ସୃଷ୍ଟି ହୁଏ, ତାହା ମସ୍ତିଷ୍କର ଗଠନ ଓ କାର୍ଯ୍ୟକଳାପକୁ କିପରି ବିପର୍ଯ୍ୟସ୍ତ କରିପକାଏ, ତାର ସୂଚନା ପୂର୍ବରୁ ଦିଆଯାଇଛି । ବର୍ତ୍ତମାନ ଅନ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି ବାଲ୍ୟକାଳୀନ ଅନୁଭୂତିର ପରିସୀମତ୍ୱ ପରବର୍ତ୍ତୀ କାଳର ସାମାଜିକ ବ୍ୟବହାର ଓ ଆବେଗିକ (Emotional) ବିକାଶ ଉପରେ କି ପ୍ରଭାବ ବିସ୍ତାର କରେ ? ମନୋବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଯେ

Digitized by srujanika@gmail.com

ବାଲ୍ୟକାଳୀନ ଅନୁଭବ ଯେତେବେଶି ସୀମିତ ରହିବ ପରବର୍ତ୍ତୀ ସାମାଜିକ ବ୍ୟବହାର ଓ ଆବେଗିକ ବିକାଶ ସେହି ଅନୁପାତରେ ବିପର୍ଯ୍ୟସ୍ତ ହେବ ।

ଏପରି ସିଦ୍ଧାନ୍ତ ଗ୍ରହଣ ମୂଳରେ ବିଧିବଦ୍ଧ ପରୀକ୍ଷା ନିରୀକ୍ଷାର ଫଳାଫଳ କେନ୍ଦ୍ରିତ । କିନ୍ତୁ ଏସବୁ ପରୀକ୍ଷା ନିରୀକ୍ଷା ସବୁ ସମୟରେ ମନୁଷ୍ୟ ଶିଶୁ ଉପରେ କରିବା ସମ୍ଭବ ନୁହେଁ । ନୈତିକତା ଦୃଷ୍ଟିରୁ କୌଣସି ଶିଶୁକୁ ସ୍ୱାଭାବିକ ଅନୁଭୂତିରୁ ବଞ୍ଚିତ କରିବା ଦୋଷାବହ । ଶିଶୁ ଉପରେ ଏ ଧରଣର ପରୀକ୍ଷା ନୈତିକତା ପ୍ରଶ୍ନ ସହ ଜଡ଼ିତ ହୋଇଥିବାରୁ ସୀମିତ ପରିବେଶର ପ୍ରଭାବ ଅନୁଶୀଳନ କରିବା ପାଇଁ ମାଙ୍କଡ଼ମାନଙ୍କୁ ଉପଯୋଗ କରାଯାଇଛି । ମାଙ୍କଡ଼ମାନଙ୍କର ଜୀବନ ବିକାଶର ଧାରା ଅପେକ୍ଷାକୃତ ଦୀର୍ଘକାଳୀନ ହୋଇଥିବାରୁ ସେମାନଙ୍କ ଉପରେ କରାଯାଇଥିବା ପରୀକ୍ଷାର ଫଳାଫଳ ମନୁଷ୍ୟ କ୍ଷେତ୍ରରେ ପ୍ରୟୋଗ କରାଯିବା ଯୁକ୍ତିଯୁକ୍ତ ମନେହେଉଛି । ଜନ୍ମର ପରେ ପରେ ପରିବେଶରୁ ମିଳୁଥିବା ଅନୁଭୂତି ସବୁର ସମ୍ଭାବନାକୁ କୃତ୍ରିମ ଉପାୟରେ କ୍ଷୀଣ କରାଯାଇ କେତେକ ପରିଣତି ଲକ୍ଷ୍ୟ କରାଯାଇଛି ।

ହାର୍ଲୋ ନାମକ ଜଣେ ମନୋବିଜ୍ଞାନୀ ଏ ଧରଣର ପରୀକ୍ଷା ନିରୀକ୍ଷା ଚଳାଇ କେତେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଉପସ୍ଥାପନ କରିଛନ୍ତି । ଗୋଟିଏ ଦଳର ମାଙ୍କଡ଼ ଛୁଆମାନଙ୍କୁ ପୂରାପୂରି ଭାବରେ ପୃଥକୀକୃତ ପରିବେଶ ମଧ୍ୟରେ ରଖି ସେମାନଙ୍କ ପରିବେଷ୍ଟନୀକୁ ପୂର୍ଣ୍ଣ ସଂକୁଚିତ କଲେ । ମାଙ୍କଡ଼ ଛୁଆମାନଙ୍କର ଜନ୍ମ ପରେ ପରେ ସେମାନଙ୍କୁ କଳଙ୍କବିହୀନ ଲୁହା ନଳ ମଧ୍ୟରେ ରଖିବାର ବ୍ୟବସ୍ଥା କଲେ । ଏହି ନଳ ମଧ୍ୟରେ ବିଚ୍ଛୁରିତ ଆଲୋକର ବ୍ୟବସ୍ଥା ଥିବାରୁ ଦର୍ଶନେନ୍ଦ୍ରିୟର ବ୍ୟବହାର କରି କୌଣସି ଜଣଙ୍କୁ ସ୍ପଷ୍ଟ ଦେଖିବା ସମ୍ଭବ ନ ଥିଲା । ବାହାରର ଶବ୍ଦ ମଧ୍ୟ ନିୟନ୍ତ୍ରିତ ହୋଇ ନଳ ମଧ୍ୟରେ ପ୍ରବେଶ କରୁଥିବାରୁ ଶ୍ରବଣେନ୍ଦ୍ରୀୟର କାର୍ଯ୍ୟକଳାପ ସୀମିତ ଥିଲା । ବାହାରର ଯାନ୍ତ୍ରିକ ନିୟନ୍ତ୍ରଣ ଦ୍ୱାରା ଖାଦ୍ୟ ଓ ପାନୀୟ ଯୋଗାଇ ଦିଆ ହେଉଥିଲା । ଏହି ଯାନ୍ତ୍ରିକ ଉପାୟରେ ନଳ ଭିତରେ ମଧ୍ୟ ପରିଷ୍କାର କରାଯାଉଥିଲା । ମନୁଷ୍ୟ ଶରୀରର କୌଣସି ଅଂଶବିଶେଷ ଦେଖିବା କଥା ଅନ୍ୟ ମାଙ୍କଡ଼ ଛୁଆମାନଙ୍କ ଦେଖିବାର ସୁଯୋଗ ନ ଥିଲା । ପାରସ୍ପରିକ କ୍ରିୟା ପ୍ରତିକ୍ରିୟାର ସମ୍ଭାବନା ନ ଥିଲା । ମୋଟ ଉପରେ ଏହି ପ୍ରଥମ ଦଳର ମାଙ୍କଡ଼ଛୁଆମାନେ ବହୁମାତ୍ରାର ସୀମାବଦ୍ଧ ପରିସର ମଧ୍ୟରେ ସମୟ ଅତିବାହିତ କଲେ ।

ଦ୍ୱିତୀୟ ଦଳର ମାଙ୍କଡ଼ ଛୁଆମାନଙ୍କୁ କେତେକାଂଶରେ ବଞ୍ଚିତ କରାଯାଇଥିଲା । ସେମାନେ ଅନ୍ୟ ମାଙ୍କଡ଼ ଛୁଆ ଓ ମନୁଷ୍ୟମାନଙ୍କୁ ଦୂରରୁ ଦେଖିବାର ସୁଯୋଗ ପାଉଥିଲେ । କିନ୍ତୁ ଏମାନଙ୍କ ସହିତ କୌଣସି ସଂଯୋଗ ଭାବର ଆଦାନପ୍ରଦାନ ନଥିଲା ।

ତୃତୀୟ ଦଳର ମାଙ୍କଡ଼ଛୁଆମାନେ ସ୍ୱାଭାବିକ ଭାବରେ ସେମାନଙ୍କର ମା'ମାନଙ୍କ ଦ୍ୱାରା ପ୍ରତିପାଳିତ ହେଲେ । ନିଜର ସମବୟସୀ ଅନ୍ୟ ମାଙ୍କଡ଼ଛୁଆମାନଙ୍କ ସହିତ ଖେଳିବାର ସୁଯୋଗ ପାଇଲେ । ବାହ୍ୟ ବସ୍ତୁ ସବୁ ଦେଖିବା ଓ ଶୁଣିବାରେ ବାଧା ନ ଥିଲା ।

Digitized by srujanika@gmail.com

ସୂତ୍ର ଭଣ୍ଡାର-୫

ଶିଶୁର ଶାରୀରିକ ବିକାଶ :

୧. *ଶିଶୁ ଶରୀରର ବିକାଶ (ଯଥା - ଶିଶୁର ଚାଲିବା) ଶିଶୁର ଦେଖିବା, ଶୁଣିବା ଓ ଅନ୍ୟ ଇନ୍ଦ୍ରିୟାନୁଭୂତି ସହିତ ଗଭୀରଭାବେ ଜଡ଼ିତ । ସୁତରାଂ ଶିଶୁର ପରିବେଶରେ ତାହାର ଏସବୁ ଅନୁଭୂତି ବିଶେଷତଃ ଶିଶୁର ଦୃଷ୍ଟିଶକ୍ତିର ସମ୍ପ୍ରସାରଣ ହେଲାଭଳି ପଦକ୍ଷେପ ନିଅନ୍ତୁ ।*

୨. *ଦୁର୍ଭାଗ୍ୟବଶତଃ ଶିଶୁଟି ଦୃଷ୍ଟିହୀନ ହୋଇଥିଲେ ମା'ମାନେ ସେମାନଙ୍କ ଶିଶୁ ଆଡ଼କୁ ଆସୁଥିବା ସମୟରେ କଥା କହି କହି ଆସିବା ଉଚିତ । ଦର୍ଶନେନ୍ଦ୍ରୀୟର ଉପଯୋଗର ସୁବିଧା ନ ଦେଲେ, ଶ୍ରବଣେନ୍ଦ୍ରୀୟ ବ୍ୟବହାରର ଅଧିକ ସୁଯୋଗ ସୃଷ୍ଟିକରନ୍ତୁ ।*

ମସ୍ତିଷ୍କ ଓ ବାଲ୍ୟକାଳୀନ ଅନୁଭବ :-

୩. *ପ୍ରତ୍ୟେକ ମସ୍ତିଷ୍କର ମୁଖ୍ୟ ଅଂଶ କେନ୍ଦ୍ରୀୟ ସ୍ନାୟୁ ମଣ୍ଡଳର ବିକାଶ ପାଇଁ ପରିବେଶଲବ୍ଧ ଅନୁଭୂତି ଅପରିହାର୍ଯ୍ୟ । ସୀମିତ ପରିବେଶ ଏପରି ବିକାଶକୁ ସଂକୁଚିତ ରଖିବା ମୂଳେ ବିସ୍ତୃତ ଓ ସମ୍ପ୍ରସାରିତ ପରିବେଶ ମସ୍ତିଷ୍କର ବିକାଶକୁ ବ୍ୟାପକ କରେ । ଏ ଦୃଷ୍ଟିରୁ ଶିଶୁର ପରିବେଶକୁ ସମ୍ପ୍ରସାରିତ କରନ୍ତୁ । ଅଧିକରୁ ଅଧିକ ଜିନିଷ ଦେଖିବା, ଅଧିକ ପ୍ରକାରର ଜିନିଷ ଥିବା, ଶୁଣିବା ସ୍ପର୍ଶ କରିବାର ଅନୁଭବର ସୁଯୋଗ ପାଇ ପରିବେଶର ବିସ୍ତାରଣ ଘଟାନ୍ତୁ ।*

୪. *ପରିବେଶରେ ଥିବା ଦାରିଦ୍ର୍ୟ ଫଳରେ ଯେଉଁ କ୍ଷତିସାଧିତ ହେଉଛି ତାହାର ଦୀର୍ଘତା ଉପରେ ନିର୍ଭର କରି ଭବିଷ୍ୟତର ଫଳାଫଳ କଳନା କରିହେବ । ଜୀବନ ବିକାଶର ଆଦ୍ୟକାଳରେ ଏପରି ଦାରିଦ୍ର୍ୟ ଆଉ କିଛି ସମୟ ପାଇଁ ସୃଷ୍ଟି ହେଉଥିଲେ ଭବିଷ୍ୟତରେ, ସୁନ୍ଦର ପରିବେଶ କ୍ଷତିପୂରଣ କରିପାରିବ । ଅନ୍ୟଥା କ୍ଷତିପୂରଣ କଷ୍ଟକର ହେବ । ତେଣୁ ଅନୁନ୍ନତ ପରିବେଶର ପରିବର୍ତ୍ତନ ପାଇଁ ଶୀଘ୍ର ଉଦ୍ୟମ କରନ୍ତୁ ।*

Digitized by srujanika@gmail.com

ପରିବେଶର ପରିସୀମତ୍ୱ କେତେକାଳ ସକ୍ରିୟ ରହିଲେ ପରିଣତି କିପରି ରୂପ ନେଉଛି ତାହା ଜାଣିବାକୁ ଏପରି ମାଙ୍କଡ଼ ଦଳମାନଙ୍କୁ ତିନିମାସ, ଛମାସ ଓ ଏକବର୍ଷ ପରେ ଅନୁଧ୍ୟାନ କରାଗଲା । ଏମାନଙ୍କର ସାମାଜିକ ବ୍ୟବହାର ଓ ଆବେଗିକ ବିକାଶ ଉପରେ କି ପ୍ରଭାବ ପଡିଛି ତାହା ଜାଣିବାକୁ ଏମାନଙ୍କୁ ଅନ୍ୟ ମାଙ୍କଡ଼ଛୁଆମାନଙ୍କ ପାଖରେ ଛାଡ଼ିଦିଆଗଲା ।

ସୀମାବଦ୍ଧ ପରିବେଶରେ ପ୍ରତିପାଳିତ ହୋଇଥିବା ମାଙ୍କଡ଼ଛୁଆମାନଙ୍କର ସାମାଜିକ ବ୍ୟବହାରରେ ବିଚିତ୍ରତା ଦେଖାଗଲା । ଅନୁଭୂତିରୁ ବଞ୍ଚିତ ହୋଇଥିବା ମାଙ୍କଡ଼ଛୁଆମାନେ ବିଚିତ୍ର ଧରଣର ଅଙ୍ଗଭଙ୍ଗୀ ଦେଖାଇଲେ । ନିଜକୁ ନିଜେ କାମୁଡ଼ିବା, ବିନାକାରଣରେ ଦୋହଲିବା, ଅଯଥାରେ ମୂହଁ ବିକୃତ କରିବା ଭଳି ଅନାବଶ୍ୟକ ଅଙ୍ଗଭଙ୍ଗୀ ଦର୍ଶାଇଲେ । କନା ରବର ଦ୍ୱାରା ଆବୃତ ମଣିଷର ହାତ ସେମାନଙ୍କ ମଧ୍ୟକୁ ଚାଲିଆସିବା କ୍ଷଣି ଏମାନେ ଭୟଭୀତ ହୋଇ ନିଜ ଉପରେ ରାଗ ଦେଖାଇଲେ କିମ୍ବା ନିଜକୁ ନିଜେ କାମୁଡ଼ିଲେ । ଅନ୍ୟପକ୍ଷରେ ସ୍ୱାଭାବିକ ଭାବରେ ପ୍ରତିପାଳିତ ମାଙ୍କଡ଼ଛୁଆମାନେ ଏହାକୁ ଏକ ଭୟର ସଙ୍କେତ ରୂପେ ଗ୍ରହଣ କଲେ ମଧ୍ୟ ଭୀତିପ୍ରଦ ବସ୍ତୁ ପ୍ରତି ଯାହା କରିବାର କଥା, ତାହା ହିଁ କଲେ । ସୁତରାଂ ସଂକୁଚିତ ପରିବେଶରେ ପ୍ରତିପାଳିତ ମାଙ୍କଡ଼ଛୁଆମାନେ ନିଜର ଭୟକୁ ପ୍ରକୃତ ଭୟ ଜନ୍ମାଉଥିବା ଉଦ୍ଦୀପକ ଦିଗରେ ପ୍ରକାଶ ନ କରି ଅଯଥା ବ୍ୟବହାର ଦର୍ଶାଇଲେ । *କହିବା ଅନାବଶ୍ୟକ ଯେ ପୂର୍ଣ୍ଣ ସଂକୋଚନ ମଧ୍ୟରେ ଥିବା ମାଙ୍କଡ଼ଛୁଆମାନେ ଆଂଶିକ ସଂକୋଚନ ମଧ୍ୟରେ ପ୍ରତିପାଳିତ ମାଙ୍କଡ଼ଛୁଆମାନଙ୍କ ତୁଳନାରେ ଅଧିକ ବିପର୍ଯ୍ୟୟର ଶିକାର ହୋଇଥିଲେ ।*

ପରିବେଶ ସଂକୋଚନର ସମୟ ଦୀର୍ଘତା ସମ୍ପର୍କରେ ଲକ୍ଷ୍ୟ କରାଯାଇ ଦେଖାଗଲା ଯେ ତିନିମାସ ଧରି ସୀମିତ ପରିବେଶରେ ଥିବା ମାଙ୍କଡ଼ଛୁଆମାନେ ପ୍ରାଥମିକ ସ୍ତରରେ ତ୍ରୁଟିବିଚ୍ୟୁତି ଓ ଅସ୍ୱାଭାବୀ ବ୍ୟବହାର ଦର୍ଶାଇଲେ ମଧ୍ୟ ସମୟ କ୍ରମେ ଧୀରେ ଧୀରେ ସେମାନେ ଅନ୍ୟମାଙ୍କଡ଼ଛୁଆମାନଙ୍କ ସଙ୍ଗରେ ମିଶିଲା ପରେ ବହୁ ପରିମାଣରେ କ୍ଷତି-ପୂରଣ ହେଉଛି । ସ୍ୱାଭାବିକ ଅନୁଭୂତି ପାଇବାର କିଛିମାସ ପରେ ସେମାନେ ସ୍ୱାଭାବିକ ବ୍ୟବହାର ଦର୍ଶାଉଛନ୍ତି । ମାତ୍ର ଛ ମାସ ଧରି ସୀମିତ ପରିବେଷ୍ଟନୀରେ ପ୍ରତିପାଳିତ ମାଙ୍କଡ଼ଛୁଆମାନଙ୍କର ସାମାଜିକ ବ୍ୟବହାର ତ୍ରୁଟି ଏବଂ ଭାବ ଦାରିଦ୍ର୍ୟ ସେହିପରି ରହିଯାଉଛି । ଏପରି ଅନୁଧ୍ୟାନକୁ ଆଶ୍ରୟ କରି *ବିଶେଷଜ୍ଞମାନେ ମଣିଷ ଶିଶୁ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି ଯେ ପରିବେଷ୍ଟନୀଗତ ଦାରିଦ୍ର୍ୟର ପରିମାଣ ସହିତ ଏହି ଦାରିଦ୍ର୍ୟ କେଉଁ ବୟସରେ ଶିଶୁକୁ କବଳିତ କରିଛି ଏବଂ କେତେକାଳ କବଳିତ କରିଛି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ ।*

■

Digitized by srujanika@gmail.com

ପରିବେଶର ପ୍ରଭାବ

ଶିଶୁକୁ ତା'ର ସ୍ୱାଭାବିକ ପରିବେଶରୁ ପୃଥକ୍ କରି ଏକ ନିଃସଙ୍ଗ ବାତାବରଣ ମଧ୍ୟରେ ପ୍ରତିପାଳନ କରାଗଲେ ତା'ର ସାମାଜିକ ଓ ଆବେଗିକ ବିକାଶ କିପରି ବିପର୍ଯ୍ୟସ୍ତ ହୁଏ ତାହା ପୂର୍ବରୁ ଅବତାରଣା କରଯାଇଛି । ଜନ୍ମର ପରେ ପରେ ପ୍ରାୟ ଛମାସଠାରୁ ଆରମ୍ଭ କରି ଏକବର୍ଷ ପର୍ଯ୍ୟନ୍ତ ଏପରି ପୃଥକୀକରଣ (Isolation) କି ପ୍ରଭାବ ପକାଏ ତାହା ମାନବ ଶିଶୁ କ୍ଷେତ୍ରରେ ପରୀକ୍ଷା କରିବା ନୀତିବିହୀନ ହୋଇଥିବାରୁ ମାଙ୍କଡ଼ ଛୁଆମାନଙ୍କ କ୍ଷେତ୍ରରେ ଏପରି ପରୀକ୍ଷା ନିରୀକ୍ଷା କରାଯାଇ କିଛିଟା ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଇନ୍ଦ୍ରିୟ ସବୁର ଉପଯୋଗ ଏକ ପ୍ରତ୍ୟକ୍ଷ ଅନୁଭୂତି (Perceptal experience)ରୁ ଶିଶୁଙ୍କୁ ବଞ୍ଚିତକଲେ ବିକାଶ ବାଧାପ୍ରାପ୍ତ ହୁଏ ବୋଲି ଦର୍ଶାଯାଇଛି । ଏପରି ବିକାଶକାଳୀନ କ୍ଷତି ସମ୍ପର୍କରେ ଆଉ କେତୋଟି ଦିଗର ସୂଚନା ଦିଆଯାଇପାରେ ।

ନିଃସଙ୍ଗ ପରିବେଶ

ଏ କ୍ଷେତ୍ରରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ହେଉଛି ବାଳକ ଓ ବାଳିକାର ତୁଳନାତ୍ମକ କ୍ଷତି । ପ୍ରଶ୍ନ ଉଠିପାରେ ସମାନ ଭାବରେ ବାଲ୍ୟକାଳୀନ ଇନ୍ଦ୍ରିୟାନୁଭୂତିରୁ ବଞ୍ଚିତ ହେଲେ କେଉଁମାନେ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । *ପରୀକ୍ଷା ନିରୀକ୍ଷାରୁ ଦେଖାଯାଇଛି ଯେ ଏ କ୍ଷେତ୍ରରେ ବାଳିକା ଶିଶୁ ଅଧିକ ପରିମାଣରେ କ୍ଷତିର ଶରବ୍ୟ ହୁଏ ।* ଜନ୍ମରୁ ଆରମ୍ଭ କରି ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ନିଃସଙ୍ଗ ଓ ଅସ୍ୱାଭାବିକ ଭାବରେ ପୃଥକୀକୃତ ଅବସ୍ଥାରେ ପରିପାଳିତ ମାଈ ମାଙ୍କଡ଼ ଛୁଆମାନେ ଅଣ୍ଡିରା ମାଙ୍କଡ଼ ଛୁଆ ତୁଳନାରେ ଅଧିକ ବିପର୍ଯ୍ୟୟ ଦର୍ଶାଇଥାଆନ୍ତି । ଏପରି ବିପର୍ଯ୍ୟୟ କେବଳ ଗବେଷଣାଗାରର ଅନୁଧ୍ୟାନ ମଧ୍ୟରେ ସୀମିତ ନୁହେଁ । ଏକବର୍ଷ ପର୍ଯ୍ୟନ୍ତ ପୃଥକୀକୃତ (ନିଃସଙ୍ଗ) ପରିବେଶରେ ପ୍ରତିପାଳିତ ହେବା ପରେ ମାଙ୍କଡ଼ଛୁଆମାନଙ୍କୁ ସ୍ୱାଭାବିକ ସାମାଜିକ ଗହଣରେ ବଣଜଙ୍ଗଲରେ ଛାଡ଼ି ଦିଆଯାଇ ପ୍ରାୟ ୭/୮ ବର୍ଷ ପର୍ଯ୍ୟନ୍ତ ଲକ୍ଷ୍ୟ ରଖାଗଲା । ଦେଖାଗଲା ଯେ ମାଈ ମାଙ୍କଡ଼ ମଧ୍ୟରୁ କିଛି ମାଙ୍କଡ଼ ଏହି ସମୟ ମଧ୍ୟରେ ମୃତ୍ୟୁବରଣ କରିଥିବା ବେଳେ ପ୍ରାୟ ସବୁ ପୁରୁଷମାଙ୍କଡ଼ ମୃତ୍ୟୁବରଣ କରିଥିଲେ । ଅନ୍ୟ ଭାଷାରେ କହିଲେ ନିଃସଙ୍ଗ ବାତାବରଣରେ ପ୍ରତିପାଳିତ ଶିଶୁମାନଙ୍କର ଯେଉଁସବୁ କ୍ଷତି ସାଧିତ ହୋଇଥିଲା ସେସବୁକୁ କିଛି ପରିମାଣରେ ସହ୍ୟ କରି ଦୀର୍ଘଜୀବନ ଯାପନ କରିବା ମାଈମାଙ୍କଡ଼ ପକ୍ଷେ ସମ୍ଭବ ଥିବା ସ୍ଥଳେ ପୁରୁଷ ମାଙ୍କଡମାନେ ଏପରି ସମନ୍ୱୟ ରକ୍ଷାରେ ଅସମର୍ଥ ହୋଇଥିଲେ ।

ପୁଣି ପ୍ରଶ୍ନ ଉଠିପାରେ—ସବୁପ୍ରକାର ଜୀବ ସମାନ ପରିମାଣରେ ନିଃସଙ୍ଗତାର ଶରବ୍ୟ ହେଲେ ମଧ୍ୟ ସମାନ ପରିମାଣର ବିପର୍ଯ୍ୟୟ ଦର୍ଶାନ୍ତି କି ? ଏ କ୍ଷେତ୍ରରେ ଅଧିକ ପରିମାଣରେ

Digitized by srujanika@gmail.com

ଗବେଷଣା ଓ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି । ତଥାପି ପ୍ରମାଣ ମିଳିଛି ଯେ ସମାନ ପରିମାଣର ନିଃସଙ୍ଗ ପରିବେଶରେ ପ୍ରତିପାଳିତ ହେଲେ ମଧ୍ୟ ହନୁମାଙ୍କଡ଼ ଛୁଆମାନେ ପାତିମାଙ୍କଡ଼ ଛୁଆମାନଙ୍କ କ୍ଷେତ୍ରରେ ଅଧିକ ବିପର୍ଯ୍ୟୟ ଦର୍ଶାନ୍ତି । *ଏ ଦୃଷ୍ଟିରୁ ପ୍ରାଣୀ ପ୍ରାଣୀ ମଧ୍ୟରେ କ୍ଷତିର ପରିମାଣଗତ ପାର୍ଥକ୍ୟ ଥିବାର ଆଶା କରାଯାଏ ।*

ପରିଶେଷରେ ପ୍ରଶ୍ନ କରାଯାଇପାରେ ଯେ ନିଃସଙ୍ଗ ପରିବେଶଜନିତ ଉଦ୍‌ଭୁତ କ୍ଷତିର ପରିପୂରଣ କ'ଣ ସମ୍ଭବ ? ପୂର୍ବେ ଏହାର ଉତ୍ତର ଭିନ୍ନ ଥିଲା । ବିଶ୍ୱାସ କରାଯାଉଥିଲା ଯେ ପ୍ରତିଟି ବିକାଶର ଏକ ଚରମ କାଳ (critical period) ରହିଛି । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ବିଶ୍ୱାସ କରାଯାଉଥିଲା ଯେ ଶିଶୁଟି ଶୌଚାଳୟର ବ୍ୟବହାର ଶିଖିବା ପାଇଁ ଏକ ବୟସ ସୀମା ରହିଛି । ଏହି ବୟସସୀମା ମଧ୍ୟରେ ଅତି ସହଜ ଭାବରେ ଶିଶୁଟି ଶୌଚାଳୟର ବ୍ୟବହାର ଶିକ୍ଷା କରିପାରିବ । କିନ୍ତୁ ଏହି ଚରମ କାଳ ବା ବୟସସୀମା ମଧ୍ୟରେ ଶିଶୁ ସ୍ୱାଭାବିକ ପରିବେଶରୁ ବାହାରି ନିଃସଙ୍ଗ ପରିବେଶ ମଧ୍ୟରେ ରହିଲେ ତା'ର ଶିକ୍ଷା କେବଳ ବାଧାପ୍ରାପ୍ତ ହେବନାହିଁ । ବରଂ ପରବର୍ତ୍ତୀ କାଳରେ ତାକୁ ସ୍ୱାଭାବିକ ପରିବେଶକୁ ଅଣାଗଲେ ମଧ୍ୟ କ୍ଷତିପୂରଣ ହୋଇ ପାରିବ ନାହିଁ ।

ପୂର୍ବରୁ ଏପରି ବିଶ୍ୱାସ ରହିଥିଲେ ମଧ୍ୟ ଆଧୁନିକ ମନୋବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଆଶାବାଦର ଚିତ୍ର ପ୍ରଦାନ କରିଥାଏ । ଏହା ସତ୍ୟ ଯେ ନିଃସଙ୍ଗ ପରିବେଶରେ ପ୍ରତିପାଳିତ ହୋଇଥିବା ଶିଶୁର ଯେଉଁ କ୍ଷତି ହୁଏ ତାହା ସ୍ୱତଃସ୍ଫୂର୍ତ୍ତ ଭାବରେ ପରିପୂରିତ ହେବନାହିଁ । ଶିଶୁକୁ କେବଳ ସ୍ୱାଭାବିକ ପରିବେଶକୁ ଆଣି ସେଠାରେ ଛାଡ଼ିଦେଲେ ସମସ୍ୟାର ସମାଧାନ ନ ହୋଇପାରେ । ମାତ୍ର ସତର୍କତାର ସହିତ କ୍ଷତିପୂରଣ ସମ୍ପର୍କୀୟ ବିଧିବଦ୍ଧ କର୍ମଯୋଜନା ସଫଳ ରୂପ ନେଇପାରେ ।

ଜୀବନର ପ୍ରଥମ ଛ'ମାସ (ଜନ୍ମରୁ ଆରମ୍ଭ କରି) ପର୍ଯ୍ୟନ୍ତ ପୃଥକୀକୃତ ପରିବେଶ ମଧ୍ୟରେ ବଡ଼ ହୋଇଥିବା ମାଙ୍କଡ଼ଛୁଆମାନଙ୍କୁ ସେମାନଙ୍କର ସମବୟସୀ ଅଥଚ ସ୍ୱାଭାବିକ ଭାବରେ ବଡ଼ ହୋଇଥିବା ଛୁଆମାନଙ୍କ ପାଖରେ ଛାଡ଼ିଦେବା ପରେ କ୍ଷତିର ଶରବ୍ୟ ହୋଇଥିବା ଛୁଆମାନେ ସେମାନଙ୍କର (ସ୍ୱାଭାବିକ) ସାଥୀ ମାଙ୍କଡ଼ଛୁଆମାନଙ୍କ ସହିତ ସମନ୍ୱୟ ରକ୍ଷା କରିପାରିଲେ ନାହିଁ । ଅଥଚ ଦେଖାଗଲା ଯେ କ୍ଷତିଗ୍ରସ୍ତ ହୋଇଥିବା ମାଙ୍କଡ଼ଛୁଆମାନେ ତିନିମାସ ବୟସର ସ୍ୱାଭାବିକ ମାଙ୍କଡ଼ଛୁଆମାନଙ୍କ ଗହଣରେ କିଛିଟା ଭାରସାମ୍ୟ ରଖୁଛନ୍ତି । ଧୀରେ ଧୀରେ ଅଳ୍ପ ବୟସର ମାଙ୍କଡ଼ଛୁଆମାନଙ୍କ ସହିତ ଖେଳିବୁଲି ଓ ମିଶି ସ୍ୱାଭାବିକ ବ୍ୟବହାର ଶିଖୁଛନ୍ତି । *ସୁତରାଂ ନିଃସଙ୍ଗ ପରିବେଶ ସୃଷ୍ଟ କ୍ଷତି ଆପେ ଆପେ ପୂରଣ ନ ହେଲେ ମଧ୍ୟ ଉପଯୁକ୍ତ ଶିକ୍ଷା ପ୍ରଣାଳୀର ଆଶ୍ରୟ ନେଇ କ୍ଷତିପୂରଣର ଉଦ୍ୟମ କରାଯାଇପାରେ ।* ଏପରି କ୍ଷତିପୂରଣର ସମ୍ଭାବନା ମାନବ ଶିଶୁ କ୍ଷେତ୍ରରେ ଅତୀତର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟ କ୍ଷୟକ୍ଷତିର ପରିପୂରଣ ପାଇଁ ଆଶାର ସମ୍ଭାବନା ଆଣିଦେଇଛି ।

Digitized by srujanika@gmail.com

ଅନାଥାଶ୍ରମ

ଶିଶୁର ପ୍ରାରମ୍ଭିକ ବିକାଶ ପାଇଁ ଆଦ୍ୟଜୀବନରେ ଇନ୍ଦ୍ରିୟାନୁଭୂତି ଓ ପ୍ରତ୍ୟକ୍ଷାନୁଭୂତିର ଆବଶ୍ୟକତା ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଛି । ଏପରି ଅନୁଭବର ଅଭାବ ଘଟିଲେ କି କି କ୍ଷତି ସାଧିତ ହୁଏ ସେ ସମ୍ପର୍କରେ ଅବତାରଣା କରିବା ପ୍ରସଙ୍ଗରେ ପୃଥକୀକୃତ ନିଃସଙ୍ଗ ବାତାବରଣ ମଧ୍ୟରେ ପ୍ରତିପାଳିତ ହୋଇଥିବା ମାଙ୍କଡ଼ ଛୁଆମାନଙ୍କର ବିକାଶ ସମ୍ପର୍କୀୟ ପରୀକ୍ଷା ନିରୀକ୍ଷା ବର୍ଣ୍ଣନା କରାଯାଇଛି । ମାତ୍ର ସିଦ୍ଧାନ୍ତ କେବଳ ମାଙ୍କଡ଼ ଶିଶୁ ମଧରେ ସୀମିତ ନୁହେଁ । ଗବେଷଣାଗାରରେ ନିୟନ୍ତ୍ରିତ ପରିବେଶ ମଧ୍ୟରେ ମାଙ୍କଡ଼ଛୁଆଙ୍କୁ ସମ୍ପୂର୍ଣ୍ଣ ଭାବରେ ଅନୁଭୂତିରହିତ କରିବା ସମ୍ଭବ ହେଲେ ମଧ୍ୟ ମାନବଶିଶୁ କ୍ଷେତ୍ରରେ ଏହା ସମ୍ଭବ ନୁହେଁ । ତଥାପି ପରାପୂରି ଅସ୍ୱାଭାବିକ ନ ହେଲେ ମଧ୍ୟ ଆଂଶିକ ଭାବରେ ଅନାଥାଶ୍ରମକୁ ଅସ୍ୱାଭାବିକ ବାତାବରଣର ସୂଚକ ରୂପେ ଗ୍ରହଣ କରାଯାଇପାରେ । ଏ ଦୃଷ୍ଟିରୁ ଅନାଥାଶ୍ରମରେ ପ୍ରତିପାଳିତ ହେଉଥିବା ଶିଶୁମାନଙ୍କର ବିକାଶ ପ୍ରତି ଲକ୍ଷ୍ୟ ରଖାଯାଇ ସଂକୁଚିତ (Restricted) ପରିବେଶର ପ୍ରଭାବ ସମ୍ପର୍କରେ ସିଦ୍ଧାନ୍ତ ଗ୍ରହଣ କରାଯାଇପାରେ ।

ସାଧାରଣତଃ ପରିସ୍ଥିତିର ଚାପରେ ପଡ଼ି ଶିଶୁକୁ ଅନାଥାଶ୍ରମକୁ ଅଣାଯାଇଥାଏ । ଅଧିକାଂଶ ଅନାଥାଶ୍ରମରେ ସମ୍ବଳର ଅଭାବ ଥାଏ, ତତ୍ତ୍ୱାବଧାରୀ ବ୍ୟକ୍ତିମାନଙ୍କ ସଂଖ୍ୟା ସୀମିତ ଥାଏ । ନିଜର ପରିବାର ମଧ୍ୟରେ ଶିଶୁ ଯେଉଁ ସମ୍ବେଦନଶୀଳ ଉତ୍ସାହଜନକ ଓ ଉଦ୍ଦୀପନାମୂଳକ ବାତାବରଣ ପାଏ ଅନାଥାଶ୍ରମରେ ତାହାର ସମ୍ଭାବନା କ୍ଷୀଣ । ଅବଶ୍ୟ ସ୍ଥଳବିଶେଷରେ ଏହାର ବ୍ୟତିକ୍ରମ ଥାଇପାରେ । ପରିତ୍ୟକ୍ତ ଶିଶୁର ପ୍ରତିପାଳନ ପାଇଁ ସୁସଂଗଠିତ, ସମ୍ବଳଯୁକ୍ତ ଓ ସଂବେଦନଶୀଳ ଅନୁଷ୍ଠାନ ଥାଇପାରେ । ମାତ୍ର ଏଠାରେ ଗତାନୁଗତିକ ସମ୍ବଳହୀନ ଓ ଭାବଦାରିଦ୍ର୍ୟପୂର୍ଣ୍ଣ ଅନାଥାଶ୍ରମର କଥା କୁହାଯାଉଛି । ଏହି ଅନୁଷ୍ଠାନରେ ପରିପାଳିତ ଶିଶୁର ବିକାଶ ଲକ୍ଷ୍ୟ କରିବାର ଉଦ୍ଦେଶ୍ୟ ହେଉଛି ସଂକୁଚିତ ପରିବେଶର ପ୍ରଭାବ ସମ୍ପର୍କରେ ଜ୍ଞାନଧାରଣା ଆହରଣ କରିବା ।

କହିବା ଅନାବଶ୍ୟକ ଯେ ଦେଶ ବିଦେଶରେ ବହୁ ଗବେଷକ ଏପରି ଅନାଥାଶ୍ରମର ଶିଶୁମାନଙ୍କର ଆଦ୍ୟଜୀବନରେ ବିକାଶ ଲକ୍ଷ୍ୟ କରି କେତେକ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ପ୍ରଥମତଃ ଦେଖାଯାଇଛି ଯେ ଏପରି ସଂକୁଚିତ *ପରିବେଶର ପ୍ରଭାବ ଶିଶୁମାନଙ୍କର ବିପର୍ଯ୍ୟସ୍ତ ସାମାଜିକ ଓ ଆବେଗିକ ପରିପ୍ରକାଶରେ ସ୍ପଷ୍ଟ ପ୍ରତିଫଳିତ । ସାମାଜିକ ପରିବେଷ୍ଟନୀରେ ଏପରି ଶିଶୁମାନେ ଠିକ୍ ଭାବରେ ବାଛବିଚାର କରିପାରନ୍ତି ନାହିଁ । ଅର୍ଥାତ୍ ସେମାନେ ସ୍ମିତହସ ଠିକ୍‌ଭାବରେ ଶିଖି ପାରନ୍ତି ନାହିଁ ।* ପୁଣି ନିଜର ଯତ୍ନକାରୀକୁ ଦେଖିଲେ ଯେପରି ସ୍ମିତହସ ପ୍ରକାଶ କରନ୍ତି ପୂରାପୂରି ପରିଚିତ ବ୍ୟକ୍ତିକୁ ଦେଖିଲେ ମଧ୍ୟ ସେପରି ସ୍ମିତହସ ସୂଚାନ୍ତି । ସୁତରାଂ ନିଜର ଆବେଗକୁ ଠିକ୍ ଭାବରେ ପ୍ରକାଶ କରିବାର ଦକ୍ଷତା ଏମାନଙ୍କର ନ ଥାଏ ।

Digitized by srujanika@gmail.com

ବେଳେବେଳେ ଏପରି ଶିଶୁମାନେ ଭାବହୀନ ପରିପ୍ରକାଶ ଦର୍ଶାଉଥିବାସ୍ଥଳେ କେତେକ ଶିଶୁ 'ଭାବ କାଙ୍ଗାଳ' ରୂପ ଦେଖାନ୍ତି । ଚିହ୍ନା ଥାଉ କି ନ ଥାଉ, ଅପରିଚିତ ବ୍ୟକ୍ତି ପାଖକୁ ଦୌଡ଼ିଯାଇ କୋଳରେ ବସିବା ପାଇଁ ବା କାନ୍ଧରେ ବସିଯିବା ପାଇଁ ମାତ୍ରାଧିକ ଆଗ୍ରହ ଦର୍ଶାନ୍ତି । ଏପରି ଆଗ୍ରହ ପ୍ରଦର୍ଶନ ଓ ପରିସ୍ଥିତି ମଧ୍ୟରେ ଭାରସାମ୍ୟ ନଥାଏ । ଗୋଟିଏ ପକ୍ଷରେ ସମ୍ପୂର୍ଣ୍ଣ ଉଦାସୀନତା ଦର୍ଶାଇବା ସ୍ଥଳେ ଅନ୍ୟ କ୍ଷେତ୍ରରେ ବିହ୍ୱଳତା ଦର୍ଶାନ୍ତି ।

ସବୁଠାରୁ ବଡ଼କଥା ହେଉଛି ଏପରି ଶିଶୁମାନେ ଅନ୍ୟ ଶିଶୁ ଏବଂ ବୟସ୍କମାନଙ୍କ ସହିତ ସ୍ୱାଭାବିକ ସାମାଜିକ ସମ୍ପର୍କ ପ୍ରତିଷ୍ଠାରେ ଅକ୍ଷମ ହୁଅନ୍ତି । କିପରି କଥାବାର୍ତ୍ତା ଆରମ୍ଭ କରିବାକୁ ହେବ, କିପରି ପ୍ରଶ୍ନ ପଚାରିବାକୁ ହେବ ଏବଂ ପ୍ରଶ୍ନ ପଚାରିସାରି ଉତ୍ତର ପାଇଁ କେତେ ସମୟ ଅପେକ୍ଷା କରିବାକୁ ହେବ ସେ ସମ୍ପର୍କରେ ଏମାନଙ୍କର ସ୍ପଷ୍ଟ ଧାରଣା ନ ଥାଏ । ଅନେକ ସମୟରେ ଉଦାସୀନତା କିମ୍ବା ଅତିଚଞ୍ଚଳତା, କିମ୍ବା ଆକ୍ରମଣାତ୍ମକ ଭାବ ଏମାନଙ୍କର ପ୍ରକାଶ ପାଏ । ସମାଜ ବିରୋଧୀ ବ୍ୟକ୍ତିତ୍ୱ ମଧ୍ୟ ଦେଖାଯାଏ । ଏ ସବୁ ପ୍ରଭାବ କେବଳ ପ୍ରାଥମିକ ସ୍ତରରେ ସୀମିତ ନ ରହି କୈଶୋର ଜୀବନକୁ କବଳିତ କରେ ।

ସାମାଜିକ ଓ ଆବେଗିକ କ୍ଷତି ସହିତ କେତେକ ବୌଦ୍ଧିକ ବିପର୍ଯ୍ୟୟ ମଧ୍ୟ ପରିଦୃଷ୍ଟ ହୁଏ । ଭାଷାଗତ ବିକାଶ ବିପର୍ଯ୍ୟସ୍ତ ହୁଏ । ବିମୂର୍ତ୍ତଚିନ୍ତା (Abstract thinking) ଓ ଧାରଣାମୂଳକ ସାମର୍ଥ୍ୟ (Conceptual ability) ବାଧାପ୍ରାପ୍ତ ହୁଏ । ସମୟ ସମୟରେ ଠିକ୍ ଭାବରେ ଚାଲିବା କିମ୍ବା ଠିକ୍ ଭାବରେ ବସିବା ପରି ଶାରୀରିକ ଦକ୍ଷତା ମଧ୍ୟ କ୍ଷତିଗ୍ରସ୍ତ ହୁଏ ।

ଅନାଥାଶ୍ରମର କେଉଁ ଉପାଦାନଟି ଏ ସବୁ କ୍ଷତିର ମୂଳରେ ରହିଛି, ସେ ସମ୍ପର୍କରେ ଯଥେଷ୍ଟ ଗବେଷଣା କରାଯାଇଛି । ଅନେକେ ହୁଏତ ମନେ କରିପାରନ୍ତି ଯେ କେଉଁ ସବୁ ବ୍ୟବହାର ଉପଯୋଗୀ ଏବଂ କେଉଁ ବ୍ୟବହାର ଅନୁପଯୋଗୀ, ତାହା ଦେଖିବାର ସୁଯୋଗ ନ ପାଇବା ଫଳରେ ବିଶେଷ କ୍ଷତି ଘଟୁଛି । ମାତ୍ର ଗବେଷକମାନେ ଲକ୍ଷ୍ୟ କରିଛନ୍ତି ଯେ, କେବଳ ଉଦ୍ଦୀପନା (Stimulation) ପାଇବାର ସୁଯୋଗ ଯଥେଷ୍ଟ ନୁହେଁ । ଯେଉଁସବୁ ଉଦ୍ଦୀପନା ମିଳୁଛି ତାହା କିଏ ପ୍ରଦାନ କରୁଛି, କିପରି ଭାବରେ ପ୍ରଦାନ କରୁଛି ଏବଂ କେତେ ପରିମାଣରେ ପ୍ରଦାନ କରୁଛି ତାହା ଗୁରୁତ୍ୱପୂର୍ଣ୍ଣ । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ଅନୁଷ୍ଠାନର କୁପ୍ରଭାବ ଦୂର କରି ଏହାକୁ ସୁପ୍ରଭାବଯୁକ୍ତ କରିବାକୁ ହେଲେ କେବଳ ଖେଳନା ବା ଅନ୍ୟାନ୍ୟ ସାମଗ୍ରୀ ବୃଦ୍ଧିକରି ସମ୍ବଳ ଓ ଉଦ୍ଦୀପନାର ପରିସର ବୃଦ୍ଧି କଲେ ଯଥେଷ୍ଟ ହେବ ନାହିଁ; ଶିଶୁମାନଙ୍କର ଦାୟିତ୍ୱ ନେଉଥିବା ଯତ୍ନକାରୀମାନଙ୍କର ତାଲିମ କାର୍ଯ୍ୟ କୌଶଳ ଓ ଦକ୍ଷତା ଦିଗରେ ବିଶେଷ ଧ୍ୟାନ ଦେବାକୁ ହେବ ।

ସମ୍ବେଦନଶୀଳ ପରିବେଶ

ଶିଶୁର ବୌଦ୍ଧିକ, ଆବେଗିକ ଓ ସାମାଜିକ ବିକାଶକୁ ଭାବଦାରିଦ୍ର୍ୟପୂର୍ଣ୍ଣ ପରିବେଶ ଯେପରି କ୍ଷତିଗ୍ରସ୍ତ କରେ ସେହିପରି ସମ୍ବେଦନଶୀଳ ପରିବେଷ୍ଟନୀ ବିକାଶକୁ ସମୃଦ୍ଧ କରେ । ଶିଶୁ ପ୍ରତିପାଳିତ

Digitized by srujanika@gmail.com

ହେଉଥିବା ଗୃହ ବା ଅନୁଷ୍ଠାନରେ ମିଳୁଥିବା ଉଦ୍ଦୀପନା ସବୁ ଏ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେବେ ଉଦ୍ଦୀପନାର ପରିମାଣ ତୁଳନାରେ ସେସବୁର ଗୁଣାତ୍ମକ ଦିଗ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ନିଜର ପରିବେଶରେ ଶିଶୁ କେତେ ପରିମାଣରେ ଭିନ୍ନ ଭିନ୍ନ ଜିନିଷ ଦେଖିବାର ସୁଯୋଗ ପାଉଛି ବିଭିନ୍ନ ପ୍ରକାର ଶବ୍ଦର ଅନୁଭୂତି ପାଉଛି ଏବଂ କିପରି ବୈଚିତ୍ର୍ୟପୂର୍ଣ୍ଣ ଭାଷାର ଅନୁଭବ ଲାଭ କରୁଛି, ସେସବୁର ପରିମାଣ ତୁଳନାରେ ସେ ସବୁର ଉତ୍କର୍ଷତା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପୁଣି ଅନାଥାଶ୍ରମ ପରି ଅନୁଷ୍ଠାନରେ ପ୍ରତିପାଳିତ ହେଉଥିବା ଶିଶୁ ପାଇଁ ବ୍ୟକ୍ତିଗତ ସଂସର୍ଗ (Personal Contact) ଏହି ଉତ୍କର୍ଷର ସୂଚକ ରୂପେ କାର୍ଯ୍ୟ କରେ ।

ପୂର୍ବ ଆଲୋଚନାରେ ସୂଚନା ଦିଆଯାଇଥିଲା ଯେ ଅନାଥାଶ୍ରମ ପରି ଅନୁଷ୍ଠାନମାନଙ୍କରେ ଗତାନୁଗତିକ ଜୀବନ ଧାରା, ସ୍ଥିର ଅପରିବର୍ତ୍ତିତ ରୁଟିନ ବନ୍ଧା କାର୍ଯ୍ୟ ନିର୍ଘଣ୍ଟ ଏବଂ ବେତନଭୋଗୀ କର୍ମଚାରୀମାନଙ୍କର ଉଦାସୀନ ମନୋଭାବ କିଛିଟା ନିଷ୍କ୍ରିୟତା ଓ ନିଷ୍ପ୍ରାଣ ଭାବ ସୃଷ୍ଟି କରେ । ଶିଶୁମାନେ ମଧ୍ୟ ଧୀରେ ଧୀରେ ନିଜର ସ୍ୱାଭାବିକ ସଚଳତା ଓ ସତେଜତା ହରାଇ ଉଦାସୀନ ହୋଇପଡ଼ନ୍ତି । ସ୍ମିତହସ ପରି ସାମାଜିକ ପ୍ରତୀକ ଶିକ୍ଷା କରିବା ମଧ୍ୟ ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼େ । ଏପରି କଷ୍ଟକର ପରିବେଶ ମଧ୍ୟରେ ବ୍ୟକ୍ତିଗତ ସଂସର୍ଗର ସୁଯୋଗ ସୃଷ୍ଟି କରାଯାଇ ସମସ୍ୟାଟିକୁ କିଛି ମାତ୍ରାରେ ଦୂର କରିବା ସମ୍ଭବ କି ? ଏ ପ୍ରଶ୍ନର ଉତ୍ତର କେତେକ ବିଶେଷଜ୍ଞଙ୍କୁ ଯଥେଷ୍ଟ ଆନ୍ଦୋଳିତ କରିଛି । ସାମୟିକ ଭାବେ ମାତୃସୁଲଭ ଯତ୍ନ ଯୋଗାଇ ପାରୁଥିବା ବର୍ଷୀୟାନ ମହିଳାମାନଙ୍କର ସହାୟତାରେ ଏପରି ପ୍ରଶ୍ନର ଉତ୍ତର ଅନ୍ୱେଷଣ କରାଯାଇଛି । ଏପରି ସବୁ ଗବେଷଣାରୁ ସ୍ପଷ୍ଟ ଲକ୍ଷ୍ୟ କରାଯାଇଛି ଯେ ସାମୟିକ ଭାବରେ ହେଲେ ମଧ୍ୟ ଆନ୍ତରିକତାପୂର୍ଣ୍ଣ ଯତ୍ନ ଶିଶୁର ପରିବେଶକୁ ସମୃଦ୍ଧ କରି ବିକାଶର ସମ୍ଭାବନା ବୃଦ୍ଧି କରେ । ଏ ପ୍ରଭାବକୁ ପ୍ରାଞ୍ଜଳ ଭାବେ ସ୍ପଷ୍ଟ କରିବା ପାଇଁ ଗୋଟିଏ ପରୀକ୍ଷାମୂଳକ ଯୋଜନାର ବର୍ଣ୍ଣନା ଦିଆଯାଇପାରେ ।

ଏପରି ଯୋଜନାଟି ଦୁଇଟି ଶିଶୁ ଅନୁଷ୍ଠାନକୁ କେନ୍ଦ୍ର କରି କାର୍ଯ୍ୟକାରୀ ହୋଇଥିଲା । ଦୁଇଟିଯାକ ଅନାଥାଶ୍ରମ ନିମ୍ନମାନର ନ ହୋଇ ଭଲ ଧରଣର ଥିଲେ । ଦୁଇଟିଯାକ ଅନୁଷ୍ଠାନରେ ବେଶ୍ କିଛି ସୁବିଧା ଶିଶୁମାନଙ୍କ ପାଇଁ ରହିଥିଲା । ତଥାପି ନିଯୁକ୍ତ ହୋଇଥିବା କର୍ମଚାରୀମାନେ ବେଶ୍ ସଂଖ୍ୟକ ଶିଶୁମାନଙ୍କର ଦାୟିତ୍ୱ ନେଉଥିବାରୁ ସେଠାରେ ବ୍ୟକ୍ତିଗତ ସମ୍ପର୍କ ଓ ସଂସର୍ଗର ସୁବିଧା ଥିଲା ବୋଲି କୁହାଯାଇ ପାରିବ ନାହିଁ । ଏଥି ମଧ୍ୟରୁ ଗୋଟିଏ ଅନୁଷ୍ଠାନରେ ସାମୟିକ ଭାବେ 'ଆଈ'ର ଭୂମିକା ନିର୍ବାହ କଲାଭଳି ବର୍ଷୀୟସୀ ମହିଳାମାନଙ୍କର ସାହାଯ୍ୟ ନିଆଗଲା । ଜଣେ ଜଣେ ବର୍ଷୀୟସୀ ମହିଳା ମାତ୍ର 'ଦୁଇଟି' ଶିଶୁଙ୍କୁ ନିଜର କରିବାକୁ ଆଈର କାର୍ଯ୍ୟ କରିବେ । ସେମାନେ ଅନୁଷ୍ଠାନକୁ ସପ୍ତାହରେ ଛ ଦିନ ଆସିବେ ଏବଂ ଆସିବା ଦିନ ଚାରିଘଣ୍ଟା ସମୟ ଦେବେ । ଷୋହଳ ମାସ ବୟସର ଶିଶୁଠାରୁ ଆରମ୍ଭ କରି ଛ'ବର୍ଷର ଶିଶୁମାନଙ୍କୁ ଏ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା । ଶିଶୁର ବୟସକୁ ଚାହିଁ ଆଈ ଶିଶୁର ଯତ୍ନ ନେବେ । ଛୋଟ ଶିଶୁମାନଙ୍କୁ କାଖେଇବା, କୋଳରେ ବସେଇବା, ଝୁଲାଇବା ଏବଂ ଗୀତ ଶୁଣାଇବାର ସୁଯୋଗ

Digitized by srujanika@gmail.com

ଦେବେ । ଶିଶୁ ଅପେକ୍ଷାକୃତ ଅଧିକ ବୟସର ହୋଇଥିଲେ ତାକୁ ବୁଲାଇନେବା, କେତେକ ନୂଆସ୍ଥାନ ଦେଖାଇବା, ଗଳ୍ପ ପଢ଼ି ଶୁଣାଇବା ଏବଂ ଶିଶୁଠାରୁ ଗଳ୍ପ ଶୁଣିବାର କାର୍ଯ୍ୟକରିବେ । ପୁଣି ଅଧିକ ବୟସର ଶିଶୁଠାରୁ ଆପତ୍ତି ଅଭିଯୋଗ ଶୁଣିବେ ଏବଂ ଅନ୍ୟ ପିଲାମାନଙ୍କର କ୍ରୀଡା କୌତୁକ ଦେଖାଇବାର ସୁଯୋଗ ଦେବେ । କହିବା ନିଷ୍ପ୍ରୟୋଜନ ଯେ ଜଣେ ମହିଳା କେବଳ ଦୁଇଟି ଶିଶୁଙ୍କର ଦାୟିତ୍ୱ ନେଉଥିବାରୁ ବ୍ୟକ୍ତିଗତ ସମ୍ପର୍କ ଦୃଢ ହେବାର ସମ୍ଭାବନା ଅଧିକ ।

ଏପରି ଯୋଜନା ଦ୍ୱିତୀୟ ଅନାଥାଶ୍ରମଟିରେ ପ୍ରାୟ ତିନିବର୍ଷ ଚାଲୁରହିଲା । ପ୍ରଥମ ଅନାଥାଶ୍ରମଟି ତା'ର ନିଜସ୍ୱ ସ୍ୱାଭାବିକ ଗତିରେ ଚାଲିଥିଲା । ଏହି ଦୁଇଟି ଅନୁଷ୍ଠାନରେ ବିକଶିତ ଶିଶୁମାନଙ୍କର ଏକ ତୁଳନାତ୍ମକ ବିଚାର କରାଯାଇ ଦେଖାଗଲା ଯେ ପ୍ରଥମ ଅନୁଷ୍ଠାନ ତୁଳନାରେ ଦ୍ୱିତୀୟ ଅନୁଷ୍ଠାନର ଶିଶୁମାନଙ୍କର ବୌଦ୍ଧିକ ବିକାଶ ଦ୍ରୁତତର ହୋଇଛି । ଏମାନଙ୍କର ବୁଦ୍ଧି ଅଂକ (Intelligence Quotient ବା IQ) କେବଳ ଅଧିକ ହୋଇନାହିଁ, ଏପରି ଆଧିକ୍ୟ ଅବ୍ୟାହତ ରହିଛି । ଏଠାରେ ଲକ୍ଷ୍ୟ କରିବା କଥା ଯେ ଦୁଇଟି ଯାକ ଅନୁଷ୍ଠାନ ସମ ପର୍ଯ୍ୟାୟଭୁକ୍ତ ଥିଲେ ମଧ୍ୟ ଦ୍ୱିତୀୟ ଅନୁଷ୍ଠାନରେ ବ୍ୟକ୍ତିଗତ ସ୍ନେହଶ୍ରଦ୍ଧାର ସୁଲଭତା ଏହାର ପରିବେଶକୁ ଉତ୍କର୍ଷ

ପ୍ରଦାନ କରିଥିଲା । ସୁତରାଂ ଘର ହେଉ ବା ଅନୁଷ୍ଠାନ ହେଉ, ସୁବିଧା ସୁଯୋଗର ପରିମାଣ ଅପେକ୍ଷା ସେ ସବୁର ଉତ୍କର୍ଷ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ।

ଅନୁଷ୍ଠାନର ଉତ୍କର୍ଷର ଦୁଇଟି ବିଶିଷ୍ଟ ଦିଗ ରହିଛି । *ପ୍ରଥମଟି ହେଉଛି ମମତାପୂର୍ଣ୍ଣ ସଂସର୍ଗ ଓ ସଂଯୋଗ । ମାତୃସୁଲଭ ଯତ୍ନ ଏପରି ସମ୍ଭାବନା ସୃଷ୍ଟି କରେ । ଦ୍ୱିତୀୟଟି ହେଉଛି*

Digitized by srujanika@gmail.com

ଶିଶୁର ନିୟନ୍ତ୍ରଣ ବିଶ୍ୱାସ (Sense of Control) । ସାଧାରଣ ଗତାନୁଗତିକ ଅନୁଷ୍ଠାନରେ ସବୁକିଛି ରୁଟିନ ବା ଧରାବନ୍ଧା ନିୟମରେ ଘଟେ । ଶିଶୁ ନିଜେ କିଛି ଇଚ୍ଛା କରି ପାଇ ପାରୁଛି ବା ଘଟାଇ ପାରୁଛି ବୋଲି ଅନୁଭବ କରେ ନାହିଁ । ମାତ୍ର ନିଜ ଘରେ କିମ୍ବା ସୁପରିକଳ୍ପିତ ଅନୁଷ୍ଠାନରେ ସେ ଅନୁଭବ କରେ ଯେ ତା'ର ଚାହିଁବା ନ ଚାହିଁବାଉପରେ କିଛିଟା ନିର୍ଭର କରୁଛି । ଏପରି ଅନୁଭବ ତା'ର ବିକାଶକୁ ଦ୍ରୁତକରେ ।

ଶିଶୁର ଅସହାୟବୋଧ

ଶିଶୁର ପରିବେଶର ଗୁଣାତ୍ମକ ଦିଗ ବିଷୟରେ ସୂଚନା ଦେଲାବେଳେ କୁହାଯାଇଛି ଯେ ଉତ୍କୃଷ୍ଟ ପରିବେଷ୍ଟନୀରେ ଶିଶୁ ସକ୍ରିୟ ରହେ । ତା'ର ପ୍ରାଣ ଚଞ୍ଚଳତା ପ୍ରକାଶ ପାଏ । ଆନନ୍ଦର ଚିହ୍ନ ସ୍ପଷ୍ଟ ବାରିହୁଏ । ଅନ୍ୟପକ୍ଷରେ ନିମ୍ନମାନର ପରିବେଶରେ ଶିଶୁ ନିଷ୍କ୍ରିୟ ଓ ଉଦାସୀନ ରହେ । ଶିଶୁର ଉଦାସୀନତା ଓ ନିଷ୍କ୍ରିୟତା ମୂଳରେ କେଉଁସବୁ ଉପାଦାନ କାର୍ଯ୍ୟକରେ ସେ ବିଷୟରେ ଗବେଷଣା କରାଯାଇ ଦେଖାଯାଇଛି ଯେ ଏହା ମୂଳରେ ରହିଛି ଶିଶୁର ନିୟନ୍ତ୍ରଣର ବିଶ୍ୱାସ (Perception of Control) । *ଶିଶୁ ନିଜେ ଅନୁଭବ କରିବା ଉଚିତ ଯେ ସେ ନିଜର କ୍ରିୟାକଳାପ ଫଳରେ ପରିବେଷ୍ଟନୀରେ କିଛି ପରିବର୍ତ୍ତନ ଆଣିପାରିବ । ସେ ଇଚ୍ଛାକଲେ କିଛି ନିର୍ଦ୍ଦିଷ୍ଟ ଧରଣର ଖାଦ୍ୟ ଖାଇବାକୁ ସୁଯୋଗ ପାଇବ, କିଛି ଶୁଣିବାକୁ ଇଚ୍ଛା କଲେ ସେପରି ସମ୍ଭାବନା ବଢ଼ାଇପାରିବ ଏବଂ ଇଚ୍ଛାକଲେ ନିଜର ଦୈନନ୍ଦିନ ଜୀବନ ଶୈଳୀରେ କିଛିଟା ପରିବର୍ତ୍ତନ ଆଣିପାରିବ, ଏପରି ଅନୁଭୂତି ଏବଂ ଏପରି ଅନୁଭବକୁ ଭିତ୍ତିକରି ଗଢ଼ିଉଠୁଥିବା ନିୟନ୍ତ୍ରଣ ବିଶ୍ୱାସ ତାକୁ ସକ୍ରିୟ କରେ । ଅନ୍ୟପକ୍ଷରେ ଏହାର ଅଭାବ ତାକୁ ନିଷ୍କ୍ରିୟ କରି ଅସହାୟବୋଧ ସୃଷ୍ଟିକରେ ।*

ଗୋଟିଏ ଗତାନୁଗତିକ ଧରାବନ୍ଧା ନୀତିନିୟମରେ ପରିଚାଳିତ ଅନାଥାଶ୍ରମର ଉଦାହରଣ ନିଆଯାଉ । ଏଠାରେ ଶିଶୁ ଅନୁଭବ କରେ ଯେ ପୂର୍ବ ନିୟମ ବା ଧରାବନ୍ଧା ନିୟମ ଅନୁସାରେ ସକାଳ, ସନ୍ଧ୍ୟା ବା ରାତ୍ରିରେ ନିର୍ଦ୍ଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହୁଏ । ସେହିପରି ଅନ୍ୟାନ୍ୟ କାର୍ଯ୍ୟକ୍ରମର ସ୍ଥିର ଅପରିବର୍ତ୍ତିତ ନିର୍ଘଣ୍ଟମାନ ରହିଛି । ସେସବୁର କାର୍ଯ୍ୟକାରିତା ଶିଶୁର ପସନ୍ଦ ଅପସନ୍ଦ ଉପରେ ନିର୍ଭର କରେନାହିଁ, ସୁତରାଂ ଶିଶୁ ନିଜର ନିୟନ୍ତ୍ରଣରେ ବିଶ୍ୱାସ ହରାଏ । ସେ ଇଚ୍ଛାକଲେ ଯେ ବାହ୍ୟ ଜଗତରେ କିଛିଟା ପରିବର୍ତ୍ତନ ଆଣିପାରିବ, ଏପରି ବିଶ୍ୱାସ ଧୀରେ ଧୀରେ ଲୋପ ହୁଏ । ତା' କାର୍ଯ୍ୟକଳାପର କୌଣସି ନିର୍ଦ୍ଦିଷ୍ଟ ଫଳାଫଳ ନ ଥିବାରୁ ସେ ନିଷ୍କ୍ରିୟତା ଅନୁଭବ କରେ ଏବଂ ଦର୍ଶାଏ ।

ଅନ୍ୟ ଭାଷାରେ କହିଲେ ନିଜର କାର୍ଯ୍ୟକଳାପ ଓ ବାହ୍ୟିକ ପରିବର୍ତ୍ତନ ମଧ୍ୟରେ ଥିବା ସଂପର୍କଟିକୁ ଶିଶୁ ଖୁବ୍ ଅଳ୍ପବୟସରୁ ଲକ୍ଷ୍ୟ କରେ । ଏହାକୁ ପ୍ରମାଣ କରିବା ପାଇଁ ଏବଂ ଏହାର ଫଳାଫଳକୁ ଅନୁଧ୍ୟାନ କରିବା ପାଇଁ କେତେକ ଗବେଷକ ଏକ ଅଭିନବ ଯୋଜନା ପ୍ରସ୍ତୁତ କଲେ । କିଛି ଶିଶୁଙ୍କୁ ଏକ ସମ୍ବନ୍ଧହୀନ (Non contingent) ବାତାବରଣ ମଧ୍ୟରେ

Digitized by srujanika@gmail.com

ସୂତ୍ର ଭଣ୍ଡାର – ୬

ପରିବେଶର ପ୍ରଭାବ :

୧. *ନବଜନ୍ମିତ ଶିଶୁ ପାଇଁ ମଧ୍ୟ ସାମାଜିକ ସଂସର୍ଗ ଆବଶ୍ୟକ । ମା' ବ୍ୟତୀତ ଅନ୍ୟାନ୍ୟ ବୟସ୍କ ଓ ପିଲାମାନଙ୍କ ସଂସର୍ଗ ଶିଶୁର ପରିବେଶରୁ ଭାବ ଦାରିଦ୍ର୍ୟ ଦୂରକରେ । ଅନ୍ୟ ପକ୍ଷରେ ନିଃସଙ୍ଗ ପରିବେଶ ବିକାଶରେ ବିପର୍ଯ୍ୟୟ ସୃଷ୍ଟିକରେ । ବାଳକମାନଙ୍କ ତୁଳନାରେ ବାଳିକାମାନେ ଏପରି ନିଃସଙ୍ଗ ପରିବେଶ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ଏହାକୁ ଧ୍ୟାନ ଦେଇ ଶିଶୁର ପରିବେଶକୁ ସାମାଜିକତାପୂର୍ଣ୍ଣ କରନ୍ତୁ ।*

୨. *କୌଣସି ଶିଶୁପାଇଁ ଅତୀତରେ ଆପଣ ଏପରି ନିଃସଙ୍ଗ ପରିବେଶକୁ ଏଡ଼ାଇ ଯାଇପାରି ନ ଥିଲେ ମଧ୍ୟ ଏପରି ଦୁର୍ଭାଗ୍ୟଜନକ ପରିସ୍ଥିତିରେ ସମ୍ପର୍କରେ ସଚେତନ ହେବା ମୁହୂର୍ତ୍ତରୁ ଶିଶୁକୁ ଅଧିକରୁ ଅଧିକ ସଙ୍ଗସୁଖ ଦେବାରେ ତତ୍ପର ହୁଅନ୍ତୁ । ଅତୀତର ନିଃସଙ୍ଗତା ଅତିବେଶି ହୋଇ ନ ଥିଲେ, କ୍ଷତିପୂରଣର ସମ୍ଭାବନା ରହିଛି ।*

୩. *ଅନାଥାଶ୍ରମରେ ପ୍ରତିପାଳିତ ଶିଶୁମାନଙ୍କର ଭାବଗତ ଓ ଭାବନାଗତ ବିପର୍ଯ୍ୟୟ ଆଖିରେ ଧରାପଡ଼େ । ଏହାର ବିଶେଷ ତାତ୍ପର୍ଯ୍ୟ ହେଉଛି ଭାବଦାରିଦ୍ର୍ୟର କୁପ୍ରଭାବ । ସୁତରାଂ ଗଭୀର ଆନ୍ତରିକତାର ସହ ଶିଶୁର ଲାଳନ ପାଳନ କରନ୍ତୁ ।*

୪. *ସମ୍ବେଦନଶୀଳ ପରିବେଶରେ ଶିଶୁର ବିଶ୍ୱାସବୋଧ ଓ ଆତ୍ମ ବିଶ୍ୱାସ ଅଙ୍କୁରିତ ଓ ବିକଶିତ ହୁଏ । ସମ୍ବେଦନଶୀଳ ପରିବେଶ ହେଉଛି ମମତାମୟ ପରିବେଶ, ଏଠାରେ ଶିଶୁର ନିୟନ୍ତ୍ରଣ ବିଶ୍ୱାସ ଆସେ, ମା' ଓ ଅନ୍ୟମାନଙ୍କର କାର୍ଯ୍ୟକର୍ମରୁ । ଫଳରେ ଶିଶୁ ଅନୁଭବ କରେ ଯେ ନିଜର କିଛି ଚାହିଦା ରହିଛି ଏବଂ ଏସବୁ ପରିପୂରଣ ହୋଇପାରିବ । ଏପରି ବିଶ୍ୱାସବୋଧର ଅଙ୍କୁରଣ ଓ ପ୍ରସାରଣ ପାଇଁ ଶିଶୁର ସଂକେତ (ଯଥା- ଶିଶୁର କାର୍ଯ୍ୟ) ପ୍ରତି ସଚେତନ ରୁହନ୍ତୁ ଏବଂ ଚାହିଦାପୂରଣର ପଦକ୍ଷେପ ନିଅନ୍ତୁ ।*

୫. *ଅନ୍ୟପକ୍ଷରେ ଶିଶୁର ସଂକେତ ପ୍ରତି ଉଦାସୀନ ରହି ସେ ଦିଗରେ ପଦକ୍ଷେପ ନ ନେଲେ ଶିଶୁର ନିୟନ୍ତ୍ରଣ ବିଶ୍ୱାସ କମିଯିବ ।* ନିଜର ସଂକେତ ଓ କାର୍ଯ୍ୟ ମାଧ୍ୟମରେ ସେ ଯେ କିଛି ପରିବର୍ତ୍ତନ ପରିବେଶରେ ଆଣିପାରୁଛି ଏପରି ବିଶ୍ୱାସ ରହିବ ନାହିଁ । ଶିଶୁର ନିୟନ୍ତ୍ରଣ ବିଶ୍ୱାସ କମିଗଲେ ଶିଶୁର ଅସହାୟବୋଧ (ନିଷ୍କ୍ରିୟତା) ବୃଦ୍ଧିପାଇବ । ଏପରି ନିୟନ୍ତ୍ରଣହୀନ ପରିବେଶ ସୃଷ୍ଟିରୁ ଦୂରେଇ ରୁହନ୍ତୁ ।

Digitized by srujanika@gmail.com

ରଖାଗଲା । ଏପରି ବାତାବରଣର ଅର୍ଥ ହେଉଛି ଶିଶୁମାନେ ବିଭିନ୍ନ ପ୍ରକାର ଖେଳନାସବୁ ଦେଖିବେ ଏବଂ ଖେଳନାରୁ ବାହାରୁଥିବା ଶବ୍ଦସବୁ ଶୁଣିବେ, ଅଥଚ ସେ ଏହି ଦର୍ଶାନୁଭୂତି କି ଶ୍ରବଣାନୁଭୂତି ସେମାନଙ୍କର କାର୍ଯ୍ୟକଳାପ ଉପରେ ନିର୍ଭର କରିବ ନାହିଁ । ଗବେଷକ ନିଜେ ଦୂରନିୟନ୍ତ୍ରଣ (Remote control) ପ୍ରୟୋଗ କରି ଖେଳନା ସବୁକୁ ଗତିଶୀଳ କରାଇବେ । ସେହିପରି ଖେଳନା ମଧ୍ୟରୁ ଶବ୍ଦ ସୃଷ୍ଟି କରିବେ ।

ଅନ୍ୟପକ୍ଷରେ ସମବୟସୀ ଆଉ କେତେକ ଶିଶୁଙ୍କୁ ଭିନ୍ନ ଧରଣର ଅନୁଭୂତିର ସୁଯୋଗ ଦିଆଗଲା । ସେମାନଙ୍କୁ ଏପରିସବୁ ତକିଆ ଦିଆଗଲା ଯେ ଗୋଟିଏ ପାର୍ଶ୍ୱକୁ ମୁଣ୍ଡ ମୋଡ଼ି ଶୋଇବାକୁ ଆରମ୍ଭ କଲେ ଖେଳନାରୁ ଶବ୍ଦ ବାହାରିବ, କିନ୍ତୁ ଅନ୍ୟ ପାଖକୁ ମୋଡ଼ି ଶୋଇବାକୁ ଲାଗିଲେ ଶବ୍ଦ ବନ୍ଦ ହେବ । ସେହିପରି ଚାଲିବାକୁ ଆରମ୍ଭ କଲେ କିଛି ଖେଳନା ଗତିଶୀଳ ହେବେ, ଅଥଚ ବାସଗୃହରେ ଗତିହୀନ ରହିବେ, ମୋଟ ଉପରେ ଏପରି ପରିବେଶ ସୃଷ୍ଟି କରାଗଲା ଯେ ଶିଶୁ ଅନୁଭବ କରିବ ନିଜର କାର୍ଯ୍ୟଦ୍ୱାରା ସେ ପରିବେଶରେ କିଛି ପରିବର୍ତ୍ତନ ଆଣିପାରୁଛି । ବାହ୍ୟିକ ପରିବର୍ତ୍ତନ ଓ ତା'ର କାର୍ଯ୍ୟକଳାପ ସମ୍ବନ୍ଧଶୀଳ (Correlated) । ଏପରି ଅନୁଭବର ପୁନରାବୃତ୍ତି ଶିଶୁଟିକୁ ସକ୍ରିୟ କରିବ । ସେ ଇଚ୍ଛା କରି ଖେଳନାକୁ ଗତିଶୀଳ କରାଇପାରିବ ଏବଂ ଇଚ୍ଛାକଲେ ଶବ୍ଦ ଝଙ୍କାର ସୃଷ୍ଟି କରିପାରିବ । ଏପରି ସମ୍ବନ୍ଧର ବିଶ୍ୱାସତାକୁ କେବଳ ସକ୍ରିୟ କରିବ ନାହିଁ, ତା'ର ଆନନ୍ଦକୁ ମଧ୍ୟ ପରିବ୍ୟାପ୍ତ କରିବ ।

ଗବେଷକମାନେ ଲକ୍ଷ୍ୟକଲେ ଯେ କାର୍ଯ୍ୟ ଓ ପରିଣତି ମଧ୍ୟରେ ଏପରି ସଂପର୍କର ବିଶ୍ୱାସ ଶିଶୁମାନଙ୍କର ବିକାଶର ସହାୟକ ହେଉଛି । ପ୍ରଥମ ପରିବେଶ ତୁଳନାରେ ଦ୍ୱିତୀୟ ପରିବେଶରେ ଅପେକ୍ଷାକୃତ ଅଧିକ ଶାରୀରିକ ଓ ମାନସିକ ବିକାଶ ସମ୍ଭବ ହେଉଛି ।

ଏହି ପର୍ଯ୍ୟବେକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି । ତାହା ହେଉଛି ଅନୁଷ୍ଠାନ ସବୁକୁ ଯଥାସମ୍ଭବ ନିୟନ୍ତ୍ରଣ-ବିଶ୍ୱାସ-ବୃଦ୍ଧି ସହାୟକ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । ସ୍ୱାଭାବିକ ଭାବରେ ଏପରି ସୁବିଧା ଓ ସମ୍ଭାବନା ଗୃହରେ ଥିଲେ ମଧ୍ୟ ଶିଶୁର ଯତ୍ନକାରୀ ଓ ବିଶେଷକରି ଜନନୀ ଏ ଦିଗପ୍ରତି ସଚେତନ ରହିବେ । ସମ୍ବେଦନଶୀଳ ଓ ସମ୍ବନ୍ଧ ପ୍ରବଣତା (Contingent Sensitivity) ମା'ର ବ୍ୟବହାର ଅପରିହାର୍ଯ୍ୟ । ଏହାର ଅର୍ଥ ନୁହେଁ ଯେ ଶିଶୁଟି କାନ୍ଦିଲାମାତ୍ରେ ପ୍ରତିଥର ତାକୁ କୋଳକୁ ନେଇଯିବେ ବା ଖାଇବାକୁ ଦେବେ ବା ବୁଲାଇ ନେବେ । କିନ୍ତୁ ଏହା ସତ୍ୟ ଯେ *ଶିଶୁ ପ୍ରକାଶ କରୁଥିବା ସଂକେତ (Signal) ପ୍ରତି ଦୃଷ୍ଟି ରଖିଥିବେ । ଶିଶୁର ସଂକେତକୁ ଚାହିଁ ତା'ସହିତ ସମ୍ବନ୍ଧ ରକ୍ଷାକରି ମା' ଶିଶୁସମ୍ପର୍କିତ କାର୍ଯ୍ୟସବୁ ଗ୍ରହଣ କଲେ, ଶିଶୁର ବିଶ୍ୱାସବୋଧ ଧୀରେ ଧୀରେ ପ୍ରତିଷ୍ଠିତ ହେବ । ବାହ୍ୟଜଗତରେ ଏକ ସ୍ଥିରତା ରହିଛି ଏବଂ ସେ ଇଚ୍ଛାକଲେ କିଛିଟା ପରିବର୍ତ୍ତନ ଆଣିପାରିବ ବୋଲି ଶିଶୁର ବିଶ୍ୱାସବୋଧ ଅଙ୍କୁରିତ ହେବ ।* ଅନ୍ୟଥା ଶିଶୁ ଅସହାୟ ବୋଧର କବଳିତ ହେବ । ଅସହାୟବୋଧର କ୍ରମ ବିଲୋପ ଶିଶୁବିକାଶର ଧାରାକୁ ତ୍ୱରାନ୍ୱିତ କରିବ ।

■

Digitized by srujanika@gmail.com

ଶିଶୁ କିପରି ଶିକ୍ଷାକରେ

ମନୁଷ୍ୟର ଶାରୀରିକ ଓ ମାନସିକ ଅଭିବୃଦ୍ଧି ଏକ ଜଟିଳ ଓ ନିରବଚ୍ଛିନ୍ନ ପ୍ରକ୍ରିୟା । ଏହି ଅଭିବୃଦ୍ଧିର ପ୍ରତି ସ୍ତରରେ ନୂଆ ନୂଆ ବ୍ୟବହାର ରୂପନିଏ । ମନୁଷ୍ୟର ବ୍ୟବହାର ପରିବର୍ତ୍ତନଶୀଳ ହେଲେ ମଧ୍ୟ ରୂପ ନେଉଥିବା ବ୍ୟବହାର ସବୁ କିଛିଦିନ, କିଛିମାସ ଏବଂ ଏପରି କି କିଛିବର୍ଷ ପାଇଁ ସ୍ଥାୟୀ ରହେ । ପୁନଶ୍ଚ ନୂତନ ଅଭିଜ୍ଞତା ଓ ଅନୁଭୂତିର ପ୍ରବାହରେ ପୁରାତନ ବ୍ୟବହାର ପରିବର୍ତ୍ତିତ ହୋଇ ସେ ସ୍ଥାନରେ ନୂତନ ବ୍ୟବହାର ଗଠିତ ହୁଏ । ଅଭିଜ୍ଞତା ଓ ଅନୁଭୂତିର ପ୍ରଭାବରେ ଗଠିତ ହେଉଥିବା ଅପେକ୍ଷାକୃତ ସ୍ଥାୟୀ ବ୍ୟବହାର ସବୁ ଶିକ୍ଷାକୃତ (Learned) । ମାନବ ଶିଶୁ କିପରି ବ୍ୟବହାର ଶିକ୍ଷାକରେ ତାହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ।

ସରଳତମ ଶିକ୍ଷା : ଅଭ୍ୟସନ

ବ୍ୟବହାର ଗଠନ କ୍ଷେତ୍ରରେ ଏକାଧିକ ନୀତି କାର୍ଯ୍ୟକରେ । କ୍ରମାନ୍ୱୟରେ ସେସବୁ ନୀତିର ବିଚାର ପୂର୍ବରୁ ଆମର ଜାଣିବା ଉଚିତ ଯେ ପ୍ରତିଟି ଶିକ୍ଷାକୃତ ବ୍ୟବହାର ପାଇଁ ଏକ ଉପଯୋଗୀ ବୟସ ଅଛି । ଅନ୍ୟ ଭାଷାରେ କହିଲେ ଶିକ୍ଷାକୃତ ବ୍ୟବହାର ଗଠନ ପାଇଁ ସ୍ନାୟୁ, ଇନ୍ଦ୍ରିୟ, ମାଂସପେଶୀ ଓ ଶରୀରର ଅନ୍ୟ ସ୍ତରରେ କିଛିଟା ପରିପକ୍ୱତା (Maturation) ଆବଶ୍ୟକ । ମାତୃସ୍ତନ୍ୟରୁ କ୍ଷୀର ଶୋଷିବା ଶିଶୁର ସ୍ୱଭାବଗତ ବ୍ୟବହାର ହୋଇପାରେ । ମାତ୍ର ସେ କେଉଁ ଗତିରେ ଏ କାର୍ଯ୍ୟ କରିବ, ତାହା ସେ ଶିକ୍ଷାକରେ । ସେହିପରି କାନ୍ଦିବା ଏକ ଶିଶୁ ସୁଲଭ ବ୍ୟବହାର ହୋଇପାରେ । ମାତ୍ର ଅଭିଷ୍ଟ ବସ୍ତୁ ପାଇବା ପାଇଁ ଶିଶୁର କାନ୍ଦିବା ଏକ ଶିକ୍ଷାକୃତ ବ୍ୟବହାର ।

ଶିଶୁ ଶିକ୍ଷାକୃତ ବ୍ୟବହାର ଦର୍ଶାଇବା ପୂର୍ବରୁ କିଛିଟା ପରିପକ୍ୱତା ଆବଶ୍ୟକ । ଶିଶୁର ବୟସ ବୃଦ୍ଧି ଘଟି ଅଙ୍ଗପ୍ରତ୍ୟଙ୍ଗରେ ଶକ୍ତି ସଞ୍ଚରିତ ନ ହେବା ପର୍ଯ୍ୟନ୍ତ ପିତାମାତା ସମସ୍ତ ପ୍ରକାର ନୃତ୍ୟଭଂଗୀ ଦର୍ଶାଇଲେ ମଧ୍ୟ ଶିଶୁ ଚାଲିବା ଶିଖି ପାରିବ ନାହିଁ । ସେହିପରି ଏକ ନିର୍ଦ୍ଦିଷ୍ଟ ଶିଶୁ ତା'ର ପୂର୍ବପୁରୁଷମାନଙ୍କଠାରୁ କବିପ୍ରତିଭା ଗ୍ରହଣ କରିଥାଇପାରେ । ମାତ୍ର ଶିଶୁର ସ୍ନାୟୁମଣ୍ଡଳ ପରିପକ୍ୱ ହୋଇ ସ୍ମରଣକ୍ରିୟା ଓ ପରିବେଶକୁ ବ୍ୟାଖ୍ୟା କରିବାର ସାମର୍ଥ୍ୟ ହାସଲ ନ କଲା ପର୍ଯ୍ୟନ୍ତ ବାକ୍‌ଯନ୍ତ୍ର ପରିପକ୍ୱ ହୋଇ କଥନକ୍ଷମ ନ ହେଲା ପର୍ଯ୍ୟନ୍ତ ଏବଂ ହାତର ମାଂସପେଶୀ ଶକ୍ତ ହୋଇ ଲେଖନକ୍ଷମ ନ ହେଲା ପର୍ଯ୍ୟନ୍ତ ପ୍ରତିଭାର ପ୍ରକାଶ ସମ୍ଭବ ନୁହେଁ । *ମୋଟ ଉପରେ ଶିକ୍ଷାକୃତ ବ୍ୟବହାର ଗଠନ ପାଇଁ ଉପଯୋଗୀ ପରିପକ୍ୱ ବୟସ ଆବଶ୍ୟକ । ଅବଶ୍ୟ ବିଭିନ୍ନ ବ୍ୟବହାର ବା ପରିପ୍ରକାଶ ପାଇଁ ଭିନ୍ନ ଭିନ୍ନ ବୟସସୀମାର ଭୂମିକା ରହିଛି ।*

ଏହି ନିର୍ଦ୍ଦିଷ୍ଟ ବ୍ୟବହାର ପାଇଁ ଶିଶୁର ପରିପକ୍ୱତା ଆସିଲା ପରେ ସେ ଯେଉଁ ସରଳତମ ପ୍ରକ୍ରିୟାଟି ବ୍ୟକ୍ତ କରେ ତାହା ହେଉଛି ଅଭ୍ୟସନ (Habituation) । ବାହ୍ୟ ଉଦ୍ଦୀପକ (Stimulus) ପ୍ରତିକ୍ରିୟା ସୃଷ୍ଟିକରେ । ମାତ୍ର ଏହି ଉଦ୍ଦୀପକର ପୁନରାବୃତ୍ତି ବା ବାରମ୍ବାର ପ୍ରଦର୍ଶନ

Digitized by srujanika@gmail.com

ଆମର ପ୍ରତିକ୍ରିୟା ହ୍ରାସ କରେ । ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ଘଟେ । ଧରାଯାଉ ଶିଶୁଟି ମାତୃସ୍ତନ୍ୟପାନରେ ବ୍ୟସ୍ତ ଅଛି, ଏପରି ସମୟରେ ତା'ର ପରିବେଶରେ ଗୋଟିଏ ଶବ୍ଦ ସୃଷ୍ଟିକଲେ ଶିଶୁଟି ସ୍ତନ୍ୟପାନ ବନ୍ଦକରି ଶବ୍ଦ ଶୁଣିବ । ମାତ୍ର ଏପରି ଶବ୍ଦ ଲାଗିରହିଲେ ଦେଖାଯିବ ଯେ ଶିଶୁ କିଛି ସମୟ ପରେ ଶବ୍ଦଟି ପ୍ରତି ସମ୍ପୂର୍ଣ୍ଣ ଉଦାସୀନ । ଶବ୍ଦଟି ଥିବା ସତ୍ତ୍ୱେ ସେ ମାତୃସ୍ତନ୍ୟ ପାନକରି ଚାଲିଛି । ଏ କ୍ଷେତ୍ରରେ ସେ ଶବ୍ଦଟି ସହିତ ପୂରା ଅଭ୍ୟସ୍ତ ହୋଇଯାଇଛି ଏବଂ ଶବ୍ଦ ତା'ର ପ୍ରତିକ୍ରିୟା ସୃଷ୍ଟି କରିବାର କ୍ଷମତା ଶିଶୁପାଖରେ ହରାଇଛି । ପୁନଶ୍ଚ ନୂତନ ଧରଣର ଶବ୍ଦ ସୃଷ୍ଟିକଲେ ଶିଶୁଟି ହୁଏତ ପୁଣି ସ୍ତନ୍ୟପାନ ବନ୍ଦକରି ଶବ୍ଦ କିଛିସମୟ ଶୁଣିବ । ପୁଣି ସେ ସେହି ଶବ୍ଦପ୍ରତି ଧ୍ୟାନ ନ ଦେଇ ନିଜର ମୁଖ୍ୟ କାର୍ଯ୍ୟ (ସ୍ତନ୍ୟପାନ)ରେ ବ୍ୟସ୍ତ ରହିବ । ସେହିପରି ନୂତନ ଦୃଶ୍ୟ, ନୂତନ ସ୍ପର୍ଶ ଏବଂ ଅନ୍ୟ ଅନୁଭୂତି ପ୍ରତି ଶିଶୁ ପ୍ରତିକ୍ରିୟା ଦର୍ଶାଇବ । ମାତ୍ର ସେ ସବୁର ପୁନରାବୃତ୍ତି ଫଳରେ ସେସବୁ ଉଦ୍ଦୀପକ ପ୍ରତିକ୍ରିୟାର ମାତ୍ରା ହରାଇବେ । ଏପରି ଅଭ୍ୟସନ (Habituation) ପ୍ରକ୍ରିୟା ଶିଶୁର ସରଳତମ ଶିକ୍ଷା ।

ଅନ୍ଧାରରୁ ଆଲୋକିତ ପରିବେଶକୁ ଗଲାବେଳେ ତଥା ଆଲୋକରୁ ଅନ୍ଧକାର ପରିବେଶକୁ ଗଲାବେଳେ ଶିଶୁ ପ୍ରଥମେ ଏପରି ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ଦର୍ଶାଏ । ସେ କେତେ ପରିମାଣରେ ପ୍ରତିକ୍ରିୟା ଦର୍ଶାଇବ ତାହା ନିର୍ଭର କରେ ଦୁଇ ପରିବେଶ ମଧ୍ୟରେ ଥିବା ବ୍ୟବଧାନର ମାତ୍ରା ଉପରେ । ସେ ଅଳ୍ପ ଅନ୍ଧକାର ସ୍ଥାନରୁ ଖୁବ୍ ଅନ୍ଧକାର ସ୍ଥାନକୁ ଚାଲିଗଲେ, ପ୍ରତିକ୍ରିୟାର ମାତ୍ରା ଅଧିକ ହେବା ସ୍ୱାଭାବିକ । ମାତ୍ର ପରିବର୍ତ୍ତିତ ପରିବେଶ ସ୍ଥାୟୀ ରହିଲେ ପ୍ରତିକ୍ରିୟାର ମାତ୍ରା ଧୀରେ ଧୀରେ କମିବାକୁ ଲାଗେ ।

କୌତୂହଳର ବିଷୟ ଯେ ଶିଶୁ ଯେଉଁ ଗତିରେ ତା'ର ଏହି ପ୍ରତିକ୍ରିୟାହୀନତା ଦେଖାଏ, ତାହା ତାତ୍ପର୍ଯ୍ୟପୂର୍ଣ୍ଣ । ମସ୍ତିଷ୍କଗତ ବିକୃତି କିମ୍ବା ପରବର୍ତ୍ତୀକାଳରେ ମାନସିକ ଅନଗ୍ରସରତା (Mental Retardation) ଦର୍ଶାଉଥିବା ଶିଶୁମାନେ ଶୀଘ୍ର ଶୀଘ୍ର ଅଭ୍ୟସନ (Habituation) ପ୍ରକ୍ରିୟା ଦର୍ଶାଇ ନ ଥାନ୍ତି । ଅନ୍ୟ ଭାଷାରେ କହିଲେ ବୁଝିବାକୁ ହେବ ଯେ ଏପରି ଶିଶୁମାନେ ସ୍ତନ୍ୟପାନ କରୁଥିବା ସମୟରେ କିଛି ଶବ୍ଦ ସୃଷ୍ଟିକଲେ ଏହି ଶବ୍ଦ ସହିତ ଅଭ୍ୟସ୍ତ ହୋଇ ପୁନଶ୍ଚ ସ୍ତନ୍ୟପାନ ଆରମ୍ଭ କରିବାକୁ ଏପରି ଶିଶୁମାନଙ୍କୁ ମାତ୍ରାଧିକ ସମୟ ନିଅନ୍ତି । *ଅନ୍ୟ ପକ୍ଷରେ, ସାଧାରଣ ଶିଶୁମାନେ ଏକ ପରିମିତ ସମୟ ମଧ୍ୟରେ ଏପରି ଅଭ୍ୟସନ (Habituation) ଦର୍ଶାନ୍ତି । ପୁନରାବୃତ୍ତି ଘଟୁଥିବା ଉଦ୍ଦୀପକକୁ ଉପେକ୍ଷା କରି ସେମାନେ ନିଜର ମୁଖ୍ୟ କାର୍ଯ୍ୟ ପ୍ରତି ଧ୍ୟାନଶୀଳ ରୁହନ୍ତି । ସ୍ୱାଭାବିକ ଭାବରେ ଅଭ୍ୟସନ ପ୍ରକ୍ରିୟା ଦର୍ଶାଉଥିବା ଶିଶୁମାନେ ପରବର୍ତ୍ତୀ ସମୟରେ ବୁଦ୍ଧିଶୀଳତା ଓ ବାକ୍‌ପଟୁତା ଦର୍ଶାଇବା ଲକ୍ଷ୍ୟ କରଯାଇଛି ।*

ସଂଯୋଗର ନିୟମ

ଶିଶୁର ପରିବର୍ତ୍ତନଶୀଳ ବ୍ୟବହାର ନୂଆ ନୂଆ ରୂପ ନେବା ପରିପ୍ରେକ୍ଷୀରେ ଏକାଧିକ ନିୟମ କାର୍ଯ୍ୟ କରେ । କେବଳ ଶିଶୁ ନୁହେଁ, ପ୍ରତି ମନୁଷ୍ୟର ଶିକ୍ଷାକୃତ ବ୍ୟବହାର ମଧ୍ୟ ଏକାଧିକ

Digitized by srujanika@gmail.com

ନୀତି ଉପରେ ପର୍ଯ୍ୟବସିତ । ବ୍ୟବହାର ଗଠନର ଏକ ମୁଖ୍ୟ ନୀତି ହେଉଛି ସଂଯୋଗାତ୍ମକ ନିୟମ, (Law of Association). ଶିଶୁମାନଙ୍କର ବିଭିନ୍ନ ବ୍ୟବହାର ଓ ମନୋଭାବ ବିଶେଷକରି ଶିଶୁର ଭୟ, ଆନନ୍ଦ, ପସନ୍ଦ ଓ ନାପସନ୍ଦ ସବୁ କିପରି ଏହି ନୀତି ଦ୍ୱାରା ରୂପ ନିଏ, ତାହା ଜାଣିପାରିଲେ ଶିଶୁକୁ କେତେକ ଅବାଞ୍ଛିତ ବ୍ୟବହାରରୁ ରକ୍ଷା କରିବା ସମ୍ଭବ ହେବ ।

ବ୍ୟବହାର ଗଠନର ଏହି ସଂଯୋଗାତ୍ମକ ନିୟମଟିକୁ ପ୍ରଥମେ ଜଣେ ରୁଷୀୟ ଶରୀର ବିଜ୍ଞାନୀ ଲକ୍ଷ୍ୟ କରିଥିଲେ । ତାଙ୍କର ଗୋଟିଏ କୁକୁର ଥିଲା ଏବଂ କୁକୁରଟିକୁ ସାଧାରଣତଃ ପୂଜାରୀ ଖାଦ୍ୟ ପଦାର୍ଥ ଦେଉଥାଏ । ସ୍ୱାଭାବିକ ଭାବରେ କୁକୁର ଖାଦ୍ୟ ଗ୍ରହଣ କଲାବେଳେ କୁକୁରର ପାଟିରୁ ଲାଳ ବୋହୁଥିଲା । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ମାତ୍ର ଶରୀର ବିଜ୍ଞାନୀ ଜଣକ ଥରେ ଦୁଇଥର ଲକ୍ଷ୍ୟ କଲେ ଯେ ପୂଜାରୀଟି ହାତରେ ଖାଦ୍ୟ ନ ଥିଲେ ମଧ୍ୟ କୁକୁରଟି ପୂଜାରୀର ପାଦ ଶବ୍ଦ ଶୁଣି ଲାଳ ଗଡ଼ାଉଛି । ଏହା ତାଙ୍କ ମନରେ ଏକ କୌତୂହଳ ସୃଷ୍ଟି କଲା । ସେ ବିଚାର କଲେ ଯେ ଖାଦ୍ୟ ଓ ଲାଳ ଗଡ଼ିବା ମଧ୍ୟରେ ସମ୍ପର୍କଟି ସ୍ୱାଭାବିକ । କିନ୍ତୁ ପୂଜାରୀର ପାଦଶବ୍ଦ ଓ ଲାଳଗଡ଼ିବା ମଧ୍ୟରେ କୌଣସି ସମ୍ପର୍କ ନାହିଁ । ଅଥଚ ପୂଜାରୀର ପାଦଶବ୍ଦ ଖାଦ୍ୟ ସହିତ ଏକତ୍ର ପରିବେଶକୁ ଆସୁଥିବାରୁ ପାଦଶବ୍ଦ ଲାଳ ଗଡ଼ିବା ପରି ପ୍ରତିକ୍ରିୟା ସୃଷ୍ଟି କରିପାରୁଛି ।

ଏହାକୁ ବିଧିବଦ୍ଧ ଭାବରେ ଦର୍ଶାଇବା ପାଇଁ ସେ ରୁଷୀୟ ଶରୀର ବିଜ୍ଞାନୀ ପାଭଲଭ (Pavlov) ଗୋଟିଏ ପରୀକ୍ଷା କଲେ । ସେ କୁକୁରର ବେକ ପାଖରେ ଗୋଟିଏ ପରୀକ୍ଷା ନଳୀ ରଖିଦେଲେ । ଏହା ଏପରି ଭାବରେ ଖଞ୍ଜା ହୋଇଥିଲା ଯେ ଗଡୁଥିବା ଲାଳ ସେଥିରେ ସଂଗୃହୀତ ହୋଇ ମାପ କରାଯାଇ ପାରିବ । ତା'ରେ ସେ କୁକୁରକୁ ଖାଦ୍ୟ ଦେଲେ । ପ୍ରତିଥର ଖାଦ୍ୟ ଦେବାର ଅଳ୍ପ ସମୟ ପୂର୍ବରୁ ଘଣ୍ଟିଟିଏ ବଜାନ୍ତି । ଏହିପରି ସମ୍ମିଳିତ ଭାବରେ ଘଣ୍ଟି ଓ ଖାଦ୍ୟ

Digitized by srujanika@gmail.com

ବାରମ୍ବାର ପରିବେଷଣ କଲେ । ସ୍ୱାଭାବିକ ଭାବରେ ଖାଦ୍ୟ ଖାଇ କୁକୁର ଲାଳ ଗଡ଼ାଏ । ମାତ୍ର ଘଣ୍ଟି ଓ ଖାଦ୍ୟ ସଂଯୋଜିତ ଭାବରେ ବେଶ୍ କିଛିଥର ଦିଆଯିବା ପରେ କେବଳ ଘଣ୍ଟି ବଜାଗଲା, ଆଶ୍ଚର୍ଯ୍ୟର କଥା ଯେ କୁକୁରର ଲାଳ ଗଡ଼ିଲା । ପୁଣି ଦ୍ୱିତୀୟ ଥର କେବଳ ଘଣ୍ଟି ବଜାଇବାରୁ ଲାଳ ଗଡ଼ିବା ଏବଂ ତୃତୀୟ ଥର ମଧ୍ୟ ଲାଳ ଗଡ଼ିବା ଦେଖାଗଲା । ଅବଶ୍ୟ କେବଳ ଘଣ୍ଟି ବଜାଇବା କ୍ଷେତ୍ରରେ ଲାଳର ପରିମାଣ ଥରକୁ ଥର କମିଲା ।

ଏଠାରେ ଲକ୍ଷ୍ୟ କରିବା କଥା ଯେ ଘଣ୍ଟି ସହିତ ଲାଳ ଗଡ଼ିବାର କୌଣସି ସମ୍ପର୍କ ନାହିଁ । ଖାଦ୍ୟ ଏକ ସ୍ୱାଭାବିକ ଉଦ୍ଦୀପକ ଏବଂ ଲାଳ ଗଡ଼ିବା ଖାଦ୍ୟ ପାଇଁ ଏକ ସ୍ୱାଭାବିକ ପ୍ରତିକ୍ରିୟା (Response) । *ମାତ୍ର ଘଣ୍ଟି ବାଜିବା ପରି ଏକ ଅସମ୍ପର୍କିତ ବସ୍ତୁ ଖାଦ୍ୟ ପରି ସ୍ୱାଭାବିକ ଉଦ୍ଦୀପକ ସହିତ ସଂଯୋଜିତ ହେବା ପରେ ଘଣ୍ଟି ମଧ୍ୟ ଲାଳ* ଗଡିବା ପ୍ରତିକ୍ରିୟା ସୃଷ୍ଟି କରୁଛି । ଘଣ୍ଟି ବାଜିବା ସ୍ଥାନରେ ଗୋଟିଏ ନୀଳ ବା ଯେ କୌଣସି ରଙ୍ଗର ଆଲୋକ ଦେଖାଇଲେ ମଧ୍ୟ କୁକୁରଟି ଆଲୋକ ପ୍ରତି ଅନୁରୂପ ପ୍ରତିକ୍ରିୟା ଦର୍ଶାଇବ । ତେବେ ଆଲୋକ ଓ ଖାଦ୍ୟ ମଧ୍ୟରେ ସଂଯୋଗ ରକ୍ଷା କରି ପରିବେଷଣରେ ଆବଶ୍ୟକତା ରହିବ । ବିଶେଷଜ୍ଞ ଜଣକ ଏପରି ପ୍ରକ୍ରିୟାକୁ ଅଭ୍ୟନୁକୂଳନ (Conditioning) ବୋଲି ଆଖ୍ୟା ଦେଲେ ।

ଶିଶୁର ବ୍ୟବହାର ଗଠନ ଦିଗରେ ଏହି ଅଭ୍ୟନୁକୂଳନ କିପରି କାର୍ଯ୍ୟ କରେ, ତାହା ବୁଝାଇ ଦିଆଯାଇପାରେ । ଜନ୍ମର ଅଳ୍ପ ମାସ ପରେ ଶିଶୁ କେବଳ ଭୟାନକ ଶବ୍ଦ ପରି କେତେକ ସୀମିତ ଉଦ୍ଦୀପକକୁ ବାଦ୍‌ଦେଲେ ଅନ୍ୟ ବସ୍ତୁ ବା ପ୍ରାଣୀ ପ୍ରତି ଭୟ କରିବା ଶିଖି ନ ଥାଏ । ମନେକରାଯାଉ ଗୋଟିଏ ବିରାଡ଼ି ଶିଶୁ ଆଡ଼କୁ ଗତି କରୁଛି । ଏ କ୍ଷେତ୍ରରେ ଶିଶୁଟି ଭୟ ଦର୍ଶାଇବ ନାହିଁ । କିନ୍ତୁ ଧଳା ବିରାଡ଼ିଟି ପ୍ରବେଶ କରୁଥିବା ସମୟରେ ଏକ ଭୟାନକ ଶବ୍ଦ ହେଲେ ଶିଶୁଟି ଶବ୍ଦ ପ୍ରତି ତା'ର ଭୟ ପ୍ରତିକ୍ରିୟା ଦର୍ଶାଇବ । ବିରାଡ଼ିର ଉପସ୍ଥିତି ସମୟରେ ଏପରି କିଛିଥର ଅନୁଭବ ହେଲା ପରେ ଶିଶୁଟି ବିରାଡ଼ି ପ୍ରତି ଭୟ ପ୍ରଦର୍ଶନ କରିବ । ଭୟ ପ୍ରତିକ୍ରିୟା ସହିତ ବିରାଡିଟି ଅସମ୍ପୃକ୍ତ ହେଲେ ମଧ୍ୟ ବିରାଡ଼ି ଓ ଭୟାନକ ଶବ୍ଦର ସଂଯୋଗ ଏପରି ବ୍ୟବହାର ଗଠନର ସମ୍ଭାବନା ସୃଷ୍ଟି କରିବ ।

ସେହିପରି ଯନ୍ତ୍ରଣାଦାୟକ ଇଞ୍ଜେକ୍‌ସନ ଦେଉଥିବା ଡାକ୍ତର ପ୍ରତି ଶିଶୁ ପ୍ରଥମେ ପ୍ରତିକ୍ରିୟା ଦର୍ଶାଇ ନ ଥାଏ । ତା'ର ଶବ୍ଦ ଓ ଚିତ୍କାର ଇଞ୍ଜେକ୍‌ସନ ପ୍ରତି ଉଦ୍ଦିଷ୍ଟ ଥାଏ । ମାତ୍ର ଡାକ୍ତର ଓ ଇଞ୍ଜେକ୍‌ସନର ବାରମ୍ବାର ସଂଯୋଗ (Association) ଫଳରେ ଶିଶୁ ଡାକ୍ତରଙ୍କ ପ୍ରତି ପ୍ରତିକ୍ରିୟା ଦର୍ଶାଏ । ଡାକ୍ତରଙ୍କ ହାତରେ ଇଞ୍ଜେକ୍‌ସନ ନ ଥିଲେ ମଧ୍ୟ ଶିଶୁ ତାକୁ ଦେଖି କାନ୍ଦେ । ପୁଣି ଏପରି ଅଭ୍ୟନୁକୂଳନ କେବଳ ଡାକ୍ତର ବା ବିରାଡ଼ି ପ୍ରତି ସୀମିତ ନ ରହି ଡାକ୍ତର ପିନ୍ଧୁଥିବା ବସ୍ତ୍ର ଓ ବିରାଡ଼ିର ରଙ୍ଗ ପ୍ରତି ପ୍ରେରିତ ହୋଇପାରେ । ଡାକ୍ତରଙ୍କ ପରି ପୋଷାକପତ୍ର ଓ ବିରାଡ଼ିର ଧଳାରଙ୍ଗ ହୋଇଥିବାରୁ ଧଳାରଙ୍ଗର କାନ୍ଥ ପ୍ରତି ପିଲାଟି ନିଜର ଭୟ ସୂଚାଇ ଥାଏ ।

ଶିଶୁମାନଙ୍କର ବହୁ ଆବେଗ ଓ ପସନ୍ଦ ନାପସନ୍ଦ ଏପରି ସଂଯୋଗ ନିୟମରେ ଗଠିତ ହୁଏ । ଗଠିତ ହୋଇଥିବା ବ୍ୟବହାରଟି ଅନୁପଯୋଗୀ ହୋଇଥିଲେ ତାହାକୁ

Digitized by srujanika@gmail.com

ଅପସାରିତ କରିବାର ଉପାୟ ହେଉଛି ପୂର୍ବ ପ୍ରତିଷ୍ଠିତ ସଂଯୋଗକୁ ବିଚ୍ଛିନ୍ନ କରିବା । ଖାଦ୍ୟ ସହିତ ସଂଯୋଜିତ ହୋଇଥିବା ଘଣ୍ଟିଶବ୍ଦ ପ୍ରଥମେ ପ୍ରଥମେ କୁକୁରର ଲାଳ ବୁହାଇବା କରାଉଥିଲେ ମଧ୍ୟ ଖାଦ୍ୟକୁ ବାଦ୍ ଦେଇ କେବଳ ବାରମ୍ବାର ଘଣ୍ଟି ବଜାଇଲେ ଲାଳ ବୋହିବାର ପ୍ରତିକ୍ରିୟା ଧୀରେ ଧୀରେ ଦୁର୍ବଳ ହୋଇ ଅପସରି ଯିବ । ଠିକ୍ ସେହିପରି ଭୟାନକ ଶବ୍ଦ ସହିତ ବିରାଡ଼ିର ଉପସ୍ଥିତି ଭୟ ସଞ୍ଚାର କରିଥିଲେ ମଧ୍ୟ ପରବର୍ତ୍ତୀ ସ୍ତରରେ କେବଳ ବିରାଡ଼ିର ଉପସ୍ଥିତି ପିତାମାତାଙ୍କ ଉପସ୍ଥିତିରେ ଭୟାନକ ଶବ୍ଦ ନ ଥାଇ ବିରାଡ଼ିର ସ୍ପର୍ଶ ଓ ଅନୁଭବ ଧୀରେ ଧୀରେ ଭୟ ଅପସାରଣ କରିବ । ସୁତରାଂ ଏକପ୍ରକାର ବିପରୀତ ଅଭ୍ୟନୁକୂଳନ (Deconditioning) ଉପଯୋଗୀ ବ୍ୟବହାର ପ୍ରତିଷ୍ଠା କରିବ ।

ପରିଣତିର ନିୟମ

ଶିଶୁର ଶିକ୍ଷାକୃତ ବ୍ୟବହାର କେବଳ ଆକସ୍ମିକଭାବେ କିମ୍ବା ଯୋଜନାବଦ୍ଧ ଭାବରେ ସ୍ୱାଭାବିକ ପ୍ରତିକ୍ରିୟା ସୃଷ୍ଟି କରୁଥିବା ବସ୍ତୁ ସହିତ ସଂଯୋଗ ଦ୍ୱାରା ନିୟନ୍ତ୍ରିତ ହୁଏ ନାହିଁ । ଅବଶ୍ୟ ସଂଯୋଗ କେତେକ ସ୍ଥଳରେ କାର୍ଯ୍ୟକରେ । ଶିଶୁଟି ଆନନ୍ଦମନରେ ଖାଦ୍ୟ ଗ୍ରହଣ କରୁଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଲେ ଶିଶୁଟି ଉକ୍ତ ବ୍ୟକ୍ତିଙ୍କୁ ଭଲ ପାଇବାକୁ ଲାଗେ । ବ୍ୟକ୍ତିଟି ଖାଦ୍ୟଗ୍ରହଣ ସହିତ ଅସମ୍ପୃକ୍ତ ହୋଇଥିଲେ ମଧ୍ୟ ଖାଦ୍ୟଗ୍ରହଣ ସମୟରେ କେବଳ ଉପସ୍ଥିତି ସଂଯୋଗକୁ ଦୃଢ଼କରେ ଏବଂ ବ୍ୟକ୍ତି ଶିଶୁମନରେ ଭଲପାଇବା ସୃଷ୍ଟି କରିବାରେ ସଫଳ ହୁଏ । ଏପରି ସଂଯୋଗ ବ୍ୟତୀତ ଆଉଗୋଟିଏ ନୀତି ଶିକ୍ଷାକୃତ ବ୍ୟବହାର ଗଠନରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରେ । ତାହା ହେଉଛି ପରିଣାମ ବା ପରିଣତିର ନିୟମ ।

ଶିଶୁ ସମେତ ପ୍ରତ୍ୟେକ ଜୀବନ୍ତ ପ୍ରାଣୀ ସକ୍ରିୟ । ଆମେ ଆମର ପରିବେଶରେ କିଛି ନା କିଛି କରୁଥାଉ । ଆମର କାର୍ଯ୍ୟ ବା ବ୍ୟବହାର କିଛି ପରିଣତି ସୃଷ୍ଟିକରେ । *ଏପରି ପରିଣତିର ଅଭିଜ୍ଞତା ବା ଅନୁଭୂତି ପ୍ରୀତିପ୍ରଦ ହେଲେ କାର୍ଯ୍ୟ କରିବା ବା ବ୍ୟବହାରଟି ପୁଣି ପ୍ରଦର୍ଶନ କରିବାର ଇଚ୍ଛା ବଢ଼େ । ଅନ୍ୟପକ୍ଷରେ ଫଳାଫଳ ସୁଖକର ନ ହେଲେ କାର୍ଯ୍ୟ ବା ବ୍ୟବହାରଟିର ପୁନରାବୃତ୍ତି କରିବାର ଇଚ୍ଛା କମିଯାଏ ।* ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଶିଶୁଟି ଗୋଡ଼ ବା ହାତଟି ହଲାଇବା ମାତ୍ରେ ତାହା ଖେଳନାକୁ ସ୍ପର୍ଶକରି ଖେଳନାରୁ ଆନନ୍ଦଦାୟକ ଶବ୍ଦ ବାହାରିଲେ ଗୋଡ଼ହାତ ହଲାଇବାର ଇଚ୍ଛା ଶିଶୁଟିର ବୃଦ୍ଧିପାଇବ । ଅନ୍ୟପକ୍ଷରେ ଶୋଇରହି ଗୋଡ଼ହାତ ହଲାଉଥିବା ସମୟରେ ଖଟବାଡ଼ରେ ଗୋଡ଼ ହାତ ଜୋରରେ ବାଜି ଆଘାତ ପାଇଲେ ଗୋଡହାତ ହଲାଇବାର ଉଦ୍ୟମ ହ୍ରାସ ପାଇବ । ମୋଟ ଉପରେ କେଉଁ ବ୍ୟବହାରଟି ଦୃଢ଼ୀଭୂତ ହେବ ଏବଂ କେଉଁ ବ୍ୟବହାରଟି ଅପସାରିତ ହେବ, ତାହା ଅନୁଭବର ପରିଣାମ ଉପରେ ନିର୍ଭର କରେ । ନିର୍ଦ୍ଦିଷ୍ଟ ବ୍ୟବହାର ପରେ ପରେ ପ୍ରୋତ୍ସାହନ ବା ଆନନ୍ଦାନୁଭୂତି ମିଳିଲେ, ବ୍ୟବହାରଟି ଗଠିତ ଓ ଦୃଢ଼ୀଭୂତ ହେବ । ଅନ୍ୟପକ୍ଷରେ ବ୍ୟବହାରଟିର ପରେ ପରେ ନିରାନନ୍ଦ ଓ ଅପ୍ରୀତିକର ଅନୁଭୂତି ମିଳିଲେ ବ୍ୟବହାରଟି ଦୁର୍ବଳ ହୋଇ ଅପସାରିତ ହୋଇଯିବ । ଏହା ହିଁ ବ୍ୟବହାର ଗଠନ କ୍ଷେତ୍ରରେ ପରିଣତିର ନିୟମ(Law of effect) ।

Digitized by srujanika@gmail.com

ଏହି ନିୟମରେ ଶିଶୁ ତାହାର ପ୍ରଥମ ଭାଷା ଓ କହିବା କ୍ଷମତା ହାସଲ କରେ । ଚାରି ପାଞ୍ଚମାସର ଶିଶୁ ବିକ୍ଷିପ୍ତ ଭାବରେ କିଛି ଶବ୍ଦ ସୃଷ୍ଟି କରେ । ନିଜର ପାଟି ଓ ମୁଖର ବ୍ୟବହାର ଦ୍ୱାରା ଶବ୍ଦ ବାହାର କରେ । ପ୍ରଥମେ ପ୍ରଥମେ ଏହିସବୁ ଶବ୍ଦ ଅସ୍ପଷ୍ଟ ଓ ଅର୍ଥହୀନ ଥାଏ । ପିତାମାତା ଏବଂ ବୟସ୍କମାନେ ମଧ୍ୟ ଏ ଦିଗରେ ଧ୍ୟାନ ଦେଇ ନ ଥାନ୍ତି । ପରବର୍ତ୍ତୀ ସୋପାନରେ

ବୟସ୍କମାନେ ନିଜ ପ୍ରତିକ୍ରିୟା ଦର୍ଶାନ୍ତି । ଶିଶୁଟି ଶବ୍ଦ କଲାମାତ୍ରେ ଆମେ ତା'ଆଡ଼କୁ ଚାହିଁ ସ୍ମିତହାସ୍ୟ ପ୍ରକାଶ କରୁ, ଅନୁରୂପ ଓ ଅର୍ଥପୂର୍ଣ୍ଣ ଶବ୍ଦଟିଏ ପ୍ରତିବଦଳରେ କହିଥାଉ । ଅନେକ ସମୟରେ ଶିଶୁର ପାଖକୁ ଯାଇ ତାକୁ କୋମଳ ଭାବରେ ସ୍ପର୍ଶ କରୁ । ଏସବୁ ଶିଶୁ ପାଇଁ ଆନନ୍ଦଦାୟକ ପ୍ରୀତିପଦ ଅନୁଭୂତି । ଶିଶୁ ପୁନଶ୍ଚ ଶବ୍ଦ ସୃଷ୍ଟି କଲେ ପରେ ପରେ ଅନୁରୂପ ଆନନ୍ଦାନୁଭୂତି ଅନ୍ୟଠାରୁ ଲାଭ କରେ । ଏ ପ୍ରକାର ପ୍ରୋତ୍ସାହନର ପୁନରାବୃତ୍ତି ବଳରେ ଶବ୍ଦ ସବୁ ଅଧିକରୁ ଅଧିକତର ସୃଷ୍ଟି କରିବା ଏବଂ ଅସ୍ପଷ୍ଟ ଓ ଅର୍ଥହୀନ ଶବ୍ଦକୁ ଧୀରେ ଧୀରେ ଅର୍ଥପୂର୍ଣ୍ଣ କରିବାର ଉଦ୍ୟମ ବୃଦ୍ଧିପାଏ । କେବଳ କଥନ ଓ ଭାଷାଶିକ୍ଷା କାହିଁକି, ବହୁ ପ୍ରକାର ବ୍ୟବହାରର ଗଠନ ଓ ଦୃଢ଼ୀକରଣ ଏପରି ପ୍ରୋତ୍ସାହନ ନିୟମର ବିଶାଳତା ସପକ୍ଷରେ ଏହାର ମୁଖ୍ୟ ପ୍ରତିପାଦକ ଆମେରିକାର ମନୋବିଜ୍ଞାନୀ ସ୍କିନର କହିଥିଲେ ଯେ ଏହି ପ୍ରୋତ୍ସାହନର ଉପଯୋଗ କରି ସେ ଯେକୌଣସି ପ୍ରକାର ମଣିଷ ତିଆରି କରିପାରିବେ ।

Digitized by srujanika@gmail.com

ସାଧାରଣ ପରିବେଶରେ ଆନନ୍ଦାନୁଭୂତି ଓ ପ୍ରୋତ୍ସାହନ ଯେପରି ବ୍ୟବହାର ଗଠନ କରିଥାଏ, ସେହିପରି ଏହି ନିୟମର ସାହାଯ୍ୟ ନେଇ କେତେକ ଅବାଞ୍ଛନୀୟ ବ୍ୟବହାର ସ୍ଥାନରେ ବାଞ୍ଛନୀୟ ବ୍ୟବହାରର ମଧ୍ୟ ପ୍ରତିଷ୍ଠା କରାଯାଇପାରେ । ଥରେ ଗୋଟିଏ ବିଦ୍ୟାଳୟରେ ଉଦ୍ଧତ ଦୁର୍ବ୍ୟବହାର ଓ ଅତି ଚଞ୍ଚଳତା ଦର୍ଶାଉଥିବା ବେଶ୍ କିଛି ପିଲାମାନଙ୍କର ବ୍ୟବହାର ପରିବର୍ତ୍ତନ ପାଇଁ ଏହି ପ୍ରୋତ୍ସାହନ ନିୟମର ଉପଯୋଗ କରାଗଲା । ଏପରି ପିଲାମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ପିଲାଙ୍କ ପାଇଁ ଦୈନନ୍ଦିନ ବ୍ୟବହାର ଚିଠା ପ୍ରସ୍ତୁତ କରିବା ପାଇଁ ବିଶେଷଜ୍ଞମାନେ ଶିକ୍ଷକମାନଙ୍କୁ ପରାମର୍ଶ ଦେଲେ । ଶିକ୍ଷକ ପ୍ରତି ପିଲା ପାଇଁ ସ୍ୱତନ୍ତ୍ର ଚିଠା କରି ଦଶଟି ବିଶୃଙ୍ଖଳିତ ବ୍ୟବହାର ଲେଖିବେ ଏବଂ ପିଲାଟି ସେଦିନ କେତେ ମାତ୍ରାରେ ଏହା ଦର୍ଶାଇଛି ତାହା ମଧ୍ୟ ଉଲ୍ଲେଖ କରିବେ । ପ୍ରତିଦିନ ଚିଠାରେ ଶିକ୍ଷକଙ୍କ ମନ୍ତବ୍ୟ (ଯଥା-ଦୁଃଖଦାୟକ କି ସନ୍ତୋଷ ଜନକ) ମଧ୍ୟ ଲେଖାଯିବ । ପ୍ରତିଦିନର ଚିଠିଟି ଶିକ୍ଷକମାନଙ୍କଠାରୁ ନେଇ ପିଲା ନିଜର ବାପା, ମା'ଙ୍କୁ ଦେଖାଇବ ଏବଂ ସେମାନେ ଦେଖିଥିବାର ପ୍ରମାଣସ୍ୱରୂପ ସେମାନଙ୍କର ଦସ୍ତଖତ ଆଣିବ । ଏପରି କାର୍ଯ୍ୟକ୍ରମ କିଛିମାସ ଧରି ଚାଲିଲା । ଦୈନିକ ଭିତ୍ତିରେ ଏପରି ଉତ୍ସାହ ନିରୁତ୍ସାହ ଦିଆଯାଉଥିବା ପିଲାମାନଙ୍କ ବ୍ୟବହାର ସହିତ ମୂଳରୁ ଏକପ୍ରକାର ବିଶୃଙ୍ଖଳିତ ପିଲାମାନଙ୍କର ଆଚରଣଗତ ପରିବର୍ତ୍ତନ ଲକ୍ଷ୍ୟ କରାଗଲା । ଦେଖାଗଲା ଯେ ବିଶୃଙ୍ଖଳିତ ବ୍ୟବହାର ପାଇଁ ଉତ୍ସାହ ଦିଆଯାଉଥିବା ପିଲାମାନଙ୍କ କ୍ଷେତ୍ରରେ ଆଶାନୁରୂପ ପରିବର୍ତ୍ତନ ଘଟୁଛି । *ସ୍ଥୂଳତଃ ବାଞ୍ଛନୀୟ ବ୍ୟବହାର ଗଠନ ଦିଗରେ ଭଲ ବ୍ୟବହାର ପାଇଁ ପ୍ରୋତ୍ସାହନ ଓ ଖରାପ ବ୍ୟବହାର ପାଇଁ ନିରୁତ୍ସାହ ପ୍ରଭାବଶାଳୀ-କୌଶଳ କ୍ରମେ କାର୍ଯ୍ୟକରେ ।*

ଅନୁକରଣ ନିୟମ

ସୁଖକର ଅନୁଭୂତି ଦେଉଥିବା ବ୍ୟବହାର ସବୁ ଦୃଢ଼ୀଭୂତ ହେବା ଏବଂ ଅପ୍ରୀତିକର ଅନୁଭବ ଦେଉଥିବା ବ୍ୟବହାର ସବୁ ଧୀରେ ଧୀରେ ଅପସାରିତ ହେବା କଥା ପୂର୍ବରୁ ସୂଚନା ଦିଆଯାଇଛି । ଏହାର ଏକ ବିଶେଷ ତାତ୍ପର୍ଯ୍ୟ ହେଉଛି ଯେ ଶିଶୁର ସ୍ପୃହଣୀୟ ବ୍ୟବହାର ପାଇଁ ଆମକୁ ପ୍ରୋତ୍ସାହନ ଦେବାକୁ ହେବ । ସ୍ମିତହସ ପରି ସ୍ପୃହଣୀୟ ବ୍ୟବହାର ଶିଶୁ ପାଖରେ ଅଧିକରୁ ଅଧିକ ଦେଖିବା ପାଇଁ ଶିଶୁ ସ୍ମିତହାସ ପ୍ରକାଶ କଲେ ଆମେ ନିଜର ମୁଖଭଙ୍ଗୀରେ ଆନନ୍ଦ ପ୍ରକାଶ କରି ପ୍ରତ୍ୟୁତ୍ତର ଛଳରେ ସ୍ମିତହସ ଦର୍ଶାଇବାକୁ ହେବ । ଏହିପରି ପ୍ରତି ସ୍ପୃହଣୀୟ ବ୍ୟବହାର ପାଇଁ ସମର୍ଥନ ସୂଚକ ଅଙ୍ଗଭଙ୍ଗୀ ଆମକୁ ପ୍ରକାଶ କରିବାକୁ ହେବ । ପ୍ରକାରାନ୍ତରେ ଶିଶୁର ମାତ୍ରାଧିକ କାନ୍ଦ ପରି ଅସ୍ପୃହଣୀୟ ବ୍ୟବହାରକୁ ପ୍ରୋତ୍ସାହନ ନ ଦେଇ କିଛି ମାତ୍ରାରେ ଉଦାସୀନତା ଦର୍ଶାଇବା ଫଳରେ ଶିଶୁ ଏପରି ବ୍ୟବହାରରୁ ନିବୃତ୍ତ ରହିବ ।

ମୋଟ ଉପରେ ଶିଶର ନିଜସ୍ୱ ଅନୁଭୂତି ବହୁସ୍ଥଳରେ ତା'ର କେତେକ ବ୍ୟବହାରକୁ ଦୃଢ଼ୀଭୂତ କରେ ଏବଂ କେତେକ ବ୍ୟବହାର ଧୀରେ ଧୀରେ ବିଲୋପ ହୋଇଯାଏ । ପ୍ରୀତିପ୍ରଦ

Digitized by srujanika@gmail.com

ଅନୁଭୂତି ବ୍ୟବହାରକୁ ଦୃଢ଼ କରିବାସ୍ଥଳେ ଅପ୍ରୀତିକର ଅନୁଭୂତି ବ୍ୟବହାରର ବିଲୋପ ଘଟାଏ । ମାତ୍ର ପ୍ରୀତିପ୍ରଦ ଓ ଅପ୍ରୀତିକର ନିଜସ୍ୱ ଅନୁଭୂତି ନ ଥାଇ ମଧ୍ୟ କେବଳ ଅନୁକରଣ ମାଧ୍ୟମରେ ଶିଶୁ ବହୁ କଥା ଶିକ୍ଷା କରେ । ନିଜ ମା'ର ଅଙ୍ଗଭଙ୍ଗୀକୁ ଅନୁକରଣ କରି ମା' ପରି ଚାଲିବା କିମ୍ବା ବାପାଙ୍କ ପରି

କଥା କହିବା ଅଳ୍ପ ବୟସର ଶିଶୁମାନଙ୍କଠାରେ ଦେଖାଯାଇପାରେ । ନିଜର ଜ୍ଞାତସାରରେ ପିତାମାତା ଶିଶୁକୁ ଏପରି ବ୍ୟବହାର ପାଇଁ ପ୍ରୋତ୍ସାହନ ଦେଇ ନ ଥାନ୍ତି । ତଥାପି ଶିଶୁଟି ଆପେ ଆପେ ଅନୁକରଣ କରି ଏପରି ବ୍ୟବହାର ଦର୍ଶାଏ । ବିଦ୍ୟାଳୟକୁ ଯିବା ଆରମ୍ଭ କରିବା ମାତ୍ରେ ନିଜର ପ୍ରିୟ ଶିକ୍ଷକଙ୍କ ବା ଶିକ୍ଷୟିତ୍ରୀଙ୍କ ପରି ପୋଷାକ ପିନ୍ଧିବାର ଛଳନା କରିବା, କଥା କହିବାର ଶୈଳୀ ପ୍ରଦର୍ଶନ କରିବା ଇତ୍ୟାଦି ଶିଶୁ ସୁଲଭ ବ୍ୟବହାର ବୟସ୍କମାନଙ୍କୁ ବିସ୍ମୟରେ ପକାଏ ।

ଅନୁକରଣ ମାଧ୍ୟମରେ ଶିକ୍ଷା କରିବାର ପ୍ରବୃତ୍ତି ଖୁବ୍ ଅଳ୍ପବୟସରୁ ଦେଖାଯାଏ । ଜନ୍ମର ପରେ ପରେ ଶିଶୁ ନିଜର ମୁଖଟି ଖୋଲିବା ଓ ବନ୍ଦ କରିବାର ଶିକ୍ଷା ପ୍ରାୟତଃ ଅନୁକରଣ ଉପରେ ପର୍ଯ୍ୟବସିତ । ବର୍ଷେ ଦେଢ ବର୍ଷ ବେଳକୁ ଶିଶୁ ସାଧାରଣତଃ ଶରୀର ଚାଳନା ଓ ଅଙ୍ଗଭଙ୍ଗୀ ଅନୁକରଣ କରେ । ନିକଟସ୍ଥ ପରିବେଶରେ ଦେଖୁଥିବା ବ୍ୟକ୍ତି ଓ ପିତାମାତାଙ୍କର ଗତିର ଭଙ୍ଗୀ ଓ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗର ଶୈଳୀ ଲକ୍ଷ୍ୟକରି ଅନୁରୂପ ଭଙ୍ଗୀ ଦର୍ଶାଏ । କେତେକ କ୍ଷେତ୍ରରେ ବୟସ୍କମାନଙ୍କ ଅଙ୍ଗଭଙ୍ଗୀରେ ଅସ୍ୱାଭାବିକ ଥିଲେ ମଧ୍ୟ ଶିଶୁ ଅନୁକରଣପ୍ରିୟ ହୋଇଥିବାରୁ ଏପରି

Digitized by srujanika@gmail.com

ଅସ୍ୱାଭାବିକ ଭଙ୍ଗୀ ଦର୍ଶାଏ, ଦୁଇବର୍ଷ ତିନିବର୍ଷ ବେଳକୁ କଥା କହିବାର ଶୈଳୀ ଏବଂ ଅନ୍ୟାନ୍ୟ ସାମାଜିକ ବ୍ୟବହାରର ଭାବଭଙ୍ଗୀ ଅନୁକରଣ କରେ ।

ପ୍ରଶ୍ନ ଉଠିପାରେ ଶିଶୁ କାହାକୁ ଅଧିକ ଅନୁକରଣ କରେ ? ପର୍ଯ୍ୟବେକ୍ଷଣରୁ ଦେଖାଯାଇଛି ଯେ ଶିଶୁ ଯେଉଁମାନଙ୍କ ପ୍ରତି ବେଶି ଅନୁରକ୍ତ ସେମାନଙ୍କର ବ୍ୟବହାର ଅନୁକରଣ କରେ ଏ ଦୃଷ୍ଟିରୁ ଶିଶୁ ମାତା କିମ୍ବା ପିତାକୁ ଅନୁକରଣ କରିବାର ସମ୍ଭାବନା ଅଧିକ । ତଥାପି ଶିଶୁର ଲାଳନ ପାଳନ କ୍ଷେତ୍ରରେ ପିଉସୀ କିମ୍ବା ମାଉସୀ ଅଥବା ଅଜା ଆଈ ଅଧିକ ଯତ୍ନ ଓ ସମୟ ଦେଉଥିଲେ ଏମାନଙ୍କ ମଧ୍ୟରୁ ଜଣକୁ ଅନୁକରଣ କରିବାର ସମ୍ଭାବନା ରହିବା ସ୍ୱାଭାବିକ, ପୁନଶ୍ଚ ଶିଶୁ କଥନ ଶୈଳୀ ପାଇଁ ଜଣକୁ ଅନୁକରଣ କରିବା ସ୍ଥଳେ ହାତ ଓ ପାଦ ଚାଳନାର ଭଙ୍ଗୀ ଅନ୍ୟଠାରୁ ଶିକ୍ଷା କରିପାରେ । ଅଧିକ ଆକର୍ଷଣଶୀଳତା ସୃଷ୍ଟି କରିପାରୁଥିବା ବ୍ୟକ୍ତି ଅନୁକରଣୀୟ ହୁଅନ୍ତି ।

ସବୁ ବୟସର ଶିଶୁମାନେ ଛବି, ଚଳଚ୍ଚିତ୍ର ବା ଦୂରଦର୍ଶନରେ ପ୍ରଦର୍ଶିତ ନମୁନା ତୁଳନାରେ ବାସ୍ତବିକ ଜୀବନ୍ତ ପରିଧିରେ ଜୀବନ୍ତ ଗତିଶୀଳ ଲୋକଙ୍କର ବ୍ୟବହାର ଅଧିକ ମାତ୍ରାରେ ଅନୁକରଣ କରନ୍ତି । କିନ୍ତୁ କୌତୂହଳର ବିଷୟ ଯେ ଟେଲିଭିଜନ ବା କୃତ୍ରିମ ଛବି ସବୁ ଦ୍ୱାରା ପ୍ରଭାବିତ ହେବାର ଏକ ନିର୍ଦ୍ଦିଷ୍ଟ ଧାରା ରହିଛି । ଗୋଟିଏ ସର୍ବେକ୍ଷଣରେ ଲକ୍ଷ୍ୟ କରାଯାଇଛି ଯେ ଦୂରଦର୍ଶନର ପ୍ରଦର୍ଶିତ କାର୍ଯ୍ୟକ୍ରମ ପାଖରେ ଶିଶୁମାନଙ୍କୁ ଛାଡ଼ିଦିଆଗଲେ ଦେଢ଼ବର୍ଷର ଶିଶୁମାନେ ସେମାନଙ୍କ ସମୟର ପ୍ରତିଶତ ୭୦ ଭାଗ ଏହି କୃତ୍ରିମ ଛବିରେ ଅଭିନିବିଷ୍ଟ ରହନ୍ତି । ଅନ୍ୟପକ୍ଷରେ ଦୁଇବର୍ଷର ଶିଶୁମାନେ ପ୍ରାୟ ୮୦ ପ୍ରତିଶତ ସମୟ ଏବଂ ତିନିବର୍ଷର ଶିଶୁମାନେ ପ୍ରାୟ ପ୍ରତିଶତ ୯୫ ଭାଗ ସମୟ ଦୂରଦର୍ଶନ ପ୍ରତି ଅଭିନିବିଷ୍ଟ ରହନ୍ତି । ଅବଶ୍ୟ ଏ ପରିସଂଖ୍ୟାନ ଦିଆଯାଉଛି ସେପରି ଏକ ପରିପ୍ରେକ୍ଷୀରେ ଯେ ପୂରାପୂରି ଦୂରଦର୍ଶନର ସୁଯୋଗ ଦିଆଗଲେ ସେ ସମୟ ମଧ୍ୟରୁ କେତେଭାଗ ଶିଶୁର ଧ୍ୟାନକୁ କବଳିତ କରିବ । ଲକ୍ଷ୍ୟ କରିବାର କଥା ଯେ ବୟସର ବୃଦ୍ଧି ସହିତ ଶିଶୁ ବାସ୍ତବ ଓ ଜୀବନ୍ତ ବ୍ୟକ୍ତିକୁ ଅନୁକରଣ କରିବାର ସମ୍ଭାବନା ଧୀରେ ଧୀରେ କମେ ଏବଂ ଦୂରଦର୍ଶନର ପ୍ରଭାବଶୀଳତା ବୃଦ୍ଧିପାଏ ।

ବ୍ୟାପ୍ତିକରଣ ଓ ବିବେଚନା

ଶିଶୁ କିପରି ଶିକ୍ଷା କରେ ତାହା ପୂର୍ବରୁ ଅବତାରଣା କରାଯାଇଛି । ଉଲ୍ଲେଖ କରାଯାଇଛି ଯେ କୌଣସି ଉଦ୍ଦୀପକ ପ୍ରତିକ୍ରିୟା ମଧ୍ୟରେ ଆକସ୍ମିକ ସଂଯୋଗ କିମ୍ବା କୌଣସି ପ୍ରତିକ୍ରିୟା କ୍ଷେତ୍ରରେ ପ୍ରୋତ୍ସାହନ ଲାଭ ଅଥବା ଅନୁକରଣ କରିବା ଭିତ୍ତିରେ ଶିଶୁ ଶିକ୍ଷାଲାଭ କରେ ଏବଂ ନୂଆ ନୂଆ ବ୍ୟବହାର ଗଠିତ ହୁଏ । ବ୍ୟବହାର ଗଠନ ସମୟରେ ଗୋଟିଏ ଉପାଦାନ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୁଏ । ତାହା ହେଉଛି ବ୍ୟାପ୍ତିକରଣ (Generalization) ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦୀପକ (Stimulus)ର ପରିପ୍ରେକ୍ଷୀରେ ଶିଶୁ ବ୍ୟବହାରଟି ଶିକ୍ଷା କରିଥିଲେ ମଧ୍ୟ ଉକ୍ତ ବ୍ୟବହାରଟି କେବଳ ସେହି ଉଦ୍ଦୀପକ ସବୁ ପ୍ରତି ବିସ୍ତାରିତ ହୋଇଥାଏ । ଶିଶୁ ଗୋଟିଏ

Digitized by srujanika@gmail.com

କୁକୁର ପ୍ରତି ପ୍ରଥମରେ ଭୟଭୀତ ହୋଇଥିଲେ ମଧ୍ୟ ପରେ ପରେ ଅନ୍ୟ ସବୁ କୁକୁର ପ୍ରତି ଭୟ ପ୍ରଦର୍ଶନ କରେ ।

କେବଳ ଶିଶୁମାନଙ୍କ କ୍ଷେତ୍ରରେ ନୁହେଁ ସବୁ ପ୍ରାଣୀମାନେ ବ୍ୟବହାର ଶିକ୍ଷା କଲାବେଳେ ଏପରି ବ୍ୟାପ୍ତିକରଣ ଦର୍ଶାନ୍ତି । ପ୍ରତିଟି ଜିନିଷ ବା ପ୍ରତିଟି ଘଟଣା ଅନନ୍ୟ ମନେହୁଏ ନାହିଁ । ବରଂ ପୂର୍ବରୁ ଶିକ୍ଷା କରିଥିବା ବ୍ୟବହାରକୁ ଭିତ୍ତିକରି ଆମେ ନୂତନ ବସ୍ତୁ ଓ ଘଟଣା ପ୍ରତି ପ୍ରତିକ୍ରିୟା ଦର୍ଶାଉ । ଏ ଦୃଷ୍ଟିରୁ ଶିଶୁ ଏକ ନିର୍ଦ୍ଦିଷ୍ଟ ଖେଳନା ପ୍ରତି ଆଗ୍ରହ ପ୍ରକାଶ କରିବାକୁ ଶିକ୍ଷା କରିଥିବା ବ୍ୟବହାରକୁ ଅନ୍ୟସବୁ ନୂତନ ଖେଳନା ପ୍ରତି ପ୍ରୟୋଗ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଶିକ୍ଷାର ଏପରି ବ୍ୟାପ୍ତିକରଣ ବ୍ୟବହାର ଗଠନକୁ ସହଜ ସରଳ ରୂପ ଦେଇଥାଏ ।

ଶିଶୁମାନେ କେଉଁ କେଉଁ ପରିସ୍ଥିତିରେ ଏପରି ବ୍ୟାପ୍ତିକରଣ ପ୍ରଦର୍ଶନ କରନ୍ତି, ତହା ଲକ୍ଷ୍ୟ କଲେ ଦେଖାଯାଏ ଯେ ସାଧାରଣତଃ ଉଦ୍ଦୀପକମାନଙ୍କ ମଧ୍ୟରେ ଥିବା ବାହ୍ୟିକ ସାମଞ୍ଜସ୍ୟ ଏପରି ବ୍ୟାପ୍ତି ସମ୍ଭାବନାକୁ ବୃଦ୍ଧିକରେ । ଗୋଟିଏ କୁକୁର ପ୍ରତି ଭୟଭୀତ ହେବା ପରେ ଅନ୍ୟସବୁ କୁକୁର ବା ସମଦୃଶୀ ଜୀବ ପ୍ରତି ଭୟ ପ୍ରକାଶ କରେ । କେବଳ ଉଦ୍ଦୀପକ କ୍ଷେତ୍ରରେ ବ୍ୟାପ୍ତିକରଣ ଘଟି ନ ଥାଏ । ପ୍ରତିକ୍ରିୟା (Response) ସ୍ତରରେ ମଧ୍ୟ ବ୍ୟାପ୍ତିକରଣ ଘଟେ । ପ୍ରଥମେ ପ୍ରଥମେ ଭୟ ଦର୍ଶାଇବା ବେଳେ କେବଳ କାନ୍ଦିବା ଓ ଦୌଡ଼ି ପଳାଇଯିବା ପରି ପ୍ରତିକ୍ରିୟା ସୂଚାଇବା ସ୍ଥଳେ ଅନ୍ୟ ସମୟରେ କାନ୍ଦିବା, ମୁହଁ ଲୁଚାଇବା ଏବଂ ପାଟି କରିବା ଇତ୍ୟାଦି ଅନ୍ୟସବୁ ଭାବଭଙ୍ଗୀ ପ୍ରକାଶ ପାଏ । ମୋଟ ଉପରେ ପ୍ରତିଟି ପରିସ୍ଥିତିକୁ ଶିଶୁ ସମ୍ପୂର୍ଣ୍ଣ ନୂତନ ଓ ଅନନ୍ୟ ଭାବରେ ଗ୍ରହଣ ନ କରି ଉଦ୍ଦୀପକ ସବୁ ପ୍ରତି ନିଜର ପ୍ରତିକ୍ରିୟା ବିସ୍ତାରିତ କରେ ।

ଏପରି ବ୍ୟାପ୍ତିକରଣ କେତେକ ସ୍ଥଳରେ କାମ୍ୟ ଓ ଭାରସାମ୍ୟ ରକ୍ଷାର ସହାୟକ ହେଲେ ମଧ୍ୟ ମାତ୍ରାଧିକ ବ୍ୟାପ୍ତିକରଣ (Overgeneralization) କେତେକ ସମସ୍ୟା ସୃଷ୍ଟିକରେ । ଧରାଯାଉ ଧଳାଜାମା ପିନ୍ଧିଥିବା ଗୋଟିଏ ପିଲା ଶିଶୁଟିକୁ ଚିମୁଟି ଦେଲା । ଏପରି ସ୍ଥଳେ ଶିଶୁଟି ସାମଞ୍ଜସ୍ୟକୁ ଭିତ୍ତିକରି ଧଳାଜାମା ପିନ୍ଧିଥିବା ସବୁ ପିଲାଙ୍କ ପ୍ରତି ଭୟ ଦର୍ଶାଇପାରେ । ଏହା ଏକ ମାତ୍ରାଧିକ ବ୍ୟାପ୍ତିକରଣ । ଏ କ୍ଷେତ୍ରରେ ଶିଶୁଟି ଶିକ୍ଷାକରିବା ଉଚିତ ଯେ ତାକୁ ଚିମୁଟି ଦେଇଥିବା ପିଲାଟି ଭୟପ୍ରଦ ହେଲେ ମଧ୍ୟ ପିଲାଟି ସହିତ ଧଳାଜାମାର ସଂଯୋଗ ଆକସ୍ମିକ ଓ ସାମୟିକ । ଏଠାରେ ଶିଶୁ ବ୍ୟାପ୍ତିକରଣକୁ ସୀମିତ କରାଯାଇ ବିଭିନ୍ନତାକୁ ବିବେଚନ (Discrimination) କରିବା ପ୍ରୟୋଜନ । ଜୀବନର ବହୁ କ୍ଷେତ୍ରରେ ଏପରି ବିବେଚନା ଶିକ୍ଷା ଆବଶ୍ୟକ ।

ଶିଶୁ ବିଭିନ୍ନ ବସ୍ତୁ ଓ ଘଟଣାକୁ କିପରି ପୃଥକ୍ ପୃଥକ୍ ବୋଲି ବିଚାର କରିପାରିବ, ତାହା ଯୋଜନାବଦ୍ଧ ଭାବରେ ଶିକ୍ଷା ଦିଆଯାଇପାରିବ । ବ୍ୟାପ୍ତିକରଣ ଫଳରେ ଶିଶୁ ହୁଏତ ପ୍ରଥମେ ଏକାପରି ଦିଶୁଥିବା ପ୍ରକୃତ ଲଙ୍କେନ୍ଦୁ ଓ ଖେଳନା ଲଙ୍କେନ୍ଦୁକୁ ପାଟିରେ ପୂରାଇପାରେ । ମାତ୍ର କେତୋଟି କ୍ରମାଗତ ଅନୁଭୂତି ପରେ ଶିଶୁ ଜାଣିବ ଯେ ଖେଳନା ଲଙ୍କେନ୍ଦୁଟି ଖାଇବାର ବସ୍ତୁ ନୁହେଁ । ସେହିପରି ବୟସ୍କମାନେ ପ୍ରକୃତ ଲଙ୍କେନ୍ଦୁ ଓ ଖେଳନା ଲଙ୍କେନ୍ଦୁଟିକୁ ଶିଶୁର ଜିଭରେ ସ୍ପର୍ଶ କରାଇ ଏପରି ପାର୍ଥକ୍ୟଜନିତ ଅନୁଭୂତି ସୃଷ୍ଟି କରିପାରିବେ । ସୁତରାଂ ପାର୍ଥକ୍ୟ ଜାଣିବାର ବିବେଚନା ସୃଷ୍ଟି

Digitized by srujanika@gmail.com

କରିବାକୁ ହେଲେ ଭିନ୍ନ ଭିନ୍ନ ଉଦ୍ଦୀପକର ପୃଥକ୍ ପୃଥକ୍ ଅନୁଭୂତି ଏକ ସମୟରେ ବା ଗୋଟିଏ ପରେ ଅନ୍ୟ ଅନୁଭୂତି ସୃଷ୍ଟି କରିବାର ଶିକ୍ଷା ସୁଯୋଗର ଆଶ୍ରୟ ନିଆଯାଇପାରେ ।

ଭିନ୍ନ ଭିନ୍ନ ବସ୍ତୁ, ବ୍ୟକ୍ତି ଏବଂ ଘଟଣା ଯେ ପୃଥକ୍ ପୃଥକ୍ ପ୍ରତିକ୍ରିୟା ଆବଶ୍ୟକ କରନ୍ତି, ଏହା ଶିକ୍ଷା ଦେବା ପାଇଁ ନାମକରଣ ଖୁବ୍ ସହାୟକ ହୋଇଥାଏ । ଶିଶୁଟି କଥା କହିବାକୁ ଆରମ୍ଭ କଲା ମାତ୍ରେ ବୟସ୍କମାନେ ନାମକରଣର ସାହାଯ୍ୟ ନେଇଥାନ୍ତି । ଗୋଟିଏ ବସ୍ତୁକୁ ଜାମା ଓ ଅନ୍ୟ ବସ୍ତୁଟିକୁ ପ୍ୟାଣ୍ଟ ବୋଲି ନାମ ଦେବା ମାଧ୍ୟମରେ ଶିଶୁଟିକୁ ସ୍ପଷ୍ଟ ସଙ୍କେତ ଦିଆଯାଏ ଯେ ବସ୍ତୁ ଦୁଇଟି ଭିନ୍ନ ଏବଂ ସେ ଦୁଇଟିର ବ୍ୟବହାର ପୃଥକ୍ । ସେହିପରି ଜଣକୁ ଡଲି ଏବଂ ଅନ୍ୟ ଜଣକୁ ବାବୁ ନାମକରଣ କରିବା ଫଳରେ ଶିଶୁର ପରିବେଶରେ ଥିବା ଏହି ଦୁଇଜଣ ପିଲା(ଡଲି ଓ ବାବୁ) ପୃଥକ୍ ପୃଥକ୍ ବିବେଚିତ ହୋଇ ସେହି ଅନୁସାରେ ଶିଶୁର ପ୍ରତିକ୍ରିୟା ଲାଭ କରନ୍ତି । *ସ୍ଥୂଳତଃ ଶିଶୁ ଶିକ୍ଷା କରୁଥିବା ପରିପ୍ରେକ୍ଷୀରେ ମଧ୍ୟମ ଧରଣର ବ୍ୟାପ୍ତିକରଣ ଯେପରି ସହାୟକ ହୁଏ ସେହିପରି ବିବେଚନାମୁଖୀ ଶିକ୍ଷା ମଧ୍ୟ ଶିଶୁର ଶିକ୍ଷାକୃତ ବ୍ୟବହାରକୁ ସମନ୍ବୟଶୀଳ କରିଥାଏ ।*

ଶିଶୁର ଅବାଞ୍ଛନୀୟ ବ୍ୟବହାର ଦୂରକରିବାର କୌଶଳ

ଶିଶୁ ନିଜର ପରିବେଶରେ ଯେଉଁସବୁ ବ୍ୟବହାର ଶିକ୍ଷା କରେ ସେ ସମସ୍ତ ବ୍ୟବହାର ବାଞ୍ଛନୀୟ କିମ୍ବା ଅବାଞ୍ଛନୀୟ ନୁହେଁ । ଶିଶୁ ଅନ୍ୟ ପିଲାମାନଙ୍କ ସହିତ ଖେଳିବା, ନିଜକୁ ପରିଷ୍କାର ରଖିବା ଏବଂ ନିଜର ସ୍ମିତହସ ପ୍ରକାଶ କରିବା ପରି ସ୍ପୃହଣୀୟ ବ୍ୟବହାର ଶିକ୍ଷା କରିପାରେ । ସେହିପରି ଅନ୍ୟ ପିଲାମାନଙ୍କୁ ମାରଧର କରିବା, ଜିନିଷପତ୍ର ଭଙ୍ଗାରୁଜା କରିବା ଏବଂ ଅଯଥାରେ ଜିଦ୍ କରିବା ପରି ଅଶୋଭନୀୟ ବ୍ୟବହାର ମଧ୍ୟ ଶିକ୍ଷା କରିପାରେ । ଯେଉଁସବୁ ନୀତିକୁ ଆଶ୍ରୟ କରି ଶିଶୁ ଶିକ୍ଷାକରେ, ସେହିସବୁ ମୂଳନୀତିର ଅବଲମ୍ବନ କରି ସ୍ପୃହଣୀୟ ବ୍ୟବହାର ସବୁ ଦୃଢ଼ୀଭୂତ କରିବାକୁ ହେବ । *ଅନ୍ୟପକ୍ଷରେ କେତେକ ବ୍ୟବହାରିକ କୌଶଳର ପ୍ରୟୋଗ କରି ଅବାଞ୍ଛନୀୟ ବ୍ୟବହାର ସବୁ ନିର୍ମୂଳ କରିବାକୁ ହେବ ।*

ଅସ୍ପୃହଣୀୟ ବ୍ୟବହାରକୁ ଦୁର୍ବଳ ଓ ଲୋପ କରିବା ପାଇଁ ସାଧାରଣତଃ ଦୁଇଟି କୌଶଳର ପ୍ରୟୋଗ କରାଯାଏ । ପ୍ରଥମ କୌଶଳଟି ଅପସାରଣ ପଦ୍ଧତି, ପୂର୍ବରୁ ଆଲୋଚନା କରାଯାଇଛି ଯେ, ପୁରସ୍କାର ବା ପ୍ରୋତ୍ସାହନ (Reinforcement) ବ୍ୟବହାରକୁ ବଳବତ୍ତର କରେ । ଗୋଟିଏ ପିଲା ଜିଦ୍ ଧରି କାନ୍ଦିଲା ପରେ ତା'ର ମା କିମ୍ବା ଅନ୍ୟ ପ୍ରିୟଜନ ଶିଶୁଟିକୁ ଅଧିକ ଯତ୍ନ କରୁଥିଲେ ଯତ୍ନ ଲାଭ ଏବଂ ଆକର୍ଷଣ ଲାଭର ଆଶାରେ ଶିଶୁଟି ଅଧିକରୁ ଅଧିକ ଜିଦ୍‌ଖୋର ହୁଏ । ଏ କ୍ଷେତ୍ରରେ ଶିଶୁଟିର ଅବାଞ୍ଛିତ ବ୍ୟବହାରକୁ ଦୂର କରିବାର ଉପାୟ ହେଉଛି ଶିଶୁଠାରୁ ପ୍ରୋତ୍ସାହନଟି ଦୂରେଇ ନେବା । ଶିଶୁଟି କାନ୍ଦିଲେ ମଧ୍ୟ ଏହା ଯଥାଯଥ ହୋଇ ନ ଥିଲେ ସେଥିପ୍ରତି ଉଦାସୀନ ରହିଲେ ଶିଶୁର ଏପରି ଦୁର୍ଗୁଣ ଧୀରେ ଧୀରେ କମିବ ଏବଂ ଅବାଞ୍ଛିତ ବ୍ୟବହାର ଲୋପପାଇବ ।

Digitized by srujanika@gmail.com

ପ୍ରୋତ୍ସାହନ ଅପସାରଣ କଲାପରେ ଶିଶୁର ଅସ୍ପୃହଣୀୟ ବ୍ୟବହାର କେତେ ଶୀଘ୍ର ଦୂରୀଭୂତ ହେବ, ତାହା ନିର୍ଭର କରେ ଶିଶୁର ବିଗତ ଅନୁଭୂତି ଉପରେ । ମନେ କରାଯାଉ ପୂର୍ବେ ଶିଶୁଟି ପ୍ରତିଥର କାନ୍ଦିଲା ମାତ୍ରେ ତାକୁ ପ୍ରୋତ୍ସାହିତ କରାଯାଉଥିଲା । ପୂର୍ବେ ଏପରି ନିରବଚ୍ଛିନ୍ନ ଭାବରେ ପ୍ରୋତ୍ସାହିତ କରାଯାଉଥିଲେ ପ୍ରୋତ୍ସାହନର ଅପସାରଣ ହେବାର ଅଳ୍ପଦିନ ମଧ୍ୟରେ ଅବାଞ୍ଛନୀୟ ବ୍ୟବହାର ଲୋପ ପାଇବ । କିନ୍ତୁ ଧରାଯାଉ ପୂର୍ବେ ଶିଶୁଟିକୁ ମଝିରେ ମଝିରେ ପ୍ରୋତ୍ସାହନ ମିଳୁଥିଲା । ଏପରି ସ୍ଥଳେ ପ୍ରୋତ୍ସାହନ ଅପସାରଣ ହେବାର ବେଶ୍ କିଛିଦିନ ପରେ ଅସ୍ପୃହଣୀୟ ବ୍ୟବହାର ଲୋପପାଇବ । ସାଧାରଣ ଦୃଷ୍ଟିରେ ଏପରି କଥାଟି କିଛିମାତ୍ରାରେ ଅସଙ୍ଗତ ମନେ ହେଲେ ମଧ୍ୟ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷାରେ ଏପରି ପ୍ରମାଣ ମିଳିଛି ।

ଅଶୋଭନୀୟ ବ୍ୟବହାର ନିର୍ମୂଳକରଣର ଦ୍ୱିତୀୟ କୌଶଳଟି ହେଉଛି ଶାସ୍ତିବିଧାନର ପଦ୍ଧତି । ଏ ପଦ୍ଧତି ଅପେକ୍ଷାକୃତ ଜଟିଳ, ତଥାପି ଏହାକୁ ପୂର୍ଣ୍ଣମାତ୍ରାରେ ଉପେକ୍ଷା କରାଯାଇ ପାରିବ ନାହିଁ । ଅବଶ୍ୟ ଏହା ସତ୍ୟ ଯେ, ଶାସ୍ତିବିଧାନ (Punishment) ପଦ୍ଧତିରେ ଅଶୋଭନୀୟ ବ୍ୟବହାର ଦୂରକଲାବେଳେ ଅନ୍ୟକେତେକ ସମସ୍ୟା ଉପୁଜିଥାଏ, ଅଥଚ ପ୍ରୋତ୍ସାହନର ଅପସାରଣ ବା ପ୍ରତ୍ୟାହାର (Withdrawal of reward) ମାଧ୍ୟମରେ ଅବାଞ୍ଛନୀୟ ବ୍ୟବହାର ଦୂର କଲାବେଳେ ସେପରି ସମସ୍ୟା ଉପୁଜୁ ନ ଥିବାରୁ ଏହି ପ୍ରତ୍ୟାହାର କୌଶଳଟି ଅଧିକ ଉପଯୋଗୀ ହୋଇଥାଏ ।

ଶିଶୁମାନଙ୍କର ଅବାଞ୍ଛିତ ବ୍ୟବହାର ଲୋପକରି ବାଞ୍ଛନୀୟ ବ୍ୟବହାର ଦୃଢ଼ କରିବାରେ ଶାସ୍ତିବିଧାନର ସାହାଯ୍ୟ ନିଆଯାଏ । ଶାସ୍ତିବିଧାନ କଲାବେଳେ କେତେକ ନୈତିକ ଓ ବ୍ୟବହାରିକ ପ୍ରଶ୍ନ ଉତ୍‌ଥାପିତ ହୁଏ । ମନୋବିଜ୍ଞାନୀମାନେ ଶାସ୍ତିବିଧାନ ପଦ୍ଧତିର ବିରୋଧ କରନ୍ତି ବୋଲି ବେଳେ ବେଳେ କୁହାଯାଏ । ଏସବୁ ସତ୍ତ୍ୱେ ସାମୟିକ ଭାବରେ ଶାସ୍ତିବିଧାନର କୌଶଳ ପ୍ରୟୋଗ କରିବାକୁ ହେବ । ବିଶେଷତଃ ପ୍ରୋତ୍ସାହନ ଅପସାରଣ ପଦ୍ଧତି ସକ୍ରିୟଭାବରେ କାର୍ଯ୍ୟ ନ କଲେ ଅବାଞ୍ଛନୀୟ ବ୍ୟବହାରର ନିୟନ୍ତ୍ରଣ ପାଇଁ ଶାସ୍ତିର ପ୍ରୟୋଗ କରିବାକୁ ହେବ ।

ଅବଶ୍ୟ ଶାସ୍ତି ପ୍ରୟୋଗ କୌଶଳର ବ୍ୟବହାର ପୂର୍ବରୁ ପ୍ରୋତ୍ସାହନ ଅପସାରଣ ପ୍ରକ୍ରିୟାର ଯଥାଯଥ ସାହାଯ୍ୟ ନିଆଯିବା ଉଚିତ । ଏହା ସଫଳ ନ ହେଲେ ଆଉଗୋଟିଏ କୌଶଳର ସାହାଯ୍ୟ ନିଆଯାଇ ପାରେ । ତାହା ହେଉଛି ଅଶୋଭନୀୟ ବ୍ୟବହାରର ବିପରୀତଧର୍ମୀ ଶୋଭନୀୟ ବ୍ୟବହାରର ପ୍ରୋତ୍ସାହନ ଓ ପୁନର୍ବଳନ, ଧରାଯାଉ ଗୋଟିଏ ବିଦ୍ୟାଳୟରେ ପିଲାମାନଙ୍କର ହିଂସ୍ର ଆଚରଣ ପରିବର୍ତ୍ତନ କରାଯାଇ ନମ୍ର ଓ ସହଯୋଗୀ ମନୋଭାବର ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରହିଛି । ଏ କ୍ଷେତ୍ରରେ ହିଂସ୍ର ଆଚରଣ ଦର୍ଶାଉଥିବା ପିଲାମାନଙ୍କୁ ପ୍ରଥମେ ଶାସ୍ତି ଦିଆ ନ ଯାଇ ଯଥାସମ୍ଭବ ସଂଯମ ରକ୍ଷା କରାଯାଇପାରେ । କେବଳ ପିଲାମାନେ ହିଂସ୍ର ହୋଇ ପରସ୍ପରକୁ ମାରଧର କଲାବେଳେ ସେମାନଙ୍କୁ ଅଲଗା କରାଯିବ । କିନ୍ତୁ ଗୁରୁତ୍ୱ ଦିଆଯିବ ନମ୍ର, ଭଦ୍ର ଓ ସହଯୋଗସମ୍ପନ୍ନ ମନୋବୃତ୍ତି ଦର୍ଶାଉଥିବା ପିଲାମାନଙ୍କର ପ୍ରଶଂସାଉପରେ । ହିଂସ୍ର ଆଚରଣ ଦର୍ଶାଉଥିବା ପିଲାମାନେ ଅପେକ୍ଷାକୃତ ଶାନ୍ତ ଥିବା ବେଳେ ସେମାନଙ୍କୁ ପ୍ରଶଂସା କରାଯାଇ ସେମାନଙ୍କର ଶାନ୍ତସ୍ୱଭାବକୁ ପ୍ରୋତ୍ସାହିତ କରିବାକୁ ହେବ ।

Digitized by srujanika@gmail.com

ମୋଟ ଉପରେ ହିଂସ୍ର ଆଚରଣ ଭଳି ଅଶୋଭନୀୟ ବ୍ୟବହାର ସ୍ଥାନରେ ସହଯୋଗର ସ୍ପୃହଣୀୟ ବ୍ୟବହାରର ପୁନଃ ରୋପଣ କରିବାକୁ ହେବ । ଏପରି କୌଶଳ କାର୍ଯ୍ୟକାରୀ ହେଲେ ଶାସ୍ତିବିଧାନ ପରି ଅପ୍ରୀତିକର ପଦ୍ଧତିକୁ ଏଡ଼ାଇ ଦିଆଯାଇପାରେ । ତଥାପି ସବୁସ୍ଥଳରେ ଶାସ୍ତିବିଧାନର ଆବଶ୍ୟକତାକୁ ଏଡ଼ାଇଯିବା ସମ୍ଭବ ନୁହେଁ । ବିଶେଷତଃ ଶିଶୁର ବ୍ୟବହାର ଖୁବ୍ ଜଟିଳ ହୋଇଥିଲେ ଏବଂ ଶିଶୁ କୌଣସି ପଦ୍ଧତି ଦ୍ୱାରା ପରିବର୍ତ୍ତନୀୟ ମନେ ନ ହେଲେ ଶାସ୍ତିର ଉପଯୋଗ କରିବାକୁ ହେବ । ଉଦାହରଣ ସ୍ୱରୂପ ଅତିମାତ୍ରାରେ ହିଂସ୍ରସ୍ୱଭାବ ଦର୍ଶାଇ ନିଜର ମୁଣ୍ଡକୁ ପିଟି ଚାଲିଥିବା କିମ୍ବା ନିଜ ଶରୀରରେ କ୍ଷତ ସୃଷ୍ଟି କରୁଥିବା ପରି ଅବାଞ୍ଛନୀୟ ବ୍ୟବହାରର ଦୂରୀକରଣ ପାଇଁ ଶାସ୍ତିପ୍ରୟୋଗ ଆବଶ୍ୟକ । *ଅବଶ୍ୟ ଶାସ୍ତିପ୍ରୟୋଗର ସଫଳତା କେତୋଟି ନିର୍ଦ୍ଦିଷ୍ଟ ଉପାଦାନ ଉପରେ ନିର୍ଭର କରେ ।*

ଅବାଞ୍ଛନୀୟ ବ୍ୟବହାର ଓ ଶାସ୍ତିବିଧାନ

ଶିଶୁର ଅବାଞ୍ଛନୀୟ ବ୍ୟବହାର ପରିବର୍ତ୍ତନ ଘଟାଇ ବାଞ୍ଛନୀୟ ବ୍ୟବହାର ରୋପଣ କଲାବେଳେ ଅପେକ୍ଷାକୃତ ସରଳ କୌଶଳ କାର୍ଯ୍ୟକାରୀ ନ ହେଲେ ଶାସ୍ତିବିଧାନ ପରି ଜଟିଳ ପ୍ରକ୍ରିୟାର ସାହାଯ୍ୟ ନେବାକୁ ହୁଏ । ଏହା ସତ୍ୟ ଯେ ଶାସ୍ତିବିଧାନର କୌଶଳ ପ୍ରୟୋଗ କଲାବେଳେ କେତୋଟି ସମସ୍ୟା ସୃଷ୍ଟି ହୋଇଥାଏ । ପ୍ରଥମତଃ ଅଶୋଭନୀୟ ବ୍ୟବହାର ପାଇଁ ଶିଶୁକୁ ଶାସ୍ତିଦେଲେ ବେଳେ ବେଳେ ଶିଶୁ ନିୟନ୍ତ୍ରଣ ମନୋଭାବ ନ ଦର୍ଶାଇ ବରଂ ପ୍ରତିହିଂସାମୂଳକ ମନୋଭାବ ଦର୍ଶାଏ । ହିଂସ୍ର ବ୍ୟବହାରର ନିୟନ୍ତ୍ରଣ ପାଇଁ ଶାସ୍ତିବିଧାନ କରାଯାଉଥିଲେ ଶିଶୁ ଅଧିକରୁ ଅଧିକ ହିଂସ୍ର ହୁଏ ।

ଦ୍ୱିତୀୟତଃ ଶାସ୍ତିବିଧାନର ପରେ ପରେ ଶାସ୍ତି ଦେଉଥିବା ବୟସ୍କ ବ୍ୟକ୍ତି ପ୍ରୋତ୍ସାହନ ଯୋଗାଇଲେ ଶିଶୁ ଶାସ୍ତି ଉପରେ ଗୁରୁତ୍ୱ ନ ଦେଇ ପରବର୍ତ୍ତୀ ପ୍ରୋତ୍ସାହନ ଲାଭ ଆଶାରେ ବେଶି ଅଶୋଭନୀୟ ବ୍ୟବହାର ଦର୍ଶାଏ । ଉଦାହରଣ ସ୍ୱରୂପ କୁହାଯାଇ ପାରେ ଯେ, କେତେକ ମା' ଶିଶୁର ଅବାଞ୍ଛିତ ବ୍ୟବହାର ପାଇଁ ସେମାନଙ୍କୁ ଶାସ୍ତି ଦିଅନ୍ତି । ଅଥଚ ଠିକ୍ ଶାସ୍ତିଦେବାର ପରେ ପରେ ସେମାନଙ୍କୁ ଗେହ୍ଲା କରନ୍ତି । ଏପରି କ୍ଷେତ୍ରରେ କେତେକ ଶିଶୁ ଶାସ୍ତିର ଭୂମିକା ପ୍ରତି ଗୁରୁତ୍ୱ ନ ଦେଇ ପରବର୍ତ୍ତୀ ଗେହ୍ଲା, ଆଦର ଲାଭର ଆଶାରେ ଅଧିକରୁ ଅଧିକ ଦୁଷ୍ଟାମୀ ଦେଖାନ୍ତି । ତୃତୀୟତଃ ଶାସ୍ତିବିଧାନ ଫଳରେ କେତେକ ପିଲା ପରବର୍ତ୍ତିତ ହେଲେ ମଧ୍ୟ ସେମାନେ ଶାସ୍ତି ପ୍ରଦାନକାରୀକୁ ଘୃଣା କରନ୍ତି କିମ୍ବା ସେମାନଙ୍କଠାରୁ ଦୂରେଇ ରହନ୍ତି । ଏପରି ବ୍ୟବହାର ମଧ୍ୟ କାମ୍ୟ ନୁହେଁ ।

ମୋଟ୍ ଉପରେ ଜଟିଳତା ଥିବା ଦୃଷ୍ଟିରୁ ଶାସ୍ତିବିଧାନକୁ ପ୍ରଥମେ ପ୍ରୟୋଗ ନ କଲେ ମଧ୍ୟ ସ୍ଥଳ ବିଶେଷରେ ଏହା ଅପରିହାର୍ଯ୍ୟ ହୋଇପଡ଼େ । ସୁତରାଂ ଏପରିସ୍ଥଳେ ପ୍ରଶ୍ନ ଉଠିବ କେଉଁ କେଉଁ ଉପାଦାନ ଶାସ୍ତିବିଧାନର ସଫଳତାକୁ ବୃଦ୍ଧି କରେ ଏହାର କୁପରିଣତିକୁ ହ୍ରାସ କରିବ ?

ଶାସ୍ତିବିଧାନ କ୍ଷେତ୍ରରେ ପ୍ରଥମ ଉପାଦାନଟି ହେଉଛି ସମୟ । ଅଶୋଭନୀୟ ବ୍ୟବହାରର ପରିପ୍ରକାଶ ଓ ଶାସ୍ତିବିଧାନ ମଧ୍ୟରେ ସମୟର ବ୍ୟବଧାନ ଯେତେ ବେଶି

Digitized by srujanika@gmail.com

ସୂତ୍ର ଭଣ୍ଡାର-୭

୧. ଶିକ୍ଷାକୃତ ବ୍ୟବହାର ଗଠନ ପାଇଁ କିଛିଟା ପରିପକ୍ୱ ବୟସ ଆବଶ୍ୟକ । ଏ ଦୃଷ୍ଟିରୁ ତରବରିଆ ଭାବରେ ଶିଶୁ ଉପରେ ନୂଆ ନୂଆ କୌଶଳର ଶିକ୍ଷା ଲଦି ଦିଅନ୍ତୁ ନାହିଁ ।

୨. ଶିଶୁର ପରିବେଶରେ ଉଦ୍ଦୀପକ ସବୁର ବାରମ୍ବାର ପୁନରାବୃତ୍ତି ଘଟୁଥିଲେ ଶିଶୁ ସ୍ୱଭାବତଃ ଧୀରେ ଧୀରେ ସେ ସବୁ ପ୍ରତି ପ୍ରତିକ୍ରିୟା କମାଇଥାଏ । ଏପରି ଅଭ୍ୟସନ (Habituation) ଏକ ସରଳତମ ଶିକ୍ଷା । ଶିଶୁର ଏପରି କାର୍ଯ୍ୟକଳାପ ପ୍ରତି ସଚେତନ ରୁହନ୍ତୁ ଏବଂ ଏହାକୁ ଏକ ସ୍ୱାଭାବିକ ଅଭିବୃଦ୍ଧିର ସୂଚକ ରୂପେ ଗ୍ରହଣ କରନ୍ତୁ ।

୩. ସଂଯୋଗର ନିୟମ ଫଳରେ ଅସଂପର୍କିତ ବସ୍ତୁ ବା ଘଟଣା ମଧ୍ୟ ପ୍ରତିକ୍ରିୟା ସୃଷ୍ଟି କରେ । ଉଦାହରଣ ସ୍ୱରୂପ, ଶିଶୁଟି ପ୍ରଥମରୁ ଡାକ୍ତରଙ୍କୁ ଭୟ କରୁ ନ ଥିଲେ ମଧ୍ୟ ଭୟ ସୃଷ୍ଟି କରୁଥିବା ଇଂଜେକ୍ସନ ସହିତ ଡାକ୍ତରଙ୍କ ସଂଯୋଗ ଯୋଗୁ ପରେ ଡାକ୍ତରଙ୍କୁ ମଧ୍ୟ ଭୟ କରେ । ସଂଯୋଗର ଏହି ନିୟମଟିକୁ ବୁଝନ୍ତୁ ଏବଂ ଏହାକୁ ବ୍ୟବହାର କରି ଶିଶୁର କେତେକ ବ୍ୟବହାର ଗଠନ କରିପାରିବେ ଏବଂ ଅନ୍ୟ କେତେକ ବ୍ୟବହାର ଅପସାରଣ କରି ପାରିବେ ।

୪. ଅବାଞ୍ଛିତ ବ୍ୟବହାର ଅପସାରଣ କରିବା ସମୟରେ ମୂଳ ସଂଯୋଗଟିକୁ ଭାଙ୍ଗି ଦିଅନ୍ତୁ । ଉଦାହରଣ ସ୍ୱରୂପ, ଭୟପ୍ରଦ ଶବ୍ଦ ଓ ବିରାଡ଼ିଟିର ସଂଯୋଗ ଫଳରେ ପୂର୍ବରୁ ଭୟ ସୃଷ୍ଟି ହୋଇଥିଲେ ଆପଣ ନିଜେ ଉପସ୍ଥିତ ରହି ଶିଶୁଟିକୁ ବିରାଡ଼ିର ଅନୁଭୂତି ଦିଅନ୍ତୁ ଶିଶୁ ବାରମ୍ବାର ଅନୁଭବ କରୁ ଯେ ବିରାଡ଼ି ସହିତ ଶବ୍ଦର କୌଣସି ସଂପର୍କ ନାହିଁ । ଅନୁଭୂତିର ଏପରି ପୁନରାବୃତ୍ତି ଶିଶୁ ମନରୁ ଭୟ ଦୂର କରିବ ।

୫. ବ୍ୟବହାରର ପରିଣତି ବା ଫଳାଫଳ କ'ଣ ହେଉଛି, ତାହା ଉପରେ ନିର୍ଭର କରି ବହୁ ବ୍ୟବହାର ଗଠିତ ହୁଏ । ବ୍ୟବହାରର ପରିଣତି ପ୍ରୀତିପ୍ରଦ ହେଲେ ବ୍ୟବହାରଟି ପ୍ରଦର୍ଶନ କରିବାର ଇଚ୍ଛା ବଢ଼େ । ଅନ୍ୟପକ୍ଷରେ ବ୍ୟବହାରର

Digitized by srujanika@gmail.com

ଫଳାଫଳ ସୁଖକର ନ ହେଲେ ବ୍ୟବହାର ପୁନରାବୃତ୍ତିର ଇଚ୍ଛା କମିଯାଏ । ପରିଣତିର ଏହି ଶକ୍ତିଶାଳୀ ନିୟମଟିକୁ ବୁଝି ଶିଶୁର ଭଲ ବ୍ୟବହାରଟିର ପରେ ପରେ ତାକୁ ସୁଖକର ଅନୁଭୂତି ଦିଅନ୍ତୁ ।

୬. ବ୍ୟବହାରଟି ବାଂଛନୀୟ ହୋଇ ନ ଥିଲେ ପ୍ରୋତ୍ସାହନ ଦିଅନ୍ତୁ ନାହିଁ । ଖରାପ ବ୍ୟବହାର ପରେ ପରେ ଶିଶୁଟିକୁ କେତେକ ସୁବିଧା ସୁଯୋଗରୁ ବଂଚିତ କଲେ ଏପରି ଅବାଂଛନୀୟ ବ୍ୟବହାରର ପୁନରାବୃତ୍ତି କମିଯିବ ।

୭. ଶିଶୁ ଅନୁକରଣ ପ୍ରିୟ । ଶିଶୁ ଯେଉଁ ବ୍ୟକ୍ତି ପ୍ରତି ଅନୁରକ୍ତ ତାହାଙ୍କ ଭାଷା ଓ ହାବଭାବ ଅନୁକରଣ କରେ । ଏହି କ୍ରମରେ ପିତାମାତା ଶିଶୁର ଅନୁକରଣ ପରିସର ମଧ୍ୟକୁ ପ୍ରଥମେ ଆସିଥାଆନ୍ତି । ଏ ଦୃଷ୍ଟିରୁ ଶିଶୁ ଅନୁକରଣ କରି ଯେପରି ସ୍ପୃହଣୀୟ ବ୍ୟବହାର ଦର୍ଶାଇବ ସେହିପରି ନିଜେ ସ୍ପୃହଣୀୟ ବ୍ୟବହାର ଦର୍ଶାନ୍ତୁ ।

୮. ଅଳ୍ପ ବୟସରେ ଶିଶୁ କୃତ୍ରିମ ବା ଟେଲିଭିଜନ୍ ପ୍ରଦର୍ଶିତ ବ୍ୟକ୍ତି ବିଶେଷଙ୍କ ହାବଭାବ ପରିବର୍ତ୍ତେ ତାର ପରିପାର୍ଶ୍ୱରେ ଥିବା ବ୍ୟକ୍ତି ବିଶେଷଙ୍କ ହାବଭାବକୁ ଅଧିକ ଅନୁସରଣ କରେ । ଏ ଦୃଷ୍ଟିରେ ଶିଶୁର ପରିପାର୍ଶ୍ୱରେ ଉପଯୁକ୍ତ ନମୁନା ସବୁ (Role models) ର ସମ୍ଭାବନା ବୃଦ୍ଧି କରନ୍ତୁ ।

୯. ଶିଶୁଟିକୁ ଶିକ୍ଷା ଦେବା ସମୟରେ କେତେଗୁଡ଼ିଏ ବସ୍ତୁ ସମପର୍ଯ୍ୟାୟ ଭୁକ୍ତ ବୋଲି ଜଣାଇବା ଉଚିତ୍ । ସେହିପରି ବସ୍ତୁ ଗୁଡିକର ବିଭିନ୍ନତା ମଧ୍ୟ ସୂଚାଇବା ଆବଶ୍ୟକ । ନାମକରଣ ମାଧ୍ୟମରେ ଏହା ଅନେକ ସମୟରେ ସମ୍ଭବ ହୁଏ ।

୧୦. ଶିଶୁର ଅବାଂଛନୀୟ ବ୍ୟବହାର ଦୂର କରିବା ପାଇଁ ଶାସ୍ତିବିଧାନ ପରିବର୍ତ୍ତେ ପ୍ରଥମେ ପ୍ରୋତ୍ସାହନର ଅପସାରଣ ନୀତି ଅବଲମ୍ବନ କରାଯିବା ଉଚିତ୍ । ଶିଶୁଟି ଅବାଂଛନୀୟ ବ୍ୟବହାର ଦର୍ଶାଇଲେ ତାକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ । ଏବଂ କେତେକ ସୁବିଧା ସୁଯୋଗ କାଢ଼ି ନିଅନ୍ତୁ ।

୧୧. ପ୍ରୋତ୍ସାହନ ଅପସାରଣ ନୀତିଟି କାର୍ଯ୍ୟକାରୀ ନ ହେଲେ ଏବଂ ଅବାଂଛିତ ବ୍ୟବହାରର ମାତ୍ରା ଅଧିକ ହୋଇଥିଲେ ଶାସ୍ତିବିଧାନ ଆବଶ୍ୟକ ହୋଇପାରେ । ଏ କ୍ଷେତ୍ରରେ କେତେକ ସତର୍କତାର ଅବଲମ୍ବନ କରନ୍ତୁ ।

Digitized by srujanika@gmail.com

ବୃଦ୍ଧିପାଇବ, ଶାସ୍ତିବିଧାନର ସଫଳତା ସେତିକି ହ୍ରାସ ପାଇବ । ଦୈନନ୍ଦିନ ଜୀବନର କର୍ମବହୁଳତା ମଧ୍ୟରେ ବାପା ମା' ପିଲାଟିର ଅଶୋଭନୀୟ ବ୍ୟବହାର ଦେଖି ମଧ୍ୟ ନିଜର କର୍ମବ୍ୟସ୍ତତା ଫଳରେ ସେ ସମୟରେ ନୀରବ ହୁଅନ୍ତି । ପରେ ସେ କଥାକୁ ମନେପକାଇ ପିଲାକୁ ଶାସ୍ତି ଦିଅନ୍ତି । ଏ କ୍ଷେତ୍ରରେ କମ୍ ସୁଫଳ ମିଳେ । ଶାସ୍ତିବିଧାନରେ ବିଳମ୍ବ ଘଟିବା ସହିତ ଆଶା କରାଯାଉଥିବା ସୁଫଳ ମଧ୍ୟ କମିଯାଏ ।

ଶାସ୍ତିବିଧାନର ଦ୍ୱିତୀୟ ଉପାଦାନଟି ହେଉଛି ଶାସ୍ତିର ତୀବ୍ରତା ବା ପରିମାଣ । କେତେ ପରିମାଣର ଶାସ୍ତି ଉପଯୁକ୍ତ କାର୍ଯ୍ୟ କରିବ ତାହା ନିର୍ଭର କରେ ଶାସ୍ତିଦେଉଥିବା ବ୍ୟକ୍ତିଙ୍କ ଉପରେ, ପୂର୍ବରୁ ଏହି ବ୍ୟକ୍ତି ଅନେକ ସମୟରେ ଏବଂ ସମଧିକ ପରିମାଣରେ ପିଲାକୁ ଶାସ୍ତି ଦେଉଥିଲେ ତାଙ୍କର ଅଳ୍ପ ପରିମାଣର ଶାସ୍ତି କାମ କରିବ ନାହିଁ । ଅଥଚ ପିଲାକୁ ଶାସ୍ତି ଦେଉ ନ ଥିବା କିମ୍ବା ସ୍ନେହ କରୁଥିବା ବ୍ୟକ୍ତିର ଅଳ୍ପ ପରିମାଣର ଶାସ୍ତି ମଧ୍ୟ ସଫଳ ହେବ ।

ସେହିପରି ଶିଶୁ ସହିତ ଶାସ୍ତିବିଧାନକାରୀ ବ୍ୟକ୍ତିର ସମ୍ପର୍କ ଏକ ବିଶିଷ୍ଟ ଉପାଦାନ, ପୂର୍ବରୁ ଏହି ବ୍ୟକ୍ତିଙ୍କ ସହିତ ଶିଶୁର ସ୍ନେହ ସୁସମ୍ପର୍କ ରହିଥିଲେ ଏପରି ବ୍ୟକ୍ତି ଅଧିକ ପରିମାଣର ଶାସ୍ତି ଦେବାର କୌଣସି ଆବଶ୍ୟକତା ନାହିଁ । ତାଙ୍କର ସାମାନ୍ୟତମ ଶାସ୍ତିବିଧାନ ମଧ୍ୟ କାର୍ଯ୍ୟକାରୀ ହେବ । ଅନ୍ୟପକ୍ଷରେ ଉଦାସୀନ ଓ ଶିଶୁ ସହିତ ଅପ୍ରୀତିକର ସମ୍ପର୍କ ଥିବା ବ୍ୟକ୍ତି କେବଳ ମାତ୍ରାଧିକ ଶାସ୍ତିପ୍ରଦାନ କରି କିଛିଟା ପ୍ରଭାବ ସୃଷ୍ଟି କରିପାରିବେ ।

ଶାସ୍ତିବିଧାନର ଉଦ୍ଦେଶ୍ୟକୁ ଫଳବତୀ କରିବାର ଚତୁର୍ଥ ଉପାଦାନଟି ହେଉଛି ଶାସ୍ତିବିଧାନରେ ସ୍ଥିରତା । ଶିଶୁର ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟବହାରକୁ ଏକ ସମୟରେ ଅଶୋଭନୀୟ ମନେ ନ କରିବା ଏବଂ ଅନ୍ୟ ଏକ ସମୟରେ ଅଶୋଭନୀୟ ବିଚାରକରି ଶାସ୍ତିବିଧାନ କରିବାର ପରିଣତି ଭଲ ହୋଇ ନଥାଏ । ସେହିପରି ଶିଶୁର ମା' ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟବହାରକୁ ଶୋଭନୀୟ ବିଚାର କରି ପ୍ରୋତ୍ସାହନ ଦେବାବେଳେ ଶିଶୁର ପିତା ସେପରି ବ୍ୟବହାରକୁ ଅଶୋଭନୀୟ ବିବେଚନା କରି ଦଣ୍ଡବିଧାନ କରିବା ସ୍ଥିରତାର ଅଭାବ । ଏପରି ସ୍ଥିରତାର ଅଭାବ ଦଣ୍ଡବିଧାନର କାର୍ଯ୍ୟକାରିତାକୁ ହ୍ରାସ କରେ ।

ଦଣ୍ଡବିଧାନର ଲକ୍ଷ୍ୟ ପୂରଣ ପାଇଁ ଶିଶୁକୁ କିଛି କାରଣ ଦର୍ଶାଇବାକୁ ହେବ । ଅବଶ୍ୟ ଏପରି କାରଣ ଦର୍ଶାଇବାବେଳେ ଶିଶୁର ବୟସ ଓ ବିକାଶର ସ୍ତର ଦେଖିବାକୁ ହେବ । ଶିଶୁର ବୟସ ତିନିବର୍ଷ ହୋଇଥିଲେ ତାକୁ ବିମୂର୍ତ୍ତ କାରଣ ନ ଦେଇ ସ୍ପଷ୍ଟ ଓ ପାର୍ଥକ୍ୟ କାରଣ ଦର୍ଶାଇବାକୁ ହେବ । ଉଦାହରଣ ସ୍ୱରୂପ ଏପରି ଶିଶୁକୁ କୁହାଯାଇପାରେ ଯେ– "କାଚ ଜିନିଷଟି ତଳେ ପଡ଼ି ଭାଙ୍ଗିଯିବ । ତେଣୁ ଏହାକୁ ଏପଟ ସେପଟ କର ନାହିଁ ।" ଅପେକ୍ଷାକୃତ ଅଧିକ ବୟସ ବା ପାଞ୍ଚ ବର୍ଷ ବୟସର ଶିଶୁକୁ ବିମୂର୍ତ୍ତ କରଣ କୁହାଯାଇ ପାରେ– "ଏ ଜିନିଷଟି ଅନ୍ୟଲୋକର ତେଣୁ ଏପଟ ସେପଟ କର ନାହିଁ ।" ମୂଳତଃ ଶାସ୍ତିବିଧାନ କଲାବେଳେ ଶିଶୁଟି ପାଖରେ କାରଣ ନିର୍ଦ୍ଦେଶ କଲେ ଦଣ୍ଡବିଧାନର ଲକ୍ଷ୍ୟ ଅଧିକ ଫଳବତୀ ହୁଏ । ଅବାଞ୍ଛନୀୟ ବ୍ୟବହାର ପରିବର୍ତ୍ତନ ପାଇଁ ଅନ୍ୟସବୁ କୌଶଳ ପ୍ରଭାବହୀନ ମନେହେଲେ ଦଣ୍ଡବିଧାନର ଆଶ୍ରୟ ନେବାକୁ ହେବ । ଏ କ୍ଷେତ୍ରରେ ଆଲୋଚିତ ସତର୍କତା ସହାୟକ ହେବ ।

■

Digitized by srujanika@gmail.com

ଶିଶୁର ବୁଦ୍ଧି

ଶିଶୁର ଶିକ୍ଷା ସହିତ ସ୍ମରଣ ଶକ୍ତି ଗଭୀର ଭାବେ ଜଡ଼ିତ । ସ୍ମରଣ ରଖିବାର ସାମର୍ଥ୍ୟ ବିନା ପ୍ରତିଟି ପରିସ୍ଥିତି ଶିଶୁ ପାଇଁ ନୂତନ ମନେହେବ ଏବଂ ଶିଖିବାରେ ଅସୁବିଧା ହେବ । *ମନୋବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଯେ ଜନ୍ମର ପୂର୍ବରୁ ଏବଂ ଜନ୍ମର ପରେ ପରେ ଶିଶୁର ସ୍ମୃତିଶକ୍ତି ବେଶ୍ ସକ୍ରିୟ ଥାଏ ।* ଦୁଇଟି ପରୀକ୍ଷାର ବର୍ଣ୍ଣନା ଦେଇ ଏହାକୁ ପ୍ରାମାଣିକ ରୂପ ଦିଆଯାଇପାରେ ।

କେତେ ଅଳ୍ପ ବୟସରୁ ଶିଶୁ ସ୍ମରଣ ରଖେ ?

ଗୋଟିଏ ପରୀକ୍ଷାରେ ସନ୍ତାନସମ୍ଭବା ରମଣୀମାନଙ୍କୁ ଶିଶୁଜନ୍ମର ପ୍ରାୟ ଛ'ସପ୍ତାହ ପୂର୍ବରୁ କିଛି ଆବୃତ୍ତି କରିବା ଭଳି ଗଳ୍ପ ଦିଆଗଲା । ପ୍ରତିଦିନ ଏକାଧିକ ବାର ଆବୃତ୍ତି କରିବା ପାଇଁ ପ୍ରତି ଜନନୀକୁ ପରାମର୍ଶ ଦିଆଗଲା । ଶିଶୁ ଜନ୍ମ ପର୍ଯ୍ୟନ୍ତ ପ୍ରତ୍ୟେକ ମହିଳା ହାରାହାରି ୬୭ଥର ଏହା ଆବୃତ୍ତି କରିଥିଲେ ।

ଶିଶୁଜନ୍ମର ତୃତୀୟ ଦିନରେ ଜନନୀ ଦ୍ଵାରା ପୂର୍ବର ଆବୃତ୍ତି କରାଯାଇଥିବା ଏହି ଗଳ୍ପକୁ ଗୋଟିଏ ଟେପ ରେକର୍ଡ଼ର ସାହାଯ୍ୟରେ ପରିବେଷଣ କରାଗଲା । ଶିଶୁ ମାତୃସ୍ତନ୍ୟପାନ କରିବା ସମୟରେ ଏହା ପରିବେଷଣ କରାଗଲା । ଲକ୍ଷ୍ୟ କରାଗଲା ଯେ ଶିଶୁମାନେ ଦ୍ରୁତଗତିରେ ସ୍ତନ୍ୟପାନ କରୁଛନ୍ତି । ଅନ୍ୟପକ୍ଷରେ ପୂର୍ବରୁ ଆବୃତ୍ତି କରି ନ ଥିବା ଜନନୀମାନଙ୍କ କୋଳରେ ସେମାନଙ୍କର ଶିଶୁମାନେ ସ୍ତନ୍ୟପାନ କରୁଥିଲେ ମଧ୍ୟ ତାହା ସାଧାରଣ ଗତିରେ ଚାଲିଛି । ଦୁଇ ଦଳର ଜନନୀମାନଙ୍କ ମଧ୍ୟରେ ସେମାନଙ୍କର ଶିଶୁମାନଙ୍କର ସ୍ତନ୍ୟପାନ ଗତିର ପାର୍ଥକ୍ୟ ସ୍ପଷ୍ଟ ସୂଚନା ଦେଲା ଯେ ପୂର୍ବରୁ ଆବୃତ୍ତି ଶୁଣିଥିବା ଶିଶୁ ସ୍ମରଣରେ କିଛି ଧରିରଖି ପାରିଛି ।

ସେହିପରି ଆଉ ଗୋଟିଏ ପରୀକ୍ଷାରେ ଛ'ସପ୍ତାହ ପୂର୍ବରୁ ଜନ୍ମଲାଭ କରିଥିବା ଶିଶୁମାନଙ୍କୁ ପର୍ଯ୍ୟବେକ୍ଷଣ କରାଗଲା । ଏମାନଙ୍କ ବାମ ଗୋଡ଼ରେ ଗୋଟିଏ ନାଲି ଫିତା ବାନ୍ଧି ଦିଆଗଲା । ସେମାନଙ୍କର ଗୋଡ଼ ପାଖରେ ଗୋଟିଏ ସୁନ୍ଦର ଖେଳନା ରଖାଯାଇ ସେଥିରେ ମଧ୍ୟ ଗୋଟିଏ ନାଲି ଫିତା ଗୁଡ଼ାଇ ଦିଆଗଲା । ଖେଳନାଟି ଏପରି ହୋଇଥିଲା ଯେ ଖେଳନାଟିକୁ ଗୋଇଠା ମାରିଲେ ଖେଳନାଟି ସକ୍ରିୟ ହେବ ଏବଂ ମଜା ଶବ୍ଦ କରିବ । ଏହିପରି କିଛିଦିନ ରଖିବା ପରେ ଶିଶୁଟି କରିବାକୁ ଶିଖିଗଲା । ଏହିପରି ଶିଖିବା ପରେ ଶିଶୁର ଗୋଡ଼ରୁ ନାଲିଫିତା ଏବଂ ଖେଳନାଟି ଦୁଇ ଚାରି ସପ୍ତାହ ଦୂରେଇ ଦିଆଗଲା । ଏ ସମୟର ବ୍ୟବଧାନ ପରେ ପୁନଶ୍ଚ ଖେଳନା (ନାଲିଫିତା ସହ) ଶିଶୁର ଗୋଡ଼ ପାଖରେ ରଖାଗଲା । ଅବଶ୍ୟ ଶିଶୁର ବାମଗୋଡ଼ରେ ପୁଣି ନାଲିଫିତା ବନ୍ଧାଯାଇ ନ ଥିଲା । ଦେଖାଗଲା ଯେ ଏପରି ଖେଳନା ସହିତ ପରିଚିତ ଥିବା ଶିଶୁ ଅପେକ୍ଷାକୃତ ଅଧିକ ଥର ଖେଳନାରେ ଗୋଡ଼ମାରି ଖେଳନାକୁ ସକ୍ରିୟ

Digitized by srujanika@gmail.com

କରାଉଛି । କୌତୂହଳର ବିଷୟ ଯେ ପୂର୍ବେ ନାଲିଫିତା ବନ୍ଧା ହୋଇଥିବା ବାମ ଗୋଡ଼ଟିର ଅଧିକ ବ୍ୟବହାର କରୁଛି । ଅନ୍ୟପକ୍ଷରେ ପୂର୍ବରୁ ଏପରି ଅନୁଭୂତି ପାଇ ନ ଥିବା ଶିଶୁମାନଙ୍କର ଗୋଡ଼ ତଳେ ନାଲିଫିତା ବନ୍ଧା ଖେଳନା ରହିଲେ ମଧ୍ୟ ସେମାନେ କମ୍ ସଂଖ୍ୟକ ଥର ଗୋଡ଼ମାରି ତାକୁ ସକ୍ରିୟ କରୁଛନ୍ତି । ଏହା ସୂଚନା ଦେଉଛି ଯେ ଶିଶୁ ପୂର୍ବର ନାଲିଫିତା ସଂଯୁକ୍ତ ଖେଳନା ଓ ନିଜର ଗୋଡ଼ ସହିତ ତା'ର ସଂପର୍କ ମନେ ରଖିଛି । *ମୋଟ ଉପରେ ଶିଶୁର ମନେରଖିବା ସାମର୍ଥ୍ୟ ଖୁବ୍ ଅଳ୍ପ ବୟସରୁ ଆରମ୍ଭ ହୁଏ ଏବଂ ଧୀରେ ଧୀରେ ଏହା ବିକଶିତ ହୁଏ ।*

ଶିଶୁମାନଙ୍କର ସ୍ମରଣ ସାମର୍ଥ୍ୟ ବିଚାର କଲାବେଳେ ଆଉ ଏକ ବିଶିଷ୍ଟ ତଥ୍ୟ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ । ଜୀବ ଜଗତର ବିବର୍ତ୍ତନ ସଂପର୍କରେ ଅଧିକାଂଶ ପରିଚିତ । ଜୀବଜଗତର ବିବର୍ତ୍ତନର ପ୍ରାଥମିକ ପର୍ଯ୍ୟାୟରେ ଏକକୋଷୀ ପ୍ରାଣୀଙ୍କ ସମେତ ସବୁ ପ୍ରାଣୀମାନଙ୍କର ମେରୁମଜ୍ଜା (Spinal cord) ଗଠିତ ହୋଇଥିଲା । ଜୀବନ ରକ୍ଷା ପାଇଁ ଆବଶ୍ୟକ ପ୍ରତିବର୍ତ୍ତ (Reflex) କ୍ରିୟା ସହ ଏହା ନିୟନ୍ତ୍ରଣ କରୁଥିଲା ଏବଂ ଏବେ ମଧ୍ୟ କରୁଅଛି । ଉତପ୍ତ ବସ୍ତୁର ସ୍ପର୍ଶରେ ଦୂରକୁ ଘୁଞ୍ଚିଯିବା, ଶୀତଳତାର ସ୍ପର୍ଶରେ ସଂକୁଚିତ ହେବା ପରି ସ୍ୱତଃକ୍ରିୟା ଏହାଦ୍ୱାରା ନିୟନ୍ତ୍ରିତ ହେଉଛି ।

Digitized by srujanika@gmail.com

ମାତ୍ର ବିବର୍ତ୍ତନର ଦ୍ୱିତୀୟ ପର୍ଯ୍ୟାୟରେ ଜୀବଜଗତ ସରୀସୃପ ଅବସ୍ଥାରେ ପହଞ୍ଚିଲା ବେଳକୁ ମେରୁମଜ୍ଜାର (ଯାହାକି ମଳଦ୍ୱାର ଠାରୁ ଆରମ୍ଭ ହୋଇ ମସ୍ତିଷ୍କର ବୃନ୍ତ ପର୍ଯ୍ୟନ୍ତ ଲମ୍ବିଯାଇଛି) ଶେଷଭାଗରେ ଏବଂ ମସ୍ତିଷ୍କବୃନ୍ତ (Brain Stem) ପାଖରେ ମୁଦିଆକାରର ସ୍ନାୟୁମାନ ଗଠିତ ହେଲା । ଗ୍ରୀକ୍ ଭାଷାରେ ମୁଦିକୁ ଲିମ୍ବସ୍ (Limbus) କୁହାଯାଉଥିବାରୁ ଏହାକୁ ଲିମ୍ବିକ୍ ମଣ୍ଡଳ (Limbic System) କୁହାଯାଏ । ଏହି ମଣ୍ଡଳଟି ମନୁଷ୍ୟର ଭାବାବେଗ ନିୟନ୍ତ୍ରଣ କରେ । କୌତୂହଳର ବିଷୟ ଯେ ପରବର୍ତ୍ତୀ ପର୍ଯ୍ୟାୟ ବା ତୃତୀୟ ପର୍ଯ୍ୟାୟରେ ହିଁ ମନୁଷ୍ୟର ଚିନ୍ତାଭାବନାର (Thinking) ନିୟନ୍ତ୍ରଣ କରୁଥିବା ମୁଖ୍ୟ ମସ୍ତିଷ୍କ (Neocortex) ଗଠିତ ହେଲା ।

ଲିମ୍ବିକ ମଣ୍ଡଳ ପାଖରେ ଥିବା ହିପୋକ୍ୟାମ୍ପସ (Hippocampus) ଓ ଆମିଗ୍ଡାଲା (Amygdala) ପରି ଦୁଇଟି ଅଂଶ ସ୍ମରଣକ୍ରିୟା ସହିତ ଜଡ଼ିତ । ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟଟି ହେଉଛି ମନୁଷ୍ୟର ଭାବନା ନିୟନ୍ତ୍ରଣକାରୀ ମୁଖ୍ୟ ମସ୍ତିଷ୍କ ରୂପ ନେବା ପୂର୍ବରୁ ସ୍ମୃତିର ସ୍ନାୟୁକେନ୍ଦ୍ର ଗଠିତ ହୋଇସାରିଥିଲା ।

ଶିଶୁର ବୁଦ୍ଧି ଅଙ୍କ ବା ବିକାଶ ଅଙ୍କ

ଶିଶୁର ବୌଦ୍ଧିକ ବିକାଶ ସମ୍ପର୍କରେ ସମସ୍ତେ କୌତୂହଳୀ । ଜୀବନର ସାଫଲ୍ୟ କ୍ଷେତ୍ରରେ ବୁଦ୍ଧିମତ୍ତା କି ଭୂମିକା ଗ୍ରହଣ କରେ ଏବଂ ଅନ୍ୟସବୁ ଉପାଦାନ କେତେ ସହାୟକ ତାହା ବୈଜ୍ଞାନିକ ଦୃଷ୍ଟିକୋଣରୁ ଏକ ଅସମାହିତ ପ୍ରଶ୍ନ ହୋଇ ରହିଯାଇଛି । ମାତ୍ର ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ ସଫଳତା ମୁଖ୍ୟତଃ ବୁଦ୍ଧି ଉପରେ ନିର୍ଭର କରେ । ଏ ଦୃଷ୍ଟିରୁ ବୌଦ୍ଧିକ ବିକାଶ ସମ୍ପର୍କରେ କୌତୂହଳ ଘନୀଭୂତ ହେବା ସ୍ୱାଭାବିକ । ବୁଦ୍ଧିମତ୍ତା କିପରି ବିକଶିତ ହୁଏ ? ବୁଦ୍ଧିର ପରିମାଣ ଏକ ନିର୍ଦ୍ଦିଷ୍ଟ ଶିଶୁ କ୍ଷେତ୍ରରେ ସ୍ଥିର କରାଯାଇ ପାରିବ କି ? କେତେକ ପିଲା ଅନ୍ୟପିଲାମାନଙ୍କ ତୁଳନାରେ ଅଧିକ ବୁଦ୍ଧିମତ୍ତାର ପରିଚୟ ଦିଅନ୍ତି କାହିଁକି ? ବର୍ତ୍ତମାନ ଗୋଟିଏ ଶିଶୁ ଯେଉଁ ବୁଦ୍ଧିମତ୍ତା ଦର୍ଶାଉଛି ଏହାକୁ ଆଧାର କରି ପିଲାଟିର ଭବିଷ୍ୟତ ସମ୍ପର୍କରେ ଅନୁମାନ କରାଯାଇ ପାରିବ କି ?

ଏ ସବୁ ପ୍ରାସଙ୍ଗିକ ପ୍ରଶ୍ନ । ଏସବୁର ବିଚାର ଆଲୋଚନା କରାଯାଇପାରେ । ପ୍ରଥମତଃ ସ୍ୱୀକାର କରିବାକୁ ହେବ ଯେ, କେବଳ ମାନସିକ ଅନଗ୍ରସର (Mentally retarded) ପିଲାଙ୍କଠାରୁ ସ୍ୱତନ୍ତ୍ର ଶ୍ରେଣୀର ପିଲାମାନଙ୍କୁ ବାଦ୍ ଦେଲେ ସବୁ ପିଲା ବୁଦ୍ଧିମତ୍ତା ଦର୍ଶାନ୍ତି । ସେମାନଙ୍କର ଖେଳ, କୌତୁକ କଥା ଆରମ୍ଭ କରିବାର ସମୟ ଇତ୍ୟାଦିରେ ପିଲାମାନଙ୍କର ବୁଦ୍ଧିମତ୍ତା ପ୍ରତିଫଳିତ ହୁଏ ତଥାପି କେତେକ ବିଶେଷଜ୍ଞ ବୁଦ୍ଧିମତ୍ତାର ପରିମାଣକୁ ବସ୍ତୁନିଷ୍ଠ (Objective) ଭାବରେ ପ୍ରକାଶ କରିବା ପାଇଁ କେତୋଟି ଉପାୟର ଅବତାରଣା କରିଛନ୍ତି । *ଜନ୍ମଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ସକଳ ସ୍ତରରେ ବୁଦ୍ଧିମତ୍ତାର ପରିମାଣକୁ ସେମାନେ ବୁଦ୍ଧି ଅଙ୍କ* ***(Intelligence Quotient*** *ବା* ***IQ)*** *ରୂପରେ ପ୍ରକାଶ କରନ୍ତି ।*

Digitized by srujanika@gmail.com

ବୃଦ୍ଧିମତ୍ତା ବା IQ ଶବ୍ଦଟି ଆମର ଦୈନନ୍ଦିନ କଥିତ ଭାଷାରେ ବହୁ ବ୍ୟବହୃତ ହେଲେ ମଧ୍ୟ ଏହାର ମୂଳ ଅର୍ଥଟି ସହିତ ବହୁ ଲୋକ ଅପରିଚିତ । ବିଂଶ ଶତକର ପ୍ରାରମ୍ଭରେ ପ୍ୟାରିସ ସହରର ସ୍କୁଲ ପରିପ୍ରେକ୍ଷୀରେ ଏ ଶବ୍ଦଟିର ଉତ୍ପତ୍ତି ଘଟିଥିଲା । ପ୍ୟାରିସର ସ୍କୁଲ ଶିକ୍ଷକମାନେ ଅନୁଭବ କଲେ ଯେ ସେମାନଙ୍କ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଶ୍ରେଣୀର ସବୁ ଛାତ୍ରଛାତ୍ରୀ ସମାନ ପରିମାଣରେ ଉପକୃତ ହେଉନାହାନ୍ତି । ସୁତରାଂ ଗୋଟିଏ ଶ୍ରେଣୀର ପିଲାମାନଙ୍କୁ ଦୁଇ ତିନୋଟି ଦଳରେ ବିଭକ୍ତକରି ସେମାନଙ୍କର ଉପଯୋଗୀ ହେଲା ଭଳି ଶୈଳୀରେ ପଢ଼ାଇବାକୁ ସ୍ଥିର କଲେ । ମାତ୍ର ଦୁର୍ବଳ ଛାତ୍ରଛାତ୍ରୀଙ୍କ ଦଳ, ସାଧାରଣ ଦଳ ଓ ବିଚକ୍ଷଣ ଦଳରେ ଭାଗ କରିବା ପାଇଁ କୌଣସି ଉପାୟ ନ ଥିଲା । ଏ କ୍ଷେତ୍ରରେ ସେମାନେ ମନୋବିଜ୍ଞାନୀ ବିନେଙ୍କ ସାହାଯ୍ୟ ନେଲେ ।

ବିନେ ଏକ ସୃଜନାତ୍ମକ ପନ୍ଥା ବାହାର କଲେ । ସେ ପ୍ରଥମେ ନିଜର ସହର ଓ ସମାଜକୁ ଲକ୍ଷ୍ୟ କରି ପ୍ରତିବର୍ଷର ପିଲାମାନେ କି କି ଦକ୍ଷତା ଦର୍ଶାଉଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କଲେ । ଏକବର୍ଷ ବୟସବେଳେ ଶିଶୁମାନେ କି କି ଦକ୍ଷତାର ଅଧିକାରୀ, ଦୁଇବର୍ଷ ବୟସରେ କି କି ଦକ୍ଷତାର ଅଧିକାରୀ– ଏହିପରି ଦୀର୍ଘ ତାଲିକା ପ୍ରସ୍ତୁତ କରାଗଲା । ଏକବର୍ଷ ବୟସର ଶିଶୁ ଦକ୍ଷତାକୁ ଭିତ୍ତିକରି ଏକ ବର୍ଷ ଶିଶୁମାନଙ୍କ ପାଇଁ ଗୋଟିଏ ମାପକ ପ୍ରସ୍ତୁତ କରାଯିବା ସ୍ଥଳେ ଦୁଇବର୍ଷର ଶିଶୁମାନଙ୍କ ଦକ୍ଷତାକୁ ଭିତ୍ତି କରି ଦୁଇବର୍ଷୀୟ ଶିଶୁମାନଙ୍କ ପାଇଁ ଭିନ୍ନ ଏକ ମାପକ ପ୍ରସ୍ତୁତ କରାଗଲା । ବିନେ ବୁଦ୍ଧିଅଙ୍କ (IQ)କୁ ନିମ୍ନମତେ ପ୍ରକାଶ କଲେ ।

$$\text{ବୁଦ୍ଧିଅଙ୍କ (IQ)} = \frac{\text{ମାନସିକ ବୟସ}}{\text{ଜନ୍ମଗତ ବୟସ}} \times ୧୦୦$$

ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇପାରେ । ମନେ କରାଯାଉ ପାଞ୍ଚବର୍ଷର ଗୋଟିଏ ପିଲାର ବୁଦ୍ଧିମତ୍ତା ସ୍ଥିର କରାଯିବ । ଏ କ୍ଷେତ୍ରରେ ଦେଖାଯାଇପାରେ ଯେ ଶିଶୁଟ ବସବାସ କରୁଥିବା ସମାଜରେ ସାଧାରଣତଃ ଏକବର୍ଷର ଶିଶୁମାନେ ଦର୍ଶାଉଥିବା ସବୁ ଦକ୍ଷତା ଏ ଶିଶୁଟି ଦର୍ଶାଉଛି, ଦୁଇବର୍ଷର ଦକ୍ଷତା ଦର୍ଶାଉଛି, ପାଞ୍ଚବର୍ଷ ଶିଶୁର ଦକ୍ଷତା ଦର୍ଶାଉଛି ଏବଂ ଏପରିକି ଛ'ବର୍ଷର ଶିଶୁର ଦକ୍ଷତା ଦର୍ଶାଉଛି । ମାତ୍ର ସାତବର୍ଷ ଶିଶୁ ପାଇଁ ଉଦ୍ଦିଷ୍ଟ ମାପକଟିରେ ଅକୃତକାର୍ଯ୍ୟ ହୋଇ ଜଣାଯାଉଛି ଯେ ଏହାର ସାତବର୍ଷ ଶିଶୁର ଦକ୍ଷତା ନାହିଁ । ସୁତରାଂ ଏହାର ମାନସିକ ବୟସ ଛ' ବୋଲି ଧରାଯିବ ଏବଂ ସୂତ୍ରଟି ପ୍ରୟୋଗ କଲେ–

$$\frac{\text{ମାନସିକ ବୟସ}}{\text{ଜନ୍ମଗତ ବୟସ}} \times ୧୦୦$$

Digitized by srujanika@gmail.com

$$= \frac{୬}{୫} \times ୧୦୦ = ୧୨୦$$

ବୁଦ୍ଧିଅଙ୍କ ୧୨୦ ବାହାରିବ । ଲକ୍ଷ୍ୟ କରିବାର କଥା ଯେ କୌଣସି ପିଲାର ମାନସିକ ବୟସ ଜନ୍ମଗତ ବୟସ ସହିତ ସମାନ ହୋଇଥିଲେ ବୁଦ୍ଧିଅଙ୍କ ୧୦୦ ବାହାରିବ । ଅନ୍ୟପକ୍ଷରେ ମାନସିକ ବୟସ ଜନ୍ମଗତ ବୟସରୁ କମ୍ ହେଲେ ବୁଦ୍ଧିଅଙ୍କର ମାତ୍ରା ୧୦୦ରୁ ଖସିବ ଏବଂ ମାନସିକ ବୟସ ଜନ୍ମଗତ ବୟସରୁ ବେଶି ହେଲେ ବୁଦ୍ଧିଅଙ୍କ ୧୦୦ରୁ ବୃଦ୍ଧି ପାଇବ ।



ସ୍ଥୂଳତଃ ମାପକ ସବୁର ବ୍ୟବହାର କରାଯାଇ ସ୍ଥିର କରାଯାଇଥାଏ ଜଣେ ତା ସମାଜର ସମବୟସୀର ମାନସିକ ବିକାଶ ତୁଳନାରେ କେତେ ପଛରେ ବା ଆଗରେ ରହିଛି । କହିବା ନିଷ୍ପ୍ରୟୋଜନ ଯେ ବିଭିନ୍ନ ବୟସର ଶିଶୁ ପିଲା ଓ ବୟସ୍କଙ୍କ ପାଇଁ ଭିନ୍ନ ଭିନ୍ନ ମାପକ (Tests) ବ୍ୟବହାର କରାଯାଏ ।

ଆଲୋଚ୍ୟ ପ୍ରବନ୍ଧଟିରେ ଅଳ୍ପବୟସ୍କ ଶିଶୁମାନଙ୍କର ବୌଦ୍ଧିକ ବିକାଶ ଅନୁଶୀଳନ କରାଯାଉଥିବାରୁ ସ୍ପଷ୍ଟ କରାଯାଇପାରେ ଯେ ଛୋଟ ଶିଶୁମାନଙ୍କୁ ପ୍ରଶ୍ନ ପଚାରି ଉତ୍ତର ଗ୍ରହଣ କରି ସେମାନଙ୍କର ଦକ୍ଷତା ଦେଖିବା ସମ୍ଭବ ନୁହେଁ । ତଥାପି ସେମାନଙ୍କର ମାନସିକ ସ୍ଥିତି (Mental States) ଲକ୍ଷ୍ୟ କରାଯାଇ ପାରେ । *ଗୋଟିଏ ବସ୍ତୁ ସହିତ ସଂଗତି ରକ୍ଷା କରି ଚାହିଁବା ପାଇଁ ଅନୁରୂପ ଭାବରେ ମୁଣ୍ଡ ବୁଲାଇବା, କଥା ଓ କାର୍ଯ୍ୟ ଆରମ୍ଭ କରିବା ଇତ୍ୟାଦି ଲକ୍ଷ୍ୟ କରାଯାଇପାରେ । ଦ୍ୱିତୀୟତଃ କାଗଜଟି ଧରିବା ବା କପରେ ପିଇବା ଇତ୍ୟାଦି ସମୟରେ*

Digitized by srujanika@gmail.com

ଶିଶୁ ଶାରୀରିକ ସଂହତି ପର୍ଯ୍ୟବେକ୍ଷଣ କରାଯାଏ । ତା' ବ୍ୟତୀତ ଶିଶୁଟିର ଅତୀତ ଇତିହାସକୁ ଭିତ୍ତିକରି କିଛିଟା ଦକ୍ଷତାର ନିର୍ଦ୍ଧାରଣ କରାଯାଇପାରେ । ଏ ସବୁକୁ ଭିତ୍ତିକରି ପୂର୍ବ ସୂତ୍ରଟି ପ୍ରୟୋଗ କରି ଅଳ୍ପ ବୟସର ଶିଶୁର ମଧ୍ୟ ବୁଦ୍ଧିଅଙ୍କ ସ୍ଥିରୀକୃତ ହୁଏ । କେତେକ ବିଶେଷଜ୍ଞ ଏହାକୁ ବୁଦ୍ଧିଅଙ୍କ (IQ) ନ କହି ବିକାଶ ଅଙ୍କ (Developmental Quotient ବା DQ) କହିଥାନ୍ତି । ଏପରି ଅଙ୍କ ପୂର୍ଣ୍ଣମାତ୍ରାରେ ନିର୍ଭରଯୋଗ୍ୟ ନ ହେଲେ ମଧ୍ୟ ମୋଟାମୋଟିଭାବେ ବୌଦ୍ଧିକ ବିକାଶର ସୂଚକ ହୋଇଥାଏ ।

ଜାଁ ପିଆଜେ ଓ ଶିଶୁ ବୁଦ୍ଧି ବିକାଶର ଧାରା

ଜାଁ ପିଆଜେ (Jean Piaget) ବିଂଶ ଶତକର ଏକ ଅସାମାନ୍ୟ ପ୍ରତିଭା । ଶିଶୁମାନଙ୍କର ବୌଦ୍ଧିକ ବିକାଶ ସମ୍ପର୍କୀୟ ଗବେଷଣା କ୍ଷେତ୍ରରେ ଏହି ସୁଇଜରଲାଣ୍ଡ ନିବାସୀ ମନୋବିଜ୍ଞାନୀଙ୍କ ତଥ୍ୟ ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ବେଶ୍ କିଛିବର୍ଷ ତଳେ ତାଙ୍କର ଦେହାନ୍ତ ଘଟିଥିଲେ ମଧ୍ୟ ତଥ୍ୟ ଓ ଚିନ୍ତାଧାରା ପ୍ରଭାବ ବିସ୍ତାର କରି ରହିଛି । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟଟି ହେଉଛି ତାଙ୍କ ମତବାଦର ସାର୍ବଜନୀନ ଆବେଦନ । ବିଭିନ୍ନ ସଂସ୍କୃତି ଓ ସମାଜରେ ତାରତମ୍ୟ ଥିଲେ ମଧ୍ୟ ପ୍ରାୟ ସବୁସ୍ଥାନରେ ତାଙ୍କ ପ୍ରଦର୍ଶିତ ତଥ୍ୟରାଜି ସକ୍ରିୟ ଥିଲା ପରି ମନେହୁଏ ।

ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ପିଆଜେ ବୁଦ୍ଧିମତ୍ତାର ବିକାଶ ସମ୍ପର୍କୀୟ ଗବେଷଣାରେ ଆଗ୍ରହୀ ଥିଲେ । ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ ବିଖ୍ୟାତ ଫରାସୀ ମନୋବିଜ୍ଞାନୀ ବିନେ ବୁଦ୍ଧି ମାପିବା ପାଇଁ କେତେକ ମାପକର (test) ଗଠନ କରିଥିଲେ । ପିଆଜେ ପ୍ରଥମେ ବିନେଙ୍କ ଗବେଷଣାଗାରରେ ତାଙ୍କୁ ଏ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ମାତ୍ର କ୍ରମଶଃ ତାଙ୍କର ହୃଦ୍‌ବୋଧ ହେଲା ଯେ ପିଲାମାନଙ୍କ ବୁଦ୍ଧିକୁ ଏକ ପରିମାଣାତ୍ମକ ଦୃଷ୍ଟିକୋଣରୁ ବିଚାର କରି ବୁଦ୍ଧିର ସ୍ତରକୁ ଏକ ସଂଖ୍ୟା (ବୁଦ୍ଧିଅଙ୍କ ବା Intelligence Quotient ବା IQ) ଦ୍ୱାରା ପ୍ରକାଶ କରିବା ଦ୍ୱାରା ସମୁଚିତ ବିଚାର କରାଯାଉ ନାହିଁ । ବୈଜ୍ଞାନିକ ଦୃଷ୍ଟିକୋଣରୁ ପିଲାଟିର ବୁଦ୍ଧି କିପରି ବୋଲି ଜାଣିବା ଅଧିକ ଯୁକ୍ତିଯୁକ୍ତ ବୋଲି ପିଆଜେ ବିଚାର କଲେ । ସୁତରାଂ ଶିଶୁମାନଙ୍କର ଚିନ୍ତାଭାବନାର (thoughts) ଶୈଳୀ ସମ୍ପର୍କରେ ଅନୁଧ୍ୟାନ ପାଇଁ ପ୍ରଯତ୍ନଶୀଳ ହେଲେ ।

ଜାଁ ପିଆଜେଙ୍କର ଆଭିମୁଖ୍ୟ ଏକ ନୂତନ ରୂପରେଖ ନେଲା । ସେ ବିନେଙ୍କ ଶୈଳୀରେ ପିଲାମାନଙ୍କୁ ପ୍ରଶ୍ନ ପଚାରି (ଅତି ଅଳ୍ପ ବୟସ କ୍ଷେତ୍ରରେ କେବଳ କାର୍ଯ୍ୟକଳାପ ଦେଖି) ସେମାନଙ୍କର ନିର୍ଭୁଲ ଉତ୍ତରକୁ ଭିତ୍ତିକରି ପିଲାଟିର ବୁଦ୍ଧିର ସ୍ତର ନିର୍ଣ୍ଣୟ କରିବା ପରିବର୍ତ୍ତେ ପିଲାଟିର 'ଭୁଲ୍ ଉତ୍ତର'କୁ ଅନୁଶୀଳନ କଲେ । ପିଲାଟିର ଭୁଲ ଉତ୍ତର ତା'ର ଚିନ୍ତାଭାବନାର କେଉଁ ଦିଗଟି ଉନ୍ମୋଚନ କରୁଛି ତାହାର ପରୀକ୍ଷା ନିରୀକ୍ଷା କଲେ । ପୁଣି ଗତାନୁଗତିକ ପଦ୍ଧତିରେ ବିଜ୍ଞାନାଗାରରେ କୃତ୍ରିମ ପରିପ୍ରେକ୍ଷୀ ପରିବର୍ତ୍ତେ ନିଜର ଅଳ୍ପବୟସର ପୁତ୍ରକନ୍ୟାମାନଙ୍କର ବ୍ୟବହାର ସୂକ୍ଷ୍ମ ଭାବରେ ପର୍ଯ୍ୟବେକ୍ଷଣ କଲେ । ସ୍ଥଳବିଶେଷରେ ଶିଶୁର

Digitized by srujanika@gmail.com

ପରିବେଶ ମଧ୍ୟରେ କିଛି କିଛି ପରିବର୍ତ୍ତନ ନିଜେ ସଂଘଟିତ କରି ଶିଶୁ କିପରି ପ୍ରତିକ୍ରିୟା ଦର୍ଶାଉଛି ଏବଂ କି ପରୀକ୍ଷା ନିରୀକ୍ଷା କରୁଛି ତାହାର ପର୍ଯ୍ୟବେକ୍ଷଣ କଲେ ।

ପଥର ଜୀବନ୍ତ କି ? ସ୍ୱପ୍ନ ସବୁ କେଉଁଠାରୁ ଆସେ ? ଏହିପରି ସବୁ ବିଭିନ୍ନ ଧରଣର ପ୍ରଶ୍ନ ପଚାରି ଶିଶୁର ଉତ୍ତରକୁ ଲକ୍ଷ୍ୟ କରି ପିଆଜେ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଶିଶୁର ଅନ୍ତର୍ଜଗତ ଗୁଣାତ୍ମକ ଦୃଷ୍ଟିରୁ ବୟସ୍କର ଅନ୍ତର୍ଜଗତଠାରୁ ସଂପୂର୍ଣ୍ଣ ଭିନ୍ନ । *କିନ୍ତୁ ଶିଶୁ ଜନ୍ମରୁ ଆରମ୍ଭକରି ବୟସ୍କ ଅବସ୍ଥା ପ୍ରାପ୍ତ ହେଲା ପର୍ଯ୍ୟନ୍ତ ମାନସିକ ବିକାଶର କେତେକ ନିର୍ଦ୍ଦିଷ୍ଟ ସୋପାନ (Stages) ଦେଇ ଗତିକରେ । ପୁଣି ଏହିସବୁ ବୌଦ୍ଧିକ ବିକାଶର ସୋପାନ ଗୁଡିକର ନିର୍ଦ୍ଦିଷ୍ଟ କ୍ରମାନ୍ୱୟତା ରହିଛି ।* ଗୋଟିଏ ତଳସ୍ତର ଅତିକ୍ରମ ନ କରିବା ପର୍ଯ୍ୟନ୍ତ ଉପର ସ୍ତରକୁ ଯିବା ସମ୍ଭବ ନୁହେଁ । ବୌଦ୍ଧିକ ବିକାଶର ଏପରି ଚାରୋଟି ସୋପାନ ରହିଛି । କେଉଁ ବୟସରେ ପ୍ରଥମ ସୋପାନଟି ଶେଷ ହୋଇ ଦ୍ୱିତୀୟ ସୋପାନଟି ଆରମ୍ଭ ହେବ ତାହା ସମାଜ ଓ ସଂସ୍କୃତି ଭେଦରେ ଭିନ୍ନ ହୋଇଥିଲେ ମଧ୍ୟ ସୋପାନଗୁଡ଼ିକର କ୍ରମନ୍ୱୟତା ଅପରିବର୍ତ୍ତିତ ରହେ ।

ଶୈଶବକାଳୀନ ବିକାଶ ଏହି ପ୍ରବନ୍ଧଟିର କେନ୍ଦ୍ରବିନ୍ଦୁ ହୋଇଥିବାରୁ ଶିଶୁ-ବୁଦ୍ଧିର ପ୍ରଥମ ସୋପାନଟି ଏଠାରେ ଆଲୋଚନା କରାଯିବ । ଶିଶୁର ଜନ୍ମଠାରୁ ଦୁଇବର୍ଷ ମଧ୍ୟରେ ଏ ସୋପାନଟି ସଂଘଟିତ ହୁଏ । ଶିଶୁ ବୁଦ୍ଧିର ପରିପ୍ରକାଶ ଶିଶୁର ଆଖି, ନାକ,କାନ, ଇତ୍ୟାଦି ପରି ଇନ୍ଦ୍ରିୟ (Sense Organs) ଏବଂ ଗୋଡ଼, ହାତ ଓ ମାଂସପେଶୀ ପରି କାରକ ଅଙ୍ଗ (Motor Organs) ଦ୍ୱାରା ପ୍ରକାଶିତ ହେଉଥିବାରୁ ପିଆଜେ ଏହାକୁ ଇନ୍ଦ୍ରିୟ-କାରକ ସଂପର୍କ ବୁଦ୍ଧି (Sensory-Motor Intelligence) ବୋଲି କହନ୍ତି । ଏ ବୟସରେ ଶିଶୁକୁ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରି ସିଦ୍ଧାନ୍ତ ଗ୍ରହଣ କରିବା ସମ୍ଭବ ନୁହେଁ । ସୁତରାଂ ଶିଶୁର କାର୍ଯ୍ୟକଳାପ ଓ ବ୍ୟବହାର ଦେଖି ଏହି ଇନ୍ଦ୍ରିୟ-କାରକ ବୁଦ୍ଧିର ପରିପ୍ରକାଶ ଲକ୍ଷ୍ୟ କରାଯାଏ ।

ଏ ବୟସରେ ବୁଦ୍ଧି ପରିପ୍ରକାଶର ଯେଉଁ ସବୁ ବୈଶିଷ୍ଟ୍ୟ ଅଛି, ତାହା ମଧ୍ୟରୁ ମୂଳ ଅଭିବ୍ୟକ୍ତିଟି ହେଲା ଯେ ଶିଶୁ ତାହାର ପରିବେଶରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ବା ଘଟଣାର ପୁନରାବୃତ୍ତି ଘଟାଇ ସେଥିରୁ ଆନନ୍ଦ ପାଇବ, ଅବଶ୍ୟ ଏହା ଠିକ୍ ଜନ୍ମର ପରେ ପରେ ଘଟେ ନାହିଁ । ଇନ୍ଦ୍ରିୟ-କାରକ ବୁଦ୍ଧିର ଛବି ଉପ-ସୋପାନ (Substages) । ଏହା ଗୋଟିକ ପରେ ଗୋଟିଏ ସଂଘଟିତ ହୁଏ । ଏହି ଉପ-ସୋପାନଗୁଡ଼ିକ ଆଲୋଚନା କରିବା ପୂର୍ବରୁ ଏହା କୁହାଯାଇପାରେ ଯେ ଇନ୍ଦ୍ରିୟ-କାରକ ସୋପାନର ଶେଷବେଳକୁ ଶିଶୁ ବସ୍ତୁସ୍ଥାୟିତ୍ୱ (Object Permanence) ସମ୍ପର୍କରେ ଧାରଣା କରି ସାରିଥାଏ । ଗୋଟିଏ ବସ୍ତୁ ତା'ର ଚକ୍ଷୁର ଅନ୍ତରାଳରୁ ଚାଲିଗଲେ ମଧ୍ୟ ବସ୍ତୁଟି ଯେ ଲୀନ ହୋଇଯାଇ ନାହିଁ ଏବଂ ଏହା ରହିଛି ଏ ଧାରଣା ଜନ୍ମେ । ଏ ଧାରଣାର ଏକ ବିଶେଷ ଉପଯୋଗିତା ରହିଛି । କାରଣ ପିତାମାତା ତା'ଆଖି ସାମ୍ନାରେ ନ ଥିଲେ ମଧ୍ୟ ସେମାନେ ଯେ ଅଛନ୍ତି— ଏ ଧାରଣା ଶିଶୁମନରେ ସୁରକ୍ଷା ଭାବ ଆଣେ ।

Digitized by srujanika@gmail.com

ଦ୍ୱିତୀୟତଃ ଶିଶୁଟି ପ୍ରାୟ ଦଶମାସ ବା ଏକବର୍ଷ ବୟସର ହେଲା ବେଳକୁ କାର୍ଯ୍ୟକାରଣ ଧାରଣା ତା'ମନରେ ସ୍ଥାନ ପାଏ । ଧରାଯାଉ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗୋଟିଏ ବଲ୍ ଅଛି । ଅନ୍ୟ ଗୋଟିଏ ସ୍ଥାନରୁ ଦ୍ୱିତୀୟ ବଲ୍‌ଟି ଆପେ ଆପେ ଗଡ଼ି ପ୍ରଥମ ବଲ୍ ଆଡ଼କୁ ଗଲା । ମାତ୍ର ଏହି ଦ୍ୱିତୀୟ ବଲ୍‌ଟି ପ୍ରଥମ ବଲ୍‌ଟି ସ୍ପର୍ଶ କରିବା ପୂର୍ବରୁ ପ୍ରଥମ ବଲ୍ ଆପେ ଆପେ ଗଡ଼ିଲା । ଏପରି ଦୃଶ୍ୟ ଦଶମାସରୁ କମ୍ ବୟସର ଶିଶୁ ମନରେ ବିସ୍ମୟ ଆଣିବ ନାହିଁ । ମାତ୍ର ଦଶମାସରୁ ଅଧିକ ବୟସର ଶିଶୁ ମନରେ କାରଣ ସମ୍ପର୍କୀୟ ଭାବନା ଜନ୍ମ ନେଇଥିବାରୁ ବିନା ସ୍ପର୍ଶରେ ପ୍ରଥମ ବଲ୍‌ଟି କିପରି ଗଡ଼ିଲା, ଏ ଦୃଶ୍ୟ ବିସ୍ମୟ ସୃଷ୍ଟି କରିବ ।

ଜନ୍ମରୁ ଦୁଇବର୍ଷ ମଧ୍ୟରେ ଶିଶୁର ବୌଦ୍ଧିକ ବିକାଶ

ଜନ୍ମରୁ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁର ବୌଦ୍ଧିକ ବିକାଶ ତା'ର ଇନ୍ଦ୍ରିୟ (Sense Organs) ଏବଂ କାରକ ଅଂଶ (Motor Organs)ର କ୍ରିୟାକଳାପ ମାଧ୍ୟମରେ ପ୍ରକାଶ ଲାଭ କରେ । ବିଶ୍ୱବିଖ୍ୟାତ ମନୋବିଜ୍ଞାନୀ ଜାଁ ପିଆଜେ (Jean Piaget) ପ୍ରଥମେ ମନୁଷ୍ୟର ବୌଦ୍ଧିକ ବିକାଶର ଗୁଣାତ୍ମକ ଦିଗ ଅନୁଧ୍ୟାନ କରି ବୌଦ୍ଧିକ ବିକାଶର ଚାରୋଟି ସୋପାନର ସୂଚନା ଦେଇଥିଲେ । କ୍ରମାନ୍ୱୟ ଭାବରେ ଗୋଟିଏ ସୋପାନ ପରେ ଆଉ ଗୋଟିଏ ସୋପାନ ଆସିଥାଏ । ଜନ୍ମରୁ ଦୁଇବର୍ଷ ମଧ୍ୟରେ ପ୍ରଥମ ସୋପାନଟି ସଂଘଟିତ ହୁଏ । ଶିଶୁ ନିଜର ଇନ୍ଦ୍ରିୟ ଓ କାରକ ମାଧ୍ୟମରେ ଏହାର ଅଭିବ୍ୟକ୍ତି କରୁଥିବାରୁ ପିଆଜେ ଏହାକୁ ଇନ୍ଦ୍ରିୟ-କାରକ ସୋପାନ କହିଛନ୍ତି । ବୁଦ୍ଧିମତ୍ତା ସମ୍ପର୍କୀୟ ଗବେଷଣାରେ ପିଆଜେଙ୍କ ମତବାଦ ସର୍ବସ୍ୱୀକୃତି ଲାଭ କରିଛି ।

ଜୀବନର ବିକାଶ ପରିପ୍ରେକ୍ଷୀରେ ପିଆଜେ ଚାରୋଟି ବୁଦ୍ଧି ବିକାଶର ସୋପାନ ଯେପରି ନିର୍ଦ୍ଦେଶ କରିଥିଲେ, ସେହିପରି ଇନ୍ଦ୍ରିୟ-କାରକ ବୁଦ୍ଧି ସୋପାନ (ଜନ୍ମରୁ ଦୁଇବର୍ଷ) ମଧ୍ୟରେ ଛ'ଟି ଉପସୋପାନର (Sub-Stages) ମଧ୍ୟ ପରିକଳ୍ପନା କରିଥିଲେ । ଶିଶୁ ବିକାଶ ସମ୍ପର୍କୀୟ ପର୍ଯ୍ୟବେକ୍ଷଣ ଏପରି ସିଦ୍ଧାନ୍ତକୁ ପ୍ରାମାଣିକ ରୂପ ଦେଇଥାଏ । ସମଗ୍ର ଇନ୍ଦ୍ରିୟ-କାରକ ବୁଦ୍ଧି ସୋପାନ ମଧ୍ୟରେ ଶିଶୁ ନିଜର ପରିବେଶକୁ ଇତସ୍ତତଃ ଭାବରେ ଅନ୍ୱେଷଣ କରୁ କରୁ କୌତୁହଳ ସୃଷ୍ଟି କରୁଥିବା ଏବଂ ଆନନ୍ଦ ଦେଉଥିବା କେତେକ ଘଟଣା ଆବିଷ୍କାର କରେ । ଏପରି ସବୁ ଘଟଣାର ପୁନରାବୃତ୍ତିରେ ନିଜ କାନ, ଆଖି, ଜିଭପରି ଇନ୍ଦ୍ରିୟର ପ୍ରୟୋଗ ଏବଂ ହାତଗୋଡ଼ ଓ ମାଂସପେଶୀ ପରି କାରକସବୁର ବ୍ୟବହାର ଶୈଶବକାଳୀନ ବୁଦ୍ଧିମତ୍ତାର ମୁଖ୍ୟ ବୈଶିଷ୍ଟ୍ୟ ।

ଇନ୍ଦ୍ରିୟ କାରକ ବୁଦ୍ଧିମତ୍ତାର ପ୍ରଥମ ଉପସୋପାନରେ ଶିଶୁ ନିଜର ପ୍ରତିବର୍ତ୍ତ କ୍ରିୟା(Reflex) ବା ସ୍ୱତଃକ୍ରିୟା କିଛିଟା ଦୃଢ ହୁଏ । ଏ ସ୍ତରଟି ଜନ୍ମରୁ ଏକମାସ ମଧ୍ୟରେ ଘଟିଥାଏ । ମନେକରାଯାଉ ସ୍ତନ୍ୟପାନ ପାଇଁ ଚୁଷିବା କାର୍ଯ୍ୟ ଏକ ପ୍ରତିବର୍ତ୍ତ ବା ସ୍ୱାଭାବିକ କ୍ରିୟା । ଶିଶୁ କ୍ଷୁଧାର୍ତ୍ତ ବେଳେ ଏହାର ଉପଯୋଗ କରେ । କିନ୍ତୁ କ୍ଷୁଧାର୍ତ୍ତ ନ ଥିବା ସମୟରେ ମଧ୍ୟ ଏପରି

Digitized by srujanika@gmail.com

କ୍ରିୟା ଦର୍ଶାଏ । ଶିଶୁର ମୁଖାଗ୍ରକୁ ସ୍ପର୍ଶକଲେ ସେ ଚୁଷିବା ପରି ଅଙ୍ଗଭଙ୍ଗୀ ଦର୍ଶାଏ । ସେହିପରି ନିଜର ହାତପାପୁଲି ଖୋଲିବା ଓ ବନ୍ଦ କରିବା ପରି କ୍ରିୟାର ପୁନରାବୃତ୍ତି କରିଚାଲେ । ମୁଖ୍ୟତଃ ଶିଶୁ ଯେଉଁ ଜନ୍ମଗତ ସାମର୍ଥ୍ୟ ନେଇଆସିଛି ସେ ସବୁର ପୁନରାବୃତ୍ତି କରି କିଛିଟା ନିୟନ୍ତ୍ରଣ ବୃଦ୍ଧି କରେ ।

ଦ୍ୱିତୀୟ ଉପ-ସୋପାନ ସାଧାରଣତଃ ଏକ ମାସରୁ ଚାରିମାସ ମଧ୍ୟରେ ଘଟେ । ଆକସ୍ମିକ ଭାବରେ କୌଣସି ଏକ ଘଟଣା ବା ବ୍ୟବହାର ଶିଶୁ ପାଇଁ ପ୍ରୀତିପ୍ରଦ ହେବାର ଜାଣିଲେ ଶିଶୁ ତା'ର ପୁନରାବୃତ୍ତି ଘଟାଏ । ଆକସ୍ମିକ ଭାବରେ ଶିଶୁ ହୁଏତ ଅନୁଭବ କରିପାରେ ଯେ ତା'ର ବୁଢା ଆଙ୍ଗୁଠିଟି ପାଟିରେ ପୂରାଇଲେ ତାକୁ ଭଲ ଲାଗୁଛି । ଥରେ ଅଧେ ଏପରି ଅନୁଭବ ପାଇବା ପରେ ଶିଶୁ ବୁଢା ଆଙ୍ଗୁଠିଟି ଚୁଷିବାର ପୁନରାବୃତ୍ତି କରେ । ସାଧାରଣତଃ ଏପରି ଆନନ୍ଦାନୁଭୂତି ନିଜର ଶରୀର ସଂଶ୍ଲିଷ୍ଟ ଘଟଣା ହୋଇଥାଏ ।

Digitized by srujanika@gmail.com

ଇନ୍ଦ୍ରିୟ କାରକ ବୃଦ୍ଧି ବିକାଶର ତୃତୀୟ ଉପ-ସୋପାନରେ ଶିଶୁ ନିଜର ବାହ୍ୟ ପରିବେଶରେ ପ୍ରୀତିପ୍ରଦ ଘଟଣାର ଆବିଷ୍କାର ଓ ପୁନରାବୃତ୍ତି କରେ । ଚାରିମାସରୁ ଆଠମାସ ମଧ୍ୟରେ ଏପରି ଘଟିଥାଏ । ନିଜର ଅଙ୍ଗପ୍ରତ୍ୟଙ୍ଗ ଚାଳନ କରୁଥିବା ସମୟରେ ଶିଶୁଟି ହୁଏତ ଆବିଷ୍କାର କରିପାରେ ଯେ ସେ ସ୍ପର୍ଶକଲେ ଗୋଟିଏ ବସ୍ତୁ ଶବ୍ଦ କରୁଛି । ଶବ୍ଦଟି ପ୍ରୀତିପ୍ରଦ ହୋଇଥିଲେ ଶିଶୁ ବସ୍ତୁଟିକୁ ବାରମ୍ବାର ଛୁଇଁବ । ସେହିପରି ଶିଶୁର ଗୋଡ଼ ବାଜିଯାଇ ବସ୍ତୁଟିଏ ଗତିଶୀଳ ହେଲେ ସେ ବାରମ୍ବାର ଗୋଡ଼ ମାରିବ । ବସ୍ତୁ ସମ୍ପର୍କରେ ଶିଶୁଟିର କିଛି ଧାରଣା ହେଲେ ମଧ୍ୟ ବସ୍ତୁର ସ୍ଥାୟିତ୍ୱ (Object Permanence) ସମ୍ପର୍କରେ ତା'ର ଧାରଣା ଜନ୍ମି ନ ଥାଏ । ବସ୍ତୁଟି ଚକ୍ଷୁର ଅନ୍ତରାଳକୁ ଚାଲିଗଲେ ବସ୍ତୁଟି ଯେ ରହିଛି ଏପରି ଧାରଣା ତା' ମନରେ ଆସେ ନାହିଁ ।

ବିକାଶର ଚତୁର୍ଥ ଉପସୋପାନଟି ଆଠମାସରୁ ଏକବର୍ଷ ବୟସ ମଧ୍ୟରେ ପରିଦୃଷ୍ଟ ହୁଏ । ଏ ସମୟରେ ଶିଶୁର ଅଙ୍ଗଚାଳନା ବିକ୍ଷିପ୍ତ ଓ ଉଦ୍ଦେଶ୍ୟ ବିହୀନ ନ ରହି କିଛିଟା ଲକ୍ଷ୍ୟ ସଂଯୋଜିତ ହୁଏ । ଆକର୍ଷଣଶୀଳ ଏକ ବସ୍ତୁ ବା ବ୍ୟକ୍ତି ଆଡ଼କୁ ସ୍ଥିର ଭାବରେ ଚାହିଁବା ଏବଂ କୋଠରୀର ଏପଟରୁ ସେ ପଟକୁ ଗୁରୁଣ୍ଡିଯାଇ ଖେଳନାଟି ଆଣିବାର ଲକ୍ଷ୍ୟ ପୂରଣ କରିବା ଭଳି ବ୍ୟବହାର ପ୍ରକାଶ ପାଏ ।

ବିକାଶର ପଞ୍ଚମ ଉପ-ସୋପାନରେ ଶିଶୁ ନିଜ ପରିବେଶରେ ନିଜେ ଅନ୍ୱେଷଣ କରି କେତେକ ପରୀକ୍ଷା ନିରୀକ୍ଷା କରେ । ବିଭିନ୍ନ ବ୍ୟବହାରର ପୃଥକ୍ ପୃଥକ୍ ଫଳାଫଳ ପରୀକ୍ଷା କରେ । ଧରାଯାଉ ପୂର୍ବେ ସେ ଟାଣିଟାଣି ଗୋଟିଏ ଜିନିଷ ନେଉଥିଲା । ବର୍ତ୍ତମାନ ତାକୁ କୁଣ୍ଢାଇ ଧରି ନେବା ସମ୍ଭବ କି ନୁହେଁ ତା'ର ଫଳାଫଳ ପରୀକ୍ଷା କରେ । ଏକବର୍ଷରୁ ଦେଢ଼ବର୍ଷ ବୟସର ଶିଶୁମାନେ ଏପରି ବିକାଶ ଦର୍ଶାନ୍ତି ।

ଇନ୍ଦ୍ରିୟ-କାରକ ବୁଦ୍ଧିର ଷଷ୍ଠ ଓ ସର୍ବଶେଷ ଉପସୋପାନଟି ଦେଢବର୍ଷରୁ ଦୁଇବର୍ଷ ବୟସ ମଧ୍ୟରେ ପରିଦୃଷ୍ଟ ହୁଏ । ଏ ସମୟରେ ଶିଶୁ ଶିକ୍ଷା କରିଥିବା ବିଭିନ୍ନ ବ୍ୟବହାର ମଧ୍ୟରେ ସଂଯୋଗ ସ୍ଥାପନ କରେ । ବସ୍ତୁ ସବୁ ଦୃଷ୍ଟିରୁ ଅନ୍ତରାଳକୁ ଚାଲିଗଲେ ମଧ୍ୟ ବସ୍ତୁ ସବୁ ରହିଛି ଏବଂ ପରେ ଆସିପାରିବ ବୋଲି ଧାରଣା କରେ । ସେହିପରି କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ଧାରଣା ଆସେ । ଗୋଡ଼ ବାଜି ଗୋଟିଏ ବସ୍ତୁ ଗତିଶୀଳ ହେବାର ଦେଖିଲେ ଗୋଡ଼ ବାଜିବା କାରଣ ଏବଂ ଗତିଶୀଳତା ଫଳାଫଳ ବୋଲି ଧାରଣା କରିପାରେ ।

ଲକ୍ଷ୍ୟ କରିବାର କଥା ଯେ ଏହିସବୁ ଉପସୋପାନଗୁଡ଼ିକର କ୍ରମାନ୍ୱୟତା ରହିଛି । ପ୍ରତି ଉପସୋପାନ ପାଇଁ ପିଆଜେ ଯେଉଁ ବୟସସୀମା ନିର୍ଦ୍ଧାରଣ କରିଛନ୍ତି ତାହା ତାଙ୍କର ଗବେଷଣା ପ୍ରସୂତ । ପିଆଜେ ସୁଇଜରଲାଣ୍ଡ ଅଧିବାସୀ ହୋଇଥିବାରୁ ଏପରି ବୟସସୀମା ଜେନେଭାର ପିଲାମାନଙ୍କ ଉପରେ କରାଯାଇଥିବା ଗବେଷଣାଲବ୍ଧ ତଥ୍ୟ । କିନ୍ତୁ ଏହା ସତ୍ୟ ଯେ ଅନ୍ୟ ସମାଜ ଓ ସଂସ୍କୃତିରେ ଏପରି ବୟସସୀମାର କିଛିଟା ଭିନ୍ନତା ଥିଲେ ମଧ୍ୟ ତାହା ନିର୍ଦ୍ଧାରଣ

Digitized by srujanika@gmail.com

କରାଯାଇପାରିବ । ଅଧିକନ୍ତୁ ପିଆଜେଙ୍କ ନିର୍ଦ୍ଦେଶିତ ଏହି ଛ'ଟି ଉପସୋପାନର କ୍ରମାନ୍ୱୟତା ସବୁଦେଶରେ କାର୍ଯ୍ୟ କରୁଛି ବୋଲି ସ୍ୱୀକାର କରାଯାଇଛି ।

ଶୈଶବକାଳୀନ ବୁଦ୍ଧି ଆଗାମୀ ବୁଦ୍ଧିମତ୍ତାର ପରିଚୟ ଦିଏ କି ?

ଅନେକଙ୍କର ଧାରଣା ଯେ ଜନ୍ମ ପରେ ଶିଶୁ ତା'ର ଶୈଶବକାଳୀନ ଯେଉଁ ବୁଦ୍ଧିମତ୍ତାର ସୂଚନା ଦିଏ, ତାହା ସହିତ ଭବିଷ୍ୟତ ଜୀବନର ବୌଦ୍ଧିକ ବିକାଶର କୌଣସି ସମ୍ପର୍କ ନାହିଁ । ଏ ଉକ୍ତିଟି ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ସତ୍ୟ ନୁହେଁ । ଏହା ସ୍ୱୀକୃତ ଯେ ଶିଶୁର ବୟସର ବୃଦ୍ଧି ସହିତ ବହୁ ପରିବର୍ତ୍ତନ ଘଟେ ଏବଂ ପରବର୍ତ୍ତୀ ସମୟରେ ବାଲ୍ୟ, କିଶୋର ଓ ଯୌବନକାଳରେ କେତେକ ଅପ୍ରତ୍ୟାଶିତ ବିକାଶ ଘଟିପାରେ । *ତଥାପି ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯାଏ ଯେ ବୌଦ୍ଧିକ ବିକାଶର ଏକ ନିରବଚ୍ଛିନ୍ନ ଧାରା ରହିଛି ଏବଂ ଏ ଦୃଷ୍ଟିରୁ ଶୈଶବକାଳୀନ ବୁଦ୍ଧିକୁ ଭିତ୍ତିକରି ଆଗାମୀ ବିକାଶର ପୂର୍ବାନୁମାନ କରିବା ସମ୍ଭବପର ।*

ଶିଶୁଟି ମାତ୍ର ଛ'ସପ୍ତାହ ବୟସର ହୋଇଥିବାବେଳେ ସେ ତା'ର ମା'କୁ ତା ଆଡ଼କୁ ଆସୁଥିବାର ଦେଖି ସ୍ତନ୍ୟପାନ କଲାପରି ମୁଖଭଙ୍ଗୀ ସୃଷ୍ଟିକରେ ଏବଂ ଆନନ୍ଦ ପ୍ରକାଶ କରେ । ଶିଶୁଟି ଯେ ମା'କୁ ଚିହ୍ନିପାରୁଛି, ଏହା ସ୍ପଷ୍ଟ ଜଣାପଡ଼େ । ମାତ୍ର ଶିଶୁଟି ନିଜର ମା'କୁ ଚିହ୍ନି ଆନନ୍ଦ ଅନୁଭବ କରୁଥିବା ସମୟରେ, ତା'ର ଅନ୍ତର୍ଜଗତରେ କ'ଣ ଘଟୁଛି ଏବଂ ଶିଶୁର ମସ୍ତିଷ୍କରେ କି ପରିବର୍ତ୍ତନ ହେଉଛି, ତାହା ଜାଣିବା ଅତୀତରେ ସମ୍ଭବ ନ ଥିଲା । ଅତୀତର ବହୁ ପ୍ରଖ୍ୟାତ ମନୋବୈଜ୍ଞାନୀମାନେ ମଧ୍ୟ ଏ ସଂପର୍କରେ ବିଶେଷ ଧାରଣା ଦେଇପାରି ନ ଥିଲେ । ଏବେ କେତେକ ମନୋବିଜ୍ଞାନୀ ଶିଶୁ ଖୁବ୍ ଅଳ୍ପ ବୟସରେ ପ୍ରତ୍ୟକ୍ଷ କରୁଥିବା ଜଗତରୁ ଯେଉଁସବୁ ସୂଚନା (Information) ଗ୍ରହଣ କରୁଛି ସେସବୁ ସୂଚନା ଗ୍ରହଣ ଶୈଳୀ ଅନୁଧ୍ୟାନ କରି ଶିଶୁର ବୁଦ୍ଧିମତ୍ତା ସଂପର୍କରେ ସିଦ୍ଧାନ୍ତ ନେଇପାରୁଛନ୍ତି ।

ବାହ୍ୟଜଗତର ଘଟଣା ଓ ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟକ୍ଷ (Perceive) ସମୟରେ ଶିଶୁର ସୂଚନା ଗ୍ରହଣ ଶୈଳୀର ଅନୁଧ୍ୟାନ ପାଇଁ ଶିଶୁର ଚକ୍ଷୁର ଗତି, ତା'ର ହୃଦ୍‌ସ୍ପନ୍ଦନ ଓ ମସ୍ତିଷ୍କର କାର୍ଯ୍ୟକଳାପ ଲକ୍ଷ୍ୟ କରିବାକୁ ହେବ । ଉଦାହରଣ- ସ୍ୱରୂପ କୁହାଯାଇପାରେ ଯେ ପ୍ରତ୍ୟେକ ଶିଶୁ ପୂର୍ବରୁ ଦେଖିଥିବା ବସ୍ତୁ ବା ବ୍ୟକ୍ତିକୁ ଚିହ୍ନିପାରିବାର ସାମର୍ଥ୍ୟ ଦର୍ଶାଇ ନିଜର ଦୃଷ୍ଟିଭିତ୍ତିକ ଚିହ୍ନଟ ସ୍ମୃତିର (Visual recognition memory) ପରିଚୟ ଦେଇଥାଏ । ଶିଶୁର ଭାଷା ବିକଶିତ ହୋଇ ନ ଥିବାରୁ, ସେ ପୂର୍ବରୁ ବର୍ତ୍ତମାନ ଦେଖୁଥିବା ବସ୍ତୁ ବା ବ୍ୟକ୍ତିକୁ ଦେଖିଥିଲେ କି ନାହିଁ, ତାହା ପଚାରି ଜାଣିବା ସମ୍ଭବ ନୁହେଁ । ମାତ୍ର ଶିଶୁର ଚାହାଣୀ ଅନୁଶୀଳନର ସାମଗ୍ରୀ ।

ଶିଶୁର ଶିକ୍ଷଣ (Learning) ସମ୍ପର୍କରେ ଆଲୋଚନା କଲାବେଳେ ପୂର୍ବରୁ କୁହାଯାଇଛି ଯେ ଅଭ୍ୟସନ (Habituation) ଶିଶୁ ଶିକ୍ଷାର ଏକ ସ୍ପଷ୍ଟ ସୂଚକ । ଶିଶୁ ମାତୃ ସ୍ତନ୍ୟପାନ

Digitized by srujanika@gmail.com

କରୁଥିବା ସମୟରେ କୌଣସି ଏକ ବାହ୍ୟିକ ଶବ୍ଦ ତା'ର ଦୃଷ୍ଟି ଆକର୍ଷଣ କରିପାରେ । ମାତ୍ର ଏହି ଶବ୍ଦଟି ଲାଗି ରହିଲେ ଶିଶୁର ଧ୍ୟାନ ବା ଅଭିନିବେଶ (Attention) ଧୀରେ ଧୀରେ କମିବାକୁ ଲାଗେ ଏବଂ ସେ ଏହି ବାହ୍ୟିକ ଶବ୍ଦ ପ୍ରତି ପୂର୍ଣ୍ଣ ଅଭ୍ୟସ୍ତ (Habituated) ହୋଇସାରି ମାତୃ ସ୍ତନ୍ୟପାନରେ ପୁଣି ମନ ଦିଏ । କେତେ ଶୀଘ୍ର ଶିଶୁର ଏପରି ଅଭ୍ୟସନ ଘଟୁଛି ତାହା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ନୂତନ ବସ୍ତୁ ବା ବ୍ୟକ୍ତି ଦେଖିଲେ ଶିଶୁ ସେ ଦିଗରେ ଅଭିନିବେଶ ଦିଏ, ମାତ୍ର ତା' ଦୃଷ୍ଟି ସେ ନୂତନ ବସ୍ତୁ ବା ବ୍ୟକ୍ତିଟି ପୁରୁଣା ହେବା ମାତ୍ରେ ତା'ର ଅଭିନିବେଶର ମାତ୍ରା କମିଯାଏ, ସେ ପୂର୍ବପରି ଏକ ଦୃଷ୍ଟିରେ ତାହାକୁ ଚାହିଁ ରହେନାହିଁ । ଗୋଟିଏ ଦୃଷ୍ଟିରୁ ଏହା ମଧ୍ୟ ବୁଦ୍ଧିମତ୍ତାର ସୂଚକ । *କେତେ ଦ୍ରୁତଗତିରେ ଅଜଣା ଜିନିଷ ଜଣାବସ୍ତୁରେ ପରିଣତ ହେଉଛି ଏବଂ ଅପରିଚିତ ବ୍ୟକ୍ତି ପରିଚିତ ବ୍ୟକ୍ତିର ରୂପ ନେଉଛି, ତାହାର ଦ୍ରୁତତା ନିଶ୍ଚିତ ଭାବରେ ବୁଦ୍ଧିମତ୍ତାର ସୂଚନା ଦିଏ ।* କୌତୂହଳର ବିଷୟ ଯେ ଅଳ୍ପ ସମୟ ମଧ୍ୟରେ ନିଜର ଚାହାଣି ଦ୍ୱାରା ନୂତନ ଓ ଅପରିଚିତ ବ୍ୟକ୍ତି ବା ବସ୍ତୁକୁ ପୁରାତନ ଓ ପରିଚିତ ବ୍ୟକ୍ତି ବା ବସ୍ତୁକୁ ରୂପାନ୍ତର କରିପାରୁଥିବା ଶିଶୁମାନେ ପରବର୍ତ୍ତୀକାଳରେ ଉଚ୍ଚ ବୁଦ୍ଧିମତ୍ତା ଦର୍ଶାଇଥାଆନ୍ତି । ଅନ୍ୟ ଭାଷାରେ କହିଲେ ନିଜର ପରିବେଶରେ ଥିବା ଜଟିଳତା ନୂତନତ୍ୱକୁ ଦ୍ରୁତଗତିରେ ସନ୍ଧାନ କରୁଥିବା, ଉଚ୍ଚମାନର ଖେଳ ସବୁ ପ୍ରଦର୍ଶନ କରୁଥିବା, ଶୀଘ୍ର ଶୀଘ୍ର ସମସ୍ୟା ସମାଧାନ କରିପାରୁଥିବା ଶିଶୁମାନେ ପରବର୍ତ୍ତୀ ସମୟରେ ବୁଦ୍ଧିମାନ ପିଲା ଓ କିଶୋର କିଶୋରୀ ହୁଅନ୍ତି । ଅଳ୍ପ ସମୟ ମଧ୍ୟରେ ଖେଳନା ସବୁ ଏମାନଙ୍କ ପାଖରେ ପୁରୁଣା ହୋଇଯାଏ ।

ବହୁ ଅନୁଧ୍ୟାନରୁ ଲକ୍ଷ୍ୟ କରାଯାଉଛି ଯେ ଦୁଇବର୍ଷରୁ ଆଠବର୍ଷ ମଧ୍ୟରେ ଶିଶୁ ଯେଉଁ ବୁଦ୍ଧିମତ୍ତା ପ୍ରଦର୍ଶନ କରେ ତାହା ବହୁ ପରିମାଣରେ ଓ ଅଧିକାଂଶ ଶିଶୁମାନଙ୍କ କ୍ଷେତ୍ରରେ ପ୍ରଥମ ଛ'ମାସ ମଧ୍ୟରେ ପୂର୍ବାନୁମାନ କରାଯାଇପାରେ । *ବିଶେଷକରି ପୂର୍ବରୁ ଦେଖିଥିବା ବସ୍ତୁ ଓ ବ୍ୟକ୍ତିକୁ ଚିହ୍ନଟ କରିବାର ସାମର୍ଥ୍ୟ ଏବଂ ନୂତନ ବସ୍ତୁ ଓ ବ୍ୟକ୍ତି ପ୍ରତି ଶୀଘ୍ର ଶୀଘ୍ର ଅଭିନିବେଶ (Attention) ଦର୍ଶାଇ ପୁଣି ଏଥିରୁ ମୁକୁଳି ଆସି ଅଧିକତର ନୂତନ ବସ୍ତୁ ପ୍ରତି ଆକର୍ଷିତ ହେବାର ପ୍ରୟାସ ବୁଦ୍ଧିର ମାତ୍ରାକୁ ସୂଚାଇଥାଏ ।*

ଠିକ୍ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁମାନେ ମଧ୍ୟ ଏପରି ସାମର୍ଥ୍ୟ ଦର୍ଶାଇଥାନ୍ତି । ପ୍ରଥମେ ସେମାନଙ୍କୁ କିଛି ଛବି ଦେଖାଇବା ପରେ ପୁନଶ୍ଚ ଏସବୁ ପରିଚିତ ଛବି ସହିତ ଅପରିଚିତ ଛବିକୁ ଏକତ୍ର କରି ଉପସ୍ଥାପନ କଲେ ଦେଖାଯାଏ ଯେ ଏମାନଙ୍କର ଦୃଷ୍ଟି ଅପରିଚିତ ଛବି ଉପରେ ଅଧିକ ନିବଦ୍ଧ । ଉନ୍ନତ ଯନ୍ତ୍ରପାତି ଦ୍ୱାରା ଏମାନଙ୍କର ଚକ୍ଷୁଗତି ଓ ଅଭିନିବେଶ ମାପ କରାଯାଇଥାଏ । ସେହିପରି ଗୋଟିଏ ଶବ୍ଦ ସହିତ ପରିଚିତ ହେଲାପରେ ତାହାକୁ ଏକ ଅପରିଚିତ ଶବ୍ଦ ସହିତ ମିଶାଇ ଉପସ୍ଥାପନ କଲେ ଶିଶୁ ଅପରିଚିତ ଶବ୍ଦଟି ପ୍ରତି ଅଧିକ ଧ୍ୟାନ ଦେଇ ଦୁଇଟି ପୃଥକ୍ ଶବ୍ଦ ବୋଲି ସୂଚାଇଥାଏ । ସ୍ଥୂଳତଃ ଠିକ୍ ସମୟରେ ଜନ୍ମଲାଭ କରିଥିବା ଏବଂ ଠିକ୍ ସମୟ ପୂର୍ବରୁ ଜନ୍ମଲାଭ କରିଥିବା ଶିଶୁମାନେ ଜନ୍ମର ଆଦ୍ୟକାଳରେ ମଧ୍ୟ କେତେକ

Digitized by srujanika@gmail.com

ଅଭିନିବେଶଗତ(Attentional)କୌଶଳ ଦର୍ଶାନ୍ତି ଏବଂ ଏପରି ସାମର୍ଥ୍ୟର ମାତ୍ରା ଆଗାମୀ ଦିନର ବୁଦ୍ଧିମତ୍ତାର ସୂଚନା ଦିଏ ।

ଦାୟିତ୍ୱ-ପ୍ରବଣ ପରିବେଶରେ ଶିଶୁର ବୌଦ୍ଧିକ ବିକାଶ

ଶିଶୁର ପିତାମାତା ଓ ଅନ୍ୟ ଯତ୍ନକାରୀମାନେ ଦାୟିତ୍ୱଶୀଳ ହେଲେ ଶିଶୁର ବୌଦ୍ଧିକ ବିକାଶ ସହିତ ଅନ୍ୟସବୁ ବିକାଶ ଦ୍ରୁତତର ହେବ– ଏ କଥାଟି ନିହାତି ସାଧାରଣ ଓ ମାମୁଲି ମନେହୋଇପାରେ । ମାତ୍ର ଏହି ସାଧାରଣ କଥାର ଅନ୍ତରାଳରେ କେତୋଟି ସୂକ୍ଷ୍ମ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ରହିଛି–ସେ ସବୁ ଅନେକଙ୍କର ଅଜଣା । ପ୍ରଥମେ ବୁଝିବାକୁ ହେବ ଯେ ଦାୟିତ୍ୱପ୍ରବଣତା (Responsiveness) ବା ଦାୟିତ୍ୱପ୍ରବଣ ବ୍ୟବହାର କହିଲେ କ'ଣ ବୁଝାଯାଏ । ଶିଶୁ ନିଜର ବ୍ୟବହାର ଓ କାର୍ଯ୍ୟକଳାପ ମାଧ୍ୟମରେ ଦୁଇପ୍ରକାର ସଂକେତ ଦିଏ । ସେ ଦରୋଟି ଭାଷାରେ କଥା କହେ କିମ୍ବା ମା' ଆଡ଼କୁ ଖୁସିରେ ଚାହେଁ । ଏସବୁ ବିରକ୍ତିବିହୀନ (Nondistress) ସଙ୍କେତ । ସେ ପୁଣି ବେଳେ ବେଳେ କାନ୍ଦି ବିରକ୍ତିସୂଚକ ସଂକେତ ଦିଏ ।

ହୁଏତ ଅଧିକାଂଶ ମା'କିମ୍ବା ବାପା କିମ୍ବା ଅନ୍ୟ ଯତ୍ନକାରୀ ଶିଶୁ କାନ୍ଦୁଥିବା ସମୟରେ ତା'ପ୍ରତି ଦୃଷ୍ଟି ଦେଇ ତା'ର ଅସୁବିଧା ଦୂର କରିବାରେ ଉଦ୍ୟମ କରନ୍ତି । ଶିଶୁର ପ୍ରୟୋଜନୀୟତାକୁ ଚାହିଁ ତାକୁ ଖାଦ୍ୟ କିମ୍ବା ବସ୍ତ୍ର କିମ୍ବା ଶୀତଳତା ପ୍ରଦାନ କରନ୍ତି । *ମାତ୍ର ଶିଶୁଟି ବିରକ୍ତିବିହୀନ ସଂକେତ ଦେଲାବେଳେ ତା'ପ୍ରତି କେତେ ଦୃଷ୍ଟି ଦିଆଯାଉଛି ତାହା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ।* ଏ କ୍ଷେତ୍ରରେ ମା'ମାନଙ୍କ ମଧ୍ୟରେ ବେଶ୍ ତାରତମ୍ୟ ପରିଲକ୍ଷିତ ହୁଏ । ଶିଶୁ ମା' ଆଡ଼କୁ ଚାହିଁଥିବା ସମୟରେ ମା'ଦୃଷ୍ଟି ବିନିମୟ କରିବା, ଶିଶୁ ଦରୋଟି ଭାଷାରେ କଥା କହିବା ବେଳେ ଶିଶୁ ଆଡ଼କୁ ଚାହିଁ କିଛି କହି କିମ୍ବା ସ୍ମିତହସି ସ୍ୱୀକୃତି ଜଣାଇବା ଇତ୍ୟାଦି ଦାୟିତ୍ୱଶୀଳ ବ୍ୟବହାରର ଅନ୍ତର୍ଭୁକ୍ତ ।

ଅନ୍ୟଭାଷାରେ କହିଲେ ବୁଝିବାକୁ ହେବ ଯେ ଶିଶୁ ଅସୁବିଧାରେ ଥିବାବେଳେ ବହୁ ଯତ୍ନକାରୀ ଏ ଦିଗରେ ଦୃଷ୍ଟି ଦିଅନ୍ତି । ମାତ୍ର ଶିଶୁ ତା'ର ହସିବା ଖେଳିବା ଏବଂ ଅନ୍ୟସବୁ କାର୍ଯ୍ୟ କରିବା ସମୟରେ ଯେଉଁସବୁ ସଙ୍କେତ ଦିଏ ସେସବୁ ସଙ୍କେତକୁ ଗ୍ରହଣ କରିବା ଏବଂ ସେସବୁର ପ୍ରତ୍ୟୁତ୍ତର ଦେଲା ଭଳି ଦାୟିତ୍ୱଶୀଳ ବ୍ୟବହାର ଦର୍ଶାଇବା ଶିଶୁ ବିକାଶର ସହାୟକ ହୁଏ । ଗବେଷଣାରୁ ଦେଖାଯାଇଛି, ଶିଶୁର ଚାରିପାଞ୍ଚମାସ ବୟସ ବେଳକୁ ଏପରି ବ୍ୟବହାର ଦର୍ଶାଉଥିବା ବାପମା'ଙ୍କର ପିଲାମାନେ ପରବର୍ତ୍ତୀ ସମୟରେ ବୌଦ୍ଧିକ ବିକାଶ ଦର୍ଶାନ୍ତି । ଏପରିକି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଜନ୍ମଲାଭ କରିଥିବା ଶିଶୁମାନଙ୍କର କେତେକ ତ୍ରୁଟିବିଚ୍ୟୁତି ଏପରି ଦାୟିତ୍ୱପ୍ରବଣ ପରିବେଶ ଦ୍ୱାରା ଅପସାରିତ ହୋଇଥାଏ ।

କେବଳ ମା'ନୁହେଁ, ସବୁ ବୟସ୍କମାନେ ଶିଶୁ ପ୍ରତି ଦାୟିତ୍ୱପ୍ରବଣତା ଦର୍ଶାଇବା ଉଚିତ । ଏପରି ଦାୟିତ୍ୱଶୀଳ ବ୍ୟବହାର ପାଇଲେ ଶିଶୁ ମନରେ ଧାରଣା ଆସେ ଯେ ତା'ନିଜ ଜୀବନ ଉପରେ କିଛିଟା ନିୟନ୍ତ୍ରଣ ରହିଛି । ସେମାନଙ୍କର ସୁରକ୍ଷା ଭାବ ଦୃଢ଼ ହୁଏ ଏବଂ ସେମାନେ ନିଜର ପରିବେଶର ଅନ୍ୱେଷଣରେ ତତ୍ପର ହୁଅନ୍ତି ।

Digitized by srujanika@gmail.com

ସୂତ୍ର ଭଣ୍ଡାର - ୮

୧. ମନୋବୈଜ୍ଞାନିକ ମାନଙ୍କ ମତରେ ଜନ୍ମ ପୂର୍ବରୁ ଓ ଜନ୍ମ ପରେ ପରେ ଶିଶୁର ସ୍ମୃତି ଶକ୍ତି ବେଶ୍ ସକ୍ରିୟ ଥାଏ । ଏ ଦୃଷ୍ଟିରୁ ଶିଶୁର ମନେରଖିବାର ସାମର୍ଥ୍ୟକୁ ଅବହେଳା କରନ୍ତୁ ନାହିଁ ।

୨. ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁପର୍ଯ୍ୟନ୍ତ ଜୀବନର ସକଳ ସ୍ତରରେ ବୁଦ୍ଧିମତ୍ତାର ପରିମାଣକୁ ପ୍ରକାଶ କରିବାକୁ ମନୋବିଜ୍ଞାନୀମାନେ ବୁଦ୍ଧିଅଙ୍କ (Intelligence Quotient) ଶବ୍ଦଟି ପ୍ରୟୋଗ କରନ୍ତି ।

$$\text{ବୁଦ୍ଧିଅଙ୍କ} = \frac{\text{ମାନସିକ ବୟସ}}{\text{ଜନ୍ମଗତ ବୟସ}} \times ୧୦୦$$

ଅଳ୍ପବୟସର ଶିଶୁ କ୍ଷେତ୍ରରେ ବୁଦ୍ଧିଅଙ୍କ ବା ବିକାଶଅଙ୍କ ନିର୍ଧାର୍ଯ୍ୟଭାବେ ଜାଣିବା କଷ୍ଟକର ହେଲେ ମଧ୍ୟ ଗୋଟିଏ ବସ୍ତୁ ସହିତ ସଂଗତି ରକ୍ଷା କରିବାର ସାମର୍ଥ୍ୟ, ଅଙ୍ଗପ୍ରତ୍ୟଙ୍ଗର ଚାଳନରେ ସଂଗତି ଏବଂ କଥା ଓ କାର୍ଯ୍ୟ ଆରମ୍ଭ କରିବାର ବୟସରୁ ବିକାଶ ସମ୍ପର୍କୀୟ ସୂଚନା ପାଇପାରିବେ ।

୩. ଶିଶୁ ଜନ୍ମରୁ ଆରମ୍ଭ କରି ବୟସ୍କ ଅବସ୍ଥା ପ୍ରାପ୍ତ ହବା ପର୍ଯ୍ୟନ୍ତ ମାନସିକ ବିକାଶର ନିର୍ଦ୍ଦିଷ୍ଟ ସୋପାନ ରହିଛି, ପୁଣି ଜନ୍ମରୁ ଦୁଇବର୍ଷ ମଧ୍ୟରେ ବୁଦ୍ଧିମତ୍ତାର ସୋପାନଟି ହେଉଛି ଇନ୍ଦ୍ରିୟ ଓ କାରକ ଅଙ୍ଗ (Motor organs) ମଧ୍ୟରେ ସମନ୍ୱୟ ପ୍ରଦର୍ଶନ । ଦୁଇବର୍ଷ ମଧ୍ୟରେ ଶିଶୁ ନିଜର ଇନ୍ଦ୍ରିୟ ଚାଳନା ଓ କାରକ ଅଙ୍ଗ ଚାଳନା ମଧ୍ୟରେ ଯେପରି ସମନ୍ୱୟ ରକ୍ଷାକରିବ ସେପରି ଅନୁଭବର ସୁଯୋଗ ଦିଅନ୍ତୁ ।

Digitized by srujanika@gmail.com

୪. ଦୁଇ ବର୍ଷ ମଧ୍ୟରେ ଇନ୍ଦ୍ରିୟ ଓ କାରକ ଅଙ୍ଗ ମଧ୍ୟରେ ସମନ୍ବୟ ସଂସ୍ଥାପନର ନିର୍ଦ୍ଦିଷ୍ଟ ଉପସୋପାନ ମଧ୍ୟ ରହିଛି । ସୂଚିତ କରାଯାଇଥିବା ଏହି ଉପସୋପାନ ଗୁଡ଼ିକ ଚିହ୍ନଟ କରି ଶିଶୁ କ୍ରମାନ୍ବୟରେ ସେଗୁଡ଼ିକ ଯେପରି କରାୟତ୍ତ କରିବ, ତାହାର ସୁଯୋଗ ଦିଅନ୍ତୁ ।

୫. ଏକ ସମ୍ବେଦନଶୀଳ ପରିବେଶ ଶିଶୁର ବୁଦ୍ଧିମତ୍ତାକୁ ବୃଦ୍ଧିକରେ । ଶିଶୁର ବିରକ୍ତିପୂର୍ଣ୍ଣ ସଂବେଦ (ଯଥା -କାନ୍ଦିବା) ପ୍ରତି ହୁଏତ ସବୁ ଯତ୍ନକାରୀ ଧ୍ୟାନ ଦିଅନ୍ତି । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିଶୁର ବିରକ୍ତିହୀନ ସଂକେତ ପ୍ରତି ଧ୍ୟାନଶୀଳ ହେବା । ଶିଶୁ କିଛି କହୁଥିବା ସମୟରେ ସେ ଦିଗରେ ଧ୍ୟାନଦେଇ ସମ୍ବେଦନଶୀଳ ପରିବେଶ ସୃଷ୍ଟିକରନ୍ତୁ । ଏହା ବିକାଶର ଖୁବ୍ ସହାୟକ ।

୬. ସ୍ଥଳବିଶେଷରେ ସମସ୍ୟାର ସମାଧାନ ପାଇଁ ଶିଶୁଟିକୁ କିଛି ଶିଖାଇଦେବା ଯେପରି ଆବଶ୍ୟକ ଅନ୍ୟ କ୍ଷେତ୍ରରେ ଧୈର୍ଯ୍ୟର ସହିତ ଅପେକ୍ଷା କରି ଶିଶୁ କିପରି ନିଜେ ଅନ୍ବେଷଣ କରୁଛି ଓ ସମସ୍ୟା ସମାଧାନ କରୁଛି ତାହା ମଧ୍ୟ ଲକ୍ଷ୍ୟ କରିବା ଉଚିତ । ପ୍ରଥମଟି ଶିଶୁକୁ ମୌଳିକ ଦକ୍ଷତା ଶିକ୍ଷାଦେବା ମୂଳେ ଦ୍ୱିତୀୟଟି ଶିଶୁର ସୃଜନାତ୍ମକ ଦକ୍ଷତା ବୃଦ୍ଧିକରେ । ଦାୟିତ୍ୱଶୀଳ ପିତାମାତା ଓ ଯତ୍ନକାରୀ ରୂପେ ଦୁଇଟି ମଧ୍ୟରେ ଭାରସାମ୍ୟ ରକ୍ଷାକରନ୍ତୁ ।

Digitized by srujanika@gmail.com

ଦାୟିତ୍ୱଶୀଳ ଭାବରେ ଶିଶୁ ପ୍ରତି ଧ୍ୟାନ ଦେବା ପ୍ରସଙ୍ଗରେ ଗୋଟିଏ କୌତୂହଳପୂର୍ଣ୍ଣ ବିଷୟ ଲକ୍ଷ୍ୟ କରାଯାଇଛି । *ଅନୁଧ୍ୟାନ କରି ଦେଖାଯାଇଛି ଯେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ଶିଶୁମାନଙ୍କର ଶିକ୍ଷଣଶୈଳୀ ଓ ପିତାମାତାଙ୍କର ପ୍ରଶିକ୍ଷଣ ଶୈଳୀରେ ଏକ ପାର୍ଥକ୍ୟ ରହିଛି ।* ସତ୍ୟ ଘଟଣା ଉପରେ ଆଧାରିତ ଗୋଟିଏ ଘଟଣାର ଉଲ୍ଲେଖ କରାଯାଇ ଏହି ପାର୍ଥକ୍ୟକୁ ସ୍ପଷ୍ଟ କରାଯାଇପାରେ ।

୧୯୮୯ ମସିହାରେ ଆମେରିକା ଯୁକ୍ତରାଷ୍ଟ୍ରର ପ୍ରଖ୍ୟାତ ହାର୍ଭାଡ଼ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର ନିଜର ପରିବାର ସହିତ ଚୀନ ଯାଇ ସେ ଦେଶର ନାନଜିଂ ସହରରେ ପହଞ୍ଚିଲେ । ସେମାନେ ସେଠାରେ ଗୋଟିଏ ହୋଟେଲରେ ରହୁଥିଲେ । ପ୍ରଫେସରଙ୍କ ଦେଢ଼ବର୍ଷର ପୁଅ ବେଞ୍ଜାମିନ ସେମାନଙ୍କର କୋଠରୀର ଚାବିଟି ଧରି ଖେଳୁଥିଲା । ଅଳ୍ପଦୂରରେ ବେଞ୍ଜାମିନର ପିତା ପୁତ୍ରର ଖେଳ ଲକ୍ଷ୍ୟ କରୁଥିଲେ । ବେଞ୍ଜାମିନ ଚାବିଟିକୁ ନେଇ ହୋଟେଲର ମୁଖ୍ୟ ଦ୍ୱାର ପାଖରେ ଥିବା ଅଭ୍ୟର୍ଥନାକାରୀଙ୍କ ଡେସ୍କର କଣା ମଧ୍ୟରେ ପକାଇବାକୁ ଚେଷ୍ଟା କରୁଥିଲା । ନିଜ ଶରୀରର ଅବୟବ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ନ ଆସିଥିବାରୁ ସେ ବିଫଳ ହେଉଥିଲା । ବେଞ୍ଜାମିନ ବାରମ୍ବାର ବିଫଳ ହେଲେ ମଧ୍ୟ ଅଳ୍ପ ଦୂରରେ ଥିବା ପ୍ରଫେସର ସେଥିରେ ହସ୍ତକ୍ଷେପ ନ କରି ବେଞ୍ଜାମିନକୁ ଛାଡ଼ିଦେଇଥିଲେ । କିଛିସମୟ ପରେ ଜଣେ ଚୀନଦେଶୀୟ ବ୍ୟକ୍ତି ଏହା ଦେଖିଲେ । ସେ ଶିଶୁ ପାଖକୁ ଆସି ବେଞ୍ଜାମିନର ହାତକୁ ଧରି ତା'ର ଅଙ୍ଗୁଳି ଉପରେ ଚାପ ପ୍ରଦାନ କରି ଚାବିଟିକୁ କ'ଣା ମଧ୍ୟରେ ପକାଇ ଦେବାରେ ସାହାଯ୍ୟ କଲେ ।

ଏଠାରେ ପାଶ୍ଚାତ୍ୟ ଓ ପ୍ରାଚ୍ୟଶୈଳୀର ପାର୍ଥକ୍ୟ ସ୍ପଷ୍ଟ । *ଅଧିକାଂଶ ଦାୟିତ୍ୱସମ୍ପନ୍ନ ପାଶ୍ଚାତ୍ୟଦେଶୀୟ ପିତାମାତା ଚାହାନ୍ତି ଯେ ସେମାନଙ୍କର ଶିଶୁ ଅଧିକରୁ ଅଧିକ ଅନ୍ୱେଷଣ କରୁ, ଆତ୍ମପ୍ରତ୍ୟୟର ଅଧିକାରୀ ହେଉ । ଆପେ ଆପେ ପରିଶ୍ରମ କରି ସମସ୍ୟର ସମାଧାନ କରୁ ।* ଏପରି ହେଲେ ଅଳ୍ପବୟସରୁ ଶିଶୁର ସୃଜନମୁଖୀ (Creative) ଦକ୍ଷତାର ବିକାଶ ଘଟିବ । ଅଳ୍ପ ବୟସରେ ଏହା ନ ଘଟିଲେ ପରେ ସୃଜନାତ୍ମକ ଦକ୍ଷତା ବିକାଶ କଷ୍ଟକର ହେବ ।

ଅନ୍ୟପକ୍ଷରେ ଚୀନ ଦେଶ ପରି ପ୍ରାଚ୍ୟ ଦେଶର ପିତାମାତାମାନେ ଚାହାନ୍ତି ଯେ ଶିଶୁ ଅପାରଗ ଥିଲେ କାର୍ଯ୍ୟଟି ଶିଖାଇ ଦେଲେ ପରେ ସେ ଆଉ ଗୋଟିଏ କାମ ଶିଖିବ । ସେଠାରେ ଶିଶୁକୁ ସାହାଯ୍ୟ ନ କଲେ ପରେ କଷ୍ଟକର କାମ ଶିଖିବାରେ ଅସୁବିଧା ହେବ ।

ସ୍ଥୂଳତଃ ପ୍ରାଚ୍ୟ ଦେଶର ପିତାମାତାମାନଙ୍କର ଆଭିମୁଖ୍ୟ ମୁଖ୍ୟତଃ ବିବର୍ତ୍ତନଧର୍ମୀ ହେବାସ୍ଥଳେ ପାଶ୍ଚାତ୍ୟ ଦେଶର ପିତାମାତାଙ୍କର ଶୈଳୀ ପରିବର୍ତ୍ତନଧର୍ମୀ । ପ୍ରଥମ ଆଭିମୁଖ୍ୟଟି ମୌଳିକ ଦକ୍ଷତା ବିକାଶର ସହାୟକ ହେବା ସ୍ଥଳେ ଦ୍ୱିତୀୟଟି ସୃଜନଶୀଳ ଦକ୍ଷତା ବିକାଶର ସହାୟକ । ସୁତରାଂ କୌଣସି ଗୋଟିଏର ମାତ୍ରାଧିକ ବ୍ୟବହାର ନ କରି ଦୁଇଟି ମଧ୍ୟରେ ସମନ୍ୱୟ ଆଣିବା ଅଧିକ ଯୁକ୍ତିଯୁକ୍ତ ।

■

Digitized by srujanika@gmail.com

ଶିଶୁର ଭାଷା

ଶିଶୁର ଦରୋଟି ଭାଷା ଶ୍ରୁତିମଧୁର ଓ ଆନନ୍ଦଦାୟକ । ଅଧିକାଂଶ ଶିଶୁଙ୍କର ଭାଷାଗତ ବିକାଶ ଦ୍ରୁତଗତିରେ ହୋଇଥାଏ । ଶିଶୁ ଚାରିପାଞ୍ଚ ମାସର ହୋଇଥିବା ସମୟରେ ଅସ୍ପଷ୍ଟ ଶବ୍ଦ ଉଚ୍ଚାରଣ କରେ । ଛ' ସାତ ମାସର ହେଲାବେଳକୁ ଖଣ୍ଡ ଖଣ୍ଡ ଶବ୍ଦ ଉଚ୍ଚାରଣ କରେ । ଏକବର୍ଷ ବୟସରେ ଜିନିଷପତ୍ରକୁ ନିର୍ଦ୍ଦିଷ୍ଟ କରି ଶବ୍ଦ ଉଚ୍ଚାରଣ କରେ । ଶିଶୁର ବୟସ ଦେଢ଼ବର୍ଷ ହେଲାବେଳକୁ ଆଖି, ନାକ ଓ କାନ ପରି ଶବ୍ଦ ସହିତ ପରିଚିତି ଦର୍ଶାଇ ସେସବୁ ନିଜ ଶରୀରରେ ଚିହ୍ନାଇପାରେ । ଏ ସମୟର ପରେ ପରେ ଶିଶୁ ପ୍ରାୟ ପଚାଶ କିମ୍ବା ତଦୁର୍ଦ୍ଧ୍ୱ ଶବ୍ଦ ଉଚ୍ଚାରଣ କରିପାରେ ।

ଶିଶୁର ଭାଷା ଜନ୍ମଗତ କି ଶିକ୍ଷାକୃତ ?

ଶିଶୁର ଶାରୀରିକ ପରିପକ୍ୱତା ପରି ଭାଷାଗତ ବିକାଶ ଏକ ସ୍ୱାଭାବିକ ଜନ୍ମଗତ ଦକ୍ଷତା କି ତାହା ଏକ ଶିକ୍ଷାକୃତ କୌଶଳ, ସେ ବିଷୟରେ ଦୁଇଟି ପୃଥକ୍ ମତ ରହିଛି । ବ୍ୟବହାରବାଦୀମାନେ ବିଶ୍ୱାସ କରନ୍ତି ଯେ ଅନ୍ୟ ସବୁ ବ୍ୟବହାର ପରି ଭାଷାଜ୍ଞାନ ଶିକ୍ଷାକୃତ । ଶିଶୁ ପ୍ରାଥମିକ ପର୍ଯ୍ୟାୟରେ କେତେକ ଅର୍ଥହୀନ ଓ ଅସ୍ପଷ୍ଟ ଶବ୍ଦ ଉଚ୍ଚାରଣ କରେ । ମାତ୍ର ବେଳେବେଳେ ଏହିସବୁ ଶବ୍ଦ ବୟସ୍କମାନଙ୍କର ଶବ୍ଦର ନିକଟବର୍ତ୍ତୀ ହୁଏ । ଏପରି ସମୟରେ ପିତାମାତା ଓ ବୟସ୍କମାନେ ଶିଶୁର ସେହିସବୁ ଶବ୍ଦ ଶୁଣି ନିଜର ସ୍ମିତହସ ଓ ଅଙ୍ଗଭଙ୍ଗୀ ମାଧ୍ୟମରେ ସ୍ୱୀକୃତି ଜଣାନ୍ତି । ଶିଶୁ ଠିକ୍ ରୂପେ ଶବ୍ଦଟିକୁ କହିଥିଲେ ତାକୁ ପ୍ରୋତ୍ସାହନ (Reinforcement) ଦିଅନ୍ତି । ଏହିପରି କ୍ରମାଗତ ପ୍ରୋତ୍ସାହନ ପାଇବା ଫଳରେ ଶିଶୁର ଠିକ୍ ଶବ୍ଦ ଉଚ୍ଚାରଣ କରିବାର ଦକ୍ଷତା ବୃଦ୍ଧିପାଏ । *ଫଳତଃ ଉପଯୁକ୍ତ ଶବ୍ଦ ଉଚ୍ଚାରଣ ବାରମ୍ବାର ପ୍ରୋତ୍ସାହିତ ହେବା ଫଳରେ ଭାଷାଗତ ଦକ୍ଷତା ବୃଦ୍ଧିପାଇବା ଶିକ୍ଷାକୃତ ବ୍ୟବହାର ବୋଲି କୁହାଯିବ ।*

ଶିକ୍ଷାକୃତ ବ୍ୟବହାରର ଅନ୍ୟ ଏକ ରୂପ ହେଉଛି ଅନୁକରଣ । ଶିଶୁ ବୟସ୍କ ମାନଙ୍କର କଥା ଓ ଶବ୍ଦ ଉଚ୍ଚାରଣ ଲକ୍ଷ୍ୟକରି ନିଜେ କହିବାକୁ ଚେଷ୍ଟାକରେ । ଏଠାରେ ଲକ୍ଷ୍ୟ କରିବାର କଥା ଯେ ଶିଶୁ ବୟସ୍କମାନଙ୍କର କଥା ଶୁଣି ଅନୁକରଣପ୍ରିୟ ହୋଇ କହିବାକୁ ଉଦ୍ୟମ କରୁଥିବାରୁ ତାହାର ଶବ୍ଦ ଓ ବାକ୍ୟରେ ବ୍ୟାକରଣଗତ ଶୁଦ୍ଧତା ମଧ୍ୟ ଥାଏ । ଏଥିପାଇଁ ଶିଶୁକୁ ପୃଥକ୍‌ଭାବେ ବ୍ୟାକରଣ ଶିକ୍ଷା କରିବାକୁ ପଡ଼ି ନ ଥାଏ ।

ଶିଶୁର ଭାଷାଗତ ବିକାଶ କ୍ଷେତ୍ରରେ ଶିକ୍ଷଣ (Learning) ଏବଂ ଅନୁକରଣ (Imitation)ର ନିର୍ଦ୍ଦିଷ୍ଟ ଭୂମିକା ରହୁଥିବାରୁ ଗୃହ ଓ ପରିବାର ମଧ୍ୟରେ ପ୍ରତିପାଳିତ ଶିଶୁର ଭାଷାଗତ ବିକାଶ କେବଳ ଅନାଥାଶ୍ରମ ବା ଅନ୍ୟ ଅନୁଷ୍ଠାନ ଦ୍ୱାରା ପ୍ରତିପାଳିତ ଶିଶୁର ଭାଷା ବିକାଶ ଅପେକ୍ଷା ଦ୍ରୁତତର ହୁଏ ।

ଶିଶୁର ଭାଷାଗତ ବିକାଶରେ ଶିକ୍ଷଣ ଓ ଅନୁକରଣର ଭୂମିକା ରହିଥିଲେ ମଧ୍ୟ ଭାଷାଜ୍ଞାନ ଆହରଣରେ ଶିଶୁମାନଙ୍କର ଜନ୍ମଗତ ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିହେବ ନାହିଁ । ଏ କ୍ଷେତ୍ରରେ

Digitized by srujanika@gmail.com

କେତୋଟି ପର୍ଯ୍ୟବେକ୍ଷଣ ପ୍ରାମାଣିକ ତଥ୍ୟ ପ୍ରଦାନ କରେ । ପ୍ରଥମତଃ ପ୍ରାୟ ସବୁ ଶିଶୁମାନେ ସେମାନଙ୍କର ମାତୃଭାଷା ଖୁବ୍ ସହଜରେ ଗ୍ରହଣ କରିନିଅନ୍ତି । ଏ ଭାଷାର ନୀତିନିୟମ ଯେତେ ଜଟିଳ ହେଲେ ମଧ୍ୟ ସେମାନେ ଶିଖିନିଅନ୍ତି । ସେହିପରି ଏ ଭାଷାର ବ୍ୟାକରଣ ସ୍ୱତନ୍ତ୍ର ଭାବରେ ତାଲିମ ଦିଆ ନ ହେଲେ ମଧ୍ୟ ଭାଷାଜ୍ଞାନରେ ବିଶେଷ ଅସୁବିଧା ରହେନାହିଁ ।

ଦ୍ୱିତୀୟତଃ କେବଳ ମନୁଷ୍ୟ ହିଁ କଥିତ ଭାଷାର ଅଧିକାରୀ । ପୁଣି ମନୁଷ୍ୟ ମସ୍ତିଷ୍କରେ ଭାଷା ସମ୍ପର୍କୀୟ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭାଷାକେନ୍ଦ୍ର ରହିଛି । ଆମ ମସ୍ତିଷ୍କର କେବଳ ବାମ ଅର୍ଦ୍ଧଟି ଭାଷାଗତ କ୍ରିୟାକଳାପର ନିୟନ୍ତ୍ରଣ କରେ ନାହିଁ, ବାମ ଅର୍ଦ୍ଧଟିର ଆକାର ଦକ୍ଷିଣାର୍ଦ୍ଧର ଆକାର ତୁଳନାରେ ବଡ଼ ।

ତୃତୀୟରେ ଜନ୍ମ ସମୟରୁ ଆରମ୍ଭ କରି ଶିଶୁମାନେ ବୟସ୍କମାନଙ୍କ ଉଚ୍ଚାରିତ ଶବ୍ଦ ଓ କଥାରେ ଥିବା ଛନ୍ଦ ପ୍ରତି ଧ୍ୟାନଶୀଳ ହୁଅନ୍ତି ।

ନିର୍ଦ୍ଦିଷ୍ଟ ଭାବରେ ତାଲିମ ପାଇବା ପୂର୍ବରୁ ଶିଶୁମାନେ କିପରି ଜଟିଳ ବ୍ୟାକରଣ ନୀତିନିୟମପୂର୍ଣ୍ଣ ବାକ୍ୟସବୁ ପ୍ରତି ଧ୍ୟାନଶୀଳ ହୁଅନ୍ତି, ତାହା ଏକ କଷ୍ଟକର ପ୍ରଶ୍ନ । ଏହାର ଉତ୍ତର ଦେବାକୁ ଯାଇ ବିଶ୍ୱର ଶ୍ରେଷ୍ଠ ମନୋଭାଷା ବିଶେଷଜ୍ଞ (Psycholinguist)ଚମୋସ୍କି କହନ୍ତି ଯେ ପ୍ରତି ଶିଶୁ ଜନ୍ମ ସମୟରୁ ଏକ ସହଜାତ ଭାଷାଜ୍ଞାନ କୌଶଳ ନେଇ ଆସିଥାଏ । ବାହ୍ୟ ଜଗତରେ ଭାଷା ଶୁଣିବା ଏବଂ ଶୁଣିବା ପରେ ଏଥିରୁ ବ୍ୟାକରଣଗତ ନିୟମ ନିର୍ଦ୍ଧାରଣ କରିବା ପାଇଁ ଏହି ଜନ୍ମଗତ କୌଶଳ ମସ୍ତିଷ୍କକୁ ପରିଚାଳିତ କରେ । ଫଳରେ ସ୍ୱାଭାବିକ ଭାବରେ ଶିଶୁର ଭାଷାଜ୍ଞାନ ବୃଦ୍ଧିପାଏ । ଏପରି କି ବଧିର ପିଲାମାନେ ବାହ୍ୟଜଗତର କଥାବାର୍ତ୍ତା ଶୁଣିବାରୁ ବଞ୍ଚିତ ହୋଇ ମଧ୍ୟ ସେମାନଙ୍କର ଏହି ଅନ୍ତର୍ନିହିତ କୌଶଳ ବଳରେ ନିଜର ଅଙ୍ଗଭଙ୍ଗୀ ପ୍ରୟୋଗ କରି ଭାବପ୍ରକାଶ କରିବାକୁ ଆରମ୍ଭ କରନ୍ତି ।

ଜନ୍ମଗତ କୌଶଳ ଭୂମିକାକୁ ପୂରାପୂରି ଅସ୍ୱୀକାର କରାଯାଇପାରିବ ନାହିଁ ସତ, ମାତ୍ର ଏହା ସବୁ ପ୍ରଶ୍ନର ଉତ୍ତର ଦେଇପାରିବ ନାହିଁ । ଏପରି ତଥ୍ୟ ଶିଶୁମାନଙ୍କ ମଧ୍ୟରେ ଥିବା ଭାଷାଜ୍ଞାନ ଓ ବାକ୍‌ପଟୁତାରେ ଥିବା ବିରାଟ ତାରତମ୍ୟ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇପାରିବ ନାହିଁ । ସେହିପରି ଭାଷାଗତ ବିକାଶ ପାଇଁ ଅନ୍ୟର ସାହଚର୍ଯ୍ୟ ଅତ୍ୟାବଶ୍ୟକ । *ଶିଶୁର ଭାଷାବିକାଶ ପାଇଁ* ଶିଶୁ ଅନ୍ୟର କଥାବାର୍ତ୍ତା ଶୁଣିବା ପ୍ରୟୋଜନ । ଏ କ୍ଷେତ୍ରରେ ଜନ୍ମଗତ କୌଶଳ ଅପେକ୍ଷା ଶିକ୍ଷାକୌଶଳ ଅଧିକ ସକ୍ରିୟ ।

ପରିଶେଷରେ କୁହାଯାଇପାରେ ଯେ ବିକାଶବିଜ୍ଞାନୀମାନେ ଜନ୍ମଗତ କୌଶଳ ଓ ଶିକ୍ଷାକୃତ ଅଭ୍ୟାସ ଉପରେ ଗୁରୁତ୍ୱ ଦିଅନ୍ତି । *ସେମାନେ ବିଶ୍ୱାସ କରନ୍ତି ଯେ ଶିଶୁ ଭାଷାଜ୍ଞାନ ଆହରଣ ପାଇଁ ଏକ ସହଜାତ ସାମର୍ଥ୍ୟ ନେଇ ଜନ୍ମ ହେଉଛି ସତ୍ୟ, ମାତ୍ର ଏ ସାମର୍ଥ୍ୟର ସକ୍ରିୟତା ଓ ସୁସମଞ୍ଜସ୍ୟ ବିକାଶ ଶିଶୁର ଶିକ୍ଷା ଓ ଅନୁଭୂତି ଉପରେ ନିର୍ଭରଶୀଳ ।*

Digitized by srujanika@gmail.com

ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁର ଭାଷାଗତ ବିକାଶ

ଶିଶୁର ଭାଷା ବହୁ ବୈଚିତ୍ର୍ୟପୂର୍ଣ୍ଣ । ଶିଶୁ ତା'ର ଭାଷା ମାଧ୍ୟମରେ କେବଳ ବୟସ୍କମାନଙ୍କ ସହିତ ସଂଯୋଗ ରକ୍ଷା କରେନାହିଁ, ଭାଷା ମାଧ୍ୟମରେ ନିଜର ବୌଦ୍ଧିକ ବିକାଶକୁ ତ୍ୱରାନ୍ୱିତ କରେ । ଶିଶୁର ଆଦ୍ୟଭାଷା ପ୍ରୟୋଗ ସମ୍ପର୍କରେ ଆମର ପରିଚିତି ଶିଶୁ ବିକାଶର ସହାୟକ । ଏ ଦୃଷ୍ଟିରୁ ଏହାର ଅନୁଶୀଳନ ପ୍ରୟୋଜନ । ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ ଚାରୋଟି ପୃଥକ୍ ପୃଥକ୍ ଭାଷା ବିକାଶର ସୋପାନ ଅତିକ୍ରମ କରେ । ଏଗୁଡ଼ିକ ତାହାର ପ୍ରାକ୍‌କଥନ, ପ୍ରଥମ ଶବ୍ଦାବଳୀ ପ୍ରଥମ ବାକ୍ୟ ସମୂହ ଓ ପ୍ରଥମ ପଦବିନ୍ୟାସ କୁହାଯାଇପାରେ ।

ଜନ୍ମର ପରେ ପରେ ଖୁବ୍ ଅଳ୍ପ ବୟସରେ ଶିଶୁର ସାମର୍ଥ୍ୟ ରହିଥାଏ ବିଭିନ୍ନ ଧ୍ୱନିକୁ ପୃଥକ୍ ପୃଥକ୍ ଭାବେ ଚିହ୍ନିବା ପାଇଁ । ଏହା ଶିଶୁର ପ୍ରାକ୍‌କଥନ ସ୍ତର । ପ୍ରାଥମିକ ଅବସ୍ଥାରେ ଶିଶୁ ବହୁତଗୁଡିଏ ଧ୍ୱନି ଶୁଣି ସେସବୁକୁ ପୃଥକ୍ ପୃଥକ୍ ଭାବେ ଜାଣି ପାରୁଥିଲେ ମଧ୍ୟ ଗୋଟିଏ ଭାଷା ଗୋଷ୍ଠୀରେ କେତେକ ଧ୍ୱନି ଆଦୌ ବ୍ୟବହୃତ ହୁଏନାହିଁ । ଫଳରେ ଶିଶୁର ବୟସ ବୃଦ୍ଧି ହେବା ସଂଗେ ସଂଗେ ସେ କେତେଗୁଡ଼ିଏ ଧ୍ୱନି ସହିତ ପରିଚିତି ହରାଏ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ବାହ୍ୟ ପରିବେଶରେ ସୃଷ୍ଟି ହେଉଥିବା ଶବ୍ଦ ଶୁଣି ଜାପାନ ଦେଶର ଶିଶୁ 'ରା' ଓ 'ଲା' ଦୁଇଟି ଯାକ ଶବ୍ଦ ଚିହ୍ନିପାରେ । ମାତ୍ର ଜାପାନୀମାନେ ସାଧାରଣତଃ 'ରା' ଶବ୍ଦଟି

Digitized by srujanika@gmail.com

ବ୍ୟବହାର କରୁ ନ ଥିବାରୁ ଜାପାନୀ ଶିଶୁ ପରବର୍ତ୍ତୀ ବୟସରେ ନିଜର ସାମର୍ଥ୍ୟ ହରାଇ କେବେଳ 'ଲା' ଶବ୍ଦଟି ଶିଖେ ।

ଶିଶୁର କ୍ରନ୍ଦନ ପ୍ରାକ୍‌କଥନର ଏକ ଆଦ୍ୟରୂପ । ଗୋଟିଏ ଶିଶୁର କ୍ରନ୍ଦନ ସବୁ ସମୟରେ ଏକ ପ୍ରକାର ନୁହେଁ । ଏଥିରେ ତୀକ୍ଷ୍ଣତା, ଦୀର୍ଘତା ଓ ସ୍ୱରଭଙ୍ଗୀର ପାର୍ଥକ୍ୟ ଥାଏ । ଶିଶୁ ସହିତ ଅଭ୍ୟସ୍ତ ପିତାମାତା ନିଜ ଶିଶୁର କାନ୍ଦ ଶୁଣି ଏହା କ୍ଷୁଧା କିମ୍ୱା ଯନ୍ତ୍ରଣା କିମ୍ୱା ନିଦ୍ରାଳୁତାର ସୂଚକ ବୋଲି ଜାଣିପାରନ୍ତି ।

ଶିଶୁ ଛମାସରୁ ଦଶ ମାସ ବୟସ ମଧ୍ୟରେ ଅର୍ଥହୀନ ଶବ୍ଦସବୁ ଉଚ୍ଚାରଣ କରିଥାଏ । ସାଧାରଣତଃ ଅନ୍ୟକୁ ଅନୁକରଣ କରି ଶିଶୁ ଶବ୍ଦ ଉଚ୍ଚାରଣ କରେ । ଏଠାରେ ଦୁଇପ୍ରକାର ଶିଶୁକୁ ଲକ୍ଷ୍ୟ କରିବାର କଥା । କେତେକ ଶିଶୁ ଶବ୍ଦ ଉପରେ ଗୁରୁତ୍ୱ ଦିଅନ୍ତି । ଅନ୍ୟ କେତେକ ଶିଶୁ ସ୍ୱର ଉପରେ ଗୁରୁତ୍ୱ ଦିଅନ୍ତି । ଶବ୍ଦ ଉପରେ ଗୁରୁତ୍ୱ ଦେଉଥିବା ଶିଶୁମାନେ ଶବ୍ଦ ସବୁ ପୃଥକ୍ ପୃଥକ୍ ପାଟିରୁ ବାହାର କରନ୍ତି । ଅନ୍ୟପକ୍ଷରେ ସ୍ୱରକୁ ପ୍ରାଧାନ୍ୟ ଦେଉଥିବା ଶିଶୁମାନେ ସେମାନଙ୍କର ଅର୍ଥହୀନ ଶବ୍ଦସବୁ (Bobbling) ଗୋଟିଏ ଲହରରେ ପ୍ରକାଶ କରନ୍ତି । ଗୋଟିଏ ଲହର ପରେ ଆଉ ଗୋଟିଏ ଲହର ସୃଷ୍ଟି ହୁଏ । ଅଥଚ ଶବ୍ଦମାନଙ୍କ ମଧ୍ୟରେ ସମୟର ବ୍ୟବଧାନ ନ ଥାଏ ।

ଦଶମାସର ବୟସ ବେଳକୁ ଶିଶୁର କଥନ କିଛି ମାତ୍ରାରେ ଶିଶୁର ବୋଧଶକ୍ତି ପ୍ରକାଶ କରେ । ସେ କିଛି ବୁଝି ଶବ୍ଦ ପ୍ରକାଶ କରେ ଏବଂ ଏସବୁ ଶବ୍ଦର ପୁନରାବୃତ୍ତି କରେ । ଉଚ୍ଚାରିତ ଶବ୍ଦ ଇଚ୍ଛାକୃତ ଭାବରେ ସେ ପୁନଃପୁନଃ ଉଚ୍ଚାରଣ କରେ । ଅନ୍ୟର ଓ ବୟସ୍କମାନଙ୍କର ପ୍ରୋତ୍ସାହନ ତା'ର ପୁନରାବୃତ୍ତି କ୍ରିୟାକୁ ବୃଦ୍ଧିକରେ ।

ଭାଷା ବିକାଶର ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ପ୍ରାରମ୍ଭିକ ଶବ୍ଦ ସବୁ ପ୍ରୟୋଗ କରେ । ନିଜର ନାମ ଏବଂ ନାଃ ଶବ୍ଦଟି ପ୍ରତି ଶିଶୁ ପ୍ରଥମେ ପ୍ରତିକ୍ରିୟା ଦର୍ଶାଏ । ଏ ଦୁଇଟି ଶବ୍ଦ ସେ ବୁଝିଛି ବୋଲି ଇଙ୍ଗିତ ଦିଏ । ପ୍ରାୟ ଏକବର୍ଷ ବେଳକୁ ଅର୍ଥାତ୍ ୧୦ ମାସରୁ ୧୪ ମାସ ବୟସ ମଧ୍ୟରେ ଶିଶୁ ନିଜର ଭାବ ବ୍ୟକ୍ତ କଲାପରି ଶବ୍ଦ ପ୍ରୟୋଗ କରେ । ଧୀରେ ଧୀରେ ଏପରି ପ୍ରୟୋଗରେ କିଛି ମାତ୍ରାରେ ବ୍ୟାକରଣ, ସଠିକ୍ ଉଚ୍ଚାରଣ ଓ ଛନ୍ଦର ଆଂଶିକ ବ୍ୟବହାର ପରିଦୃଷ୍ଟ ହୁଏ ।

ଏ ସମୟରେ ଶିଶୁ କେତେକ ଶବ୍ଦକୁ ପୂର୍ଣ୍ଣଭାବ ପ୍ରକାଶ କରିବାର ମାଧ୍ୟମ ରୂପେ ବ୍ୟବହାର କରିପାରେ । ପରିସ୍ଥିତି ଓ ଶିଶୁର ମାନସିକ ଅବସ୍ଥାକୁ ଚାହିଁ ଏ ଶବ୍ଦର ଅର୍ଥ ଭିନ୍ନ ଭିନ୍ନ ହୋଇପାରେ । ଉଦାହରଣ ସ୍ୱରୂପ ଶିଶୁଟି 'ମା' ଶବ୍ଦ ଉଚ୍ଚାରଣ କରି ହୁଏତ କହିବାକୁ ଚାହିଁପାରେ– ''ମୁଁ ବାହାରକୁ ଯିବି ।'' ଏହାର ଅର୍ଥ ମଧ୍ୟ ହୋଇପାରେ– ''ମୋତେ ଭଲ ଲାଗୁନାହିଁ ।''

ବର୍ଷେ, ଦୁଇବର୍ଷ ବୟସ ମଧ୍ୟରେ ଶିଶୁ ବ୍ୟବହାର କରୁଥିବା ଶବ୍ଦାବଳୀର ବିଶ୍ଳେଷଣ କରାଯାଇ ଦେଖାଯାଇଛି ଯେ, ଶିଶୁ ବସ୍ତୁ ସବୁର ନାମ (କୁକୁର, ବିରାଡ଼ି), ନିଜର କେତେକ ଅନୁଭବ (ଗରମ), ଅନ୍ୟକୁ ବିଦାୟ ଦେବା ସମୟର କଥିତ ଶବ୍ଦ ଇତ୍ୟାଦି ପ୍ରୟୋଗ କରେ । କୌତୂହଳର ବିଷୟ ଯେ ଶିଶୁର ବୟସ ୧୬ ମାସରୁ ୨୪ ମାସ ମଧ୍ୟରେ ହଠାତ୍ ଏକ

Digitized by srujanika@gmail.com

ସମୟରେ ଦେଖାଯାଏ ଯେ ଶିଶୁର ଶବ୍ଦ ଭଣ୍ଡାର ଯଥେଷ୍ଟ ବଢ଼ିଯାଇଛି । ଦୁଇତିନି ସପ୍ତାହର ବ୍ୟବଧାନ ମଧ୍ୟରେ ୫୦ଟି ଶବ୍ଦସ୍ଥାନରେ ଶିଶୁ ପ୍ରାୟ ୪୦୦ ଶବ୍ଦ ଶିଖିଛି । ଏହା ବିସ୍ମୟକର ହେଲେ ମଧ୍ୟ ଅଳ୍ପ ସପ୍ତାହ ମଧ୍ୟରେ ଏପରି ବିସ୍ଫୋରଣ ଘଟିଥାଏ । ଶବ୍ଦ ସହିତ ଶିଶୁ କେତେକ ଇଙ୍ଗିତଧର୍ମୀ ଭଙ୍ଗୀ ଦେଖାଏ । 'ଗରମ' ଶବ୍ଦଟି ପ୍ରକାଶ କରିବାକୁ ଯାଇ ଶିଶୁ ନିଜ ପାଟିର ସୁ ସୁ ଶବ୍ଦ କରି ଗରମର ଭାବ ସୃଷ୍ଟି କରିବାକୁ ଚାହେ ।

ସାଧାରଣତଃ ଅଠର ମାସରୁ ଚବିଶ ମାସ ବୟସ ମଧ୍ୟରେ କିଛି ଭାଷା ବିକାଶର ତୃତୀୟ ସୋପାନରେ ପାଦ ଦେଇ ବାକ୍ୟ ବ୍ୟବହାର କରେ । *ଅଧିକାଂଶ ଶିଶୁଙ୍କ କ୍ଷେତ୍ରରେ ଶିଶୁର ବୟସକୁ ଚାହିଁ ପ୍ରଥମ ଦୁଇଟି ସୋପାନର ଅନୁମାନ ସହଜ । ମାତ୍ର ଶିଶୁ କେଉଁ ବୟସରୁ ପୂର୍ଣ୍ଣ ବାକ୍ୟଟି କହିବ, ସେ କ୍ଷେତ୍ରରେ ଶିଶୁମାନଙ୍କ ମଧ୍ୟରେ ତାରତମ୍ୟ ଦେଖାଯାଏ । ପ୍ରକାଶ ଭଙ୍ଗୀରେ ଆଂଶିକ ଭାବରେ ବ୍ୟାକରଣ ବ୍ୟବହାର କରି ପଦବିନ୍ୟାସ ସୃଷ୍ଟି କରିବାର ସମ୍ଭାବନାଟି ଚତୁର୍ଥ ସ୍ତମ୍ଭ । କୋଡିଏରୁ ତିରିଶ ମାସ ବୟସ ମଧ୍ୟରେ ଏପରି ସମ୍ଭାବନା ସୃଷ୍ଟି ହୁଏ ।* ପ୍ରାୟ ୩ ବର୍ଷ ବୟସ ବେଳକୁ ଶିଶୁର ଭାଷା ଅପେକ୍ଷାକୃତ ଜଟିଳ ଓ ପୂର୍ଣ୍ଣଭାବ ପ୍ରକାଶକ୍ଷମ ହୁଏ ।

ଶୈଶବକାଳୀନ ଭାଷାର କେତୋଟି ବୈଶିଷ୍ଟ୍ୟ ଲକ୍ଷ୍ୟ କରିବାର କଥା । ସେମାନଙ୍କ ଭାଷାରେ ଅତିବାସ୍ତବତା (Over generalisation) ପରିଦୃଷ୍ଟ ହୁଏ । ଗୋଟିଏ ଶିଶୁର ଅଜା ପକ୍ୱ କେଶବିଶିଷ୍ଟ ହୋଇଥିଲେ ଶିଶୁଟି ଦୂରଦର୍ଶନରେ ବୃଦ୍ଧ ଲୋକ (ପକ୍ୱ କେଶସମ୍ପନ୍ନ) ଦେଖି 'ଅଜା ଅଜା' ବୋଲି ଚିତ୍କାର କରେ । ଦ୍ୱିତୀୟତଃ ଅତି ସରଳୀକରଣ ମଧ୍ୟ ଦେଖାଯାଏ । 'ନା' କହି ଶିଶୁଟି ବ୍ୟକ୍ତ କରିବାକୁ ଚାହେ ଯେ ସେ କ୍ଷୀର ପିଇବାକୁ ଚାହେନାହିଁ ।

ଶିଶୁର ଭାଷାଗତ ଦକ୍ଷତାବୃଦ୍ଧି କରିବେ କିପରି

ଶିଶୁର ଭାଷାଗତ ବିକାଶ ଏକ ବିଶେଷ ଧରଣର ସମ୍ବଳ । ବିଶେଷକରି ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ ତାହାର ପ୍ରାକ୍‌କଥନ, ପ୍ରଥମ ଶବ୍ଦ, ପ୍ରଥମ ବାକ୍ୟ ଓ ପ୍ରଥମ ପଦବିନ୍ୟାସର ପ୍ରୟୋଗ ଦର୍ଶାଇ ନିଜ ଦକ୍ଷତାର ପରିଚୟ ଦିଏ । କ୍ରମାନ୍ୱୟ ଭାବରେ ଏ ଚାରୋଟି ସ୍ତର ଆସିଥାଏ । ଶିଶୁର ଭାଷାଗତ ବିକାଶକ୍ଷେତ୍ରରେ କିଛି ମାତ୍ରାରେ ବଂଶାନୁକ୍ରମିକତାର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ସାଧାରଣତଃ ପିତାମାତାଙ୍କର ବୁଦ୍ଧିମତ୍ତା ଓ ଶିଶୁର ଭାଷାଗତ ଦକ୍ଷତା ମଧ୍ୟରେ ସମ୍ବନ୍ଧ ଲକ୍ଷ୍ୟ କରାଯାଏ । ପୁଣି ପୋଷ୍ୟପୁତ୍ର ବା ପୋଷ୍ୟକନ୍ୟା ଗ୍ରହଣ କରିଥିବା ମା'ର ବୁଦ୍ଧିମତ୍ତା ତୁଳନାରେ ଜନ୍ମଦାତ୍ରୀ ମା'ର ବୁଦ୍ଧିମତ୍ତା ସହିତ ଶିଶୁର ଭାଷା ଦକ୍ଷତାର ଅଧିକ ସମ୍ପର୍କ ପରିଲକ୍ଷିତ ହୁଏ । ତଥାପି ଶିଶୁର ପରିବେଶ ଯେ ଭାଷାଗତ ଦକ୍ଷତା ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ନିଏ, ଏଥିରେ ସନ୍ଦେହ ନାହିଁ ।

ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ କେତେ ପରିମାଣରେ କଥାବାର୍ତ୍ତା କରୁଛି ଏବଂ କିପରି ଶୈଳୀରେ କଥାବାର୍ତ୍ତା କରୁଛି, ତାହା ପରିବେଷ୍ଟନୀ ଉପରେ ନିର୍ଭର କରେ । କଥାବାର୍ତ୍ତା

Digitized by srujanika@gmail.com

ମାଧ୍ୟମରେ ବହୁଳ ପରିମାଣରେ ଭାବର ଆଦାନ ପ୍ରଦାନ କରାଯାଉଥିବା ଗୃହ ବା ଅନୁଷ୍ଠାନରେ ଶିଶୁମାନେ ଅଧିକ ସୁଯୋଗ ପାଆନ୍ତି । କେବଳ ଶୁଣିବା ଯଥେଷ୍ଟ ନୁହେଁ । ଭାଷାଗତ ବିକାଶ ପାଇଁ ଶିଶୁ ନିଜେ କିଛି କଥାବାର୍ତ୍ତା କରିବା ଆବଶ୍ୟକ । ଅନେକ ବିଶ୍ୱାସ କରନ୍ତି କେବଳ ଦୂରଦର୍ଶନର କାର୍ଯ୍ୟକ୍ରମ ଦେଖି ଶୁଣିବାର ସୁଯୋଗ ପାଇଲେ ଶିଶୁର ଭାଷାଜ୍ଞାନ ବଢ଼ିବ । ଏହା ପୂର୍ଣ୍ଣମାତ୍ରାରେ ସତ୍ୟ ନୁହେଁ । ଗୋଟିଏ ସର୍ବେକ୍ଷଣରେ ଦେଖାଯାଇଛି ଯେ ଗୋଟିଏ ଅଞ୍ଚଳରେ

ହଲାଣ୍ଡର ଶିଶୁମାନେ ପୂରାପୂରି ସମୟ ଜର୍ମାନୀଭାଷାର ଟେଲିଭିଜନ କାର୍ଯ୍ୟକ୍ରମ ଦେଖିଲା ପରେ ମଧ୍ୟ ଜର୍ମାନୀଭାଷା ଶିକ୍ଷା କରିପାରି ନ ଥିଲେ ।

କହିବା ଓ ଭାବର ଆଦାନପ୍ରଦାନ ପାଇଁ ଅଭ୍ୟାସ ଓ ପାରସ୍ପରିକ ଯୋଗାଯୋଗ ଆବଶ୍ୟକ । ଭାଷା ବ୍ୟବହାର ଏକ ସାମାଜିକ ପ୍ରକ୍ରିୟା । ଶିଶୁ ସହିତ କଥା କହିବା ସମୟରେ ପିତାମାତା ଓ ବୟସ୍କମାନେ ଶିଶୁକୁ ବହୁତ କଥା ଶିଖାଇ ଥାଆନ୍ତି । କିପରି ନୂଆ ଶବ୍ଦର ପ୍ରୟୋଗ କରାଯିବ, କିପରି ନିଜକୁ ପ୍ରକାଶ କରିହେବ ଏବଂ କେଉଁ ସ୍ଥଳରେ ଅନ୍ୟର କଥା ମଝିରେ ନିଜ କଥା ବ୍ୟକ୍ତ କରିବାକୁ ହେବ, ତାହା ଶିଶୁ ଶିକ୍ଷାକରେ ।

ଅବଶ୍ୟ କେତେକ ଶିଶୁ ବିଳମ୍ବରେ କଥାବାର୍ତ୍ତା ଆରମ୍ଭ କରିଥାନ୍ତି । ନିର୍ଦ୍ଧାରିତ ବୟସ ପାରିହୋଇଯିବା ପରେ କଥାବାର୍ତ୍ତା କରୁଥିବା ଶିଶୁମାନଙ୍କ ମଧ୍ୟରୁ ୪୦ ପ୍ରତିଶତ ପିଲାଙ୍କ ଅନ୍ୟ କୌଣସି ସମସ୍ୟା ରହିଥାଏ । ସେମାନଙ୍କର ଶ୍ରବଣଜନିତ ତ୍ରୁଟି ବା ମାନସିକ ଅନଗ୍ରସରତା

Digitized by srujanika@gmail.com

ଥାଇପାରେ । କେବଳ ୩ ପ୍ରତିଶତ ପିଲା ଅନ୍ୟସବୁ ଦକ୍ଷତାର ଅଧିକାରୀ ହୋଇ ମଧ୍ୟ ଭାଷାଗତ ଅସାମର୍ଥ୍ୟ ଦର୍ଶାନ୍ତି । ଆଇନଷ୍ଟାଇନ ତିନିବର୍ଷ ପର୍ଯ୍ୟନ୍ତ କଥାବାର୍ତ୍ତା ଆରମ୍ଭ କରି ନ ଥିଲେ । କହିବାର ତାତ୍ପର୍ଯ୍ୟ ହେଉଛି ଅଧିକ ବୟସରେ କଥା ଆରମ୍ଭ କରୁଥିବା ବହୁପିଲା ପରବର୍ତ୍ତୀ ସମୟରେ ନିଜର ତ୍ରୁଟି ସୁଧାରି ନେଇ ଅଗ୍ରଗାମୀ ହୋଇପାରନ୍ତି । ତଥାପି ଭାଷା ପରି ଏକ ବିଶେଷ ସମ୍ବଳର ବିକାଶ ପାଇଁ ପିତାମାତା ଓ ଅନ୍ୟମାନେ ବିଧିବଦ୍ଧ ପନ୍ଥା ଗ୍ରହଣ କରିବା ଉଚିତ । ଏ କ୍ଷେତ୍ରରେ ଶିଶୁର ଭାଷାଗତ ବିକାଶସ୍ତରକୁ ଚାହି କେତୋଟି ସୁଚିନ୍ତିତ ପରାମର୍ଶ ଦିଆଯାଇପାରେ ।

ଶିଶୁର ପ୍ରଥମ ଭାଷା ବିକାଶର ସ୍ତରକୁ ପ୍ରାକ୍‌କଥନ ସ୍ତର ବୋଲି ପୂର୍ବରୁ ସୂଚିତ କରାଯାଇଛି । ଏ ସମୟରେ ଶିଶୁ ଅର୍ଥହୀନ ଶବ୍ଦ (Babbling) ଉଚ୍ଚାରଣ କରେ । ଏ ସମୟରେ ଶିଶୁଟି ଗୋଟିଏ ଅର୍ଥହୀନ ଶବ୍ଦ ଉଚ୍ଚାରଣ କଲାମାତ୍ରେ ବୟସ୍କ ବ୍ୟକ୍ତି ଏ ଶବ୍ଦର ପୁନଃ ଉଚ୍ଚାରଣ କରିବେ । ହୁଏତ ଶିଶୁ ପୁଣି ଥରେ ପାଟି ଖୋଲିବ । ବୟସ୍କ ବ୍ୟକ୍ତି ପୁନରାବୃତ୍ତି କରିବେ । ଏହା ଏକପ୍ରକାର ଖେଳରେ ପରିଣତ ହେବ । ଏପରି ପୁନରାବୃତ୍ତି ଶିଶୁକୁ ତା'ର ଅଲକ୍ଷ୍ୟରେ ଶିକ୍ଷା ଦେବ ଯେ କଥାବାର୍ତ୍ତା ପାଇଁ ଏକ ଉତ୍ତର ପ୍ରତ୍ୟୁତ୍ତର କାର୍ଯ୍ୟକ୍ରମ ରହିଛି । ଅବଶ୍ୟ ଏପରି ଉତ୍ତର ପ୍ରତ୍ୟୁତ୍ତର ଭାବ ପରିଷ୍କାର ଭାବେ ଶିଶୁ ପରେ ଶିଖେ । ମାତ୍ର ଏହା ମୂଳଭିତ୍ତି ସ୍ଥାପନ କରେ ।

ପ୍ରାୟ ଏକବର୍ଷ ବୟସ ବେଳକୁ ଶିଶୁ ପ୍ରଥମ ଅର୍ଥପୂର୍ଣ୍ଣ ଶବ୍ଦ ଉଚ୍ଚାରଣ କରେ । ଏ କ୍ଷେତ୍ରରେ ପିତାମାତା ଓ ବୟସ୍କମାନେ ପୁନରାବୃତ୍ତିର ଉର୍ଦ୍ଧ୍ୱକୁ ଯାଇ ଶବ୍ଦର ଶୁଦ୍ଧ ଉଚ୍ଚାରଣ ଶବ୍ଦର ବିସ୍ତାରଣ ପ୍ରତି ଦୃଷ୍ଟିଦେବା ବିଧେୟ । ଶିଶୁ ଅର୍ଥପୂର୍ଣ୍ଣ ଶବ୍ଦଟି କହିବା ପରେ ଠିକ୍ ଭାବେ ଉଚ୍ଚାରଣ କରି ତାହାକୁ ପୁନରାବୃତ୍ତି କରିବାକୁ ହେବ । ଶିଶୁ ଠିକ୍ ଶବ୍ଦଟି କହି ନ ଥିଲେ ମଧ୍ୟ ସ୍ମିତହାସ ସୂଚାଇ ଶିଶୁକୁ କହିବା ପାଇଁ ପ୍ରୋତ୍ସାହନ ଦେବାକୁ ହେବ । *ଶିଶୁ କେଉଁ ଶବ୍ଦଟିକୁ ପ୍ରକାଶ କରିବାକୁ ଯାଇ ବିଫଳ ହେଉଛି, ତାହା ଜାଣି ହେଉଥିଲେ ଠିକ୍ ଶବ୍ଦଟିକୁ ଶୁଦ୍ଧ ଭାବରେ ଉଚ୍ଚାରଣ କରିବାକୁ ହେବ । ମାତ୍ର ଜାଣି ନ ହେଉଥିଲେ ତା'ସ୍ଥାନରେ ଆଉ ଗୋଟିଏ ଅର୍ଥପୂର୍ଣ୍ଣ ଶବ୍ଦ ଉଚ୍ଚାରଣ କରାଯାଇପାରେ ।* ପୁଣି ଶିଶୁଟି ଅସମ୍ପୂର୍ଣ୍ଣ ବା ଅଳ୍ପ ଶବ୍ଦ କହୁଥିଲେ ତାହାର ବିସ୍ତାରଣ କରାଯିବା ଉଚିତ । ଶିଶୁଟି 'ଫୁଲ' କହୁଥିଲେ ବୟସ୍କ ବ୍ୟକ୍ତି 'ସୁନ୍ଦର ଫୁଲ' ବା 'ଲାଲ ଫୁଲ' ବୋଲି କହିବେ, ସେହିପରି ଶିଶୁ 'ମା' ବ୍ୟାଗ' ବୋଲି କହିଲେ 'ମା' ବ୍ୟାଗ ଧରିଛନ୍ତି ବୋଲି କୁହାଯାଇପାରେ । ଏପରି ବିସ୍ତାରଣ ଶିଶୁର ଶବ୍ଦକୋଷକୁ ସଂପ୍ରସାରିତ କରିବ । ଏ ବୟସର ଶିଶୁକୁ ତା'ର ପରିବେଶରେ ସେ ଦେଖିଥିବା ବସ୍ତୁସବୁର ନାମ କୁହାଯାଇପାରେ । କେତେକ ସ୍ଥଳରେ ନୂଆ ଶବ୍ଦ କହିଲା ବେଳେ ବସ୍ତୁଟିକୁ ଦେଖାଇ ଦେବା ଓ ଚିହ୍ନଟ କରିବା ଯୁକ୍ତିଯୁକ୍ତ ।

ପରବର୍ତ୍ତୀ ବୟସରେ ଶିଶୁ ବାକ୍ୟ କହିବା ଆରମ୍ଭ କରେ । ଏ ସ୍ଥଳରେ ଶିଶୁ ସହିତ ସ୍ୱାଭାବିକ ଭାବରେ କଥାବାର୍ତ୍ତା କରିବା ଉଚିତ । ଶିଶୁ ଅସମାପ୍ତ ବାକ୍ୟ କହିଲେ ପିତାମାତା ଠିକ୍ ପରେ ପରେ ପୂର୍ଣ୍ଣ ବାକ୍ୟ ଉଚ୍ଚାରଣ କରିବେ । ଶିଶୁଟିକୁ କିଛି ପଚାରିଲେ ତରବର ନ ହୋଇ ଶିଶୁ ଉତ୍ତର ଦେବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ଏ ସ୍ତରରେ ସବୁଠାରୁ ଅଧିକ ସହାୟକ ହେଉଛି ନିୟମିତ ଭାବରେ ଉଚ୍ଚସ୍ୱରରେ ଗଳ୍ପପଢି ଶୁଣାଇବାର କାର୍ଯ୍ୟକ୍ରମ । ଶିଶୁଟିକୁ ଏପରି ଗଳ୍ପ

Digitized by srujanika@gmail.com

ସୂତ୍ର ଭଣ୍ଡାର - ୯

୧. ଶିଶୁର ଭାଷାଗତ ସାମର୍ଥ୍ୟ କିଛିମାତ୍ରାରେ ଜନ୍ମଗତ (ସହଜାତ) ବୋଲି କେତେକ ମନୋବିଜ୍ଞାନୀ ମତ ଦିଅନ୍ତି । ତଥାପି ଏ ସାମର୍ଥ୍ୟର ସୁସମଞ୍ଜସ ବିକାଶ ପାଇଁ ଶିଶୁର ଶିକ୍ଷା ଓ ଅନୁଭୂତିର ପରିସର ବିସ୍ତୃତ ହେବା ଉଚିତ । ଏ ଦୃଷ୍ଟିରୁ ଶିଶୁର ଉପଯୁକ୍ତ ଭାଷାଗତ ବ୍ୟବହାରକୁ ପ୍ରୋତ୍ସାହିତ କରନ୍ତୁ ।

୨. ଭାଷା ବିକାଶରେ ସାଧାରଣତଃ ନିମ୍ନ ସୋପାନ ମାନ ପରିଲକ୍ଷିତ ହୁଏ

ସୋପାନ	ସମୟ ରେଖା	ପ୍ରଦର୍ଶିତ ବ୍ୟବହାର
ପ୍ରାକ୍ କଥନ ସ୍ତର	ଜନ୍ମର ପରେ ପରେ	ଶିଶୁ ଅନେକ ଗୁଡ଼ିଏ ଶବ୍ଦଶୁଣେ ଏବଂ ଭିନ୍ନତା ଲକ୍ଷ୍ୟ କରେ
ଦ୍ୱିତୀୟ ସୋପାନ :		
ପ୍ରଥମଶବ୍ଦ	ଛ'ମାସରୁ ଦଶମାସ	ଅର୍ଥହୀନ ଶବ୍ଦସବୁ ସୃଷ୍ଟିକରେ; ଧୀରେ ଧୀରେ ଶବ୍ଦ ଅର୍ଥପୂର୍ଣ୍ଣ ହୁଏ ।
ତୃତୀୟ ସୋପାନ :		
ପ୍ରଥମ ବାକ୍ୟ	ଦଶ ମାସରୁ	ଭାବ ପ୍ରକାଶ କଲାଭଳି ୧୫ ମାସ ବୟସ ପର୍ଯ୍ୟନ୍ତ ଶବ୍ଦ ସବୁର ପ୍ରୟୋଗ ।
ଚତୁର୍ଥ ସୋପାନ :		
ପ୍ରଥମ ବାକ୍ୟ	ଦେଢ଼ ବର୍ଷରୁ ଦୁଇବର୍ଷ	ଭାବ ପ୍ରକାଶ କଲାଭଳି ବାକ୍ୟ ପ୍ରୟୋଗ

Digitized by srujanika@gmail.com

ସାଧାରଣଭାବେ ଶିଶୁମାନଙ୍କର ଭାଷାଗତ ବିକାଶ ଉପରେ ସୂଚନା ଅନୁଯାୟୀ ହୋଇଥିଲେ ମଧ୍ୟ ଏପରି କ୍ରମଧାରାର ବ୍ୟତିକ୍ରମ ରହିଛି । ଆପଣଙ୍କ ଶିଶୁର ଭାଷାଗତ ବିକାଶ ବିଳମ୍ବିତ ହୋଇଥିଲେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ । ଆପଣଙ୍କ ଧୈର୍ଯ୍ୟହୀନତା ସମସ୍ୟା ସୃଷ୍ଟି କରିବ ।

୩. ଶିଶୁର ଭାଷାଗତ ଦକ୍ଷତା ବୃଦ୍ଧି କରିବାକୁ ନିମ୍ନଲିଖିତ ଦିଗପ୍ରତି ଦୃଷ୍ଟିଦିଅନ୍ତୁ ।

- ଶିଶୁଟିର ଭାଷା ବିକାଶର ସୋପାନକୁ ଚାହିଁ ଶିଶୁର ଭାଷାଗତ ବ୍ୟବହାରକୁ ପ୍ରୋତ୍ସାହିତ କରନ୍ତୁ । ଉଦାହରଣସ୍ୱରୂପ ଶିଶୁଟି ଶବ୍ଦସବୁ ଉଚ୍ଚାରଣ କରୁଥିବା ସୋପାନରେ ଶିଶୁଟି ଭଲ ଉଚ୍ଚାରଣ କଲେ ଆପଣ ଠିକ୍ ଶବ୍ଦଟି କୁହନ୍ତୁ । ଏପରି ଠିକ୍ ଶବ୍ଦର ପୁନରାବୃତ୍ତି କରନ୍ତୁ ।
- ଶିଶୁ ଉପଯୋଗୀ ବ୍ୟବହାର ଦର୍ଶାଉଥିବା ସମୟରେ ତା'ପ୍ରତି ଧ୍ୟାନ, ସ୍ମିତ ହସି ବା ଆଦର ଦର୍ଶାଇ ପ୍ରୋତ୍ସାହନ ପ୍ରକାଶ କରନ୍ତୁ ।
- ଶିଶୁ କହୁଥିବା ଶବ୍ଦ ଓ ବାକ୍ୟର ସମ୍ପ୍ରସାରଣ କରନ୍ତୁ ଶିଶୁଟି "ଫୁଲ" ବୋଲି କହିଲେ ଆପଣ 'ସୁନ୍ଦର ଫୁଲ' ବୋଲି କୁହନ୍ତୁ । ଶିଶୁଟି "ମା ଡାକିବୁ" କହିଲେ ମା ଡାକିବୁ ଖୁଆଉଛି ବୋଲି କୁହନ୍ତୁ ।
- ପିଲାଟିର ଗପ ଶୁଣିବା ବୟସ ହେଲେ ତାକୁ ଗପ କୁହନ୍ତୁ । ପୁଣି ପିଲାଟିକୁ କହିବା ପାଇଁ ପ୍ରେରଣା ଦିଅନ୍ତୁ ।
- ପିଲାଟିକୁ ପ୍ରଶ୍ନ ପଚାରିଲା ବେଳେ ସବୁବେଳେ 'ହଁ' 'ନାହିଁ' ଉତ୍ତର ଥିବା ପ୍ରାଶ୍ନ ନ ପଚାରି ଅନ୍ୟ ପ୍ରକାର ପଚାରନ୍ତୁ । "ଖାଇଛ କି" ବୋଲି ନ ପଚାରି "କ'ଣ ଖାଇଛ" 'ବୋଲି ପଚାରନ୍ତୁ' ।
- ପ୍ରୟୋଗ କରୁଥିବା ଶବ୍ଦ ଓ ବାକ୍ୟସବୁ ଭିନ୍ନଭିନ୍ନହେବା ଉଚିତ । ଅଳ୍ପ ସଂଖ୍ୟକ ଶବ୍ଦପ୍ରୟୋଗ ମଧ୍ୟରେ ସୀମିତ ରହିଲେ ପିଲାର ଭାଷା ପରିସର ମଧ୍ୟ ସୀମାବଦ୍ଧ ରହିବ ।

Digitized by srujanika@gmail.com

ଶୁଣିବାର ସୁଯୋଗ ଦେଇ ତାକୁ ଛୋଟ ଛୋଟ ପ୍ରଶ୍ନ ପଚରା ଯାଇପାରେ । ଆହୁରି ଅଧିକ ଫଳପ୍ରଦ ହେଉଛି ସକାଳେ ଗଳ୍ପ ଶୁଣାଇ ସନ୍ଧ୍ୟାରେ ଶିଶୁକୁ କହିବାର ସୁଯୋଗ ଦେବା । କିମ୍ବା ଆଜି ସନ୍ଧ୍ୟାରେ ଗଳ୍ପ ଶୁଣାଇ କାଲି ସକାଳେ କହିବାକୁ ସୁଯୋଗ ଦେବା । ପୁଣି ପ୍ରଶ୍ନ ପଚାରିବା ସମୟରେ କେବଳ 'ହଁ, ନାହିଁ'ରେ ଉତ୍ତର ଦେବାକୁ ଥିବା ପ୍ରଶ୍ନ ନ ପଚାରି ଉତ୍ତର ଥିଲା ପ୍ରଶ୍ନ ପଚାରିବା ବିଧେୟ । ଉଦାହରଣ ସ୍ୱରୂପ ''ବିଲେଇଟି ଶୋଇଥିଲା କି'' ବୋଲି ନ ପଚାରି ''ବିଲେଇ କ'ଣ କରୁଥିଲା'' ପଚାରିବା ଅଧିକ ଉପଯୋଗୀ । ଶିଶୁଟିକୁ ଗଳ୍ପ ଶୁଣାଇବା ଏବଂ ଶୁଣିବା ପାଇଁ କହିବା ଖୁବ୍ ଫଳପ୍ରଦ । ଅନୁଧ୍ୟାନରୁ ଦେଖାଯାଇଛି ଯେ ଏପରି ସୁଯୋଗ ପାଉଥିବା ଶିଶୁମାନେ ଭାଷାଗତ ଦକ୍ଷତାରେ ଯଥେଷ୍ଟ ଅଗ୍ରଗତି ଦର୍ଶାନ୍ତି । କିନ୍ତୁ ଶିଶୁକୁ ଶୁଣାଇବାର ଅର୍ଥ ନୁହେଁ ଯେ ଶିଶୁକୁ କେବଳ ପାଠ୍ୟବିଷୟ ଶୁଣାଇବା ଏବଂ ତାକୁ ପରୀକ୍ଷା କରିବା । ଶିଶୁର ଅନୁଭୂତି ସୁଖମୟ ହେବା ଆବଶ୍ୟକ । ବୟସ୍କମାନେ ଇଚ୍ଛାକଲେ କିଛି ସମୟ କଥାବାର୍ତ୍ତା ନ କରି ଦୂରେଇ ଯାଆନ୍ତି । ଶିଶୁର ମଧ୍ୟ ଏପରି ସ୍ୱାଧୀନତା ରହିବା ପ୍ରୟୋଜନ ।

■

Digitized by srujanika@gmail.com

ଶିଶୁ ଦକ୍ଷତାର ବିକାଶ

ଶିଶୁ ଦକ୍ଷତାର ସମନ୍ୱିତ ବିକାଶ ଏକ ବାଞ୍ଛନୀୟ ଅଭୀପ୍ସା । ପ୍ରତିବନ୍ଧକର ସମ୍ମୁଖୀନ ହୋଇ ମଧ୍ୟ କେତେକ ଶିଶୁ ଏକ ସମସ୍ୟା ସମାଧାନରେ ନିମଗ୍ନ ରହନ୍ତି ପୁଣି ଅନ୍ୟ କେତେକ ଶିଶୁ ଅଳ୍ପ ସମୟର ପ୍ରଚେଷ୍ଟା ପରେ କାର୍ଯ୍ୟଟିକୁ ଛାଡ଼ିଦିଅନ୍ତି । ଶିଶୁ ଆଚରଣରେ ଏପରି ପାର୍ଥକ୍ୟ କାହିଁକି ଦେଖାଯାଏ ତାହା ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ । ଯେଉଁସବୁ ଉପାଦାନ ଶିଶୁଟିର ଦକ୍ଷତା ନିର୍ମାଣରେ ସହାୟକ ହୁଏ, ତାହା ଜାଣିବାର କୌତୂହଳ ସୃଷ୍ଟି ହୁଏ । କିପରି ଲାଳନପାଳନ ବ୍ୟବସ୍ଥା ଶିଶୁ ଦକ୍ଷତା ବିକାଶର ଉପଯୋଗୀ ତାହା ବୁଝିବାକୁ ଅଭିଳାଷ ଜନ୍ମେ । ଏସବୁ ଜିଜ୍ଞାସାର ସମାଧାନ କିଛିମାତ୍ରାରେ ଗବେଷଣାଲବ୍ଧ ତଥ୍ୟ ଦ୍ୱାରା ସମ୍ଭବପର ହୋଇପାରିଛି ।

ଦକ୍ଷତାର ସ୍ୱରୂପ

ଶିଶୁର ଦକ୍ଷତା ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହୁଏ । ପ୍ରାୟ ଛ' ଆଠ ମାସ ବେଳକୁ ଶିଶୁର ବୌଦ୍ଧିକ, ଭାଷାଗତ, ସାମାଜିକ ଓ ଅବେଗିକ ବିକାଶର ସୂଚନା ସ୍ପଷ୍ଟ ରୂପନିଏ । ଏହି ସମୟରୁ ଆରମ୍ଭ କରି ଦୁଇବର୍ଷ ମଧ୍ୟରେ ଶିଶୁର କ୍ରିୟାକଳାପ ବିକାଶର ସ୍ତରକୁ ପ୍ରକାଶିତ ରୂପରେଖ ଦିଏ । ସାଧାରଣତଃ ଦକ୍ଷ ଶିଶୁମାନେ ବେଶି ସମୟଧରି ଗୋଟିଏ କାର୍ଯ୍ୟ ବା ସମସ୍ୟା ସମାଧାନରେ ଲାଗି ରହିପାରନ୍ତି । ସେମାନଙ୍କ ପରିପାର୍ଶ୍ୱରେ କ'ଣ ସବୁ ଘଟିଯାଉଛି ସେସବୁ ପ୍ରତି ସଚେତନ ଥିଲେ ମଧ୍ୟ ନିଜକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ କେନ୍ଦ୍ରିତ କରି ରଖିପାରନ୍ତି । ଏମାନେ ସ୍ପଷ୍ଟ ରୂପରେ ନିଜର ସ୍ୱୀକୃତି ବା ସନ୍ତୋଷ ଯେପରି ପ୍ରକାଶ କରିପାରନ୍ତି ନିଜର ଅସମ୍ମତି ଓ ଅସନ୍ତୋଷକୁ ମଧ୍ୟ ସ୍ପଷ୍ଟ ରୂପେ ପ୍ରକାଶ କରନ୍ତି । ଏମାନଙ୍କର ଭାଷାଗତ ପରିପ୍ରକାଶ ଖୁବ୍ ଭଲ । ଅନ୍ୟ ପିଲା ଓ ବୟସ୍କମାନଙ୍କ ସହିତ ଚଳିବାର ଏମାନଙ୍କର ଅସୁବିଧା ହୁଏନାହିଁ । ନିଜର ପରିବେଶ ପ୍ରତି ଏମାନେ ଆଗ୍ରହ ସୂଚାନ୍ତି ଏବଂ ସେହି ଅନୁସାରେ କିଛିଟା ଅନ୍ୱେଷଣ ମଧ୍ୟ କରନ୍ତି ।

ବର୍ତ୍ତମାନ ସବୁଠାରୁ କୌତୂହଳପୂର୍ଣ୍ଣ ପ୍ରଶ୍ନ ହେଉଛି ଲାଳନପାଳନଜନିତ ବ୍ୟବସ୍ଥା । ଏପରି ଦକ୍ଷତା ସୂଚାଉଥିବା ଶିଶୁମାନଙ୍କର ପିତାମାତା ଅପେକ୍ଷାକୃତ ଦକ୍ଷତାହୀନ ଶିଶୁମାନଙ୍କର ପିତାମାତାଙ୍କର ତୁଳନାରେ କେଉଁ କେଉଁ ଦିଗରେ ଅଗ୍ରଣୀ ? ବିଶେଷତଃ ଶିଶୁ ବୟସରେ ପିତା ତୁଳନାରେ ମା' ଶିଶୁର ଅଧିକ ଯତ୍ନକାରୀ ହୋଇଥିବାରୁ ମା'ର ଭୂମିକା କିପରି ହେବା ଉଚିତ ସେ ସଂପର୍କରେ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ଦକ୍ଷତାପୂର୍ଣ୍ଣ ଶିଶୁ ଓ ଦକ୍ଷତାବିହୀନ ଶିଶୁମାନଙ୍କର ଜନନୀମାନଙ୍କୁ ଲକ୍ଷ୍ୟ କରାଯାଇ ଏକ ତୁଳନାତ୍ମକ ଚିତ୍ର ସଂଗ୍ରହ କରାଯାଇଛି । ସେହି ଅନୁସାରେ ଶିଶୁ ଦକ୍ଷତାର ଉପଯୋଗୀ ହେଲାଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଚିହ୍ନଟ କରାଯାଇଛି ।

ପ୍ରଥମତଃ ଶିଶୁ ଦକ୍ଷତା-ବିକାଶ କ୍ଷେତ୍ରରେ ଏକ ସମ୍ବେଦୀକାଳ **(sensitive period)** *ର ଭୂମିକା ରହିଛି । ଶିଶୁର ବୟସ ପ୍ରାୟ ଛ' ମାସ ଆଠମାସ ହେଲା ବେଳକୁ*

Digitized by srujanika@gmail.com

ବିକାଶ ଉପଯୋଗୀ ଉପାଦାନ ସବୁ ସକ୍ରିୟ ଥିବା ଆବଶ୍ୟକ । ଏହାର ଅର୍ଥ ନୁହେଁ ଯେ ପରବର୍ତ୍ତୀ କାଳରେ ଅବସ୍ଥାର ଉନ୍ନତି ଶିଶୁ ବିକାଶକୁ ପ୍ରଭାବିତ କରିବ ନାହିଁ । କିନ୍ତୁ ଏ ସମୟର ଉପଯୋଗୀ ଓ ଅନୁକୂଳ ବାତାବରଣ ଅଧିକ ମାତ୍ରାରେ ସୁଫଳଦେବ । ସୁତରାଂ ଶିଶୁର ପ୍ରଥମ ଜନ୍ମବାର୍ଷିକୀର ଅବ୍ୟବହିତ ପୂର୍ବରୁ ଶିଶୁର ପିତାମାତା ଅଧିକ ପରିମାଣରେ ବିକାଶ-ସଚେତନ ହେବା ଆବଶ୍ୟକ । ଦ୍ୱିତୀୟତଃ ଏ ସମୟ ବେଳକୁ ଶିଶୁର ନିଜର ଜନନୀ ବା ଅନ୍ୟ କୌଣସି ପ୍ରିୟ ଯତ୍ନକାରୀ ସହିତ ଏକ ଗଭୀର ସମ୍ପର୍କରେ ସମ୍ବନ୍ଧିତ ହୋଇଯିବା ଭଲ । ସ୍ପର୍ଶ ଓ ଅନୁରାଗ ଶିଶୁର ଏକ ମାନସିକ ଆବଶ୍ୟକତା । ସୁତରାଂ ମା' କିମ୍ବା କୌଣସି ଯତ୍ନକାରୀ ମାଧ୍ୟମରେ ଏହା ପରିପୂରିତ ହେବା ପ୍ରୟୋଜନ ।

ତୃତୀୟତଃ ଶିଶୁ ନିଜ ମା'ଠାରୁ ପାଉଥିବା ସମୟର ପରିମାଣ ଅପେକ୍ଷା ଏହାର ଗୁଣାତ୍ମକ ଦିଗ ବେଶି ତାତ୍ପର୍ଯ୍ୟପୂର୍ଣ୍ଣ । ସବୁ ସମୟରେ ଶିଶୁର ପାଖେ ପାଖେ ରହିବାର ଆବଶ୍ୟକତା ନାହିଁ । ବରଂ ଶିଶୁ ଅନୁଭବ କରିବା ଉଚିତ ଯେ ଶିଶୁର ଚାହିଦା ଅନୁଯାୟୀ ମା' ଦାୟିତ୍ୱପୂର୍ଣ୍ଣ ଭାବରେ ଏବଂ ସମ୍ବେଦନଶୀଳ ଭାବରେ ଶିଶୁର ଆବଶ୍ୟକତା ପୂରଣ କରିବେ । ପୁନଶ୍ଚ ଶିଶୁ ଅନୁଭବ କରିବା ଉଚିତ ଯେ ଦରକାର ପଡ଼ିଲେ ସେ ସାହାଯ୍ୟ ପାଇପାରିବ । ସୁତରାଂ ସବୁ ସମୟରେ ପାଖେ ପାଖେ ଲୋକ ଥିବା ଅପେକ୍ଷା ଆବଶ୍ୟକ ବେଳେ ସାହାଯ୍ୟ ମିଳିବାର ସମ୍ଭାବନା ଶିଶୁ ଦକ୍ଷତାର ବିକାଶକୁ ତ୍ୱରାନ୍ୱିତ କରେ ।

ଶିଶୁ ନିଜର ପରିବେଶରେ ଥିବା କିଛି ବସ୍ତୁ ପ୍ରତି ଆଗ୍ରହ ଦେଖାଇ ନ ଥାନ୍ତି । ମା' ଏବଂ ଅନ୍ୟାନ୍ୟ ଯତ୍ନକାରୀ ମଧ୍ୟ ଶିଶୁର ଉପସ୍ଥିତିରେ ଏପରି ବସ୍ତୁ ପ୍ରତି ଆଗ୍ରହ ଦର୍ଶାଇବା ଉଚିତ ହେବ । ଏହାର ଅର୍ଥ ନୁହେଁ ଯେ ପିତାମାତା ଓ ଯତ୍ନକାରୀ ଶିଶୁର ସବୁ ଜିଦ୍‌କୁ ମାନିନେବେ । ଦକ୍ଷତା-ବିକାଶକୁ ତ୍ୱରାନ୍ୱିତ କରୁଥିବା ପିତାମାତାମାନେ ଶିଶୁର କାର୍ଯ୍ୟଦକ୍ଷତା କ୍ଷେତ୍ରରେ ସ୍ଥଳବିଶେଷରେ କରଣୀୟ ଓ ଅକରଣୀୟର ସୀମାରେଖା ଟାଣିଥାଆନ୍ତି । ଗୋଟିଏ ବଡ଼ ସୁଟକେଶକୁ ଟାଣିବାକୁ ଚେଷ୍ଟା କଲାବେଳେ ଶିଶୁଟିକୁ ମନା କରିପାରନ୍ତି । କିନ୍ତୁ ଅନ୍ୟ ସ୍ଥଳରେ ଶିଶୁର ଆଗ୍ରହ ସହିତ ସମତାଳ ହୋଇ କିଛିଟା ଆଗ୍ରହଶୀଳ ମନୋଭାବ ଦର୍ଶାଇବାକୁ ହେବ । ଶିଶୁକୁ ନିଜର ପରିବେଶ ଅନ୍ୱେଷଣରେ କିଛିଟା ସ୍ୱାଧୀନତା ଦେବାକୁ ହେବ ।

ପରିଶେଷରେ କୁହାଯାଇପାରେ ଯେ ଶିଶୁ ସହିତ ସ୍ୱାଭାବିକ କଥାବାର୍ତ୍ତା ଓ ଭାବର ଆଦାନପ୍ରଦାନ ପ୍ରୟୋଜନ ରେଡିଓ ବା ଟେଲିଭିଜନର ସୁଯୋଗ ଦେଇ ଶିଶୁର ଭାଷାଗତ ବିକାଶ ସ୍ୱତଃ ହେବ ବୋଲି ଭାବିବା ଯୁକ୍ତିଯୁକ୍ତ ନୁହେଁ । ଦୈନନ୍ଦିନ ଓ ବାସ୍ତବଜୀବନର କଥୋପକଥନ ମାଧ୍ୟମରେ ହିଁ ଶିଶୁ ପ୍ରଭାବହୀନ ଭାବରେ ଭାଷା ଶିକ୍ଷା କରେ ଏବଂ ଉନ୍ନତ ଭାଷାଜ୍ଞାନ ଶିଶୁର ଅନ୍ୟ ଦକ୍ଷତାକୁ ପରିପୁଷ୍ଟ କରେ ।

ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ ବ୍ୟକ୍ତିତ୍ୱର ବିକାଶ

ବ୍ୟକ୍ତିତ୍ୱ ଶବ୍ଦଟି ବ୍ୟକ୍ତି ଓ ବୟସ୍କ ସହିତ ବହୁ ବ୍ୟବହୃତ ହେବା ଫଳରେ ଶିଶୁ କ୍ଷେତ୍ରରେ ଏହା ଅପ୍ରାସଙ୍ଗିକ ମନେ ହୋଇପାରେ, ମାତ୍ର ବୟସ୍କମାନଙ୍କ ପରି ଶିଶୁମାନେ ମଧ୍ୟ ନିଜର

Digitized by srujanika@gmail.com

ପରିବେଶ ସହିତ ସମନ୍ୱୟ ରକ୍ଷାର ଉଦ୍ୟମ କରନ୍ତି । ଶିଶୁମାନଙ୍କର ସମନ୍ୱୟ କୌଶଳ ଖୁବ୍ ଅଳ୍ପ ବୟସରୁ ରୂପନିଏ । ଜନ୍ମର ପରେ ପରେ ଶୈଶବକାଳୀନ ଅନୁଭୂତି ଶିଶୁ ବ୍ୟକ୍ତିତ୍ୱକୁ ରୂପ ଦିଏ । ଶୈଶବକାଳୀନ ଅନୁଭୂତିକୁ ଆଶ୍ରୟ କରି ରୂପ ନେଉଥିବା ବ୍ୟକ୍ତିତ୍ୱ ପରବର୍ତ୍ତୀ ସମୟରେ କେତେ ପ୍ରଭାବଶୀଳ ଓ ଅପରିବର୍ତ୍ତିତ ରହିବ ସେ ବିଷୟରେ ମନୋବିଜ୍ଞାନୀମାନଙ୍କ ମଧ୍ୟରେ କିଛିଟା ଭିନ୍ନ ମତ ରହିଛି । ଫ୍ରଏଡ ଓ ଏରିକ୍ସନଙ୍କ ପରି ପ୍ରଖ୍ୟାତ ମନୋବିଜ୍ଞାନୀମାନେ ବିଚାର କରନ୍ତି ଯେ ଶୈଶବକାଳୀନ ବ୍ୟକ୍ତିତ୍ୱ ପ୍ରାୟ ଅପରିବର୍ତ୍ତିତ ରହେ । ଜୀବନର ପ୍ରବାହ ମଧ୍ୟରେ ଏ ବ୍ୟକ୍ତିତ୍ୱରେ କାଁ ଭାଁ କିଛି ପରିବର୍ତ୍ତନ ଘଟିଲେ ମଧ୍ୟ ମୂଳଛାଞ୍ଚଟି ସେହିପରି ରହିଯାଏ । *ଆଧୁନିକ ଯୁଗର ମନୋବିଜ୍ଞାନୀମାନେ ଶୈଶବକାଳୀନ ବ୍ୟକ୍ତିତ୍ୱର ପ୍ରଭାବକୁ ଏତେ ବେଶି ବୋଲି ଗ୍ରହଣ ନ କଲେ ମଧ୍ୟ ବାଲ୍ୟକାଳୀନ ଅନୁଭବର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ସ୍ୱୀକାର କରନ୍ତି ।*

ଦୁଇଟି ଭିନ୍ନ ଭିନ୍ନ କାରଣରୁ ଫ୍ରଏଡ ଏବଂ ଏରିକ୍ସନ ବାଲ୍ୟକାଳୀନ ଅନୁଭୂତି ଉପରେ ଗୁରୁତ୍ୱାରୋପ କରନ୍ତି । ପ୍ରଥମେ ଜନ୍ମରୁ ତିନିବର୍ଷ ମଧ୍ୟରେ ରୂପ ନେଉଥିବା ଶୈଶବକାଳୀନ ବ୍ୟକ୍ତିତ୍ୱ କଥା ବିଚାର କରାଯାଉ ।

ସିଗମଣ୍ଡ ଫ୍ରଏଡଙ୍କ ମତରେ ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ ଜୀବନର ଦୁଇଟି ମୁଖ୍ୟ ସୋପାନ ଦେଇ ଅତିକ୍ରମ କରେ । ଫ୍ରଏଡ ବିଶ୍ୱାସ କରୁଥିଲେ ଯେ ଶିଶୁର ମାନସିକ ବିକାଶ ତା'ର ଶାରୀରିକ ବିକାଶ ସହିତ ସମତାଳ ଦେଇ ଗତିକରେ । ଜନ୍ମର ପରେ ପରେ ଶିଶୁର ବୟସ ବୃଦ୍ଧି ହେବା ସହିତ ତା'ର ଆନନ୍ଦାନୁଭୂତିର କେନ୍ଦ୍ର ମଧ୍ୟ ପରିବର୍ତ୍ତିତ ହୁଏ । ଶିଶୁର ପ୍ରଥମ ଆନନ୍ଦାନୁଭୂତିର ଉତ୍ସ ହେଉଛି ମାତୃସ୍ତନ୍ୟ । ସ୍ତନ୍ୟପାନ କରିବା ସମୟରେ ନିଜର ମୁଖ ପରିତୃପ୍ତ ହୁଏ ଏବଂ ଏହି ପରିତୃପ୍ତି ତାକୁ ସବୁଠାରୁ ଅଧିକ ଆନନ୍ଦ ଦିଏ । ପରେ ପରେ ତା'ର ଦାନ୍ତ ଉଠିବା ସମୟରେ ନିଜର ମୁଖ ସହିତ ଦାନ୍ତର ବ୍ୟବହାର କରି ନିଜର ଆନନ୍ଦ ଅନୁଭୂତିର ମାତ୍ରା ବଢ଼ାଏ । ଫ୍ରଏଡଙ୍କ ମତରେ ସ୍ତନ୍ୟପାନ କରୁଥିବା ବେଳରେ ପ୍ରତ୍ୟେକ ଶିଶୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଆନନ୍ଦାନୁଭୂତି ପାଇବା ଉଚିତ । କୌଣସି କାରଣରୁ ଶିଶୁର ଏପରି ଆନନ୍ଦାନୁଭୂତିର ଅଭାବ ଘଟିଲେ ଶିଶୁର ମାନସିକ ବିକାଶ ବ୍ୟାହତ ହୁଏ । ପରବର୍ତ୍ତୀ କାଳରେ ଏପରି କ୍ଷତି ସହିଥିବା ଶିଶୁ ଅସ୍ୱାଭାବିକତା ଦର୍ଶାଇ ନିଜ ମୁଖର ଅଧିକ ଅନାବଶ୍ୟକ ବ୍ୟବହାର କରେ । ପାନ, ସିଗାରେଟ୍ ଖାଇବା, ଅଧିକ ବକ୍ବକ୍ ହେବା ପରି ବ୍ୟବହାର ସବୁ ଦର୍ଶାଏ ।

ଫ୍ରଏଡଙ୍କ ମତରେ ଶିଶୁ ଦ୍ୱିତୀୟ ସୋପାନରେ ଶୌଚାଗାରର ବ୍ୟବହାର ଶିଖେ । ଏ ସମୟରେ ଆବଶ୍ୟକ ବେଳେ ପରିସ୍ରା କରିବା ଓ ମଳତ୍ୟାଗ କରିବା ପରି କାର୍ଯ୍ୟ ଶିଶୁକୁ ସୁଖ ଦିଏ । ମାତ୍ର ଶୌଚାଗାରର ବ୍ୟବହାର ଶିଖିବା ସମୟରେ ଶିଶୁ ମା'ବାପାଙ୍କର ନିୟନ୍ତ୍ରଣର ମଧ୍ୟ ଶରବ୍ୟ ହୁଏ । ଏପରି ବିକାଶ ସୋପାନରେ ଶିଶୁ ନିଜର ମା' ବାପାଙ୍କଠାରୁ ଅଧିକ ଶାସ୍ତି, ଅଧିକ କଟକଣା ପାଇଲେ କିଛି ଜଟିଳତା ସୃଷ୍ଟିହୁଏ । ଏହାର ଅର୍ଥ ନୁହେଁ ଯେ ପିତାମାତା ଆଦୌ ନିୟନ୍ତ୍ରଣ ଜାରି କରିବେ ନାହିଁ । ମାତ୍ର କଠୋରତା ଜଟିଳତା ସୃଷ୍ଟି କରିଥାଏ । ମୋଟ ଉପରେ ଏ

Digitized by srujanika@gmail.com

ସ୍ତରରେ ମଧ୍ୟ ଶିଶୁ ନିର୍ଦ୍ଦିଷ୍ଟ ପରିମାଣରେ ଆନନ୍ଦାନୁଭୂତି ପାଇବାର କଥା । ମାତ୍ର ଏହାର ବ୍ୟତିକ୍ରମ ହେଲେ ଶିଶୁ ବ୍ୟକ୍ତିତ୍ୱରେ କିଛି ଅସ୍ୱାଭାବିକତା ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ସେ ମାତ୍ରାଧିକ କୃପଣ କିମ୍ବା ମାତ୍ରାଧିକ ବେପରୁଆ ହୋଇପାରେ ।

ଶିଶୁର ଶାରୀରିକ ପରିବର୍ତ୍ତନ ସବୁର ସମାନ୍ତରାଳତା ରକ୍ଷାକରି ଫ୍ରଏଡ ଶିଶୁର ବ୍ୟକ୍ତିତ୍ୱ ସମୀକ୍ଷା କରିଥିବା ସ୍ଥଳେ ଏରିକସନ ଶିଶୁର ସାମାଜିକ ପରିବେଶ ପ୍ରତି ଅଧିକ ଧ୍ୟାନଶୀଳ ଥିଲେ । ୍ାଙ୍କ ମତରେ ଜନ୍ମରୁ ତିନିବର୍ଷ ମଧ୍ୟରେ ଶିଶୁ ଦୁଇଟି ବିକାଶର ସୋପାନ ଅତିକ୍ରମ କରେ । ପ୍ରଥମ ବିକାଶ ସୋପାନରେ ଶିଶୁ ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଥିବା ଦ୍ୱନ୍ଦର ସମ୍ମୁଖୀନ ହୁଏ । କ୍ଷୁଧା ସମୟରେ ଖାଦ୍ୟ ମିଳିବ କି ନାହିଁ, ଯନ୍ତ୍ରଣା ସମୟରେ ସାହାଯ୍ୟ ମିଳିବ କି ନାହିଁ, ତୃଷ୍ଣାବେଳେ କ୍ଷୀର ବା ଜଳ ମିଳିବ କି ନାହିଁ– ଏପରି ସବୁ ଦ୍ୱନ୍ଦର ସମ୍ମୁଖୀନ ହୁଏ । *ଶିଶୁର ଯତ୍ନକାରୀ ଆବଶ୍ୟକ ସମୟରେ ସମ୍ବେଦନଶୀଳ ଭାବରେ ଏ ସବୁ ଯୋଗାଉଥିଲେ ଶିଶୁ ଅନ୍ୟ ଉପରେ ଆସ୍ଥା ରଖେ । ବାହ୍ୟଜଗତ ଯେ ନିୟନ୍ତ୍ରଣଶୀଳ, ଏପରି ବିଶ୍ୱାସ ଜନ୍ମେ । ଅନ୍ୟପକ୍ଷରେ ଯତ୍ନକାରୀର ଦାୟିତ୍ୱହୀନତା ଶିଶୁ ମନରେ ଅବିଶ୍ୱାସର ବୀଜ ବୁଣେ ।*

ଦ୍ୱିତୀୟ ସୋପାନରେ ଶିଶୁଟି ନିଜର ସ୍ୱାତନ୍ତ୍ର୍ୟ (ସ୍ୱାଧୀନତା) ଓ ନିର୍ଭରଶୀଳତା ମଧ୍ୟରେ ଥିବା ଦ୍ୱନ୍ଦର ସମ୍ମୁଖୀନ ହୁଏ । ସୁଟ୍‌କେଶ ପରି ବଡ଼ ବଡ଼ ଜିନିଷ ଉଠାଇବାକୁ ଚେଷ୍ଟା କରି ସେ ଯେପରି ନିଜର ସ୍ୱାତନ୍ତ୍ର୍ୟ ଜାହିର କରିବାକୁ ଉଦ୍ୟମ କରେ ସେହିପରି ବିଫଳତାର ଶରବ୍ୟ ହୋଇ ଲଜ୍ଜା ମଧ୍ୟ ଅନୁଭବ କରେ । ଏ କ୍ଷେତ୍ରରେ ଶିଶୁ ଯଥୋଚିତ ଭାବରେ ଦୁଇଟି ମଧ୍ୟରେ ସମନ୍ୱୟ ଆଣିବା ଆବଶ୍ୟକ । ଅନାବଶ୍ୟକ ଭାବରେ କଠୋର ନ ହୋଇ ପିତାମାତା ଶିଶୁଟିକୁ ତା'ର ପରିସୀମାତ୍ୱ ବିଷୟରେ ସଚେତନ କରାଇପାରିବେ । କେଉଁ କାର୍ଯ୍ୟଟି ଶିଶୁ ଶକ୍ତିର ପରିସୀମା ମଧ୍ୟରେ ଏବଂ କେଉଁ କାର୍ଯ୍ୟଟି ଶିଶୁ ସାମର୍ଥ୍ୟର ବାହାରେ ତାହା ସ୍ପଷ୍ଟ ଭାବରେ ସୂଚାଇ ପାରିବେ । ମୂଳତଃ ଏରିକସନଙ୍କ ମତରେ ଶିଶୁ ଜନ୍ମର ତିନିବର୍ଷ ମଧ୍ୟରେ ବିଶ୍ୱାସ-ଅବିଶ୍ୱାସ ଏବଂ ସ୍ୱାଧୀନତା – ନିର୍ଭରତା ପରି ପରସ୍ପର ବିରୋଧୀ ପ୍ରବୃତ୍ତିର ଦୁଇଟି ସୋପାନର ସମ୍ମୁଖୀନ ହୋଇଥାଏ ଏବଂ ସମନ୍ୱୟ ରକ୍ଷା କରିବାର କୌଶଳ ଶିଶୁ ବ୍ୟକ୍ତିତ୍ୱକୁ ପରିପୁଷ୍ଟ କରିଥାଏ ।

ଶୈଶବାବସ୍ଥାରେ ବାଳକ ଓ ବାଳିକା ବ୍ୟକ୍ତିତ୍ୱରେ ପାର୍ଥକ୍ୟ ଅଛି କି ?

ଶୈଶବକାଳରେ ବ୍ୟକ୍ତିତ୍ୱ ଗଠନ ଆରମ୍ଭ ହୋଇ ପରବର୍ତ୍ତୀ ସୋପାନଗୁଡ଼ିକରେ ସ୍ପଷ୍ଟ ରୂପରେଖ ନିଏ, ବାଲ୍ୟ ଓ କୈଶୋର ସମୟରେ ବାଳକ ଓ ବାଳିକା ମଧ୍ୟରୁ ଏବଂ ଯୌବନ ଓ ବାର୍ଦ୍ଧକ୍ୟ ସମୟରେ ନାରୀ ପୁରୁଷ ମଧ୍ୟରେ ବ୍ୟକ୍ତିତ୍ୱର ପାର୍ଥକ୍ୟ ସ୍ପଷ୍ଟ ଦେଖାଯାଏ । ଶୈଶବ ବ୍ୟକ୍ତିତ୍ୱରେ ଲିଙ୍ଗଭେଦରେ ବ୍ୟକ୍ତିତ୍ୱର ଭିନ୍ନତା ଅଛି କି ନାହିଁ ଏ ସମ୍ପର୍କରେ କୌତୂହଳ ଜନ୍ମିବା

Digitized by srujanika@gmail.com

ସ୍ୱାଭାବିକ । ପ୍ରକୃତରେ ଏ ସମୟରେ କେତେକ ପାର୍ଥକ୍ୟ ସୂକ୍ଷ୍ମରୂପରେ ରହିଥାଏ ଏବଂ ପରବର୍ତ୍ତୀ ସୋପାନରେ ସେସବୁ ସ୍ଥୂଳରୂପ ନିଏ । ବାଳକ ଓ ବାଳିକାମାନଙ୍କ ମଧ୍ୟରେ ତୁଳନା କରାଯାଇ ଭିନ୍ନତାର ଯେଉଁ ଚିତ୍ର ମିଳିଛି ତାହା ଅତିବେଶି ବୋଲି କହିହେବ ନାହିଁ। *ପ୍ରଥମତଃ ବାଳିକାମାନଙ୍କର ଭାଷା ଓ କଥନଗତ ଦକ୍ଷତା ବାଳକମାନଙ୍କ ତୁଳନାରେ ଅଧିକ । ସେହିପରି ବାଳକମାନଙ୍କର ଠିକ୍ ସ୍ଥାନରେ ଠିକ୍ ବସ୍ତୁକୁ ଚିହ୍ନିବା ଓ ଜାଣିବାର ଦକ୍ଷତା ବାଳିକା ମାନଙ୍କ ତୁଳନାରେ ଅଧିକ ।* ମାତ୍ର ବାଳକବାଳିକାମାନଙ୍କ ମଧ୍ୟରେ ଥିବା ଏପରି ପ୍ରଭେଦ ସେମାନଙ୍କୁ ଦଶ ଏଗାରବର୍ଷ ନ ହେବା ପର୍ଯ୍ୟନ୍ତ ପରିଷ୍କାର ରୂପେ ଜାଣିହୁଏନାହିଁ । ସେହିପରି ବିଦ୍ୟାଳୟକୁ ଯିବା ଆରମ୍ଭ କଲା ପରେ ହିଁ ଗଣିତର କେତେକ କ୍ଷେତ୍ରରେ ବାଳିକା (ଯଥା– ମିଶାଣ ଫେଡାଣ ପରି ହିସାବ) ଏବଂ ଅନ୍ୟ କେତେକ କ୍ଷେତ୍ରରେ ବାଳକ ମାନଙ୍କର ଉତ୍କର୍ଷ ଦେଖିବାକୁ ମିଳେ ।

ବ୍ୟକ୍ତିତ୍ୱ କ୍ଷେତ୍ରରେ ମଧ୍ୟ ସେହିପରି ଦୃଷ୍ଟାନ୍ତ ମିଳେ । ବଡ ହେଲା ପରେ ହିଁ ଦେଖାଯାଏ ଯେ ବାଳକମାନେ ଅଧିକ କ୍ରୋଧୀ, ସେମାନେ ଉଚ୍ଚକିତ ହୋଇ ଖେଳ ଖେଳୁଛନ୍ତି, ଅନ୍ୟ ପିଲାମାନଙ୍କ ଉପରେ ଆଧିପତ୍ୟ ଜାହିର କରିବାକୁ ଚେଷ୍ଟା କରୁଛନ୍ତି ଏବଂ ସମୟ ସମୟରେ ବାପ ମାଙ୍କ ସହିତ ଯୁକ୍ତିତର୍କ କରୁଛନ୍ତି । ଅନ୍ୟପକ୍ଷରେ ବାଳିକାମାନେ ସହଯୋଗ ମନୋଭାବ ଦର୍ଶାଉଛନ୍ତି, ସହାନୁଭୂତିଶୀଳ ହେଉଛନ୍ତି । ଅଳ୍ପ କେତୋଟି ପାର୍ଥକ୍ୟକୁ ବାଦ ଦେଲେ ବାଳକବାଳିକାଙ୍କ ମଧ୍ୟରେ ସାମଞ୍ଜସ୍ୟ ରହିଛି । ବାଳକବାଳିକାମାନେ ସେମାନଙ୍କର ପିତାମାତାଙ୍କୁ ଅନୁରୂପ ଭାବରେ ଭଲ ପାଆନ୍ତି ।

ଶୈଶବକାଳରେ ବାଳକ ବାଳିକା ମଧ୍ୟରେ ବ୍ୟକ୍ତିତ୍ୱର ଭିନ୍ନତା ସ୍ଥୂଳ ନ ହେଲେ ମଧ୍ୟ ଯେଉଁ ଅନୁକରଣ ପରବର୍ତ୍ତୀ ସୋପାନ ସବୁରେ ସ୍ପଷ୍ଟ ରୂପ ନିଏ, ସେ ସମ୍ପର୍କରେ ଆଲୋଚନା ଆବଶ୍ୟକ । ବାଳକ ଓ ବାଳିକା ମଧ୍ୟରେ ପରିଦୃଷ୍ଟ ପାର୍ଥକ୍ୟର ଗୋଟିଏ କାରଣ ହେଉଛି ଜୀବତାତ୍ତ୍ୱିକ । ବାଳକବାଳିକା କିମ୍ବା ପୁରୁଷ ନାରୀ ମଧ୍ୟରେ ହରମୋନ ସ୍ତରରେ ଏକ ପାର୍ଥକ୍ୟ ରହିଛି । ବାଳକ ବା ପୁରୁଷର ହରମୋନର Testusterone ପ୍ରଭାବ ଫଳରେ କେତେକ ବ୍ୟବହାର ସୃଷ୍ଟି ହେଉଥିବା ସ୍ଥଳେ ବାଳିକା ବା ନାରୀର ହରମୋନ କେତେକ ପ୍ରଭାବ ସୃଷ୍ଟି କରେ । ମାତ୍ର କୌତୂହଳର ବିଷୟ ଯେ ପ୍ରାଣୀମାନଙ୍କ କ୍ଷେତ୍ରରେ ପୁରୁଷ-ନାରୀ ପ୍ରଭେଦ ବହୁ ମାତ୍ରାରେ ଏହି ହରମୋନଗତ ଭିନ୍ନତା ଦ୍ୱାରା ନିୟନ୍ତ୍ରିତ ହୁଏ । ମାତ୍ର ମନୁଷ୍ୟ ବାହ୍ୟ ପରିବେଶରେ ଅଧିକ ଶିକ୍ଷାଲାଭକରି ନିଜର ବ୍ୟକ୍ତିତ୍ୱ ଓ ସାମାଜିକ ବ୍ୟବହାର ଗଠନ କରୁଥିବାରୁ ହରମୋନର ପ୍ରଭାବ ପୂରାପୂରି ନିଶ୍ଚିହ୍ନ ନ ହେଲେ ମଧ୍ୟ ନିୟନ୍ତ୍ରିତ ଓ ରୂପାନ୍ତରିତ ହୋଇଥାଏ ।

ଗୋଟିଏ ଗବେଷଣାରେ ରୋଗ ଉପଶମ ପାଇଁ ଏକ ନିର୍ଦ୍ଦିଷ୍ଟ ଔଷଧ ବ୍ୟବହାର କରୁଥିବା ମହିଳାମାନଙ୍କ ଉପରେ ସର୍ବେକ୍ଷଣ କରାଗଲା । ଏପରି ମହିଳାମାନେ ସନ୍ତାନ ସମ୍ଭବା ଥିବା ସମୟରେ ଉକ୍ତ ଔଷଧଟି ସେବନ କରୁଥିଲେ । ଉକ୍ତ ଔଷଧଟି ସେମାନଙ୍କ ପାଇଁ ଆବଶ୍ୟକ ଥିଲେ ମଧ୍ୟ ତାହା ମହିଳାମାନଙ୍କର ହରମୋନ କ୍ରିୟାକଳାପରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ଥିଲା । ପ୍ରକୃତରେ ତାହା ମଧ୍ୟ ଘଟିଥିଲା । ଏପରି ସନ୍ତାନସମ୍ଭବାମାନେ ପରେ ଜନ୍ମ

Digitized by srujanika@gmail.com

ସୂତ୍ର ଭଣ୍ଡାର - ୧୦

ଶିଶୁର ଦକ୍ଷତା ବିକାଶ ସମ୍ପର୍କରେ

୧. *ଅନେକଗୁଡ଼ିଏ ବିକାଶର ସମ୍ବେଦୀ କାଳ (Sensitive Period) ରହିଛି । ଏହାର ଅର୍ଥ ହେଉଛି ଯେ ଏକ ନିର୍ଦ୍ଦିଷ୍ଟ ସମୟର ସୀମାରେଖା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କୌଶଳ ଶିଖାଇବା ସମ୍ଭବ ହୁଏ । ଉଦାହରଣ- ସ୍ୱରୂପ ଶୌଚାଗାରର ବ୍ୟବହାର ଶିଖାଇବା ଶିଶୁର ଏକ ନିର୍ଦ୍ଦିଷ୍ଟ ବୟସରେ ସହଜ । ଏହାର ଅର୍ଥ ନୁହେଁ ଯେ ଶିଶୁ ପରେ ଏହି ଶିକ୍ଷା କରିପାରିବ ନାହିଁ । ତଥାପି ଏପରି ସମ୍ବେଦୀକାଳ ମଧ୍ୟରେ ଶିକ୍ଷାଦେଲେ ସଫଳତା ଅଧିକ ମିଳେ । ପିତାମାତା ରୂପେ ଶିଶୁ ଦକ୍ଷତାର ବିକାଶ ପାଇଁ ଉପଯୁକ୍ତ ସମୟ ପ୍ରତି ସଜାଗ ରୁହନ୍ତୁ ।*

୨. *ପୂର୍ବ ସୂଚନା ଅନୁଯାୟୀ ଶିଶୁ ନିଜର ସ୍ପର୍ଶ, ଆଲିଙ୍ଗନ ଓ ଆଉଁଶିବା ପରି ଅନୁଭୂତିର ସୁଯୋଗ ଦିଅନ୍ତୁ । ଏହା ଶିଶୁର ସୁରକ୍ଷାଭାବ, ବିଶ୍ୱାସ ବୋଧ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରେ ।*

୩. *ଶିଶୁପାଇଁ ଯେଉଁ ସମୟ ଦେଉଛନ୍ତି ତାହାର ପରିମାଣ ଅପେକ୍ଷା ଗୁଣାତ୍ମକ ଦିଗ ଅଧିକ ଗୁରୁତ୍ୱପୂର୍ଣ୍ଣ । ସୁତରାଂ ସେ ସମୟର ଉତ୍କର୍ଷ ପ୍ରତି ଦୃଷ୍ଟି ଦିଅନ୍ତୁ ।*

Digitized by srujanika@gmail.com

ବ୍ୟକ୍ତିତ୍ୱ ସମ୍ପର୍କରେ :

୪. *ଶିଶୁର ବ୍ୟକ୍ତିତ୍ୱ ଗଠନରେ ବଂଶାନୁଗତ ଗୁଣ ଓ ପରିବେଶଗତ ପ୍ରଭାବ ଉଭୟେ ସକ୍ରିୟ ରହେ । ଶୈଶବକାଳୀନ ଯତ୍ନକାରୀ ସହିତ ମମତାବଦ୍ଧ ସୁସମ୍ପର୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅଧିକ ପ୍ରୟୋଜନ । ଏ ଦୃଷ୍ଟିରୁ ଶିଶୁ ପ୍ରତି ଅନୁରାଗ ପ୍ରକାଶ କରନ୍ତୁ ଆବଶ୍ୟକ ସମୟରେ ଶିଶୁର ଚାହିଦା ପୂରଣ କରି ତା' ମନରେ ବିଶ୍ୱାସ ବୋଧ ପ୍ରତିଷ୍ଠା କରନ୍ତୁ । ପୁଣି ଶିଶୁ ଯାହା କରିପାରିବ, ସେସବୁର ଶିକ୍ଷାଦେଇ ତା'କୁ ଆତ୍ମନିର୍ଭର ହେବାରେ ସାହାଯ୍ୟ କରିବା ଯେପରି ଆବଶ୍ୟକ, ଶିଶୁର ସାମର୍ଥ୍ୟ ବାହାରେଥିବା କାମସବୁ ମଧ୍ୟ ଶିଶୁର ଦୃଷ୍ଟିପୂଥକୁ ଆଣି ତା'ର ପରିସୀମିତ ସୂଚାଇବା ସେପରି ପ୍ରୟୋଜନ, ଆପଣଙ୍କ ଶିକ୍ଷା ଶିଶୁର ଆତ୍ମନିର୍ଭରଶୀଳତା ଓ ପରନିର୍ଭରଶୀଳତାରେ ସମନ୍ୱୟ ଆଣିବ ।*

୫. *ପ୍ରତି ସମାଜରେ ବାଳକ ବାଳିକା ଏବଂ ପୁରୁଷ ନାରୀ ବ୍ୟକ୍ତିତ୍ୱ ମଧ୍ୟରେ କିଛି ପରିମାଣରେ ପାର୍ଥକ୍ୟ ଦେଖାଯାଏ । ଏପରି ପାର୍ଥକ୍ୟ ଅତି ଅଳ୍ପ ବୟସରୁ ମଧ୍ୟ ପରିଦୃଷ୍ଟ ହୁଏ । ପୁଅ ହେଉ ବା ଝିଅ ହେଉ, ଉତ୍ତମ ବ୍ୟକ୍ତି ହେବା ପାଇଁ ଯେଉଁ ବ୍ୟକ୍ତିତ୍ୱ ଲୋଡ଼ା, ସେପରି ଶିକ୍ଷା ଦିଅନ୍ତୁ ।*

Digitized by srujanika@gmail.com

ଦେଇଥିବା ବାଳିକାମାନଙ୍କର ଶରୀରରେ କେତେକ ଅସ୍ୱାଭାବିକ ପୁରୁଷ ଚିହ୍ନ ରହୁଥିଲା । ଖୁବ୍ ଅଳ୍ପବୟସରେ ଶୈଲ୍ୟଚିକିତ୍ସା ଦ୍ୱାରା ଶରୀରର ଅସ୍ୱାଭାବିକତା ଦୂର କରାଯାଇ ସେମାନଙ୍କୁ ବାଳିକା ପରି ଲାଳନପାଳନ କରାଗଲା । ଦେଖାଗଲା ଯେ ସେମାନେ ବାଳିକା ରୂପେ ଆଚରଣ କରୁଛନ୍ତି ଏବଂ ପରବର୍ତ୍ତୀ କାଳରେ ସେମାନେ ସଫଳ ନାରୀ ରୂପେ ଜୀବନ ଯାପନ କଲେ । ମୋଟ ଉପରେ ସେମାନଙ୍କ ଜନ୍ମପୂର୍ବରୁ ସେମାନଙ୍କ ମାତୃଗର୍ଭରେ ହରମୋନଜନିତ ତ୍ରୁଟିବିଚ୍ୟୁତି କିଛି ଅସୁବିଧା ସୃଷ୍ଟି କରିଥିଲେ ମଧ୍ୟ ସେସବୁ ଉପଯୋଗୀ ସାମାଜିକ ବ୍ୟବସ୍ଥା ଦ୍ୱାରା ଦୂର ହୋଇପାରିଲା ।

ଶୈଶବ ଅବସ୍ଥାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ସାମାଜିକ ଓ ସାଂସ୍କୃତିକ ଧାରା ହିଁ ବାଳକ ବାଳିକା ମଧ୍ୟରେ ଏକ ନାରୀ ପୁରୁଷ ମଧ୍ୟରେ ଭିନ୍ନତା ସୃଷ୍ଟିକରେ । ପ୍ରତି ଗୋଷ୍ଠୀ ବା ସଂସ୍କୃତିରେ ପୁରୁଷ ଓ ନାରୀ ସମ୍ପର୍କରେ ନିର୍ଦ୍ଦିଷ୍ଟ ପ୍ରତ୍ୟାଶା ରହିଥାଏ । ପୁରୁଷମାନେ କର୍ମଠ ଓ ପ୍ରତିଯୋଗୀଭାବ ସମ୍ପନ୍ନ ଏବଂ ନାରୀମାନେ ସହାନୁଭୂତିଶୀଳ ଓ ସହଯୋଗ ଭାବସମ୍ପନ୍ନ ଏପରି ଭାବଧାରା ବହୁ ସମାଜରେ ପ୍ରଚଳିତ । ପ୍ରତି ସାମାଜିକ ସାଂସ୍କୃତିକ ପରିବେଷ୍ଟନୀ ମଧ୍ୟରେ ପୁରୁଷ ସମ୍ପର୍କରେ ଓ ନାରୀ ସମ୍ପର୍କରେ ଭିନ୍ନ ଭିନ୍ନ ଭାବଧାରା ରହିଥାଏ । ସେହି ଅନୁସାରେ ସମାଜର ଲୋକମାନେ ବାଳକ ବାଳିକାମାନଙ୍କଠାରୁ ପୃଥକ୍ ପୃଥକ୍ ପ୍ରତ୍ୟାଶା ରଖନ୍ତି, ଆମର ସାମାଜୀକରଣ ପ୍ରକ୍ରିୟାରେ ମଧ୍ୟ ତଦନୁରୂପ ଗୁରୁତ୍ୱ ପ୍ରକାଶ ପାଏ । ବାଳକ ବାଳିକାମାନଙ୍କୁ ଭିନ୍ନ ଭିନ୍ନ ଖେଳ ଖେଳାଇବା ଏବଂ ସେମାନଙ୍କଠାରୁ ଭିନ୍ନ ଭିନ୍ନ କ୍ଷେତ୍ରରେ ଦକ୍ଷତାର ପ୍ରତ୍ୟାଶା ରଖିବା ଫଳରେ ସେମାନଙ୍କଠାରେ ଅନୁରୂପ ବ୍ୟବହାର ପ୍ରକାଶ ପାଏ ।

ମୁଖ୍ୟତଃ ଶରୀରଭିତ୍ତିକ ପାର୍ଥକ୍ୟ, ସାଂସ୍କୃତିକ ପ୍ରତ୍ୟାଶା ଓ ଲିଙ୍ଗଭେଦରେ ସାମାଜୀକରଣର ଭିନ୍ନତାକୁ କେନ୍ଦ୍ର କରି ବାଳକ ବାଳିକାମାନଙ୍କ ମଧ୍ୟରେ ବ୍ୟକ୍ତିତ୍ୱ ଓ ସାମାଜିକ ବ୍ୟବହାର ଭିନ୍ନ ହେଉଥିଲେ ମଧ୍ୟ ଆଧୁନିକ ଯୁଗରେ ଏଭଳି ଭିନ୍ନତା କମାଇବାକୁ ପରାମର୍ଶ ଦିଆଯାଇଛି । ବାଳକ ହେଉ ବା ବାଳିକା ହେଉ ପ୍ରତ୍ୟେକ ଶିଶୁଠାରେ ବ୍ୟକ୍ତିତ୍ୱର ବିକାଶ ପାଇଁ ସେମାନଙ୍କୁ ଉଭୟ ପ୍ରତିଯୋଗୀ ଓ ସହଯୋଗୀ ଭାବ, ଆତ୍ମନିର୍ଭରଶୀଳ ଓ ସହାନୁଭୂତିଶୀଳ, ବ୍ୟକ୍ତିମୁଖୀ ଓ ଦଳମୁଖୀ ପ୍ରଭୃତି ବାଳକ ସୁଲଭ ଓ ବାଳିକାସୁଲଭ ଗୁଣସବୁର ସମନ୍ୱୟ ଉପରେ ପ୍ରାଧାନ୍ୟ ଦିଆଯାଉଛି । *ପିତାମାତାମାନେ ଶିଶୁକୁ ଜଣେ ଭଲ ବାଳକ ବା ଭଲ ବାଳିକା ହେବାପରି ଚେଷ୍ଟା କରିବା ପରିବର୍ତ୍ତେ ସେମାନଙ୍କୁ ଭଲ ବ୍ୟକ୍ତିରୂପେ ପରିପାଳନ କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି ।* ଅନ୍ୟଭାଷାରେ କହିଲେ ବାଳକକୁ କେବଳ ବାଳକୋଚିତ କାର୍ଯ୍ୟ ଓ ଖେଳ ଏବଂ ବାଳିକାକୁ କେବଳ ବାଳିକା ସୁଲଭ କାର୍ଯ୍ୟ ଓ ଖେଳ ନ ଦେଇ ସେ ସବୁର ସମନ୍ୱୟ ଘଟାଇ ଶିଶୁ ବ୍ୟକ୍ତିତ୍ୱର ବିକାଶ ଘଟାଇବା ଯୁଗୋପଯୋଗୀ ହେବ ବୋଲି ପରାମର୍ଶ ଦିଆଯାଉଛି ।

■

Digitized by srujanika@gmail.com

ଶିଶୁର ଭାବାବେଗ

ଭାବାବେଗ (Emotion) ଶବ୍ଦଟି ଆପତତଃ ଜୀବନର କୈଶୋର ତାରୁଣ୍ୟ, ଯୌବନ ଓ ବାର୍ଦ୍ଧକ୍ୟ ଅବସ୍ଥା ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଶୈଶବବିଜ୍ଞାନ ବିକାଶରେ ଏହାର ବିଶେଷ ଭୂମିକା ଅଛି ବୋଲି ମନେହୁଏ ନାହିଁ । କିନ୍ତୁ ଏହା ଏକ ଭ୍ରମ ଧାରଣା । ପରିବେଶର ବିଭିନ୍ନ ଅବସ୍ଥା ସହିତ ସମନ୍ୱୟ ରକ୍ଷା କରିବାରେ ଭାବାବେଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ପ୍ରାଣୀଜଗତର ବିବର୍ତ୍ତନ ଧାରାରେ ମଧ୍ୟ ଆବେଗ ଏକ ସ୍ୱତନ୍ତ୍ର ଭୂମିକା ନେଇଥିଲା । ବିବର୍ତ୍ତନ ଧାରାରୁ ମସ୍ତିଷ୍କରେ ଭାବନା (Thinking) କେନ୍ଦ୍ରସବୁ ରୂପ ନେବା ପୂର୍ବରୁ ଭାବ (Feeling) କେନ୍ଦ୍ରମାନ ରୂପ ନେଇଥିଲା ।

ଜୀବନର ଆଦ୍ୟ ବିକାଶରେ ଭାବାବେଗର ଭୂମିକା ରହିଛି । ଶିଶୁ ମଧ୍ୟ ଆବେଗ ପ୍ରଦର୍ଶନ କରେ । ଶୈଶବକାଳୀନ ଆବେଗ କ୍ଷେତ୍ରରେ କେତୋଟି ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ରହିଛି । କେଉଁସବୁ ଉଦ୍ଦୀପକ ଆବେଗ ସୃଷ୍ଟିକରେ ? ଆବେଗର କିପରି ଉତ୍ପତ୍ତି ଘଟେ ? ବୟସର ବୃଦ୍ଧି ସହିତ ଆବେଗ ସବୁର କି କି ପରିବର୍ତ୍ତନ ଘଟେ ? ଶିଶୁର ସ୍ମିତହସ ଶିଶୁର ଆବେଗର ପ୍ରଥମ ପରିପ୍ରକାଶ ହୋଇଥିବାରୁ ପ୍ରଥମେ ଏହା ଆଲୋଚନା କରାଯାଇପାରେ ।

ଶିଶୁର ସ୍ମିତହସ

ପ୍ରଥମତଃ ବୁଝିବାକୁ ହେବ ଯେ ଶିଶୁର ଆବେଗ କିଛି ମାତ୍ରାରେ ଲକ୍ଷ୍ୟ ପୂରଣ କରେ । ଏହା ଶିଶୁର ଅନୁଭବକୁ ରୂପ ଦିଏ, ତାହାର ଚାହିଦା ଓ କାମନା ସବୁକୁ ପ୍ରକାଶ କରେ । ପୁନଶ୍ଚ ଶିଶୁ ନିଜର ଆବେଗ ମାଧ୍ୟମରେ ସେ ନିଜର ଯତ୍ନକାରୀର କେତେ ସନ୍ନିକଟବର୍ତ୍ତୀ ହେବ, ତାହା ସୂଚାଏ ।

ସ୍ମିତହସ ଶିଶୁର ପ୍ରଥମ ସାମାଜିକ ସଂକେତ । ଜନ୍ମର ଅଳ୍ପଦିନ ମଧ୍ୟରେ ଶିଶୁ ସ୍ମିତହସ ଦର୍ଶାଏ । ପ୍ରଥମେ ଶିଶୁର ଯେଉଁ ସ୍ମିତହସ ପ୍ରଦର୍ଶିତ ହୁଏ ତାହାକୁ ପ୍ରତିବର୍ତ୍ତ ସ୍ମିତହସ (Reflex Smile) କହନ୍ତି । ଏପରି ହସ ଶିଶୁର ଆଭ୍ୟନ୍ତରୀଣ ଅବସ୍ଥାର ପରିପ୍ରକାଶ । ପ୍ରାଥମିକ ଅବସ୍ଥାରେ ଶିଶୁ ବହିଃ ଜଗତର ବସ୍ତୁ ବା ଘଟଣା ପ୍ରତି ପ୍ରତିକ୍ରିୟା ନ ଦର୍ଶାଇ ଅନ୍ତର୍ଜଗତର ଉଦ୍ଦୀପନା ପ୍ରତି ମୁଖ୍ୟତଃ ପ୍ରତିଫଳନ ପ୍ରକାଶ କରେ ।

ଶିଶୁଟିର ବୟସ ତିନିସପ୍ତାହରୁ ଆରମ୍ଭ କରି 'ଛ ସପ୍ତାହ ହେବା ବେଳକୁ ସ୍ମିତହସ ସ୍ପଷ୍ଟ ରୂପେ ପ୍ରକାଶ ପାଏ । ମା'ର ଶବ୍ଦ ଉଚ୍ଚାରଣ ଓ ମୁଖମଣ୍ଡଳ ଦେଖି ସେ ସ୍ମିତହସ ସୂଚାଏ । ଲକ୍ଷ୍ୟ କରିବାର କଥା ଯେ ସାଧାରଣ ଭାବେ ଶିଶୁଟି ପ୍ରାୟ ଛ ସପ୍ତାହ ବୟସ ବେଳକୁ ବାହ୍ୟ ଉଦ୍ଦୀପକ ଉପସ୍ଥିତିରେ ସ୍ମିତହସ ସୂଚାଏ । ପୁଣି ସୂକ୍ଷ୍ମ ପର୍ଯ୍ୟବେକ୍ଷଣରୁ ଲକ୍ଷ୍ୟ କରାଯାଇଛି ଯେ ଶିଶୁ ପ୍ରଥମେ ମା'ର ଚକ୍ଷୁଦ୍ୱଇଟି, ପରେ ମୁଖ ଏବଂ ତାହାପରେ ପୂରା ମୁଖମଣ୍ଡଳଟି ପ୍ରତି ସଚେତନ ହୋଇ ସ୍ମିତହସ ପ୍ରକାଶ କରେ ।

Digitized by srujanika@gmail.com



ପ୍ରାୟ ଛ' ମାସ ବେଳକୁ ଶିଶୁର ସ୍ମିତହସ ହସ (Laughter) ର ରୂପ ନିଏ । ଏପରି ବୟସରେ ବୟସ୍କମାନେ ବାହ୍ୟ ପାରିପାର୍ଶ୍ୱିକ ବସ୍ତୁର ସାହାଯ୍ୟ ନେଇ ଶିଶୁକୁ ହସାଇବାର ଚେଷ୍ଟା କରିଥାନ୍ତି । ଶିଶୁର ଦେହକୁ ସ୍ପର୍ଶ କରି କିମ୍ୱା ଶିଶୁର କେଶରାଶି ମଧ୍ୟରେ ଧୀରେ ଧୀରେ ଫୁଙ୍କିଦେଇ ଶିଶୁକୁ ସ୍ପର୍ଶର ଅନୁଭୂତିଦେବା ମାଧ୍ୟମରେ ହସାଇବାର ଚେଷ୍ଟା କରାଯାଏ । ସେହିପରି ବୟସ୍କମାନେ ମୁହଁରେ ମୁଖା ପିନ୍ଧି, କିମ୍ୱା ଲୁଚକାଳିର ଅଭିନୟ କରି ଶିଶୁକୁ ହସାଇବାର ଚେଷ୍ଟା କରନ୍ତି । ପୁଣି ଶବ୍ଦ କରୁଥିବା ଖେଳଣା ସବୁର ବ୍ୟବହାର କରାଯାଇ ଶିଶୁକୁ ହସାଇବାର ଚେଷ୍ଟା କରାଯାଏ ।

କୌତୂହଳର ବିଷୟ ଯେ କେଉଁସବୁ ବସ୍ତୁ ଶିଶୁମୁଖରେ ହସ ସୃଷ୍ଟି କରିବ ତାହାର ଏକ କ୍ରମିକ ସୋପାନ ରହିଛି । *ପ୍ରଥମେ ପ୍ରଥମେ ଶିଶୁ ଅନ୍ୟମାନଙ୍କ ପ୍ରଦତ୍ତ ବା ପରିବେଷ୍ଟିତ ବସ୍ତୁ ଦେଖି ହସୁଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଏ ସବୁ ବସ୍ତୁରୁ ଆଗ୍ରହ କମିଯାଏ ।* ଉଦାହରଣ ହେଉଛି ଅନ୍ୟ ଜଣେ ବ୍ୟକ୍ତି କିଛି ଗୋଟାଏ ଦେଖାଇବା । ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ଅଂଶ ଗ୍ରହଣ କରୁଥିବା ଘଟଣାରେ ନିଜର ହସବ୍ୟକ୍ତ କରେ । ମା' କିମ୍ୱା ଯତ୍ନକାରୀ ସହିତ ଲୁଚକାଳି ଏହିପରି ଏକ ପ୍ରକ୍ରିୟା । *ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ନିଜେ ସୃଷ୍ଟି କରୁଥିବା ଘଟଣା ପ୍ରସଙ୍ଗରେ ହସ ବ୍ୟକ୍ତ କରେ ।* ଶବ୍ଦ କରୁଥିବା କୁଣ୍ଢେଇଟି ନିଜେ ଚାପି ଏଥିରୁ ଶବ୍ଦ ବାହାର କରି ଖୁସିହୁଏ ଏବଂ ହସେ । ମୋଟ ଉପରେ କେଉଁସବୁ ବସ୍ତୁ ହସ ସୃଷ୍ଟି କରିବ ସେସବୁ ଉଦ୍ଦୀପକ ବୟସର ବୃଦ୍ଧି ସହିତ ପରିବର୍ତ୍ତିତ ହେବାକୁ ଲାଗେ ।

କହିବା ଅନାବଶ୍ୟକ ଯେ ଶିଶୁର ହସ ପାଇଁ ମା ଓ ଅନ୍ୟ ମାନଙ୍କର ଅନୁକ୍ରିୟା (Interaction) ଆବଶ୍ୟକ । ଆମେ ଶିଶୁର ହସ ଦେଖି ଅନୁରୂପ ହସ ଦେଖାଇବା ଫଳରେ ଶିଶୁର ସ୍ମିତହସ ଓ ହସର ସମ୍ଭାବନା ବୃଦ୍ଧିପାଏ । ସର୍ବେକ୍ଷଣରୁ ଦେଖାଯାଇଛି ଯେ ପରିବାରର ସ୍ୱାଭାବିକ ପରିବେଶ ମଧ୍ୟରେ ଲାଳିତ ପାଳିତ ଶିଶୁ ଅନାଥାଶ୍ରମରେ ପାଳିତ ଶିଶୁ ତୁଳନାରେ ଶୀଘ୍ର ହସ ଦର୍ଶାଏ ଏବଂ ଅଧିକ ପରିମାଣର ଆନନ୍ଦ ପ୍ରକାଶ କରେ । ସ୍ମିତହସ ଓ ହସ କ୍ଷେତ୍ରରେ ଯତ୍ନକାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

Digitized by srujanika@gmail.com

ସ୍ମିତହସର ଉତ୍ପତ୍ତି ମୂଳ କେଉଁଠାରେ ? କେତେକ ମନୋବିଜ୍ଞାନୀ ମତଦିଅନ୍ତି ଯେ ସ୍ମିତହସ ଏକ ସହଜାତ ପ୍ରବୃତ୍ତି । ଏହାର ପ୍ରମାଣ ସ୍ୱରୂପ ସେମାନେ ଦର୍ଶାଇ ଥାଆନ୍ତି ଯେ ଭ୍ରୂଣ ସଞ୍ଚାରର ୪୬ ସପ୍ତାହ ପରେ ଅର୍ଥାତ୍ ଜନ୍ମର ଛ' ସପ୍ତାହ ପରେ ଶିଶୁ ହସେ । କୌଣସି ଶିଶୁ ଠିକ୍ ସମୟ (୪୦ ସପ୍ତାହ) ପୂର୍ବରୁ ଜନ୍ମ ହେଲେ ଏପରି ଶିଶୁ ଜନ୍ମଗ୍ରହଣର ୬ ସପ୍ତାହ ପରେ ହସିବା ପରିବର୍ତ୍ତେ ତା ସଞ୍ଚାରର ୪୬ ସପ୍ତାହ ପରେ ହସିଥାଏ । ଏପରି ଶିଶୁ ଜନ୍ମହେବା ପରେ ଯେଉଁ ସମୟରେ ୪୬ ସପ୍ତାହ ପୂରଣ ହେଉଛି, ତାହାପରେ ହସ ସୂଚାଏ ।

ସ୍ମିତହସ ପୂର୍ବ ନିର୍ଦ୍ଧାରିତ ହେବାର କିଛି ସୂଚନା ସତ୍ତ୍ୱେ ପରିବେଶର ଗୁରୁତ୍ୱକୁ ଏଡ଼ାଇ ହେବ ନାହିଁ । ଶିଶୁ କେଉଁ କେଉଁ ବସ୍ତୁର ଉପସ୍ଥିତିରେ ହସୁଛି, କେଉଁ ବୟସରୁ ହସିବା ଆରମ୍ଭ କରୁଛି ଏବଂ ବୟସର ବୃଦ୍ଧି ସହିତ ଏପରି ଆଚରଣର କିଭଳି ପରିବର୍ତ୍ତନ ଘଟୁଛି, ତାହା ବହୁ ପରିମାଣରେ ପରିବେଶ ଉପରେ ନିର୍ଭର କରେ । ବିଶେଷଜ୍ଞ ପିତାମାତା ଓ ଅନ୍ୟସବୁ ଯତ୍ନକାରୀଙ୍କ ପାରସ୍ପରିକ କ୍ରିୟାକଳାପ ଓ ଶିଶୁର ହସକୁ ପ୍ରୋତ୍ସାହନ ଦେବାର ପରମ୍ପରା ବହୁ ତାରତମ୍ୟ ସୃଷ୍ଟିକରେ । ଏ ଦୃଷ୍ଟିରୁ ଶିଶୁର ସ୍ମିତହସ ଓ ହସ ପରି ଏକ ସାମାଜିକ ବ୍ୟବହାରର ଉନ୍ମେଷ ଓ ବିକାଶକୁ ତ୍ୱରାନ୍ୱିତ କରିବାର ପ୍ରୟତ୍ନକୁ ବାଦ୍‌ଦେବା ଅନୁଚିତ ହେବ ।

Digitized by srujanika@gmail.com

ସ୍ମିତହସରୁ ଅନୁରାଗ

ଶିଶୁର ସ୍ମିତହସରୁ ଯେଉଁ ସାମାଜିକ ବଳୟ ସୃଷ୍ଟିହୁଏ, ତାହା ଧୀରେ ଧୀରେ ଏକ ସାମାଜିକ ବନ୍ଧନର ରୂପ ନିଏ । ଶିଶୁ ନିଜର ମା' ଓ ଅନ୍ୟ ଯତ୍ନକାରୀ ସହିତ ଏକ ଅନୁରାଗପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରେ । ଅନୁରାଗ ପ୍ରତିଷ୍ଠାର ତିନୋଟି କ୍ରମିକ ସୋପାନ ରହିଛି । ପ୍ରଥମ ସୋପାନରେ ଶିଶୁ ସାମାଜିକ ବସ୍ତୁ ପ୍ରତି ଆକର୍ଷଣ ଦର୍ଶାଏ ଏବଂ ଅନ୍ୟାନ୍ୟ ରୂପ ତୁଳନାରେ ମନୁଷ୍ୟର ରୂପ ବା ଛବି ପ୍ରତି ଅଧିକ ଆକର୍ଷିତ ହୁଏ । ଦ୍ୱିତୀୟ ସୋପାନରେ ସେ ପରିଚିତ ମାନବୀୟ ରୂପକୁ (ଯଥା – ପିତାମାତା ବା ଅନ୍ୟ ଯତ୍ନକାରୀ) ଅପରିଚିତ ବ୍ୟକ୍ତିଠାରୁ ପୃଥକ କିଛି ଚିହ୍ନିପାରେ । ତୃତୀୟ ସୋପାନରେ ସେ ଚିହ୍ନି ପାରୁଥିବା ଏବଂ ଅଧିକ ଆକର୍ଷିତ ହେଉଥିବା ମଣିଷଟି ସହିତ ଏକ ଅନୁରାଗପୂର୍ଣ୍ଣ ସମ୍ପର୍କ ଗଢ଼ିତୋଳେ ।

କେଉଁ ବୟସରେ ଏ ସବୁ ଘଟେ, ତାହା କେତେକାଂଶରେ ନିର୍ଦ୍ଦିଷ୍ଟ ସମାଜ ସଂସ୍କୃତି ଉପରେ ନିର୍ଭର କରୁଥିଲେ ମଧ୍ୟ ଗୋଟିଏ ସାମଗ୍ରିକ ଚିତ୍ର ଦିଆଯାଇପାରେ । ଏହା ମୁଖ୍ୟତଃ ଗବେଷଣା ଲବ୍ଧ । ପୂର୍ବରୁ ସୂଚନା ଦିଆଯାଇଛି ଯେ ଖୁବ୍ କମ୍ ବୟସରେ ଏପରିକି ଜନ୍ମର ପରେ ପରେ ନବଜାତ ଶିଶୁ ମନୁଷ୍ୟର ମୁଖପ୍ରତି ଅଧିକ ଦୃଷ୍ଟି ଦେଇଥାଏ । ଦୁଇ ସପ୍ତାହର ବୟସ ବେଳକୁ ସେ ମା'ର ମୁହଁ ଚିହ୍ନିପାରେ । ଏ ପରିଚିତି ପ୍ରକ୍ରିୟା ଦୃଢ଼ତର ହୁଏ ଏବଂ ବୟସ ଦୁଇମାସ ହେଲାବେଳକୁ ସେ ନିଜର ପିତାଙ୍କୁ ଚିହ୍ନିପାରେ । ପରବର୍ତ୍ତୀ ମାସ ଗୁଡ଼ିକରେ ସେ ପିତାମାତାଙ୍କର

Digitized by srujanika@gmail.com

ଅନ୍ୟସବୁ ସ୍ୱାତନ୍ତ୍ର୍ୟ ପ୍ରତି ଧ୍ୟାନଶୀଳ ହୁଏ । ସେମାନଙ୍କର ଶରୀରର ଅଙ୍ଗଭଙ୍ଗୀ, କଥାର ସ୍ୱର ଓ ଶୈଳୀ ଏବଂ ଅନ୍ୟ କେତେକ ବିଶିଷ୍ଟତା ପ୍ରତି ସଚେତନ ହୁଏ ।

ବୟସ ପ୍ରାୟ ସାତମାସ ହେଲାବେଳେ ଅନୁରାଗ (Attachment) ଏକ ସ୍ୱତନ୍ତ୍ର ରୂପନିଏ । ସାତମାସ ବୟସ ହେବା ପୂର୍ବରୁ ଶିଶୁଟି ହୁଏତ ମା'ର ସଂସର୍ଗ ପାଇଁ କାନ୍ଦୁଥିଲା । କିନ୍ତୁ ଏପରି କାନ୍ଦର ମୁଖ୍ୟ କାରଣ ହେଉଛି ଚାହିଦାମେଣ୍ଟାଇବା ପାଇଁ ମା'ର ଉପସ୍ଥିତି ବା ସଂସର୍ଗ କାମନା କରିବା । ମା' ଖାଦ୍ୟ ଦେବ ବା ଉଷ୍ମତା ଦେବ ବା ଶୀତଳତା ଦେବ – ଏ ଦୃଷ୍ଟିରୁ ଶିଶୁଟି କାନ୍ଦୁଥିଲା; ମାତ୍ର ଶିଶୁର ବୟସ ସାତମାସ ହେଲାପରେ ସେ ଅନ୍ୟ ଏକ ପ୍ରକାର ସଂକେତ ମଧ୍ୟ ଦିଏ । ମା' ଦୂରେଇ ଗଲେ ବା ତା' ଦୃଷ୍ଟିରୁ ଅପସରି ଗଲେ ସେ ସଂସର୍ଗ ପାଇଁ କାନ୍ଦେ । ମା'ଠାରୁ ପୃଥକ୍ ହେବା ସମୟରେ କାନ୍ଦିବାର ସଂକେତ ହେଉଛି ଅନୁରାଗର ଏକ ସ୍ୱତନ୍ତ୍ର ସୂଚକ ।

ପ୍ରାଥମିକ ଅବସ୍ଥାରେ ଶିଶୁ ଓ ଜନନୀମଧ୍ୟରେ ଥିବା ସଂସର୍ଗ (Contact) ରୁ ଅନୁରାଗର ଉନ୍ମେଷ ଘଟୁଥିଲେ ମଧ୍ୟ ଅନ୍ୟ କେତୋଟି ଉପାଦାନ ଅନୁରାଗକୁ ବିକଶିତ କରେ । ପିତାମାତା ଓ ଅନ୍ୟ ଯତ୍ନକାରୀମାନଙ୍କ ସହିତ ଶିଶୁର ଖେଳ କୌତୁକ ଅନୁରାଗ ଗଠନର ଏକ ସୁନ୍ଦର

Digitized by srujanika@gmail.com

ମାଧ୍ୟମ । ମନୋବିଜ୍ଞାନୀମାନେ ଶିଶୁର କ୍ରୀଡ଼ା ଲକ୍ଷ୍ୟ କରି ଦେଖିଛନ୍ତି ଯେ ଶିଶୁର କ୍ରୀଡ଼ା ଏକ ସକ୍ରିୟ ପ୍ରକ୍ରିୟା । କ୍ରୀଡ଼ା ମାଧ୍ୟମରେ ବୟସ୍କବ୍ୟକ୍ତି (ଶିଶୁର ମା') ଶିଶୁପାଇଁ ଉଦ୍ଦୀପନା ଓ ଆକର୍ଷଣ ସୃଷ୍ଟି କରନ୍ତି । ସେହିପରି ଶିଶୁ ମଧ୍ୟ ଅନ୍ୟ ପାଇଁ ଉଦ୍ଦୀପନା ସୃଷ୍ଟିକରେ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଶିଶୁର ଜନନୀ ଅତିରଞ୍ଜନର ଆଶ୍ରୟ ନେଇ ଅଧିକ ଆକର୍ଷଣ ସୃଷ୍ଟି କରନ୍ତି । କଥାଟିକୁ ଲମ୍ବାଇ ଲମ୍ବାଇ କହିବା, ସ୍ୱର ଲହରୀ ସୃଷ୍ଟି କରିବା ଇତ୍ୟାଦି ଅତିରଞ୍ଜନର କ୍ରିୟା କଳାପ । ଏହାଦ୍ୱାରା ଶିଶୁର ଧ୍ୟାନ ଆକର୍ଷିତ ହୁଏ । ଏପରି ପାରସ୍ପରିକ କ୍ରିୟା ଅନୁରାଗର ବିକାଶରେ ସହାୟକ ହୁଏ ।

ଅନୁରାଗର ବିକାଶ ଓ ବିସ୍ତୃତି କ୍ଷେତ୍ରରେ ପିତାଙ୍କର ମଧ୍ୟ ଭୂମିକା ରହିଛି । ପୂର୍ବେ ପିତାଙ୍କର ଭୂମିକାକୁ ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିଲା । ଶିଶୁର ସାମାଜିକ ବ୍ୟବହାର ବିକାଶରେ ମା'ର ଭୂମିକାକୁ ହିଁ ସ୍ୱୀକାର କରାଯାଉଥିଲା । ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ପିତାଙ୍କର ଭୂମିକା ନଗଣ୍ୟ ନୁହେଁ । ବିଶେଷତଃ ମା' ଶିଶୁପାଇଁ ଉଦ୍ଦୀପନା ସୃଷ୍ଟି କଲାବେଳେ କଥୋପକଥନର ଅଧିକ ବ୍ୟବହାର କରୁଥିବା ସ୍ଥଳେ ପିତା ଖେଳର ଅଧିକ ଉପଯୋଗ କରନ୍ତି । ଅଧିକାଂଶ ଖେଳ ଶରୀର ଭିତ୍ତିକ । ସୁତରାଂ ଏ ଗୁଡ଼ିକର ଭିନ୍ନ ଏକ ଆବଶ୍ୟକତା ରହିଛି । *ଶାରୀରିକ ଖେଳ ପରିପ୍ରେକ୍ଷୀରେ ଶିଶୁ ଅଧିକ ମାତ୍ରାରେ ପିତାଙ୍କର ଉପସ୍ଥିତି ଓ ଅଂଶଗ୍ରହଣ କାମନା କରେ ।* କ୍ରୀଡ଼ା ମାଧ୍ୟମରେ ପିତାଙ୍କ ସହିତ ଅନୁରାଗର ସମ୍ପର୍କ ଦୃଢ଼ ହୁଏ ।

ଅନୁରାଗର ଉନ୍ମେଷଣଟି ଏକ ବିକଶିତ ରୂପ ନେଲାପରେ ଏହା ଜୀବନର ଅନ୍ୟ ସୋପାନରେ (କିଶୋର ଯୁବାବସ୍ଥା ଇତ୍ୟାଦି) ଅତୁଟ ରହେ । ଅବଶ୍ୟ ଏହାର ପରିପ୍ରକାଶ ପଦ୍ଧତିରେ ପରିବର୍ତ୍ତନ ଘଟିପାରେ । ପ୍ରାଥମିକ ଅବସ୍ଥାରେ ଅନୁରାଗର ପରିପ୍ରକାଶ ସ୍ପର୍ଶ ଓ ସାନ୍ନିଧ୍ୟ ଦ୍ୱାରା ସୂଚିତ ହେଉଥିଲେ ମଧ୍ୟ ପରେ ପରେ ଅନୁରାଗକୁ ଭାଷାଦ୍ୱାରା ପ୍ରକାଶ କରାଯାଏ । ପୁଣି ସମାଜ ଓ ସଂସ୍କୃତି ଭେଦରେ ସ୍ପର୍ଶ ଓ ଭାଷା ପ୍ରୟୋଗର ତାରତମ୍ୟ ଦେଖାଯାଏ । ଜାପାନରେ ପିତାମାତା ଓ ବୟସ୍କମାନେ ଅଧିକ ମାତ୍ରାରେ ସ୍ପର୍ଶଦ୍ୱାରା ଶିଶୁପ୍ରତି ନିଜର ଅନୁରାଗ ପ୍ରକାଶ କରିବା ସ୍ଥଳେ ଆମେରିକାର ଲୋକମାନେ କଥାକହି ଗୀତଗାଇ ଶିଶୁପ୍ରତି ନିଜର ଅନୁରାଗ ପ୍ରକାଶ କରନ୍ତି ।

ଅନୁରାଗ ପ୍ରକାଶର ମାଧ୍ୟମ ଯାହା ହେଉନା କାହିଁକି ଅନୁରାଗ ଶିଶୁପାଇଁ ସୁଫଳ ଆଣିଥାଏ । ଏପରି ଶିଶୁମାନେ ଯେ ନିଜକୁ ସୁରକ୍ଷିତ ମନେ କରନ୍ତି, ତାହାର ବହୁ ପ୍ରମାଣ ମିଳିଛି । ଏତଦ୍‌ବ୍ୟତୀତ ଯଥେଷ୍ଟ ପରିମାଣରେ ଅନୁରାଗ ପାଉଥିବା ଶିଶୁମାନେ ନିଜର ପରିବେଶ ପ୍ରତି କୌତୂହଳ ପ୍ରଦର୍ଶନ କରନ୍ତି ଏବଂ ଅନ୍ୱେଷଣାତ୍ମକ (Exploratory) ବ୍ୟବହାର ଦର୍ଶାନ୍ତି । କହିବା ଅନାବଶ୍ୟକ ଯେ ଶିଶୁର ଅନୁସନ୍ଧିତ୍ସା ଓ ଅନ୍ୱେଷଣାତ୍ମକ ବ୍ୟବହାର ଭବିଷ୍ୟତରେ ସମସ୍ୟା ସମାଧାନ ଦକ୍ଷତାକୁ ବିକଶିତ କରେ ।

ଅନୁରାଗ ପ୍ରସଙ୍ଗରେ ଦୁଇଟି ପ୍ରଶ୍ନ ଅନେକ ସମୟରେ ମୁଣ୍ଡ ଟେକିଛି । ପ୍ରଥମଟି ହେଉଛି ଶିଶୁର ଏକାଧିକ ଓ ଅଧିକ ସଂଖ୍ୟକ ଯତ୍ନକାରୀ ଅନୁରାଗ ପ୍ରକ୍ରିୟାକୁ ବିପର୍ଯ୍ୟସ୍ତ କରନ୍ତି କି ?

Digitized by srujanika@gmail.com

ଆଧୁନିକ ଯୁଗରେ ଅଧିକରୁ ଅଧିକ ସଂଖ୍ୟକ ମହିଳା କର୍ମ ସଂସ୍ଥାରେ ଯୋଗଦେଉଥିବାରୁ ଏବଂ ଧୀରେ ଧୀରେ ଶିଶୁମାନଙ୍କ ପାଇଁ ଶିଶୁ କେନ୍ଦ୍ରମାନ ବୃଦ୍ଧିପାଉଥିବାରୁ ଏ ପ୍ରଶ୍ନଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଅନୁରାଗ ସମ୍ପର୍କରେ ସବିଶେଷ ଗବେଷଣା କରିଥିବା ବ୍ରିଟିଶ ମନୋବିଜ୍ଞାନୀ ବଲବୀ ମତ ଦିଅନ୍ତି ଯେ ଜୀବନର ଆଦ୍ୟକାଳରେ (ଜନ୍ମର ଠିକ୍ ପରେ ପରେ) ସଂସର୍ଗ ଲାଭ ପାଇଁ ଏକମାତ୍ର ଅନୁରାଗର ମଣିଷ ରହିବା ଭଲ । ଶିଶୁର ପ୍ରାଥମିକ ସମ୍ପର୍କ ଜଣେ ଯତ୍ନକାରୀ ଅର୍ଥାତ୍ ମା' ସହିତ ହେବା ଶ୍ରେୟସ୍କର । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଏକାଧିକ ଯତ୍ନକାରୀଙ୍କ ଉପସ୍ଥିତି ଓ ସାନ୍ନିଧ୍ୟ ଶିଶୁକୁ କ୍ଷତିଗ୍ରସ୍ତ କରି ନ ଥାଏ ।

ସେହିପରି ଇସ୍ରାଏଲରେ ଶିଶୁମାନେ ସମଷ୍ଟିଗତ ଭାବରେ କିବୁଜରେ ପ୍ରତିପାଳିତ ହୁଅନ୍ତି । ଏଠାରେ ଜଣେ ଜଣେ ପେଶାଦାର ଯତ୍ନକାରୀ ଥାଆନ୍ତି । କିବୁଜରେ ପ୍ରତିପାଳିତ ଶିଶୁମାନେ କ୍ଷତିଗ୍ରସ୍ତ ହେବାର ପ୍ରମାଣ ମିଳିନାହିଁ ।

ଦ୍ୱିତୀୟ ପ୍ରଶ୍ନଟି ହେଉଛି – ମା' ଭିନ୍ନ ଅନ୍ୟ କେହି ଶିଶୁର ଅନୁରାଗର-ମଣିଷ ହୋଇପାରିବ କି ? ସ୍ୱାଭାବିକ ପ୍ରକ୍ରିୟାରେ ମା' ଶିଶୁର ମୌଳିକ ଅନୁରାଗର ମଣିଷ ହେଉଥିଲେ ମଧ୍ୟ ଅନ୍ୟମାନେ ଶିଶୁର ଅନୁରାଗ ମଣିଷ ହୋଇପାରିବେ । ଶିଶୁର ସାଥୀସବୁ ଅନୁରାଗ ମଣିଷ ହେବାର ଉଦାହରଣ ରହିଛି । ବିଶେଷତଃ ବିଶ୍ୱବିଖ୍ୟାତ ମନୋବିଜ୍ଞାନୀ ଫ୍ରଏଡ ୧୯୫୧ ମସିହାରେ ସତ୍ୟ ଘଟଣାକୁ ଅବଲମ୍ବନ କରି ଛ'ଜଣ ଜର୍ମାନୀର ଇହୁଦୀ ଅନାଥ ପିଲାଙ୍କର ବିଷୟରେ ଯେଉଁ ଗପଟି ଲେଖିଥିଲେ ତାହା ଅନୁରାଗର ଏକ ଅନାଲୋଚିତ ଦିଗ ସ୍ପଷ୍ଟଭାବେ ଦର୍ଶାଇଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଛ' ଜଣଙ୍କର ଇହୁଦୀ ପିତାମାତା ହିଟଲରଙ୍କ ନାରକୀୟ ଯନ୍ତ୍ରଣା ଶିବିରର ଶୀକାର ହୋଇଥିଲେ, ଗ୍ୟାସ ଚେମ୍ବରରେ ଏମାନେ ପ୍ରାଣ ହରାଇଥିଲେ । ହିଟଲରଙ୍କ ପତନ ପରେ ଏହି ଶିଶୁମାନଙ୍କୁ ଉଦ୍ଧାର କରାଯାଇଥିଲା । ସେତେବେଳକୁ ଏହି ଶିଶୁମାନଙ୍କର ବୟସସବୁ ଏକବର୍ଷର ପାଖାପାଖି ।

ବୁଲ୍‌ଡଗ୍ ବ୍ୟାଙ୍କ ନାମକ ସ୍ଥାନରେ ଉଦ୍ଧାର ପାଇଥିବା ଶିଶୁମାନଙ୍କ ପାଇଁ ଗୋଟିଏ ନର୍ସରୀସ୍କୁଲ ପ୍ରତିଷ୍ଠା ହେଇଥିଲା । ଏହି ସ୍ଥାନରେ ଏହି ଅନାଥ ଶିଶୁମାନଙ୍କୁ ଛଡ଼ା ଗଲା, ଏମାନଙ୍କର ବ୍ୟବହାର ସବୁ ବିଚିତ୍ର ଧରଣର ଥିଲା । ଏମାନେ ବୟସ୍କ ବ୍ୟକ୍ତିମାନଙ୍କୁ ଦେଖିଲେ ନିଜର କ୍ରୋଧ ପ୍ରକାଶ କରୁଥିଲେ । ଜିନିଷପତ୍ର ଭଙ୍ଗାଭଙ୍ଗି କରୁଥିଲେ । ଦୁଷ୍ଟାମୀ ଭାବ ଦେଖାଉଥିଲେ ।

ମାତ୍ର ଶିଶୁମାନେ ପରସ୍ପର ପ୍ରତି ଗଭୀର ସ୍ନେହ ପ୍ରକଟ କରୁଥିଲେ, ଟିକିଏ ବଡ଼ ହେବା ପରେ ସେମାନଙ୍କର ପାରସ୍ପରିକ ଅନୁରାଗ ସୁସ୍ପଷ୍ଟ ରୂପ ନେଲା । ଥରେ ଗୋଟିଏ ପିଲା ଖାଉଥିବା ସମୟରେ ଜାଣିବାକୁ ପାଇଲା ଯେ ରୁଟି କମ୍ ଥିବାରୁ ଦ୍ୱିତୀୟଥର ତାକୁ ଆଉ କିଛି ମିଳିବ ନାହିଁ । ଏଥିପାଇଁ ସେ କାନ୍ଦିବାକୁ ଆରମ୍ଭ କଲା, ଅନ୍ୟ ଶିଶୁମାନେ ସଙ୍ଗେ ସଙ୍ଗେ ନିଜ ରୁଟିରୁ ଭାଗ ଦେଇ ତାକୁ ଶାନ୍ତ କରାଇଲେ ।

Digitized by srujanika@gmail.com

ଅନ୍ୟ ଏକ ଦିନ ବେଶ୍ ଥଣ୍ଡା ପଡ଼ିଥିବା ସମୟରେ ଗୋଟିଏ ପିଲା ତାହାର ଗ୍ଲୋଭସ୍‌ଟି ହଜାଇ ଦେଲା । ଅନ୍ୟ ଗୋଟିଏ ପିଲା କଷ୍ଟସହି ନିଜର ଗ୍ଲୋଭସଟି ଏହି ପିଲାକୁ ଦେଇଦେଲା ।

ଏହିପରି ଅନେକଗୁଡ଼ିଏ ଘଟଣା ସ୍ପଷ୍ଟ ପ୍ରମାଣ ଦିଏ ଯେ ଶିଶୁମାନେ ନିଜର ସାଥିମାନଙ୍କୁ ମଧ୍ୟ ଅନୁରାଗର ମଣିଷରୂପେ ଗ୍ରହଣ କରିପାରନ୍ତି । ବର୍ଣ୍ଣିତ ଶିଶୁମାନଙ୍କ କ୍ଷେତ୍ରରେ ତାହାହିଁ ହେଲା । ସେମାନଙ୍କ ମଧ୍ୟରେ ଈର୍ଷା, ପ୍ରତିଦ୍ୱନ୍ଦିତା ଏବଂ ସ୍ୱାର୍ଥପରତା ନ ଥିଲା । ପରବର୍ତ୍ତୀ ସମୟରେ ସେମାନେ ବଡ଼ ହୋଇ ବୟସ୍କମାନଙ୍କ ପ୍ରତି ସେମାନଙ୍କର ବିଦ୍ୱେଷପୂର୍ଣ୍ଣ ମନୋଭାବ ବଦଳାଇଲେ ମଧ୍ୟ ବୟସ୍କମାନଙ୍କୁ ମନରେ ଉଚ୍ଚସ୍ଥାନ ଦେଇପାରି ନ ଥିଲେ । ବଂଧୁମାନଙ୍କ ପ୍ରତି ଗଭୀର ପ୍ରୀତି ଅତୁଟ ରହିଥିଲା । ସୁତରାଂ ମୂଳ ବିଶେଷତ୍ୱ ମା’ ଭିନ୍ନ ଅନ୍ୟ ବ୍ୟକ୍ତି ପ୍ରତି ଅନୁରାଗ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ ।

ଶିଶୁର ଆଦ୍ୟକାଳୀନ ଆବେଗର ଅନ୍ୟ ଏକ ଦିଗ ହେଉଛି ଶିଶୁର ଭୟ । ଏ ସମ୍ପର୍କରେ ମଧ୍ୟ ମନୋବିଜ୍ଞାନୀମାନେ ବେଶ୍ କିଛି ଉପାଦେୟ ତଥ୍ୟ ଯୋଗାଇଛନ୍ତି ।

ଶିଶୁର ଭୟ

ଶିଶୁର ଭୟ ଏକ ସ୍ୱାଭାବିକ ଓ ବହୁ ପରିଦୃଷ୍ଟ ପ୍ରତିକ୍ରିୟା । ତିନିବର୍ଷର ଶିଶୁ ଡ଼ଲି ଗୋଟିଏ ବଡ଼ ଓ ଭୁକୁଥିବା କୁକୁରକୁ ଦେଖି ଭୟପାଏ । ତା’ ପରଦିନ ସେ ଭୟରେ ବାହାରକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରେ । ମା’ ପଚାରିଲେ ତା’ର ପେଟ କାମୁଡୁଛି ବୋଲି କହେ । ଅଥଚ କିଛି ସମୟ ପରେ ଖାଦ୍ୟ ଦିଆଗଲେ ଘରେ ବସି ଆନନ୍ଦରେ ଖାଏ । ତା’ପର ଦିନ ମଧ୍ୟ ଭୟକରି ଘର ବାହାରକୁ ଯିବାକୁ ଚାହେନାହିଁ । କିନ୍ତୁ ବାପା ଜିଦ୍ କରି ସାଙ୍ଗରେ ନେଇ ବଜାର ବୁଲାଇ ଆଣିଲେ ସେଥିରେ ଖୁସିହୁଏ ।

Digitized by srujanika@gmail.com

ଆମର ପରିପାର୍ଶ୍ୱରେ ଘଟୁଥିବା ଏପରି ବହୁ ଘଟଣାରୁ ଜାଣି ହେବ ଯେ ଅଳ୍ପ ବୟସର ଶିଶୁମାନଙ୍କର କେତେକ ଭୟ ସ୍ୱାଭାବିକ । ବୟସ ବଢ଼ିଲେ ଅନେକ ଭୟ ସ୍ୱତଃ ଚାଲିଯାଏ । ସାଧାରଣତଃ ବାଳକ ମାନଙ୍କ ତୁଳନାରେ ବାଳିକାମାନେ ଅଧିକ ଭୟାଳୁ । ପିତାମାତାମାନେ ଶିଶୁକନ୍ୟାର ଭୟାଳୁତାକୁ କିଛିମାତ୍ରାରେ ଗ୍ରହଣ କରିନେବା ସ୍ଥଳେ ବାଳକ ଶିଶୁର ଭୟାଳୁତାକୁ ନିରୁତ୍ସାହ ପ୍ରଦର୍ଶନ କରନ୍ତି । ବାଳିକାମାନଙ୍କର ନିର୍ଭରଶୀଳତାକୁ ମଧ୍ୟ ପ୍ରଶ୍ରୟ ଦିଆଯାଏ । ଆଉ କେତେକ ସ୍ଥଳରେ ବାଳକମାନଙ୍କର ଭୟାଳୁତା ଥିଲେ ମଧ୍ୟ ସେମାନେ ତାହା ସ୍ୱୀକାର କରନ୍ତି ନାହିଁ ।

ଅଳ୍ପ ବୟସର ଶିଶୁମାନଙ୍କ ଭୟର ଦୁଇଟି ମୁଖ୍ୟ କାରଣ ରହିଛି । ପ୍ରଥମଟି ହେଉଛି ଅଭ୍ୟନୁକୂଳିତ (Conditioning) । ଆକସ୍ମିକ ଓ ଅପ୍ରତ୍ୟାଶିତ ଭାବରେ ଖୁବ୍ ଜୋରରେ ଶବ୍ଦଟିଏ ହେଲେ କେବଳ ଶିଶୁନୁହେଁ, ସମସ୍ତେ ଚମକି ପଡ଼ନ୍ତି । ଏହିପରି ଏକ ସମୟରେ ଅନ୍ୟ କୌଣସି ବସ୍ତୁ ବା ଘଟଣା ସଂଯୋଜିତ ହୋଇପଡ଼ିଲେ, ତାହା ଶିଶୁର ଭୟ ଉଦ୍ରେକ କରେ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଖୁବ୍ ଜୋରରେ ଶବ୍ଦ ହେଉଥିବା ସମୟରେ କଳା ବିଲେଇଟି ଗୃହ ମଧ୍ୟରେ ପ୍ରବେଶ କଲେ ଶିଶୁ ପ୍ରଥମେ କଳା ବିରାଡ଼ିକୁ ଭୟ କରେ । ପରେ କଳାରଙ୍ଗ ବିସ୍ତାରିତ ହୋଇ କଳା ରଙ୍ଗର କାନ୍ଥ, କଳା ରଙ୍ଗର ବିଛଣା ଚାଦର ମଧ୍ୟ ଶିଶୁର ଭୟ ଜନ୍ମାଏ । ସୁତରାଂ ଭୟ ସୃଷ୍ଟି କରୁଥିବା ଘଟଣା ବା ବସ୍ତୁ ସହିତ ଆକସ୍ମିକ ସଂଯୋଗ ଫଳରେ କେତେକ ବସ୍ତୁ ଓ ଘଟଣା ଶିଶୁ ମନରେ ଭୟ ଜାତ କରେ ।

ଶିଶୁମନରେ ଭୟ ସଞ୍ଚାରର ଅନ୍ୟତମ କାରଣଟି ହେଉଛି ଶିଶୁ ମିଛିମିଛିକା (Fantacy) ବା ଅଭିନୟ ପ୍ରକୃତ ଘଟଣା ମଧ୍ୟରେ ପାର୍ଥକ୍ୟ ବୁଝିପାରେ ନାହିଁ । 'ଭୂତ' ଓ 'ରାକ୍ଷାସ'ର ଛବି ଓ କଥା ଯେ କାଳ୍ପନିକ ଏହା ବୁଝିବାକୁ ଏକ ବୟସସୀମା ଆବଶ୍ୟକ । ସର୍ବେକ୍ଷଣରୁ ଦେଖାଯାଇଛି ଯେ ଖୁବ୍ ଅଳ୍ପବୟସର ଶିଶୁ ମଧ୍ୟରେ ପ୍ରତିଶତ ୭୫ ଏବଂ ଅଳ୍ପ ବୟସର ଶିଶୁମାନଙ୍କ ମଧ୍ୟରେ ପ୍ରତିଶତ ୫୦ ପିଲା ଭୂତ ଓ ରାକ୍ଷାସ କଥାରେ ଭୟ ଦର୍ଶାଇବା ସ୍ଥଳେ ବଡ଼ ଶିଶୁମାନଙ୍କ ମଧ୍ୟରୁ ମାତ୍ର ପ୍ରତିଶତ ୫ ଜଣ ଶିଶୁ ଭୟ ଦର୍ଶାନ୍ତି । ଦଶ ବାର ବର୍ଷ ବେଳକୁ ପିଲାମାନେ କାର୍ଯ୍ୟକାରୀ ସମ୍ପର୍କ ବୁଝନ୍ତି । ସୁତରାଂ ଏ ସମୟରେ ବହୁତ ପ୍ରକାର ଭୟ ଚାଲିଯାଏ । କେବଳ ପ୍ରକୃତ କାରଣ ଥିବା ଶାରୀରିକ କ୍ଷତିର ଆଶଙ୍କା ଏବଂ ଅନ୍ୟାନ୍ୟ ବାସ୍ତବ ବିପଦ ସମ୍ଭାବନା ଏ ବୟସରେ ଭୟ ସୃଷ୍ଟି କରେ । ଚାରି ଛ'ବର୍ଷର ଶିଶୁ କେତେକ ଅପ୍ରାକୃତିକ ବସ୍ତୁ ଦେଖି ଭୟ ଦର୍ଶାଇପାରେ । ଅସୁନ୍ଦର ମଣିଷ, ଶାରୀରିକ ବିକୃତି ଥିବା ଲୋକ, ହୋଲି ଦିନ ରଙ୍ଗବେରଙ୍ଗର ଅସ୍ୱାଭାବିକ ରୂପ ଧାରଣ କରିଥିବା ବ୍ୟକ୍ତିଙ୍କୁ ଦେଖି ଭୟ ଦର୍ଶାଏ । ସେହିପରି ରେଡ଼ିଓ ଟେଲିଭିଜନର ଅପ୍ରାକୃତିକ ଶବ୍ଦ ଓ ଦୃଶ୍ୟ ଭୟର କାରଣ ହୋଇପାରେ ।

କେତେକ ଶିଶୁଙ୍କର ଭୟର ଉତ୍ସ କଳ୍ପନା ପ୍ରସୂତ ଘଟଣା ହେଲେ ମଧ୍ୟ ଅଧିକାଂଶ ଅଳ୍ପ ବୟସର ଶିଶୁମାନଙ୍କର ଭୟ ବାସ୍ତବିକ ଭୟପ୍ରଦ ଘଟଣା ଉପରେ ପର୍ଯ୍ୟବସିତ । କୁକୁର କାମୁଡ଼ିବା କିମ୍ବା ଚଳନ୍ତା ସାଇକେଲର ଧକ୍କା ଖାଇବା ଶିଶୁ ଏପରି ବସ୍ତୁ ପ୍ରତି ଭୟ ପ୍ରଦର୍ଶନ କରିବା ସ୍ୱାଭାବିକ । ଅତୀତର ଭୟପ୍ରଦ ଘଟଣା ଶିଶୁକୁ ଭୟାଳୁ କରେ ।

Digitized by srujanika@gmail.com

ଶିଶୁର ଭୟାଳୁତା କମାଇବା ସମ୍ଭବପର । ପ୍ରଥମତଃ ପିତାମାତା ଓ ବୟସ୍କମାନେ ବୁଝିବା ଉଚିତ ଯେ ଶିଶୁର ଭୟ ଏକ ପ୍ରାକୃତିକ ପ୍ରତିକ୍ରିୟା ସୁତରାଂ ଶିଶୁ ଭୟାଳୁତା ଦର୍ଶାଇଲେ ତାକୁ ଉପହାସ ନ କରି ଶାସ୍ତି ବିଧାନ କରି ଧୀରେ ଧୀରେ ଭୟ କଟାଇବାକୁ ହେବ । ଶିଶୁଟି କଳା ବିରାଡ଼ିକୁ ଭୟ କରୁଥିଲେ ଧୀରେ ଧୀରେ ଶିଶୁ ସହିତ ନିଜେ ପ୍ରଥମ ଦିନ କଳା ବିରାଡ଼ିଟିର ପାଖକୁ ଯିବା ଏବଂ ଏପରି କିଛିଥର ଘଟିଲା ପରେ କିଛିଦିନ ପରେ ବୟସ୍କ ନିଜେ କଳା ବିରାଡ଼ିଟିକୁ ସ୍ପର୍ଶ କରିବେ । *ଗୋଟିଏ ଥର ବା ମିନିଟ ୨ ମିନିଟ ମଧ୍ୟରେ ଶିଶୁର ଭୟାଳୁତା ଅପସାରଣ କରିବାର ଲକ୍ଷ୍ୟ ନ ରଖି ଧୀର ଓ ଯୋଜନାବଦ୍ଧ ଭାବରେ କଲେ ଶିଶୁର ଭୟ କମିବ ।* ଶିଶୁ ପରେ ନିଜେ ନିଜେ ନିଜର ସ୍ପର୍ଶ ଦେଇ ଅନୁଭବ କରିବ ଯେ ବିରାଡ଼ିଟି ଭୟପ୍ରଦ ନୁହେଁ ।

ଅନେକ କ୍ଷେତ୍ରରେ ପିତାମାତା ଶିଶୁକୁ ଭୟର ଅନୁଭୂତି ନ ଦେବା ପାଇଁ ସଦାସର୍ବଦା ସୁରକ୍ଷା ମଧ୍ୟରେ ବା କୋଳରେ ରଖିଥାନ୍ତି । ଏହା ବାଞ୍ଛନୀୟ ନୁହେଁ । ଧରାଯାଉ ସର୍ପସର ଜୀବଜନ୍ତୁ ଦେଖି ଶିଶୁ ଭୟ ପାଉଛି, ଏ କ୍ଷେତ୍ରରେ ଶିଶୁକୁ ଆଦୌ ସର୍ପସ ଦେଖାଇବାକୁ ନ ନେବା କିମ୍ବା ସେଠାରେ ତାକୁ ପୂରାପୂରି ଲୁଗାକାନି ମଧ୍ୟରେ ଘୋଡ଼ାଇ ରଖିବା ଉଚିତ ହେବ ନାହିଁ । ବରଂ ତାକୁ ଦେଖିବାର ସୁଯୋଗ ଦେବା ସଙ୍ଗେ ସଙ୍ଗେ ତା'ର ପାଖାପାଖି ରହିବାକୁ ହେବ । ଶିଶୁର ସୁରକ୍ଷାକର୍ତ୍ତା ପାଖେ ପାଖେ ଅଛନ୍ତି, ଏପରି ଭାବି ଶିଶୁକୁ ସାହସ ଦେବ । ସୁତରାଂ ବାହ୍ୟ ପରିବେଶରେ ଭୟର ଉପାଦାନ ଥିଲେ ମଧ୍ୟ ଶିଶୁ ଧୀରେ ଧୀରେ ତାହା ଗ୍ରହଣ କରି ଭୟ ପରି ଏକ ଆବେଗର ସୁନିୟନ୍ତ୍ରଣ ଶିକ୍ଷା କରିପାରିବ ।

ଶିଶୁର କ୍ରୋଧ

ଅଳ୍ପବୟସ ଶିଶୁର ପ୍ରକୃତ କ୍ରୋଧ ନ ଥାଏ । ସେ କେବଳ ନିଜର ଅଭିଳଷିତ ବସ୍ତୁଟି ପାଇବାକୁ ଇଚ୍ଛା କରେ । ଏହା କାହାଠାରୁ ଜୋରଜବରଦସ୍ତ ଛଡ଼ାଇଆଣିବା ଏବଂ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ବା ଅନ୍ୟକୁ ଆଘାତ ଦେବାର ଇଚ୍ଛା ତାହାର ପ୍ରକାଶ ପାଇ ନଥାଏ । କିନ୍ତୁ ପରବର୍ତ୍ତୀ ସୋପାନରେଆକ୍ରମଣାତ୍ମକ ଭାବ ପ୍ରକାଶ ପାଏ । ଶାରୀରିକ ଶକ୍ତି ପ୍ରୟୋଗ କରି ଛଡ଼ାଇଆଣିବାର ବ୍ୟବହାର ସହିତ ଆକ୍ରମଣାତ୍ମକ ଭାଷା ଓ ଭାବଭଙ୍ଗୀ ପ୍ରକାଶ ପାଏ ।

ପ୍ରଥମ ସୋପାନରେ ଶିଶୁର କ୍ରୋଧ ଅନ୍ୟର କ୍ଷତି ଘଟାଇବାରେ ଅଭିପ୍ରେତ ନ ହେଲେ ମଧ୍ୟ ପାଟିକରି, ଗୋଡ଼ହାତ ଛାଟି ଶିଶୁ ନିଜର କ୍ରୋଧ ପ୍ରକାଶ କରେ । ଏପରି କ୍ରୋଧ କେବଳ ଇପ୍‌ସିତ ବସ୍ତୁ ଲାଭ କରିବାରେ କେନ୍ଦ୍ରିତ ଥାଏ । ଦୁଇତିନି ବର୍ଷ ବେଳକୁ ଶିଶୁର ଅଭିନିବେଶ (Attention) ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ବସ୍ତୁରେ କେନ୍ଦ୍ରିତ ରହେ । ଏ ଦ୍ୱିତୀୟ ସୋପାନରେ ଶିଶୁ ନିଜର ଅଭିଳଷିତ ଏପରି ବସ୍ତୁଟି ନ ପାଇଲେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତି ବା ପିଲା ପ୍ରତି ନିଜର କ୍ରୋଧ ପ୍ରକାଶ କରେ । ପ୍ରକାଶିତ କ୍ରୋଧ ବଳପୂର୍ବକ ଛଡ଼ାଇଆଣିବା ପରି ଶାରୀରିକ ରୂପ ନିଏ । କିନ୍ତୁ ପରବର୍ତ୍ତୀ ସୋପାନରେ ଶିଶୁ ଭାଷାର ବ୍ୟବହାର କରି ଭାବ ପ୍ରକାଶ ଶିକ୍ଷା କଲାପରେ ଆକ୍ରମଣାତ୍ମକ ଭାଷା ମଧ୍ୟ ପ୍ରୟୋଗ କରେ । ଶିଶୁର ସାମାଜିକ ବ୍ୟବହାର

Digitized by srujanika@gmail.com

ବିକାଶ ଓ ସମନ୍ୱୟ ପାଇଁ ଅଳ୍ପ ପରିମାଣର କ୍ରୋଧ ଉପଯୋଗୀ ହୋଇପାରେ କିନ୍ତୁ ମାତ୍ରାଧିକ କ୍ରୋଧ ଶିଶୁ ଓ ଅନ୍ୟମାନଙ୍କ ପାଇଁ କ୍ଷତିକାରକ ହୁଏ ।

କେଉଁ କେଉଁ ଉପାଦାନ ଶିଶୁର କ୍ରୋଧକୁ ଉଦ୍ଦୀପିତ କରେ ବୋଲି ମନରେ ପ୍ରଶ୍ନ ଉଠିଥାଏ । ବାଳକ ଶିଶୁ ମଧ୍ୟରେ ଥିବା ପୁରୁଷ ହରମୋନ କ୍ରୋଧକୁ କିଛି ପରିମାଣରେ ଉଦ୍ଦୀପିତ କରେ । ଏହି କାରଣରୁ ପ୍ରାୟ ପ୍ରତି ସାମାଜରେ ବାଳିକା ଅପେକ୍ଷା ବାଳକ ଏବଂ ନାରୀ ଅପେକ୍ଷା ପୁରୁଷ ଅଧିକ ମାତ୍ରାରେ କ୍ରୋଧୀ । ସଫଳ ଅଭିଭାବକତ୍ୱର ଅଭାବରେ ଶିଶୁ କେତେକ ତୃଟିପୂର୍ଣ୍ଣ ବ୍ୟବହାର ଶିଖେ ଏବଂ କ୍ରୋଧ ଏହି ସମାଜ ବିରୋଧୀ ବ୍ୟକ୍ତିତ୍ୱର ଏକ ମୁଖ୍ୟ ଅଂଶ ହୋଇଥାଏ । ପିଲାର ଏପରି ସମାଜ ବିରୋଧୀ ବ୍ୟକ୍ତିତ୍ୱ ଗଠିତ ହେଲେ ସେ ସମଧର୍ମୀ ପିଲାମାନଙ୍କ ସହିତ ଏକାଠିହୋଇ ଏହି ବଦ୍‌ଗୁଣକୁ ଅଧିକ ଦୃଢ଼କରେ ।

ଅସଫଳ ଅଭିଭାବକତ୍ୱ ଶିଶୁ କ୍ରୋଧର କାରଣ ବୋଲି କହିଲା ବେଳେ ସଫଳ ଅଭିଭାବକତ୍ୱ ସମ୍ପର୍କରେ ମନରେ ପ୍ରଶ୍ନ ଉଠିପାରେ । ଉତ୍ତମ ପିତା ବା ଉତ୍ତମ ମାତା କହିଲେ ବୁଝାଯାଏ ଯେ ଏପରି ପିତା ଓ ମାତା ଶିଶୁକୁ ଯଥୋଚିତ ଭାବରେ ଏବଂ ଧାରାବାହିକ ଭାବରେ ଶିଶୁର ଭଲ ବ୍ୟବହାର ଏବଂ ଶୃଙ୍ଖଳାପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ ଦିଅନ୍ତି । ଶିଶୁର କାର୍ଯ୍ୟରେ ସେମାନେ ଗଭୀରଭାବେ ଜଡ଼ିତ, ଏ କଥା ଶିଶୁକୁ ସୂଚାନ୍ତି । ଅନ୍ୟ ପକ୍ଷରେ କେତେବେଳେ ଶିଶୁକୁ ଅଧିକ ପ୍ରଶୟ ଦେବା ଏବଂ କେତେବେଳେ ଶିଶୁକୁ ଶାସ୍ତି ଦେବା କ୍ଷତିକାରକ ହୋଇଥାଏ । ସେହିପରି କେତେକ ପିତାମାତା ନିଜର ପିଲାମାନଙ୍କୁ ଅନ୍ୟପିଲାମାନଙ୍କ ପ୍ରତି ଆକ୍ରମଣାତ୍ମକ ଭାବ ଏବଂ ସେମାନଙ୍କ ପିତାମାତା ପ୍ରତି ଅନାକ୍ରମଣାତ୍ମକ ଭାବ ଦର୍ଶାଇବାର ଶିକ୍ଷା ଦିଅନ୍ତି । ଏହାର ପରିଣତି ମଧ୍ୟ ବିଷମ ହୁଏ ।

ଅନେକ ସମୟରେ କ୍ରୋଧର ମୂଳ କାରଣ ହେଉଛି ବ୍ୟର୍ଥତା । ଶିଶୁ ହେଉ ବା ବ୍ୟକ୍ତି ବିଶେଷ ହୁଅନ୍ତୁ ବ୍ୟର୍ଥତାର ଶରବ୍ୟ ହେଲେ କ୍ରୋଧର ଉଦଭବ ହୁଏ । କୌତୁହଳର ବିଷୟ ଯେ ବ୍ୟର୍ଥତା ସୃଷ୍ଟି ଏପରି କ୍ରୋଧ ବ୍ୟର୍ଥତାର ମୂଳ କାରଣ ପ୍ରତି ଅଭିପ୍ରେତ ନହୋଇ ଅନ୍ୟ ଗୋଟିଏ ଦିଗରେ ପ୍ରେରିତ ହୁଏ । ଶିଶୁର ପ୍ରିୟ କଣ୍ଢେଇଟି ନେଇଯାଇଥିବା ପିଲାଟି ପ୍ରତି ଶିଶୁ ନିଜର କ୍ରୋଧ ପ୍ରକାଶ ନ କରି ତାହା ନିଜର ମା'ପ୍ରତି ପ୍ରକାଶ କରେ ।

Digitized by srujanika@gmail.com

କ୍ରୋଧର ଉଦ୍ଦୀପନା ଓ ପରିପ୍ରକାଶ କ୍ଷେତ୍ରରେ ନମୁନା (models) ସବୁର ବିଶେଷ ଭୂମିକା ରହିଛି । ବ୍ୟର୍ଥତା (frustration) ଏବଂ ନମୁନାକୁ ଅନୁକରଣ କରିବା ଭଳି ପ୍ରକ୍ରିୟା ଏକା ସମୟରେ କାର୍ଯ୍ୟ କରିପାରେ । ଗବେଷଣାଗାରର ଗୋଟିଏ ପରୀକ୍ଷାରେ ଶିଶୁମାନଙ୍କୁ ଖୁବ୍ ଅଳ୍ପ ସମୟରେ ଆକର୍ଷଣୀୟ ଖେଳନା ସହିତ ଖେଳିବାର ସୁଯୋଗ ଦିଆଯାଇ ପୁଣି ସୁଯୋଗ କାଢ଼ିନିଆଗଲା । ସେମାନଙ୍କ ମନରେ ବ୍ୟର୍ଥତା ସୃଷ୍ଟିପାଇଁ ଏପରି କରାଗଲା । ଏପରି କରାଗଲା ପରେ ଅଧେ ଶିଶୁ ନିକଟସ୍ଥ ପରିବେଶରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଦେଖିଲେ ଏବଂ ସେ ବ୍ୟକ୍ତି ଜଣକ ଅକ୍ରମଣାତ୍ମକ ଭାବ ଦର୍ଶାଉଥିଲେ । ଅନ୍ୟଭାଷାରେ କହିଲେ ଏହି ଶିଶୁମାନେ କ୍ରୋଧପୂର୍ଣ୍ଣ ନମୁନା ନିଜ ପରିବେଶରେ ଦେଖିବାସ୍ଥଳେ ଅନ୍ୟ ଅର୍ଦ୍ଧେକ ଶିଶୁ ଏପରି ନମୁନା ଦେଖି ନ ଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଦୁଇଦଳର ଶିଶୁମାନଙ୍କର କ୍ରୋଧପୂର୍ଣ୍ଣ ବ୍ୟବହାର ପର୍ଯ୍ୟବେକ୍ଷଣ କରାଗଲା । ଖେଳ ସମୟରେ ସାମାଜିକ ପରିବେଶରେ ଏକ ପିଲାମାନଙ୍କ ଗହଣରେ ଏମାନଙ୍କର କ୍ରୋଧପୂର୍ଣ୍ଣ ବ୍ୟବହାର ଲକ୍ଷ୍ୟ କରାଗଲା । ଦେଖାଗଲା ଯେ କ୍ରୋଧୀ ନମୁନା ଦେଖିଥିବା ଶିଶୁମାନେ ଅଧିକ ପରିମାଣରେ କ୍ରୋଧପୂର୍ଣ୍ଣ ବ୍ୟବହାର ଦର୍ଶାଉଛନ୍ତି । କର୍କଷ ଭାଷାରେ କଥା କହିବା, ଅନ୍ୟ ପିଲାମାନଙ୍କୁ ଗାଳିଗୁଲଜ କରିବା ଏବଂ ମରାମରି କରିବାର ଦୃଷ୍ଟାନ୍ତ ମିଳୁଛି । ବିଶିଷ୍ଟ ମନୋବିଜ୍ଞାନୀ ବାନ୍ଦୁରାଙ୍କ ମତରେ ଆମର ନିକଟସ୍ଥ ପରିବେଶରେ ଆକ୍ରମଣାତ୍ମକ ବ୍ୟବହାର ଦର୍ଶାଉଥିବା ନମୁନା ସବୁ ଶିଶୁର କ୍ରୋଧପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଦିଏ ।

ଏ ପରିପ୍ରେକ୍ଷୀରେ ପିଲାମାନଙ୍କର ଆକ୍ରମଣାତ୍ମକ ବ୍ୟବହାର ସହିତ ଚଳଚିତ୍ର ଓ ଦୂରଦର୍ଶନର ପ୍ରଦର୍ଶିତ ହିଂସାତ୍ମକ ଦୃଶ୍ୟାବଳୀର ସମ୍ପର୍କ ଆଲୋଚନା କରାଯାଇପାରେ । ବାନ୍ଦୁରାଙ୍କ ମତରେ ଶିଶୁମାନେ ବାସ୍ତବ ଜୀବନରେ ନମୁନା (models) ଅପେକ୍ଷା ଚଳଚିତ୍ର ଏବଂ ଦୂରଦର୍ଶନରେ ପ୍ରଦର୍ଶିତ ନମୁନା ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି । ଏ ଦୃଷ୍ଟିରୁ ଏ ଦୁଇଟି ମଧ୍ୟରେ ସମ୍ବନ୍ଧ ସହଜରେ ଅନୁମେୟ ।

ଦୂରଦର୍ଶନ ଓ ଶିଶୁର ହିଂସ୍ର ଆଚରଣ

ସାମାଜିକ ଜୀବନରେ ହିଂସ୍ରତା ଯେତେ ବେଶୀ ପ୍ରବେଶ ପାଉଛି ସେହି ଅନୁପାତରେ ହୁଏତ ଉଦ୍‌ବେଗ ପ୍ରକଟ ହେଉଛି । ମାତ୍ର ହିଂସ୍ର ଆଚରଣକୁ ନିୟନ୍ତ୍ରଣ କରି ସେ ସ୍ଥାନରେ ଉପଯୋଗୀ ସାମାଜିକ ବ୍ୟବହାରର ପ୍ରତିଷ୍ଠା କରିବା ସମ୍ପର୍କୀୟ ଉଦ୍ୟମ ସେତିକି ମାତ୍ରାରେ ହୋଇନାହିଁ । ଶିଶୁର କ୍ରୋଧ ଏବଂ ଅନ୍ୟର କ୍ଷତି ଘଟାଉଥିବା ତାହାର ଏବଂ ପରିବ୍ୟାପ୍ତ ପରିପ୍ରକାଶ ହିଂସ୍ର ଆଚରଣ ବିଷୟରେ କେତେଗୁଡ଼ିଏ ଉଦ୍ଦୀପକ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଛି । ଗୋଟିଏ ଉପାଦାନର ବିଶେଷ ଆଲୋଚନା ଆବଶ୍ୟକ । ତାହା ହେଉଛି ଦୂରଦର୍ଶନରେ ପ୍ରଦର୍ଶିତ ହିଂସାତ୍ମକ ଦୃଶ୍ୟାବଳୀର ପ୍ରଭାବ ।

ଦୂରଦର୍ଶନର ବ୍ୟବସାୟିକ ବିଶାଳତାଏବଂ ସଫଳତା ସହିତ ଏ ପ୍ରଶ୍ନଟି ଜଡ଼ିତ ଥିବାରୁ ପ୍ରଥମେ ଦୁଇ ତିନୋଟି ସୂଚନାର ସ୍ପଷ୍ଟ ପ୍ରକାଶ ଆବଶ୍ୟକ । ଏହା ସତ୍ୟ ଯେ ଦୂରଦର୍ଶନରେ ପ୍ରଦର୍ଶିତ ହିଂସାତ୍ମକ ଦୃଶ୍ୟାବଳୀ ଏବଂ ଶିଶୁମାନଙ୍କର ହିଂସ୍ର ଆଚରଣ ସମ୍ପର୍କରେ ଭାରତ ପରି ଦେଶରେ ଯେତିକି ଗବେଷଣା ଓ ପ୍ରାମାଣିକ ତଥ୍ୟର ଆବଶ୍ୟକତା ରହିଛି, ସେପରି ପର୍ଯ୍ୟାପ୍ତ

Digitized by srujanika@gmail.com

ମାତ୍ରାରେ ଗବେଷଣା ହୋଇନାହିଁ । ସୁତରାଂ ଦୂରଦର୍ଶନ ଏବଂ ହିଂସ୍ର ଆଚାରଣର ସମ୍ବନ୍ଧ ସମ୍ପର୍କୀୟ ତଥ୍ୟ ମୁଖ୍ୟତଃ ବୈଦେଶିକ ଗବେଷଣା ଉପରେ ପର୍ଯ୍ୟବସିତ ।

ଦ୍ୱିତୀୟତଃ କୁହାଯାଇପାରେ ଯେ ଭାରତର ସାଂସ୍କୃତିକ ଓ ସାମାଜିକ ପରିପ୍ରେକ୍ଷୀରେ ନ ହେଲେ ମଧ ଭାରତ ବାହାରେ ଗବେଷଣା ଓ ପ୍ରାମାଣିତ ତଥ୍ୟ ରହିଛି । ତାକୁ ଭିତ୍ତିକରି ସ୍ଥିର ନିଶ୍ଚିତ ସିଦ୍ଧାନ୍ତ ନ ମିଳିଲେ ମଧ୍ୟ ସମ୍ଭାବନାର ଚିତ୍ର ଉପସ୍ଥାପନ କରିବାରେ ବାଧା ନାହିଁ ।



ତୃତୀୟତଃ ପାଶ୍ଚାତ୍ୟ ଦେଶମାନଙ୍କରେ ଚଳଚିତ୍ର ଓ ଦୂରଦର୍ଶନ ପ୍ରଦର୍ଶିତ ହିଂସାତ୍ମକ ଦୃଶ୍ୟାବଳୀ ସହଜ ହିଂସ୍ର ଆଚରଣର ସମ୍ପର୍କ ବିଷୟରେ ଗବେଷଣାକୁ କାଁ ଭାଁ କହିହେବ ନାହିଁ । ଷଷ୍ଠ ଦଶକରୁ ଏ ବିଷୟରେ ବିଧିବଦ୍ଧ ଗବେଷଣା ହୋଇଛି ଏବଂ ବହୁଳ ଭାବରେ ଗୋଟିଏ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ମିଳିଛି । ପୁନଶ୍ଚ ଏପରି ଗବେଷଣାରେ ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱବିଖ୍ୟାତ ମନୋବୈଜ୍ଞାନି ବାନ୍ଦୁରାଙ୍କ ଅନୁଧ୍ୟାନ ସମ୍ପୃକ୍ତ ।

ଗବେଷଣାରୁ ସଂଗ୍ରହ କରାଯାଇଥିବା ମୁଖ୍ୟ ସିଦ୍ଧାନ୍ତଟି ହେଉଛି ଯେ ପିଲାମାନଙ୍କର ହିଂସ୍ର ଆଚରଣ ମୂଳରେ ଦୂରଦର୍ଶନର ହିଂସାତ୍ମକ ଦୃଶ୍ୟାବଳୀ କାରଣ ହୋଇପାରେ କିମ୍ବା ନ ହୋଇପାରେ । ମାତ୍ର ଏହା ସତ୍ୟ ଯେ ଦୁଇଟି ମଧ୍ୟରେ ସମ୍ବନ୍ଧ ରହିଛି । ଏହାର ଅର୍ଥ ହେଉଛି ଯେ ଦୂରଦର୍ଶନର ହିଂସାତ୍ମକ ଛବି ପିଲାମନରେ ଥିବା ପ୍ରଚ୍ଛନ୍ନ କ୍ରୋଧ ଓ ହିଂସ୍ରଭାବକୁ ଉଦ୍ଦୀପିତ କରେ । ପୁଣି କ୍ରୋଧଭାବାପନ୍ନ ଓ ହିଂସ୍ର ଆଚରଣ ଦର୍ଶାଇଥିବା ପିଲାମାନେ ଅଧିକରୁ ଅଧିକ ଏପରି ସବୁ ଦୃଶ୍ୟ ଦେଖିବାକୁ ଭଲ ପାଆନ୍ତି ।

ବିଶ୍ୱବିଖ୍ୟାତ ମନୋବିଜ୍ଞାନୀ ବାନ୍ଦୁରା ପୁଣି କହନ୍ତି ଯେ ଶିଶୁମାନେ ସେମାନଙ୍କର ବାସ୍ତବ ଜୀବନର ନମୁନା (models) ଅପେକ୍ଷା ଚଳଚିତ୍ର ଓ ଦୂରଦର୍ଶନରୁ ନମୁନା ଦ୍ୱାରା ଅଧିକ ପ୍ରଭାବିତ

Digitized by srujanika@gmail.com

ହୁଅନ୍ତି । ବେଶ କିଛି ସମୟ ହିଂସାତ୍ମକ ଛବି ଓ କାର୍ଯ୍ୟ- କ୍ରମ ଦେଖିଲା ପରେ ଶିଶୁର ବ୍ୟବହାର ଓ କଥାରେ ହିଂସାତ୍ମକ ଭାବଭଙ୍ଗୀ ପ୍ରକାଶ ପାଏ ।

ହିଂସାତ୍ମକ ଭାବଭଙ୍ଗୀର ଅଂକୁରଣ ହେଲା ପରେ ଏପରି ସମାଜ ବିରୋଧୀ ବ୍ୟକ୍ତିତ୍ୱ ଦର୍ଶାଉଥିବା ପିଲାମାନେ ଅଧିକରୁ ଅଧିକ ସମୟ ଅନୁରୂପ ଦୃଶ୍ୟାବଳୀ ଉପଭୋଗ କରିବାର ଲକ୍ଷ୍ୟ କରାଯାଇଛି । ଦୂରଦର୍ଶନରେ ପ୍ରଦର୍ଶିତ ନମୁନା (models) ର ଅଙ୍ଗଭଙ୍ଗୀ ଦର୍ଶାଉଥିବା କର୍କଶ ଭାଷା ବ୍ୟବହାର କରିବା ଏବଂ ଅନ୍ୟର ଦୃଷ୍ଟି ଆକର୍ଷଣ ପାଇଁ ସେପରି ବ୍ୟବହାରର ଆଶ୍ରୟ ନେବାର ଲକ୍ଷ୍ୟ କରାଯାଇଛି ।

ଏପରି ଏକ ସ୍ୱଷ୍ଟ ପ୍ରତିଷ୍ଠିତ ସମ୍ବନ୍ଧ ଦୃଷ୍ଟିରୁ ପିଲାମାନଙ୍କର ହିଂସାତ୍ମକ ବ୍ୟବହାରର ନିୟନ୍ତ୍ରଣ ପାଇଁ ପିଲାମାନଙ୍କୁ ପରିମିତ ପରିମାଣରେ ଦୂରଦର୍ଶନ ଦେଖିବାର ସୁଯୋଗ ଦେବାପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି । ଅନିୟନ୍ତ୍ରିତ ଦୂରଦର୍ଶନ ଉପଭୋଗ ନକାରାତ୍ମକ ହୋଇଥିବାରୁ ଏପରି ପରାମର୍ଶ ଯୁକ୍ତିଯୁକ୍ତ । ଭାରତ ପରି ଦେଶରେ ବହୁବର୍ଗର ଲୋକ ଓ ଶିଶୁମାନେ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ପରିପକ୍ୱତାର ପାର୍ଥକ୍ୟ ଖୁବ୍ ବେଶୀ । ସୁତରାଂ ପିତାମାତାଙ୍କର ଉପଦେଶ ଏବଂ ନିୟନ୍ତ୍ରଣ ଶିଶୁମାନଙ୍କ ପାଇଁ ଭାରତରେ ଅଧିକ ପ୍ରୟୋଜନ ।

ଏହା ଅବଶ୍ୟ ସତ୍ୟ ଯେ ଦୂରଦର୍ଶନ ଉପଭୋଗ କରିବାର ସମୟ ସୀମା ଏବଂ ବିଷୟ ବସ୍ତୁର ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ସହାୟକ ଅବସ୍ଥା ମଧ୍ୟ ଆବଶ୍ୟକ । ଅନେକ ସମୟରେ ପିତାମାତା ଶିଶୁର ହିଂସ୍ର ଆଚାରଣ ନିୟନ୍ତ୍ରଣ କରିବାକୁ ଯାଇ ନିଜେ ହିଂସ୍ର ହୁଅନ୍ତି, ଶିଶୁକୁ ମାତ୍ରାଧିକ ଶାସ୍ତି ଦିଅନ୍ତି । ଏପରି ବିରୋଧାତ୍ମକ କାର୍ଯ୍ୟ କୁପରିଣତି ସୃଷ୍ଟିକରେ । ସ୍ଥଳ ବିଶେଷରେ ଖୁବ୍ ଅଳ୍ପ ପରିମାଣରେ ଶାସ୍ତି ଦିଆଯାଇପାରେ । ମାତ୍ର ଏପରି ଶାସ୍ତି ବିଧାନ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ହେବ ଏବଂ ଶାସ୍ତିବିଧାନର କାରଣ ଶିଶୁକୁ ବୁଝାଇ ଦିଆଯିବ । କିନ୍ତୁ ହିଂସାତ୍ମକ ଭାବରେ କଠୋର ଶାସ୍ତିବିଧାନ ସମସ୍ୟା ସୃଷ୍ଟି କରିପାରେ ।

ଶିଶୁର ହିଂସାତ୍ମକ ବ୍ୟବହାର କମାଇବା ପାଇଁ ଶିଶୁର ଉପଯୋଗୀ ବା ଭଲ ବ୍ୟବହାରକୁ ଯଥାଯଥ ଭାବରେ ଓ ଧାରାବାହିକ ଭାବରେ ପ୍ରୋତ୍ସାହନ ଦେବାକୁ ହେବ । ଶିଶୁର ନିକଟସ୍ଥ ପରିବେଶରେ ଥିବା ଶାନ୍ତ ଏବଂ ହିଂସାରହିତ ବ୍ୟକ୍ତି ବିଶେଷକଙ୍କ ପ୍ରତି ଶିଶୁର ଦୃଷ୍ଟି ଆକର୍ଷଣ କରାଇ ଶିଶୁ ଯେପରି ସେମାନଙ୍କୁ ନମୁନା ବା ଆଦର୍ଶ ରୂପେ ଗ୍ରହଣ କରେ ସେ ଦିଗରେ ଦୃଷ୍ଟିଦେବାକୁ ହେବ । ଏହପରି ବହୁମୁଖୀ କର୍ମଯୋଜନା ହିଁ ଶିଶୁ ବ୍ୟବହାରକୁ ଶୃଙ୍ଖଳିତ ରୂପ ଦେବ ।

ଶିଶୁର ସହାନୁଭୂତି ଓ ସମାନାନୁଭୂତି

ଶିଶୁ ମଧ୍ୟରେ ସମସ୍ତ ସମ୍ଭାବନା ସୁପ୍ତ ଓ ପ୍ରଚ୍ଛନ୍ନ ଭାବରେ ରହିଥାଏ । ପାରିବାରିକ କ୍ରୂରତା ଏବଂ ବାହ୍ୟପରିବେଶରେ ହିଂସ୍ରତା ଶିଶୁର ବ୍ୟବହାରକୁ ଆକ୍ରମଣାତ୍ମକ ରୂପ ଦେଇପାରେ । ସେହିପରି ସୁସ୍ଥ ଓ ଭାବପୂର୍ଣ୍ଣ ପରିବେଶ ଶିଶୁମନରେ ସହାନୁଭୂତି ଓ ସମାନନୁଭୂତିର ଅଙ୍କୁରଣ ଓ ବିକାଶ ଘଟାଇପାରେ । ଅତି ଅଳ୍ପ ବୟସରେ ମଧ୍ୟ ଶିଶୁ ଅନ୍ୟର ଦୁଃଖରେ ଦୁଃଖ ପ୍ରକାଶ କରିବା ଓ ଅନ୍ୟର ସୁଖରେ ଆନନ୍ଦ ପ୍ରକାଶ କରିବା ପରି ସହାନୁଭୂତିଶୀଳ (sympathetic) ବ୍ୟବହାର

Digitized by srujanika@gmail.com

ଦର୍ଶାଇଥାଏ । ବିଶେଷତଃ ନିଜର ସାଙ୍ଗସାଥୀମାନଙ୍କ ପ୍ରତି ସହାନୁଭୂତି ଦର୍ଶାଇବାରେ ଲକ୍ଷ୍ୟ କାରାଯାଏ । ପୁଣି ଶିଶୁର ବ୍ୟବହାର କେବଳ ସହାନୁଭୂତି ମଧ୍ୟରେ ସୀମିତ ନ ରହି ସମାନାନୁଭୂତି (Empathy)ର ରୂପ ନିଏ । ପାହାଚରେ ଉଠୁ ଉଠୁ ପଡ଼ିଯାଇ କାନ୍ଦୁଥିବା ପିଲାଟି ପ୍ରତି ସମବେଦନା ଜଣାଇ ସେ ପିଲାଟିକୁ ଆଉଁଷିଦିଏ । ନିଜେ ଜଳଖିଆ ଖାଉଥିବା ସମୟରେ ଅନ୍ୟ ଶିଶୁଟି ବିକଳ ଦୃଷ୍ଟିରେ ଚାହିଁଥିଲେ ସେ ନିଜ ଜଳଖିଆର କିଛି ଅଂଶ ଦେଇ ପରାର୍ଥପରତା ପ୍ରକାଶ କରେ । ମୋଟ ଉପରେ କୌଣସି ସ୍ୱାର୍ଥ ବା ପ୍ରତିଦାନର ପ୍ରତ୍ୟାଶା ନ ରଖି ଶିଶୁଟି ଏପରି ବ୍ୟବହାର ଦର୍ଶାଏ । ଅନ୍ୟର ଦୁଃଖ ଆଉ ସୁଖର ସ୍ଥାନକୁ ଓହ୍ଲାଇପଡ଼ି ସେହିପରି ଭାବରେ ଅନୁଭବ କରିବାର ସାମର୍ଥ୍ୟ(ସମାନାନୁଭୂତି) ଶିଶୁ ବ୍ୟକ୍ତିତ୍ୱର ଏକ କମନୀୟ ଦିଗ ।

କେଉଁ କେଉଁ ପରିବେଶରେ ଶିଶୁର ଏପରି ପରାର୍ଥପରତା ବିକଶିତ ହୁଏ, ସେ ସମ୍ପର୍କରେ ଯଥେଷ୍ଟ ଅନୁଶୀଳନ କରାଯାଇଛି । ଏହି ଅନୁଶୀଳନର ଫଳ ସ୍ୱରୂପ କେତୋଟି ଉପାଦେୟ ତଥ୍ୟ ଆମ ଜ୍ଞାନର ପରିସର ମଧ୍ୟକୁ ଆସୁଛି, ଶିଶୁର ଏପରି ବ୍ୟବହାର ପରିବାରର ଆର୍ଥିକ ଅବସ୍ଥା ସହିତ ସମ୍ବନ୍ଧିତ ନୁହେଁ । ସ୍ୱଚ୍ଛଳ ଆର୍ଥିକ ଅବସ୍ଥା ସମ୍ପନ୍ନ ପରିବାରର ପିଲାମାନେ ଏପରି ବ୍ୟବହାର ଦର୍ଶାଇବାର ସମ୍ଭାବନା ଯେପରି ରହିଛି ଦରିଦ୍ର ପରିବାରର ପିଲାମାନଙ୍କ ବ୍ୟବହାରରେ ଏପରି ସମାନାନୁଭୂତି ମଧ୍ୟ ପ୍ରକାଶ ପାଇବାର ସମ୍ଭାବନା ରହିଛି । ବାଳକମାନଙ୍କ ତୁଳନାରେ ବାଳିକାମାନେ ଅଧିକ ପରିମାଣରେ ପରାର୍ଥପରତା ଦର୍ଶାନ୍ତି ବୋଲି କେହି କେହି ମନେକରନ୍ତି । ମାତ୍ର ପ୍ରକୃତରେ ଏପରି ପାର୍ଥକ୍ୟ ପରିଦୃଷ୍ଟ ହୁଏନାହିଁ । ବାଳକମାନଙ୍କ ତୁଳନାରେ ବାଳିକାମାନେ ଅଧିକ ସ୍ନେହଶ୍ରଦ୍ଧାମୁଖୀ ହୋଇଥିବାରୁ ଏପରି ବିଶ୍ୱାସ ଜାତ ହୋଇଥାଏ ।

ପରାର୍ଥପର ଆଚରଣ ବିକାଶ ଶିଶୁର ବୟସ ସହିତ ଜଡ଼ିତ ଥିଲାପରି ଜଣାଯାଏ । ପ୍ରାୟ ଦେଢ଼ବର୍ଷ ବୟସ ସମୟରୁ ଏହାର ସୂଚନା ମିଳିଥାଏ । ଧୀରେ ଧୀରେ ଅନୁକୂଳ ବାତାବରଣ ମଧ୍ୟରେ ଏହା ବିକଶିତ ହୁଏ । ପ୍ରାୟ ବାର ତେର ବର୍ଷ ବେଳକୁ ଏହାର ମଧ୍ୟ ବିକାଶ ଘଟେ ।

Digitized by srujanika@gmail.com

ସୂତ୍ର ଭଣ୍ଡାର – ୧୧

ସ୍ମିତହସ ଓ ହସ ସମ୍ପର୍କରେ :

୧. *ଶିଶୁର ସ୍ମିତହସ ଶିଶୁର ସାମାଜିକ ଆବେଗିକ ବ୍ୟବହାରର ପ୍ରଥମ ପରିପ୍ରକାଶ । ଏହା ଶିଶୁର ଆଦ୍ୟ ଜୀବନରେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶ ପାଇଲେ ମଧ୍ୟ ପିତାମାତା ଓ ଯତ୍ନକାରୀମାନଙ୍କର ପ୍ରୋତ୍ସାହନ ଏହାର ପୁନରାବୃତ୍ତି ଓ ବିସ୍ତୃତିରେ ସହାୟକ ହୁଏ । ସୁତରାଂ ନିଜର ଅଙ୍ଗଭଙ୍ଗୀ ଓ କଥାବାର୍ତ୍ତା ମାଧ୍ୟମରେ ନିଜର ସମ୍ଭାବନାକୁ ବୃଦ୍ଧି କରନ୍ତୁ ।*

୨. *ଶିଶୁର ବୟସର ବୃଦ୍ଧିକୁ ଦୃଷ୍ଟିରେ ରଖି ହସସୃଷ୍ଟି କରିପାରୁଥିବା ବସ୍ତୁ ସବୁର ଉପଯୋଗ କରନ୍ତୁ । ପ୍ରଥମେ ପ୍ରଥମେ ନିଜର ସ୍ପର୍ଶ ମୁଖାକୃତି ଇତ୍ୟାଦି ମାଧ୍ୟମରେ ଶିଶୁକୁ ହସାଇବାକୁ ଉଦ୍ୟମ କରନ୍ତୁ । ପରେ ପରେ ଖେଳ ପରି ଅବସ୍ଥା ସୃଷ୍ଟି କରି ଆପଣ ଓ ଶିଶୁ ଭାଗନେଇ ପରିଦୃଶ୍ୟ ଅବସ୍ଥା ମାଧ୍ୟମରେ (ଯଥା - ଲୁଚକାଳି) ହସାଇବାର ଚେଷ୍ଟା କରନ୍ତୁ । ପ୍ରାୟ ଏକ ବର୍ଷ ହେଲା ବେଳକୁ ଶିଶୁ ନିଜ ପରିବେଶରେ ପରିବର୍ତ୍ତନ ସୃଷ୍ଟି କରି ନିଜେ ଯେପରି ହସିବ (ଯଥା- ବିଚିତ୍ର ଶବ୍ଦ କରୁଥିବା ବସ୍ତୁଟିକୁ ଚିପିଦେଇ) ତାହାର ସୁଯୋଗ ଦିଅନ୍ତୁ ।*

ଅନୁରାଗ ସମ୍ପର୍କରେ :

୩. *ଅନୁରାଗ (Attachment) ଶିଶୁର ମନସ୍ତାତ୍ତ୍ୱିକ ବିକାଶ ପାଇଁ ଏକ ନିଚ୍ଛକ ଆବଶ୍ୟକ । ସ୍ୱାଭାବିକ ଭାବରେ ଶିଶୁ ଜନ୍ମର ପରେ ପରେ ମା'ର ସ୍ପର୍ଶ ଓ ସଂସ୍ପର୍ଶ ଲାଭ କରି ମା'କୁ ପ୍ରଥମେ ଅନୁରାଗ-ମଣିଷ ହିସାବରେ ଗ୍ରହଣ କଲେ ମଧ୍ୟ ଅନୁରାଗର ବିକାଶକୁ ପରିପୁଷ୍ଟ କରିବା ଉଚିତ ହେବ । ଏ ଦୃଷ୍ଟିରୁ ଶିଶୁକୁ*

Digitized by srujanika@gmail.com

ସଂସର୍ଗ, ଓ ସାନିଧ୍ୟ ଦିଅନ୍ତୁ । ସ୍ପର୍ଶ, କଥାବାର୍ତ୍ତା ଓ ଶିଶୁ ସହିତ ଖେଳିବା ମାଧ୍ୟମରେ ଶିଶୁପାଇଁ ଆକର୍ଷଣ ସୃଷ୍ଟିକରି ଅନୁରାଗକୁ ଋଦ୍ଧିମନ୍ତ କରନ୍ତୁ ।

୪. ଉପଯୁକ୍ତ ପରିମାଣରେ ଅନୁରାଗର ଉନ୍ମେଷ ଓ ବିକାଶ ଘଟିଥିଲେ ପରବର୍ତ୍ତୀ କାଳରେ ଏପରି ଶିଶୁ ମନରେ ସୁରକ୍ଷା ଭାବ ଦୃଢ଼ଥାଏ । ଏପରି ଶିଶୁ ଆତ୍ମବିଶ୍ୱାସୀ ହୋଇ ଅନ୍ୱେଷଣ ମୂଳକ ବ୍ୟବହାର ଦର୍ଶାଏ ଏବଂ କୁଶଳତାର ସହିତ ସମସ୍ୟା ସମାଧାନ କରିଥାଏ । ଏ ଦୃଷ୍ଟିରୁ ପିତାମାତା ଓ ଯତ୍ନକାରୀମାନଙ୍କ ବ୍ୟତୀତ ଅନ୍ୟ ବୟସ୍କମାନେ ମଧ୍ୟ ଶିଶୁପାଇଁ ଅନୁରାଗର ବାତାବରଣ ସୃଷ୍ଟି କରିବା ବାଞ୍ଛନୀୟ ।

ଶିଶୁର ଭୟ :

୫. ସ୍ୱାଭାବିକ ଭାବରେ ଭୟ ସୃଷ୍ଟି କରିଥିବା କୌଣସି ବସ୍ତୁ ବା ଘଟଣା (ଯଥା - ଡାକ୍ତରଙ୍କ ଇଞ୍ଜେକସନ ଛୁଞ୍ଚି ଓ ହଠାତ୍ ଚମକି ପଡ଼ିବା ଭଳି ଶବ୍ଦ) ଅନ୍ୟ କୌଣସି ବସ୍ତୁ ଓ ଘଟଣା ସହିତ ଆକସ୍ମିକ ଭାବରେ ସଂଯୋଜିତ ହେବାଫଳରେ (ଯଥା –ଡାକ୍ତରଙ୍କ ଧଳା ପୋଷାକ ଓ ଉଚ୍ଚ ଶବ୍ଦ ହେଉଥିବା ସମୟରେ କୋଠରୀକୁ ପ୍ରବେଶ କରୁଥିବା କଳା ବିରାଡ଼ି) ସବୁ ବସ୍ତୁ ମନରେ ଭୟ ସଞ୍ଚାର କରେ । ଭୟ କମାଇବାର ମୂଳ ନୀତିଟି ହେଉଛି ଏହି ସଂଯୋଗଟିକୁ କାଟିବା । ଅର୍ଥାତ୍ ବିଭିନ୍ନ ଯନ୍ତ୍ରଣାଦାୟକ ଅବସ୍ଥାରେ ଧଳା ପୋଷାକର ଅନୁଭବ ଦେବା, ଭୟଶୂନ୍ୟ ଅବସ୍ଥାରେ ଏକାଧିକ ବାର କଳାବିରାଡିର ସାନ୍ନିଧ୍ୟ ଦେବା ।

୬. ଶିଶୁର ପ୍ରିୟବସ୍ତୁ ଯଥା- ମା'ର ସାନ୍ନିଧ୍ୟ ଶିଶୁର ଖେଳ ବା ଖାଦ୍ୟ ଗ୍ରହଣ) ଉପସ୍ଥିତିରେ ଉପର ବର୍ଣ୍ଣିତ ଅନୁଭୂତି ଦେବାକୁ ହେବ । ଏପରି କଲେ ଧଳାପୋଷାକ ଓ କଳା ବିରାଡ଼ି ପ୍ରତି ଭୟ ଅପସରି ଯିବ ।

Digitized by srujanika@gmail.com

ଶିଶୁର କ୍ରୋଧ ଓ ହିଂସ୍ର ଆଚରଣ

୭. *ପ୍ରାଥମିକ ପର୍ଯ୍ୟାୟରେ ନ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ନିଜର ଇପ୍ସିତ ବସ୍ତୁଲାଭ ପାଇଁ କ୍ରୋଧକୁ ମାଧ୍ୟମ ରୂପେ ପ୍ରୟୋଗ କରେ, ସୁତରାଂ କେବଳ ଉପଯୋଗୀ ମାଧ୍ୟମ ବା ମାର୍ଗରେ ଶିଶୁ ଶେଷରେ ନିଜର ଅଭିଳଷିତ ଜିନିଷ ପାଏ, ସେ ଦିଗରେ ଦୃଷ୍ଟି ଦିଅନ୍ତୁ ।*

୮. *ହିଂସ୍ରତାପୂର୍ଣ୍ଣ ଦୂରଦର୍ଶନ ଦୃଶ୍ୟାବଳୀ ଶିଶୁ କ୍ରୋଧର କାରଣ ନ ହୋଇପାରେ ସତ ଏହା ଶିଶୁର ଲିପ୍ତ କ୍ରୋଧକୁ ଉଦ୍ଦୀପିତ କରେ । ସୁତରାଂ ଦୂରଦର୍ଶନର ଦୃଶ୍ୟାବଳୀର ନିୟନ୍ତ୍ରଣ ଏକାନ୍ତ ବାଞ୍ଛନୀୟ ।*

୯. *ଶିଶୁର କ୍ରୋଧ ଓ ହିଂସ୍ର ଆଚରଣ କମାଇବାର ଏକ ବିଶିଷ୍ଟ ମାର୍ଗ ହେଉଛି କ୍ରୋଧରହିତ ଶାନ୍ତ ପ୍ରକୃତିର ସାଙ୍ଗ ସାଥୀ ଓ ବ୍ୟକ୍ତିମାନଙ୍କ ପ୍ରତି ଶିଶୁର ଦୃଷ୍ଟି ଆକର୍ଷଣ କରିବା । ଏପରି ପିଲା ଓ ବ୍ୟକ୍ତିମାନେ ଯେପରି ଶିଶୁର ଅନୁକରଣୀୟ ନମୁନା (Role model) ହେବେ ସେ ଦିଗରେ ଦୃଷ୍ଟିଦିଅନ୍ତୁ ।*

ଶିଶୁର ସମାନୁଭୂତି (Empathy)

୧୦. *ଶିଶୁମନରେ ସମାନୁଭୂତିର ଉନ୍ମେଷ ଓ ବିକାଶ କରାଇବା ପାଇଁ ନିଜେ ବ୍ୟକ୍ତିତ୍ୱ ଦର୍ଶାନ୍ତୁ । ବକ୍ତୃତା ଅପେକ୍ଷା ଏହ ଅଧିକ ଫଳପ୍ରଦ ହେବ ।*

Digitized by srujanika@gmail.com

ସମାନାନୁଭୂତି ଓ ପରାର୍ଥପରତା ଦର୍ଶାଉଥିବା ପିଲାମାନଙ୍କୁ ଲକ୍ଷ୍ୟ କରାଯାଇ ଦେଖାଯାଇଛି ଯେ ଏପରି ପିଲାମାନଙ୍କର ବିଚାର ଶକ୍ତି ଉତ୍ତମ । ଏମାନେ ଅପେକ୍ଷାକୃତ ଅଧିକ ସକ୍ରିୟ ଓ ଆତ୍ମବିଶ୍ୱାସୀ । ଏମାନଙ୍କର ସାଂଗସାଥୀ ମାନଙ୍କର ସଂଖ୍ୟା ଖୁବ୍ କମ୍ ନୁହେଁ ।

ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗଟି ହେଉଛି ଏମାନଙ୍କର ପରିବାର । ପରିବାରରେ ପିତାମାତା ଶିଶୁକୁ ପ୍ରଚୁର ସ୍ନେହମମତା ଦିଅନ୍ତି ଏବଂ ଅବହେଳା କରନ୍ତି ନାହିଁ । ଅନୁରାଗର ନିବିଡ଼ତା ମଧ୍ୟରେ ଏପରି ଶିଶୁମାନେ ଏକପ୍ରକାର ସୁରକ୍ଷା ଭାବ (security) ଅନୁଭବ କରନ୍ତି । ସ୍ନେହ ଯତ୍ନ ଓ ଆଦରପୂର୍ଣ୍ଣ ପ୍ରତିପାଳନ ମଧ୍ୟରେ ଶିଶୁମାନେ ବଢ଼ନ୍ତି ।

ଶିଶୁମନରେ ପରାର୍ଥପରତା (altruism) ପରି ସାମାଜିକ ଗୁଣର ବିକାଶ କ୍ଷେତ୍ରରେ ପିତାମାତା ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେମାନେ ନିଜେ ସହାନୁଭୂତିଶୀଳ, ସମ୍ବେଦନଶୀଳ ଏବଂ ସମାନାନୁଭୂତିଶୀଳ ହୋଇଥାନ୍ତି । ଶିଶୁପାଇଁ ନିଜେ ନମୁନା (models) ହେବା ସଙ୍ଗେ ସଙ୍ଗେ ପରିପାର୍ଶ୍ୱରେ ଥିବା ଉଚ୍ଚ ଆଦର୍ଶପୂର୍ଣ୍ଣ ବ୍ୟକ୍ତି ବା ଘଟଣା ପ୍ରତି ଶିଶୁର ଦୃଷ୍ଟି ଆକର୍ଷଣ କରନ୍ତି । ସେମାନେ ନିଜେ କିପରି ନମୁନା ହୁଅନ୍ତି ତାହାର ଏକ ଦୃଷ୍ଟାନ୍ତ ଦିଆଯାଇପାରେ । ଧରାଯାଉ ଶିଶୁଟି ଗୋଟିଏ ଦୋକାନରୁ ଜିନିଷଟିଏ ପଇସା ନ ଦେଇ ନେଇଆସିଲା । ଏ କ୍ଷେତ୍ରରେ ପିତାମାତା ଶିଶୁଟିକୁ ଗାଳିଦେଇ ଦଣ୍ଡ ଦେଇ ସାଧୁତା ଉପରେ ବକ୍ତୃତା ଦେବା ହୁଏତ ବେଶୀ କାର୍ଯ୍ୟକାରୀ ନ ହୋଇପାରେ । ମାତ୍ର ଶିଶୁଟିକୁ ଦୋକାନକୁ ନେଇ ସେଠାରେ ଦୁଃଖ ପ୍ରକାଶ କରି ଜିନିଷଟି ଫେରାଇ ଦେଇଆସିବା କିମ୍ୱା ତାର ଦାମ ପଇଠ କରି ଆସିବା ଶିଶୁର ଦୃଷ୍ଟିକୁ ଅଧିକ ଆକର୍ଷଣ କରିବ । ପଇସା ପାଇ ନଥିଲେ ଲୋକଟିର କିପରି କ୍ଷତି ଓ ମାନସିକ ଅଶାନ୍ତି ହେଇଥାନ୍ତା, ସେ ବିଷୟରେ ଭାବିବାକୁ ଶିଶୁଟିକୁ ପ୍ରୋତ୍ସାହନ ଦେବା ସମୁଚିତ ହେବ । ପିତାମାତାଙ୍କର ଏପରି ବ୍ୟବହାର ଶିଶୁର ମନୋଭାବ ଗଠନରେ ଯଥେଷ୍ଟ ସହାୟକ ହେବ ।

ଏହା ସମସ୍ତେ ଜାଣନ୍ତି ଯେ ବିଶ୍ୱଯୁଦ୍ଧ ସମୟରେ ଇଉରୋପରେ ବିଶେଷତଃ ଜର୍ମାନୀରେ ଇହୁଦୀମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଥିଲା । ଇହୁଦୀମାନଙ୍କର ଏପରି ଦୁଃଖ ସମୟରେ ସେମାନଙ୍କୁ ସାହାଯ୍ୟ କରିଥିବା ତଥା ଆଶ୍ରୟ ଦେଇଥିବା ୪୦୬ଟି ଅଣଇହୁଦୀ ପରିବାରକୁ ଏବେ ଇଉରୋପରେ ଚିହ୍ନଟ କରାଯାଇଛି । ସେ ସବୁ ପରିବାରରେ ପ୍ରତିପାଳିତ ହୋଇଥିବା ପିଲାମାନଙ୍କର ବ୍ୟବହାର ପର୍ଯ୍ୟବେକ୍ଷଣ କରାଯାଇଛି । ଶରଣାର୍ଥୀଙ୍କୁ ଶରଣ ଦେଉଥିବା ଏସବୁ ପରିବାରର ପିଲାମାନେ ଅନ୍ୟ ପିଲାମାନଙ୍କ ତୁଳନାରେ ଭିନ୍ନ ବୋଲି ଦେଖାଯାଇଛି । ଏପରି ପରିବାରରେ ଲାଳିତ-ପାଳିତ ପିଲାମାନେ ସେମାନଙ୍କ ପରିବାରର ସୀମାବାହାରେ ଥିବା ଲୋକମାନଙ୍କ ପ୍ରତି ମଧ୍ୟ ସମ୍ବେଦନଶୀଳ । ଏପରି ପିଲାମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ଅର୍ଥ ରୋଜଗାର କରିବାର ବନ୍ଧନୀ ମଧ୍ୟରେ ବନ୍ଦୀ ନୁହନ୍ତି । ସ୍ଥୂଳତଃ ପ୍ରତିକୂଳ ବାହ୍ୟପରିବେଶ ସତ୍ତ୍ୱେ ପରିବାରର ଉଚ୍ଚ ଆଦର୍ଶ ଏକ ମାନବଧର୍ମୀ ବାତାବରଣ ଶିଶୁପାଇଁ ସମାଜ ହିତକରୀ ଆଚରଣ ସୃଷ୍ଟିରେ ସହାୟକ ହୋଇପାରିବ ବୋଲି ପ୍ରମାଣ ରହିଛି ।

■

Digitized by srujanika@gmail.com

ସଫଳ ଶିଶୁ ବିକାଶ

ବିକାଶ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଭ୍ରୁଣ ସଞ୍ଚାର ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ଧାରା ନିରବଚ୍ଛିନ୍ନ ଭାବରେ ଗତିଶୀଳ ଥାଏ । କେବଳ ଅନୁଶୀଳନର ସୁବିଧା ପାଇଁ ବିକାଶକୁ ଶୈଶବ, ବାଲ୍ୟ, କୈଶୋର, ଯୁବାବସ୍ଥା ଓ ବାର୍ଦ୍ଧକ୍ୟ ସୋପାନର ନାମକରଣ କରାଯାଇ ନାହିଁ । ପ୍ରତିଟି ପର୍ଯ୍ୟାୟରେ କିଛି ସ୍ୱାତନ୍ତ୍ର୍ୟ ମଧ୍ୟ ରହିଛି ।

ଶିଶୁମାନଙ୍କର ସଫଳ ବିକାଶ ପାଇଁ ସେମାନଙ୍କର ବୁଦ୍ଧି, ପରିବେଶ ଶିକ୍ଷା, ସାମାଜିକ ବ୍ୟବହାର ଓ ଭାବାବେଗ ସମ୍ପର୍କରେ ଆଲୋଚନା କରାଯାଇଛି । ଶିଶୁର ସଫଳ ବିକାଶ ପାଇଁ ଆଲୋଚିତ ପ୍ରତିଟି ଅଂଶ ଉପଯୋଗୀ । ତଥାପି ଉପସଂହାରରେ କେତୋଟି ମନ୍ତବ୍ୟର ଆବଶ୍ୟକତା ଥିବା ଦୃଷ୍ଟିରୁ ଏହି ପରିବେଶ ଶିଶୁପାଳନ ଶୈଳୀ ଓ ସାମାଜିକ ସାଂସ୍କୃତିକ ପରିପ୍ରେକ୍ଷୀ ସମ୍ପର୍କରେ ଦିଗଦର୍ଶନ ଦେବା ଯୁକ୍ତିଯୁକ୍ତ ବୋଲି ବିଚାର କରାଯାଉଛି ।

ଶିଶୁ ବ୍ୟବହାର ପରିବର୍ତ୍ତନରେ ପ୍ରୋତ୍ସାହନ ଓ ଶାସ୍ତି ବିଧାନ

ନିଜର ଅଭିଳାଷ ଅନୁଯାୟୀ ଶିଶୁବ୍ୟବହାରକୁ ବାଞ୍ଛନୀୟ ରୂପ ଦେବାପାଇଁ ଏବଂ ଅବାଞ୍ଛନୀୟ ବ୍ୟବହାରର ବିଲୋପ ପାଇଁ ପ୍ରତ୍ୟେକ ପିତାମାତା ଆଗ୍ରହୀ । କିନ୍ତୁ ବ୍ୟବହାର ଗଠନ ଓ ବ୍ୟବହାର ପରିବର୍ତ୍ତନ ପାଇଁ ଆବଶ୍ୟକ ଉପଯୋଗୀ କୌଶଳର ଯଥାଯଥ ପ୍ରୟୋଗ ଅଭାବରୁ ପରିଣତି ସବୁବେଳେ ମନୋମତ ହୋଇ ନଥାଏ । ଅବଶ୍ୟ ନିଜର ଚାହିଦା ଅନୁସାରେ ବିଳାସବ୍ୟସନ ପୂର୍ଣ୍ଣ ଯାନ୍ତ୍ରିକ ବସ୍ତୁ ନିର୍ମାଣ କରିବା ଅପେକ୍ଷାକୃତ ସହଜ । ନିଜସ୍ୱ ଭାବନା ଓ କଳ୍ପନା ଅନୁଯାୟୀ ଶିଶୁର ମାନସିକତା ଗଠନ କରିବା କଷ୍ଟକର । ତଥାପି ବ୍ୟବହାର ବିଜ୍ଞାନର କେତୋଟି ମୌଳିକ ତଥ୍ୟକୁ ଆଧାର କରି ଏପରି ସମ୍ଭାବନାକୁ ବୃଦ୍ଧି କରାଯାଇପାରେ ।

ପ୍ରଥମତଃ ମନେରଖିବାକୁ ହେବ ଯେ ଶିଶୁ ହେଉ ବା ବୟସ୍କ ହୁଅନ୍ତୁ, ବହୁ ବ୍ୟବହାର ଆମର ଅଜ୍ଞାତସାରରେ ମଧ୍ୟ ଗଠିତ ହୁଏ । ଏ ଗୁଡ଼ିକର ଉତ୍ପତ୍ତି ଓ ବିକାଶ ମୂଳରେ ପୁରସ୍କାର ବା ପ୍ରୋତ୍ସାହନ (Reinforcement) ମୁଖ୍ୟ ଭୂମିକା ଗ୍ରହଣ କରେ । ବାହ୍ୟଜଗତରୁ ଆମେ ବହୁଧରଣର ଭୌତିକ ତଥା ସାମାଜିକ ପ୍ରୋତ୍ସାହନ ପାଉ । ଶିଶୁଟି ମଧ୍ୟ ତା'ର ବାହ୍ୟଜଗତର ବହୁଧରଣର ସାମାଜିକ ପ୍ରୋତ୍ସାହନ ଲାଭ କରେ । ଶିଶୁଟିକୁ ଚାହିଁ ସ୍ମିତହସ ପ୍ରକାଶ କରିବା, ତାକୁ କୋଳେଇନେବା, ଦେହକୁ ଆଉଁଷିଦେବା, କାଖେଇବା ଏବଂ ଚୁମାଦେବା ମାଧ୍ୟମରେ ଆମେ ଆମର ପ୍ରୋତ୍ସାହନ ଦେଇଥାଉ । ସେହିପରି ଲଜେନ୍ସ, ବିସ୍କୁଟ ଶିଶୁର ଲୋଭନୀୟ ଖାଦ୍ୟ ପଦାର୍ଥ ଦେବା ମାଧ୍ୟମରେ ଶିଶୁଟି ପ୍ରୋତ୍ସାହିତ ହୋଇଥାଏ । ଶିଶୁଟିକୁ ଆନନ୍ଦ ଦେଉଥିବା ବ୍ୟବହାର ଓ ବସ୍ତୁ ଶିଶୁଟି ପାଇଁ ପ୍ରୋତ୍ସାହକର କାର୍ଯ୍ୟକରେ ।

Digitized by srujanika@gmail.com

ଗବେଷଣାରୁ ସ୍ପଷ୍ଟ ଦେଖାଯାଇଛି ଯେ ଶାସ୍ତିବିଧାନ ଅପେକ୍ଷା ପ୍ରୋତ୍ସାହନ ଅଧିକ ସଫଳତାର ସହିତ ଲକ୍ଷ୍ୟ ପୂରଣ କରେ । ଶିଶୁର ବାଞ୍ଛନୀୟ ବ୍ୟବହାର ଠିକ୍ ପରେ ପ୍ରୋତ୍ସାହନଟି ଦିଆଯିବା ଉଚିତ ଏବଂ ପ୍ରୋତ୍ସାହନଟି ଶିଶୁର ଆନନ୍ଦବର୍ଦ୍ଧନରେ ସହାୟକ ହୋଇଥିବା ବିଧେୟ । ବିଧିବଦ୍ଧ ଭାବରେ ପ୍ରୋତ୍ସାହନର ପ୍ରୟୋଗ କରୁଥିବା ପିତାମାତାମାନେ ସେମାନଙ୍କ ସନ୍ତାନସନ୍ତତିର ବ୍ୟବହାରରେ ଆଶାନୁରୂପ ଉନ୍ନତି ଲକ୍ଷ୍ୟ କରନ୍ତି ।

ଅନେକ ସମୟରେ ଶିଶୁର ଅବାଞ୍ଛନୀୟ ବ୍ୟବହାର ବିଲୋପରେ ଶାସ୍ତିବିଧାନ ପଦ୍ଧତି ଫଳବତୀ ହୋଇ ନ ଥାଏ । ଜଣେ ମହିଳା ହୁଏତ ଅଭିଯୋଗ କରିପାରନ୍ତି "ମୁଁ ମୋର ପୁଅକୁ ବେଶ ଶାସ୍ତି ଦେଉଛି, ହେଲେ ତା'ର ଦୁଷ୍ଟାମୀ ଦିନକୁ ଦିନ ବଢ଼ିବାରେ ଲାଗିଛି ।" ଏଠାରେ ଅନୁଶୀଳନ କଲେ ଦେଖାଯିବ ଯେ ଏପରି ମା' ହୁଏତ ଶିଶୁର କୌଣସି ଭଲଗୁଣ ବା କୃତିତ୍ୱ ପ୍ରତି ନଜର ଦିଅନ୍ତି ନାହିଁ । ଶିଶୁଟି ଦୁଷ୍ଟାମୀ କଲାମାତ୍ରେ ତାକୁ ମାରନ୍ତି । ଫଳତଃ ଶିଶୁଟି ମା'ର ଓ ଅନ୍ୟ ବୟସ୍କମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଦୁଷ୍ଟାମୀ କରେ ଏବଂ ଶାସ୍ତି ପାଏ । ଅଧିକାଂଶ ଶିଶୁ ଅନ୍ୟର ଅନୁମୋଦନ (Approval) ମାଧ୍ୟମରେ ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚାହାନ୍ତି, ମାତ୍ର ଧୀରେ ଧୀରେ ଏପରି ସମ୍ଭାବନା ଲୋପ ପାଇଲେ ସେମାନେ ଅନ୍ୟର ନିନ୍ଦା (Disapproval) ଓ ଶାସ୍ତି ମାଧ୍ୟମରେ ଦୃଷ୍ଟିଆକର୍ଷଣର ପ୍ରୟାସ କରନ୍ତି ।

ଏ ଦୃଷ୍ଟିରୁ ଶିଶୁର ଅବାଞ୍ଛନୀୟ ବ୍ୟବହାର ମାତ୍ରାଧିକ ରୂପ ନେବା ପୂର୍ବରୁ ତା'ର ବାଞ୍ଛନୀୟ ବ୍ୟବହାରଟି ପ୍ରତି ଧ୍ୟାନଶୀଳ ହେବାକୁ ପଡ଼ିବ । ଧରାଯାଉ ଶିଶୁଟି ଅଧିକାଂଶ ସମୟରେ ଅସ୍ଥିର । ତଥାପି ଯେଉଁ ଅଳ୍ପକିଛି ସମୟ ସ୍ଥିରଭାବ ଦର୍ଶାଉଛି ସେହି ସମୟ ପ୍ରତି ଧ୍ୟାନଶୀଳ ହୋଇ ଶିଶୁଟିକୁ

Digitized by srujanika@gmail.com

ପ୍ରୋତ୍ସାହନ ଦେବାକୁ ପଡ଼ିବ । କ୍ରମାଗତ ଭାବରେ ଏବଂ ଧାରାବାହିକ ଭାବରେ ଏପରି କରାଗଲେ ଶିଶୁର ଅସ୍ଥିରତା ସମୟ କ୍ରମଶଃ ହ୍ରାସ ପାଇବ ଏବଂ ସ୍ଥିରତାପୂର୍ଣ୍ଣ ସମୟ ବୃଦ୍ଧିପାଇବାର ସମ୍ଭାବନା ରହିବ ।

ଅଳ୍ପ କେତେକ ସ୍ଥଳରେ ଶାସ୍ତିବିଧାନ ଆବଶ୍ୟକ ହୋଇପାରେ । ଯାନବାହାନ ଯାତାୟତ କରୁଥିବା ରାସ୍ତାକୁ ଦୌଡ଼ି ନ ଯିବା ପାଇଁ ଏବଂ ଅନ୍ୟ ଶିଶୁକୁ ଏକ ଭାରୀ ବସ୍ତୁଦ୍ୱାରା ଆଘାତ ନ କରିବା ପାଇଁ ପ୍ରୋତ୍ସାହନ କୌଶଳଟି ବିଫଳ ହେଲେ ଅଳ୍ପପରିମାଣରେ ଶାସ୍ତିବିଧାନ ପ୍ରୟୋଜନ ହୋଇପାରେ । କିନ୍ତୁ ଶାସ୍ତିବିଧାନର କୌଶଳ ପ୍ରୟୋଗ ବେଳେ କେତୋଟି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

ପ୍ରଥମତଃ ଅବାଞ୍ଛନୀୟ ବ୍ୟବହାର ଠିକ୍ ପରେ ପରେ ଶାସ୍ତି ଦିଆଯିବା ଉଚିତ । ବ୍ୟବହାର ଓ ଶାସ୍ତି ବିଧାନ ମଧ୍ୟରେ ମାତ୍ରାଧିକ ସମୟ ବ୍ୟବଧାନ କାର୍ଯ୍ୟକାରୀତା ହ୍ରାସ କରେ । ''ବାପା ଆସିଲେ ତୋ କଥା ବୁଝିବେ'' ଉକ୍ତିଟି ଉପଯୋଗୀ ଶାସ୍ତିବିଧାନର କାର୍ଯ୍ୟ ନ କରିପାରେ ଦ୍ୱିତୀୟତଃ ଶାସ୍ତିବିଧାନର ପରେ ପରେ ଶିଶୁ ବୁଝିପାରିଲା ପରି ଭାଷାରେ ଶାସ୍ତିର କାରଣ ସୂଚାଇବା ଆବଶ୍ୟକ । ଶିଶୁର ଅବାଞ୍ଛନୀୟ ବ୍ୟବହାର କିପରି କ୍ଷତି ସୃଷ୍ଟି କରୁଛି ବା କରିବ, ତାହା ସ୍ପଷ୍ଟ ଭାବରେ କୁହାଯିବା ଉଚିତ । ତୃତୀୟତଃ ଶାସ୍ତିବିଧାନରେ ସ୍ଥିରତା (Consistent) ଥିବା ଉଚିତ । ଶିଶୁ ଯେଉଁ ବ୍ୟବହାର ପାଇଁ ବର୍ତ୍ତମାନ ଦଣ୍ଡିତ ସେପରି ବ୍ୟବହାର ଅନ୍ୟସମୟରେ ମଧ୍ୟ ଦଣ୍ଡନୀୟ । ଚତୁର୍ଥତଃ ଶିଶୁକୁ ସ୍ନେହଶ୍ରଦ୍ଧା ଦର୍ଶାଉଥିବା ପ୍ରିୟଜନ ଦଣ୍ଡବିଧାନ କଲେ ଏହା ଶକ୍ତିଶାଳୀ ହୁଏ । ଶିଶୁ ଦଣ୍ଡପାଏ ଏବଂ ପ୍ରିୟଜନର ଅନୁରାଗ ହରାଏ । ସୁତରାଂ ଅଳ୍ପ ପରିମାଣର ଦଣ୍ଡ ତୀବ୍ର ଶାସ୍ତିର କାର୍ଯ୍ୟକରେ ।

Digitized by srujanika@gmail.com

ଏସବୁ ସତ୍ତ୍ୱେ ମନେରଖିବାକୁ ହେବ ଯେ ଶାସ୍ତିବିଧାନର ସଫଳତା କେବଳ ଅଳ୍ପସ୍ଥାୟୀ । ଦୀର୍ଘସ୍ଥାୟୀ ପରିବର୍ତ୍ତନ ପାଇଁ ପ୍ରୋତ୍ସାହନ ଅଧିକ ଉପଯୋଗୀ । ଏହାବ୍ୟତୀତ ଦଣ୍ଡିତ ହୋଇଥିବା ଶିଶୁ ପିତାମାତାଙ୍କ ଠାରୁ ଛାଡ଼ ଛାଡ଼ ଭାବ ଦର୍ଶାଇପାରେ । ପିତାମାତାଙ୍କର କ୍ରୋଧଭାବକୁ ଅନୁଭବ କରି ଅନ୍ୟ ପ୍ରତି ହିଂସ୍ରଭାବ ଦର୍ଶାଇପାରେ ଏବଂ ଦଣ୍ଡବିଧାନରୁ ନିଷ୍କୃତି ନ ମିଳୁଥିଲେ ପୁରାପୁରି ନିଷ୍କ୍ରିୟଭାବ ଦର୍ଶାଇପାରେ ।

ଶିଶୁ ପାଳନର ଶୈଳୀ

ପ୍ରତି ବ୍ୟକ୍ତିର ବ୍ୟକ୍ତିତ୍ୱ ଭିନ୍ନ । ପ୍ରତି ଲେଖକର ଲେଖା ଶୈଳୀ ଭିନ୍ନ । ସେହିପରି ପ୍ରତି ପିତାମାତା ସେମାନଙ୍କର ସନ୍ତାନର ଲାଳନ ପାଳନ କ୍ଷେତ୍ରରେ ପୃଥକ୍ ପୃଥକ୍ ଶୈଳୀର ବ୍ୟବହାର କରନ୍ତି । ପୁଣି ବାଳକ ବାଳିକା ଭେଦରେ ଏବଂ ପିଲାମାନଙ୍କର ବିକାଶର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଅନୁସୃତ ହେଉଥିବା ଶୈଳୀ ପୃଥକ୍ ପୃଥକ୍ ହୋଇଥାଏ । ଏ ଦୃଷ୍ଟିରୁ ଶୈଳୀ ସବୁର ଭିନ୍ନତାକୁ ବିଚାର କରି ସେଗୁଡ଼ିକୁ ଅଳ୍ପ କେତୋଟି ଶ୍ରେଣୀରେ ବିଭକ୍ତ କରିବା କଷ୍ଟକର ବ୍ୟାପାର । ତଥାପି ଶିଶୁମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାକ୍-ବିଦ୍ୟାଳୟ ସ୍ତରରେ ପିତାମାତାମାନେ ଉପଯୋଗ କରୁଥିବା ଶିଶୁ ପାଳନର କେତୋଟି ମୁଖ୍ୟ ଧାରା ଲକ୍ଷ୍ୟ କରାଯାଇଛି । ଏହି ଧାରା ସହିତ ଶିଶୁମାନଙ୍କର ବିକଶିତ ଦିଗ ମଧ୍ୟ ଚିହ୍ନଟ କରାଯାଇଛି ।

ଶିଶୁ ଲାଳନ ପାଳନ ଶୈଳୀର ତିନୋଟି ମୁଖ୍ୟ ପରିପ୍ରକାଶ ରହିଛି । ସେଗୁଡ଼ିକ ହେଉଛି ପ୍ରଭୁତ୍ୱମୁଖୀ ଶୈଳୀ, ଗୁରୁତ୍ୱମୁଖୀ ଶୈଳୀ ଏବଂ ସର୍ବଅନୁମୋଦନ ଶୈଳୀ । ପ୍ରାକ୍-ବିଦ୍ୟାଳୟର ବାଳକ ବାଳିକାମାନଙ୍କୁ ଲାଳନ ପାଳନ କରୁଥିବା ପିତାମାତାଙ୍କୁ ସେମାନଙ୍କ ନିଜ ଗୃହର ପରିସର ମଧ୍ୟରେ ପର୍ଯ୍ୟବେକ୍ଷଣ କରି, ସେମାନଙ୍କ ସହିତ ସାକ୍ଷାତକାରର ବ୍ୟବସ୍ଥା କରି ଏବଂ ସେମାନଙ୍କୁ କେତେକ ପରୀକ୍ଷା ନରୀକ୍ଷା କରି ଏପରି ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।

ପଭୃତ୍ୱମୁଖୀ ପିତାମାତାମାନେ ନିଜର ନିୟନ୍ତ୍ରଣ ଓ ପିଲାର ଆଜ୍ଞାଧୀନତା ଉପରେ ପୃଥକ ଗୁରୁତ୍ୱ ଆରୋପ କରନ୍ତି । ଏମାନେ "କର" ଓ "ନ କର" ଶବ୍ଦଦ୍ୱୟର ବହୁଳ ବ୍ୟବହାର କରନ୍ତି । ଶିଶୁ ଗୋଟିଏ କାର୍ଯ୍ୟ କାହିଁକି କରିବ ବା କରିବ ନାହିଁ, ଏ ବିଷୟରେ ପ୍ରଶ୍ନ ପଚାରିବାର ଅଧିକାର ଶିଶୁର ନ ଥାଏ । ନୀତିନିୟମ ସବୁ ମାନିବା ପାଇଁ ଶିଶୁକୁ ଏକପ୍ରକାର ବାଧ୍ୟ କରାଯାଏ ଏବଂ ସାମାନ୍ୟତମ ବିଚ୍ୟୁତି ସହ୍ୟ କରା ନ ଯାଇ ଶିଶୁକୁ ଦଣ୍ଡିତ କରାଯାଏ । ଏପରି ପିତାମାତା ସାଧାରଣତଃ ଅନାସକ୍ତ ଏବଂ ନିଜର ସ୍ନେହମମତା ପ୍ରକାଶ୍ୟ ଭାବରେ ବ୍ୟକ୍ତ କରନ୍ତି ନାହିଁ । ଏପରି ପରିପାଳନ ଶୈଳୀ ମଧ୍ୟଦେଇ ଗତି କରୁଥିବା ଶିଶୁମାନେ ଅନ୍ୟମାନଙ୍କ ପାଖରୁ ନିଜକୁ ଦୂରେଇ ନିଅନ୍ତି କିମ୍ବା କ୍ରୋଧୀ ହୁଅନ୍ତି । ଅନ୍ୟକୁ ସହଜରେ ବିଶ୍ୱାସ କରିବା କିମ୍ବା ନିଜର ଆନନ୍ଦଭାବ ପ୍ରକାଶ କରିବାରେ ଏମାନଙ୍କର ଅସୁବିଧା ହୁଏ ।

ସର୍ବଅନୁମୋଦନ ମୁଖୀ ପିତାମାତାମାନେ ଶିଶୁ କ'ଣ କରୁଛି ନ କରୁଛି, ସେ ଦିଗରେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ । ଶିଶୁ ଯେପରି ନିଜେ ନିଜର କାର୍ଯ୍ୟ ସ୍ଥିର କରିବ ଏବଂ ନିଜର ମାନଦଣ୍ଡ ନିର୍ମାଣ କରିବ, ସେ ଦିଗରେ ପୁରା ସ୍ୱାଧୀନତା ଦିଅନ୍ତି । ପରିବାରରେ ଅନୁସୃତ ହେଉଥିବା

Digitized by srujanika@gmail.com

ଅଳ୍ପକେତୋଟି ନୀତିନିୟମର ଯୁକ୍ତିଯୁକ୍ତତା ଶିଶୁକୁ ବୁଝାନ୍ତି । ଶିଶୁଠାରୁ ଏମାନେ କ'ଣ ପ୍ରତ୍ୟାଶା କରୁଛନ୍ତି ସେ ବିଷୟରେ କୌଣସି ସୂଚନା ଦିଅନ୍ତି ନାହିଁ । ଶିଶୁଟି ନିଜର ଭାବାବେଗକୁ କିପରି ନିୟନ୍ତ୍ରଣ କରିବ ତାହା ଦୃଢ଼ ଭାବରେ ଶିକ୍ଷା ଦିଅନ୍ତି ନାହିଁ । ଶିଶୁଟି ଦୋଷ କଲେ ମଧ୍ୟ ଦଣ୍ଡ ଦିଅନ୍ତି ନାହିଁ ଫଳରେ କେଉଁ ବ୍ୟବହାରଟି ଶିଶୁର ପ୍ରୋତ୍ସାହିତ (Reinforced) ହେଉଛି ଏବଂ କେଉଁଟି ନିରୁତ୍ସାହିତ କରାଯାଉଛି, ସେ ବିଷୟରେ ଶିଶୁର ସ୍ପଷ୍ଟ ଧାରଣା ଜନ୍ମେ ନାହିଁ । ଏପରି ପରିବେଶ ମଧ୍ୟରେ ପ୍ରତିପାଳିତ ହେଉଥିବା ଶିଶୁମାନଙ୍କର ଆତ୍ମସଂଯମ ଅନ୍ୱେଷଣଭାବ ଏବଂ ପରିପକ୍ୱତାର ଅଭାବ ଘଟେ ।

ତୃତୀୟ ଶୈଳୀଟିକୁ ଗୁରୁତ୍ୱ ମୁଖୀ ଶୈଳୀ କୁହାଯାଇପାରେ । ଏ କ୍ଷେତ୍ରରେ ପିତାମାତା ଶିଶୁର ବ୍ୟକ୍ତିତ୍ୱକୁ ସ୍ୱୀକାର କରନ୍ତି ସତ୍ୟ, ମାତ୍ର ସବୁ ବିଷୟରେ ଶିଶୁଟିକୁ ବେପରୁଆ ଭାବରେ ଛାଡ଼ି ନ ଦେଇ ଗୁରୁତ୍ୱପୂର୍ଣ୍ଣ ଦିଗଉପରେ ନିୟନ୍ତ୍ରଣ ରଖନ୍ତି । ଏପରି ପିତାମାତା ପ୍ରଥମ ଶୈଳୀ(ପ୍ରଭୁତ୍ୱମୁଖୀ) ଓ ଦ୍ୱିତୀୟ ଶୈଳୀ (ସର୍ବଅନୁମୋଦନ ମୁଖୀ) ମଧ୍ୟରେ ଏକ ସମନ୍ୱୟ ରଖନ୍ତି । ସବୁ ନୀତିନିୟମକୁ କଡ଼ାକଡ଼ି ଭାବରେ ଲଦି ନ ଦେଇ କେଉଁ ମାନଦଣ୍ଡଟି ଶିଶୁର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ, ସେ ଦିଗରେ ଚିନ୍ତାକରି ନିଷ୍ପତ୍ତି ନିଅନ୍ତି । ଏପରି ନିଷ୍ପତ୍ତି ନେଲାପରେ ସ୍ପଷ୍ଟ ଓ ସ୍ଥିର ଭାବରେ ଶିଶୁକୁ ନିଜର ମାନଦଣ୍ଡଟି ଜଣାଇ ଦିଅନ୍ତି । ପିତାମାତା ନିଜର ବ୍ୟବହାର ମାଧ୍ୟମରେ ଆବଶ୍ୟକ ସ୍ଥଳରେ ଶିଶୁଟିକୁ ପ୍ରୋତ୍ସାହନ (ସ୍ମିତହସ, ଗେହ୍ଲା, ଆଦର ଇତ୍ୟାଦି) ଦେଇ ଏବଂ ଦରକାର ପଡ଼ିଲେ ଅଳ୍ପ ପରମାଣରେ ଶାସ୍ତି ବିଧାନ କରି ଶିଶୁଟିକୁ ନିଜର ମାନଦଣ୍ଡ ଜଣାଇ ଦିଅନ୍ତି । ସେମାନେ ଶିଶୁଠାରୁ କ'ଣ ଚାହୁଁଛନ୍ତି ତାହା ଧୀରେ ଧୀରେ ଶିଶୁ ମନରେ ସ୍ପଷ୍ଟ ହୁଏ । ପରିସ୍ଥିତିକୁ ଚାହିଁ ସ୍ନେହମମତା ଦର୍ଶାନ୍ତି । ପୁଣି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିଶୁ ବିଚ୍ୟୁତି ଦର୍ଶାଇଲେ ଦୃଢ଼ତା ମଧ୍ୟ ଦର୍ଶାନ୍ତି । ଏପରି ପରିବେଶରେ ପ୍ରତିପାଳିତ ଶିଶୁମାନେ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ ହୁଅନ୍ତି । ସେମାନଙ୍କର ଆତ୍ମ ସଂଯମ ଆତ୍ମସାମର୍ଥ୍ୟବୋଧ ଏବଂ ଅନ୍ୱେଷଣ ଇଚ୍ଛା ମଧ୍ୟ ବିକଶିତ ହୁଏ ।

ଗୁରୁତ୍ୱମୁଖୀ ଶିଶୁପାଳନ ଶୈଳୀ ସହିତ ଉନ୍ନତ ଶିଶୁ ବିକାଶର ସମ୍ବନ୍ଧ ସୂଚାଇବା ପରିପ୍ରେକ୍ଷୀରେ ଅନ୍ୟ ଦୁଇ ତିନୋଟି ଜିନିଷ ସ୍ପଷ୍ଟ କରିବା ଉଚିତ ହେବ । ପ୍ରଥମତଃ ଶୈଳୀକୁ ସଦାସର୍ବଦା କାରଣ ଓ ଶିଶୁର ବିକାଶକୁ ସଦାସର୍ବଦା ଫଳାଫଳ କହିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଶିଶୁ ମଧ୍ୟ ପିତାମାତାଙ୍କର ଲାଳନ ଶୈଳୀରେ ପରିବର୍ତ୍ତନ ଆଣିପାରେ । ଅପେକ୍ଷାକୃତ ଭଲ ଶିଶୁଟିଏ ପିତାମାତାକୁ ଗୁରୁତ୍ୱମୁଖୀ କରିବାସ୍ଥଳେ ଜିଦିଆ ଓ ଦୁଷ୍ଟ ଶିଶୁଟି ପିତାମାତାକୁ ପ୍ରଭୁତ୍ୱମୁଖୀ କରିପାରେ, ଦ୍ୱିତୀୟତଃ ଶିଶୁର ପ୍ରାକ୍‌ବିଦ୍ୟାଳୟ ଜୀବନ ପୂର୍ବରୁ ମଧ୍ୟ ସେ ମାତୃଗର୍ଭରୁ କେତେକ ସମ୍ଭାବନା ନେଇ ବଢୁଥାଏ ଏବଂ ପ୍ରାକ୍-ବିଦ୍ୟାଳୟ ଜୀବନ ପରେ ମଧ୍ୟ ଅନ୍ୟସବୁ ପ୍ରଭାବ ଜୀବନକୁ ଭିନ୍ନ ମୋଡ଼ ଦେଇପାରେ । ତଥାପି ସ୍ୱୀକାର କରିବାକୁ ହେବ ଯେ ଗୁରୁତ୍ୱମୁଖୀ ଶୈଳୀ ପିତାମାତାଙ୍କର ବିଚାରଶୀଳ ମାନଦଣ୍ଡ ଓ ସ୍ପଷ୍ଟ ପ୍ରକାଶିତ ପ୍ରତ୍ୟଶା ସବୁର ଉପଯୋଗ ମାଧ୍ୟମରେ ଶିଶୁ ବିକାଶକୁ ତ୍ୱରାନ୍ୱିତ କରେ ।

Digitized by srujanika@gmail.com

ଶିଶୁ ପାଳନର ସାମାଜିକ ସାଂସ୍କୃତିକ ଦିଗ

ପୂର୍ବରୁ ଉପଯୋଗୀ ଶିଶୁ ପାଳନର ଶୈଳୀ ସମ୍ପର୍କରେ ସୂଚନା ଦିଆଯାଇଛି । ଏହାର କାର୍ଯ୍ୟକାରୀତା ବିଚାର କଲାବେଳେ ଏହାକୁ ଏକ ରନ୍ଧନ ପ୍ରଣାଳୀର ସ୍ଥାନ ଦେବା ଉଚିତ ହେବନାହିଁ । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ପିତାମାତା କେବଳ ଯନ୍ତ୍ରବଦ୍ଧ କେତୋଟି ନିୟମ ପାଳନ କରିଗଲେ ଆଦର୍ଶ ଶିଶୁ ନିର୍ମାଣ ସମ୍ଭବ ହେବ ନାହିଁ । ଶିଶୁ ପାଳନର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅପେକ୍ଷା ପିତାମାତାଙ୍କର ସ୍ନେହମମତା ଓ ପରିପକ୍ୱତା ଅଧିକ ଉପଯୋଗୀ । ସ୍ଥାନକାଳପାତ୍ର ବିଚାରରେ ପିତାମାତା ବ୍ୟବସ୍ଥା ସବୁରେ କିଛିଟା ପରିବର୍ତ୍ତନ କରିପାରିବେ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ''ଭଲ ଶିଶୁ''ର ସଂଜ୍ଞା । ଏହା ସତ୍ୟ ଯେ ଏକ ନିର୍ଦ୍ଦିଷ୍ଟ ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀରେ ''ଉତ୍ତମ ଶିଶୁ''ର ସୁନିର୍ଦ୍ଦିଷ୍ଟ ସଂଜ୍ଞା ଥାଏ । ପିତାମାତାମାନେ ଏହି ବିଶ୍ୱାସ ଓ ମୂଲ୍ୟବୋଧର ଅନୁଗତ ହୋଇ ଉତ୍ତମ ଶିଶୁ ଓ ମନ୍ଦ ଶିଶୁ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଫଳରେ ଶିଶୁପାଳନର ଲକ୍ଷ୍ୟବିନ୍ଦୁ ମଧ୍ୟ ଭିନ୍ନ ଭିନ୍ନ ହୋଇଯାଏ ।

ଦକ୍ଷିଣ ଆମେରିକାର ଗଉତମେଲାର ଗ୍ରାମାଞ୍ଚଳରେ ଜନ୍ମ ନେଉଥିବା ଶିଶୁ ଦଶ ଏଗାରମାସ ପର୍ଯ୍ୟନ୍ତ ଏକ ଅନ୍ଧାର କୋଠରୀ ମଧ୍ୟରେ ରହେ ଏବଂ ଖେଳନା ଦେଖେ ନାହିଁ, ''ଇସ୍ରାଏଲ''ର ଶିଶୁମାନେ ବହୁସଂଖ୍ୟକ ଶିଶୁମାନଙ୍କ ସହିତ ଏକ ପାଳନକର୍ତ୍ତାଙ୍କ କିବୁଜ୍ ବା ସମବାୟ ଗୃହରେ ବଢ଼ନ୍ତି । ଭାରତୀୟ ପିତାମାତାମାନେ ଶିଶୁମାନଙ୍କୁ ସ୍ଥିରତା ଓ ଆଜ୍ଞାଧୀନତା ଶିକ୍ଷାଦେବା ସ୍ଥଳେ ଆମେରିକାର ପିତାମାତାମାନେ ଶିଶୁମାନଙ୍କୁ ଚଞ୍ଚଳତା ଓ ଆତ୍ମନିର୍ଭରଶୀଳତା ଶିକ୍ଷା ଦିଅନ୍ତି ।

ଲକ୍ଷ୍ୟ କରିବାର କଥା ଯେ ବିଭିନ୍ନ ସମାଜ ଓ ସଂସ୍କୃତିରେ ନବଜାତ ଶିଶୁର ସ୍ୱାଭାବିକ ପ୍ରକୃତି ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ କାରଣ ଥାଏ । ଏବଂ ଏହି ବିଶ୍ୱାସକୁ ଭିତ୍ତିକରି ସେମାନେ ''ଉତ୍ତମ ଶିଶୁ'' ପାଇଁ ଆବଶ୍ୟକ ଲକ୍ଷ୍ୟବିନ୍ଦୁ ସ୍ଥିର କରନ୍ତି । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଜାପାନୀ ଓ ଭାରତୀୟ ପିତାମାତା ବିଶ୍ୱାସ କରନ୍ତି ଯେ ଶିଶୁ ସ୍ୱାଭାବତଃ ଚଞ୍ଚଳ, ସୁତରାଂ ଶିଶୁମାନଙ୍କୁ ସ୍ଥିରପ୍ରକୃତିର କରିବା ପାଇଁ ଉଦ୍ୟମ ଆବଶ୍ୟକ । ଅନ୍ୟ ପକ୍ଷରେ ଆମେରିକାର ପିତାମାତା ବିଶ୍ୱାସ କରନ୍ତି ଯେ ଶିଶୁ ସ୍ୱଭାବତଃ ଅସହାୟ, ସୁତରାଂ ଶିଶୁମାନଙ୍କୁ ସକ୍ରିୟ କରିବାର ଉଦ୍ୟମ କରି ସେମାନଙ୍କର ତତ୍ପରତା ବୃଦ୍ଧି କରିବା ପ୍ରୟୋଜନ ।

ଏହି ଦୁଇ ପୃଥକ୍ ବିଶ୍ୱାସର ଅନୁଗତ ହୋଇ ଭାରତୀୟ ଓ ଜାପାନୀ ବାପାମା'ମାନେ ଏକ ପ୍ରକାର ଲାଳନ ପାଳନ ବ୍ୟବସ୍ଥା ଗ୍ରହଣ କରିବା ସ୍ଥଳେ ଆମେରିକାର ପିତାମାତା ପୃଥକ୍ ବ୍ୟବସ୍ଥା ଗ୍ରହଣ କରନ୍ତି । ଜାପାନୀ ଓ ଭାରତୀୟ ମା'ମାନେ ଅଳ୍ପବୟସର ଶିଶୁ ପାଖରେ ଶୁଅନ୍ତି ଏବଂ ଶିଶୁଟି କାନ୍ଦିଲା ମାତ୍ରେ ତାକୁ ଶାନ୍ତ କରିବାର ଚେଷ୍ଟା କରନ୍ତି । ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାରେ ଶିଶୁ ପିତାମାତାଙ୍କ ଠାରୁ ଭିନ୍ନ ଏକ କୋଠରୀରେ ଶୁଏ । ଶିଶୁଟି କାନ୍ଦିଲା ମାତ୍ରେ ପିତାମାତା ସହାୟତା ଦେଇ ନଥାନ୍ତି । କେବଳ ଅଥୟ ହୋଇ କାନ୍ଦିଲେ ଶାନ୍ତ କରିବାର ଚେଷ୍ଟା କରନ୍ତି ।

Digitized by srujanika@gmail.com

ସୂତ୍ର ଭଣ୍ଡାର - ୧୨

୧. ଶିଶୁ ବ୍ୟବହାର ପରିବର୍ତ୍ତନ କଲାବେଳେ ପ୍ରୋତ୍ସାହନ ପ୍ରୋତ୍ସାହନର ଅପସାରଣ ଓ ଶାସ୍ତିବିଧାନର ପୃଥକ୍ ପୃଥକ୍ ଭୂମିକା ବୁଝିବାକୁ ଉଦ୍ୟମ କରନ୍ତୁ ଏବଂ ପ୍ରତ୍ୟେକଟି ବିଚାରଶୀଳ ଭାବରେ ପ୍ରୟୋଗ କରନ୍ତୁ ।

୨. ଶିଶୁର ଉପଯୋଗୀ (ଯଥା-ସ୍ମିତହସ) ବ୍ୟବହାର ଗଠନ ସମୟରେ ପୁରସ୍କାର ବା ପ୍ରୋତ୍ସାହନର ଅଧିକ ବ୍ୟବହାର କରନ୍ତୁ ।

୩. ଅବାଞ୍ଛନୀୟ ବ୍ୟବହାର ପରିବର୍ତ୍ତନ ସମୟରେ ପ୍ରୋତ୍ସାହନ ଅପସାରଣ (Withdrawal of reward) ପ୍ରୟୋଗ କରନ୍ତୁ । ଶିଶୁକୁ କେତେକ ସୁବିଧା ସୁଯୋଗରୁ ବଞ୍ଚିତ କରି (ଯଥା-ମା କହିବେ "ହାତ ନ ଧୋଇ ଖାଇବସିଲେ ମୋ ସହିତ ଖାଇବୁ ନାହିଁ") ଶିଶୁ ବ୍ୟବହାର ପରିବର୍ତ୍ତନ ସମ୍ଭବ ।

୪. କେବଳ ସ୍ଥଳ ବିଶେଷରେ ଶାସ୍ତିବିଧାନ କରାଯାଇପାରେ ମାତ୍ର ଏ କ୍ଷେତ୍ରରେ ବର୍ଣ୍ଣନାରେ ଦିଆଯାଇଥିବା ସତର୍କତା ସବୁ ଅବଲମ୍ବନ କରିବାକୁ ହେବ ।

୫. ଶିଶୁ ବିକାଶ ପାଇଁ ଉପଯୋଗୀ ଶୈଳୀର ପ୍ରୟୋଗ କଲାବେଳେ ମନେରଖିବାକୁ ହେବ ଯେ ପ୍ରଭୁତ୍ୱମୁଖୀ ଶୈଳୀର ଶିଶୁକୁ ଆଦୌ ସ୍ୱାଧୀନତା ନ ଦେଇ ସବୁବେଳେ କଠୋର ଭାବରେ ନିୟନ୍ତ୍ରଣ କରିବା ଯେପରି କ୍ଷତିକାରକ, ସର୍ବ ଅନୁମୋଦନ ଶୈଳୀରେ ଶିଶୁକୁ ପୁରାପୁରି ଛାଡ଼ିଦେବା ମଧ୍ୟ ସେପରି କ୍ଷତିକାରକ ।

Digitized by srujanika@gmail.com

୬. ସମନ୍ୱୟ ରକ୍ଷାକରି ଶିଶୁକୁ ସ୍ୱାଧୀନତା ଦିଅନ୍ତୁ ଓ ସ୍ଥଳ ବିଶେଷରେ ନିୟନ୍ତ୍ରଣ କରି ଶିଶୁର ପରିସୀମତ୍ୱ (Limitation) ଜାଣିବାର ସୁଯୋଗ ଦିଅନ୍ତୁ ଏପରି ଗୁରୁତ୍ୱମୁଖୀ ଶୈଳୀ ଖୁବ୍ ଉପଯୋଗୀ ।

୭. କିପରି ବିକାଶ ପକୃତରେ ଭଲ ତାହା ସମୟ ଓ ସାମାଜିକ ସାଂସ୍କୃତିକ ପରିପ୍ରେକ୍ଷୀ ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଅତୀତରେ ଗୋଟିଏ ଶିଶୁକୁ ସେ ଭବିଷ୍ୟତରେ "ଭଲ ପୁରୁଷ" ବା "ଭଲ ନାରୀ"ଟି ହେବା ଭଳି ତାଲିମ ଦିଆଯାଉଥିବା ସ୍ଥଳେ ବର୍ତ୍ତମାନ ସେ ଯେପରି ଭବିଷ୍ୟତରେ ଜଣେ "ଭଲ ବ୍ୟକ୍ତି" ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ସେହିପରି ଅନ୍ୟ ସଂସ୍କୃତି "ଚଞ୍ଚଳ" ପ୍ରକୃତିର ଶିଶୁ ଉତ୍ତମ ଶିଶୁରୂପେ ବିବେଚିତ ହେଲେ ମଧ୍ୟ ଆମ ଦେଶରେ ଏହା ଗ୍ରହଣୀୟ ନୁହେଁ । ସୁତରାଂ ଉତ୍ତମ ବିକାଶ ପାଇଁ ସମୟ ଓ ସଂସ୍କୃତିକୁ ବିଚାରକୁ ନେବାକୁ ପଡ଼ିବ ।

Digitized by srujanika@gmail.com

ଅବଶ୍ୟ ଏପରି ସାମାଜିକ ସାଂସ୍କୃତିକ ଭିନ୍ନତା ସତ୍ତ୍ୱେ ଶିଶୁର ବିକାଶରେ ସମାନ ସମାନ ଅଭିବୃଦ୍ଧି ଦେଖାଯାଏ । ଅନ୍ୟ ଭାଷାରେ କହିଲେ ଏପରି ପୃଥକ ପାଳନ ବ୍ୟବସ୍ଥା ଫଳରେ ହୁଏତ ଭାରତୀୟ ଓ ଜାପାନୀ ଶିଶୁ ଅଧିକ ସ୍ଥିର ଓ ଆଜ୍ଞାଧୀନ ହେବାସ୍ଥଳେ ଆମେରିକାର ଶିଶୁ ଚଞ୍ଚଳ ପ୍ରକୃତିର ହୋଇଥାଏ । କିନ୍ତୁ ଅନ୍ୟସବୁ ଉପାଦାନ ସମାନ ଥିଲେ ଭାରତୀୟ, ଜାପାନୀ ଓ ଆମେରିକାର ଶିଶୁମାନଙ୍କର ଭାଷାଗତ ବିକାଶ, ଯୁକ୍ତିଯୁକ୍ତ ବିଚାରଧାରାର ଉନ୍ମେଷ ଓ ବିକାଶ ସମପରିମାଣରେ ଘଟିଥାଏ ।

ନିର୍ଦ୍ଦିଷ୍ଟ ଦେଶ ବା ଗୋଷ୍ଠୀର ଯେପରି ନିଜସ୍ୱ ବିଚାର ରହିଛି, ସମୟର ମଧ୍ୟ ସେପରି ଏକ ଭୂମିକା ରହିଛି । ବିଶେଷତଃ ପ୍ରଗତିଶୀଳ କୁହାଯାଉଥିବା ପାଶ୍ଚାତ୍ୟ ଦେଶମାନଙ୍କରେ ଶିଶୁପାଳନ ସମ୍ପର୍କୀୟ ବିଚାରଧାରା ପରିବର୍ତ୍ତିତ ହୋଇଛି ।

ଯୁକ୍ତରାଷ୍ଟ୍ର ଆମେରିକା କଥା ବିଚାର କରାଯାଉ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଉପଯୋଗୀ ଶିଶୁପାଳନ ପାଇଁ ମା'ମାନଙ୍କୁ ଦିଆଯାଉଥିବା ମାର୍ଗଦର୍ଶନକାରୀ ପୁସ୍ତିକାରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଥିଲା ଯେ ଶିଶୁମାନଙ୍କର ସ୍ନାୟୁମଣ୍ଡଳ ଅତି ସୂକ୍ଷ୍ମ ଓ କୋମଳ ହୋଇଥିବାରୁ ଶିଶୁମାନଙ୍କୁ ଉଚ୍ଚକିତ (stimulate) କରିବା ଅନୁଚିତ । ୧୯୭୯ ମସିହାରେ ଏହି ସରକାରୀ ନୀତିର ପରିବର୍ତ୍ତନ କରାଯାଇ ଶିଶୁମାନଙ୍କୁ ଉଚ୍ଚକିତ କରିବା ପାଇଁ ପରାମର୍ଶ ଦିଆଗଲା । ପୁଣି ସେହି ବିଶ୍ୱଯୁଦ୍ଧ ସମୟରେ ମା'ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଶିଶୁଟି କାନ୍ଦିବା ମାତ୍ରେ ତାକୁ ସ୍ପର୍ଶ କରିବା ଏବଂ ଖାଇବାକୁ ଦେବା ଠିକ୍ ହେବ ନାହିଁ । ଏହାଦ୍ୱାରା ଶିଶୁର ନିର୍ଭରଶୀଳତା ବୃଦ୍ଧି ପାଇବ । ତାହାର କିଛି ବର୍ଷ ପରେ ପୁନଶ୍ଚ ପରିବର୍ତ୍ତନ କରାଯାଇ ଶିଶୁମନରେ ସୁରକ୍ଷା ଭାବର ସଞ୍ଚାର ଓ ବିକାଶ ପାଇଁ ଶିଶୁଟି କାନ୍ଦିଲେ ତାକୁ ସ୍ପର୍ଶ କରିବା ଏବଂ ଏପରିକି ଶିଶୁ ପାଖରେ ଶୋଇବା ଉଚିତ ହେବ ବୋଲି କୁହାଗଲା । ବିଶ୍ୱଯୁଦ୍ଧ ସମୟରେ ଏବଂ ତାହାର ପୂର୍ବରୁ ଆମେରିକାର ବାପାମା'ମାନେ ଶିଶୁଟିକୁ ଏକ ବର୍ଷ ବୟସ ନ ହେବା ପୂର୍ବରୁ ଶୌଚାଗାରର ବ୍ୟବହାର ଶିକ୍ଷା ଦେଉଥିଲେ । ମାତ୍ର ଏହାର ଅର୍ଦ୍ଧଶତାବ୍ଦୀ ପରେ ପରାମର୍ଶ ଦିଆଗଲା ଯେ ଶିଶୁଟିକୁ ଦେଢ଼ ବର୍ଷ ନ ହେବା ପୂର୍ବରୁ ଏପରି ବଳପୂର୍ବକ ଶିକ୍ଷା ଶିଶୁଟି ପାଇଁ ଅହିତକର ହେବ ଏବଂ ଶିଶୁର ଆବେଗିକ ବିକାଶରେ ବାଧା ସୃଷ୍ଟିକରିବ । ସେହିପରି ''ବୃଦ୍ଧଅଙ୍ଗୁଳିଟି ଚୁଷିବା'' ବାଧା ଦିଆଯାଉଥିଲା । ମାତ୍ର ପରେ ଶିଶୁଟି ଏପରି କଲେ କ୍ଷତି ନାହିଁ ବୋଲି କୁହାଗଲା ।

ସ୍ଥୂଳତଃ ଦେଶ ଓ କାଳ ଭେଦରେ ଶିଶୁପାଳନର କିଛିଟା ଆଭିମୁଖ୍ୟ ପରିବର୍ତ୍ତିତ ହୋଇଛି ଏବଂ ହେଉଛି । ତଥାପି ଏସବୁ ମଧ୍ୟରେ ମୁଖ୍ୟ ଧାରା ଓ ତାହାର ଫଳାଫଳ ଜାଣିବା ସମ୍ଭବ ହୋଇଛି ।

■

Digitized by srujanika@gmail.com

ଡକ୍ଟର ଫକୀର ମୋହନ ସାହୁ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ (ଅଗ୍ରଶିକ୍ଷା କେନ୍ଦ୍ର)ର ପ୍ରଫେସର । ସେ ରାଜ୍ୟଗୋଷ୍ଠୀ ବୃତ୍ତି ଲାଭକରି କାନାଡ଼ାର କୁଇନ୍ସ ବିଶ୍ୱବିଦ୍ୟାଳୟରୁ ତାଙ୍କର ପି.ଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ ଏବଂ ପରେ ଏହି ବିଶ୍ୱବିଦ୍ୟାଳୟରେ କିଛିକାଳ ପାଇଁ ପରିଦର୍ଶକ ପ୍ରଫେସର ରୂପେ ଯୋଗ ଦେଇଥିଲେ । ମନସ୍ତାତ୍ତ୍ୱିକ ଗବେଷଣା ସମ୍ପର୍କୀୟ ତାଙ୍କର ବହୁ ପୁସ୍ତକ ଓ ନିବନ୍ଧମାନ ଦେଶବିଦେଶରେ ପ୍ରକାଶ ପାଇଛି । କାନାଡ଼ାରେ ଅଧ୍ୟୟନ ବ୍ୟତୀତ ସେ ବିଭିନ୍ନ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେବାପାଇଁ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ବେଲଜିୟମ, ହଲାଣ୍ଡ, ସ୍ପେନ୍, ଜାପାନ ଓ ତୁର୍କୀ ଇତ୍ୟାଦି ଦେଶ ଭ୍ରମଣ କରିଛନ୍ତି । ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ମନସ୍ତାତ୍ତ୍ୱିକ ଲେଖାମାନ ପ୍ରକାଶ ପାଇଛି । ସମ୍ଭ୍ରାନ୍ତ ସାହିତ୍ୟପତ୍ରିକା ''ସହକାର'' ଓ ''ଜୀବନରଙ୍ଗ'' ତାଙ୍କୁ ତାଙ୍କର ଲେଖାପାଇଁ ସମ୍ମାନିତ କରିଛନ୍ତି । ମନସ୍ତାତ୍ତ୍ୱିକ ଲେଖା ବ୍ୟତୀତ ଆଧ୍ୟାତ୍ମିକ ଭାବ ସମ୍ପନ୍ନ ଲେଖା ଓ ପୁସ୍ତକ ମଧ୍ୟ ସେ ରଚନା କରିଛନ୍ତି । ପ୍ରାବନ୍ଧିକ ରୂପେ ଓଡ଼ିଆ ପାଠକ ମହଲରେ ସେ ବେଶ୍ ସୁପରିଚିତ ।

Digitized by srujanika@gmail.com